# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ନଭେମ୍ବର ୯/୨୦୧୯ (୧୬ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) Sambalpur, Saturday, November 9 / 2019 ★★

୧୫ଶ ଭାଗ ୩୨୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ଚିଙ୍କିଙ୍କୁ ଅଲିମ୍ପିକ ଯୋଗ୍ୟତା**

ଚିଙ୍କି ଯାଦବ ଭାରତର ୧୧ତମ ଶୁଟର ଭାବେ ମହିଳା ୨୫ ମିଟର ପିସ୍ତଲ ବିଭାଗରେ ଟୋକିଓ ଅଲିମ୍ପିକ୍ ଯୋଗ୍ୟତା ହାସଲ କରିଛନ୍ତି। ୧୫

୦୨ **ପ୍ରଥମ ବିବାହ ବାର୍ଷିକୀ ପାଇଁ ନିକ୍‌ଙ୍କ ସ୍ପେଶାଲ୍ ପ୍ଲାନ୍**

ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଓ ନିକ୍ ଜୋନାସ୍ ଆସନ୍ତା ଡିସେମ୍ବରରେ ସେଲିବ୍ରେଟ୍ କରିବେ ପ୍ରଥମ ବିବାହ ବାର୍ଷିକୀ। ଏଥିପାଇଁ ଏକ ସ୍ପେଶାଲ୍ ପ୍ଲାନ୍ କରିଛନ୍ତି ନିକ୍।



# ବୁଲ୍‌ବୁଲ୍: ଛାରଖାର ହେବ ସୁନ୍ଦରବନ

ଭୁବନେଶ୍ୱର,୮।୧୧(ବ୍ୟୁରୋ)

ସାମୁଦ୍ରିକ ଝଡ଼ 'ବୁଲବୁଲ୍' ଉଗ୍ରରୂପ ଧାରଣ କରିଛି। ଏହା ଅଧିକରୁ ଅଧିକ ବଳ ଗୋଟାଇ ଉତ୍ତର ଦିଗକୁ ମାଡ଼ି ଚାଲିଛି। ଘଣ୍ଟା ପ୍ରତି ଏହା ୧୭ କିମି ବେଗରେ ଗତି କରୁଛି। ଶନିବାର ମଧ୍ୟରାତ୍ରରେ ବୁଲ୍‌ବୁଲ୍ ପଶ୍ଚିମବଙ୍ଗର ସାଗରଦ୍ୱୀପ ଏବଂ ବାଂଲାଦେଶର ଖେପୁପଡ଼ା ମଧ୍ୟରେ ସ୍ଥଳଭାଗ ଅତିକ୍ରମ କରିବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ବାତ୍ୟା ସୁନ୍ଦରବନ ଉପର ଦେଇ ଯାଉଥିବାରୁ ଏହାକୁ ଛାରଖାର କରିଦେବ ବୋଲି ଆଶଙ୍କା କରାଯାଉଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ବୁଲୁବୁଲ୍ ଦକ୍ଷିଣ-ଦକ୍ଷିଣ ପୂର୍ବ ପାରାଦୀପଠାରୁ ୨୬୦ କି.ମି. ଏବଂ ପଶ୍ଚିମବଙ୍ଗର ଦକ୍ଷିଣ-ଦକ୍ଷିଣ ପଶ୍ଚିମ ସାଗରଦ୍ୱୀପଠାରୁ ୫୧୦ କି.ମି. ଦୂରରେ ରହିଛି। ଏହା ଶନିବାର ସକାଳ ଯାଏ ଉତ୍ତର ଦିଗ ଦେଇ ଗତି କରିବ। ଏହାପରେ ଦିଗ ବଦଳାଇ ଉତ୍ତର ପୂର୍ବକୁ ଭୟଙ୍କର ବେଗରେ ଅତିକ୍ରମ କରିବ। ସ୍ଥଳଭାଗ ଛୁଇଁବା ବେଳେ ବାତ୍ୟାର







ବେଗ ଘଣ୍ଟା ପ୍ରତି ୧୪୦ରୁ ୧୫୦ କିଲୋମିଟର ଏବଂ ବେଳେ ବେଳେ ଏହା ୧୬୦ କି.ମି. ବେଗରେ ଝଟକା ଦେବ ବୋଲି ଅନୁମାନ କରାଯାଇଛି।

ଓଡ଼ିଶା ନିକଟ ଦେଇ ଗତି କରୁଥିବାରୁ ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ଓ ଉପକୂଳ ଓଡ଼ିଶାରେ ୬୦ରୁ ୭୦ କିମି, ବେଳେବେଳେ ୯୦ କିମି ପର୍ଯ୍ୟନ୍ତ ପବନ ବହିବା ସମ୍ଭାବନା ରହିଛି। ବାତ୍ୟାର ସିଧାସଳଖ ପ୍ରଭାବ ଓଡ଼ିଶା ଉପରେ ପଡୁ ନ ଥିଲେ ମଧ୍ୟ ୮ ତାରିଖ ରାତ୍ରିରୁ ୧୦ ତାରିଖ ସକାଳ ଯାଏ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ପୁରୀ, ଯାଜପୁର, ଭଦ୍ରକ ଏବଂ ବାଲେଶ୍ୱର ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ପାଣିପାଗ ବିଭାଗ ପକ୍ଷରୁ ଏନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ପବନ ମାଡ଼ରେ ଗଛ ଉପୁଡ଼ିବା, ଚାଳଘର ଭାଙ୍ଗିବା ସହ ବିଦ୍ୟୁତ୍, ଟେଲିଫୋନ ସେବା ପ୍ରଭାବିତ ହେବା ଆଶଙ୍କା ରହିଛି। ରାଜ୍ୟ ସରକାର ଉପକୂଳବର୍ତ୍ତୀ ଜିଲାର ଜିଲାପାଳମାନଙ୍କୁ ସମସ୍ତ ପ୍ରକାର ଆଗୁଆ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଖାଲୁଆ ଅଞ୍ଚଳରୁ ଲୋକମାନଙ୍କୁ ସ୍ଥାନାନ୍ତର କରିବା ସହ ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକରେ ଶୁଖିଲା ଖାଦ୍ୟ ମହଜୁଦ ରଖିବାକୁ ପରାମର୍ଶ ଦିଆଯାଇଛି।

- ଘଣ୍ଟାକୁ ୧୫୦ କି.ମି. ବେଗରେ ମାଡ଼ ହେବ
- ଶନିବାର ମଧ୍ୟରାତ୍ରରେ ସ୍ଥଳଭାଗ ଛୁଇଁବ
- ଓଡ଼ିଶା ଉପକୂଳରେ ପ୍ରବଳ ବର୍ଷା ସମ୍ଭାବନା
- ଚାଳଘର, ଗଛ, ବିଦ୍ୟୁତ୍, ଟେଲିଫୋନ ସେବା ପ୍ରଭାବିତ ହେବା ଆଶଙ୍କା
- ୬ ଜିଲାରେ ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍, ଅଗ୍ନିଶମ ବାହିନୀ ମୁତୟନ
- ପ୍ରସ୍ତୁତି ନେଇ କ୍ୟାବିନେଟ୍ ସଚିବଙ୍କ ସହ ଏସ୍‌ଆର୍‌ସିଙ୍କ ଆଲୋଚନା

ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି) ପ୍ରଦୀପ କୁମାର ଜେନା ଜିଲାପାଳଙ୍କ ସହିତ ☞ପୃଷ୍ଠା-୪

# ଭାସି ଆସିଥିବା ୩୬ ବୋଟ ଧାମରା ମୁହାଣରେ ଲାଗିଲା

**ଅଶାନ୍ତ ସମୁଦ୍ର**

ଚାନ୍ଦବାଲି/ଭଦ୍ରକ ଅଫିସ,୮।୧୧(ଡି.ଏନ.ଏ.)

ସାମୁଦ୍ରିକ ଝଡ଼ ବୁଲ୍‌ବୁଲ୍ ଉଗ୍ରରୂପ ଧାରଣ କରିବା ପରେ ସମୁଦ୍ର ଅଶାନ୍ତ ରହିଛି। ଏଭଳି ସ୍ଥିତିରେ ସମୁଦ୍ରରେ ଦିଗହରା ହୋଇ ପଶ୍ଚିମବଙ୍ଗର ୩୬ଟି ମାଛଧରା ବୋଟ୍ ଶୁକ୍ରବାର ଅପରାହ୍ଣରେ ଭଦ୍ରକ ଜିଲା ଧାମରା ମୁହାଣ ଅଞ୍ଚଳରେ ଲାଗିଛି। ସେଥିମଧ୍ୟରୁ ଧାମରା ମାଛଧରା ଜେଟିରେ ୧୧, ଚନ୍ଦିନିପାଳରେ ୧୨, କାଳିନାଳିରେ ୬ ଓ ଧାମରା ବନ୍ଦର ପାଖରେ ୭ଟି ବୋଟ୍ ଲାଗିଛି। ଏଥିରେ ଥିବା ମତ୍ସ୍ୟଜୀବୀଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଉଦ୍ଧାର କରାଯାଇ ବିଭିନ୍ନ ସ୍ଥାନରେ ଆଶ୍ରୟ ସ୍ଥଳୀରେ ରଖାଯାଇଛି। ସେମାନଙ୍କୁ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇଛି ଓ ରାତି ପାଇଁ ରନ୍ଧାଖାଦ୍ୟ ବ୍ୟବସ୍ଥା କରାଯାଇଛି। ଅପରାହ୍ଣ ୫ଟା ସୁଦ୍ଧା ଏହିସବୁ ବୋଟ ମୁହାଣ ନିକଟରେ ପହଞ୍ଚିଥିଲା। ଜିଲା




ଧାମରାରେ ଲାଗିଥିବା ବୋଟ।

ପ୍ରଶାସନ ନିର୍ଦ୍ଦେଶ କ୍ରମେ ଧାମରାର ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ, ଅତିରିକ୍ତ ତହସିଲଦାର, ରାଜସ୍ୱ ସୁପରଭାଇଜର, ମେରାଇନ ଥାନା କର୍ମଚାରୀମାନେ ସ୍ଥଳଭାଗରେ ବିଭିନ୍ନ ଜେଟିରେ ପହଞ୍ଚି ମତ୍ସ୍ୟଜୀବୀଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ। ସେମାନେ ପଶ୍ଚିମବଙ୍ଗର ମେଦିନାପୁର କଣ୍ଟାଇରୁ ମାଛ ଧରିବା ପାଇଁ ବାହାରିଥିଲେ। ସାମୁଦ୍ରିକ ପବନ ପ୍ରଭାବରେ ବୋଟଗୁଡ଼ିକ ଧାମରା ମୁହାଣ ଆଡ଼କୁ ଭାସି ଆସିଥିଲା। ଏହି ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରିବା ପାଇଁ ପଶ୍ଚିମବଙ୍ଗ ମୁଖ୍ୟ ଶାସନ ସଚିବ ଓଡ଼ିଶା ସରକାରଙ୍କ ସହାୟତା ଲୋଡ଼ିଥିଲେ। ସାମୁଦ୍ରିକ ଝଡ଼ 'ବୁଲବୁଲ' ଯୋଗୁ ସମୁଦ୍ର ଅଶାନ୍ତ ଥିବାରୁ ଏହି ବୋଟ୍‌ଗୁଡ଼ିକ କଣ୍ଟାଇ ଉପକୂଳକୁ ଫେରିବା ବିପଜ୍ଜନକ ହୋଇଥିବାରୁ ମତ୍ସ୍ୟଜୀବୀଙ୍କୁ ଓଡ଼ିଶା ଉପକୂଳ ଧାମରାରେ ଆଶ୍ରୟ ଦେବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶ କ୍ରମେ ଜିଲା ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା ସୂଚନା ଦିଆଯାଇଛି।

**୮,୩୦୦ କୋଟିର ଅତିରିକ୍ତ ଚିଠା ବଜେଟକୁ ଅନୁମୋଦନ**

........୩........

**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**




**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

# ଆଇଏସ୍‌ଆଇ ହନିଟ୍ରାପ୍‌ରେ ଓଡ଼ିଆ ଯବାନ

ନୂଆଦିଲ୍ଲୀ,୮।୧୧

ପାକିସ୍ତାନର କୁଖ୍ୟାତ୍ ଗୋଇନ୍ଦା ସଂସ୍ଥା ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ)ର ହନିଟ୍ରାପ୍‌ରେ ଫସିଛନ୍ତି ଜଣେ ଓଡ଼ିଆ ଯୁବକ। ସେ ହେଲେ ଗଞ୍ଜାମ ଜିଲାର ବିଚିତ୍ର ବେହେରା। ସିପାହି ବିଚିତ୍ରଙ୍କ ସହ ମଧ୍ୟପ୍ରଦେଶର ଲାନ୍ସ ନାୟକ ରବି ବର୍ମା ମଧ୍ୟ ଏହି ଜାଲରେ ଛନ୍ଦିହୋଇ ଗିରଫ ହୋଇଛନ୍ତି। ରାଜସ୍ଥାନ କ୍ରାଇମ୍‌ବ୍ରାଞ୍ଚ ମଙ୍ଗଳବାର ଯୋଧପୁର ରେଳଷ୍ଟେଶନରୁ ଉଭୟଙ୍କୁ ଧରି ହାଜତକୁ ନେଇଥିଲା। ପୋଲିସ ଶୁକ୍ରବାର ବିଚିତ୍ରଙ୍କୁ ଜୟପୁରର ଏକ କୋର୍ଟରେ ହାଜର କରି ୫ ଦିନିଆ ରିମାଣ୍ଡରେ ନେଇଛି।

ବିଚିତ୍ର ଓ ରବି ରାଜସ୍ଥାନର ଜୈସାଲମେରରେ ମୁତୟନ ହୋଇଥିବାବେଳେ ଆଇଏସ୍‌ଆଇ ଫେସ୍‌ବୁକ୍‌ରେ 'ସିରାତ୍' ନାମରେ ଏକ ଆକାଉଣ୍ଟ ଖୋଲି ଦୁହିଙ୍କୁ ଜାଲରେ ଫସାଇଥିଲା। ସୋସିଆଲ ମିଡିଆରେ

- ପାକିସ୍ତାନକୁ ସମ୍ବେଦନଶୀଳ ତଥ୍ୟ ପ୍ରଘଟ ଅଭିଯୋଗ
- ୫ ଦିନିଆ ରିମାଣ୍ଡରେ ନେଲା ରାଜସ୍ଥାନ ପୋଲିସ

ଦୁଇ ଯବାନ ଜଣେ ଏଜେଣ୍ଟଙ୍କୁ ସମ୍ବେଦନଶୀଳ ତଥ୍ୟ ପ୍ରଦାନ କରିଥିଲେ। ତେବେ ଉଭୟେ ନିର୍ଦ୍ଦିଷ୍ଟ ଭାବେ କେଉଁ ତଥ୍ୟ ପ୍ରଘଟ କରିଥିଲେ ତାହା ସ୍ପଷ୍ଟ ହୋଇନାହିଁ। ରବି ତଦନ୍ତରେ ସହଯୋଗ କରୁଥିବାବେଳେ ବିଚିତ୍ରଙ୍କୁ ୫ ଦିନିଆ ରିମାଣ୍ଡରେ ନିଆଯାଇଛି। ରାଜ୍ୟ ସ୍ପେଶାଲ ବ୍ରାଞ୍ଚ (ଗୋଇନ୍ଦା) ପକ୍ଷରୁ ଜୈସାଲମେରରେ ସରକାରୀ ଗୋପନୀୟ ଆଇନ, ୧୯୨୩ର ଧାରା ୩ (ଗୁପ୍ତଚରଗିରି) ବଳରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ଏନେଇ ସେନା ଅଧିକାରୀମାନଙ୍କୁ ଅବଗତ କରାଯାଇଛି ବୋଲି ରାଜସ୍ଥାନ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ



ବିଚିତ୍ର ବେହେରା

ଉମେଶ ମିଶ୍ର ସ୍ପଷ୍ଟ କରିଛନ୍ତି। ସେହିପରି ସେନା ପକ୍ଷରୁ କୁହାଯାଇଛି ଯେ, ଯେଉଁ ଫେସ୍‌ବୁକ୍ ୟୁଜରଙ୍କ ସହ ଦୁଇ ଯବାନ ଯୋଗସୂତ୍ରରେ ଥିଲେ ତାଙ୍କ ନାମ 'ସିରାତ୍'। ତେବେ ସେ ଜଣେ ପୁରୁଷ କି ମହିଳା ତାହା ଜଣାପଡ଼ିନାହିଁ। ସମ୍ପୃକ୍ତ ୟୁଜରଙ୍କୁ ଲିକ୍ କରାଯାଇଥିବା ତଥ୍ୟ ସମ୍ପର୍କରେ ଯାଞ୍ଚ କରାଯାଉଛି। ରାଜସ୍ଥାନ ପୋଲିସଠାରୁ ଦୁଇ ଯବାନଙ୍କୁ ରିମାଣ୍ଡରେ ନେବା ପାଇଁ ସେନା ମଧ୍ୟ ଉଦ୍ୟମ କରୁଛି। ଦୋଷ ପ୍ରମାଣିତ ହେଲେ ଦୁହିଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନୂଆଦିଲ୍ଲୀରେ ଜଣେ ସେନା ଅଧିକାରୀ ସୂଚନା ଦେଇଛନ୍ତି। ପାକିସ୍ତାନ ୫୦ଟି ଫେକ୍ ଆକାଉଣ୍ଟ ଖୋଲି ଭାରତୀୟ ଯବାନମାନଙ୍କୁ ଫସାଇବା ପାଇଁ ଉଦ୍ୟମ ଚଳାଇଥିବାରୁ ଏଥିରେ ନ ପଡ଼ିବାକୁ ସେନା ପକ୍ଷରୁ ପୂର୍ବରୁ ଆଡ୍‌ଭାଇଜରି ଜରିଆରେ ସତର୍କ କରିଦିଆଯାଇଥିଲା। ଅନ୍ୟପକ୍ଷରେ ବିଚିତ୍ର ଗତ ୨ ବର୍ଷ ଧରି ସମ୍ପୃକ୍ତ ମହିଳାଙ୍କ ସହ ଯୋଗାଯୋଗରେ ଥିଲେ। ସେ ଏକ୍ସରସାଇଜ୍ ସିନ୍ଧୁ ସୁଦର୍ଶନ ପ୍ରୋଜେକ୍ଟ ନେଇ ତାଙ୍କୁ ତଥ୍ୟ ପ୍ରଦାନ କରିଥିବା ଅନ୍ୟ ଏକ ସୂତ୍ରରୁ ଜଣାପଡ଼ିଛି। ଅପରପକ୍ଷରେ ଏଭଳି ଅଭିଯୋଗକୁ ବିଚିତ୍ରଙ୍କ ପରିବାର ଲୋକେ ଖଣ୍ଡନ କରିଛନ୍ତି। ତାଙ୍କ ଭାଇ କାଳିଆ କହିଛନ୍ତି, ବିଚିତ୍ର କେବେ ହେଲେ ଏପରି କାମ କରିପାରିବେ ନାହିଁ।

# ଇସ୍ତଫା ଦେଲେ ଫଡ଼ନବିସ

ମୁମ୍ବାଇ,୮।୧୧(ପି.ଟି.)

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାର ୫ ବର୍ଷ ପରେ ଶୁକ୍ରବାର ଦେବେନ୍ଦ୍ର ଫଡ଼ନବିସ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ରାଜ୍ୟପାଳ ଭଗତ ସିଂ କୋଶିୟାରୀଙ୍କୁ ଇସ୍ତଫାପତ୍ର ପ୍ରଦାନ କରିବା ସହ ରାଜ୍ୟରେ ନୂଆ ସରକାର ଗଠନରେ ଅଚଳାବସ୍ଥା ପାଇଁ ଶିବସେନାର ଅସହଯୋଗକୁ ଦାୟୀ କରି ପଦ ଛାଡ଼ିଥିବା କହିଛନ୍ତି। ମହାରାଷ୍ଟ୍ରର ଭାଜପା ବିଧାୟକ ଦଳ ନେତା ୪୯ ବର୍ଷୀୟ ଫଡ଼ନବିସ ଶୁକ୍ରବାର ଅପରାହ୍ଣରେ ମୁମ୍ବାଇସ୍ଥିତ ରାଜଭବନକୁ ଯାଇ ରାଜ୍ୟପାଳ କୋଶିୟାରୀଙ୍କୁ ଇସ୍ତଫାପତ୍ର ପ୍ରଦାନ କରିଥିଲେ। ବିକଳ୍ପ ବ୍ୟବସ୍ଥା ହେବା ଯାଏ କାମଚଳା ମୁଖ୍ୟମନ୍ତ୍ରୀ ଭାବେ ରହିବାକୁ ରାଜ୍ୟପାଳ ତାଙ୍କୁ ପରାମର୍ଶ ଦେଇଛନ୍ତି। ରାଜ୍ୟପାଳଙ୍କ ସହ ସାକ୍ଷାତ ପରେ ଫଡ଼ନବିସ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି, ନୂଆ ସରକାର ହେଉ କି ରାଷ୍ଟ୍ରପତି ଶାସନ ଜାରି ହେଉ ବିକଳ୍ପ ବ୍ୟବସ୍ଥା କିଛି ବି ହୋଇପାରେ।

**'ଭାଜପାକୁ ଛାଡ଼ି କଂଗ୍ରେସ-ଏନ୍‌ସିପି ସହ ଆଲୋଚନା କରିଛି ଶିବସେନା'**



ରାଜ୍ୟପାଳଙ୍କୁ ଇସ୍ତଫାପତ୍ର ଦେଉଛନ୍ତି ଦେବେନ୍ଦ୍ର ଫଡ଼ନବିସ

ରାଜ୍ୟପାଳ ଇସ୍ତଫାପତ୍ର ଗ୍ରହଣ କରିଛନ୍ତି। ଗତ ୫ ବର୍ଷ ଧରି ଲୋକଙ୍କ ସେବା କରିବା ସୁଯୋଗ ଦେଇଥିବାରୁ ମହାରାଷ୍ଟ୍ରବାସୀଙ୍କୁ ଫଡ଼ନବିସ ଧନ୍ୟବାଦ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଡେପୁଟେସନକୁ ନା**

**ଆଜିର ମନ୍ତବ୍ୟ**

"ଶିବସେନାକୁ ଭାଜପାର ମିଥ୍ୟା ପ୍ରତିଶ୍ରୁତି ମହାରାଷ୍ଟ୍ରରେ ରାଜନୈତିକ ସଙ୍କଟର କାରଣ।

**-ଅଶୋକ ଗେହଲଟ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ**

**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ସେପ୍ଟେମ୍ବର ସମୟରେ ଦେଶରୁ ପ୍ଲାଷ୍ଟିକ ରପ୍ତାନି ୫.୯% ହ୍ରାସ ଘଟି ୪.୩୨ ବିଲିୟନ ଡଲାର ରହିଛି।

**- ପ୍ଲାଷ୍ଟିକ ଏକ୍ସପୋର୍ଟ ପ୍ରମୋଶନ କାଉନସିଲ୍**

# ମୋବାଇଲ ଟାୱାର ବସାଇବା ନାଁରେ ଠକେଇ, ୫ଗିରଫ



ଖବରଦାତା ସମ୍ମିଳନୀରେ ୫ ଅଭିଯୁକ୍ତ ଓ ଜବତ ହୋଇଥିବା ସାମଗ୍ରୀକୁ ପୋଲିସ ଦେଖାଉଛି।

- ଲାପ୍‌ଟପ୍, ଷ୍ଟାମ୍ପ, ଚେକ୍‌ବୁକ ସହ ୫୭ ହଜାର ଟଙ୍କା ଜବତ
- ସମସ୍ତ ଅଭିଯୁକ୍ତଙ୍କୁ କୋଲକାତାରୁ ଗିରଫ କରିଛି ପୋଲିସ

ରାଉରକେଲା ଅଫିସ, ୮।୧୧

ଲୋକଙ୍କୁ ଲୋଭନୀୟ ଅଫର ଦେଇ ଟଙ୍କା ଲୁଟ୍ କରୁଥିବା ଏକ ଲୁଟେରା ର୍‍ୟାକେଟ୍‌ର ୫ ସଦସ୍ୟଙ୍କୁ ରାଉରକେଲା ସାଇବର ଥାନା ପୋଲିସ କୋଲକାତାରୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବୁଦ୍ଧ ସରକାର(୩୮), ଜୟନ୍ତ ବାନାର୍ଜୀ(୩୯), ପ୍ରିୟାଂଶୁ ଦାସ(୨୫), ରୋହିତ ସରକାର(୩୪) ଓ ଶୁଭଦୀପ ରାହା। ଏମାନେ ସମସ୍ତେ କୋଲକାତା ଅଞ୍ଚଳର ବାସିନ୍ଦା ବୋଲି ପୋଲିସ କହିଛି। ସେମାନଙ୍କଠାରୁ ୭ ଲାପ୍‌ଟପ୍, ୧୬ ଡେସ୍କଟପ୍, ୧୬ କି ବୋର୍ଡ, ୧ ସର୍ଭର, ୨ ରାଉଟର, ୫୧ ଲ୍ୟାଣ୍ଡଲାଇନ ଫୋନ, ୧୬ ମୋବାଇଲ, ୨ ଟାବଲେଟ, ବିଭିନ୍ନ କମ୍ପାନୀର ୯୪ ସିମ୍‌କାର୍ଡ, ବିଏସ ଏଜୁଟେକ ନାମରେ ୧୦ଟି ରସିଦ ବହି, ୧୦ ଷ୍ଟାମ୍ପ , ବ୍ୟବହାର ହୋଇ ନ ଥିବା ୮୦ଟି ଚେକ୍, ୧୫୪ କ୍ୟାନସେଲ ଚେକ୍ ଓ ନଗଦ ୫୭ ହଜାର ଟଙ୍କା ସହ ସୁନ୍ଦରଗଡ଼ ଷ୍ଟେଟବ୍ୟାଙ୍କର ୪ଲକ୍ଷ ୯୮ହଜାର ୪୦୦ ଟଙ୍କାର ଏକ ଚେକ୍ ଜବତ କରାଯାଇଛି । ଏହି ର୍‍ୟାକେଟ୍‌ର ଚେର କେଉଁ ଆଡ଼େ ମାଡ଼ିଛି ସେ ନେଇ ପୋଲିସ ତନାଘନା ଆରମ୍ଭ କରିଛି।

ଶୁକ୍ରବାର ଅପରାହ୍ଣରେ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି କେ.ଶିବା ସୁବାମଣୀ ଓ ସାଇବର ପୋଲିସର ତଦନ୍ତକାରୀ ଅଧିକାରୀ ସେରୋଫିନା ଖେସ ଏ ନେଇ ସୂଚନା ଦେଇଛନ୍ତି । ଏସ୍‌ପିଙ୍କ କହିବା ଅନୁସାରେ ପୂର୍ଣ୍ଣେନ୍ଦୁ ଶେଖର ପଣ୍ଡା ବାସନ୍ତୀ କଲୋନୀରେ ରୁହନ୍ତି। ଗତ ଫେବୃୟାରୀ ମାସରେ ଜଣେ ବ୍ୟକ୍ତି ତାଙ୍କୁ ଫୋନ କରି ନିଜ ଘରେ ଏକ କମ୍ପାନୀର ମୋବାଇଲ ଟାୱାର ବସାଇବା ପାଇଁ ପ୍ରସ୍ତାବ ଦେଇଥିଲେ। ଏଥିରେ ପୂର୍ଣ୍ଣେନ୍ଦୁ ରାଜି ହୋଇଥିଲେ। ପରବର୍ତ୍ତୀ ସମୟରେ ଆଉ ଜଣେ ବ୍ୟକ୍ତି ଇଷ୍ଟର୍ନ ଜୋନ ମ୍ୟାନେଜରର ପରିଚୟ ଦେଇ ଜିଏସ୍‌ଟି ବାବଦରେ ୫୬ହଜାର ଟଙ୍କା ପୂର୍ଣ୍ଣେନ୍ଦୁଙ୍କୁ ମାଗିଥିଲେ। ପୂର୍ଣ୍ଣେନ୍ଦୁ ଉପରୋକ୍ତ ବ୍ୟକ୍ତିଙ୍କ ☞ପୃଷ୍ଠା-୪

# ଏୟାର ଇଣ୍ଡିଆ ବିମାନରେ ନିଆଁ




- ଭୁବନେଶ୍ୱରରୁ ମୁମ୍ବାଇ ଯାଉଥିଲା
- ରାୟପୁରରେ ଜରୁରୀ ଅବତରଣ
- ସମସ୍ତ ୮୯ ଯାତ୍ରୀ ସୁରକ୍ଷିତ

ଭୁବନେଶ୍ୱର, ୮।୧୧(ବ୍ୟୁରୋ)

ଭୁବନେଶ୍ୱରରୁ ମୁମ୍ବାଇ ଯାଉଥିବା ଏୟାର ଇଣ୍ଡିଆ ବିମାନରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟିଛି। ଏହିଘଟଣା ଜଣାପଡ଼ିବାରୁ ବିମାନକୁ ରାୟପୁର ବିମାନବନ୍ଦରରେ ଜରୁରୀ ଅବତରଣ କରାଯାଇଛି। ଫଳରେ ସମସ୍ତ ୮୯ ଜଣ ଯାତ୍ରୀ ଅଗ୍ନିକାଣ୍ଡରୁ ବର୍ତ୍ତି ଯାଇଛନ୍ତି।

ସୂଚନା ଅନୁଯାୟୀ, ଭୁବନେଶ୍ୱରସ୍ଥ ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ଅପରାହ୍ଣ ୫.୦୭ରେ ଏଆଇସି ଏୟାର ଇଣ୍ଡିଆ ବିମାନ ଏ ୩୨୧ ମୁମ୍ବାଇ ଅଭିମୁଖେ ଉଡ଼ାଣ କରୁଥିଲା। ଅପରାହ୍ଣ ୫.୨୦ରେ ବିଶ୍ୱଜିତ୍ ବେହେରା ନାମକ ଯାତ୍ରୀ ୱାଶ୍‌ରୁମ୍ ଯିବାବେଳେ ବିମାନର ବାମପଟେ ନାଲି ରଙ୍ଗ ବ୍ଲିଙ୍କ୍ କରୁଥିବା ଦେଖିଥିଲେ। ଏହି ଖବର ସେ କର୍ମଚାରୀଙ୍କୁ ଦେବା ପରେ ଇଞ୍ଜିନରେ ନିଆଁ ଲାଗିଥିବା ଜଣାପଡ଼ିଥିଲା। ସଙ୍ଗେସଙ୍ଗେ ବିମାନକୁ ରାୟପୁର ଏୟାରପୋର୍ଟରେ ଜରୁରୀ ଅବତରଣ କରାଯିବା ସହ ଯାତ୍ରୀମାନଙ୍କୁ ବାହାରକୁ ଅଣାଯାଇଥିଲା। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇନାହିଁ। ତେବେ ପକ୍ଷୀ ଆଘାତ କିମ୍ବା ଇନ୍ଧନ ଲିକ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ବିମାନରେ ଅଧିକାଂଶ ଯାତ୍ରୀ ଓଡ଼ିଆ ଥିଲେ। ଏହି ବିମାନରେ ଯାତ୍ରା କରୁଥିବା ଓଡ଼ିଆ ଅଭିନେତା ଦେବାଶିଷ ପାତ୍ର ଗଣମାଧ୍ୟମକୁ କହିଛନ୍ତି, ଅଗ୍ନିକାଣ୍ଡ ସମ୍ପର୍କରେ ଶୁଣି ଆମେ ସମସ୍ତେ ଖୁବ୍ ଆତଙ୍କିତ ହୋଇପଡ଼ିଥିଲୁ। ବିମାନ କର୍ମଚାରୀ ଆମମାନଙ୍କୁ ଧୈର୍ଯ୍ୟ ରଖିବାକୁ ଅନୁରୋଧ କରିଥିଲେ। ପାଇଲଟ୍‌ଙ୍କ ଉପରେ ଭରସା ରଖନ୍ତୁ, ଖୁବ୍‌ଶୀଘ୍ର ଆମେ ରାୟପୁର ଏୟାରପୋର୍ଟରେ ଅବତରଣ କରିବାକୁ ଯାଉଛେ ବୋଲି ☞ପୃଷ୍ଠା-୪


Vencobb Fresh Chicken — Taste the difference!

08.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 65 | 113 | 123 |
| CTC | 64 | 111 | 121 |
| DKL | 65 | 113 | 123 |
| BDK | 65 | 113 | 123 |
| BLS | 65 | 113 | 123 |
| ANG | 65 | 113 | 123 |
| BHM | 60 | 106 | 116 |

*Conditions Apply

Issued in the Interest of Consumers



“ମୋ ପ୍ରଥମ ସ୍ତ୍ରୀ ଅମ୍ରିତା ମୋତେ କାମ କରିବାର ଶୈଳୀ ଶିଖାଇଛନ୍ତି।

-ସୈଫ୍ ଅଲି ଖାନ୍,
ବଲିଉଡ୍ ଅଭିନେତା

# ଅସହାୟଙ୍କୁ ଆଇନ ସେବା ସୁନିଶ୍ଚିତ ଲକ୍ଷ୍ୟ

## ଜାତୀୟ ଆଇନ ସେବା ଦିବସ

ଭାରତରେ ସବୁ ନାଗରିକଙ୍କୁ ଯେପରି ଭାବେ ନିରପେକ୍ଷ ଆଇନ ସେବା ମିଳିପାରିବ ତାକୁ ସୁନିଶ୍ଚିତ କରିବା ସହ ଏହା ସମ୍ପର୍କରେ ବ୍ୟାପକ ଜନ ସଚେତନତା ସୃଷ୍ଟିକରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ନଭେମ୍ବର ୯କୁ ‘ ଜାତୀୟ ଆଇନ ସେବା ଦିବସ’ ଭାବେ ପାଳନ କରାଯାଉଛି। ଗରିବ ତଥା ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ଆଇନଗତ ସହାୟତା ଓ ସମର୍ଥନ ପ୍ରଦାନ କରିବା ଲକ୍ଷ୍ୟ ନେଇ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ୧୯୯୫ରେ ପ୍ରଥମେ ଏହି ଦିବସ ପାଳନ କରାଯାଇଥିଲା। ଆଇନ ସେବା ପ୍ରାଧିକରଣ ଅଧିନିୟମ,୧୯୮୭ ଅନୁସାରେ ଜାତୀୟ ଆଇନ ସେବା ପ୍ରାଧିକରଣ ଗଠନ କରାଯାଇଛି। ସମାଜର ଦୁର୍ବଳ ଓ ଅସହାୟ ଶ୍ରେଣୀର ଲୋକମାନଙ୍କୁ ନିଃଶୁଳ୍କ ଆଇନ ସେବା ପ୍ରଦାନ କରିବା ତଥା ବିବାଦର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ କରିବା ପାଇଁ ଲୋକ ଅଦାଲତ ଆୟୋଜନ କରିବା ଏହାର ମୂଳ ଉଦ୍ଦେଶ୍ୟ। ଭାରତର ପ୍ରଧାନ ବିଚାରପତି ଏହାର ମୁଖ୍ୟ ସଂରକ୍ଷକ ଓ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱିତୀୟ ବରିଷ୍ଠ ନ୍ୟାୟାଧୀଶ ଏହି ପ୍ରାଧିକରଣର କାର୍ଯ୍ୟକାରୀ ଅଧ୍ୟକ୍ଷ ଅଟନ୍ତି। ସମ୍ବିଧାନର ଧାରା ୩୯-କ ଆଧାରରେ ସମାଜରେ ଆଇନଗତ ପ୍ରକ୍ରିୟାକୁ ଆଗକୁ ନେବା ପାଇଁ ଗରିବ ଓ ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ବିନା ଦେୟରେ ଆଇନ ସହାୟତା ପ୍ରଦାନ କରାଯିବାର ପ୍ରାବଧାନ ରଖାଯାଇଛି। ସେହିପରି ଧାରା ୧୪ ଓ ୨୨(କ)ରେ ଆଇନର ସମାନତା ସୁନିଶ୍ଚିତ କରିବା ପାଇଁ ରାଜ୍ୟଗୁଡ଼ିକୁ ଏହା ବାଧ କରିଥାଏ। ଜାତୀୟ ଆଇନ ସେବା ପ୍ରାଧିକରଣ ଦେଶରେ ଆଇନ ସହାୟତା କାର୍ଯ୍ୟକ୍ରମ ଓ ଯୋଜନା ଲାଗୁ କରିବା ପାଇଁ ରାଜ୍ୟ ଆଇନ ସେବା ପ୍ରାଧିକରଣ(ଏସ୍‌ଏଲ୍‌ଏସ୍‌ଏ)କୁ ନିର୍ଦ୍ଦେଶ ଦେଇଥାନ୍ତି। ମୁଖ୍ୟତଃ ଏସ୍‌ଏଲ୍‌ଏସ୍‌ଏ, ଜିଲା ଆଇନ ସେବା ପ୍ରାଧିକରଣ, ତହସିଲସ୍ତରରେ ଆଇନ ସହାୟତା ସମିତିକୁ ନ୍ୟାୟିକ ଆଧାରରେ ଯୋଗ୍ୟ ଲୋକଙ୍କୁ ମାଗଣାରେ ଆଇନ ସହାୟତା ପ୍ରଦାନ କରିବା ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି।

ଏହାବାଦ୍ ବିବାଦଗୁଡ଼ିକର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ କରିବା ଲାଗି ଏହିସବୁ ବ୍ୟବସ୍ଥା ଲୋକ ଅଦାଲତ ମାଧ୍ୟମରେ ସଞ୍ଚାଳନ କରିଥାନ୍ତି। ଜାତୀୟ ଆଇନ ସେବା ଦିବସରେ ଏହା ଉପରେ ଗୁରୁତ୍ୱ ପ୍ରଦାନ କରାଯିବା ସହ ନ୍ୟାୟ ପ୍ରକ୍ରିୟାର ବିଭିନ୍ନ ଦିଗ ଉପରେ ସଚେତନ କରାଯାଇଥାଏ। କୋର୍ଟରେ ମାମଲା ଲଢ଼ିବା ପାଇଁ ଓକିଲ ଉପଲବ୍ଧ କରାଇବା, କୋର୍ଟ ଫିସ୍ ଓ ଅନ୍ୟ ସବୁ ପ୍ରକାର ସୁବିଧା ଯୋଗାଇଦେବା, କୋର୍ଟ ଅର୍ଡର ଆଦିର ନକଲ ଲୋକମାନଙ୍କୁ ପ୍ରାପ୍ତ କରାଇବା ତଥା ମାମଲାରେ ନଥିପତ୍ରର ଅନୁବାଦ ଓ ତାହାକୁ ଛପାଇ ପେପର ବୁକ ପ୍ରସ୍ତୁତ କରିବା ଆଦି ଯୋଗାଇଦେବାରେ ଗୁରୁତ୍ୱ ଦିଆଯାଇଥାଏ। ମହିଳା ଓ ଶିଶୁ, ଅନୁସୂଚିତ ଜାତି ଓ ଜନଜାତିର ଲୋକ, ଔଦ୍ୟୋଗିକ ଶ୍ରମିକ, ପ୍ରାକୃତିକ ବିପର୍ଯ୍ୟୟ ତଥା ଔଦ୍ୟୋଗିକ ବିପର୍ଯ୍ୟୟର ଶିକାର ହୋଇଥିବା ବ୍ୟକ୍ତି, ଦିବ୍ୟାଙ୍ଗ, କରାଗାରରେ ରଖାଯାଇଥିବା ଗରିବ ଲୋକ, ଯେଉଁମାନଙ୍କ ବାର୍ଷିକ ଆୟ ୧ଲକ୍ଷରୁ କମ୍, ଦାଦନ କିମ୍ବା ମାନବ ଚାଲାଣର ଶିକାର ହୋଇଥିବା ଲୋକମାନେ ଆଇନ ସହାୟତା ପାଇବା ପାଇଁ ଯୋଗ୍ୟ ହୋଇଥାନ୍ତି। ଜାତୀୟ ସ୍ତରରୁ ଜିଲା ପର୍ଯ୍ୟନ୍ତ ଗଠନ କରାଯାଇଥିବା ଆଇନ ସେବା ପ୍ରାଧିକରଣ ତଥା ସର୍ବୋଚ୍ଚ ନ୍ୟାୟାଳୟ ଆଇନ ସେବା ପ୍ରାଧିକରଣ ଓ ଉଚ୍ଚ ନ୍ୟାୟାଳୟ ଆଇନ ସେବା ପ୍ରାଧିକରଣ ଲୋକମାନଙ୍କୁ ଆଇନ ସେବା ଯୋଗାଇଦେବା ପାଇଁ ଗଠନ କରାଯାଇଛି। ଆଜି ବି ଭାରତରେ ଅନେକେ ଖାଦ୍ୟ, ପାନୀୟ, ବାସସ୍ଥାନ, ଶିକ୍ଷା, ପୋଷାକ ଓ ଔଷଧ ପାଇବାରୁ ବଞ୍ଚିତ ହେଉଛନ୍ତି। ଆଇନ ସେବା ସହାୟତା ସେହିମାନଙ୍କୁ ଏହିସବୁ ସର୍ବନିମ୍ନ ଆବଶ୍ୟକତା ପାଇବା ପାଇଁ ସକ୍ଷମ କରିପାରିବ।



# ପ୍ରଥମ ବିବାହ ବାର୍ଷିକୀ ପାଇଁ ନିକ୍‌ଙ୍କ ସ୍ପେଶାଲ୍ ପ୍ଲାନ୍



**ମୁମ୍ବାଇ:** ବଲିଉଡ୍ ଦେଶୀ ଗାର୍ଲ ପ୍ରିୟଙ୍କା ଚୋପ୍ରା ଓ ନିକ୍ ଜୋନସ୍‌ଙ୍କ ବିବାହକୁ ପୂରିବ ବର୍ଷେ। ୨୦୧୮ ଡିସେମ୍ବର ୨ରେ ଯୋଧପୁରସ୍ଥିତ ଉମ୍ମେଦ୍ ଭବନରେ ଉଭୟ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ତେବେ ଆସନ୍ତା ଡିସେମ୍ବରରେ ଉଭୟ ସେଲିବ୍ରେଟ୍ କରିବେ ନିଜର ପ୍ରଥମ ବିବାହ ବାର୍ଷିକୀ। ପ୍ରିୟଙ୍କାଙ୍କ ସହ ବିବାହର ପ୍ରଥମ ବର୍ଷ ବେଶ୍ ହସଖୁସିରେ କାଟିଥିବାବେଳେ ନିକ୍ ଏବେ ବିବାହ ବାର୍ଷିକୀ ପାଇଁ ବେଶ୍ ଉତ୍ସାହିତ ଅଛନ୍ତି। ଏଥିପାଇଁ ସେ ଏକ ସ୍ପେଶାଲ୍ ପ୍ଲାନ୍ କରୁଥିବା ଜଣାପଡ଼ିଛି। ଏକ ସାକ୍ଷାତ୍‌କାରରେ ନିକ୍ ଏନେଇ ଇସାରା ଦେଇଥିଲେ ମଧ୍ୟ କିଛି ସ୍ପଷ୍ଟ କହି ନ ଥିଲେ। ସେ ବିବାହ ବାର୍ଷିକୀ ପାଇଁ ଖୁବ୍ ଉତ୍ସାହିତ ଥିଲେ ମଧ୍ୟ ବେଶି କିଛି ଖୁଲାସା କରିବେ ନାହିଁ ବୋଲି କହିଥିଲେ। ତେବେ ଆଗକୁ ପ୍ରିୟଙ୍କାଙ୍କ ସହ ଅଧିକରୁ ଅଧିକ ସମୟ ବିତାଇବେ ବୋଲି ନିକ୍ ଇସାରା ଦେଇ କହିଛନ୍ତି। ୨୦୧୯ ନିକ୍‌ଙ୍କ ଜୀବନର ସବୁଠାରୁ ଖୁସି ଓ ସଫଳତାର ସହ କଟିଥିବା ବର୍ଷ ବୋଲି ସେ କହିଛନ୍ତି। ଡିସେମ୍ବର ୨-୩ ପ୍ରିୟଙ୍କା-ନିକ୍‌ଙ୍କ ପ୍ରଥମ ବିବାହ ବାର୍ଷିକୀ। ଉଭୟ ଗତବର୍ଷ ଡିସେମ୍ବର ୨ରେ ହିନ୍ଦୁ ରୀତିନୀତିରେ ବିବାହ ବନ୍ଧନରେ ବାନ୍ଧି ହୋଇଥିବାବେଳ ୩ରେ ଖ୍ରୀଷ୍ଟିଆନ୍ ରୀତିନୀତିରେ ବିବାହ କରିଥିଲେ। ସୋସିଆଲ ମିଡିଆରେ ପ୍ରିୟଙ୍କା-ନିକ୍‌ଙ୍କ ବିବାହ ଫଟୋ ଟ୍ରେଣ୍ଡ କରୁଥିଲା। ଅନ୍ୟପକ୍ଷରେ ପ୍ରିୟଙ୍କା ନିକଟରେ ଫର୍‌ହାନ୍ ଅଖତର୍‌ଙ୍କ ଅପୋଜିଟ୍‌ରେ ‘ଦି ସ୍କାଇ ଇଜ୍ ପିଙ୍କ୍’ରେ ନଜରକୁ ଆସିଥିଲେ। ଆଗକୁ ତାଙ୍କୁ ହଲିଉଡ୍ ଫିଲ୍ମ ‘ୱି କ୍ୟାନ୍ ବି ହିରୋଜ୍’ରେ ଦେଖିବାକୁ ମିଳିବ। ସେହିପରି ନିକ୍ ‘ଜୁମାଞ୍ଜି ଦି ନେକ୍ସ୍ଟ ଲେଭଲ୍’ରେ ନଜରକୁ ଆସିବେ, ଯାହା ଡିସେମ୍ବର ୧୩ରେ ରିଲିଜ୍ ହେବ।

# ବଲିଉଡ୍‌ରେ ବିଗ୍ ବି’ଙ୍କ ୫୦ ବର୍ଷ



**ନୂଆଦିଲ୍ଲୀ:** ମହାନାୟକ ଅମିତାଭ୍ ବଚ୍ଚନ ବା ବିଗ୍ ବି’ଙ୍କର ବଲିଉଡ୍ ଇଣ୍ଡଷ୍ଟ୍ରିରେ ୫୦ ବର୍ଷ ପୂରା ହୋଇଛି। ଠିକ୍ ୫୦ବର୍ଷ ପୂର୍ବେ ଅର୍ଥାତ୍ ୧୯୬୯ ନଭେମ୍ବର ୭ରେ ‘ସାତ୍ ହିନ୍ଦୁସ୍ତାନୀ’ ଚଳଚ୍ଚିତ୍ର ଜରିଆରେ ସେ ବଲିଉଡ୍‌ରେ ପାଦ ଥାପିଥିଲେ। ଏହାପରେ ସେ ବହୁ ଦମ୍‌ଦାର ଫିଲ୍ମରେ ଅଭିନୟ କରିବା ସହ ସାଜିଯାଇଥିଲେ ବଲିଉଡ୍‌ର ମହାନାୟକ। ବିଗ୍ ବିଙ୍କ ଏହି ୫୦ ବର୍ଷ ପୂର୍ତ୍ତିକୁ ନେଇ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଅଭିଷେକ ବଚ୍ଚନ। ଅଭିଷେକ୍ ନିଜ ଇନ୍‌ଷ୍ଟାଗ୍ରାମରେ ଲେଖିଛନ୍ତି, ଫିଲ୍ମ ଇଣ୍ଡଷ୍ଟ୍ରିରେ ୫୦ ବର୍ଷର ସଫଳ ଯାତ୍ରା ପାଇଁ ଅନେକ ଶୁଭେଚ୍ଛା। ଆଗାମୀ ୫୦ ବର୍ଷକୁ ଅପେକ୍ଷା ରହିବ। ଏବଂ ଆପଣଙ୍କଠାରୁ ଆହୁରି ବହୁତ କିଛି ଶିଖିବାର ଅଛି ବୋଲି ଅଭିଷେକ ଲେଖିଛନ୍ତି। ଏଥିସହ ଇଣ୍ଡଷ୍ଟ୍ରିର ଅନ୍ୟ କେତେଜଣ ଅମିତାଭ୍‌ଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଫିଲ୍ମ ସମ୍ପର୍କରେ ଉଲ୍ଲେଖ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ୭୦ ଦଶକରେ ଜଞ୍ଜିର, ସୋଲେ, ଦିୱାର, ମୁକଦ୍ଦର କା ସିକନ୍ଦର, ଅମର ଆକବର ଆଣ୍ଟୋନୀ ଆଦି ଫିଲ୍ମରେ ଅମିତାଭ୍ ବଚ୍ଚନଙ୍କ ଦମ୍‌ଦାର ଅଭିନୟ ସିନେପ୍ରେମୀଙ୍କୁ ବେଶ୍ ଉତ୍ସାହିତ କରିଥିଲା। ଏଥିସହିତ ଫିଲ୍ମ ପାଇଁ ସେ ୩୩୫ରୁ ଉର୍ଦ୍ଧ୍ୱ ଆୱାର୍ଡ ଜିତିଥିବା ବେଳେ ଫିଲ୍ମ ଫେୟାର ଲାଗି ୪୧ ଥର ତାଙ୍କ ନାମ ନୋମିନେଶନ ହୋଇଛି। ୧୯୭୩ରୁ ୧୯୮୪ ପର୍ଯ୍ୟନ୍ତ ପ୍ରତିବର୍ଷ ବିଗ୍ ବିଙ୍କ ଗୋଟିଏ ଲେଖାଏ ସୁପରହିଟ୍ ମୁଭି ରିଲିଜ୍ ହୋଇଥିଲା। ଏବେ ଏକ ଘରୋଇ ଟିଭି ଚ୍ୟାନେଲ୍‌ରେ ପ୍ରସାରିତ କେବିସି (କୋନ୍ ବନେଗା କରୋଡ୍‌ପତି) ଶୋ’ ଅମିତାଭ ପରିଚାଳନା କରୁଛନ୍ତି। ଏଥିସହିତ ଗତ କିଛିଦିନ ହେବ ଆୟୁଷ୍ମାନ ଖୁରାନାଙ୍କ ସହ ତାଙ୍କ ଫିଲ୍ମ ‘ଗୁଲାବୋ ସିତାବୋ’ର ଶୁଟିଂ ଶେଷ ହୋଇଛି। ଏହା ଆସନ୍ତା ବର୍ଷ ସେପ୍ଟେମ୍ବରରେ ରିଲିଜ୍ ହେବ।

# ବଲିଉଡ୍ ଷ୍ଟାର୍ ଏବେ ପାଗଳଖାନାରେ



**ମୁମ୍ବାଇ:** ଦିନେ ବଲିଉଡ୍‌ରେ ଆଗଧାଡ଼ିର ଷ୍ଟାର୍ ଥିବା ରାଜ କିରନ୍‌ଙ୍କ ଜୀବନ ଏବେ ପାଗଳଖାନାରେ ବିତୁଛି। ରାଜ କିରନ୍‌ଙ୍କ ପୂରା ନାମ ରାଜ କିରନ୍ ମହାତାନି। ବଲିଉଡ୍‌ରେ ସେ ୩୬ରୁ ଅଧିକ ଫିଲ୍ମରେ ଅଭିନୟ କରି ବିଶେଷ ଖ୍ୟାତି ହାସଲ କରିଥିଲେ। ସେ ରୁପା ମହାତାନୀଙ୍କୁ ବିବାହ କରିଥିଲେ। ଏହା ପରେ ତାଙ୍କ ଝିଅ ରିଶିକା ମହତାନି ଜନ୍ମ ହୋଇଥିଲେ। ତେବେ ସ୍ତ୍ରୀ ତାଙ୍କୁ ପ୍ରତାରିତ କରିଥିବା ଅଭିଯୋଗ ହୋଇଥିଲା। ଫଳରେ ଦୁଃଖରେ ରାଜ୍ କିରନ୍ ଆମେରିକା ପଳାଇଥିଲେ। ଏବେ ସେ ଆଟ୍‌ଲାଣ୍ଟାର ଏକ ପାଗଳ ଖାନାରେ ଥିବା ତାଙ୍କ ଭାଇ ଗୋବିନ୍ଦ ମହାତାନି ଏକ ସାକ୍ଷାତ୍‌କାରରେ ସୂଚନା ଦେଇଥିଲେ। ସେ ହିନ୍ଦୀ ଫିଲ୍ମ ‘କର୍ଜ’ରେ ଉଲ୍ଲେଖନୀୟ ଅଭିନୟ କରିଥିଲେ।

# ରେଲୱେ ଟ୍ରାକ୍‌ରୁ ଉଠାଇ ନେଉଛନ୍ତି ‘ଯମରାଜ’

**ମୁମ୍ବାଇ:** ପାଦରେ ଚାଲିଚାଲି ରେଳଧାରଣା ପାର୍ ହେଉଛନ୍ତି କି? ସାବଧାନ ହୋଇଯାଆନ୍ତୁ, କାରଣ ଆପଣଙ୍କୁ ଉଠାଇ ନେଇଯିବେ ‘ଯମରାଜ’। ଆମେ ଏଠି ପୌରାଣିକ ଚରିତ୍ର ଯମରାଜଙ୍କ କଥା କହୁନୁ, ଆମେ କହୁଛୁ ମଣିଷ ବେଶଧାରୀ ଯମରାଜଙ୍କ କଥା। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ପଶ୍ଚିମତଟ ରେଳପଥ ଅଧୀନ ବ୍ୟସ୍ତବହୁଳ ଅନ୍ଧେରି ଏବଂ ମାଲାଡ ରେଳଷ୍ଟେଶନରେ।



ଜନସାଧାରଣଙ୍କୁ ସଚେତନ କରିବାକୁ ରେଲୱେ ବିଭାଗ ଏବଂ ଆର୍‌ପିଏଫ୍ ପକ୍ଷରୁ ଏପରି ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି, ଯାହାକୁ ପ୍ରଥମ ଦିନରୁ ଭଲ ରେସ୍‌ପନ୍ସ ମଧ୍ୟ ମିଳିଛି। ରେଲୱେ ମନ୍ତ୍ରଣାଳୟର ଚେତାବନୀ, ସଚେତନତା କାର୍ଯ୍ୟକ୍ରମ ଯାତ୍ରୀଙ୍କୁ କାବୁ କରୁନି। ଅଧିକାଂଶ ଯାତ୍ରୀ ଗୋଟିଏ ପ୍ଲାଟଫର୍ମରୁ ଆଉ ଗୋଟିଏ ପ୍ଲାଟଫର୍ମକୁ ଯିବାକୁ ଫୁଟ୍ ଓଭର ବ୍ରିଜ୍ ବ୍ୟବହାର କରିବା ପରିବର୍ତ୍ତେ ବିପଜ୍ଜନକ ଭାବେ ରେଳଧାରଣା ପାର ହୋଇ ଯାଉଛନ୍ତି। ଏପରି କରିବା ଦ୍ୱାରା ସେମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। କ୍ଷଣିକ ମଧ୍ୟରେ ସବୁକିଛି ଓଲଟପାଲଟ ହୋଇଯାଉଛି। ନିରୀହ ଯାତ୍ରୀଙ୍କ ଜୀବନ ବଞ୍ଚାଇବା, ସେମାନଙ୍କୁ ଅଧିକରୁ ଅଧିକ ସଚେତନ କରିବା ଉଦ୍ଦେଶ୍ୟରେ ପଶ୍ଚିମତଟ ରେଲୱେ ଏବଂ ଆର୍‌ପିଏଫ୍ ପକ୍ଷରୁ ମିଳିତ ଭାବେ ଏପରି ଅଭିଯାନ ଆରମ୍ଭ ହୋଇଛି। ଯାତ୍ରୀମାନେ ଟ୍ରାକ୍‌ରେ ଚାଲୁଥିଲେ କିମ୍ବା ବିପଦସଙ୍କୁଳ ଭାବେ ରେଳରେ ଯାତ୍ରା କରୁଥିଲେ ସେମାନଙ୍କୁ ବେଶଧାରୀ ଯମରାଜ କାନ୍ଧରେ ଉଠାଇ ନେଉଛନ୍ତି। ଆବଶ୍ୟକସ୍ଥଳରେ ଶାସ୍ତି ବି ଦେଉଛନ୍ତି। ରେଲୱେ ମନ୍ତ୍ରଣାଳୟ ନିଜର ଟ୍ୱିଟର ହ୍ୟାଣ୍ଡେଲରେ ଅଭିଯାନର ଦୃଶ୍ୟ ଏବଂ ଫଟୋ ଶେୟାର କରିଛି। ବେଶଧାରୀଙ୍କ ମଧ୍ୟରେ ସ୍ୱେଚ୍ଛାସେବୀଙ୍କ ସମେତ କେତେଜଣ ଜିଆର୍‌ପି ପୋଲିସ ମଧ୍ୟ ସାମିଲ ହୋଇଛନ୍ତି। ସେମାନେ ମଣିଷ ଜୀବନର ମୂଲ୍ୟ, ଦୁର୍ଘଟଣାର ଭୟାବହତା ସମ୍ପର୍କରେ ଲୋକଙ୍କୁ ଚେତାଉଛନ୍ତି। ଆବଶ୍ୟକସ୍ଥଳେ ନିୟମ ଭଙ୍ଗ କରୁଥିବା ଯାତ୍ରୀଙ୍କଠାରୁ ମୋଟା ଅଙ୍କର ଚାଲାଣ ମଧ୍ୟ କଟାଯାଉଛି। ପ୍ରଥମ ପର୍ଯ୍ୟାୟରେ ମୁମ୍ବାଇର ଅନ୍ଧେରି ଏବଂ ମାଲାଡ ଷ୍ଟେଶନରେ ଏପରି ଅଭିଯାନ ଆରମ୍ଭ କରାଯାଇଛି। ପରବର୍ତ୍ତୀ ସମୟରେ ଏହାକୁ ଅନ୍ୟ ସ୍ଥାନରେ ମଧ୍ୟ ଲାଗୁ କରାଯିବ ବୋଲି ଜଣାପଡ଼ିଛି। ଏକ ତଥ୍ୟ ଅନୁଯାୟୀ, ଅସାବଧାନତା ରେଳଯାତ୍ରା ଯୋଗୁ ଦୈନିକ ୭ଜଣ ଯାତ୍ରୀଙ୍କ ଜୀବନ ଯାଉଛି। ଗତବର୍ଷ ରେଳଧାରଣା ପାର ହେଉଥିବାବେଳେ ୧୪୭୬ ଏବଂ ଟ୍ରେନ୍‌ରୁ ଖସିପଡ଼ି ୬୫୦ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଦିନକୁ ଦିନ ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ବଢ଼ୁଥିବାବେଳେ ଏପରି ଅଭିଯାନ ଲୋକଙ୍କୁ ସଚେତନ କରିବାରେ ସହାୟକ ହେବ ବୋଲି କୁହାଯାଉଛି।

# ସନ୍ତାନ ପ୍ରସବ ହେଲେ କାନ୍ଦନ୍ତି ଜନଜାତି

**ନୂଆଦିଲ୍ଲୀ:** ସାନ୍ତାଳ ଜନଜାତି ପୃଥିବୀରେ ବାସ କରୁଥିବା ସବୁଠୁ ପ୍ରାଚୀନତମ ଜନଜାତି। ଏମାନେ ମୁଖ୍ୟତଃ ଝାଡ଼ଖଣ୍ଡ, ଓଡ଼ିଶା, ବିହାର, ମଧ୍ୟପ୍ରଦେଶରେ ବାସ କରିଥାନ୍ତି। ଘନ ଜଙ୍ଗଲ ଭିତରେ ଥାଏ ଏମାନଙ୍କର ବସ୍ତି। ଏହି ଜନଜାତିର ପରମ୍ପରା ଅନ୍ୟ ଜନଜାତିଙ୍କ ପରମ୍ପରାଠାରୁ ଭିନ୍ନ। ସାଧାରଣତଃ ଘରେ ସନ୍ତାନ ଜନ୍ମହେଲେ ଖୁସିର ବାତାବରଣ ସୃଷ୍ଟିହୋଇଥାଏ। ହେଲେ ସାନ୍ତାଳମାନେ ଶିଶୁଟିଏ ଜନ୍ମହେଲେ ମିଳିତ ଭାବେ କାନ୍ଦିଥାନ୍ତି। ଏମାନଙ୍କ ମତରେ ଜନ୍ମ ହେଲେ ମୃତ୍ୟୁ ହିଁ ସୁନିଶ୍ଚିତ। ଜନ୍ମ ନେଇଥିବା ସନ୍ତାନର ଭବିଷ୍ୟତରେ ନିଶ୍ଚିତ ମୃତ୍ୟୁ ହେବ, ତେଣୁ ଏଭଳି ଦୁନିଆକୁ ସେ କାହିଁକି ଆସିଲା ବୋଲି ଚିନ୍ତା କରି ସେମାନେ କାନ୍ଦିଥାନ୍ତି। ଏହି ଜନଜାତିର ଲୋକମାନେ ବିବାହ ଉତ୍ସବକୁ ଖୁବ୍ ଆନନ୍ଦର ସହ ପାଳନ କରନ୍ତି। ସଭିଏଁ ମିଳିମିଶି ଭୋଜିଭାତ ଓ ମହୁଲି ପିଇ ନାଚଗୀତରେ ମତୁଆଲା ହୋଇଉଠନ୍ତି।

# ଯୁବକଙ୍କ କାନରୁ ବାହାରିଲେ ୧୦ ଅସରପା

**ନୂଆଦିଲ୍ଲୀ:** ଚାଇନାରେ ଜଣେ ଲୋକଙ୍କ କାନରୁ ବାହାରିଛି ୧୦ ଅସରପା। ଯୁବକଙ୍କ କାନରେ ପ୍ରବଳ କଷ୍ଟ ଅନୁଭବ ହେବାରୁ ସେ ଡାକ୍ତରଙ୍କ ପାଖକୁ ଯାଇ ଦେଖାଇଥିଲେ। ସେ ଭୟଭୀତ ହୋଇପଡ଼ିଥିବାବେଳେ ଡାକ୍ତର ମଧ୍ୟ ଦେଖିବା ପରେ ଚକିତ ହୋଇଯାଇଥିଲେ। ଯୁବକଙ୍କ କାନରେ ଅସରପା ଥିବା ଜଣାପଡ଼ିଥିଲା। ତାହା ପୁଣି ଗୋଟିଏ କି ଦୁଇଟି ନୁହଁ ୧୦ଟି ଅସରପା (ମା’ ଓ ଛୁଆ) ଡାକ୍ତର କାନରୁ ବାହାର କରିଥିଲେ। ଚାଇନାର ଲଭ୍ ନାମକ ଜଣେ ଯୁବକଙ୍କ ସହ ଏହି ଘଟଣା ଘଟିଛି। ଏଥିପୂର୍ବରୁ ମଧ୍ୟ ତାଙ୍କ କାନରେ କଷ୍ଟ ହେବା ସହ କିଛି ଚାଲିଲା ଭଳି ଅନୁଭବ ହେଉଥିଲା। ହେଲେ ସେ ତାହାର କାରଣ ଜାଣିପାରୁ ନ ଥିଲେ। ଅସରପା ପରିବାର ଯୁବକଙ୍କ କାନ ମଧ୍ୟରେ ଘର କରି ରହିବା ସହ କ୍ଷତ ସୃଷ୍ଟି କରିଥିଲେ। ମାତ୍ର କାନଭିତରେ ସେଗୁଡ଼ିକ କେମିତି ରହିଲେ, ତାହା ଡାକ୍ତର ମଧ୍ୟ ବୁଝିପାରି ନ ଥଲେ। ତେବେ ନିଜ ବେଡ୍‌ରେ ଖାଇବା ଜିନିଷ ପକାଇବା ଏବଂ ସେଗୁଡ଼ିକୁ ସଫା ନ କରି ଶୋଇପଡ଼ିବା ଅଭ୍ୟାସ ଯୋଗୁ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଥିବା ଚାଇନାର ଏକ ହସ୍ପିଟାଲ୍‌ର ବିଶେଷଜ୍ଞ ଡାକ୍ତର ପ୍ରକାଶ କରିଛନ୍ତି।



# ବିଶ୍ୱର ସବୁଠାରୁ ହାଲୁକା ମିଠା

**ଲଣ୍ଡନ:** ମିଠା ଖାଇବାକୁ କାହାକୁ ବା ଭଲ ନ ଲାଗେ। ଛୁଆଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ମିଠା ଖାଇବାକୁ ପସନ୍ଦ କରନ୍ତି। ବିଶ୍ୱରେ ଅନେକ ପ୍ରକାରର ମିଠା ମିଳିଥାଏ। ଭାରତରେ ତ ଏହାର ସଂଖ୍ୟା ଅନେକ। ହେଲେ ଏମିତି ଏକ ମିଠା ବିଷୟରେ ଆମେ ଜାଣିବା ଯାହା ସବୁଠାରୁ ଭିନ୍ନ। କେହି କେବେହେଲେ ଏମିତି ମିଠା ବିଷୟରେ କେବେ କଳ୍ପନା ମଧ୍ୟ କରି ନ ଥିବେ। ବ୍ରିଟେନ୍‌ର ଜଣେ ମିଠା ଦୋକାନୀ ବିଶ୍ୱର ସବୁଠାରୁ ହାଲ୍‌କା ମିଠା ତିଆରି କରିଛନ୍ତି। ଏହାର ବିଶେଷତ୍ୱ ହେଉଛି, ଏହି ମିଠାକୁ ତିଆରି କରିବା ପାଇଁ ବୈଜ୍ଞାନିକଙ୍କ ସହାୟତା ନିଆଯାଇଛି। ଏହି ମିଠାର ଓଜନ ମାତ୍ର ୧ ଗ୍ରାମ୍। ଏଥିରେ ୯୬% ବାୟୁ ରହିଥିବା ବେଳେ ମାତ୍ର ୪% ମିଠା ରହିଛି। ଏହି ମିଠାକୁ ଲଣ୍ଡନରେ ଥିବା ଡିଜାଇନର ଷ୍ଟୁଡିଓ ବୋମପାସ ଆଣ୍ଡ୍ ପାର କାରିଗରମାନେ ଏରୋଜେଲେକ୍ସ ଲାବୋରେଟରୀର ବୈଜ୍ଞାନିକଙ୍କ ସହ ମିଶି ତିଆରି କରିଛନ୍ତି। ଏହାକୁ ଜର୍ମାନର ହେମ୍‌ବର୍ଗରେ ତିଆରି କରାଯାଇଛି। ଏହି ମିଠାକୁ ତିଆରି କରିବା ପାଇଁ ବୈଜ୍ଞାନିକମାନେ ସର୍ବପ୍ରଥମେ ବିଶ୍ୱର ସବୁଠାରୁ ହାଲୁକା ସଲିଡ୍ ପଦାର୍ଥକୁ ଖାଇବାଯୋଗ୍ୟ କରିଥିଲେ। ପରେ ସେଥିରେ ମିଠା ତିଆରି କଲେ। ଏହି ମିଠାକୁ ଆରୋଓ୍ୱେଲ୍‌ରୁ ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିଛି। ଆରୋଓ୍ୱେଲ ବିଶ୍ୱର ସବୁଠାରୁ ହାଲୁକା ପଦାର୍ଥ। ତେବେ ଏହି ମିଠାର ସ୍ୱାଦ କିପରି ତାହା ବର୍ତ୍ତମାନ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ।



## ସଂକ୍ଷେପରେ

### ୧୭ରେ ଓଡ଼ିଶା ଆସିବେ ଗିରୀଶ ମୁର୍ମୁ

**ଭୁବନେଶ୍ୱର, ୮।୧୧(ବ୍ୟୁରୋ):** ଜମ୍ମୁ-କଶ୍ମୀରର ପ୍ରଥମ ଲେଫ୍ଟନାଣ୍ଟ ଗଭର୍ନରଭାବେ ଦାୟିତ୍ୱ ନେବା ପରେ ଗିରୀଶ ଚନ୍ଦ୍ର ମୁର୍ମୁ ଆସନ୍ତା ୧୭ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ। ନିଜ ମା'ଙ୍କୁ ଭେଟିବାକୁ ଆସୁଥିବା ଗିରୀଶ ଗସ୍ତ ଅବସରରେ ମୟୂରଭଞ୍ଜ ଜିଲା ବେତନଟୀସ୍ଥିତ ନିଜ ପୈତୃକ ଘରକୁ ଯିବେ ବୋଲି ଜଣାପଡ଼ିଛି। ଜମ୍ମୁ-କଶ୍ମୀରର ଗଭର୍ନରଭାବେ ଦାୟିତ୍ୱ ନେବାପରେ ଏହା ହେଉଛି ତାଙ୍କର ପ୍ରଥମ ଓଡ଼ିଶା ଗସ୍ତ। ଗିରୀଶଙ୍କୁ ଏଭଳି ଗୁରୁଦାୟିତ୍ୱ ମିଳିଥିବା ଖବର ପାଇବା ପରେ ତାଙ୍କ ମା' ପାର୍ବତୀ ମୁର୍ମୁ ନିଜ ଖୁସିବ୍ୟକ୍ତ କରିବା ସହ ପୁଅ ଜମ୍ମୁ-କଶ୍ମୀର ସହ ସମଗ୍ର ଦେଶବାସୀଙ୍କ ପାଇଁ ଉତ୍ସର୍ଗୀକୃତ ମନୋଭାବ ନେଇ କାମ କରିବ ବୋଲି କହିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ଶିକ୍ଷାଗ୍ରହଣ କରିଥିବା ଗିରୀଶ ୧୯୮୫ ବ୍ୟାଚ୍ ଗୁଜରାଟ କ୍ୟାଡର୍ ଆଇଏଏସ୍ ଅଫିସର। ଗୁଜରାଟ ସହ କେନ୍ଦ୍ର ସରକାରଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ସେ କାର୍ଯ୍ୟ କରସାରିଛନ୍ତି। ତେବେ କେନ୍ଦ୍ର ସରକାରଙ୍କ ଏଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପାଇବାରେ ଗିରୀଶ ହେଉଛନ୍ତି ଓଡ଼ିଶାର ଦ୍ୱିତୀୟ ଜନଜାତି। ତାଙ୍କ ପୂର୍ବରୁ ମୟୂରଭଞ୍ଜ ଜିଲାର ଦ୍ରୌପଦୀ ମୁର୍ମୁ ୨୦୧୫ରେ ଝାଡ଼ଖଣ୍ଡ ରାଜ୍ୟପାଳ ଭାବେ ଦାୟିତ୍ୱ ନେଇଥିଲେ।

### ଆନ୍ଧ୍ରପ୍ରଦେଶ ଗସ୍ତରେ କେନ୍ଦ୍ରମନ୍ତ୍ରୀ ତୈଳ ଓ ଗ୍ୟାସ ପ୍ରକଳ୍ପରେ କରାଯିବ ବିପୁଳ ପୁଞ୍ଜିନିବେଶ: ଧର୍ମେନ୍ଦ୍ର



**ଭୁବନେଶ୍ୱର,୮।୧୧(ବ୍ୟୁରୋ):** ଭାରତ ସରକାରଙ୍କ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଆନ୍ଧ୍ରପ୍ରଦେଶରେ ଆଗାମୀ ୫ବର୍ଷରେ ବିଭିନ୍ନ ପ୍ରକଳ୍ପ ପାଇଁ ବିପୁଳ ପୁଞ୍ଜିନିବେଶ କରିବାର ଯୋଜନା ରଖିଛି। ଶୁକ୍ରବାର ଆନ୍ଧ୍ରପ୍ରଦେଶର ବିଜୟୱାଡା ଠାରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ୱାଇ.ଏସ୍ ଜଗନମୋହନ ରେଡ୍ଡିଙ୍କୁ ଭେଟି ସେଠାରେ ନିଆଯାଇଥିବା ବିଭିନ୍ନ ତୈଳ, ଗ୍ୟାସ ଓ ଇସ୍ପାତ୍ ପ୍ରକଳ୍ପର ସମୀକ୍ଷା କରିବାପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ଏହାଦ୍ୱାରା ରାଜ୍ୟର ରାଜସ୍ୱ ବୃଦ୍ଧି ହେବାସହ ଯୁବକଙ୍କ ପାଇଁ ଅଧିକରୁ ଅଧିକ ନିଯୁକ୍ତି ସୃଷ୍ଟି ହୋଇପାରିବ। ଏହି ଅବସରରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଏହି ସବୁ ପ୍ରକଳ୍ପ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମର୍ଥନ ଓ ସହଯୋଗ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହିସବୁ ତୈଳ ଓ ଗ୍ୟାସ୍ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟ ସୁଦ୍ଧା ଶେଷ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଆନ୍ଧ୍ରପ୍ରଦେଶରେ ଏକ ଅଟନୋମସ୍ ପେଟ୍ରୋଲିୟମ ଇନ୍ଷ୍ଟିଚ୍ୟୁସନ୍ ସ୍ଥାପନା କରାଯିବ। ଯାହା ଦେଶର ତୈଳ ଏବଂ ଗ୍ୟାସ କ୍ଷେତ୍ରରେ କୁଶଳ କ୍ଷମତା ବିଶିଷ୍ଟ କାର୍ଯ୍ୟବଳୀ ତିଆରି କରିବାରେ ସହଯୋଗ କରିବ। ଏହି ଗସ୍ତ ଅବସରରେ ଧର୍ମେନ୍ଦ୍ର ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ତଥା ଓଡ଼ିଶାର ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ମଧ ତାଙ୍କ ବାସଭବନରେ ଭେଟିଛନ୍ତି। ରାଜ୍ୟପାଳଙ୍କ ସହ ଏଠାରେ ନିଆଯାଇଥିବା ବିଭିନ୍ନ ତୈଳ ଓ ଗ୍ୟାସ ପ୍ରକଳ୍ପ ଉପରେ ସୂଚିତ କରିଛନ୍ତି। ବିଶେଷଭାବେ କ୍ରୀଷ୍ଣା-ଗୋଦାବରୀ ବେସିନ, ଯାହା ଭବିଷ୍ୟତରେ ଭାରତର ଗ୍ୟାସ ଚାହିଦାକୁ ପୂରଣ କରିବାର ବଡ କ୍ଷମତା ରଖିଛି ଏ ସମ୍ପର୍କରେ ମଧ ଅବଗତ କରାଇଛନ୍ତି।

## ବର୍ତ୍ତମାନ ଭାରତରେ




## ଅତିରିକ୍ତ ଜିଲାପାଳ, ଉପଜିଲାପାଳଙ୍କ ସମ୍ମିଳନୀ

# ରାଜସ୍ୱ ନିରୀକ୍ଷକସ୍ତରୀୟ କାର୍ଯ୍ୟଧାରାରେ ସୁଧାର ଆବଶ୍ୟକ: ମନ୍ତ୍ରୀ

**ଭୁବନେଶ୍ୱର,୬।୧୧(ବ୍ୟୁରୋ):** ରାଜସ୍ୱ ବିଭାଗକୁ ସରକାରଙ୍କ ମୁଖ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି କହିଛନ୍ତି। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଶୁକ୍ରବାର ଆୟୋଜିତ ଅତିରିକ୍ତ ଜିଲାପାଳ ଓ ଉପଜିଲାପାଳ ସମ୍ମିଳନୀରେ ରାଜସ୍ୱ ଅଧିକାରୀଙ୍କୁ ସମ୍ବୋଧିତ କରି ମନ୍ତ୍ରୀ ମାରାଣ୍ଡି କହିଛନ୍ତି, ରାଜନୈତିକ ବ୍ୟକ୍ତି ନିର୍ବାଚିତ ହୋଇ ନେତାଭାବେ ବିବେଚିତ ହେଉଛନ୍ତି। ମାତ୍ର ରାଜସ୍ୱ ଅଧିକାରୀମାନେ ହେଉଛନ୍ତି ପ୍ରକୃତ ନେତା । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ଆଇନଗୁଡ଼ିକର ସଠିକ୍ କାର୍ଯ୍ୟାନ୍ୱୟନ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପ୍ରଚଳିତ ୫-ଟି ଆଧାରରେ ଯୋଜନାଗୁଡ଼ିକର ସୁଫଳ ଲୋକଙ୍କ ପାଖରେ ପହଞ୍ଚାଇବା ହେଉଛି ରାଜସ୍ୱ ଅଧିକାରୀଙ୍କ ଦାୟିତ୍ୱ । ଖଣିଜ, ବାଲି, ପଥର ଆଦି ସମ୍ବଳର ଉପଯୋଗ ମାଧ୍ୟମରେ ସରକାର ଅଧିକ ରାଜଭାଗ ଅର୍ଜନ କରିପାରନ୍ତେ । ନିକଟରେ ବିଭିନ୍ନ ଜିଲା, ଉପଖଣ୍ଡ, ତହସିଲ୍‌ଗୁଡ଼ିକୁ ଗସ୍ତ ସମୟରେ ଦାଖଲଖାରଜ, କିସମ ପରିବର୍ତ୍ତନ ଆଦି ମାମଲାରେ ବିଳମ୍ବ ପାଇଁ ରାଜସ୍ୱ ନିରୀକ୍ଷକସ୍ତରର କାର୍ଯ୍ୟଧାରାରେ ସୁଧାର ଆବଶ୍ୟକ ବୋଲି ମନ୍ତ୍ରୀ ମାରାଣ୍ଡି କହିଛନ୍ତି।

ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ କହିଛନ୍ତି, ରାଜସ୍ୱ ଅଧିକାରୀମାନେ ସରକାରଙ୍କ ସର୍ବ ପ୍ରଧାନ ସେବାର ଅଧିକାରୀ । ଜିଲାସ୍ତରରେ ଏହି ଅଧିକାରୀମାନେ ନେତୃତ୍ୱ ନେଉଥିବାରୁ ସେମାନେ ସ୍ଥୂଳ ଦୃଷ୍ଟିସମ୍ପନ୍ନ ହେବା ଆବଶ୍ୟକ। ଜିଲାସ୍ତରରେ ସୂଚନା ପ୍ରଯୁକ୍ତି ଶିଳ୍ପାୟନର ବୃଦ୍ଧି, ରିଲିଫ୍ ଓ ପୁନଃବସତି କାର୍ଯ୍ୟକ୍ରମ ନିମନ୍ତେ ରାଜସ୍ୱ ଅଧିକାରୀମାନେ ସକ୍ରିୟଭାବେ କାର୍ଯ୍ୟକରିବା ନିତ୍ୟାନ୍ତ ଆବଶ୍ୟକ ବୋଲି ସେ କହିଛନ୍ତି। ତାମିଲନାଡୁ ମାଲେସିଆରୁ ବାଲି ଆମଦାନୀ କରୁଥିଲାବେଳେ ଏହା ଓଡ଼ିଶାର ଏକ ବୃହତ୍ ସମ୍ବଳ ଅଟେ। ଏହାର ସଠିକ୍ ଆଇନଗତ ଉତ୍ତୋଳନ କରାଗଲେ ରାଜସ୍ୱ ବୃଦ୍ଧିରେ ସହାୟକ ହେବ ବୋଲି ତ୍ରିପାଠୀ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ୫-ଟି ଅନ୍ତର୍ଗତ ସ୍ୱଚ୍ଛତା, ସମାନୁବର୍ତ୍ତିତା, ସହଭାଗିତା ଓ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ ପୂର୍ବକ ଜନସାଧାରଣଙ୍କ ସମୃଦ୍ଧି ନିମନ୍ତେ କାର୍ଯ୍ୟକରିବା ପାଇଁ ପ୍ରବର୍ତ୍ତାଇ ଥିବାବେଳେ ଦୁର୍ନୀତି ବିରୋଧରେ ସରକାରଙ୍କ 'ଜିରୋ ଟଲେରାନ୍ସ' ନୀତି ବାବଦରେ ମୁଖ୍ୟ ଶାସନ ସଚିବ ଚେତେଇ ଦେଇଛନ୍ତି।

# ନକଲି ସୋରିଷ ତେଲ କାରଖାନା ଠାବ

**ଉଦଳା, ୮।୧୧(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଉଦଳା ଥାନା ଅଞ୍ଚଳରେ ଚାଲିଥିବା ଏକ ନକଲି ସୋରିଷ ତେଲ କାରଖାନା ଠାବ ହୋଇଛି । ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ପୋଲିସ ଚଢାଉ କରି ୫ ହଜାର ଲିଟର ନକଲି ତେଲ ଜବତ କରିବା ସହ ଏହି କାରଖାନାକୁ ସିଲ୍ କରିଛି। ଉଦଳା ଏନଏସି ଅଧୀନ ୧୨ ନଂ. ୱାର୍ଡରେ ଚାଲିଥିଲା ଏହି ନକଲି ସୋରିଷ ତେଲ କାରଖାନା। ଏହି ଘଟଣାରେ କାରଖାନାର ମାଲିକ ଗୌରାଙ୍ଗ ଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ଜଣେ ମହିଳାଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି।

- ମାଲିକଙ୍କ ସମେତ ମହିଳା କର୍ମଚାରୀ ଅଟକ
- ୫ ହଜାର ଲିଟର ନକଲି ତେଲ ଜବତ

ସୂଚନା ଅନୁଯାୟୀ,ବାଲେଶ୍ୱର ଜିଲା ଶେରଗଡରୁ ରାଇସ୍ ଅଏଲ ଆଣି ତାହାକୁ ରାଇସ ବ୍ରାଣ୍ଡ ତେଲରେ ପ୍ୟାକିଂ କରି ବିକ୍ରି କରିବାକୁ ତାଙ୍କୁ ଅନୁମତି ମିଳିଥିବା କାରଖାନା ମାଲିକ କହୁଛନ୍ତି । ହେଲେ କାରଖାନା ମାଲିକ ଗୌରାଙ୍ଗ ରାଇସ୍ ଅଏଲକୁ ଆଣି ସେଥିରେ ଅପମିଶ୍ରଣ କରି ସୋରିଷ ତେଲ ତିଆରି କରୁଥିଲେ । ବଂଶୀ ଲାଲ ବ୍ରାଣ୍ଡରେ ସୋରିଷ ତେଲ ପ୍ରସ୍ତୁତ କରି ବଜାରକୁ ଛାଡ଼ିଥିଲେ। ଏହି ସୋରିଷ ତେଲକୁ ରଙ୍ଗ କରିବା ନିମନ୍ତେ ଏକ ବିଶେଷ ସାମଗ୍ରୀର ବ୍ୟବହାର କରାଯାଉଥିଲା, ଯାହାକି ତେଲର ରଙ୍ଗକୁ ଅଧିକ ଲାଲ କରୁଥିଲା । ଚଢାଉ ସମୟରେ ପୋଲିସ୍ ପ୍ରାୟ ୫ ହଜାର ଲିଟର ତେଲ ଜବତ କରିବା ସହିତ ପ୍ୟାକିଂ ହୋଇ ବିକ୍ରିନିମନ୍ତେ ଥିବା ତେଲକୁ ଜବତ କରିଛି। ଏହି ନକଲି ତେଲକୁ ବିକ୍ରି ନିମନ୍ତେ କାରଖାନା ମାଲିକ ଉଦଳା ବଜାରରେ ଛାଡିବା ପରିବର୍ତ୍ତେ ଉପାନ୍ତ ଅଞ୍ଚଳକୁ ପଠାଇଥିବା ପୋଲିସ କହିଛି। ବିଶେଷକରି ଶରତ ଏବଂ ବାଲେଶ୍ୱର ଜିଲା ସଜନାଗଡ ଅଞ୍ଚଳକୁ ଏହି ତେଲ ବିକ୍ରି ନିମନ୍ତେ ପଠାଯାଇଥିବା ଜଣାପଡ଼ିଛି। ଚଢାଉ ସମୟରେ ତେଲ ସମେତ ଖାଲି ବୋତଲ, ଠିପି, ତେଲରେ ମିଶୁଥିବା ସାମଗ୍ରୀକୁ ପୋଲିସ୍ ଜବତ କରିଛି । ତେବେ ଥାନାଠାରୁ ମାତ୍ର ଦେଢ କି.ମି. ଦୂରରେ ଆଜକୁ ୪ ମାସ ହେବ ଏହି ନକଲି କାରଖାନା ଚାଲିଥିଲେ ସୁଦ୍ଧା ସ୍ଥାନୀୟ ପୋଲିସ୍ କିମ୍ବା ଖାଉଟି ବିଭାଗ କିପରି ଏହାର ଟେର୍ ପାଇ ପାରି ନ ଥିଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।


ଜବତ ହୋଇଥିବା ନକଲି ସୋରିଷ ତେଲ।




# ମୁଖ୍ୟମନ୍ତ୍ରୀଙ୍କ ୪ଦିନିଆ ଦିଲ୍ଲୀ ଗସ୍ତ

**ଭୁବନେଶ୍ୱର, ୮।୧୧(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାରଠାରୁ ୪ ଦିନ ପାଇଁ ନୂଆଦିଲ୍ଲୀ ଗସ୍ତ କରିଛନ୍ତି। ଶନିବାର ଓଡ଼ିଶା ଭବନରେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କେନ୍ଦ୍ରୀୟ ପ୍ରକଳ୍ପ ଏବଂ ଅନୁଦାନ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିବେ। ରବିବାର ଛୁଟିଦିବସ ଥିବାରୁ କୌଣସି ସରକାରୀ କାର୍ଯ୍ୟ ରଖାଯାଇନାହିଁ। ସୋମବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ କେତେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିପାରନ୍ତି ବୋଲି ଜଣାପଡିଛି। ସେହିଦିନ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ବିମାନ ଯୋଗେ ଭୁବନେଶ୍ୱର ଫେରିଆସିବେ ବୋଲି ଜଣାପଡିଛି। ଉଲ୍ଲେଖଯୋଗ୍ୟ, ଗତ ସେପ୍ଟେମ୍ବର ୧୮ରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଭବନରେ କେନ୍ଦ୍ରୀୟ ଅଧିକାରୀଙ୍କ ସହ ସମୀକ୍ଷା ବୈଠକ କରିଥିଲେ। ରାଜ୍ୟରେ ବିଭିନ୍ନ ରେଳ ପ୍ରକଳ୍ପ ସମ୍ପର୍କିତ କାର୍ଯ୍ୟର ତ୍ୱରାନ୍ୱିତ କରିବା ନେଇ ମୁଖ୍ୟମନ୍ତ୍ରୀ ସେ ସମୟରେ ନିର୍ଦ୍ଦେଶ ଦେଇଥିଲେ। ତେଣୁ ପୂର୍ବ ବୈଠକ ପରେ କେଉଁ କାର୍ଯ୍ୟ କେତେମାତ୍ରାରେ ଅଗ୍ରଗତି ହୋଇଛି, ସେ ନେଇ ନୂଆଦିଲ୍ଲୀସ୍ଥିତ ଓଡ଼ିଶା ଆବାସିକ କମିଶନର ତଥ୍ୟ ରଖିପାରନ୍ତି ବୋଲି କୁହାଯାଉଛି।

# ୮,୩୦୦ କୋଟିର ଅତିରିକ୍ତ ଚିଠା ବଜେଟକୁ ଅନୁମୋଦନ

**ଭୁବନେଶ୍ୱର, ୮।୧୧ (ବ୍ୟୁରୋ):** ଆସନ୍ତା ୧୩ ତାରିଖରେ ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏହି ଅଧିବେଶନରେ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବଜେଟ ଆଗତ ହେବ । ଏହା ଆଗତ ହେବା ପୂର୍ବରୁ ଶୁକ୍ରବାର ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକରେ ଚିଠା ବଜେଟ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟ ସରକାର ଅତିରିକ୍ତ ବ୍ୟୟଭାର ତୁଲାଇବା ପାଇଁ ୮ହଜାର ୩ଶହ କୋଟି ଟଙ୍କାର ଅତିରିକ୍ତ ବଜେଟ ପ୍ରସ୍ତୁତ କରିଛନ୍ତି। ବିଧାନସଭା ଅଧିବେଶନର ପ୍ରଥମ ଦିବସରେ ଏହି ବଜେଟକୁ ଆଗତ କରାଯିବ।

ଚିଠା ବଜେଟ ପ୍ରସ୍ତାବକୁ ମଞ୍ଜୁରୀ ଦେବାଲାଗି

**ମନ୍ତ୍ରୀ ପରିଷଦ ବୈଠକ**

ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବିଭିନ୍ନ ବିଭାଗର ମନ୍ତ୍ରୀମାନେ ଯୋଗଦେଇ ଚିଠା ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ। କେବଳ ଅତିରିକ୍ତ ବଜେଟକୁ ଅନୁମୋଦନ କରିବା ଲାଗି ଏହି ବୈଠକ ଡକାଯାଇଥିଲା। ମିଳିଥିବା ସୂଚନା ଅନୁଯାୟୀ ନଭେମ୍ବର ୨୫ ତାରିଖରେ ପ୍ରଥମ ଅତିରିକ୍ତ ଖର୍ଚ୍ଚ ଦାବି ଅନୁମୋଦନ ହେବ। ଆସନ୍ତା ଡିସେମ୍ବର ୧୯ ତାରିଖରେ ଶୀତକାଳୀନ ଅଧିବେଶନ ଶେଷ ହେବ।




# ଲୁହାପଥର ଗୁଣ୍ଡ ଷ୍ଟକ୍‌ୟାର୍ଡରୁ ଅଚିହ୍ନା ମୃତଦେହ ଉଦ୍ଧାର

**ଯୋଡ଼ା,୮।୧୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ଥାନା ଅଧୀନ ଦେଓଝରଠାରେ ଥିବା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିଃ (ଜେଏସପିଏଲ) କାରଖାନାର ଲୁହାପଥର ଗୁଣ୍ଡ ଷ୍ଟକୟାର୍ଡରୁ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ଶୁକ୍ରବାର ମଧ୍ୟାହ୍ନ ୧୨ଟା ସମୟରେ କାରଖାନାର ୨ନଂ ଲୁହାପଥର ଗୁଣ୍ଡ ଷ୍ଟକ୍‌ୟାର୍ଡରୁ ପେ-ଲୋଡର ମେସିନ୍ ସାହାଯ୍ୟରେ ଲୁହାପଥର ଗୁଣ୍ଡ ଉଠାଯିବା ବେଳେ ଏହି ମୃତଦେହ ସେଥିରେ ପୋତି ହୋଇରହିଥିବା ମେସିନ୍ ଅପରେଟର ଦେଖିବାକୁ ପାଇଥିଲେ। ଲୁହାପଥର ଗୁଣ୍ଡରେ ମୃତଦେହର ମୁଣ୍ଡ ସମ୍ପୂର୍ଣ୍ଣ ପୋତି ହୋଇ ରହିଥିଲା। କେବଳ ଆଣ୍ଠୁରୁ ଗୋଡ ଯାଏଁ ଆଂଶିକ ଦେଖାଯାଉଥିଲା। ମେସିନ୍ ଅପରେଟର ଏ ସମ୍ପର୍କରେ କମ୍ପାନୀ ଅଧିକାରୀଙ୍କୁ ଜଣାଇବାରୁ ସ୍ଥାନୀୟ ବିଲେଇପଦା ଫାଣ୍ଡିକୁ ସୂଚନା ଦିଆଯାଇଥିଲା। ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ବିଶ୍ୱାଳ ଓ ଯୋଡା ଥାନା ସବ୍‌ଇନ୍ସପେକ୍ଟର ଅନିଲ କୁମାର ସାମଲ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ସନ୍ଧ୍ୟା ପ୍ରାୟ ସାଢେ ୫ଟା ସମୟରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ମୃତଦେହକୁ ଉଦ୍ଧାର କରାଯିବା ବେଳେ ତାଙ୍କ ମୁହଁକୁ ଏକ ଗାମୁଛାରେ ବନ୍ଧାଯିବା ସହ ହାତ ଓ ଗୋଡକୁ ବନ୍ଧା ଯାଇଥିବା ଦେଖିବାକୁ ମିଳିଥିଲା। ମୃତଦେହର କୌଣସି ପରିଚୟ ମିଳିପାରି ନାହିଁ ବୋଲି ଘଟଣାର ତଦନ୍ତ କରୁଥିବା ସବଇନ୍ସପେକ୍ଟର ସାମଲ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିଃ କମ୍ପାନୀର ମାନବ ସମ୍ବଳ ଉପମୁଖ୍ୟ ଶଶାଙ୍କ ଶେଖର ପଟ୍ଟନାୟକ କହିଛନ୍ତି, ବିଭିନ୍ନ ଖଣିରୁ ଲୁହାପଥର ଗୁଣ୍ଡ ଟ୍ରକରେ ପରିବହନ ହୋଇ କାରଖାନାକୁ ଆସି ଷ୍ଟକୟାର୍ଡରେ ଗଚ୍ଛିତ ରହିଥାଏ। ପରିବହନ ସମୟରେ କୌଣସି ଏକ ଟ୍ରକରେ ମୃତଦେହ ବୋଝେଇ ହୋଇ ବାହାର ଅଞ୍ଚଳରୁ ଏଠାକୁ ଆସି ଥାଇପାରେ। ତଦନ୍ତ ପରେ ଘଟଣା ପଦାକୁ ଆସିବ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ନମନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ଦିବ୍ୟା ଦେବଶ୍ରୀ ପାତ୍ର


ମିଥିଲେଶ କୁମାର ମଣ୍ଡଳ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

**ପ୍ରଥମ ପୃଷ୍ଠାରୁ...**

## ବୁଲ୍‌ବୁଲ୍: ଛାରଖାର...

ବାତ୍ୟା ପ୍ରସ୍ତୁତି ନେଇ ନିୟମିତ ଯୋଗାଯୋଗ କରୁଛନ୍ତି। ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ବୁଲ୍‌ବୁଲ୍‌ର ଗତିବିଧି ଉପରେ କେନ୍ଦ୍ର ସରକାରଙ୍କର ମଧ ନଜର ରହିଛି। ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭକରି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ, କେନ୍ଦ୍ର କ୍ୟାବିନେଟ ସଚିବ ରାଜ୍ୟ ସରକାରଙ୍କ ସହିତ ନିୟମିତ ବ୍ୟବଧାନରେ ବାତ୍ୟା ପ୍ରସ୍ତୁତି ନେଇ ସମୀକ୍ଷା କରୁଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ନୂଆଦିଲ୍ଲୀଠାରେ କେନ୍ଦ୍ର କ୍ୟାବିନେଟ ସଚିବ ରାଜୀବ ଗୌବାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜାତୀୟ ଆପତ୍ ପରିଚାଳନା କମିଟି(ଏନ୍‌ସିଏମ୍‌ସି) ବୈଠକରେ ବାତ୍ୟା ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା। ଏଥିସହିତ କ୍ୟାବିନେଟ ସଚିବ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ସହିତ ଭିଡିଓ କନ୍‌ଫରେନ୍ସି ଜରିଆରେ ଆଲୋଚନା କରିଛନ୍ତି। ବୈଠକ ଶେଷରେ ଗଣମାଧମକୁ ସୂଚନା ଦେଇ ଏସ୍‌ଆର୍‌ସି କହିଛନ୍ତି ଯେ, ବୁଲ୍‌ବୁଲର ପ୍ରଭାବ ଓଡ଼ିଶା ଉପରେ ଅଧିକ ନ ଥିଲେ ମଧ ଉପକୂଳବର୍ତ୍ତୀ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବା ସହ ଘଣ୍ଟା ପ୍ରତି ୬୦ରୁ ୯୦ କିମି ବେଗରେ ପବନ ବହିବ। ରାଜ୍ୟର ସମସ୍ତ ମତ୍ସ୍ୟଜୀବୀ ସୁରକ୍ଷିତ ସ୍ଥାନରେ ରହିଛନ୍ତି। ତେବେ ପଶ୍ଚିମବଙ୍ଗର ୫୦ ଜଣ ମତ୍ସ୍ୟଜୀବୀ ଧାମରା ପହଞ୍ଚିବେ ବୋଲି ପଶ୍ଚିମବଙ୍ଗ ସରକାର ଜଣାଇଛନ୍ତି। ସେମାନଙ୍କୁ ସୁରକ୍ଷିତ ରଖିବା ପାଇଁ ପ୍ରତିଶ୍ରୁତି ଦିଆଯାଇଛି ବୋଲି ଏସ୍‌ଆର୍‌ସି କହିଛନ୍ତି। ବାଲେଶ୍ୱର ତଳସାରୀ ସମୁଦ୍ର କୂଳକୁ ପର୍ଯ୍ୟଟକ ଯେପରି ନ ଯିବେ ସେ ନେଇ ପଦକ୍ଷେପ ଗ୍ରହଣ କରିବା ଲାଗି ଜିଲାପାଳଙ୍କୁ କୁହାଯାଇଛି। ପ୍ରଭାବିତ ଆଶଙ୍କା ଥିବା ୬ ଜିଲାରେ ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଟିମ୍ ଏବଂ ଅଗ୍ନିଶମ ବାହିନୀକୁ ମୁତୟନ କରାଯାଇଛି। ବାତ୍ୟା ପ୍ରସ୍ତୁତି ସମ୍ପର୍କରେ କ୍ୟାବିନେଟ ସଚିବଙ୍କୁ ଅବଗତ କରାଯାଇଛି। ବାତ୍ୟା ପରବର୍ତ୍ତୀ ସମୟରେ ଟେଲି ଯୋଗାଯୋଗ ସେବା ପ୍ରଭାବିତ ହେଲେ ଟେଲିଫୋନ୍ କମ୍ପାନୀଗୁଡ଼ିକୁ ତୁରନ୍ତ ପୁନରୁଦ୍ଧାର କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେବାକୁ କ୍ୟାବିନେଟ ସଚିବ ପ୍ରତିଶ୍ରୁତି କହିଛନ୍ତି। ବାତ୍ୟା ପ୍ରଭାବରେ ଶୁକ୍ରବାର ଦିନତମାମ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ପୁରୀ, ଭଦ୍ରକ, ବାଲେଶ୍ୱର ଏବଂ ଯାଜପୁର ଜିଲାରେ ହାଲକା ପବନ ସହିତ ବର୍ଷା ଲାଗି ରହିଛି। ସମୁଦ୍ର କୂଳରେ ପବନର ବେଗ ୩୦ରୁ ୪୦ କି.ମି. ରହିଥିବାବେଳେ କେତେକ ସ୍ଥାନରେ ତୁହାକୁ ତୁହା ବର୍ଷା ହେଉଥିବା ସୂଚନା ମିଳିଛି। ବାତ୍ୟା ପାଇଁ ରାଜ୍ୟ ସରକାର ପୂରା ପ୍ରସ୍ତୁତ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

## ଇସ୍ତଫା ଦେଲେ...

ସରକାର ଗଠନ ନେଇ ଚାଲିଥିବା ଅଚଳାବସ୍ଥା ପାଇଁ ଶିବସେନାକୁ ଦୋଷ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ପଦ ଶିବସେନା ସହ ଅଢ଼େଇ ବର୍ଷ ଧରି ପାଳିକରି ଭାଗ କରିବା ନେଇ ପୂର୍ବରୁ ନିଷ୍ପତ୍ତି ହୋଇ ନ ଥିଲା। ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ୍ ଶାହ କିମ୍ବା ବରିଷ୍ଠ ନେତା ନୀତିନ ଗଡ଼କରୀ ମଧ ଏ ସମ୍ପର୍କରେ କେବେ ନିଷ୍ପତ୍ତି ନେଇ ନ ଥିଲେ। ଅଚଳାବସ୍ଥା ଦୂର କରିବା ଲାଗି ସେ ବ୍ୟକ୍ତିଗତ ଭାବେ ଶିବସେନା ଅଧକ୍ଷ ଉଦ୍ଧବ ଠାକ୍‌ରେଙ୍କୁ ଫୋନ୍ କରିଥିଲେ। କିନ୍ତୁ ଉଦ୍ଧବ ଫୋନ୍ ଧରି ନ ଥିଲେ। ସହଯୋଗୀ ଦଳ ଭାଜପାକୁ ଛାଡ଼ି କଂଗ୍ରେସ ଓ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ସହ ଆଲୋଚନା କରିଛି। ନିର୍ବାଚନ ଫଳାଫଳ ଆସିବା ଦିନ ସରକାର ଗଠନ ପାଇଁ ସବୁ ବିକଳ୍ପ ଖୋଲା ଅଛି ବୋଲି ଉଦ୍ଧବ କହିଥିଲେ, ଯାହାକି ଆମକୁ ଓ ଲୋକଙ୍କୁ ଚକିତ କରିଥିଲା। ଉଦ୍ଧବ ଏପରି କାହିଁକି କହିଥିଲେ ବୋଲି ଫଡ୍‌ନବିସ ପ୍ରଶ୍ନ କରିଛନ୍ତି। ପ୍ରକାଶ ଯେ, ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଅକ୍ଟୋବର ୨୧ରେ ହୋଇଥିଲା। ଏହାର ଫଳାଫଳ ୨୪ ତାରିଖରେ ପ୍ରକାଶ ପାଇଥିଲେ ହେଁ ସରକାର ଗଠନ ପାଇଁ ଅଦ୍ୟାବଧି କୌଣସି ଦଳ କିମ୍ବା ମେଣ୍ଟ ରାଜ୍ୟପାଳଙ୍କ ନିକଟରେ ଦାବି ଜଣାଇନାହାଁନ୍ତି। ପ୍ରଥମ ଅଢ଼େଇ ବର୍ଷ ମୁଖ୍ୟମନ୍ତ୍ରୀ ପଦ ନିଜ ପାଖରେ ରଖିବାକୁ ଶିବସେନା ଚାହୁଁଛି, ଯାହାକୁ ଭାଜପା ପୂର୍ବରୁ ପ୍ରତ୍ୟାଖ୍ୟାନ କରିସାରିଛି। ଭାଜପାକୁ ୧୦୫ ଓ ଶିବସେନାକୁ ୫୬ ଆସନରେ ସଫଳତା ମିଳିଥିବାବେଳେ ଏନ୍‌ସିପି ୫୪ ଏବଂ କଂଗ୍ରେସ ପ୍ରାର୍ଥୀ ୪୪ ଆସନରେ ବିଜୟୀ ହୋଇଛନ୍ତି। ବିଧାନସଭା କାର୍ଯ୍ୟକାଳ ଶୁକ୍ରବାର ରାତିରେ ଶେଷ ହେବାକୁ ଥିବାବେଳେ ଗୁରୁବାରଠାରୁ ବାନ୍ଦ୍ରାର ଏକ ହୋଟେଲରେ ଶିବସେନାର ସମସ୍ତ ବିଧାୟକଙ୍କୁ ରଖାଯାଇଛି। ଏପରି ସ୍ଥଳେ ନିର୍ଦ୍ଧାରିତ ସମୟ ମଧରେ ସରକାର ଗଠନ ହୋଇ ନ ପାରିବା ଯୋଗୁ ମହାରାଷ୍ଟ୍ରରେ ରାଜନୈତିକ ସଙ୍କଟ ସୃଷ୍ଟି ହୋଇଛି।

## ଏୟାର ଇଣ୍ଡିଆ ...

କର୍ମଚାରୀମାନେ କହିଥିଲେ। ଅନ୍ୟପକ୍ଷରେ ପୂର୍ବରୁ ରାୟପୁର ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯାଇ ଆମ୍ବୁଲାନ୍ସ, ଅଗ୍ନିଶମ ଗାଡ଼ି ସବୁ ପ୍ରସ୍ତୁତ ରଖାଯାଇଥିଲା। ବିମାନ ଅବତରଣ କରିବା ମାତ୍ରେ ଏମର୍ଜେନ୍ସି ଦରଜା ଦେଇ ଯାତ୍ରୀମାନଙ୍କୁ ବାହାରକୁ ଅଣାଯାଇଥିଲା। ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ହୋତା କହିଛନ୍ତି, ବିମାନ ବାମପଟ ଇଞ୍ଜିନରେ ନିଆଁ ଲାଗିଯିବାରୁ ସନ୍ଧ୍ୟା ୫.୫୭ରେ ରାୟପୁର ଏୟାର ପୋର୍ଟରେ ବିମାନକୁ ଜରୁରୀ ଅବତରଣ କରାଯାଇଥିଲା। ସେଥିରେ ଯାତ୍ରା କରୁଥିବା ସମସ୍ତ ୮୯ଜଣ ଯାତ୍ରୀ ସୁରକ୍ଷିତ ଅଛନ୍ତି।

## ମୋବାଇଲ ଟାୱାର...

ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଟଙ୍କା ପ୍ରଦାନ କରିଥିଲେ। ଏହାର କିଛିଦିନ ପରେ କୋଲକାତାରୁ ଅନ୍ୟ ଏକ ଫୋନ କଲ ଆସିଥିଲା। ପୂର୍ଣ୍ଣେନ୍ଦୁଙ୍କୁ ପୁଣିଥରେ ୫୬ ହଜାର ଟଙ୍କା ମଗାଯାଇଥିଲା। ପୂର୍ଣ୍ଣେନ୍ଦୁ ଦାବି କରାଯାଇଥିବା ଟଙ୍କା ସେହି ବ୍ୟକ୍ତି ପ୍ରଦାନ କରିଥିବା ବ୍ୟାଙ୍କ ଆକାଉଣ୍ଟରେ ପ୍ରଦାନ କରିଥିଲେ। ଏହାର କିଛିଦିନ ପରେ କୋଲକାତାରୁ କମ୍ପାନର ଟାୱାର ଚିଫ୍ ମ୍ୟାନେଜର ଭାବେ ପରିଚୟ ଦେଇ ପୂର୍ଣ୍ଣେନ୍ଦୁଙ୍କ ସହ ଜଣେ ବ୍ୟକ୍ତି ଫୋନରେ କଥା ହୋଇଥିଲେ। ଏହାସହ ତାଙ୍କୁ ୨ ଲକ୍ଷ ୨୪ ହଜାର ଟଙ୍କା ପଠାଇବାକୁ କହିଥିଲେ। ପୂର୍ଣ୍ଣେନ୍ଦୁ ଉକ୍ତ ବ୍ୟକ୍ତିଙ୍କ ଆକାଉଣ୍ଟରେ ସେହି ଟଙ୍କା ଜମା କରିଥିଲେ। ଗତ ମାର୍ଚ୍ଚ ୩ ତାରିଖ ଦିନ ପୂର୍ଣ୍ଣେନ୍ଦୁଙ୍କ ପାଖକୁ ଏକ କୋରିୟର ଆସିଥିଲା। ସେହି କୋରିୟରକୁ ଦେଖି ପୂର୍ଣ୍ଣେନ୍ଦୁଙ୍କ ସନ୍ଦେହ ହୋଇଥିଲା । ଏହାପରେ ସେ ରାଉରକେଲାରେ ଥିବା ନିର୍ଦ୍ଦିଷ୍ଟ ଏକ ମୋବାଇଲ କମ୍ପାନୀ କାର୍ଯ୍ୟାଳୟକୁ ଯାଇ ଅଧିକାରୀଙ୍କୁ ଏ ସଂକ୍ରାନ୍ତରେ ପଚରାଉଚୁରା କରିଥିଲେ। ଏବେ ରାଉରକେଲାରେ କମ୍ପାନୀର କୌଣସି ଟାୱାର ନିର୍ମାଣ କରାଯିବାର ନାହିଁ, ଯଦିବା ଦରକାର ପଡେ ସେଥିପାଇଁ ଟଙ୍କା ଦେବାର ଆବଶ୍ୟକତା ନାହିଁ ବୋଲି ଅଧିକାରୀ ଜଣକ ପୂର୍ଣ୍ଣେନ୍ଦୁଙ୍କୁ କହିଥିଲେ। ଫଳରେ ପୂର୍ଣ୍ଣେନ୍ଦୁ ଠକାମିର ଶିକାର ହୋଇଥିବା ଜାଣି ପାରି ମାର୍ଚ୍ଚ ୨୬ ତାରିଖରେ ସାଇବର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ ହେବା ସହ ସେରୋଫିନା ଖେସ ଏହାର ତଦନ୍ତ ଦାୟିତ୍ୱ ଗ୍ରହଣ କରିଥିଲେ। ଦୀର୍ଘ ୬ମାସ ତଦନ୍ତ ପରେ ଏହି ଜାଲିଆତି ଘଟଣାରେ ସମ୍ପୃକ୍ତ ଥିବା ୫ଜଣଙ୍କୁ ଗତ ୫ ତାରିଖ ଦିନ କୋଲକାତାରୁ ଗିରଫ କରାଯାଇଥିବା ଏସ୍‌ପି କହିଛନ୍ତି।

## ଜଷ୍ଟିସ୍ ଅକ୍ଷୟ ରଥଙ୍କୁ ବିଦାୟ ସମ୍ବର୍ଦ୍ଧନା

କଟକ ଅଫିସ, ୮।୧୧

ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଡ. ଅକ୍ଷୟ ରଥଙ୍କୁ ଶୁକ୍ରବାର ଫୁଲ୍ କୋର୍ଟ ରେଫରେନ୍ସରେ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏ ନେଇ ହାଇକୋର୍ଟରେ ଅପରାହ୍ନ ୩ଟା ୧୫ ମିନିଟ୍‌ରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ବିଚାରପତିଙ୍କ ସମେତ ହାଇକୋର୍ଟର ସମସ୍ତ ବିଚାରପତି, ବରିଷ୍ଠ ଆଇନଜୀବୀ ଯୋଗଦେଇ ରଥଙ୍କ ସୁସ୍ଥଜୀବନ କାମନା କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** — କାମରେ ସଫଳତା, ବନ୍ଧୁଙ୍କ ସହୃଦୟତା ଓ ପାରିବାରିକ ସ୍ଥିରତାରୁ ମାନସିକ ଶାନ୍ତି ପାଇବେ। ବନ୍ଧୁଙ୍କ ସହ ସାୟଂକାଳୀନ ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ। ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସନୀୟ କାମ କରି ବୁଦ୍ଧିଜୀବୀମାନଙ୍କ ଦୃଷ୍ଟି ଆକର୍ଷଣ କରିବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ, ପରିବହନରେ ସଫଳତା ମିଳିବ।

**ବୃଷ** — ଯୋଜନା ଗଡ୍‌ବଡ୍ ହୋଇଯାଇଥିବାରୁ ମନଟା ଗୋଳମାଳିଆ ରହିବାର ସୂଚନା ରହିଛି। ଆଜି କୌଣସି କଥାକୁ ଭଲରୂପେ ନ ବୁଝି ନ ଶୁଝି ପରିବାର ସଦସ୍ୟଙ୍କ ଉପରେ ବିରକ୍ତି ପ୍ରକାଶ କରିବା ଠିକ୍ ହେବନାହିଁ। ପାରିବାରିକ କ୍ଷେତ୍ରରେ ଖର୍ଚ୍ଚଭାର ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ସ୍ୱାସ୍ଥ୍ୟହାନି କାରଣରୁ ପ୍ରତ୍ୟେକ କାମରେ ପଛୁଆ ରହିବେ।

**ମିଥୁନ** — କର୍ମଜଞ୍ଜାଳର ବ୍ୟାପକ ପରିସର ବୃଦ୍ଧି ଜନିତ ପାରିବାରିକ ଶାନ୍ତି ଓ ସୁସ୍ଥତା ସାମାନ୍ୟ ବ୍ୟତିକ୍ରମ ଭିତରେ କଟିବ। ପିଲାଙ୍କ ରୁଗ୍ଣ ସ୍ୱାସ୍ଥ୍ୟ ଓ ନିମ୍ନ ମାନର ଶିକ୍ଷାକୁ ନେଇ ଚିନ୍ତିତ ରହିବେ। କଚେରି ମାମଲା କିମ୍ବା ଜମିଜମା ସମସ୍ୟା ସମାଧାନ ହେବାରେ ବିଶେଷ ଡେରି ହେବ ନାହିଁ। ଯେଉଁ କାମରେ ହାତ ଦେଇଛନ୍ତି ସେଥିରେ ଅର୍ଥ ଓ ସମ୍ମାନର ଅଭାବ ରହିବ ନାହିଁ।

**କର୍କଟ** — ଆପଣଙ୍କ କଥାକୁ ଅନ୍ୟମାନେ କଦର୍ଥ କରିପାରନ୍ତି। ସନ୍ତାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ସହ କର୍ମକ୍ଷେତ୍ରର ମତାନ୍ତର ଆଜିର ଦୁଶ୍ଚିନ୍ତାର କାରଣ ହୋଇପାରେ। ପରିସ୍ଥିତିବଶତଃ ଇଚ୍ଛା ନ ଥାଇ ମଧ କେତେକ କାମ କରିବାକୁ ବାଧ୍ୟ ହେବେ। ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ। ବନ୍ଧୁମେଳରେ ଆଦର, ଅଭ୍ୟର୍ଥନା ଓ ସଦିଚ୍ଛା ମିଳିବ।

**ସିଂହ** — କାମଗୁଡିକ ସମସ୍ୟା ଓ ପ୍ରତିବନ୍ଧକ ମଧରେ ଅଟକି ରହିବା ହେତୁ ମନସ୍ତାପ କରିପାରନ୍ତି। ବନ୍ଧୁ ଓ ସହକର୍ମୀମାନଙ୍କ ଅବହେଳା ଓ ଖାମଖିଆଲ ନୀତି ଏହାର ମୁଖ୍ୟ କାରଣ ହେବ। ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ବାଣିଜ୍ୟ, ବ୍ୟବସାୟ ବାଧାପ୍ରାପ୍ତ ହେବନାହିଁ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

**କନ୍ୟା** — ମନରେ ଚଞ୍ଚଳତା ସୃଷ୍ଟି ହେଲେ ମଧ ଯାତ୍ରା ଓ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ରହିବ। ବିଶେଷ ଖର୍ଚ୍ଚାନ୍ତ ଯୋଗ ରହିଛି, ଅବଶ୍ୟ କୌଣସି ଦ୍ରବ୍ୟକ୍ରୟ ପାଇଁ ହୋଇପାରେ। କର୍ମକ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। କୌଶଳପୂର୍ଣ୍ଣ କଥା କହି ଶତ୍ରୁଠାରୁ ମଧ କାମ ହାସଲ କରିନେବେ।

**ତୁଳା** — ଯାତ୍ରା, ବିବାଦ, ଗୃହାରମ୍ଭ ପ୍ରଭୃତିରେ ସମସ୍ୟା ଜନିତ ସ୍ଥିରତା ରହି ନ ପାରେ। ସଭାସମିତି ଓ ସଙ୍ଗଠନ, କଳା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବେ। ପାରିବାରିକ ଜୀବନରେ ଉତ୍ଥାନ ପତନ ଲାଗି ରହିବ, ଅବଶ୍ୟ କିଛି ଗୁରୁତର ହେବନାହିଁ। ବାଣିଜ୍ୟ, ବ୍ୟବସାୟ, ମନୋରଞ୍ଜନ, କ୍ରୀଡ଼ା ପ୍ରତିଯୋଗିତା କ୍ଷେତ୍ରରେ ସମ୍ମାନ ପାଇ ଖୁସୀ ହେବେ।

**ବିଛା** — ମିତ୍ରମାନଙ୍କ ସହଯୋଗ ସଙ୍ଗକୁ ପାରିବାରିକ ଶାନ୍ତି ଓ ସଦ୍‌ଭାବରୁ ମାନସିକ ଶାନ୍ତି ପାଇବେ। ମାଙ୍ଗଳିକ କାମ ସକାଶେ ଆଲୋଚନା କରିପାରନ୍ତି। ଜମିଜମା ବିବାଦ କିମ୍ବା ଆରକ୍ଷୀ ସମ୍ବନ୍ଧିତ ସମସ୍ୟାର ସରଳ ସମାଧାନ ଆଶା କରାଯାଇପାରେ। ଅର୍ଥ ପ୍ରାପ୍ତିରେ ବାଧା ସୃଷ୍ଟିର ଆଶଙ୍କା ରହିଛି। ବ୍ୟବସାୟ, ପରିବହନ, ସାମ୍ବାଦିକତା ପାଇଁ ଅସୁବିଧା ହେବନାହିଁ।

**ଧନୁ** — ଦୈହିକ ସୁସ୍ଥତା ସଙ୍ଗକୁ ବନ୍ଧୁମାନଙ୍କ ସହଯୋଗ କାର୍ଯ୍ୟସାଧନ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବ। ପାଇବାର ହକ୍ ରହିଥିଲେ ସୁଦ୍ଧା ଅନ୍ୟମାନଙ୍କ ଅବହେଳାରୁ ତାହା ନ ପାଇ ବ୍ୟସ୍ତତା ପ୍ରକାଶ କରିପାରନ୍ତି। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ ପଦକ୍ଷେପ ନେଲେ ସଫଳ ହେବେ। ପିଲାମାନଙ୍କ କାର୍ଯ୍ୟକଳାପକୁ ନାପସନ୍ଦ କରିପାରନ୍ତି।

**ମକର** — ପୂର୍ବରେ ସ୍ଥିତି ବଦଳି ଯାଇଥିବାରୁ ମନ ଏକପ୍ରକାର ହାଲୁକା ରହିବ। କିନ୍ତୁ ବନ୍ଧୁ, ଆତ୍ମୀୟସ୍ୱଜନଙ୍କ ସ୍ୱାସ୍ଥ୍ୟହାନି ଜନିତ ସାମୟିକ ମନସ୍ତାପ କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ ଓ ମନୋରଞ୍ଜନର ମଉକା ପାଇପାରନ୍ତି। ବିଭିନ୍ନ କ୍ଷେତ୍ରରେ ସୁଯୋଗ ଲାଭକରି କାର୍ଯ୍ୟ ସମ୍ପନ୍ନ କରିପାରିବେ। ପୁରାତନ ରୋଗ ଓ ପୁରୁଣାବାକି ଟଙ୍କା ପରିଶୋଧର ଚିନ୍ତା କରିପାରନ୍ତି।

**କୁମ୍ଭ** — ଛୋଟଛୋଟ କଥାକୁ କେନ୍ଦ୍ରକରି ଅଯଥା ଆଲୋଚନାର ନିର୍ଯ୍ୟାସ ଅଶାନ୍ତ ପରିସ୍ଥିତି ସୃଷ୍ଟି କରିପାରେ। ଅଳସୁଆମି ଓ କାଳକ୍ଷେପଣ ନୀତି ସକାଶେ କେତେକ କାମ ଅଧୁରା ରହିଯାଇପାରେ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କଲେ ଭଲ ହେବ। ସହକର୍ମୀଙ୍କ ସହଯୋଗ ମନୋବୃତ୍ତି କାମକୁ ତ୍ୱରାନ୍ୱିତ କରିବ।

**ମୀନ** — ପରିବାରର ସମସ୍ୟାକୁ ନେଇ ପାରସ୍ପରିକ ଦୋଷାରୋପ ଅଶାନ୍ତିକୁ ବୃଦ୍ଧି କରିପାରେ। ପୂର୍ବଶତ୍ରୁତା, ସ୍ଥଗିତ କାର୍ଯ୍ୟ ଓ ବନ୍ଧୁ ମତାନ୍ତର ମୁଖ୍ୟ ସମସ୍ୟା ହୋଇପାରେ। ତଥାପି ବ୍ୟବସାୟିକ ସଫଳତା, ସଭାସମିତିରେ ସଫଳତା ହାସଲ କରିବେ। ଆଜିର ଯାତ୍ରା, ଅର୍ଥ ସମ୍ବନ୍ଧୀୟ କଥାବାର୍ତ୍ତା ଓ ସରକାରୀ କାମରେ ନିୟୋଜିତ ହୋଇପାରନ୍ତି।

ଆଜି କାର୍ତ୍ତିକ ଶୁକ୍ଲପକ୍ଷ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ଶନିବାର, ନଭେମ୍ବର ୯ ତାରିଖ, ତୁଳସୀ ବିବାହ, ଶ୍ରୀମନ୍ଦିରରେ ବାଙ୍କଚୂଡା ବେଶ, ଜାତୀୟ ଆଇନସେବା ଦିବସ, ରାଶି/ନକ୍ଷତ୍ର– ଉତ୍ତରଭାଦ୍ର ଦିବା ଘ.୨।୫୬ମି. ଗତେ ରେବତୀ/ମୀନ, ଧନୁ ରାଶିର ଘାତବାର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୭।୨୫ମି. ଗତେ ଘ.୯।୩୯ମି. ମଧ୍ୟେ, ଘ.୧୧।୫୩ ଗତେ ଘ.୨।୫୧ମି. ମଧ୍ୟେ ଅମୃତ ବେଳା। ଦିବା ଘ.୮।୪୩ମି. ଗତେ ଘ.୧୦।୦୭ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

**Gharabari boundary plot Infocity-2 near 200ft. road side. Direct owner- 8144391451.** D-68403

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲଓ୍ୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-68416

**ଭୁବନେଶ୍ୱର Airport ଠାରୁ 5K.M ଦୂରତାରେ ସୁନ୍ଦରପଦାରେ ବାସୋପଯୋଗୀ ପ୍ଲଟ୍ Possession ସହ ମିଳୁଛି। 9040008777.** D-68414

Plot for sale near infosys-2 Road side ଘରବାରି ପାଚେରି, ପାଣି ଓ Electricity ସୁବିଧା ସହିତ and କଟକ, ଭୁବନେଶ୍ୱର NH-5 ଠାରୁ ଏକ କିଲୋମିଟର ଭିତରେ ଘରବାରି plot ମିଳୁଅଛି। 9438101895, 8917527255. D-15070

To sell Running Bakery at Pahala (Bhubaneswar) with goog turnover. Contact: 9178778888. D-63220

**Gated community plot sale in Uttara Sqft.650/-, 2/3BHK flat available Hanspal, GGP Colony, Patia, Khandagiri. 8763886496, 8763887357.** D-68422

**ଭୁବନେଶ୍ୱର ବାଲିଅନ୍ତାରେ Ready to move Duplex, Tamandoରେ yellowzone plot କିଣନ୍ତୁ। 9348767829.** D-68412

**Bhubaneswar Pitapalli NH ପାଖରେ BDA plot 30' ରାସ୍ତାଥାଇ ମିଳୁଅଛି। 8249779595.** D-68420

Ready to move 2BHK/ 4BHK flat near Hotel Mayfair, Jaydev Vihar, Price Rs.5800/- per sqft. & triplex and duplex at Rangabazar near BJEM English Medium School-II. Price start Rs.47 lakhs. Contact: 9040046767, 9040007267. D-68152

**2400sqft GA plot immediately sale at Bharatpur (Sum Hospital) Bhubaneswar, only buyer directly contact Deepak- 9937329999.** D-68025

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68155

**3800sqft GA plot immediately sale at Surya nagar, Bhubaneswar, only buyer directly contact Deepak- 9937329999.** D-68024

**Do you want a land in Bhubaneswar, Sundarpada near Xavier University at Lowprice? Litigation free land, first possession then registration. 8847851850.** D-68413

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-15140

**ଭୁବନେଶ୍ୱର ପିତାପଲ୍ଲି Biswas +2 Science College backsideରେ Yellowzone ପ୍ଲଟ୍ ମିଳୁଅଛି। 8594954102.** D-68419

"Plot near Gita College 2400sqft. new 100' to Infosys Road". Contact: 8072428923. D-15089

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-15139




**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-15138




3store building for rent cum sale 1/2/3BHK available for family, bachelor Dhauli, Bhubaneswar. 9337730923. D-15091

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Rejuvenate and ayurvedic full body massage by smart therapist. 9114402304. D-68145

Newly open full body massage by ladies, gents therapist. 8018656899 D-60847

Ayurvedic full body massage by ladies, gents therapist. 7008773793 D-60848

Ayurvedic herbal body massage trend therapist Mob: 8018246332. D-66993

Full body herbal massage with refreshment expert therapist. 7381239385, 06742540855. D-68158

Experience full body massage with us (expert). Call: 7377048581, 06742597822. D-68159

Herbal full body massage by smart / expert therapist. Contact: 8338067247. D-68160

Summer special mesmerizing offer expert therapeutic refreshing massage appointment. 9668374480. D-68161

Ayurvedic full body massage ladies/ gents smart experts therapist: 8480939300. D-66994

KAJAL Ayurvedic massage club fully relaxed by smart lady home service available- 9937637219. D-66995

Monalisa Massage Club: All types body massage with hiprofile smart lady rooms service available- 9708545108. D-15137

Refresh your mind and soul with best therapy at Orchid Salon/Spa. 9937287222. D-66998

**BUSINESS**

Part time business start କରନ୍ତୁ। Monthly:- 5,000/- 15,000/- କମାନ୍ତୁ। Mob: 9777434078. D-15040

**ASTROLOGY**

ବଶୀକରଣ, ପ୍ରେମବିବାହ, ବେପାରବୃଦ୍ଧି, ପତିପତ୍ନୀ ମନାନ୍ତର ଇତ୍ୟାଦିର ସମାଧାନ ମାତ୍ର ୧୬୫୦ ଟଙ୍କାରେ ଯୋଗାଯୋଗ କରନ୍ତୁ। 8427156678. D-59941


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଭଗବାନଙ୍କ ଦୃଷ୍ଟିରେ ଛୋଟ ବୋଲି କିଛି ନାହିଁ। ତୁମ ଦୃଷ୍ଟିରେ ମଧ୍ୟ ସେହିପରି ଛୋଟ ବଡ ଭେଦ ନ ଥାଉ। ଗୋଟିଏ ଶାମୁକା ତିଆରି କଲାବେଳେ ବା ଗୋଟିଏ ସାମ୍ରାଜ୍ୟ ଗଠନ କରିବାରେ ଭଗବାନ ତାଙ୍କର ସମାନ ଦେବଶକ୍ତି ପ୍ରୟୋଗ କରନ୍ତି। ତୁମ ପକ୍ଷରେ ବି, ଜଣେ ଅକ୍ଷମ ଓ ବିଳାସୀ ରାଜା ହେବା ଅପେକ୍ଷା ଗୋଟିଏ ନିପୁଣ ମୋଚି ହେବା ମହତ୍ତର ବ୍ୟାପାର। – ଶ୍ରୀଅରବିନ୍ଦ



# ଡେପୁଟେଶନକୁ ନା



ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଦିନ ଥିଲା ଯେତେବେଳେ ବାବୁମାନେ ଦିଲ୍ଲୀ ଯିବା ପାଇଁ ବ୍ୟଗ୍ର ହେଉଥିଲେ। କିନ୍ତୁ ମୋଦିଙ୍କ ଅମଳରେ କେନ୍ଦ୍ରୀୟ ଡେପୁଟେଶନ ଲାଗି ବାବୁମାନଙ୍କ ଅନାଗ୍ରହ ବଢ଼ିବାରେ ଲାଗିଛି। ବାସ୍ତବରେ ସରକାର ସ୍ୱୀକାର କରିଛନ୍ତି ଯେ, କେନ୍ଦ୍ରରେ ଏବେ ଯେତିକି ଆଇଏଏସ୍ ଅଫିସର ଡେପୁଟେଶନରେ ନିଯୁକ୍ତି ପାଇଛନ୍ତି, ତାହା ଗତ ପାଞ୍ଚବର୍ଷ ଭିତରେ ସବୁଠାରୁ କମ୍। କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି)ର ତଥ୍ୟ ଅନୁସାରେ ସେଣ୍ଟ୍ରାଲ ଷ୍ଟାଫିଂ ସ୍କିମ୍ ଅନୁଯାୟୀ ୨୦୧୮–୧୯ରେ ମାତ୍ର ୧୫୩ ଜଣ ଆଇଏଏସ୍ ଅଫିସର କେନ୍ଦ୍ରରେ ଡେପୁଟେଶନରେ ନିଯୁକ୍ତି ପାଇଛନ୍ତି। ଅଥଚ ଏହି ନିଯୁକ୍ତି ସଂଖ୍ୟା ଗତ ୨୦୧୬–୧୭, ୨୦୧୫–୧୬ ଓ ୨୦୧୪–୧୫ରେ ଥିଲା ଯଥାକ୍ରମେ ୨୪୭, ୩୨୦ ଓ ୩୪୦। ଅର୍ଥାତ୍ ବର୍ଷକୁ ବର୍ଷ ଏହି ନିଯୁକ୍ତି ସଂଖ୍ୟା ହ୍ରାସ ପାଇଚାଲିଛି। ସେଣ୍ଟ୍ରାଲ ଷ୍ଟାଫିଂ ସ୍କିମ୍ ବହୁ ଦଶନ୍ଧି ହେଲା ପ୍ରଚଳିତ ହୋଇଆସୁଛି। ଉପସଚିବ, ନିର୍ଦ୍ଦେଶକ, ଯୁଗ୍ମ ସଚିବ, ଅତିରିକ୍ତ ସଚିବ ଓ ସଚିବ ପାହ୍ୟାରେ କେନ୍ଦ୍ର ସରକାରରେ ନିଯୁକ୍ତି ପାଇଁ ଏହା ହେଉଛି ଏକ ପ୍ରଚଳିତ ବ୍ୟବସ୍ଥା। ଏଥିରେ ନିଯୁକ୍ତି ପାଇଁ ବାବୁମାନଙ୍କୁ ଉତ୍ସାହିତ କରିବା ଲାଗି କେନ୍ଦ୍ର ସରକାର ସମସ୍ତ କ୍ୟାଡର କର୍ତ୍ତୃପକ୍ଷଙ୍କୁ ବର୍ଷକୁ ଦୁଇଥର ଯୋଗ୍ୟ ବାବୁମାନଙ୍କ ନାମ ସୁପାରିସ କରିବା ପାଇଁ ଅନୁରୋଧ କରିଥାନ୍ତି। କିନ୍ତୁ ଆଜିକାଲି କେନ୍ଦ୍ରରେ ଡେପୁଟେଶନରେ ନିଯୁକ୍ତି ଲାଗି ବାବୁମାନେ ଅନିଚ୍ଛା ପ୍ରକାଶ କରୁଥିବା ଦେଖାଯାଉଛି। କାରଣ ମୋଦି ସରକାରଙ୍କ କାର୍ଯ୍ୟ ପଦ୍ଧତି ପାରମ୍ପରିକ ବାବୁ ସଂସ୍କୃତିର ପରିପନ୍ଥୀ।

## ବାବୁଙ୍କ ପୁନର୍ନିଯୁକ୍ତି ନୋହିଲା

ଚାକିରିରୁ ବହିଷ୍କୃତ ହୋଇଥିବା ଆଇଏଏସ୍ ବାବୁ ରାଜେଶ କୁମାର ସିଂ ୧୭ ବର୍ଷ ପରେ ପୁନର୍ନିଯୁକ୍ତି ପାଇଁ ଦାବି କରି ତାଙ୍କ ବହିଷ୍କାରକୁ ରଦ୍ଦ କରାଇବାରେ ବିଫଳ ହୋଇଛନ୍ତି। ପାଞ୍ଚବର୍ଷରୁ ଅଧିକ କାଳ ଅନୁପସ୍ଥିତ ରହିବା କାରଣରୁ ସିଂ ୨୦୦୩ ମସିହାରେ ବରଖାସ୍ତ ହୋଇଥିଲେ। ସେ ୧୯୯୬ରେ ଷ୍ଟଡି ଲିଭ୍‌ରେ ଆମେରିକା ଯାଇଥିଲେ ଓ ଫେରି ନ ଥିଲେ। ପ୍ରାପ୍ତ ସୂଚନା ଅନୁସାରେ, ସିଂ ଆମେରିକାର ଆୟୋୱା ଷ୍ଟେଟ୍ ୟୁନିଭର୍ସିଟିରେ ଅର୍ଥନୀତି ବିଭାଗରେ ପ୍ରଫେସର ଥିଲେ। ସେ ପ୍ରଧାନମନ୍ତ୍ରୀଙ୍କ ଆଗରେ ଏକ ଦରଖାସ୍ତ ଉପସ୍ଥାପନ କରିବା ସହ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ (କ୍ୟାଟ୍)ରେ ତାଙ୍କୁ ଭୁଲ୍‌କ୍ରମେ ବରଖାସ୍ତ କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ପ୍ରଧାନମନ୍ତ୍ରୀ ତାଙ୍କ ପୁନର୍ନିଯୁକ୍ତି ଆବେଦନକୁ ପ୍ରତ୍ୟାଖ୍ୟାନ କରିଥିବା ବେଳେ ଗତମାସରେ କ୍ୟାଟ୍ ମଧ୍ୟ ତାଙ୍କ ଆବେଦନକୁ ଖାରଜ କରିଦେଇ ତାଙ୍କ ବହିଷ୍କାର ଆଦେଶକୁ କାଏମ ରଖିଛନ୍ତି। ସମ୍ପ୍ରତି ମୋଦି ସରକାର ଅପାରଗ ବା ଦୁର୍ନୀତିଗ୍ରସ୍ତ ବାବୁମାନଙ୍କୁ ବାଧ୍ୟତାମୂଳକ ଅବସର ଦେଉଥିବା ବେଳେ ସିଂଙ୍କ କ୍ଷେତ୍ରରେ ଘଟିଥିବା ଘଟଣା କିଛି ଆଶ୍ଚର୍ଯ୍ୟଜନକ ନୁହେଁ। ସିଂଙ୍କ ପ୍ରତି ସମବେଦନାମୂଳକ ମନୋଭାବ ପ୍ରଦର୍ଶନ କରାଯିବାର ସମ୍ଭାବନା ବହୁତ କମ୍ କାରଣ ସେ ଭାରତରେ ନିଜ ଚାକିରି ଅପେକ୍ଷା ଆମେରିକାରେ ବିନା ଅନୁମତିରେ ଅଧିକ ଦୀର୍ଘକାଳ ରହିଥିଲେ।

## ଖାଲିସ୍ଥାନ ପୂରଣରେ ମନ୍ଥରତା

ହିମାଚଳପ୍ରଦେଶ ସରକାର ରାଜ୍ୟ ପ୍ରଶାସନରେ ଖାଲି ରହିଥିବା ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକରେ ନିଯୁକ୍ତିରେ ବିଳମ୍ବ କରିଆସୁଛନ୍ତି। ଦୀର୍ଘ ବିଳମ୍ବ ଆଶାୟୀ ବାବୁମାନଙ୍କୁ ଅଯଥା ଝୁଲେଇ ରଖୁଛି। ବହୁ ପ୍ରତୀକ୍ଷିତ ଘୋଷଣାନାମାଗୁଡ଼ିକ ମଧ୍ୟରେ ଅଛି ରିୟଲ ଇଷ୍ଟେଟ୍ ପ୍ରାଧିକରଣ (ରେରା)ର ପରବର୍ତ୍ତୀ ଅଧ୍ୟକ୍ଷ ପଦ, ଯେଉଁ ପଦରେ ସାଧାରଣତଃ ଅବସରପ୍ରାପ୍ତ ବାବୁମାନେ ନିଯୁକ୍ତି ପାଇଥାନ୍ତି। ରାଜ୍ୟ ସରକାର ମୁଖ୍ୟ ଶାସନ ସଚିବ ଶ୍ରୀକାନ୍ତ ବାଲ୍‌ଡି ଓ ପ୍ରଶାସନର ସଦସ୍ୟ ମନୀଷା ନନ୍ଦଙ୍କ ନାମ ସୁପାରିସ କରିବା ପରେ ରାଜ୍ୟ ପ୍ରଶାସନିକ ଟ୍ରିବ୍ୟୁନାଲକୁ ବାତିଲ କରିଦେଇଛନ୍ତି। ପୁନଶ୍ଚ ରାଜ୍ୟ ସରକାର ହିମାଚଳ ପ୍ରଦେଶ ଲୋକ ସେବା ଆୟୋଗରେ ଖାଲି ଥିବା ପଦଗୁଡ଼ିକୁ ପୂରଣ କରିନାହାନ୍ତି। ସେହିପରି ରାଜ୍ୟ ଖାଦ୍ୟ ଆୟୋଗର ଅଧ୍ୟକ୍ଷ ପଦରେ ନିଯୁକ୍ତିକୁ ସ୍ଥଗିତ ରଖାଯାଇଛି। ପ୍ରାପ୍ତ ସୂଚନା ଅନୁସାରେ ବିଦାୟୀ ମୁଖ୍ୟ ଶାସନ ସଚିବ ଶ୍ରୀକାନ୍ତ ବାଲ୍‌ଡି ରେରାର ମୁଖ୍ୟ ପଦ ପାଇଁ ଦୌଡ଼ରେ ଆଗଧାଡ଼ିରେ ଅଛନ୍ତି, ଯଦିଚ ସରକାର ଏହି ପଦ ପାଇଁ ଏ ପର୍ଯ୍ୟନ୍ତ କୌଣସି ବିଜ୍ଞାପନ ଦେଇନାହାନ୍ତି। କେତେକେ ଭାବୁଛନ୍ତି ଯେ, ବାଲ୍‌ଡିଙ୍କ ଅବସର ପର ଯୋଜନା ସମ୍ବନ୍ଧରେ ଜଣାପଡ଼ିବା ପରେ ପରିସ୍ଥିତି ବଦଳିଯିବ। ଅର୍ଥାତ୍ ବାଲ୍‌ଡି ଆସନ୍ତା ଡିସେମ୍ବର ମାସ ଶେଷ ସୁଦ୍ଧା ଅବସର ନେବାକୁ ଯାଉଥିବା ବେଳେ ସେ ପର୍ଯ୍ୟନ୍ତ ଏହି ଅନିଶ୍ଚିତତା ଜାରି ରହିବ।

Email: dilipcherian@gmail.com

### ଚିରନ୍ତନୀ

ଜନନୀଙ୍କୁ ନ ଦେଖି କାନ୍ଦେ ନନ୍ଦନ
ନ ମାନଇ ଦୁହିତା ପିତା ବଚନ!
ସ୍ୱାମୀ କଥା ନ ଶୁଣେ କୁଳ ରମଣୀ
ସମାଜର ନିୟମ କେହି ନ ଗଣି!

(ବଂଶୀ ଧ୍ୱନି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ବିଲୁପ୍ତ ଚେତନା



ମନ–ମାନଚିତ୍ର

ଡ. ନରହରି ବେହେରା

ସମୟ ଥିଲା, ବୃକ୍ଷ ବେଷ୍ଟନୀ ଭିତରେ ଏ ପୃଥବୀ ସବୁଜ ଦିଶୁଥିଲା। ସେଥିପାଇଁ ପ୍ରାଚୀନ ଆର୍ଯ୍ୟ ଋଷିଗଣ ଶାନ୍ତିପାଠ ବେଳେ ଜଳ, ସ୍ଥଳ, ବନ, ଆକାଶ ପ୍ରଭୃତି ଶାନ୍ତ ହେଉ ପ୍ରାର୍ଥନା କରିସାରିବା ପରେ, ଗାନ କରୁଥିଲେ– ଏ ଶାନ୍ତିକୁ ବାଧା ଦିଅନାହିଁ। ମାତ୍ର ସମୟ ବଦଳିଛି, ଆମେ ସଭ୍ୟ ହେବା ସହିତ ଆର୍ଯ୍ୟ ଋଷିଙ୍କର ଏହି ଉପଦେଶକୁ ବିସ୍ମୃତ ହୋଇଯାଇଛୁ। ଶିଳ୍ପାୟନର ଅଭିବୃଦ୍ଧି, ଜନସଂଖ୍ୟାର ଦ୍ରୁତ ବିକାଶ, ଗାଡ଼ି ମୋଟର ପ୍ରଭୃତିର ବହୁଳ ବ୍ୟବହାର ସହିତ ଗଛବୃକ୍ଷର ହ୍ରାସ କାଳକ୍ରମେ ଏ ଶୀତଳ–ଶ୍ୟାମଳ ପୃଥିବୀକୁ ଉତ୍ତପ୍ତ ଗ୍ରହରେ ପରିଣତ କରିଚାଲିଛି। ଜଳ, ସ୍ଥଳ, ବନ ପ୍ରଭୃତି ଅଶାନ୍ତ ହୋଇଯାଇଛି। ଏହା ପ୍ରଭାବରେ ପାଣିପାଗରେ ଘୋର ପରିବର୍ତ୍ତନ ଘଟିଚାଲିଛି– ଏ କଥା ଆମେ ସବୁ ଜାଣିଛୁ। ପରିଣତି ସ୍ୱରୂପ ଆମେ ସୁନାମି, ମହାବାତ୍ୟା ପରି ଭୟଙ୍କର ପରିସ୍ଥିତିକୁ ସାମ୍ନା କରିସାରିଲୁଣି। କଥା ଏତିକିରେ ଶେଷ ହୋଇନାହିଁ, ବିଶ୍ୱର ତାପ ବୃଦ୍ଧି ହେତୁ ପର୍ବତର ବରଫ ତରଳି ସମୁଦ୍ର ପତ୍ତନ ବୃଦ୍ଧିପାଇବାରୁ ଅନେକ ଉପକୂଳବର୍ତ୍ତୀ ଅଞ୍ଚଳ ସମୁଦ୍ରଗର୍ଭରେ ଲୀନ ହେବାରେ ଲାଗିଛି। ଆକଳନରୁ ଜଣାଯାଇଛି, ୨୯ ବର୍ଷ ଭିତରେ କେବଳ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ୧୫୦ କି.ମି. ସ୍ଥଳଭାଗ ଧୋଇଗଲାଣି। ଅର୍ଥାତ୍ ଆମେ ପ୍ରତିବର୍ଷ ପାଖାପାଖି ପାଞ୍ଚ କି.ମି. ସ୍ଥଳଭାଗ ହରାଉଛୁ।

ଏବେ 'ନେଚର କମ୍ୟୁନିକେଶନ୍ସ' ନାମକ ଏକ ଆନ୍ତର୍ଜାତିକ ପତ୍ରିକାରେ ଯେଉଁ ଭୟଙ୍କର ଚିତ୍ର ପ୍ରକାଶ ପାଇଛି ତା'କୁ ଦେଖିଲେ ମନେହୁଏ, ଏ ପୃଥିବୀ ସତେଯେମିତି ପୁଣି ଜଳମଗ୍ନ ହୋଇଯିବ। ଜୟଦେବଙ୍କର ସେହି 'ପ୍ରଳୟ ପୟୋଧିଜଳେ'ର ପୁନରାବୃତ୍ତି ଘଟିବ। ଏ ପତ୍ରିକାରେ ଆମେରିକୀୟ ଗବେଷକମାନେ କହିଛନ୍ତି, ବର୍ତ୍ତମାନ ସ୍ଥିତି ଯଦି ଗତାନୁଗତିକ ଭାବରେ ଚାଲୁରହେ ତେବେ ୨୦୫୦ ମସିହା ସୁଦ୍ଧା ପୃଥିବୀର ଅନେକ ସହର ଜଳମଗ୍ନ ହୋଇଯିବ। ଏହି ତଥ୍ୟ ଅନୁଯାୟୀ ଉତ୍ତାପ ବୃଦ୍ଧି ହେତୁ ହିମାଳୟ ପରି ବହୁ ହିମଗିରି ସହିତ ଆଣ୍ଟାର୍କଟିକା ମହାଦେଶରେ ବରଫ ତରଳିବା ଯୋଗୁ ସମୁଦ୍ରର ଜଳପତ୍ତନ ତିନିଫୁଟରୁ ସାତଫୁଟ ପର୍ଯ୍ୟନ୍ତ ବଢ଼ିଯିବ। ଏହା ଫଳରେ ଭାରତ, ବାଂଲାଦେଶ, ଚାଇନା, ଭିଏତ୍‌ନାମ, ବ୍ରାଜିଲ୍, ବ୍ରିଟେନ ପରି ଦେଶଗୁଡ଼ିକର ବହୁ ଛୋଟ ଛୋଟ ସହର ସହିତ ମୁମ୍ବାଇ, କୋଲକାତା, ଢାକା, ହଂକଂ, ସାଂଘାଇ ପରି ବହୁତ ବଡ଼ ବଡ଼ ସହର ସମୁଦ୍ରଗର୍ଭରେ ଲୀନ ହୋଇଯିବ। ଏହି ବିବରଣୀ ବର୍ତ୍ତମାନର ସ୍ଥିତିକୁ ଆକଳନ କରାଯାଇ ପ୍ରସ୍ତୁତ ହୋଇଛି। ମାତ୍ର ଆମ ଜନସମାଜର ବେପରୱା ଭାବ ତଥା ଶିଳ୍ପ ଓ ଜନସଂଖ୍ୟା ବୃଦ୍ଧିର ହାର ଏହି ପରିସ୍ଥିତିକୁ ଅଧିକ ସଙ୍ଗିନ କରିଦେଇପାରେ।

ବର୍ତ୍ତମାନ ବୁଦ୍ଧିଜୀବୀର ସହର ବୋଲି ବିବେଚିତ ହେଉଥିବା ଭାରତର ରାଜଧାନୀ ଦିଲ୍ଲୀର ଅବସ୍ଥା ଏମିତି ସାଂଘାତିକ ହୋଇପଡ଼ିଛି ଯେ, ଏଠାରେ ଚାଳିଶ ପ୍ରତିଶତ ଲୋକ ଦିଲ୍ଲୀ ଛାଡ଼ି ଅନ୍ୟତ୍ର ଚାଲିଯିବାକୁ ଉଚିତ ମନେକରୁଛନ୍ତି ବୋଲି ସର୍ଭେରୁ ଜଣାପଡ଼ିଛି। ପ୍ରଦୂଷଣ ଦିଲ୍ଲୀରେ ପ୍ରଥମ ଘଟଣା ନୁହେଁ। ପ୍ରାୟ ପ୍ରତିବର୍ଷ ଦୀପାବଳି ପରେ ଏପରି ପ୍ରଦୂଷଣ ଚରମ ସୀମାରେ ପହଞ୍ଚିଥାଏ। ଏ ବର୍ଷ ସର୍ବାପେକ୍ଷା ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ୬୦୦ ଉପରକୁ ଚାଲିଯାଇଛି। ପାଣିପାଗ ତଥ୍ୟ ଅନୁସାରେ ଏକ୍ୟୁଆଇ ୪୦୧–୫୦୦ ମଧ୍ୟରେ ରହିଲେ ଅତି ଖରାପ ବୋଲି ଧରାଯାଏ। ଏହାଠାରୁ ଏ ବର୍ଷ ଅଧିକ ଏକ୍ୟୁଆଇ ଥିବାରୁ ପରିସ୍ଥିତି କେତେ ଅଣାୟତ୍ତ ହୋଇପଡ଼ିଛି ତାହା ଅନୁମାନ କରାଯାଇପାରେ। ଦିଲ୍ଲୀ ସରକାର ବାଧ୍ୟହୋଇ ସ୍କୁଲ ବନ୍ଦ କରିଛନ୍ତି, ବିମାନ ଚଳାଚଳର ଦିଗ ପରିବର୍ତ୍ତନ କରିଛନ୍ତି ଏବଂ ଅଡ୍–ଇଭିନ୍ (ଗୋଟିଏ ଦିନ ସମ ନମ୍ବର ଓ ଅନ୍ୟ ଦିନରେ ବିଷମ ନମ୍ବର ଥିବା ଗାଡ଼ି ଚଳାଇବା) ନିୟମ ପ୍ରଚଳନ କରିଛନ୍ତି। ଏ ହେଉଛି ଆପତ୍‌କାଳୀନ ବ୍ୟବସ୍ଥା। ମାତ୍ର ଏଥିପାଇଁ ସ୍ଥାୟୀ ବ୍ୟବସ୍ଥା ଆବଶ୍ୟକ।

କେବଳ ଦିଲ୍ଲୀ ନୁହେଁ, ଆମ ଓଡ଼ିଶାର ଅବସ୍ଥା ମଧ୍ୟ ଖୁବ୍ ସଂକଟାପନ୍ନ ହୋଇପଡ଼ିଛି, ଯାହା ଆମ ବିଶ୍ୱାସର ବାହାରେ। ଏବେ ସାରା ଭାରତରେ ୧୦୨ଟି ସହର ପ୍ରଦୂଷିତ ସହର ରୂପେ ବିବେଚିତ ହୋଇଥିବାବେଳେ ତନ୍ମଧ୍ୟରୁ ଓଡ଼ିଶାର ଅନୁଗୋଳ, ବାଲେଶ୍ୱର, ଭୁବନେଶ୍ୱର, କଟକ ଓ ରାଉରକେଲା ସ୍ଥାନ ପାଇଛି। କେବଳ ସେତିକି ନୁହେଁ ୟୁନିଭର୍ସିଟି ଅଫ୍ ଶିକାଗୋର ଟାଟା ସେଣ୍ଟର ଫର୍ ଡେଭ୍‌ଲପମେଣ୍ଟ (ଟିସିଡି) ଓଡ଼ିଶା ବିଷୟରେ ଯେଉଁ ଭୟଙ୍କର ପୂର୍ବାନୁମାନ କରିଛି ତାହା ନିଶ୍ଚିତ ଭାବରେ ଆମକୁ ଶଙ୍କାକୁଳ କରିଦେଇଛି। ଏହି ଗବେଷଣାଧର୍ମୀ ପୂର୍ବାନୁମାନ ଅନୁଯାୟୀ ଏକବିଂଶ ଶତାବ୍ଦୀର ଅନ୍ତିମ ଭାଗରେ ଓଡ଼ିଶା ଗୋଟିଏ ଉତ୍ତପ୍ତ ରାଜ୍ୟରେ ପରିଣତ ହେବ। ଏହି ଉତ୍ତାପ ପ୍ରଭାବରେ ମୃତ୍ୟୁସଂଖ୍ୟା ବୃଦ୍ଧି ହେବା ସହିତ ପ୍ରତିବର୍ଷ ଫାଇଲିନ୍, ହୁଡ୍‌ହୁଡ୍, ଫନୀ ପରି ଅକାଳ ଦୁର୍ବିପାକ ବଢ଼ିଯିବ। ଏହି ଗବେଷଣା ପୂର୍ବ ବର୍ଷଗୁଡ଼ିକର ଉତ୍ତାପ ଏବଂ ଘଟିଥିବା ଘଟଣାକୁ ଆଧାର କରି କରାଯାଇଥିବାରୁ ଏହାର ବାସ୍ତବତା ଉପରେ ଅବିଶ୍ୱାସ କରାଯାଇ ନ ପାରେ।

ଏଠାରେ ପ୍ରଶ୍ନ ଉଠୁଛି, ଆମ ଆଗରେ ଏତେ ଘଟଣା ଘଟୁଥିଲେ ମଧ୍ୟ ଆମେ ଏଥିପାଇଁ କ'ଣ କରିଛୁ? ବାସ୍ତବରେ ଆମେ ସବୁ ଜାଣି ନ ଜାଣିବା ପରି ହିଁ ରହିଯାଇଛୁ। ଆମର ଅହଂକାର, ବଡ଼ ହୋଇ ଦେଖାଇବାର ପ୍ରବୃତ୍ତି ଆମକୁ ଅନ୍ଧ କରିଦେଇଛି। ଆମେ ଚେତନଶୀଳ ହେଲେ ମଧ୍ୟ ଆମ ଚେତନା ଲୋପ ହୋଇଯାଇଛି। ପ୍ରତିବର୍ଷ ଦୀପାବଳି ଦିନ ଭାରତରେ କୋଟି କୋଟି ଟଙ୍କାର ବାଣ ଫୁଟାଯାଉଛି। ଆମେ ସମସ୍ତେ ଜାଣୁ ଏହାର କୁପରିଣାମ। ପ୍ରତିବର୍ଷ ଦୀପାବଳିର ଏକସପ୍ତାହ ପର୍ଯ୍ୟନ୍ତ ଦିଲ୍ଲୀର ପରିସ୍ଥିତି ଅସମ୍ଭାଳ ହୋଇପଡୁଛି। ତଥାପି ଏଠାରେ ବୁଦ୍ଧିଜୀବୀମାନେ ଏଥିରୁ ନିବୃତ୍ତ ହେଉନାହାନ୍ତି। ପରମ୍ପରା ନାଁରେ ଆମେ ସମାଜ ପାଇଁ ଅଭିଶାପ ସୃଷ୍ଟି କରୁଛୁ।

ହାତରେ ଝୁଲାଟିଏ ଧରିଲେ ଆମ ଆତ୍ମସମ୍ମାନରେ ଆଞ୍ଚ ଲାଗୁଛି, ମାତ୍ର ପଲିଥିନ୍‌ରେ ସଉଦା ଆଣିଲେ ଆମେ ସଭ୍ୟ ମଣିଷ ପରି ଲାଗୁଛୁ। ଏ ଭାବନା କାହିଁକି ଆମକୁ ଘାରିଛି, ତାହାର କିଛି କାରଣ ଦେଖାଯାଉ ନାହିଁ। ଏ ପଲିଥିନ୍ ଭସ୍ମାସୁର ହୋଇ ଅଭୂତପୂର୍ବ କ୍ଷତି ଘଟାଉଛି ବୋଲି ଜାଣିଥିଲେ ମଧ୍ୟ ଆମ ଅଭ୍ୟାସ ବଦଳୁନି। ଆମେ ଜାଣିଛୁ ମଣିଷଙ୍କ ସଂଖ୍ୟା ବୃଦ୍ଧି ଘଟୁଥିବାରୁ କୋଠାଘର ସଂଖ୍ୟା ବଢ଼ିବ, ପକ୍କା ରାସ୍ତା ନିର୍ମାଣ ହେବ, ବୃକ୍ଷଚ୍ଛେଦନ ମଧ୍ୟ ହେବ। ଆମେ ଏଗୁଡ଼ିକୁ ବନ୍ଦ କରିପାରିବା ନାହିଁ। କିନ୍ତୁ କ୍ଷଣିକ ଉତ୍ତେଜନାରେ ଆମେ ଯାହା ଭୁଲ୍ କରୁଛୁ ତାକୁ ସଂଶୋଧନ କରିପାରିବା। କୋଟି କୋଟି ଟଙ୍କା ବାଣରୋଶଣିରେ ପୋଡ଼ି ଆମେ ଯେଉଁ ଧ୍ୱଂସଲୀଳା ସୃଷ୍ଟିକରୁଛୁ ତା'କୁ ବଦଳାଇପାରିବା। ଆବଶ୍ୟକତା ପାଇଁ ଆମେ ଗଛ କାଟୁଛୁ, ସେଥିପାଇଁ ବୃକ୍ଷରୋପଣ ଆନ୍ତରିକତା ସହକାରେ କରିପାରିବା। ଆନ୍ତରିକତା ଏଇଥିପାଇଁ କୁହାଯାଉଛି ଯେ, ଉପରଠାଉରିଆ ଭାବରେ ବନ ମହୋତ୍ସବ ପାଳନ କରାଯାଉଛି, ସରକାରୀ ସ୍ତରରେ ବୃକ୍ଷରୋପଣ କରାଯାଉଛି, ମାତ୍ର ଆଖିଦୃଶିଆ କିଛି ସୁଫଳ ମିଳୁନାହିଁ। ଏମିତି ବି ହୋଇପାରନ୍ତା, ଯେଉଁମାନେ ଚାଷଜମିକୁ ଘରବାଡ଼ିରେ ପରିବର୍ତ୍ତନ କରୁଛନ୍ତି, ସେମାନେ ନିଜ ବାଡ଼ିରେ ଅତିକମ୍‌ରେ ଚାରିଟି ବୃକ୍ଷରୋପଣ କରିବାକୁ ସତ୍ୟପାଠ କରିବାକୁ ଆଇନ ହେଉ। ଏଥିରେ ଖିଲାପ କଲେ ସେମାନଙ୍କର ଏ ଅନୁମୋଦନ ଖାରଜ କରାଯିବା ବା ଅନ୍ୟାନ୍ୟ ଦଣ୍ଡବିଧାନର ନିୟମ ରହୁ। କାରଣ ଯେଉଁଠି ବ୍ୟକ୍ତି ବିଶୃଙ୍ଖଳିତ ହୁଏ ସେଇଠି କଠୋର ଆଇନ ହିଁ ମାର୍ଗ ନିର୍ଦ୍ଦେଶକ ହୋଇଥାଏ। ଏ ପୃଥିବୀରେ ଆମେମାନେ ବୁଦ୍ଧିମାନ ପ୍ରାଣୀ ବୋଲି ଗରିମା ପ୍ରଦର୍ଶନ କରୁଛୁ। ମାତ୍ର ଆମର ଚେତନା ଯଦି ବିଲୁପ୍ତ ହୁଏ ପ୍ରକୃତିଠାରୁ ହେଉ କି ଶାସକଙ୍କଠାରୁ ଦଣ୍ଡ ହିଁ ଆମର ପ୍ରାପ୍ୟ ହେବାକଥା। ତେଣୁ କେବଳ ସରକାରଙ୍କ ଆଇନର ଭୟ ନୁହେଁ, ଉତ୍ତରପିଢ଼ିଙ୍କ ଭବିଷ୍ୟତ ପ୍ରତି ଆମର ମଧ୍ୟ ଭୟ ରହିବା ଉଚିତ। ଏପରି ହେଉ, ଆମର ମିଥ୍ୟା ଅହମିକା, କ୍ଷଣିକ ଆନନ୍ଦବୋଧର ପ୍ରମତ୍ତତା ଆମ ସଦ୍‌ଭାବନାର ଚେତନାଟିକୁ ନଷ୍ଟକରି ଏ ସୁନ୍ଦର ସଂସାରକୁ ଧ୍ୱଂସ କରି ନ ଦେଉ–ଏତିକି ହିଁ ଅନୁଚିନ୍ତା।

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର,
ବାଇପାସ, ଭଦ୍ରକ, ମୋ:୭୯୭୮୯୦୩୫୦୯

# ଦେଶାନ୍ତରୀ ଶିଶୁଙ୍କ ଶିକ୍ଷା ଅଧିକାର



ଘାସିରାମ ପଣ୍ଡା

ଦାରିଦ୍ର୍ୟ ହେତୁ ପଶ୍ଚିମ ଓଡିଶାର ଅନେକ ପରିବାର ଆନ୍ଧ୍ର ସମେତ ବିଭିନ୍ନ ରାଜ୍ୟର ଇଟାଭାଟିଗୁଡ଼ିକରେ କାମ କରିବାକୁ ଯାଆନ୍ତି। ଏଥିରେ ଛୋଟ ପିଲାମାନେ ମଧ୍ୟ ସାମିଲ ହୁଅନ୍ତି। କଞ୍ଚାମାଟିର ଇଟାକୁ ଓଲଟାଇ ଶୁଖେଇବାରେ ଏହି ପିଲାମାନେ କାମରେ ଆସନ୍ତି। ଧାଡି ହୋଇ ଶୁଖୁଥିବା ଇଟାର ମଝିରେ ଥିବା ଫାଙ୍କରେ ଗଲାବେଳେ ବା ଇଟା ଉପରେ ପାଦଦେଲେ ଇଟା ଭାଙ୍ଗିବାର ସମ୍ଭାବନା ନ ଥିବାରୁ ଏମାନଙ୍କୁ ବ୍ୟବହାର କରାଯାଏ। ଏହି କାରଣରୁ ବର୍ଷରେ ପ୍ରାୟ ଛଅମାସରୁ ଅଧିକ ସମୟ ପରିବାର ସହ ଦେଶାନ୍ତରୀ ହେଉଥିବାରୁ ପିଲାମାନେ ଶିକ୍ଷା ଅଧିକାରରୁ ବଞ୍ଚିତ ହୁଅନ୍ତି। କେହି କେହି ଅଧାରୁ ପାଠ ଛାଡୁଥିବା ବେଳେ ଅନେକେ ମୂଳରୁ ବିଦ୍ୟାଳୟ ଯିବାର ସୁଯୋଗ ପାଆନ୍ତି ନାହିଁ।

ଜୀବିକା ପାଇଁ ଦେଶାନ୍ତରୀ ହେବା ଆଉ ପଶ୍ଚିମାଞ୍ଚଳରେ ସୀମିତ ହୋଇ ରହିନାହିଁ। ପ୍ରାୟତଃ ଓଡ଼ିଶାର ସବୁ ଅଞ୍ଚଳରୁ କର୍ମ ଅନ୍ୱେଷଣରେ ସ୍ଥାନାନ୍ତର ଦେଖାଗଲାଣି। କାମ ଅନ୍ୱେଷଣରେ ଦେଶାନ୍ତରୀ ହେଉଥିବା ଅନେକ ପରିବାର ନିଜ ବୟସ୍କ ମାତାପିତାଙ୍କ ପାଖରେ ଅବା ସମ୍ପର୍କୀୟଙ୍କ ଘରେ ପିଲାଙ୍କୁ ଛାଡି ଯାଉଛନ୍ତି, ନ ହେଲେ ନିଜ ସହ କର୍ମସ୍ଥଳୀକୁ ନେଇ ଯାଉଛନ୍ତି। ଉଭୟ କ୍ଷେତ୍ରରେ ପିଲା ବିଭିନ୍ନ କାରଣରୁ ବିଦ୍ୟାଳୟଠାରୁ ଦୂରେଇ ରହେ ଓ ଧୀରେ ଧୀରେ ପଢାରୁ ବିମୁଖ ହୁଏ।

ସମ୍ବିଧାନର ଧାରା ୨୧(କ) ସଂଶୋଧନ ହେଲା ପରେ ପ୍ରାଥମିକ ଶିକ୍ଷା ମୌଳିକ ଅଧିକାର ଭାବେ ଗଣାହେଉଛି। ୨୦୦୯ରେ ଶିକ୍ଷା ଅଧିକାର ଆଇନ ପ୍ରଣୟନ କରାଗଲା। ପ୍ରତ୍ୟେକ ଶିଶୁଙ୍କୁ ପ୍ରାକ୍ ପ୍ରାଥମିକଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷାର ଦାୟିତ୍ୱ ରାଷ୍ଟ୍ର ଉପରେ ନ୍ୟସ୍ତ ରହିଲା। ଦେଶାନ୍ତରୀ ପରିବାରର ଶିଶୁମାନଙ୍କୁ ମଧ୍ୟ ପ୍ରାଥମିକ ଶିକ୍ଷାର ପରିସରକୁ ଆଣିବାର ପ୍ରୟାସ ସରକାରୀ ଓ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ଦ୍ୱାରା କରାଯାଉଛି। ହେଲେ ଏହା ପର୍ଯ୍ୟାପ୍ତ ଓ ଗୁଣାତ୍ମକ ହୋଇପାରୁନାହିଁ।

ପରିବାର ସହ ଦେଶାନ୍ତରୀ ହେଉଥିବା ଶିଶୁଙ୍କୁ ଗନ୍ତବ୍ୟ ସ୍ଥଳରେ ଶିକ୍ଷା ପ୍ରଦାନ ପାଇଁ କିଛି ଅଞ୍ଚଳରେ ଚେଷ୍ଟା ହୋଇଛି। ଏଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଇଥିବା ବେଳେ ବେସରକାରୀ ଅନୁଷ୍ଠାନ ସ୍ୱେଚ୍ଛାସେବୀ ଶିକ୍ଷକ ଓ ଅନ୍ୟାନ୍ୟ ସହାୟତା ଯୋଗାଇ ଆସୁଛନ୍ତି। ଦେଶାନ୍ତରୀ ଶ୍ରମିକ ପରିବାର ପ୍ରାୟତଃ କର୍ମସ୍ଥଳୀରେ ହିଁ ରୁହନ୍ତି। ଏବେ ବି ପ୍ରତ୍ୟେକ ବର୍ଷ କର୍ମସ୍ଥଳୀର ଚିହ୍ନଟୀକରଣ ଓ ପ୍ରତ୍ୟେକ କର୍ମସ୍ଥଳୀରେ ଶିକ୍ଷା ବ୍ୟବସ୍ଥା ସମ୍ଭବ ହୋଇ ପାରିନାହିଁ। ବରଂ ଶିଶୁ ଦେଶାନ୍ତରୀ ହୋଇ ମାସାଧିକ କାଳ ଗାଁ ବିଦ୍ୟାଳୟରେ ଅନୁପସ୍ଥିତ ରହୁଥିଲେ ବି ଉପସ୍ଥାନ ଖାତାରୁ ନାଁ ହଟାଯାଉ ନାହିଁ। ଫଳତଃ ଦେଶାନ୍ତର ହେତୁ କେତେ ପିଲା ବିଦ୍ୟାଳୟ ବାହାରେ ଅଛନ୍ତି ଜାଣିବା ସମ୍ଭବ ହେଉନାହିଁ।

ବାଧ୍ୟବାଧକତାରେ ଦେଶାନ୍ତର ହେବାକୁ ପଶ୍ଚିମାଞ୍ଚଳରେ ଦାଦନ କୁହାଯାଏ। ଦାଦନ ପ୍ରବଣ କିଛି ଜିଲାରେ ପ୍ରଶାସନ ତରଫରୁ ଋତୁକାଳୀନ ଆବାସିକ ଶିକ୍ଷା ବ୍ୟବସ୍ଥା କରାଯାଏ। ଗାଁମାନଙ୍କରେ ଦାଦନ ଯିବାକୁ ଥିବା ପରିବାର ଓ ସେମାନଙ୍କର ୧୪ ବର୍ଷ ବୟସ ପର୍ଯ୍ୟନ୍ତ ଥିବା ଶିଶୁମାନଙ୍କୁ ଚିହ୍ନଟ କରାଯାଏ। ସାମୟିକ ଭାବରେ ସ୍ଥାନୀୟ ଅଞ୍ଚଳର ବିଦ୍ୟାଳୟକୁ ଆବାସିକ ବିଦ୍ୟାଳୟରେ ପରିଣତ କରାଯିବା ସହ ଏହି ଚିହ୍ନିତ ଶିଶୁମାନଙ୍କୁ ସେଠାରେ ରଖାଯାଇ ପାଠପଢାର ବ୍ୟବସ୍ଥା କରାଯାଏ। ଏହା ଅନେକ ପିଲାଙ୍କୁ ପରିବାର ସହ ଦେଶାନ୍ତରୀ ନ ହୋଇ ଆବାସିକ ବିଦ୍ୟାଳୟରେ ରହି ପ୍ରାଥମିକ ଶିକ୍ଷା ସମ୍ପନ୍ନ କରିବାରେ ସହାୟକ ହୋଇଛି। ଏହାସତ୍ତ୍ୱେ ଆହୁରି ଅନେକ ଶିଶୁ ଏହି ସୁରକ୍ଷା ବଳୟକୁ ଆସିପାରୁ ନାହାନ୍ତି।

ଋତୁକାଳୀନ ଆବାସିକ ବିଦ୍ୟାଳୟ ଉଭୟ ସଂଖ୍ୟା ଓ ସୁବିଧା ଦୃଷ୍ଟିରୁ ସମୁଦ୍ରକୁ ଶଙ୍ଖେ ପଣା ସଦୃଶ। ଦେଶାନ୍ତରୀ ଶିଶୁଙ୍କ ସଂଖ୍ୟା ତୁଳନାରେ ଏବେ ବି ଯଥେଷ୍ଟ ସଂଖ୍ୟାରେ ଋତୁକାଳୀନ ଆବାସିକ ବିଦ୍ୟାଳୟ ନାହିଁ। ସୁବର୍ଣ୍ଣପୁର ଭଳି ଅନେକ ଜିଲା ଦାଦନ ପ୍ରବଣ ହୋଇଥିଲେ ହେଁ ଏ ଯାଏ ଏହି ଜିଲାମାନଙ୍କରେ ଋତୁକାଳୀନ ଆବାସିକ ବିଦ୍ୟାଳୟ ଖୋଲିବାର କୌଣସି ପ୍ରସ୍ତାବ ନାହିଁ। ଏକ ଦିବାଧାୟୀ ବିଦ୍ୟାଳୟକୁ ସାମୟିକ ଭାବେ ଆବାସିକ ବିଦ୍ୟାଳୟରେ ପରିଣତ କରାଯାଏ। ଏଣୁ ଆବାସିକ ବିଦ୍ୟାଳୟ ପାଇଁ ଆବଶ୍ୟକ ଆନୁଷଙ୍ଗିକ ଭିତ୍ତିଭୂମି, ସୁବିଧା ଓ ସୁରକ୍ଷା ଏଠାରେ ପ୍ରାୟତଃ ଉପଲବ୍ଧ ନ ଥାଏ। ଏହା ଅନେକଙ୍କୁ ନିଜ ପିଲାଙ୍କୁ ଏଠି ଛାଡି ଦାଦନ ଯିବା ପାଇଁ ନିରୁତ୍ସାହିତ କରୁଛି।

ଯେଉଁ ଅନୁଷ୍ଠାନରେ ଶିଶୁ ପଢୁଛି ବା ରହୁଛି ସେଠାରେ ଶିଶୁ ପାଇଁ ସୁରକ୍ଷିତ ପରିବେଶ ଯୋଗେଇ ଦେବା ପାଇଁ ୨୦୧୪ ଅଗଷ୍ଟ ୨୩ରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ନିର୍ଦ୍ଦେଶାବଳୀ ଜାରି କରାଯାଇଥିଲା। ସେହି ଅନୁଯାୟୀ ପ୍ରତ୍ୟେକ ଅନୁଷ୍ଠାନ ନିଜର ଏକ ଶିଶୁ ସୁରକ୍ଷା ପ୍ରୋଟୋକଲ ପ୍ରସ୍ତୁତ କରିବା ସହ ଅନୁଷ୍ଠାନର ମୁଖ୍ୟଙ୍କୁ ଶିଶୁ ସୁରକ୍ଷା ଅଧିକାରୀ ଭାବେ ଘୋଷଣା କରିବେ। ଅନୁଷ୍ଠାନମାନେ ଶିଶୁମାନଙ୍କ ଅସୁବିଧାଗୁଡ଼ିକର ଏକ ରିପୋର୍ଟ ପ୍ରସ୍ତୁତ କରି ତାହା ଦୂର କରିବା ପାଇଁ କାର୍ଯ୍ୟ କରିବେ। ପ୍ରତ୍ୟେକ କର୍ମଚାରୀଙ୍କୁ ଶିଶୁ ଅଧିକାର ସମ୍ବନ୍ଧରେ ସଚେତନ କରାଯିବ ଓ ସେମାନେ ଏହାକୁ ପାଳନ କରିବା ନେଇ ଅଙ୍ଗୀକାରବଦ୍ଧ ହେବେ। ଋତୁକାଳୀନ ଆବାସିକ ବିଦ୍ୟାଳୟଗୁଡ଼ିକରେ ଏହାକୁ ଏ ପର୍ଯ୍ୟନ୍ତ ଗୁରୁତ୍ୱ ଦିଆଯାଇ ନାହିଁ।

ରାଜ୍ୟ ସରକାର ଶିଶୁ ଗୃହମାନଙ୍କ ପାଇଁ ଏକ ମାନକ ନିର୍ଦ୍ଧାରଣ କରିଛନ୍ତି। ଏହାଦ୍ୱାରା ପିଲାଙ୍କ ସର୍ବନିମ୍ନ ଆବଶ୍ୟକତା, ସ୍ୱାଚ୍ଛନ୍ଦ୍ୟକୁ ସୁନିଶ୍ଚିତ କରାଯାଇ ପାରୁଛି। ଋତୁକାଳୀନ ଆବାସିକ ବିଦ୍ୟାଳୟରେ ମଧ୍ୟ ଏହି ମାନକକୁ ଗ୍ରହଣ ଓ ଅନୁପାଳନ କରାଯିବାର ଆବଶ୍ୟକତା ରହିଛି।

ସୁବର୍ଣ୍ଣପୁର, ମୋ –୯୪୩୮୩୪୧୭୯୪

## ଏଇ ଭାରତରେ

ସମାଜରେ ଏମିତି ଶିକ୍ଷକ ଅଛନ୍ତି ଯେଉଁମାନେ ନିଜସ୍ୱ ଉଦ୍ୟମରେ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାର ବିକାଶ କରିବା ପାଇଁ ପ୍ରୟାସ କରିଥାନ୍ତି। ତେବେ ଏମାନଙ୍କ ମଧ୍ୟରୁ ଉତ୍ତରପ୍ରଦେଶର ପ୍ରୟାଗରାଜ ଜିଲାର ଶିକ୍ଷୟିତ୍ରୀ ମମତା ମିଶ୍ରା ଜଣେ। ମମତା ଚାକା ବ୍ଲକ୍‌ର ନେହୁଆବନ ମଣ୍ଡଳ ପ୍ରାଇମେରି ସ୍କୁଲ୍‌ରେ ସହାୟକ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରନ୍ତି। ସେ ନିଜ ଉଦ୍ୟମରେ ସ୍କୁଲ୍‌କୁ କନଭେଣ୍ଟ ସ୍କୁଲ୍ ସ୍ତର ଯାଏ ନେଇଯାଇଛନ୍ତି। ପ୍ରୟାଗରାଜର ଏହି ଶିକ୍ଷୟିତ୍ରୀ ଜଣକ କେବଳ ନିଜ ଦରମା ଟଙ୍କାରେ ଏଭଳି କାର୍ଯ୍ୟ କରିଛନ୍ତି । ପିଲାମାନଙ୍କୁ ମୋବାଇଲ ମାଧ୍ୟମରେ ଅନ୍‌ଲାଇନ ଶିକ୍ଷା ପ୍ରଦାନ କରୁଛନ୍ତି। ସେ ୟୁ–ଟ୍ୟୁବ୍‌ରେ ନିଜସ୍ୱ ଚ୍ୟାନେଲ ମଧ୍ୟ ଚଲାଉଛନ୍ତି। ପିଲାମାନଙ୍କୁ ପଢ଼ାଇବା ପାଇଁ ଏବେ ସୁଦ୍ଧା ସେ ୪୮୭ଟି ଭିଡିଓ ଅପ୍‌ଲୋଡ କରିଛନ୍ତି। ମମତା ଏହି ସ୍କୁଲ୍‌ରେ ୨୦୧୫ରେ ନିଯୁକ୍ତି ପାଇବା ପରଠାରୁ ଏପରି ଉଦ୍ୟମ ଆରମ୍ଭ କରିଥିଲେ। ସେବେଠାରୁ ତାଙ୍କ ଉପାର୍ଜିତ ଅର୍ଥକୁ ପିଲାଙ୍କ ପାଇଁ ଖର୍ଚ୍ଚ କରିବା ଲାଗି ସ୍ଥିର କରିଥିଲେ ବୋଲି କୁହନ୍ତି ମମତା। ଏମିତିକି ସ୍କୁଲ୍‌ରେ ପଢୁଥିବା ପ୍ରଥମ ଶ୍ରେଣୀର ପିଲାମାନଙ୍କୁ ତାଙ୍କ ଘରେ ମୋବାଇଲ ମାଧ୍ୟମରେ କେମିତି ପଢିବେ ସେ ସମ୍ପର୍କରେ ଶିଖାଉଛନ୍ତି। କ୍ଲାସ୍‌ରେ ପିଲାମାନଙ୍କୁ ପଢାଇବା ସହ ମମତା ମୋବାଇଲରେ ଦୀକ୍ଷା ଆପ୍ ମାଧ୍ୟମରେ ପଢିବାର ଉପାୟ ବି ଶିଖାଇଥାନ୍ତି। ସ୍କୁଲରେ ଯଦି ପିଲାମାନଙ୍କ ବସିବା ପାଇଁ ମମତା ନିଜ ରୋଜଗାର ଅର୍ଥରୁ ଖର୍ଚ୍ଚ କରି ଡେକ୍ସ ବେଞ୍ଚ କିଣିଦିଅନ୍ତି। ଏମିତି କି ସ୍କୁଲ୍‌ରେ ପଢୁଥିବା ପିଲାମାନଙ୍କର ଯଦି ପାଠ୍ୟ ଉପକରଣ କିମ୍ବା ସ୍କୁଲ୍ ଫିସ୍‌ର ଅଭାବ ପଡେ ତେବେ ମମତା ତାହା ମଧ୍ୟ ପୂରଣ କରିଥାନ୍ତି। ମମତାଙ୍କର ଏଭଳି କାର୍ଯ୍ୟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ 'ମନ୍ କି ବାତ୍'ରେ ପ୍ରଶଂସା ମଧ୍ୟ କରିଛନ୍ତି।

### ୨୫ ବର୍ଷ ତଳର ଧରିତ୍ରୀ

୯ ନଭେମ୍ବର ୧୯୯୪

- ଇରାକ ଦ୍ୱାରା କୁଏଟକୁ ସ୍ୱୀକୃତି ଦିଆଯିବା ସଂକ୍ରାନ୍ତରେ ଇରାକର ଉପପ୍ରଧାନମନ୍ତ୍ରୀ ଓ ରୁଷିଆର ବିଦେଶ ମନ୍ତ୍ରୀଙ୍କ ମଧ୍ୟରେ କଥାବାର୍ତ୍ତା ଅନୁଷ୍ଠିତ ହୋଇଛି।
- ୧୯୯୫ ଜାନୁୟାରୀରେ ଅନୁଷ୍ଠିତ ହେବାକୁ ଥିବା ତାମିଲନାଡୁ ଗ୍ରାମପଞ୍ଚାୟତ ସମିତି ନିର୍ବାଚନକୁ ୧ ବର୍ଷ ପାଇଁ ସ୍ଥଗିତ ରଖାଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ହୋଟେଲ ଫିଙ୍ଗା ବାସିଖାଦ୍ୟ ଖାଉଛନ୍ତି ଗୋରୁ

ମହାଶୟ,

ରାଜଧାନୀ ଉପକଣ୍ଠ ପାତ୍ରପଡା ଡିଏନ୍ ରେଗାଲିଆ ମଲ୍ ସନ୍ନିକଟସ୍ଥ କଳିଙ୍ଗ ବିହାର ଛକ ଅଟୋଷ୍ଟାଣ୍ଡ ନିକଟରେ ଫିଙ୍ଗାଯାଉଛି ବାସି ଖାଦ୍ୟ, ଯାହାକି ପୂତିଗନ୍ଧମୟ ପରିବେଶ ସୃଷ୍ଟି କରି ବାଟୋଇ ତଥା ଜନସାଧାରଣଙ୍କୁ ଆକ୍ରାନ୍ତ କରୁଛି। ମାତ୍ର ହୋଟେଲର ଏହି ଫିଙ୍ଗା ଡାଲମା, ତରକାରିକୁ ସଂଖ୍ୟାଧିକ ଗୋରୁ ପ୍ରତିଦିନ ଖାଉଛନ୍ତି। ଫିଙ୍ଗା ଯାଉଥିବା ଏହି ବାସି ଖାଦ୍ୟର ବିଷକ୍ରିୟାରେ ଗୋରୁ ମରିବେ ନାହିଁ ତ! ବିଏମସି ପ୍ରଶାସନ ଏ ଦିଗରେ ସମୁଚିତ କଟକଣା ଜାରି କରିବାକୁ ଦାବି ହେଉଛି।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ , ତମାଣ୍ଡୋ, ଭୁବନେଶ୍ୱର

### ସଭିଙ୍କୁ ଧନ୍ୟବାଦ

ଧରିତ୍ରୀରେ ପ୍ରକାଶ ବାବୁଙ୍କ ପ୍ରକାଶିତ ପ୍ରବନ୍ଧ ପଢି ଲେଖକଙ୍କୁ ଅଜସ୍ର ଧନ୍ୟବାଦ ଜଣାଉଛି। ପଢିଲାବେଳେ ମନେପଡିଲା ଇଂରାଜୀ ଗଳ୍ପ 'ଦି ସ୍ପ୍ରିଙ୍ଗ ଅଫ୍ ଥ୍ୟାଙ୍କ୍ସ'। ଜଣେ ମୁମୂର୍ଷୁ ରୋଗୀଙ୍କୁ ଗାଡିରେ ଧରି ଜଣେ ଆଗନ୍ତୁକ ଡାକ୍ତରଙ୍କ ପାଖରେ ପହଞ୍ଚିଲେ। ଡାକ୍ତରଙ୍କ ଅକ୍ଳାନ୍ତ ଚେଷ୍ଟାରେ ବ୍ୟକ୍ତି ଜଣକ ନବଜୀବନ ଲାଭ କଲେ। ଏହାପରେ ଡାକ୍ତରଙ୍କୁ କୃତଜ୍ଞତା ଜଣାଇଲା ବେଳେ ଡାକ୍ତର କହିଲେ ଏସବୁର ଶ୍ରେୟ ନିକଟରେ ଥିବା ଏହି ମେଶିନର। ତେଣୁ ମେଶିନର ନିର୍ମାତାଙ୍କ ପାଖକୁ କୃତଜ୍ଞତାଭରା ଚିଠି ଲେଖାଗଲା। ସେ କହିଲେ, ଏମିତି ତ ଅନେକ ମେଶିନ ରହିଛି। ବଡ କଥା ହେଲା ଠିକ୍ ସମୟରେ ରୋଗୀକୁ ଚିକିତ୍ସାଳୟରେ ପହଞ୍ଚାଇବା। ତେଣୁ ସେ ଚିଠି ଡ୍ରାଇଭର ପାଖକୁ ଆସିଲା। ଡ୍ରାଇଭର କହିଲେ ମୁଁ ତ ନିମିତ୍ତମାତ୍ର, ବାହାଦୁରି ଗାଡିର। ଗାଡିର ନିର୍ମାତା କହିଲେ, ସବୁ ବାହାଦୁରି ପେଟ୍ରୋଲ ପମ୍ପର। ପେଟ୍ରୋଲ ପମ୍ପ ମାଲିକ କହିଲେ, ଏ ଶ୍ରେୟ ସତରେ ଇଲେକ୍ଟ୍ରିବାଲାଙ୍କର। ଲାଇନ ନ ଥିଲେ ପେଟ୍ରୋଲ ଭରିବା ସମ୍ଭବପର ନୁହେଁ। ଶେଷରେ ଇଲେକ୍ଟ୍ରିବାଲାଙ୍କ ପାଖକୁ ଚିଠି ଗଲା। ସମସ୍ତେ ବୁଝିଲେ ଇଲେକ୍ଟ୍ରି ନ ଥିଲେ ପେଟ୍ରୋଲ, ଗାଡ଼ି ଓ ଯନ୍ତ୍ରପାତି ସବୁ ଅଚଳ। ତେଣୁ ବାସ୍ତବରେ ସମସ୍ତଙ୍କ ସହଯୋଗରେ ସୁଖମୟ ସଂସାର। ସହଯୋଗ କରିଥିବା ସମସ୍ତେ ଧନ୍ୟବାଦର ପାତ୍ର।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବୁର୍ଲା, ସମ୍ବଲପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | | 2 | 4 | 7 | | | E | | | | | | | C |
| | 4 | | | 0 | | | 7 | 3 | | | E | D | | |
| 6 | 3 | 5 | | | 2 | 4 | | | | | | | | E |
| | | C | | 9 | | | 1 | | | | A | | 5 | 2 |
| | | | | B | C | A | | | | | 2 | | | |
| C | | | | | | | | | 9 | | 0 | | | |
| | | 4 | 2 | | 1 | 5 | | | | | | | C | |
| | 9 | | | | | 3 | 2 | | | | B | 8 | A | |
| 8 | | E | 7 | 4 | | D | | | | | | | | 0 |
| D | 5 | 0 | | | | | B | | | | | 4 | 8 | |
| | D | 6 | | | | 7 | | | | | | | | |
| B | | | 3 | | | 8 | | | | | A | | E | |
| | E | | | | 5 | | 3 | | | | 0 | 8 | B | |
| | | | 1 | E | 7 | | 6 | C | | | | | 2 | 3 |
| 2 | | 8 | 9 | C | D | | | | | | | 5 | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 0 | E | D | 5 | C | 4 | 3 | 1 | 2 | 7 | 9 | B | A | 8 |
| 5 | 1 | 4 | 8 | 7 | 0 | B | E | C | D | A | 3 | 2 | 6 | 9 |
| 8 | 7 | D | 6 | E | B | 2 | A | 9 | 0 | C | 4 | 1 | 5 | 3 |
| B | 2 | 9 | 4 | 3 | A | 0 | 7 | 8 | 5 | 6 | 1 | D | E | C |
| C | 3 | A | 9 | 2 | 1 | 6 | 5 | D | B | 8 | E | 4 | 0 | 7 |
| 1 | B | C | 2 | 4 | 5 | A | 9 | 3 | 8 | E | 0 | 7 | D | 6 |
| 7 | A | 3 | E | 6 | 8 | 1 | D | 5 | 4 | B | C | 0 | 9 | 2 |
| 2 | E | 6 | 0 | 9 | D | 8 | B | 4 | A | 3 | 7 | C | 1 | 5 |
| 9 | 8 | 0 | C | B | 7 | E | 6 | 2 | 1 | D | 5 | A | 3 | 4 |
| 4 | D | 5 | A | 1 | 3 | 7 | C | 0 | 6 | 9 | 2 | E | 8 | B |
| D | C | 1 | 7 | 0 | E | 9 | 2 | 6 | 3 | 4 | 8 | 5 | B | A |
| A | 5 | B | 1 | C | 4 | 3 | 8 | E | 7 | 0 | 6 | 9 | 2 | D |
| 3 | 6 | 2 | B | A | 9 | 5 | 4 | 7 | E | 1 | D | 8 | C | 0 |
| 0 | 4 | 8 | 5 | D | 6 | C | 1 | A | 9 | 2 | B | 3 | 7 | E |
| E | 9 | 7 | 3 | 8 | 2 | D | 0 | B | C | 5 | A | 6 | 4 | 1 |

ଗତକାଲିର ଉତ୍ତର

## ଫଟୋରେ ଖବର





ସମ୍ବଲପୁର ଡିଆରଡିଏ ସମ୍ମିଳନୀ କକ୍ଷରେ ଶୁକ୍ରବାର ଆୟୋଜିତ ଜିଲାପରିଷଦ ବୈଠକରେ ଯୋଗ ଦେଇଥିବା ଜନପ୍ରତିନିଧି(ବାମ)। ସମ୍ବଲପୁର ଜିଲାପାଳଙ୍କ ଅଫିସ ନିକଟସ୍ଥ ରାସ୍ତାରେ ଚାଷୀମାନେ ୨୪ ଘଣ୍ଟିଆ ରିଲେ ଅନଶନରେ ବସିଛନ୍ତି(ମଝି)। ସମ୍ବଲପୁର ଜିଲାପାଳଙ୍କ ଅଫିସ ପରିସରରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ତ୍ରିପାଠୀ ଗ୍ରିଭାନ୍ସ ସେଲ୍‌ରେ ନୂତନ ଭାବେ ଯୋଡି ହୋଇଥିବା ସିଟିଜେନ୍ ଆପ୍‌କୁ ଦେଖୁଛନ୍ତି ।

# ନାକଟିଦେଉଳ କଲେଜରେ ସ୍ୱାସ୍ଥ୍ୟ ସଚେତନତା ଶିବିର

**ନାକଟିଦେଉଳ, ୮।୧୧(ଡି.ଏନ.ଏ.):** ନାକଟିଦେଉଳ କନିଷ୍ଠ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଏବଂ ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧୀକାରୀ ଡାକ୍ତର ଅମୂଲ୍ୟରତ୍ନ ମହନ୍ତ ଏଥିରେ ଅଧକ୍ଷତା କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଧିକାରୀ ଅଧାପକ ପ୍ରଶାନ୍ତ କୁମାର ଦାଶ ଏବଂ ଡାକ୍ତର ମାନସ ହୃଦୟ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ସାଂପ୍ରତିକ ପରିସ୍ଥିତିରେ ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କଲେଜର ୨୮ଜଣ ଏନ୍‌ଏସ୍‌ଏସ୍ ଛାତ୍ରଛାତ୍ରୀ ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭ୍ରମଣ କରିଥିଲେ। ଛାତ୍ରଛାତ୍ରୀ ଡାକ୍ତର ମହନ୍ତଙ୍କ ସହିତ ବିଭିନ୍ନ କ୍ଷେତ୍ରରେ ସ୍ୱାସ୍ଥ୍ୟସେବା ଏବଂ ସରକାରୀ ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଡାକ୍ତରଖାନା ପରିସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଡାକ୍ତରଖାନାର ପ୍ରଭାତ କୁମାର ଜେନା, ବିଭୁତିଭୂଷଣ ସାହୁ ଏବଂ ରାଜୁ ମୁଖୀ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସଞ୍ଜୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ନାକଟିଦେଉଳ କଲେଜରେ ସ୍ୱାସ୍ଥ୍ୟ ସଚେତନତା ଶିବିରରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଅଧାପକ।

## ଲଖନପୁର ପଞ୍ଚାୟତ ସମିତି ବୈଠକ

# ଅନେକ ବିଭାଗୀୟ ଅଧିକାରୀ ଅନୁପସ୍ଥିତ

- ବ୍ଲକ ପ୍ରଶାସନର ନିର୍ଦ୍ଦେଶକୁ ବିଭାଗୀୟ ଅଧିକାରୀମାନେ ବେଖାତିର କରୁଛନ୍ତି।
- ଯୋଗାଣ ବିଭାଗ ଅଧିକାରୀମାନଙ୍କ କଥାରେ ତାଳମେଳ ନାହିଁ।
- ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ନୀତି, ବିଦ୍ୟୁତ୍ ସଂଯୋଗରୁ ବଞ୍ଚିତ ସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ର

**ଲଖନପୁର,୮।୧୧ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ସଭାଗୃହରେ ଶୁକ୍ରବାର ବ୍ଲକ ଅଧକ୍ଷା ଶାନ୍ତି ପ୍ରଧାନଙ୍କ ଅଧକ୍ଷତାରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ କିଶୋର ମହାନ୍ତି, ଜିଲା ପରିଷଦ ଉପାଧକ୍ଷା ପଙ୍କଜିନୀ ପ୍ରଧାନ, ବ୍ଲକ ଉପାଧକ୍ଷ ମୋହନ ସାହୁ, ବିଡିଓ ଗୋବିନ୍ଦ ଦଣ୍ଡସେନା, ଜିପିଓ ଗିରେନ୍ଦ୍ର ପଟେଲ, ଏମ୍‌ପି ପ୍ରତିନିଧି ଚକାନନ୍ଦ ସା, ସରପଞ୍ଚ ଠଣସୁନ୍ଦର ସାହୁ, ରାଜେନ୍ଦ୍ର ନାୟକ, ପ୍ରଦୀପ ବିଶ୍ୱାଳ, ଅଶ୍ୱିନୀ ପ୍ରଧାନ, ଈଶ୍ୱର କଉଡି ପ୍ରମୁଖ ପିଆର୍‌ଆଇ ସଦସ୍ୟ ଉପସ୍ଥିତଥିଲେ। ବୈଠକରେ ବିଏସ୍‌ଏସ୍‌ଓ ସୌମ୍ୟରଞ୍ଜନ ଭୋଇ ଗତ ପଞ୍ଚାୟତ ସମିତି ବୈଠକର ବିବରଣୀ ପାଠ କରିଥିଲେ। ପରେ ସରକାରଙ୍କ ବିଭିନ୍ନ ଯୋଜନା ଓ ଉନ୍ନୟନ ମୂଳକକାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ହେଲେ ଅନେକ ବିଭାଗୀୟ ଅଧିକାରୀ ଓ ପିଆର୍‌ଆଇ ସଦସ୍ୟ ଅନୁପସ୍ଥିତଥିବାରୁ ଆଲୋଚନା ଫଳପ୍ରଦ ହୋଇ ନ ଥିଲା। ବିଧାୟକ ମହାନ୍ତି ଏଥିପାଇଁ ଦୁଃଖପ୍ରକାଶ କରି କହିଥିଲେ ଯେ, ବିଭାଗୀୟ ଅଧିକାରୀ ଓ ପିଆର୍‌ଆଇ ସଦସ୍ୟମାନେ ସମିତି ବୈଠକକୁ ନ ଆସିବା ଫଳରେ ଆଞ୍ଚଳିକ ବିକାଶରେ ବାଧାସୃଷ୍ଟି ହେଉଛି। ଅନେକ ସମୟରେ ବ୍ଲକ ପ୍ରଶାସନର ନିର୍ଦ୍ଦେଶକୁ ବିଭାଗୀୟ ଅଧିକାରୀମାନେ ବେଖାତିର କରୁଛନ୍ତି। ଏନେଇ ସରକାରଙ୍କ ୫ଟି ଯୋଜନା ରହିଛି। ବିଭାଗୀୟ ଅଧିକାରୀମାନେ ନିଜ କାର୍ଯ୍ୟ ନ କଲେ ସରକାର ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ହେଲେ ଏଠାରେ କେତେଜଣ ବିଭାଗୀୟ ଅଧିକାରୀ ପ୍ରଶାସନକୁ ଚ୍ୟାଲେଞ୍ଜ କଲାଭଳି ବୈଠକକୁ ଆସୁନାହାନ୍ତି ବୋଲି ସେ କହିଥିଲେ। ପରେ ଯୋଗାଣ ବିଭାଗ ସମ୍ପର୍କରେ ଆଲୋଚନା ହୋଇଥିଲା। ସମଗ୍ର ବ୍ଲକରେ ସମୁଦାୟ କେତେ ଖାଉଟି କାର୍ଡ ରହିଛି। ନୂଆ କାର୍ଡ ପାଇଁ କେତେ ଲୋକେ ଆବେଦନ କରିଛନ୍ତି। କେତେ ଯୋଗ୍ୟ ହିତାଧିକାରୀ ଚିହ୍ନଟ ହୋଇଛନ୍ତି, କେତେ ବାଦ୍ ପଡିଛନ୍ତି। ଏସମ୍ପର୍କରେ ବିଧାୟକ ମହାନ୍ତି ଯୋଗାଣ ଅଧିକାରୀଙ୍କୁ ପଚାରିଥିଲେ। ହେଲେ ଉପସ୍ଥିତ ଉଭୟ ବିଭାଗୀୟ ଅଧିକାରୀଙ୍କ କଥାରେ ତାଳମେଳ ରହି ନ ଥିଲା। ସେହିପରି ଆମଗାଁ ଆମ ବିକାଶ ଯୋଜନାରେ ଯେଉଁସବୁ ପ୍ରକଳ୍ପର କାମ ଚାଲିଛି ସେ ସବୁ ଆସନ୍ତା ମାର୍ଚ୍ଚ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ବିଡିଓ ଦଣ୍ଡସେନା ପିଆର୍‌ଆଇ ସଦସ୍ୟଙ୍କୁ ଅନୁରୋଧ କରିଛନ୍ତି। ଆସନ୍ତା ୨୭ ତାରିଖରେ ଏନ୍‌ଆର୍‌ଇଜିଏସ୍ ଯୋଜନାକୁ ନେଇ ପ୍ରତି ପଞ୍ଚାୟତରେ ଗ୍ରାମସଭା ହେବ। ପ୍ରତି ରାଜସ୍ୱ ଗ୍ରାମରେ ଏହି ଯୋଜନାରୁ ଗୋଟିଏ ଲେଖା ପ୍ରକଳ୍ପ ସ୍ଥାନପାଇବ। ଏଥିପାଇଁ ପ୍ରକଳ୍ପ ତାଲିକା ପ୍ରଦାନ କରିବା ପାଇଁ ବିଡିଓ ଦଣ୍ଡସେନା ପିଆର୍‌ଆଇ ସଦସ୍ୟଙ୍କୁ କହିଥିଲେ। ସରକାର କହୁଛନ୍ତି ସମସ୍ତଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ଦିଆଯିବ। ହେଲେ ବିଦ୍ୟୁତ୍ ବିଭାଗର ଖାମଖିଆଲ ନୀତି ପାଇଁ ବହୁଲୋକଙ୍କ ଘର, ସ୍କୁଲ, ଅଙ୍ଗନୱାଡି କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ ହୋଇପାରୁନାହିଁ ବୋଲି ପିଆର୍‌ଆଇ ସଦସ୍ୟମାନେ ଅଭିଯୋଗ କରିଛନ୍ତି।



ସମିତି ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ଅଧିକାରୀମାନେ।

## ସଂକ୍ଷେପରେ

# ଜଙ୍ଘା ମହାପ୍ରଭୁଙ୍କ ବିଗ୍ରହ ସ୍ଥାପନ ଓ ପୂଜନୋତ୍ସବ

**ଲଇକେରା, ୮।୧୧(ଡି.ଏନ୍.ଏ.)-** ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ମୟୂରଗଡ଼ ଗ୍ରାମସ୍ଥିତ ଗୌଣ୍ଡ ସମାଜର ଆରାଧ ଦେବତା ଜଙ୍ଘା ବଡ଼ଦେଓ ମନ୍ଦିରରେ ଜଙ୍ଘା ମହାପ୍ରଭୁଙ୍କ ବିଗ୍ରହ ସ୍ଥାପନ କରାଯାଇଛି। ଏହି ଅବସରରେ ଗୁରୁବାର ଓ ଶୁକ୍ରବାର ପୂଜନୋତ୍ସବ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ପୂଜାରେ ଲଇକେରା, କିର୍ମିରା, କୋଲାବିରା ବ୍ଲକ ଅଞ୍ଚଳରେ ବସବାସ କରୁଥିବା ସମାଜ ତଥା ଅନ୍ୟ ସମାଜର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଜୟପୁର ଇଷ୍ଟେଟ କମିଟିର ସଭାପତି ଯୋଗୀନ୍ଦ୍ର କୁମାର ନାଏକ ସମେତ ପୂଜା କମିଟି ସଭାପତି ନୀଳାମ୍ବର ନାଏକ, ସମ୍ପାଦକ ମେଘନାଦ ନେଟି, କୋଷାଧକ୍ଷ ପଦ୍ମଲୋଚନ ନାଏକ, ଜୟପୁର ଇଷ୍ଟେଟ କମିଟିର ଉପସଭାପତି ନବୀନ ଚନ୍ଦ୍ର ନାଏକ, କୋଲାବିରା ଆଞ୍ଚଳିକ କମିଟି ସଭାପତି ଦୟାନିଧି ନାଏକ, ଜିଲା ସଭାପତି ଜଗନ୍ନାଥ ଭୋଇ, ଉତ୍ତର ବାମଣ୍ଡା ସଭାପତି ଲବଣିଧର ନାଏକ ସମେତ ସମସ୍ତ କମିଟିର ସଭାପତି ସମ୍ପାଦକ ଯୋଗଦେଇ ପୂଜା ଓ ବିଗ୍ରହ ସ୍ଥାପନ ଉତ୍ସବରେ ସାମିଲ ହୋଇଥିଲେ।

# ଗୁମାଡେରାରେ କାର୍ତ୍ତିକ ପୂଜା ଆରମ୍ଭ

**ବେଲପାହାଡ଼, ୮।୧୧ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳସ୍ଥିତ ଗୁମାଡେରାରେ କାର୍ତ୍ତିକ ପୂର୍ଣ୍ଣିମା ପୂଜା ଆରମ୍ଭ ହୋଇଛି। ଏହି ଅବସରରେ ମାଳିପଡ଼ା ଛକଠାରେ ନିର୍ମିତ ଏକ ଆକର୍ଷଣୀୟ ମଣ୍ଡପରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ସ୍ଥାପିତ ହୋଇଛି। ଗତ ଗୁରୁବାର ସନ୍ଧ୍ୟାରେ ପୂଜା ପାଇଁ ଅଧିବାସ କରାଯାଇ ମଣ୍ଡପରେ କଳସ ସ୍ଥାପନା କରାଯାଇଥିଲା। ଶୁକ୍ରବାର ସକାଳୁ ପୂଜା ଆରମ୍ଭ ହୋଇଛି। ଏହି ପୂଜା ଆସନ୍ତା ୧୨ ତାରିଖ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷ ପୂଜା କମିଟିର ବରିଷ୍ଠ ସଦସ୍ୟ ସୁନୀଲ ସା ଓ ତାଙ୍କ ସହଧର୍ମିଣୀ ପ୍ରକାଶିନୀ କର୍ତ୍ତା ଦାୟିତ୍ୱ ତୁଲାଉଥିବାବେଳେ ପଣ୍ଡିତ ମହେନ୍ଦ୍ର ପଣ୍ଡା ପୂଜକ ଦାୟିତ୍ୱ ନିର୍ବାହ କରୁଛନ୍ତି। ପୂଜା କମିଟିରେ କେଶବ ଖମାରୀ ସଭାପତି, ତ୍ରିନାଥ ସେଠ ସମ୍ପାଦକ ଓ ଶରତ ପଣ୍ଡା କୋଷାଧକ୍ଷ ରହିଛନ୍ତି। ବିଗତ ୨୫ରୁ ଊର୍ଦ୍ଧ୍ୱ ବର୍ଷ ହେଲା ଗୁମାଡ଼େରାରେ କାର୍ତ୍ତିକ ପୂଜା ଆୟୋଜନ ହୋଇଆସୁଛି। ପୂର୍ବ ବର୍ଷ ଭଳି ପ୍ରଥମ ପଞ୍ଚୁକ ସ୍ନାନ କରିଥିବା ବହୁ ଶ୍ରଦ୍ଧାଳୁ ଶୁକ୍ରବାର ପ୍ରାତଃକାଳରେ ପୂଜା ମଣ୍ଡପରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଦର୍ଶନ କରିଛନ୍ତି। ପୂଜା ଅବସରରେ ରବିବାର ସନ୍ଧ୍ୟାରେ ମାଳିପଡ଼ା ଯଜ୍ଞ ମଣ୍ଡପ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ପୂଜା କମିଟିର ସଭାପତି କେଶନ ଖମାରୀ ସୂଚନା ଦେଇଛନ୍ତି।



ଗୁମାଡେରା ମାଳିପଡ଼ା ଛକରେ ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା ଚାଲିଛି।

## ବିଭିନ୍ନ ଜିଲାରେ ସରକାରଙ୍କ ପିଆଜ ଦର ଦର୍ଶାଇଲା ବିଭାଗ

# ରାୟଗଡ଼ାରେ ୪୩, ଝାରସୁଗୁଡ଼ାରେ ୫୮

**ଭୁବନେଶ୍ୱର,୮।୧୧ (ବ୍ୟୁରୋ)**

ରାଜ୍ୟରେ ପିଆଜ ମୂଲ୍ୟ ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି। କିଛିଦିନ ତଳେ ସମାନ ସ୍ଥିତି ଉପୁଜିବା କାରଣରୁ ଲୋକଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା। ଏଥିଲାଗି ସରକାରଙ୍କୁ ଚାରିଆଡୁ ସମାଲୋଚନାର ଶିକାର ହେବାକୁ ମଧ୍ୟ ପଡିଥିଲା। ଏହାର ଦିନ କେଇଟା ପରେ ପୁନର୍ବାର ପିଆଜ ଦର ବୃଦ୍ଧି ପାଇବା ଯୋଗୁ ଲୋକଙ୍କ ସମସ୍ୟା ବଢାଇଦେଇଛି। ଫଳରେ ପିଆଜ ଦର ନିୟନ୍ତ୍ରିତ ରଖିବା ପାଇଁ ସରକରଙ୍କ ଖାଦ୍ୟ ଯୋଗାଣ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି। ଚାଷୀଙ୍କଠାରୁ ପିଆଜ କିଣି ବିନା ଲାଭ, ବିନା କ୍ଷତିରେ ଲୋକଙ୍କୁ ପହଞ୍ଚାଇବା ଲାଗି ୨ଦିନ ତଳେ ସରକାର ଜିଲାପାଳ ଏବଂ ଜିଲା ଖାଦ୍ୟ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ଯୋଗାଣ ବିଭାଗ ପିଆଜ ଦର କେଉଁଠାରେ କେତେ ଟଙ୍କାରେ ଯୋଗାଯାଉଛି ତା'ର ରିପୋର୍ଟ ପ୍ରଦାନ କରିଛି। ବର୍ତ୍ତମାନ ସୁଦ୍ଧା ସରକାରୀ ରିପୋର୍ଟ ଅନୁଯାୟୀ, କଟକରେ କିଲୋ ପିଛା ୪୯ ଟଙ୍କା, ଅନୁଗୋଳରେ ୫୫ଟଙ୍କା, ସମ୍ବଲପୁରରେ ୫୨ଟଙ୍କା, ବଲାଙ୍ଗୀରରେ ୫୫ଟଙ୍କା, ଝାରସୁଗୁଡ଼ାରେ ୫୮ ଟଙ୍କା, ଖୋର୍ଦ୍ଧାରେ ୫୦ଟଙ୍କା, ବାରିପଦାରେ ୫୦ ଟଙ୍କା, ଢେଙ୍କାନାଳରେ ୪୮ ଟଙ୍କା, ଭଦ୍ରକରେ ୪୮ ଟଙ୍କା, ନୂଆପଡ଼ାରେ ୫୦ ଟଙ୍କା, ଜୟପୁରରେ ୫୨ ଟଙ୍କା, ବ୍ରହ୍ମପୁରରେ ୪୨ ଟଙ୍କା, ଭବାନୀପାଟଣାରେ ୫୫ଟଙ୍କା, ବାଲେଶ୍ୱରରେ ୫୨ଟଙ୍କା, କେନ୍ଦ୍ରାପଡ଼ାରେ ୫୫ଟଙ୍କା, କେନ୍ଦୁଝରରେ ୫୨ଟଙ୍କା ଏବଂ ରାୟଗଡ଼ାରେ କେଜି ପ୍ରତି ୪୩ ଟଙ୍କାରେ ପିଆଜ ବିକ୍ରି କରାଯାଉଛି ବୋଲି ବିଭାଗ ସୂଚନା ଦେଇଛି। ସୂଚନାଯୋଗ୍ୟ ଯେ, ସରକାର ବିନା କ୍ଷତି ଓ ଲାଭରେ ସୁଲଭ ମୂଲ୍ୟ ଦୋକାନ ଏବଂ ମୈତ୍ରୀ ଷ୍ଟୋରରେ ପିଆଜ ବିକ୍ରି କରିବା ପାଇଁ କହିଛନ୍ତି। ଗୁରୁବାରଠାରୁ ଜିଲାଗୁଡ଼ିକରେ ସୁଲଭ ମୂଲ୍ୟ ଦୋକାନରେ ପିଆଜ ବିକ୍ରି ଆରମ୍ଭ ହୋଇଛି।

ଓଡ଼ିଶା ସରକାର
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ

PRERANA
(Post Matric Scholarship Registration Release and Network Automation)

No.: V-53: ଚଳିତ ବର୍ଷରୁ ମାଟ୍ରିକ ପର ଛାତ୍ରବୃତ୍ତି ନିମନ୍ତେ ''ଆଧାର'' ନମ୍ବର ପ୍ରମାଣୀକରଣ ନିତାନ୍ତ ଜରୁରୀ ଅଟେ। ପ୍ରେରଣାରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ଆଧାର ନମ୍ବର UIDAI ଦ୍ୱାରା ଯାଞ୍ଚ କରାଯାଇଛି। ଆଧାର ଯାଞ୍ଚର ସ୍ଥିତି ଆବେଦନକାରୀମାନଙ୍କୁ ପ୍ରେରଣାରେ ପଞ୍ଜୀକରଣ ସମୟରେ ଦିଆଯାଇଥିବା ମୋବାଇଲ ନମ୍ବରରେ SMS ଦ୍ୱାରା ଜଣେଇ ଦିଆଯାଉଛି। ତଦନୁସାରେ, ଆବେଦନକାରୀମାନଙ୍କୁ ଅନୁରୋଧ ସେମାନେ ନିମ୍ନଲିଖିତ ପ୍ରକ୍ରିୟା ଅନୁସରଣ କରିବେ: ଆବେଦନକାରୀମାନଙ୍କୁ ଅନୁରୋଧ ସେମାନେ ନିଜ ID PASSWORDରେ LOGIN କରି "KNOW YOUR AADHAAR VERIFICATION STATUS" TABରେ ଆଧାର ଯାଞ୍ଚର ସ୍ଥିତି ଚେକ୍ କରିବେ।

୧. ଯେଉଁ ଆବେଦନକାରୀମାନଙ୍କ LOGIN ପେଜ୍‌ରେ ଯାଞ୍ଚ ସ୍ଥିତି SUCCESSFULLY VERIFIED ଅଛି, ସେମାନଙ୍କୁ କୌଣସି ପଦକ୍ଷେପ ନେବା ଆବଶ୍ୟକ ନାହିଁ।
୨. ଯେଉଁ ଆବେଦନକାରୀମାନଙ୍କ LOGIN ପେଜ୍‌ରେ ଯାଞ୍ଚ ସ୍ଥିତି NOT VERIFIED ଅଛି, ସେମାନେ ନିମ୍ନଲିଖିତ ପ୍ରକ୍ରିୟା ଅନୁସରଣ କରିବା ଆବଶ୍ୟକ ଅଟେ।
a) ଯଦି ପ୍ରଦତ୍ତ ଆଧାର ନମ୍ବରଟି ଆପଣଙ୍କର ନୁହେଁ, ତେବେ ଦିଆଯାଇଥିବା BOXରେ ନିଜର ସଠିକ୍ ଆଧାର ନମ୍ବର ପ୍ରଦାନ କରି ପୁନଃ ଆବେଦନକୁ LOCK କରିବେ। LOCK କରିବା ପୂର୍ବରୁ ସୁନିଶ୍ଚିତ କରିବେ କି ଆଧାରରେ ଥିବା Name/Gender and D.O.B. ଏବଂ PRERANAରେ ଦିଆଯାଇଥିବା ସୂଚନା ପରସ୍ପର ସଙ୍ଗେ ମେଳ ଖାଉଛି।
b) ଯଦି ପ୍ରଦତ୍ତ ଆଧାର ନମ୍ବରଟି ଆପଣଙ୍କ ଅଟେ ଏବଂ ସେଥିରେ କିଛି PERSONAL DETAILS MISMATCH ଅଛି, ତେବେ:
i) ଯଦି ଆପଣଙ୍କର Name/Gender/DOB ସୂଚନା PRERANA ପୋର୍ଟାଲରେ ଭୁଲ ଅଛି, ତେବେ ସେହି ସୂଚନାକୁ ପୋର୍ଟାଲରେ login କରି "Edit Personal Details hyperling"ରେ click କରି ଆବଶ୍ୟକୀୟ ସଂଶୋଧନ କରିବା ପରେ ପୁନଃ ଆବେଦନକୁ lock କରିବେ।
ii) ଯଦି ଆପଣଙ୍କର Name/Gender/DOB ସୂଚନା ଆଧାରରେ ଭୁଲ୍ ଅଛି, ତେବେ ନିକଟସ୍ଥ ଆଧାର ପଞ୍ଜୀକରଣ କେନ୍ଦ୍ରରେ ଆବଶ୍ୟକୀୟ ସଂଶୋଧନ କରିବା ପରେ ପୁନଃ PRERANA ପୋର୍ଟାଲରେ login କରି ଆବେଦନକୁ lock କରିବେ।
c) ଯଦି ପ୍ରଦତ୍ତ ଆଧାର ନମ୍ବରଟି UIDAI ଦ୍ୱାରା INVALID/CANCELLED/SUSPENDED ଘୋଷିତ କରାଯାଇଛି, ତେବେ ନିକଟସ୍ଥ ଆଧାର ପଞ୍ଜୀକରଣ କେନ୍ଦ୍ରରେ ଆବଶ୍ୟକୀୟ ସଂଶୋଧନ କରିବା ପରେ PRERANA ପୋର୍ଟାଲରେ login କରି ନିର୍ଦ୍ଧାରିତ boxରେ ସଠିକ୍ ଆଧାର ପ୍ରଦାନ କରି ଆବେଦନକୁ ପୁନଃ lock କରିବେ।

PERSONAL DETAILS/AADHAAR ସୂଚନା PRERANA ପୋର୍ଟାଲରେ ସଂଶୋଧନ କରିବାର ଶେଷ ତାରିଖ ତା୨୦।୧୨।୨୦୧୯ ଅଟେ।

ସ୍ୱା./– ସ୍ୱତନ୍ତ୍ର ଶାସନ ସଚିବ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ
26001/11/0019/1920



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା।
- ଲେନିନ୍



## ସଂକ୍ଷେପରେ

### ଟ୍ରେନ୍ ଲାଇନରେ କଟି ଯୁବକ ମୃତ

**ବ୍ରଜରାଜନଗର, ୮।୧୧(ଡି.ଏନ୍.ଏ.)**- ଝାରସୁଗୁଡା ଜିଲା ବ୍ରଜରାଜନଗର ଥାନା ଗାନ୍ଧୀଛକ ଫାଣ୍ଡି ଅଧୀନ ଗୌଡ଼ମାଲ ପଞ୍ଚାୟତ ଜୁନାଡ଼ିହିରେ ଶୁକ୍ରବାର ଭୋରରେ ଟ୍ରେନ ଧକ୍କାରେ ଜଣେ ୩୦ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅଜିତ ବକ୍ସି। ସେ ଅନ୍ୟ ରାଜ୍ୟର ହୋଇଥିବାବେଳେ ସପରିବାର ଜୁନାଡ଼ିହିରେ ରହି ପଥର ଖାଦାନରେ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ଗୋଡ଼ କଟି ଗୋଟିଏ ସ୍ଥାନରେ ପଡିଥିବା ବେଳେ ଶରୀର ଅନ୍ୟ ସ୍ଥାନରେ ପଡ଼ିଥିଲା। ଗ୍ରାମବାସୀ ରେଳରୋକୋ କରିବା ପରେ ପୋଲିସ, ଗୌଡ଼ମାଲ ସରପଞ୍ଚ ଝରଣା ସାଗର, ରାଜପୁର ସମିତି ସଭ୍ୟ ଗଣେଶରାମ ବାଗଙ୍କ ଉପସ୍ଥିତିରେ ସହାୟତା ଦେବା ପାଇଁ ନିଷ୍ପତ୍ତି ହୋଇଥିଲା।

# ବେଜବରୁଆ ଭବନ ପରିଦର୍ଶନ କଲେ ଆସାମ ସଂସ୍କୃତି ସଚିବ

**ସମ୍ବଲପୁର, ୮।୧୧ (ବ୍ୟୁରୋ)**

ଆସାମ ସରକାରଙ୍କ ସଂସ୍କୃତି ବିଭାଗ ସଚିବ ତଥା କମିଶନର ପ୍ରୀତମ ସାଇକିଆ ଶୁକ୍ରବାର ସମ୍ବଲପୁର ଗସ୍ତରେ ଆସି ପହଞ୍ଚିଛନ୍ତି। ସେ ମାଁ ସମଲେଇଙ୍କ ଦର୍ଶନ କରିଛନ୍ତି। ବେଜବରୁଆ ଭବନ, ସାଧନା ଗୃହ ଓ ବାସଭବନ ବୁଲି ଦେଖିଛନ୍ତି । ଏଥିସହ ସାଧନା ଗୃହର ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି ନିରୀକ୍ଷଣ କରିଛନ୍ତି। ଇନଟାକ୍ ଏହାର ନବୀକରଣ କାର୍ଯ୍ୟ କରୁଛି। ଗୃହର ଅଧିକାଂଶ କାନ୍ଥକୁ ସ୍ଥାୟିତ୍ୱ ପ୍ରଦାନ ଲାଗି ମରାମତି କରାଯାଉଛି। କାନ୍ଥରେ ଚୂନ, ବେଲ ଏବଂ ଅନ୍ୟାନ୍ୟ ଦ୍ରବ୍ୟର ମିଶ୍ରଣରେ ପ୍ରସ୍ତୁତ ପ୍ଲାଷ୍ଟର ଦିଆଯିବା କାମ ଆରମ୍ଭ ହୋଇଛି। ସଚିବ କହିଥିଲେ ଯେ, ଫେବୃଆରୀ ମାସ ଶେଷ ସୁଦ୍ଧା ନବୀକରଣ କାର୍ଯ୍ୟ ସମାପ୍ତ ହେବ । ମାର୍ଚ୍ଚ ୨୬ ତାରିଖ ବେଜବରୁଆଙ୍କ ମହାପ୍ରୟାଣ ଦିବସରେ ଏହାର ଉଦ୍‌ଘାଟନ କରିବାକୁ ଯୋଜନା ଚାଲିଛି। ଗୃହର ମରାମତି ସକାଶେ ଓଡ଼ିଶା ସରକାର ୫୦ ଲକ୍ଷ ଟଙ୍କା ଅନୁଦାନ ରାଶି ପ୍ରଦାନ କରିବା ସହ ସମସ୍ତ ପ୍ରକାର ସହଯୋଗ କରୁଥିବାରୁ ଆସାମ ସରକାର ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟବାସୀଙ୍କ ପାଖରେ କୃତଜ୍ଞ। ଅନ୍ୟପକ୍ଷେ ଆସାମ ସରକାର ମଧ୍ୟ ୫୦ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ଆବଶ୍ୟକତା ଅନୁଯାୟୀ ଆଗାମୀ ଦିନରେ ମଧ୍ୟ ଆସାମ ସରକାର ଅର୍ଥ ଯୋଗାଇ ଦେବେ। ଆସନ୍ତା ବଜେଟରେ ଏଥିପାଇଁ ଅର୍ଥ ବ୍ୟବସ୍ଥା କରାଯିବ। କେବଳ ମରାମତି ସକାଶେ ନୁହେଁ, ପୁନରୁଦ୍ଧାର କାର୍ଯ୍ୟ ସରିଗଲା ପରେ ଏକ ମ୍ୟୁଜିୟମ, ଲାଇବ୍ରେରୀ ଓ କବି-ଲେଖକଙ୍କ ସକାଶେ କର୍ମଶାଳା ରୂପେ ବିକଶିତ କରି ବେଜବରୁଆ ସ୍ମୃତି କେନ୍ଦ୍ରର ପରିଚାଳନା ସକାଶେ ସ୍ଥାୟୀ ପାଣ୍ଠି ପାଇଁ ମଧ୍ୟ ସରକାର ଅନୁଦାନ ଦେବେ ବୋଲି ସଚିବ କହିଛନ୍ତି। ବେଜବରୁଆ ଭବନ ପରିଦର୍ଶନ ସମୟରେ ସ୍ମୃତିରକ୍ଷା ସମିତିର ଆବାହକ, ସଦସ୍ୟ, ଜିଲା ପର୍ଯ୍ୟଟନ ଅଧିକାରୀ ହେମନ୍ତ ପ୍ରଧାନ ଉପସ୍ଥିତ ଥିଲେ।



ଶୁକ୍ରବାର ସମ୍ବଲପୁରସ୍ଥିତ ବେଜବରୁଆ ଭବନ ପରିଦର୍ଶନ କରି ଆସାମ ସଂସ୍କୃତି ସଚିବ ଆଲୋଚନା କରୁଛନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଲେଇ ନାନୀ
ବିଲେଇ କାମୁଡ଼େ ପଣତକାନି ।**

କିଛି ବ୍ୟକ୍ତି ନିହାତି ଓଲୁ ପ୍ରକୃତିର ହୋଇଥାନ୍ତି। ବୁଦ୍ଧିହୀନ, ନିର୍ବୋଧ, ଅଚତୁର ଲୋକଙ୍କୁ ଓଲୁ କୁହାଯାଏ। ତାଙ୍କ ଆଗରେ ଘଟୁଥିବା ଘଟଣା ବିଷୟରେ କିଛି ବି ସୁରାକ ବା ଟେର୍ ପାଇପାରି ନ ଥାନ୍ତି। ଅତି ଓଲୁ। ଏପରି ଓଲୁ ଯେ ନିଜ ପିନ୍ଧାଲୁଗାର ପଣତକାନି କିଏ କାଟିନେଲା ତାହା ସେ ଜାଣି ନ ପାରିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଓଲେଇ ମାଇକିନାର ଓଷା
ଉକୁଣି ମୁଣ୍ଡରେ ଖୋଷା ।**

ଓଷା, ବାର ବ୍ରତରେ ଉପବାସ ରଖିବାକୁ ପଡ଼ିଥାଏ। ଏହାକୁ ତ୍ୟାଗ ଓ ନିଷ୍ଠାର ସମୟ ବୋଲି ନ ଭାବି ଖାଦ୍ୟଗ୍ରହଣ କରିବା ଭଣ୍ଡାମି ହୋଇଥାଏ। ଧର୍ମକୁ ଆଖିଠାର ମାରିବା ସଦୃଶ ହୋଇଥାଏ। ଯିଏ ରୋଷେଇଶାଳରେ ରହି ପାଟିରେ ସର୍ବଦା କିଛି କିଛି ଖାଇ ଚାଲିଥାଏ ତା'ପାଇଁ ଉପବାସ ରଖିବାର ମୂଲ୍ୟ କିଛି ରହି ନ ଥାଏ। ସେହିପରି ମୁଣ୍ଡରେ ଉକୁଣି ଥିଲେ ସ୍ଥିର ଖୋଷା ପାରି ହୋଇ ନ ଥାଏ। ପ୍ରକାରାନ୍ତରେ ଏସବୁ ବୃଥା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ରୋଗୀଙ୍କୁ ବୋହିଲେ ଆମ୍ବୁଲାନ୍ସ କର୍ମଚାରୀ

## ପଡାକୁ ରାସ୍ତା ନିର୍ମାଣରେ ବାଧା ସୃଷ୍ଟି କରିଛି ରୟତି ଜମି

**ସମ୍ବଲପୁର,୮।୧୧(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଟାମ୍ପରଗଡ ପଞ୍ଚାୟତ ଟିପିଟକାନୀପଡାକୁ ରାସ୍ତା ନାହିଁ। ଫଳରେ ଏହି ପଡାକୁ ଆମ୍ବୁଲାନ୍ସ ପହଞ୍ଚି ପାରୁନି। ଶୁକ୍ରବାର ଏହାର ପ୍ରମାଣ ମିଳିଛି। ପଡାର ଜଣେ ରୋଗୀଙ୍କୁ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ଖଟିଆରେ ବୋହି ଆମ୍ବୁଲାନ୍ସ ନିକଟକୁ ଆଣିଥିଲେ । ଘରଠୁ ପ୍ରାୟ ୩ ଶହ ମିଟର ଦୂରରେ ଆମ୍ବୁଲାନ୍ସ ଅଟକି ରହିଥିଲା । ଏବେ ଜିଲା ସଦର ଡାକ୍ତରଖାନାରେ ସେ ଚିକିତ୍ସିତ ହେଉଛନ୍ତି।

ମିଳିଥିବା ସୂଚନା ଅନୁସାରେ ଗ୍ରାମର ଏଲରସ ସୁରେନ (୬୦) ବହୁ ଦିନରୁ ରୋଗରେ ପୀଡିତ। ଗୁରୁବାର ତାଙ୍କ ଅବସ୍ଥା ଗୁରୁତର ହେବାରୁ ୧୦୮ ଆମ୍ବୁଲାନ୍ସକୁ ଘର ଲୋକେ ଡାକିଥିଲେ। ହେଲେ ଗାଁ ଶେଷ ମୁଣ୍ଡ ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଯିବା ପରେ ସୁରେନଙ୍କ ଘରଠୁ ୩ ଶହ ମିଟର ଦୂରରେ ଅଟକି ଥିଲା । ସୁରେନଙ୍କ ଘରକୁ ରାସ୍ତା ନ ଥିବା ଦେଖି କର୍ମଚାରୀମାନେ ଯାଇ ତାଙ୍କୁ ଖଟିଆରେ ଆଣିଥିଲେ। ତେବେ ଏ ସମ୍ପର୍କରେ ଗାଁରେ ରହୁଥିବା ବ୍ଲକ୍ ବିଜେଡି ସଭାପତି ବିନୋଦ ବଡପଣ୍ଡା କହିଛନ୍ତି ଯେ, ଯେ ଟିପିଟକାନୀ ଗ୍ରାମକୁ ପ୍ରଧାନମନ୍ତ୍ରୀ ରାସ୍ତା ନିର୍ମାଣ କରାଯାଇଛି। ହେଲେ ସୁରେନଙ୍କ ପଡାରେ ୩ଟି ପରିବାର ରହନ୍ତି । ଉକ୍ତ ପଡାର ଚାରିପଟେ ରୟତି ଜମି ରହିଛି। ତେଣୁ ଉକ୍ତ ପଡାକୁ ରାସ୍ତା ନିର୍ମାଣ ହୋଇ ପାରୁନି। ଜମି ମାଲିକଙ୍କୁ ମଧ୍ୟ ଜମି ଦେବାକୁ ଅନୁରୋଧ କରାଯାଇଛି। ହେଲେ ସେମାନେ ଜମି ଛାଡିବାକୁ ନାରାଜ। ଫଳରେ ରାସ୍ତା ନିର୍ମାଣ ହୋଇ ପାରୁନି।



ଆମ୍ବୁଲାନ୍ସ କର୍ମଚାରୀ ରୋଗୀଙ୍କୁ ଖଟିଆରେ ବୋହି ନେଉଛନ୍ତି।





ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ଆୟୋଜିତ 'ଭାରତୀୟ ଗଣତନ୍ତ୍ରରେ ସଙ୍କଟ ଶୀର୍ଷକ' ଆଲୋଚନା ଓ ବିତର୍କ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଗଣତନ୍ତ୍ରକୁ ଅଶାନ୍ତ କରୁଛି ଦୁର୍ନୀତିର କ୍ୟାନସର

**ନାକଟିଦେଉଳ,୮।୧୧(ଡି.ଏନ.ଏ.)**

ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ 'ଭାରତୀୟ ଗଣତନ୍ତ୍ରରେ ସଙ୍କଟ ଶୀର୍ଷକ' ଏକ ଆଲୋଚନା ଓ ବିତର୍କ କାର୍ଯ୍ୟକ୍ରମ ଶୁକ୍ରବାର ଆୟୋଜିତ ହୋଇଯାଇଛି। ସ୍ନାତକ କଲେଜର ଅଧ୍ୟକ୍ଷ ତଥା ବିଭାଗୀୟ ମୁଖ୍ୟ ସୁଧୀର କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଏହି ଆଲୋଚନାଚକ୍ରରେ ଦେବଗଡ଼ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଜିତେନ୍ଦ୍ର କୁମାର ପ୍ରଧାନ ଯୋଗଦେଇ ଦୁର୍ନୀତିର କ୍ୟାନସର ଦିନକୁ ଦିନ ବୃଦ୍ଧି ପାଇ ଗଣତନ୍ତ୍ରକୁ ଅଶାନ୍ତ କରିଚାଲିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବରେ ଦେବଗଡ଼ ମହାବିଦ୍ୟାଳୟର ଅଧ୍ୟାପକ ନିରଞ୍ଜନ ସାହୁ ଏବଂ ସମ୍ମାନୀତ ଅତିଥି ଭାବରେ ନାକଟିଦେଉଳ କନିଷ୍ଠ କଲେଜର ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ଡ.ଦୀପେନ କୁମାର ପଟ୍ଟନାୟକ ଯୋଗଦେଇ ଗଣତନ୍ତ୍ରର ଐତିହାସିକ ପୃଷ୍ଠଭୂମି ସାଂପ୍ରତିକ ଭାରତ ବର୍ଷରେ ଦେଖା ଦେଇଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରୀ ପ୍ରମିତା ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଚିନ୍ମୟୀ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଲିଟିନା ପ୍ରିୟଦର୍ଶନୀଙ୍କ ସଂଯୋଜନାରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ଛାତ୍ରୀ ପ୍ରଜ୍ଞାପାରମିତା ମିସାନ, ଶୁଭଲକ୍ଷ୍ମୀ ସାହୁ, ପ୍ରମିତା ସାହୁ, ପ୍ରଜ୍ଞାଶ୍ରୀ ସାହୁ, ଛାତ୍ର ଦିପେନ୍ଦ୍ର ସାହୁ ଏବଂ ଭବାନୀ ଶଙ୍କର ସାହୁ ପ୍ରମୁଖ ସ୍ୱରଚିତ ନିବନ୍ଧ ପାଠ କରିଥିଲେ। ଛାତ୍ରୀ ମହିମା ଖାଖା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଏବିଭିପି ନଗର ସମ୍ମିଳନୀ

**ସମ୍ବଲପୁର,୮।୧୧(ବ୍ୟୁରୋ)**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ନଗର ସମ୍ମିଳନୀ କୁମ୍ଭାରପଡା ଲାୟନ୍ସ କ୍ଲବ ସଭାକକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଏବିଭିପି ପ୍ରାନ୍ତ ସଂଗଠନ ସମ୍ପାଦକ ଅଭିଳାଷ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଜ୍ଞାନ, ଚରିତ୍ର ଓ ଏକତା ଉପରେ ଆଲୋକପାତ କରିଥିଲେ । ସମ୍ବଲପୁର ବିଭାଗ ପ୍ରମୁଖ ଡୋଳାମଣୀ ମେହେର, ଜିଲା ସଂଗଠନ ସମ୍ପାଦକ ମାନସ ସାହୁ, ଜିଲା ସଂଯୋଜକ ଛନ୍ଦାଚରଣ ଦଳପତ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ନୂତନ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଥିଲା । ଅଧ୍ୟାପକ ସିକନ ଦାସ ନଗର ସଭାପତି, ଅମିତ କୁମାର ପଣ୍ଡା ଓ ଟେକଧର କର ଉପସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ସୀତାଂଶୁଶେଖର ବରେଇଙ୍କୁ ନଗର ସମ୍ପାଦକ, ବିଶାଳ ବେହେରା, ଚନ୍ଦନ ମୁଦୁଲି, ଡି. ମୁଣ୍ଡା, ସତ୍ୟବ୍ରତ ପ୍ରଧାନଙ୍କୁ ସମ୍ପାଦକ ଭାବେ ଚୟନ କରାଯାଇଥିଲା। ସେହିପରି କାର୍ଯ୍ୟକାରିଣୀ ସଭ୍ୟ ଭାବେ ସିଦ୍ଧାନ୍ତ ପୂଜାରୀ, ସ୍ୱାଗତିକା ଦିଶ୍ରୀ, ସ୍ୱପ୍ନା ବଣ୍ଟୁକି, ଡିଗ୍ରୀ ସିଂ ଓ ହର୍ଷିକ ଖାଖା ରହିଛନ୍ତି। ଅନନ୍ତ ପ୍ରସାଦ କୁମ୍ଭାର ଜନସମ୍ପର୍କ ପ୍ରମୁଖ ଥିବା ବେଳେ ପ୍ରିୟଙ୍କା ବେହେରା ସହ ଜନସମ୍ପର୍କ ପ୍ରମୁଖ ରହିଛନ୍ତି । ଏତଦ୍‌ବ୍ୟତିତ ଅନୁପମା ସେଠ, ଅନନ୍ଦା ମିଶ୍ର, ସୁଶାନ୍ତ ଭୋଇ, ନିପୁନ ସାନବଡ, ରାଜୀବ ଗୌଡ, ଆଦିତ୍ୟ ପୁରୋହିତ, ଚିତିକୃଷ୍ଣ ସାହୁ, ପଦ୍ମଶ୍ରୀ ଖଟେଇ, ଧରିତ୍ରୀ ପ୍ରଧାନ ବିଭିନ୍ନ ଦାୟିତ୍ୱରେ ରହିଛନ୍ତି। ଶେଷରେ ନଗର ସଂଗଠନ ସମ୍ପାଦକ ଲଳିତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଶୁକ୍ରବାର ସମ୍ବଲପୁର ଏବିଭିପି ନଗର ଶାଖାର କର୍ମକର୍ତ୍ତା ସମ୍ମିଳନୀରେ ପ୍ରତିନିଧିମାନେ ।

# ଗଛ କାଟି ରାସ୍ତା ନିର୍ମାଣ, କାମ ବନ୍ଦ କଲା ବନ ବିଭାଗ

**ସମ୍ବଲପୁର,୮।୧୧(ବ୍ୟୁରୋ)**

ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ ଯୁଯୁମୁରାରେ ୫୫ ନମ୍ବର ଜାତୀୟ ରାଜପଥରୁ ଦେଓଝରଣକୁ ପୂର୍ତ୍ତ ବିଭାଗ ପକ୍ଷରୁ ଗଛ କାଟି ରାସ୍ତା ନିର୍ମାଣ କରାଯାଉଥିବାବେଳେ ବନ ବିଭାଗ ବନ୍ଦ କରିଛି। ପ୍ରାୟ ୩ ଦିନ ହେଲା କାମ ଚାଲିଥିବା ଦେଖି ସ୍ଥାନୀୟ ଅଞ୍ଚଳର ସବିତା ଦେହୁରୀ ନାମ୍ନୀ ଜଣେ ମହିଳା ବନ ବିଭାଗକୁ ଅଭିଯୋଗ କରିଥିଲେ। ଏ ନେଇ ସଦର ରେଞ୍ଜର ଗୌରୀ ଦାସ କହିଛନ୍ତି ଯେ, ଘଟଣାସ୍ଥଳ ପରିଦର୍ଶନ କଲା ପରେ ଠିକ ଘଟଣା ଜଣାପଡିବ । ଉକ୍ତ ଜମି କେଉଁ କିସମର ଓ କେତେ ଗଛ କଟାଯାଇଛି ଗଣତି ପରେ ରାସ୍ତା କାମ କରୁଥିବା ଠିକାଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବୃଦ୍ଧାଶ୍ରମରେ ଲୁଗା, ଖାଦ୍ୟ ବଣ୍ଟନ

**ବାମରା,୮।୧୧(ଡି.ଏନ.ଏ.)**

ବାମରା ନିକଟସ୍ଥ ରାବଣଡିହି ବୃଦ୍ଧାଶ୍ରମରେ ଲୁଗା ଓ ଖାଦ୍ୟପେୟ ବଣ୍ଟନ କରାଯାଇଛି। ଜରାଶ୍ରମରେ ଥିବା ୩୮ ଜଣ ବୃଦ୍ଧାବୃଦ୍ଧଙ୍କୁ ଶାଢ଼ୀ, ଧୋତି, ସହ ଖାଦ୍ୟ ପେୟ ବଣ୍ଟନ କରାଯାଇଥିଲା। ଏହି ଅବସରରେ ପୂର୍ବତନ ରେଞ୍ଜର ପ୍ରଶାନ୍ତ ଶତପଥୀ, ପୁଷ୍ପମଣୀ ପଣ୍ଡା ଓ ଜରାଶ୍ରମ ସଞ୍ଚାଳକ ଯୁଧିଷ୍ଠିର ପ୍ରଧାନଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



ସମ୍ବଲପୁର ବରେଇପାଲି ପାଞ୍ଚଗଛିଆ ନିକଟରେ ଇ-ସ୍କୁଟର ଶୋରୁମକୁ ବରଗଡ ଏମ୍‌ପି ସୁରେଶ ପୂଜାରୀ ଉଦ୍‌ଘାଟନ କରୁଛନ୍ତି।

# ଇ-ସ୍କୁଟର ଶୋ'ରୁମ୍ ଉଦ୍‌ଘାଟିତ

**ସମ୍ବଲପୁର, ୮।୧୧ (ବ୍ୟୁରୋ)**

ବରେଇପାଲି ପାଞ୍ଚଗଛିଆ ନିକଟସ୍ଥ ହୀରା ଇନ୍ସ୍ୟୁଲ୍ସ ପରିସରରେ ଶୁକ୍ରବାର ସାହାରା ଇଭୋଲ୍ସ ଇ- ସ୍କୁଟର ଶୋରୁମ୍ ଉଦ୍‌ଘାଟିତ ହୋଇଛି । ବରଗଡ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଶୋରୁମ୍‌ର ଉଦ୍‌ଘାଟନ କରିଥିଲେ । ସାହାରା ଇଣ୍ଡିଆ ସମ୍ବଲପୁର କ୍ଷେତ୍ର ପ୍ରବନ୍ଧକ ଆର୍ତ୍ତତ୍ରାଣ ମିଶ୍ର, ଆଞ୍ଚଳିକ ପ୍ରବନ୍ଧକ ନରେନ୍ଦ୍ର କୁମାର ବେହେରା, ସତ୍ତ୍ୱାଧିକାରୀ ଅନୀଲ କୁମାର ପାଣ୍ଡେ, ବିନୟ ତିୱାରୀ ଓ ଗୋପାଳ ସାହୁ ସାହାରା ଇଭୋଲ୍ସ କ୍ଷେତ୍ର ମୁଖ୍ୟ ଅଶୋକ ଦୁବେ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ବ୍ୟାଟେରୀ ଚାଳିତ ଏହି ଦୁଇ ଚକିଆ ଯାନ ଲୋକଙ୍କର ଆଗ୍ରହ ବଢ଼ାଇବ ଓ ପରିବେଶ ସୁରକ୍ଷା ଦିଗରେ ସହାୟତା ହେବ ବୋଲି ଅତିଥିମାନେ କହିଥିଲେ ।

CLASSIFIED DISPLAY
ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍
ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ
ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦ ଲକ୍ଷ, ଭଡ଼ା 60 ହଜାର + ବାଇକ୍ ।
20 ବର୍ଷର କୋର୍ଟ ଏଗ୍ରିମେଣ୍ଟ ।
7838639856
8826558929

FINANCE

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
MICRO FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8278449759
8901395759
B-34/7 A Block Vijay Enclave, Bururi, New Delhi

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

ଶୁଭଜନଲକ୍ଷ୍ମୀ ଫାଇନାନ୍ସ
ଗୃହ ଋଣ, ମାର୍କଶିଟ୍ ଋଣ, କୃଷି ଋଣ, ପର୍ସନାଲ ଋଣ, ଗ୍ରୁପ୍ ଋଣ, ମାତ୍ର 5 ବାର୍ଷିକ ସୁଧ ହାରରେ ।
ଯୋଗାଯୋଗ କରନ୍ତୁ
9899289162
9858323204
Dehradun, UK

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ ସମସ୍ତ ପ୍ରକାର LOAN
BARSA FINANCE ଯୋଗାଇ ଦେଉଛି । ସୁଧ=1%
M = 7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

DHARITRI Career appointment Every Wednesday and Saturday

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଲର୍ନିଂ ଲାଇସେନ୍ସ ପାଇଁ ୭୦୬ ନାଁ ପଞ୍ଜୀକୃତ

ଜମନକିରା, ୮ । ୧୧ (ଡି.ଏନ୍.ଏ.) ଜମନକିରା ବ୍ଲକ୍‌ରେ ମୋଟ ୭୦୬ ଜଣଙ୍କ ଲର୍ନିଂ ଲାଇସନ୍ସ ପାଇଁ ପଞ୍ଜୀକୃତ ହୋଇଛି। ଏଥିରେ ପ୍ରଶାସନ ପକ୍ଷରୁ ଏପିଓ ସ୍ୱାଗତ ଶତପଥୀ, ଡିଇଓ ସନ୍ତୋଷ ଛୁରିଆ, ଡିଇଓ କମଳଲୋଚନ ଗୋଟା, ପିଓ (ଡିଆର୍‌ଡିଏ)ଅକ୍ଷୟ ପାଢ଼ୀ, ପିଓ (ଡିଆର୍‌ଡିଏ) ସୁସ୍ମିତା ପୁହାର, ଡିଆଇସି କବିଶ ଅଗସ୍ତି, ବିଇଓ ବିଜୟ କୁମାର ବାଦି ଏବଂ ବିଜୟ ଦେହୁରୀ ପ୍ରମୁଖ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।

### ଦିବ୍ୟାଙ୍ଗ ପିଲାଙ୍କ ମା, ବାପାଙ୍କୁ ତାଲିମ

ରେଙ୍ଗାଲି,୮।୧୧(ଡି.ଏନ.ଏ.) ରେଙ୍ଗାଲି ଗୋଷ୍ଠୀ ସାଧନ କେନ୍ଦ୍ରରେ ଶୁକ୍ରବାର ଦିବ୍ୟାଙ୍ଗ ପିଲାମାନଙ୍କର ମା, ବାପାଙ୍କୁ ନେଇ ଏକ ଦିବସୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ରେଙ୍ଗାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟଶ୍ରୀ ଦୋରା ଉଦ୍‌ଘାଟନ କରିଥିଲେ। ଦିବ୍ୟାଙ୍ଗ ପିଲାଙ୍କୁ କେମିତି ସ୍ନେହ, ଶ୍ରଦ୍ଧା, ସହାନୁଭୂତି ଓ ଉପଯୁକ୍ତ ତତ୍ତ୍ୱାବଧାନରେ ମଣିଷ କରି ଗଢ଼ିହେବ ସେ ବିଷୟରେ ଗୋଷ୍ଠୀ ଶିକ୍ଷାଧିକାରୀ ଆଲୋଚନା କରିଥିଲେ। ପ୍ରଶିକ୍ଷକ ପର୍ଶୁରାମ ନାଥ, ପୁରୁଷୋତ୍ତମ ପାତ୍ର ଓ ବିଆରପି ସ୍ନେହାରାଣୀ ପାତ୍ର ସମସ୍ତ ଅଭିଭାବକଙ୍କୁ ସଚେତନ କରାଇବା ସହ ଦିବ୍ୟାଙ୍ଗ ପିଲାଙ୍କୁ କେମିତି ସ୍ୱାବଲମ୍ବୀ କରାଯିବ ସେ ବିଷୟରେ ସବିଶେଷ ଆଲୋଚନା କରିଥିଲେ । ସରକାର ଦିବ୍ୟାଙ୍ଗ ପିଲାଙ୍କ ପାଇଁ ପ୍ରଦାନ କରୁଥିବା ସାହାଯ୍ୟ ଓ ସହଯୋଗର ସୁଯୋଗ ନେବା ପାଇଁ ପରାମର୍ଶ ଦେଇଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ୬୦ଜଣ ଦିବ୍ୟାଙ୍ଗ ପିଲାଙ୍କ ଅଭିଭାବକ ଯୋଗ ଦେଇଥିଲେ।

### ସର୍ଙ୍କର୍ମା ଜଗନ୍ନାଥ ମନ୍ଦିର ପୂଜକଙ୍କ ପରଲୋକ



ସମ୍ବଲପୁର,୮।୧୧(ବ୍ୟୁରୋ) ସମ୍ବଲପୁର ସର୍ଙ୍କର୍ମା ଗ୍ରାମର ଜଗନ୍ନାଥ ମନ୍ଦିର ପୂଜକ ଶତାୟୁ ଦ୍ୱାରିକା ବେହେରାଙ୍କ ପରଲୋକ ହୋଇଛି । ଜିଲା ମୁଖ୍ୟ ଚିକିତ୍ସାଳରେ ସେ ଚିକିତ୍ସାଧୀନ ଥିବାବେଳେ ଶୁକ୍ରବାର ସକାଳ ୭ ଟାରେ ମୃତ୍ୟୁ ଘଟିଥିଲା। ସମ୍ବଲପୁର ରାଜଘାଟ (ସ୍ୱର୍ଗଦ୍ୱାର)ରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ପୁଅ ରାମଚନ୍ଦ୍ର ମୁଖାଗ୍ନି ଦେଇଥିଲେ । ବଡପୁଅ ପୂର୍ଣ୍ଣଚନ୍ଦ୍ର, ସାନପୁଅ ଜ୍ଞାନରଞ୍ଜନଙ୍କ ସମେତ ପରିବାର ବର୍ଗ ଉପସ୍ଥିତ ଥିଲେ । ରାଜଘାଟରେ ବିଭିନ୍ନ ଅନୁଷ୍ଠାନର ସଦସ୍ୟ ଉପସ୍ଥିତ ରହି ତାଙ୍କ ଶେଷ ଦର୍ଶନ କରିଥିଲେ।

■୧୦ ଜିଲାରୁ ଶିଶୁଯତ୍ନ ଅନୁଷ୍ଠାନର ଅନ୍ତେବାସୀ ଭାଗନେଲେ

# ନାଚଗୀତରେ ସଚେତନତା ବାର୍ତ୍ତା ଦେଲେ

ସମ୍ବଲପୁର, ୮।୧୧ (ବ୍ୟୁରୋ)

ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଶୁକ୍ରବାର ଆଞ୍ଚଳିକ ଶିଶୁ ମହୋତ୍ସବ ମହକ– ୨୦୧୯ ଅନୁଷ୍ଠିତ ହୋଇଯାଇଛି। ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନ ଅନ୍ତର୍ଗତ ୧୦ଟି ଜିଲାର ଶିଶୁଯତ୍ନ ଅନୁଷ୍ଠାନର ଅନ୍ତେବାସୀମାନେ ଏଥିରେ ଭାଗ ନେଇଥିଲେ । ନୃତ୍ୟ, ଗୀତ ଓ ଅଭିନୟ ମାଧ୍ୟମରେ କନ୍ୟାରତ୍ନ, ସମସ୍ତଙ୍କ ପାଇଁ ଶିକ୍ଷା, ସ୍ୱଚ୍ଛତା, ପରିବେଶ ସୁରକ୍ଷା ଓ ନିଶା ନିବାରଣ ଉପରେ ଛାତ୍ରୀଛାତ୍ର ସଚେତନତା ବାର୍ତ୍ତା ଦେଇଥିଲେ ।

**ଆଞ୍ଚଳିକ ଶିଶୁ ମହୋତ୍ସବ ମହକ– ୨୦୧୯**

ନୃତ୍ୟରେ ପ୍ରେକ୍ଷାଳୟ ଦୁଲୁକି ଉଠିଥିଲା। ସୁସ୍ମିତା ପଟ୍ଟନାୟକ ସଂଯୋଜନା କରିଥିଲେ। ଜିଲାପାଳ ଶୁଭମ ସକସେନା, ଡିଏସ୍‌ଡବ୍ଲୁଓ ଗୀତାଞ୍ଜଳି ମହାପାତ୍ର, ସର୍ବ ଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜିକା କଳ୍ପନା ପଣ୍ଡା, ଶିଶୁ କଲ୍ୟାଣ ସମିତି ଅଧକ୍ଷ ବ୍ରଜେନ୍ଦ୍ର ପଣ୍ଡା, ଜିଲା ରେଡକ୍ରସ ସମ୍ପାଦକ ଜୟ ଜର୍ଜ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଜିଲା ଶିଶୁ ସୁରକ୍ଷା ବିଭାଗ ଅଧିକାରୀ ଶୁଚିସ୍ମିତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ତ୍ରିଲୋଚନ ତ୍ରିପାଠୀ, ସନ୍ତୋଷ ମିଶ୍ର, ରାମାଶିଷ ତ୍ରିପାଠୀ, ଶଶାଙ୍କଶେଖର ଦୁବେ, ଅସୀମ କୁମାର ପ୍ରଧାନ, ମମତା ସାହୁ ବିଚାରକ ଭାବେ ଯୋଗ ଦେଇଥିଲେ । କନିଷ୍ଠ ବିଭାଗ ଏକକ ନୃତ୍ୟରେ କେନ୍ଦୁଝରର ସାରା ଟୁଡୁ ପ୍ରଥମ ଓ ଢେଙ୍କାନାଳର ଶ୍ରୀମତୀ ପ୍ରଧାନ ଦ୍ୱିତୀୟ ହୋଇଥିଲେ। ବରିଷ୍ଠ ବିଭାଗରେ ସୁନ୍ଦରଗଡର ସ୍ନିଗ୍ଧା ଦାଶ ପ୍ରଥମ, ବରଗଡର ବର୍ଷା ନାଗ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ପ୍ରତିଭା ଦକ୍ଷତା କନିଷ୍ଠ ବିଭାଗରେ ବଲାଙ୍ଗୀରର ପ୍ରମୋଦ ପାରାଭୁଏ ପ୍ରଥମ ଓ ସମ୍ବଲପୁରର ପବନ ମୁଣ୍ଡା ଦ୍ୱିତୀୟ, ବରିଷ୍ଠ ବିଭାଗରେ ବଲାଙ୍ଗୀରର ନନ୍ଦିନୀ ମିର୍ଦ୍ଧା ପ୍ରଥମ ଓ ସୁନ୍ଦରଗଡର ସୁସ୍ମିତା କାଲୋ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ । ଦଳଗତ ନୃତ୍ୟରେ ସୁନ୍ଦରଗଡ ଜୟଶଙ୍କର ସେବାଶ୍ରମ ପ୍ରଥମ, ସମ୍ବଲପୁରର ଡା. ଆଇଜାକ ସାନ୍ତ୍ରା ବାଳନିକେତନ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା।




ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଶୁକ୍ରବାର ଅନୁଷ୍ଠିତ ଆଞ୍ଚଳିକ ଶିଶୁ ମହୋତ୍ସବ 'ମହକ– ୨୦୧୯'ରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି (ବାମ)। ଜଣେ ଛାତ୍ରୀ ଏକକ ଅଭିନୟ ପ୍ରଦର୍ଶନ କରୁଛନ୍ତି ।





ଅତିଥି ଓ ଆୟୋଜକଙ୍କ ସହ 'ମହକ' ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ (ବାମ) । କାର୍ଯ୍ୟକ୍ରମରେ ଛାତ୍ରୀମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି ।

■ସୈରେନ୍ଦ୍ରୀ ନାୟକ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ

# ବିକାଶ ଟାଉନ ହାଇସ୍କୁଲ ଫାଇନାଲରେ

ସମ୍ବଲପୁର, ୮।୧୧ (ବ୍ୟୁରୋ)

ସମ୍ବଲପୁର ଜିଲା ବର୍ଷିୟାନ କ୍ରୀଡା ସଂଘ ପକ୍ଷରୁ ଆୟୋଜିତ ସୈରେନ୍ଦ୍ରୀ ନାୟକ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ ଖେଳିବାକୁ ବିକାଶ ଦ କନସେପ୍ଟ ସ୍କୁଲ ଓ ନୃସିଂହଗୁରୁ ଟାଉନ ହାଇସ୍କୁଲ ଯୋଗ୍ୟତା ଅର୍ଜନ କରିଛନ୍ତି। ଶନିବାର ହାୱା ମଇଦାନରେ ହେବାକୁ ଥିବା ଫାଇନାଲ ମ୍ୟାଚରେ ଦୁଇ ଦଳ ମୁହାଁମୁହିଁ ହେବେ । ହାୱା ମଇଦାନରେ ଶୁକ୍ରବାର ପ୍ରଥମ ସେମିଫାଇନାଲ ମ୍ୟାଚ ବିକାଶ ବନାମ କେନ୍ଦ୍ରୀୟ ବିଦ୍ୟାଳୟ ମଧ୍ୟରେ ହୋଇଥିଲା। ବିକାଶ ଦଳ ୨–୦ ଗୋଲରେ ବିଜୟୀ ହୋଇଥିଲା। କେନ୍ଦ୍ରୀୟ ବିଦ୍ୟାଳୟର ମଞ୍ଜିତ ଖଣ୍ଡୁଆଲଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ମ୍ୟାଚ ଟାଉନ ହାଇସ୍କୁଲ ବନାମ ଧନକଉଡା ହାଇସ୍କୁଲ ମଧ୍ୟରେ ହୋଇଥିଲା । ଟାଉନ ହାଇସ୍କୁଲ ଦଳ ୩–୦ ଗୋଲରେ ବିଜୟୀ ହୋଇଥିଲା। ଧନକଉଡା ଦଳର ସିଦ୍ଧାନ୍ତ ଓରାମଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଛି। ରେଫରି ମଥୁରା ଓରାମ, ମନୋଜ ଭୋଇ, ବଳରାମ ମଟାରୀ ଓ ସୁବାଷ ରାଉତ ମ୍ୟାଚ ପରିଚାଳନା କରିଥିଲେ। କିରଣଶଙ୍କର ପଣ୍ଡା, ସୁକାନ୍ତ ବୋଷ, ଜନ୍ ଖାଲକୋ, ପ୍ରେମରଞ୍ଜନ ପ୍ରଧାନ, ନାରାୟଣ ପଣ୍ଡା, ଅତନୁ ଘୋଷ, ବିଦ୍ୟାଧର ପ୍ରଧାନ, ସୁରେନ୍ଦ୍ର ପୁରୋହିତ, ଡ. ବିଜୟ କୁମାର ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ ।




ଶୁକ୍ରବାର ସମ୍ବଲପୁର ହାୱା ମଇଦାନଠାରେ ଫୁଟବଲ ଖେଳାଳି ଓ ଅତିଥିମାନେ (ବାମ) । ଅତିଥିମାନେ ଫୁଟବଲ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି ।

# ଏନ୍‌ଏସି କର୍ମଚାରୀଙ୍କୁ ପେଟ୍ରୋଲ ଢାଳି ନିଆଁ ଲଗାଇ ହତ୍ୟା ଉଦ୍ୟମ ଘଟଣା

ରେଢାଖୋଲ,୮।୧୧(ଡି.ଏନ.ଏ.)

ରେଢାଖୋଲ ସହରର ଖନ୍ଦାଢିପ ଛକରେ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ଏନଏସି କର୍ମଚାରୀ ହରିହର ପୁରୋହିତ (୩୫)ଙ୍କୁ ପେଟ୍ରୋଲ ଢାଳି ହତ୍ୟା ଉଦ୍ୟମ ଘଟଣାର ଅଭିଯୁକ୍ତ ସଂଜିତ ଷଣ୍ଢଙ୍କୁ ଶୁକ୍ରବାର ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ହରିହରଙ୍କ କାକା ଶ୍ରୀବନ୍ତ ପୁରୋହିତଙ୍କ ଅଭିଯୋଗ କ୍ରମେ ପୋଲିସ ଦଫା ୨୮୫, ୩୦୭ରେ ଏକ ମାମଲା (ନଂ ୨୬୦/୧୯) ରୁଜୁ କରି ଗିରଫ ସଂଜିତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଅଭିଯୁକ୍ତଙ୍କ ପକ୍ଷରୁ ଜାମିନ ଆବେଦନ କରା ନ ଯିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

ଅଭିଯୁକ୍ତ ସଂଜିତଙ୍କ ବାଇକରେ ତେଲ ସରିଯାଇଥିବା ଯୋଗୁ ସେ ଖନ୍ଦାଢିପ ସାହିର ରାଧେଶ୍ୟାମ ପ୍ରଧାନ (୪୫)ଙ୍କ ବାଇକ୍ ମାଗି ପେଟ୍ରୋଲ ଆଣିବାକୁ ଯାଇଥିଲେ। ହେଲେ ଫେରିବାରେ ବିଳମ୍ବ ହେବାରୁ ରାଧେଶ୍ୟାମ ବିରକ୍ତି ପ୍ରକାଶ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ରାଧେଶ୍ୟାମଙ୍କୁ ଅଭିଯୁକ୍ତ ସଂଜିତ ମାଡ ମାରିଥିଲେ। ଏହି ସମୟରେ ପାଖ ପାନ ଦୋକାନ ନିକଟରେ ଠିଆ ହୋଇଥିବା ହରିହର ଆସି ବୁଝାଇବାକୁ ଚେଷ୍ଟା କରିଥିଲେ। ହେଲେ ବୁଝିବା ପରିବର୍ତ୍ତେ ଅଭିଯୁକ୍ତ ସଂଜିତ ହାତରେ ଧରିଥିବା ପେଟ୍ରୋଲ ବୋତଲ ଖୋଲି ହରିହରଙ୍କ ଦେହରେ ଢାଳି ଦେଇଥିଲେ। ଏହାପରେ ପାଖ ଦୋକାନରୁ ଦିଆସିଲି ଆଣି ହରିହରଙ୍କ ଦେହକୁ ଫିଙ୍ଗି ଦେଇଥିଲେ। ଫଳରେ ହରିହରଙ୍କ ଦେହରେ ହୁ ହୁ ହୋଇ ନିଆଁ ଲାଗିଯାଇଥିଲା। ଛକ ଉପରେ ହରିହର ଜଳୁଥିବା ଦେଖି ଜନସାଧାରଣ ନିର୍ବାକ ହୋଇଯାଇଥିଲେ। ହେଲେ ହରିହର



ଗିରଫ ଅଭିଯୁକ୍ତ ସଂଜିତ ଷଣ୍ଢ।

**ଜେଲ ଗଲେ ଅଭିଯୁକ୍ତ**

ପିନ୍ଧିଥିବା ସାର୍ଟକୁ ଖୋଲି ଦେଇଥିଲେ। ନିକଟରେ ଥିବା ତାଙ୍କ ଘରକୁ ପାନ ଦୋକାନୀ ଜଣକ ଦୌଡି ଯାଇ ପାଣି ଆଣି ଢାଳି ହେବା ଯୋଗୁ ଜଳୁଥିବା ନିଆଁ ଲିଭିଥିଲା। ଗୁରୁତର ଅବସ୍ଥାରେ ହରିହରଙ୍କୁ ପ୍ରଥମେ ରେଢାଖୋଲ ଓ ପରେ ବୁର୍ଲା ଭିମ୍‌ସାର ନିଆଯାଇଥିଲା। ଶୁକ୍ରବାର ତାଙ୍କୁ ରାଉରକେଲା ଆଇଜିଏଚ୍‌କୁ ସ୍ଥାନାନ୍ତର କରାଯାଇଛି।

ଭିମ୍‌ସାରରେ ଦୁଇ ରୋଗୀ ସମ୍ପର୍କୀୟଙ୍କୁ ମାଡ଼ ଘଟଣା

# ତେଜିଲା ଡାକ୍ତରଙ୍କ ଗିରଫ ଦାବି




ସମ୍ବଲପୁର ଏସ୍‌ପିଙ୍କ ପାଖରେ ଅଭିଯୋଗ କରିବାକୁ ଆସିଥିବା ରୋଗୀ ସମ୍ପର୍କୀୟ (ବାମ)। ଡାକ୍ତରଙ୍କୁ ଗିରଫ ଓ ପୋଲିସ ଅଧିକାରୀଙ୍କୁ ବହିଷ୍କାର ଦାବି କରି ବୁର୍ଲା ଯୁବ ନାଗରିକ କମିଟି କର୍ମକର୍ତ୍ତା ଦୀନ ଦୟାଲ ମାର୍କେଟରେ ଆନ୍ଦୋଳନରେ ବସିଛନ୍ତି ।

ସମ୍ବଲପୁର,୮।୧୧(ବ୍ୟୁରୋ)

ବୁର୍ଲା ଭିମ୍‌ସାରରେ ଅକ୍ଟୋବର ୨୦ ତାରିଖ ଦୁଇଜଣ ରୋଗୀ ସମ୍ପର୍କୀୟଙ୍କୁ ମାଡପିଟ, କାନ ଧରି ବସ୍ ଉଠ୍ କରିବା, ଗୋଡ ଧରି ଭୁଲ୍ ମଗାଇବା, ଭିଡିଓ ଭାଇରାଲ କରିବା ଘଟଣାରେ ଅଭିଯୁକ୍ତ ଡାକ୍ତରୀ ଛାତ୍ରମାନଙ୍କୁ ଗିରଫ ଦାବି ତେଜିବାରେ ଲାଗିଛି। ମାଡ ଖାଇଥିବା ଦୁଇ ଯୁବକ ମୁକେଶ ବେହେରା ଓ ଝସକେତନ ରାଉତ ସେମାନଙ୍କ ପରିବାର ସହ ଶୁକ୍ରବାର ଏସ୍‌ପି କନୱର ବିଶାଲ ସିଂଙ୍କୁ ଭେଟିଛନ୍ତି । ତୁରନ୍ତ ଅଭିଯୁକ୍ତ ଡାକ୍ତରମାନଙ୍କୁ ଗିରଫ କରାଯାଉ। ସେହିଭଳି ଅଭିଯୋଗ ପରେ ବି ଡାକ୍ତରମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଅବହେଳା କରିଥିବା ପୋଲିସ ବିରୋଧରେ ମଧ୍ୟ ପଦକ୍ଷେପ ନିଆଯାଉ ବୋଲି ସେମାନେ ଦାବି କରିଛନ୍ତି। ତେବେ ତଦନ୍ତ ଜାରି ରହିଛି। ରିପୋର୍ଟ ଆସିଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ଏମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ପରିବାର ବର୍ଗ କହିଛନ୍ତି ଯେ, ପୂର୍ବରୁ ମଧ୍ୟ ଡାକ୍ତରମାନେ ଏଭଳି ରୋଗୀ ସମ୍ପର୍କୀୟଙ୍କୁ ମାଡପଟି କରିଛନ୍ତି। ହେଲେ ଅଭିଯୋଗ ହେଲା ପରେ ମଧ୍ୟ ପୋଲିସ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଅନ୍ୟପଟେ ବୁର୍ଲା ଦୀନ ଦୟାଲ ମାର୍କେଟ ଛକରେ ମଧ୍ୟ ବୁର୍ଲା ଯୁବ ନାଗରିକ କମିଟି ପକ୍ଷରୁ ଆନ୍ଦୋଳନ କରାଯାଇଛି। ଦୁଇ ରୋଗୀ ସମ୍ପର୍କୀୟଙ୍କୁ ମାଡ ମାରିଥିବା ଡାକ୍ତରୀ ଛାତ୍ର ଓ ଅବହେଳା କରିଥିବା ପୋଲିସ ଅଧିକାରୀଙ୍କୁ ବହିଷ୍କାର କରାଯାଉ ବୋଲି ଦାବି କରାଯାଇଛି।

ସୂଚନାଯୋଗ୍ୟ, ସମଲେଶ୍ୱରୀ ନର୍ସିଂହୋମ୍‌ରେ ଝାରସୁଗୁଡାର ଠଣସୁନ୍ଦର ବେହେରାଙ୍କୁ ଡା. ସୂର୍ଯ୍ୟକାନ୍ତ ପାଟଯୋଶୀ ଚିକିତ୍ସା କରୁଥିଲେ। ହେଲେ ସୁସ୍ଥ ହେବା ପରେ ମଧ୍ୟ ଟଙ୍କା ଲୋଭରେ ଡିସଚାର୍ଜ କରା ଯାଉ ନ ଥିଲା। ଏଣୁ ଅକ୍ଟୋବର ୨୦ ତାରିଖ ଡା. ପାଟଯୋଶୀଙ୍କୁ ଠଣସୁନ୍ଦରଙ୍କ ପୁଅ ମୁକେଶ ନର୍ସିଂହୋମ୍‌ରେ ଭେଟି ବାପାଙ୍କୁ ଡିସଚାର୍ଜ କରିଦେବାକୁ ଅନୁରୋଧ କରିଥିଲେ। ହେଲେ ଡା. ପାଟଯୋଶୀ ତାଙ୍କୁ ମାଡ ମାରି ସେଠାରୁ ଭିମସାରକୁ ଡ୍ୟୁଟିରେ ପଳାଇଥିଲେ। ମୁକେଶ ଏହି ଖବର ତାଙ୍କ ସମ୍ପର୍କୀୟ ଭାଇ ଝସକେତନଙ୍କୁ ଜଣାଇବା ପରେ ଝସକେତନ ଆସି ବୁର୍ଲାରେ ପହଞ୍ଚିଥିଲେ। ଏହାପରେ ଉଭୟ ମିଶି ଭିମସାରକୁ ଯାଇ ଡାକ୍ତର ପାଟଯୋଶୀଙ୍କୁ ପୁଣିଥରେ ଦେଖା କରିଥିଲେ। ନର୍ସିଂହୋମ୍ ଚାର୍ଜ ଭରଣା କରିବା ଅସମ୍ଭବ ହୋଇ ପଡୁଛି। ଏଣୁ ରୋଗୀକୁ ଡିସଚାର୍ଜ କରିଦେବାକୁ ପୁଣି ଥରେ ଅନୁରୋଧ କରିଥିଲେ। ହେଲେ ଡାକ୍ତର ପାଟଯୋଶୀ ଓ ସେଠାରେ ଉପସ୍ଥିତ ଡାକ୍ତରୀଛାତ୍ର ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ହେଲେ ଡାକ୍ତରଙ୍କୁ ମୁକେଶ ଓ ଝସକେତନ ଆକ୍ରମଣ କରିଥିବା ମିଛ ଅଭିଯୋଗ କରିବାରୁ ପୋଲିସ ଆସି

**ବୁର୍ଲାରେ ଧାରଣା, ଏସ୍‌ପିଙ୍କୁ ଭେଟିଲେ ପରିବାର**

ଉଭୟ ମୁକେଶ ଓ ଝସକେତନଙ୍କୁ ନିଜ ଅଧୀନକୁ ନେଇଥିଲା। ଡାକ୍ତରଗୋଷ୍ଠୀ କିନ୍ତୁ ପୋଲିସ ଉପସ୍ଥିତିରେ ମୁକେଶ ଓ ଝସକେତନଙ୍କ କାନ ଧରି ବସ୍ ଉଠାଇ କରାଇଥିଲେ। ଗୋଡ ଧରି ଭୁଲ୍ ମଧ୍ୟ ମଗାଇଥିଲେ। ଏଭଳିକି ଏହାର ଭିଡିଓ ଉତ୍ତୋଳନ କରି ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ପରଦିନ ଏହା ଜଣାପଡିବା ପରେ ସବୁଆଡେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାକୁ ନେଇ ମୁକେଶଙ୍କ ବାପା ଠଣସୁନ୍ଦର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଡାକ୍ତର ପାଟଯୋଶୀ ଓ ଅନ୍ୟ ସହଯୋଗୀଙ୍କ ନାମରେ ୪୬୦/୧୯ରେ ଏକ ମାମଲା ରୁଜୁ କରିଥିଲା । ଅକ୍ଟୋବର ୨୬ ତାରିଖରେ ପରିବାର ବର୍ଗ ରାଜ୍ୟ ମାନବାଧିକାର କମିଶନ ପାଖରେ ଅଭିଯୋଗ କରିଥିଲେ । ମାନବାଧିକାର କମିଶନ ସ୍ୱାସ୍ଥ୍ୟ ବିଭାଗକୁ ରିପୋର୍ଟ ତଲବ କରିଛନ୍ତି। ଏ ନେଇ ସ୍ୱାସ୍ଥ୍ୟ ବିଭାଗର ଦୁଇ ଜଣ ଅଧିକାରୀ ତଦନ୍ତ କରି ଫେରିଛନ୍ତି । ଅନ୍ୟପଟେ ମେଡିକାଲ ଓ ନର୍ସିଂହୋମରେ ଲାଗିଥିବା ସିସିଟିଭି ହାର୍ଡଡିସ୍କକୁ ପୋଲିସ ଜବତ କରି ଯାଞ୍ଚ ପାଇଁ ପଠାଇଛି।

# ଚାଷୀ ସଚେତନତା ରଥର ଶୁଭାରମ୍ଭ



ଶୁକ୍ରବାର ସମ୍ବଲପୁର ଉପଜିଲାପାଳଙ୍କ ଅଫିସ ପରିସରରେ ଚାଷୀ ସଚେତନତା ରଥକୁ ଶୁଭାରମ୍ଭ କରାଯାଉଛି ।

ସମ୍ବଲପୁର, ୮।୧୧ (ବ୍ୟୁରୋ)

ସମ୍ବଲପୁର ଉପଜିଲାପାଳଙ୍କ ଅଫିସ ପରିସରରେ ଶୁକ୍ରବାର ଚଷୀ ସଚେତନତା ରଥ ଉଦ୍‌ଘାଟିତ ହୋଇଛି। ଧାନର ସହାୟକ ମୂଲ୍ୟ, ଏଫଏକ୍ୟୁ ମାନର ଧାନ କିପରି ମଣ୍ଡିକୁ ବିକ୍ରି କରିବା ପାଇଁ ଆଣାଯିବ ସେ ବିଷୟରେ ଚାଷୀମାନଙ୍କୁ ଏହି ରଥ ମାଧ୍ୟମରେ ସଚେତନ କରାଯାଇ ପାରିବ । ଜିଲାର ପ୍ରତି ବ୍ଲକର ଗ୍ରାମ ଗୁଡିକରେ ରଥ ପରିକ୍ରମା କରିବ ବୋଲି କୁହା ଯାଇଛି। ଉପଜିଲାପାଳ ଅନିରୁଦ୍ଧ ପ୍ରଧାନ ରଥର ଶୁଭାରମ୍ଭ କରିଥିଲେ । ଜିଲା ଯୋଗାଣ ଅଧିକାରୀ ରଞ୍ଜନ ସେଠଙ୍କ ସମେତ ଉପଜିଲାପାଳଙ୍କ ଅଫିସର କର୍ମଚାରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ ।



ଯେଉଁଠାରେ ଦୁଃଖର ରାଜୁତି, ଆଶ୍ଚର୍ଯ୍ୟର କଥା
ସେଇଠାରେ ହିଁ ମହତ ଲୋକର ଜନ୍ମ ହୋଇଛି।
- ଲର୍ଡ କର୍ଜନ



## ସଂକ୍ଷେପରେ

### ପୁସ୍ତକ ଉନ୍ମୋଚନ ଉତ୍ସବ

### ଯେଉଁ ଅଞ୍ଚଳ ତାହାର ଇତିହାସକୁ ପ୍ରାଧାନ୍ୟ ଦିଏ ନାହିଁ, ସେହି ଅଞ୍ଚଳର କୌଣସି ଭବିଷ୍ୟତ ନାହିଁ

ସମ୍ବଲପୁର, ୮।୧୧ (ବ୍ୟୁରୋ)

ଯେଉଁ ଅଞ୍ଚଳ ତାହାର ଇତିହାସକୁ ପ୍ରାଧାନ୍ୟ ଦିଏ ନାହିଁ, ସେହି ଅଞ୍ଚଳର କୌଣସି ଭବିଷ୍ୟତ ନାହିଁ । ଏହି ସତ୍ୟତା ଦୃଷ୍ଟିରୁ ପଶ୍ଚିମ ଓଡ଼ିଶାର ଏକ ଯଥାର୍ଥ ନୀରବଚ୍ଛିନ୍ନ ଇତିହାସ ରଚନା ଲାଗି ଯଥା ସମ୍ଭବ ଅଧିକ ପ୍ରାମାଣିକ ତଥ୍ୟ ସଂଗ୍ରହ କରିବା ଅପରିହାର୍ଯ୍ୟ ହୋଇପଡ଼ିଛି । ଶୁକ୍ରବାର ସମ୍ବଲପୁର ହରଜିତ ରେସିଡେନ୍ସି ସଭା କକ୍ଷରେ ଆୟୋଜିତ ପୁସ୍ତକ ଉନ୍ମୋଚନ ଉତ୍ସବରେ ବକ୍ତାମାନେ ଏହା କହିଛନ୍ତି । ଦୀପକ କୁମାର ପଣ୍ଡାଙ୍କ ପରିଚାଳନାରେ ହିଷ୍ଟୋରିକାଲ ଲ୍ୟାଣ୍ଡମାର୍କସ ଅଫ ସେଣ୍ଟ୍ରାଲ- ଇଷ୍ଟର୍ଣ୍ଣ ଇଣ୍ଡିଆ ପୁସ୍ତକର ପ୍ରଥମ ଭାଗ ଉନ୍ମୋଚନ ଉତ୍ସବରେ ଏହି ମତ ପ୍ରକାଶ ପାଇଛି । ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀକାନ୍ତ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ପୁସ୍ତକର ରଚୟିତା ଡ. ଦଧିବାମନ ମିଶ୍ର, ଲେଖକ ଡ. ଗୁଣନିଧି ନାୟକ ସୂଚନା ପ୍ରଦାନ କରିଥିଲେ । ପୁଷ୍ପିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

■ଜିଲାସ୍ତରୀୟ ଧାନସଂଗ୍ରହ କମିଟି ବୈଠକ

# ୨୯ରୁ ମଣ୍ଡିଗୁଡ଼ିକରେ ଧାନ କିଣା ଆରମ୍ଭ

ଦେବଗଡ, ୮।୧୧ (ଡି.ଏନ.ଏ.)



ଜିଲାସ୍ତରୀୟ ଧାନସଂଗ୍ରହ କମିଟି ବୈଠକରେ ବିଧାୟକ, ଜିଲାପାଳ ଓ ଅନ୍ୟ ଅଧିକାରୀ ଉପସ୍ଥିତ।

ସ୍ଥାନୀୟ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲାସ୍ତରୀୟ ଧାନସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୁଧାଂଶୁ ମୋହନ ସାମଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଜିଲା ପରିଷଦ ଅଧ୍ୟକ୍ଷା ସୁଧାମୟୀ ପଟେଲ, ଜିଲା ପରିଷଦ ଉପାଧ୍ୟକ୍ଷ ଜୟକୃଷ୍ଣ ପ୍ରଧାନ, ପ୍ରକଳ୍ପ ନିର୍ଦ୍ଦେଶକ ଡିଆରଡିଏ ଭିନସେଣ୍ଟ ପୁନମକାନ୍ତ ଏକ୍କା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରବିନାରାୟଣ ସିଙ୍ଗ ସମେତ ଏମ୍‌ପି ପ୍ରତିନିଧି ରଣଜିତ ପଟେଲ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ୨୦୧୯-୨୦ ଖରିଫ୍ ବର୍ଷ ପାଇଁ ଧାନକ୍ରୟ ସମ୍ବନ୍ଧୀୟ ନୀତି ନିର୍ଦ୍ଧାରଣ ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା । ଆଲୋଚନାରେ ଅଂଶଗ୍ରହଣ କରି ବିଧାୟକ ପାଣିଗ୍ରାହୀ ନୀତି ନିର୍ଦ୍ଧାରଣ ସମୟରେ ଚାଷୀମାନେ ଯେପରି ସୁବିଧାରେ ମଣ୍ଡିମାନଙ୍କରେ ନିଜର ଧାନ ବିକ୍ରୟ କରିପାରିବେ ସେଥିପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିବାକୁ କହିବା ସଙ୍ଗେ ସଙ୍ଗେ ଦଲାଲମାନଙ୍କ ପ୍ରଭାବ ରୋକିବା ପାଇଁ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ପଟେଲ ମଣ୍ଡିମାନଙ୍କରେ ସୁରୁଖୁରରେ ଧାନ ବିକ୍ରୟ ବ୍ୟବସ୍ଥା ଉପରେ ମତ ରଖିଥିଲେ। ଜିଲାପାଳ ସାମଲ ସମସ୍ତ ମଣ୍ଡିଗୁଡିକରେ ପଞ୍ଜିକୃତ ଚାଷୀମାନଙ୍କଠାରୁ ଧାନକ୍ରୟ କରିବା ପାଇଁ ଆବଶ୍ୟକୀୟ ସମସ୍ତ ପ୍ରକାର ବ୍ୟବସ୍ଥା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଛି ବୋଲି ସୂଚନା ଦେବା ସଙ୍ଗେ ସଙ୍ଗେ ଦଲାଲ କିମ୍ବା ବେପାରୀମାନଙ୍କ ପ୍ରଭାବ ରୋକିବା ପାଇଁ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଗଠନ ସହିତ ମନିଟରିଂ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି କହିଥିଲେ। ନଭେମ୍ବର ୨୯ତାରିଖରୁ ମଣ୍ଡିମାନଙ୍କରେ ଧାନ କିଣା ଆରମ୍ଭ ହେବ ଏବଂ ଏହା ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଜାରି ରହିବ ବୋଲି ସେ ସୂଚନା ଦେଇଥିଲେ। ଚାଷୀମାନେ ନିଜର ଧାନ ଯେପରି ସୁରୁଖୁରରେ ବିକ୍ରୟ କରିପାରିବେ ସେଥିପାଇଁ ଆନୁସଙ୍ଗିକ ସମସ୍ତ ବ୍ୟବସ୍ଥା ଗ୍ରହଣ କରିବାକୁ ଏ.ଆର୍.ସି.ଏସ୍.ଏବଂ ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ବୈଠକର ଆଲୋଚନାରୁ ଜଣାଯାଏ ଯେ, ନଭେମ୍ବର ୨୯ତାରିଖ ଶୁକ୍ରବାରଠାରୁ ଜିଲାରେ ଥିବା ୨୯ଟି ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ୪୦ଟି ମଣ୍ଡି ଖୋଲାଯାଇ ଚାଷୀମାନଙ୍କଠାରୁ ଧାନକ୍ରୟ କରାଯିବ। ଚଳିତ ଖରିଫ୍ ଋତୁରେ ପ୍ରଥମ ପର୍ଯ୍ୟାୟରେ ୩ଲକ୍ଷ ୩୮ହଜାର ୨୩୫ କୁଇଣ୍ଟାଲ ଧାନକ୍ରୟ କରିବାପାଇଁ ନିର୍ଦ୍ଧାରଣ କରାଯାଇଛି । ସାଧାରଣ ଧାନର କ୍ରୟ ମୂଲ୍ୟ କୁଇଣ୍ଟାଲ ପିଛା୧୮୧୫ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ 'ଏ' ଗ୍ରେଡ ଧାନର କ୍ରୟମୂଲ୍ୟ କୁଇଣ୍ଟାଲ ପିଛା ୧୮୩୫ଟଙ୍କା ଧାର୍ଯ୍ୟ କରାଯାଇଛି ବୋଲି ଜଣାଯାଇଛି। ବର୍ତ୍ତମାନ ସୁଦ୍ଧା ୧୩୧୯୪୮ଜଣ ଚାଷୀ ଧାନ ବିକ୍ରୟ ନିମନ୍ତେ ପଞ୍ଜିକରଣ କରିଛନ୍ତି। ମଣ୍ଡିଗୁଡିକରେ ଧାନକ୍ରୟ ସମ୍ବନ୍ଧୀୟ ସୂଚନା ଦେବା ନିମନ୍ତେ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ପ୍ରଚାର ପ୍ରସାର ବ୍ୟବସ୍ଥା କରାଯିବ । ଧାନକ୍ରୟ ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ସୋସାଇଟିସ୍ତରରେ କମିଟିମାନ ଗଠନ କରାଯିବ। ବୈଠକରେ ଉପସ୍ଥିତ ଚାଷୀ ପ୍ରତିନିଧି ପ୍ରସନ୍ନ କୁମାର ପଟେଲ, ଅରୁଣ କୁମାର ସାହୁ, ତରଣୀସେନ ପ୍ରଧାନ ପ୍ରମୁଖ ଧାନବିକ୍ରୟ ସମୟରେ ଚାଷୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବୈଠକ ପ୍ରାରମ୍ଭରେ ଯୋଗାଣ ଅଧିକାରୀ ସୁରେନ୍ଦ୍ର କୁମାର ପାଢୀ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସଙ୍ଗେ ସଙ୍ଗେ ଆଲୋଚ୍ୟ ବିଷୟବସ୍ତୁ ଉପସ୍ଥାପନ କରିଥିଲେ। ବୈଠକରେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲା କୃଷି ଅଧିକାରୀ, ଲିଡବ୍ୟାଙ୍କ ମ୍ୟାନେଜର, ଏ.ଆର.ସି.ଏସ., ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ, ଜିଲା ସମାଜ ମଙ୍ଗଳ ଅଧିକାରୀ, କ୍ଷୁଦ୍ର ଜଳସେଚନ ନିର୍ବାହୀ ଯନ୍ତ୍ରୀ, ଯୋଗାଣ ବିଭାଗର କ୍ଷେତ୍ର ଅଧିକାରୀମାନଙ୍କ ସହିତ ମିଲରମାନେ ଯୋଗଦେଇଥିଲେ।

## ବାଇକ୍-ସ୍କୁଟି ମୁହାଁମୁହିଁ ଧକ୍କା : ୩ ଗୁରୁତର

ଦେବଗଡ,୮।୧୧(ଡି.ଏନ.ଏ)

ଜିଲାର ୫୩ ନମ୍ବର ଜାତୀୟ ରାଜପଥରେ ହଦମୁଣ୍ଡା ଘାଟି ନିକଟରେ ୨ଟି ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ୩ଜଣ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡିଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଚିକିତ୍ସା ପାଇଁ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯିବା ପରେ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ସେମାନଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଅଧିନ ବୁଢାକଟା ଗ୍ରାମର ପିନୁ ଶତପଥି ନାମକ ଜଣେ ଯୁବକ ଏକ ସ୍କୁଟି ଯୋଗେ ଦେବଗଡ ପଟୁ ଘରକୁ ଫେରୁଥିଲେ । ଏହି ସମୟରେ ଏକ ବାଇକ ଯୋଗେ ଡ୍ୟୁଟି କରିବା ପାଇଁ ଦେବଗଡ ଅଭିମୁଖେ ଆସୁଥିବା ରିଆମାଳ ଥାନା ଅଧିନ ଟିଙ୍କବୀର ଗ୍ରାମର କୁମାର ନାୟକ ଓ ଅଜୟ ସାହୁ ନାମକ ୨ ଜଣ ଗୃହରକ୍ଷୀଙ୍କ ସହ ହଦମୁଣ୍ଡା ଘାଟି ନିକଟରେ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ରାସ୍ତା ଉପରକୁ ଛିଟିକିପଡି ଗୁରୁତର ଆହତ ହୋଇଥିଲେ।



ଆହତ ୩ ଯୁବକ।

# କଣ୍ଟାପାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା



କଣ୍ଟାପାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଲୋକେ ତାଲା ପକାଇଛନ୍ତି।

ବାରକୋଟ, ୮।୧୧ (ଡି.ଏନ.ଏ)

ଦେବଗଡ ଜିଲା ବାରକୋଟ ବ୍ଲକ କଣ୍ଟାପାଲି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର, ଫାର୍ମାସିଷ୍ଟ, ନର୍ସ ନିୟମିତ ଯୋଗାଇ ଦେବା ଦାବିରେ ଅଞ୍ଚଳବାସୀ ଶୁକ୍ରବାର ତାଲା ପକାଇଥିଲେ। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ବନ୍ତାରିବାହାଲ, କଣ୍ଟୋପାଲି, ରମ୍ଭେଇ, ଝରାଗୋଗୁଆ ଗ୍ରାମ ପଞ୍ଚାୟତର ଜନସାଧାରଣ ନିର୍ଭର କରିଥାନ୍ତି । ନିୟମିତ ଭାବେ ସେଠାକୁ କେହି ଯାଉ ନ ଥିବାରୁ ମହିଳାମାନେ ତାଲା ପକାଇଥିଲେ । ଖବର ପାଇ ବାରକୋଟ ସିଏସସିର ସୁପରିଣ୍ଟେଣ୍ଡେଣ୍ଟ ଡା. ବାବୁ ସିଂ ଯାଇ ଜନସାଧାରଣଙ୍କ ସହ ଆଲୋଚନା କରି ଶୀଘ୍ର ଦାବିପୂରଣର ପ୍ରତିଶ୍ରୁତି ଦେବା ପରେ ଅପରାହ୍ନରେ ତାଲା ଖୋଲିଥିଲେ ।

■ମହାଲକ୍ଷ୍ମୀ କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ଡିଏମ୍‌ଡିଜି ଡଙ୍ଗାପାଲ ଚାମ୍ପିୟନ

ବାରକୋଟ, ୮।୧୧ (ଡି.ଏନ.ଏ)

ଦେବଗଡ ଜିଲା ବାରକୋଟ ବ୍ଲକ ମାକରମୁଣ୍ଡା ଗ୍ରାମରେ ମହାଲକ୍ଷ୍ମୀ କ୍ଲବ ମାଲମୁଣ୍ଡା ଆନୁକୂଲ୍ୟରେ ଚାଲିଥିବା ମହାଲକ୍ଷ୍ମୀ କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ଦେବଗଡ ଏବଂ ସୁନ୍ଦରଗଡ ଜିଲାର ମୋଟ ୪୮ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳରେ ଡିଏମଡିଜି ଡଙ୍ଗାପାଲ ଦଳ ଗମ୍ଭାରିପୋଷ ଦଳକୁ ଟ୍ରାଇବ୍ରେକର ଜରିଆରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ କଣ୍ଟାପାଲି ଶାଖାର ବ୍ରାଞ୍ଚ ମ୍ୟାନେଜର ଉତ୍ତମ ସା ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। କ୍ଲବ ସଭାପତି ବିଶ୍ୱନାଥ ପ୍ରଧାନ, ସମ୍ପାଦକ ବିଷ୍ଣୁ ପ୍ରସାଦ ବଦେଚୂଳ ପ୍ରମୁଖ ମଞ୍ଚାସୀନ ଥିଲେ। ଖେଳ ପରିଚାଳନା ଲିଙ୍କନ ସାହୁ, ଦିନେଶ ବାବୁ ଏବଂ ଚେରେଙ୍ଗା ବାବୁ କରିଥିଲେ। ପ୍ରତାପ ଚନ୍ଦ୍ର ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିଲେ।



ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।

■ ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ

# ୧୯୦ ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣ

ଦେବଗଡ, ୮।୧୧ (ଡି.ଏନ.ଏ)

ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମଠାରେ ଶୁକ୍ରବାର ଦେବଗଡ ଜିଲା ସମଗ୍ର ଶିକ୍ଷା ପକ୍ଷରୁ ଜିଲା ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା ଶିକ୍ଷା ଅଧିକାରୀ ପ୍ରଦୋଷ ନାୟକଙ୍କ ଅଧ୍ୟକ୍ଷତାରେ ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମକାନ୍ତ ଏକ୍କା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ, ଜିଲା ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ରବି ନାରାୟଣ ବଘାର ଓ ଜିଲା ମଙ୍ଗଳ ଅଧିକାରୀ ବନମାଳୀ ଭୂୟାଁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ର ମଞ୍ଚାସୀନ ରହିଥିଲେ। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଏବଂ କନିଷ୍ଠ ବର୍ଗରେ ଜଣାଅଜଣା, ଏଲୋକେସନ, ବକ୍ତୃତା, ହସ୍ତାକ୍ଷର, ଶ୍ରୁତଲିଖନ, ଚିତ୍ରାଙ୍କନ, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସେହିପରି ମଧ୍ୟାହ୍ନ ଭୋଜନ ସମ୍ପର୍କୀତ ଚିତ୍ରକଳା ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା । ପୂର୍ବରୁ ବ୍ଲକ ସ୍ତରରେ ଆୟୋଜିତ ସୁରଭି କାର୍ଯ୍ୟକ୍ରମରେ କୃତିତ୍ୱ ଅର୍ଜନ କରିଥିବା ଜିଲାର ବିଭିନ୍ନ ସ୍କୁଲର ୧୯୦ ଜଣ ଛାତ୍ରୀଛାତ୍ର ଏହି ଜିଲା ସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅପରାହ୍ନରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ର ,ସମ୍ମାନିତ ଅତିଥି ଭାବେ ବାରକୋଟ ବ୍ଲକ ଶିକ୍ଷା ଅଧିକାରୀ ଉସତ ପ୍ରଧାନ, ତିଲେଇବଣି ବ୍ଲକ ଶିକ୍ଷା ଅଧିକାରୀ ସିକରେନ୍ଦ୍ର ଛତ୍ରିଆ ଓ ତିଲେଇବଣି ବ୍ଲକ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ତରଣୀ କୁମାର ପ୍ରଧାନ ଯୋଗଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ।

ଏହି ଜିଲାସ୍ତରୀୟ ପ୍ରତିଯୋଗିତାର ବିଭିନ୍ନ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'ରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଥିବା ସମଗ୍ର ଶିକ୍ଷା ପକ୍ଷରୁ ସୂଚନା ମିଳିଛି । ଏହି କାର୍ଯ୍ୟକ୍ରମକୁ ଜିଲା ଶିକ୍ଷା ସଂଯୋଜିକା ଜୟଶ୍ରୀ ଅମାତ୍ୟ ପରିଚାଳନା କରିଥିଲେ। ପ୍ରତିଯୋଗିତା ଗୁଡିକୁ ବାଳିକା ଶିକ୍ଷା ସଂଯୋଜିକା ସୀମାରାଣୀ ପାଣିଗ୍ରାହୀ ଓ ଅନୁସୂଚିତ ଜାତି ଓ ଜନଜାତି ସଂଯୋଜିକା ସୁନୀତା ବଡାଇ ପରିଚାଳନା କରିଥିଲେ । ଏହି ଅବସରରେ ଶୈକ୍ଷିକ ଉନ୍ନୟନ କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଦେବଗଡ ଜିଲାର ୪୫ଟି ବିଦ୍ୟାଳୟକୁ ପ୍ରମାଣପତ୍ର ସହ ଗାରିମାପତ୍ର ପ୍ରଦାନ କରାଯାଇଥିଲା । ଏଥିମଧ୍ୟରୁ ତିଲେଇବଣି ବ୍ଲକର ୧୮ଟି , ବାରକୋଟ ବ୍ଲକର ୧୪ ଟି ଓ ରିଆମାଳ ବ୍ଲକର ୧୩ଟି ବିଦ୍ୟାଳୟକୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ଆୟୋଜନରେ ସମଗ୍ର ଶିକ୍ଷା ଅଭିଯାନର କର୍ମଚାରୀ, ବିଭିନ୍ନ କ୍ଲଷ୍ଟରର ସିଆର୍‌ସିସି ଓ ଶିକ୍ଷୟିତ୍ରୀଶିକ୍ଷକ ସକ୍ରିୟ ସହଯୋଗ କରିଥିଲେ।




ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି (ବାମ)। ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

■ରଙ୍ଗମାଟିଆ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ଦୁଧିଆନାଳୀ ଦଳ ଚାମ୍ପିୟନ

ବାରକୋଟ, ୮।୧୧ (ଡି.ଏନ.ଏ)

ଦେବଗଡ ଜିଲା ତିଲେଇବଣି ବ୍ଲକ ରଙ୍ଗମାଟିଆ ଗ୍ରାମ ଖେଳ ପଡିଆଠାରେ ରାଧାକୃଷ୍ଣ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ତ୍ରିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ ଖେଳରେ ଦୁଧିଆନାଳୀ ଦଳ ମାଝିପାଲି ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ସଂଘ ଦ୍ୱାରା ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରାର୍ଥୀ ରୋମାଞ୍ଚରଞ୍ଜନ ବିଶ୍ୱାଳ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ଇଂ. ଚିତ୍ତରଞ୍ଜନ ପ୍ରଧାନ, ତାବଡା ସରପଞ୍ଚ ପାଞ୍ଜିଆ ଭୋଇ, ଶିକ୍ଷକ ଡିଳେଶ୍ୱର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଟୁର୍ନାମେଣ୍ଟକୁ ସଂଘର ସଭାପତି ମନୋଜ ଠାକୁର, ଉପସଭାପତି ବିଭୂତି ମହାପାତ୍ର, ସମ୍ପାଦକ ପ୍ରଦୀପ ପ୍ରଧାନ, ସହସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବାଘଙ୍କ ସହିତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ କମଳଲୋଚନ ପ୍ରଧାନ ଧାରା ବିବରଣୀ ପାଠ କରିଥିଲେ। ପ୍ରଧାନଶିକ୍ଷକ ଭୋଳେଶ୍ୱର ଗଡନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



ଫୁଟବଲ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳି।

## ବିଧାନସଭାର ବିଭିନ୍ନ କମିଟି ଅଧ୍ୟକ୍ଷଙ୍କ ବୈଠକ

**ଭୁବନେଶ୍ୱର,୮।୧୧(ବ୍ୟୁରୋ):** ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ବିଧାନସଭାର ବିଭିନ୍ନ କମିଟି ଅଧ୍ୟକ୍ଷଙ୍କ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବାଚସ୍ପତିଙ୍କ ପ୍ରକୋଷ୍ଠରେ ଆୟୋଜିତ ଏହି ବୈଠକରେ ବିଧାନସଭାର ବିଭିନ୍ନ କମିଟି ଅଧ୍ୟକ୍ଷଙ୍କ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା ହୋଇଥିଲା। ଚଳିତ ମାସ ୧୩ରେ ଶୀତ ଅଧିବେଶନ ଆରମ୍ଭ ହେବାକୁ ଯାଉଛି, ଏହା ପୂର୍ବରୁ ବିଭିନ୍ନ କମିଟିର ଦାୟିତ୍ୱ ସମ୍ପର୍କରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ବୈଠକରେ ଉପବାଚସ୍ପତି ରଜନୀକାନ୍ତ ସିଂ, ପ୍ରିଭିଲେଜ୍ କମିଟିର ଅଧ୍ୟକ୍ଷ ପ୍ରତାପ ଜେନା, ଏଷ୍ଟିମେଟ୍ କମିଟିର ଅଧ୍ୟକ୍ଷ ପ୍ରତାପ କେଶରୀ ଦେବ, ସରକାରୀ ଉଦ୍ୟୋଗ କମିଟିର ଅଧ୍ୟକ୍ଷ ଅତନୁ ସବ୍ୟସାଚୀ ନାୟକ, ବିଭାଗୀୟ ସ୍ଥାୟୀ କମିଟି-୨ର ଅଧ୍ୟକ୍ଷ ଡ. ନୃସିଂହଚରଣ ସାହୁ, ବିଭାଗୀୟ ସ୍ଥାୟୀ କମିଟି-୩ର ଅଧ୍ୟକ୍ଷ ପ୍ରଫୁଲ୍ଲ ସାମଲ, ବିଭାଗୀୟ ସ୍ଥାୟୀ କମିଟି-୪ର ଅଧ୍ୟକ୍ଷ ଭୂପିନ୍ଦର ସିଂହ, ବିଭାଗୀୟ ସ୍ଥାୟୀ କମିଟି-୭ର ଅଧ୍ୟକ୍ଷ ପ୍ରଦୀପ କୁମାର ଅମାତ, ଭାଜପା ବିଧାୟକ ଦଳର ମୁଖ୍ୟ ସଚେତକ ତଥା ବିଭାଗୀୟ ସ୍ଥାୟୀ କମିଟି-୮ର ଅଧ୍ୟକ୍ଷ ମୋହନ ଚରଣ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ସ୍ଥାୟୀ କମିଟି-୯ର ଅଧ୍ୟକ୍ଷ ଦେବୀପ୍ରସାଦ ମିଶ୍ର, ପିଟିଶନ କମିଟିର ଅଧ୍ୟକ୍ଷ ବଦ୍ରିନାରାୟଣ ପାତ୍ର, ପେପର୍ସ ଲେଡ୍ ଅନ୍ ଦି ଟେବୁଲ କମିଟିର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମୁଦୁଲି, ସରକାରୀ ପ୍ରତିଶ୍ରୁତି କମିଟିର ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ଗ୍ରନ୍ଥାଗାର କମିଟିର ଅଧ୍ୟକ୍ଷ ପ୍ରଦୀପ ମହାରଥୀ, ସଦାଚାର କମିଟିର ଅଧ୍ୟକ୍ଷ ଅମର ପ୍ରସାଦ ଶତପଥୀ ଅଂଶଗ୍ରହଣ କରିଥିଲେ। ଏହାଛଡ଼ା ବିଭାଗୀୟ ସ୍ଥାୟୀ କମିଟି-୩ର ଅଷ୍ଟମ ବୈଠକ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୂର୍ତ୍ତ ବିଭାଗର କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକଗୁଡ଼ିକରେ ବିଧାନସଭା ସଚିବ ଦାଶରଥୀ ଶତପଥୀଙ୍କ ସମେତ ବହୁ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ପିକ୍‌ଅପ ଭ୍ୟାନ ଧକ୍କାରେ ଛାତ୍ରଙ୍କ ମୃତ୍ୟୁ

**କାଲିମେଳା,୮।୧୧(ଡି.ଏନ.ଏ.):** ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ବୁଦୁଗୁଡା କଲୋନୀ ନିକଟରେ ଶୁକ୍ରବାର ଅପରାହ୍ନ ସାଢେ ୪ଟାରେ ଏକ ପିକ୍‌ଅପ ଭ୍ୟାନ ଧକ୍କାରେ ଜଣେ ସ୍କୁଲ ଛାତ୍ରଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ଜଳେଶ୍ୱର ହରିଜନ(୬)। ସେ ଗୁଗୁଗୁଡା କଲୋନୀର ଜଗନ୍ନାଥ ହରିଜନଙ୍କ ପୁଅ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଉତ୍ତେଜନା ଦେଖାଦେଇଛି। ଉତ୍ୟକ୍ତ ଲୋକେ ଭ୍ୟାନ ଡ୍ରାଇଭରଙ୍କୁ ନିସ୍ତୁକ ମାଡ ମାରିବା ସହ ଭ୍ୟାନରେ ନିଆଁ ଲଗାଇ ଦେଇଛନ୍ତି। କାଲିମେଳା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଡ୍ରାଇଭରଙ୍କୁ ଲୋକଙ୍କ କବଳରୁ ଉଦ୍ଧାର କରିଛି। ସ୍ଥାନୀୟ ଲୋକେ ଟାୟାର ଜାଳି ରାସ୍ତାରୋକୋ କରିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଗାଡିମୋଟର ଅଟକି ରହିଛି।

### ଚଳନ୍ତା ଟ୍ରେନ୍‌ରୁ ପ୍ରତିବର୍ଷ ପଡୁଛନ୍ତି ୫୪ ଯାତ୍ରୀ

# ୩ ବର୍ଷରେ ୧୬୦ ଜଣ ଦୁର୍ଘଟଣାର ଶିକାର

ଶୋଭେନ୍ ବିଶ୍ୱାଳ
ଭୁବନେଶ୍ୱର, ୮।୧୧(ବ୍ୟୁରୋ)



■ଭୁବନେଶ୍ୱର ଓ ବିଶାଖାପାଟଣା ଷ୍ଟେଶନରେ ସର୍ବାଧିକ

■୩ ବର୍ଷରେ ୱାଲଟିୟର ଡିଭିଜନ ଆଗରେ

■ସଚେତନତା ଯୋଗୁ କମୁଛି ସଂଖ୍ୟା: ପୂର୍ବତଟ ରେଳପଥ

ଟ୍ରେନ୍‌ର ବେଗ କମ୍ ଥିଲା, ତେଣୁ ଡ୍ରାଇଭର ଗାଡ଼ି ଅଟକାଇ ଦେଲେ। ଫଳରେ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତିଗଲେ ବିଷ୍ଣୁ। ଏହା ହେଉଛି ଗତ ସେପ୍ଟେମ୍ବର ୧୨ ତାରିଖ ସକାଳ ୯ଟା ସମୟର କଥା। ପଲାସା-କଟକ ପାସେଞ୍ଜର ଲିଙ୍ଗରାଜ ଷ୍ଟେଶନରେ ଅଟକିବା ପୂର୍ବରୁ ତରତର ହୋଇ ଗାଡ଼ିରୁ ଡେଇଁପଡ଼ିଲେ ବିଷ୍ଣୁ ପ୍ରସାଦ କଲାସୀ। ଭାରସାମ୍ୟ ହରାଇ ଟ୍ରେନ୍ ତଳ ଟ୍ରାକ୍‌କୁ ଘୋଷାରି ହୋଇଗଲେ। କେହି ଜଣେ ଚିଲେଇବାରୁ ଡ୍ରାଇଭର ହଠାତ୍ ଟ୍ରେନ୍‌କୁ ଅଟକାଇଦେଲେ। ଷ୍ଟେଶନରେ ଉପସ୍ଥିତ ଆର୍‌ପିଏଫ୍ କର୍ମଚାରୀ ତତ୍କ୍ଷଣାତ୍ ବିଷ୍ଣୁଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ କ୍ୟାପିଟାଲ ହସ୍ପିଟାଲ ପଠାଇଦେଲେ। ତାଙ୍କର ମୁଣ୍ଡ ଫାଟିଥିବା ସହ ଅଣ୍ଟା ଭାଙ୍ଗିଥିଲା। ବିଷ୍ଣୁ ଏବେ ଚିକିତ୍ସିତ ହେଉଛନ୍ତି। ମାତ୍ର ଚାଲିବା ପାଇଁ ଦୁଇ ଜଣଙ୍କ ସାହାରା ଆବଶ୍ୟକ ପଡୁଛି। ଟିକିଏ ଅସତର୍କତା ଓ ଧୈର୍ଯ୍ୟହରା ହେତୁ ବିଷ୍ଣୁ ଆଜି ଶଯ୍ୟାଶାୟୀ। ଏହା କେବଳ ଗୋଟିଏ ଦୁର୍ଘଟଣାର ଚିତ୍ର। ପ୍ରତିବର୍ଷ ଏଭଳି ଅନେକ ଦୁର୍ଘଟଣା ଘଟୁଛି। ପ୍ରତ୍ୟେକ ଷ୍ଟେଶନରେ ଏଭଳି ଦୁର୍ଘଟଣାର ଦୃଶ୍ୟ ପ୍ରାୟତଃ ପ୍ରତିଦିନ ଦେଖିବାକୁ ମିଳୁଛି। ତରତର ହୋଇ ଚଳନ୍ତା ଟ୍ରେନରେ ଯାତ୍ରୀ ଚଢ଼ିଥାନ୍ତି ଆଉ ଓହ୍ଲାଇଥାନ୍ତି। ତେବେ କିଏ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚିଥାନ୍ତି ତ ଆଉ କେହି ଏଭଳି ଦୁର୍ଘଟଣାର ଶିକାର ହୋଇ ସାରା ଜୀବନ ଅନୁତାପ କରିଥାନ୍ତି।

ପୂର୍ବତଟ ରେଳପଥ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ବିଗତ ୩ବର୍ଷ (୨୦୧୭-୨୦୧୯ ଅକ୍ଟୋବର) ମଧ୍ୟରେ ପ୍ରତିବର୍ଷ ହାରାହାରି ୫୪ଜଣ ଏଭଳି ଦୁର୍ଘଟଣାର ଶିକାର ହେଉଛନ୍ତି। ୨୦୧୭ରେ ପୂର୍ବତଟ ରେଳପଥର ଖୋର୍ଦ୍ଧାରୋଡ଼ ଡିଭିଜନ୍‌ରେ ୨୩, ସମ୍ବଲପୁର ଡିଭିଜନରେ ୨୮ ଏବଂ ୱାଲଟିୟର ଡିଭିଜନରେ ୩୦ ଜଣ ଚଳନ୍ତା ଟ୍ରେନରେ ଚଢ଼ିବା କିମ୍ବା ଓହ୍ଲେଇବା ସମୟରେ ଦୁର୍ଘଟଣାର ଶିକାର ହୋଇଛନ୍ତି। ସେହିପରି ୨୦୧୮ରେ ଖୋର୍ଦ୍ଧାରୋଡ଼ରେ ୧୧, ସମ୍ବଲପୁରରେ ୧୪ ଏବଂ ୱାଲଟିୟରରେ ୨୧ଜଣ ଟ୍ରେନ୍‌ରୁ ପଡ଼ିଛନ୍ତି। ଚଳିତବର୍ଷ ଅକ୍ଟୋବର ସୁଦ୍ଧା ଏହି ସଂଖ୍ୟାରେ କିଛିଟା ହ୍ରାସ ଘଟିଛି। ଖୋର୍ଦ୍ଧାରୋଡ଼ରେ ୧୧, ସମ୍ବଲପୁରରେ ୧୦ ଏବଂ ୱାଲଟିୟରରେ ୧୨ଜଣ ନିଜ ଅସତର୍କତା ପାଇଁ ଆହତ ହୋଇଛନ୍ତି। ୨୦୧୭ରୁ ୨୦୧୯ ଅକ୍ଟୋବର ସୁଦ୍ଧା ପ୍ରତିବର୍ଷ ଭୁବନେଶ୍ୱର ଓ ବିଶାଖାପାଟଣା ଷ୍ଟେଶନରେ ସର୍ବାଧିକ ଦୁର୍ଘଟଣା ଘଟିଥିବାବେଳେ ୩ବର୍ଷରେ ୧୪ଟି ଦୁର୍ଘଟଣା ରିପୋର୍ଟ ହୋଇଛି। ସମ୍ବଲପୁର ଡିଭିଜନରେ ୨୦୧୭ରେ ସମ୍ବଲପୁର ରୋଡ଼ରେ ୪, ୨୦୧୮ରେ ଖରିଆର ରୋଡ଼ ଷ୍ଟେଶନରେ ୩ ଓ ୨୦୧୯ରେ କଣ୍ଟାବାଞ୍ଜିରେ ୨ଟି ଦୁର୍ଘଟଣା ରିପୋର୍ଟ ହୋଇଛି। ଏଭଳି ଦୁର୍ଘଟଣା କ୍ଷେତ୍ରରେ ୱାଲଟିୟର ଡିଭିଜନ ଆଗରେ ରହିଛି। ୨୦୧୭ରେ ଏହି ଡିଭିଜନର ବିଜୟନଗରମ୍ ଓ ସୀମାଞ୍ଚଳମ୍‌ରେ ୬, ୨୦୧୮ରେ ବିଶାଖାପାଟଣାରେ ସର୍ବାଧିକ ୭ ଓ ୨୦୧୯ରେ ବିଜୟନଗରମ୍‌ରେ ୪ଟି ଦୁର୍ଘଟଣା ରିପୋର୍ଟ ହୋଇଛି। ଏ ନେଇ କେତେଜଣ ରେଳ କର୍ମଚାରୀ କହିଛନ୍ତି, ତରତର ହୋଇ ଚଳନ୍ତା ଟ୍ରେନ୍‌ରେ ଚଢ଼ିବା କିମ୍ବା ଓହ୍ଲାଇବା, ଅସତର୍କ ହୋଇ ଡୋର୍ ନିକଟରେ ଠିଆ ହେବା ଓ ବାହାଦୁରି ଷ୍ଟଣ୍ଟ ଦେଖାଇବା ଯୋଗୁ ଏଭଳି ଦୁର୍ଘଟଣା ଘଟିଥାଏ। ଏଥିପାଇଁ ପ୍ରତି ଷ୍ଟେଶନରେ ଗାଡ଼ି ପହଞ୍ଚିବା ଓ ଛାଡ଼ିବା ବେଳେ ଆରପିଏଫ କର୍ମଚାରୀ ମୁତୟନ ରହିଥାନ୍ତି। ସେମାନେ ହ୍ୱିସିଲ ମାରି ଯାତ୍ରୀଙ୍କୁ ସତର୍କ କରିଥାନ୍ତି। ହେଲେ କେତେଜଣ ଅସତର୍କ ଯାତ୍ରୀ ନଜର ଆଢୁଆଳରେ ଏପରି ଦୁର୍ଘଟଣାକୁ ଆମନ୍ତ୍ରଣ କରିଥାନ୍ତି। ତଥ୍ୟ ମୁତାବକ, ୨୦୧୭ରୁ ୨୦୧୯ ଅକ୍ଟୋବର ପର୍ଯ୍ୟନ୍ତ ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇଛି। ୨୦୧୭ରେ ଏହି ସଂଖ୍ୟା ୮୧ ଥିଲା, ୨୦୧୮ରେ ହ୍ରାସ ପାଇ ୪୬କୁ ଖସିଥିଲା ଓ ଚଳିତ ବର୍ଷ ଏହି ସଂଖ୍ୟା ୩୩କୁ ଖସି ଆସିଛି। ନିୟମିତ ଭାବେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ଯୋଗୁ ଏହି ସଂଖ୍ୟାରେ ହ୍ରାସ ଘଟିଛି ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।

---

**PARADIP PORT TRUST**

**e-TENDER NOTICE**

**Name of Work: Development of Parking Area in front of Gate No. 5 to facilitate Cargo Vehicle.**
Estimated cost put to tender: **Rs.1,61,32,249.68**
Date of available of tender for online bidding: **04.11.2019** to **18.11.2019** upto **17.00 Hrs.**
For details of the tender for on-line bidding is available in the website: **https://eprocure.gov.in/eprocure/app**

**Executive Engineer**
**Building Construction Division**
PPT/PR/443/2019-20 Dt.08/11/2019

---

GOVERNMENT OF ODISHA
OFFICE OF THE EXECUTIVE ENGINEER
**RAIRANGPUR (R&B) DIVISION**
E- mail ID- eerbrairangpur@yahoo.co.in

**e-Procurement Notice**

B-286:

Bid identification No. E.E. 11 of 2019-20

1. The Executive Engineer, Rairangpur (R&B) Division on behalf of Governor of Odisha invites single cover item rate bid in ONLINE MODE for Lift Installation works from eligible Manufacturer / Authorised Dealer as detailed below.
2. Nature of work : Lift Installation
3. No. of works : 1 No.
4. Estimated cost put to tender : Rs. 8,58,400/-
5. Class of contractor : Manufacturer / Authorized Dealer
6. Date & Time of sale & receipt of Bids : 10.00 AM of 16.11.19 to 4.00 P.M of 25.11.19
7. Date of opening of Bid : 26.11.19 at 11.00 A.M
8. The bidders have to participate in ON LINE bidding only. Further details can be seen from the Website http://tendersorissa.gov.in

*Sd./- Executive Engineer*
*Rairangpur (R&B) Division*
34041/11/0005/1920

---

**DISTRICT COUNCIL OF CULTURE, KORAPUT**
**SHORT QUOTATION CALL NOTICE**

No. RR-26: Sealed quotations are invited from reputed Caterers/Food Suppliers of Koraput district having food licence certificate from Health Department & experience in Catering Service for supply of food to the participating artists/participants of **District Level Cultural Competition** in connection with the State Level Tribal Festival PARAB 2019, Koraput to be held on **12th & 13th November, 2019**. The detail of datewise food requirements & menu specifications are given in the statement. Intending Caterers/Food Suppliers having GST approval and previous experience in large scale events may apply in the District Culture Office, Koraput by Hand/by Post with specifications mentioned below during office hours from **10.00 A.M. to 3.00 P.M. by 10.11.2019**. The quotations will be opened on the same day in the office of **Collectorate, Koraput at 5.00 P.M.** in presence of the quotationers or their representatives.

The intending Caterer or Food Supplier shall quote the specific rate of breakfast, lunch, dinner including one samiana of 100' × 50' ft., one kitchen set, with provision of light, one hundred chairs for sitting purpose, utensils, two distribution tables and service persons with proper uniform.

For more details please visit: **www.koraput.nic.in**.

**Sd./- District Culture Officer-cum-Secretary, District Council of Culture, Koraput**
03021/11/0003/1920

---

**OFFICE OF THE HINJILICUT MUNICIPAL COUNCIL**
**Hinjilicut, (GM), Ph: 06811-280025, email id: hinjilicutmunicipality@gmail.com**
**Letter No. 2683/2019** **Quotation Call Notice:** **Date: 08.11.19**

Sealed quotations are invited from authorized dealers/ Agencies/ Firms/ Contractors for Design, supply and communicating the following items including all taxes for Hinjilicut Municipality. The rate should be quoted against the item. The quotationers are essentially required to enclose their GST Registration Certificate, PAN card. The quotationer shall be required to produce the original copy of the required document before the undersigned at the time of opening of quotation for verification. The quotation documents should be available at Cash Section of Hinjilicut Municipality on payment of cost of quotation paper in shape of cash (non-refundable). The quotationer must be accompanied with the EMD mentioned against the project in shape of T.D.A./ B.C / B.D. / N.S.C/ Kisan Bikash Patra/ Post Office Savings Bank Account/ Post Office time deposit Account duly pledged in favour of the Executive Officer, Hinjilicut Municipality. The quotation should availability to the cash section of this Office from dt: 13.11.2019 to 21.11.2019 by 1.00 PM (within Office hour) and the quotation received on or before dt. 22.11.2019, 5.00 PM through speed post/registered post and the same will be opened on 25.11.2019 at 11.30 AM in presence of respective quotationers or their authorized representatives. The authority reserves the right to accept, reject or cancel any or all the quotations without assigning any reason thereof.

| Sl. No. | Item | Quantity | Paper Cost | EMD Cost |
|---|---|---|---|---|
| 1 | Supply, fitting, fixing Two seated Pedal Boats, Four seated Pedal Boats, FRP floating Jetty with Gangway at different places of Hinjilicut Municipality | Each | Rs. 4000/- | Rs. 10,000/- |
| 2 | Supply, fitting, fixing Foam cluster fountain, Done fountain, Floating fountain, Double done fountain at different places of Hinjilicut Municipality | Each | Rs. 4000/- | Rs. 10,000/- |

**Sd./- Executive Officer, Hinjilicut Municipality**

---

**OFFICE OF THE NOTIFIED AREA COUNCIL, GUDARI, DIST.- RAYAGADA**
Lt. No. ____ / NAC **e-Procurement** Dt. ...........
**Tender Reference GDR_NAC_03/2019, Bid Identification No. 2019_ORULB**

**(1)** Name of the Work- Building works as in the DTCN published in the website. **(2)** Estimated Cost: Rs. 62.10 lakhs, **(3)** Period of Completion: 45 days, **(4)** Date and time of availability of bid documents: In the portal from 09.00 AM on 13.11.2019 to 5.00 PM on 22.11.2019, **(5)** Last date / time for receipt of bids in the portal: Date 22.11.2019 upto 5.00 PM, **(6)** Bid documents dropping: From 10.00 AM on 13.11.2019 to 5.00 PM on 25.11.2019 (except Holidays), **(7)** Date and time of opening of Bid: Date 26.11.2019 at 10.00 AM, **(8)** Name and address of the officer inviting Bid: Executive Officer, Gudari NAC. Further details can be seen from the e-Procurement portal **"https://tendersorissa.gov.in"**.

*Sd./- Executive Officer, Gudari NAC*

---

**ପୁରୀ ପୌରସଂସ୍ଥା, ପୁରୀ**

**ସଂଖ୍ୟା: ୮୯୬୫** **ତାରିଖ: ୦୭।୧୧।୧୯**

**ସୂଚନା**

ଏତଦ୍ୱାରା ପୁରୀ ପୌରସଂସ୍ଥା ଅଧୀନରେ ବସବାସ କରୁଥିବା ସମସ୍ତ ଗୃହ ମାଲିକ ଏବଂ ମଳପଙ୍କ ପରିବହନ ଯାନ ମାଲିକଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ପୁରୀ ପୌରସଂସ୍ଥା ଦ୍ୱାରା ମଳଯୁକ୍ତ ମଳ ଓ ପଚାମଇଳା ପ୍ରବନ୍ଧନ ଅଧିନିୟମ ୨୦୧୮ (Faecal Slugged & Septage Management Regulation 2018) ଓଡ଼ିଶା ଗେଜେଟ୍‌ରେ ପ୍ରକାଶିତ ହୋଇଅଛି।

ଏହି ଅଧିନିୟମ ଏବଂ ତତ୍‌ସଂଲଗ୍ନ ପ୍ରେସ୍ ବିଜ୍ଞପ୍ତି ଜନସାଧାରଣ ଏବଂ ମଳପଙ୍କ ପରିବହନ ଯାନ (Cesspool) ମାଲିକଙ୍କ ଗୋଚରାର୍ଥେ ପୁରୀ ପୌରସଂସ୍ଥା, ପୁରୀଙ୍କ ୱେବ୍‌ସାଇଟ୍: www.purimunicipality.nic.in ରେ ପ୍ରଦର୍ଶିତ କରାଯାଇଅଛି।

**ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ,ପୁରୀ ପୌରସଂସ୍ଥା, ପୁରୀ**

---

**DISTRICT COUNCIL OF CULTURE, KORAPUT**
**QUOTATION CALL NOTICE**

No. RR-27: Sealed quotations are invited from reputed Caterers/Food Suppliers of Koraput district having food licence certificate from Health Department & experience in Catering Service for supply of food to the participating artists/participants of State Level Tribal Festival PARAB-2019 at Koraput to be held from **16th to 18th November 2019** at Koraput. The detail of datewise food requirements & menu specifications are given in the statement. Intending Caterers/Food Suppliers having GST approval and previous experience in large scale events may apply in the District Culture Office, Koraput by Hand/by Post with specifications mentioned in the format during office hours from **10.00 A.M. to 3.00 P.M. by 11.11.2019**. The quotations will be opened on the same day in the Office of **Collectorate, Koraput at 5.00 P.M.** in presence of the quotationers or their representatives.
For more details please visit **www.koraput.nic.in**.

**Sd./- District Culture Officer-cum-Secretary, District Council of Culture, Koraput**
03021/11/0004/1920

---

No. A-372:
GOVERNMENT OF ODISHA
OFFICE OF THE EXECUTIVE ENGINEER,
**KANDHAMAL MINOR IRRIGATION DIVISION, PHULBANI**
(E-mail Id: - kmidplb@gmail.com, PH.No. 06842-253634

**Quotation Call Notice No. 01/2019-20/2301 dt.01.11.2019**
(As per E-5 document of World Bank for Procurement of goods under National Shopping)

1. Number of work :- 2(Two Nos.)
2. Type of work :- Dam Instrumentation work.
3. Type of Procurement :- National Shopping Procedure as per E-5 Document of World Bank.
4. Estimated Cost :- Rs.8.52 Lakh, & Rs. 10.21 Lakh.
5. Cost of Quotation Paper :- -
6. Class of Contractor :- "D" and above having requisite qualifying Criteria as per DTCN.
7. Period of Completion :- 3 (Three) Calendar Months.
8. Date/Time for Supply Bid Documents :- From dt. 13.11.2019 at 10.00 A.M. to Dt. 23.11.2019 at 3.00 P.M.
9. Date / Time for receipt of Bid documents. :- From dt.13.11.2019 at 10.00 A.M. to Dt. 23.11.2019 at 4.00 P.M.
10. Date and Time of Opening of Bid documents. :- On dt. 25.11.2019 at 11.00 A.M. In the Office of Executive Engineer, Kandhamal M.I. Division, Phulbani
11. Place of receive & Supply of Bid documents. :- 1. Executive Engineer, Kandhamal M.I. Division, Phulbani 2. Dy. Executive Engineer, M.I. Sub-Division, Phulbani

Executive Engineer,
K.M.I. Division, Phulbani.
32040/11/0003/1920

---

**ODISHA HYDRO POWER CORPORATION LIMITED**
OHPC
**BALIMELA HYDRO ELECTRIC PROJECT, POST: BALIMELA, DIST.- MALKANGIRI (ODISHA), PIN-764051**
Phones: 06861-232581(O) / 232641(R), FAX: 06861-232541, Email: unit.head_balimela@yahoo.com
No. BHEP/DES III/VEH010/ 7404 Date: 07.11.2019

**NOTICE INVITING TENDER NO. 40/2019-20, DATED 30.10.2019**

**No. CAD: 552:-** Sealed tenders are invited in single part bid basis from Vehicle Owners / Travel Agencies / individuals fulfilling the eligibility criteria as per the tender specification for the work as mentioned below.

| Sl. No. | Description of Services | Cost of tender paper (non refundable) in Rs. | EMD in shape of DD only (Refundable) in Rs. | Period of availability of tender at OHPC website | Last date & time of receipt of tender | Date & time of opening of bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | Hiring of 01 (One) no. of (SCORPIO/ CRETA/MAHINDRA MARAZZO) Vehicle with Single driver for four years for BHEP, Balimela. | Rs. 6000/- + 1080 (GST@18%) = Rs. 7080/- | Rs. 26,600/- (1% of Estimated Cost) | 08.11.2019 to 21.11.2019 | 21.11.2019 upto 12.00 Hrs | 21.11.2019 at 12.30 PM |

For details of the tender documents, terms & conditions please visit our website www.ohpcltd.com.
04019/11/0044/1920 *Sd./- C&P Head, BHEP, Balimela*

---

See Career Appointment on every **Wednesday & Saturday**

---

**DISTRICT RURAL DEVELOPMENT AGENCY, BALANGIR**
**No.: DRDA/3711** **Date: 08.11.19**

**EXPRESSION OF INTEREST**

The Expression of Interest (EoI) is invited from the interested registered NGOs/CSOs who will be engaged for a partnership with district administration to arrest distress migration in 6 migration prone blocks namely **Bangomunda, Belpada, Khaprakhol, Murhibahal, Titilagarh and Turekela of Balangir district**. The details of eligibility criteria, Scope of Work, Deliverables, Role and Responsibility, selection procedure of NGOs/CSOs & others particulars are uploaded in the district website **(https://balangir.nic.in)** for necessary information. The interested NGOs/CSOs, fulfilling the eligibility criteria may submit their Expression of Interest (EoI) along with all supportive documents to the Collector-cum-DPC, MGNREGA, Balangir, At- DRDA, Balangir, P.O./Dist.- Balangir, Odisha, PIN - 767001 by 20.11.2019 (till 5.30 P.M.) through Speed Post/Registered Post only (no hand delivery) and the same will be opened on 21.11.2019 at 11.30 A.M. in the DRDA Conference Hall, Balangir in the presence of the Selection Committee & Representative of NGOs/CSOs. The sealed envelope containing the EoI must be superscribed on the top of the envelope as **"Expression of Interest (EoI) for Partnership of NGOs/CSOs with district administration to arrest distress migration in block of Balangir district"**. Any modification, alternation and date of extension, if so required will be intimated through the above district website only. The authority reserves the right to cancel any part or the entire proposal of EoI without assigning any reason thereof.

**Sd./- Collector-cum-DPC, MGNREGA, Balangir**

---

**SHRI JAGANNATH SANSKRIT VISHVAVIDYALAYA, SHRI VIHAR, PURI**

**No. Exam.3209 / 2019, S.J.S.V., Puri** **Date: 08.11.2019**

**NOTIFICATION**

ଏତଦ୍ୱାରା ଓଡ଼ିଶାର ସମସ୍ତ ସଂସ୍କୃତ ଅନୁଷ୍ଠାନ (Govt./ Permanently Recognised / Temporarily Recognised)ର ଅଧ୍ୟକ୍ଷମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏହି ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ହେବାକୁ ଥିବା ୨୦୨୦ ମସିହାର ଶାସ୍ତ୍ରୀ ତୃତୀୟବର୍ଷ (Regular/Back/Repeat) ପରୀକ୍ଷା ପାଇଁ ସମ୍ପୃକ୍ତ ଛାତ୍ରଛାତ୍ରୀମାନଙ୍କର ଆବେଦନ ପତ୍ର ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ପୂରଣ କରାଯିବ। ଏଥି ନିମନ୍ତେ ପଞ୍ଜୀକରଣ (Registration) କରିଥିବା ବାଧ୍ୟତା ମୂଳକ ଅଟେ।

ଅନୁଷ୍ଠାନର ଅଧ୍ୟକ୍ଷମାନେ ନିର୍ଦ୍ଧାରିତ ଫର୍ମ ଓ ପରୀକ୍ଷା ସମ୍ପର୍କୀୟ ନିୟମାବଳୀ ବିଶ୍ୱବିଦ୍ୟାଳୟର Website: **www.sjsv.nic.in** ରୁ download କରି ନିର୍ଦ୍ଦେଶ ଅନୁଯାୟୀ ପୂରଣକରିବା ପୂର୍ବକ ଆବଶ୍ୟକୀୟ ଦେୟ ସହିତ (Bank Draft drawn in favour of Comptroller of Finance, S.J.S.V., Puri) ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ଦାଖଲ କରିବେ। ପୂରଣ ହୋଇଥିବା ଆବେଦନପତ୍ର ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟରେ ଦାଖଲ କରିବା ସମୟରେ ନିମ୍ନଲିଖିତ କାଗଜପତ୍ର ଦାଖଲ କରିବା ଅନିବାର୍ଯ୍ୟ ଅଟେ।

**ଶାସ୍ତ୍ରୀ ତୃତୀୟ ବର୍ଷ**

୧. ବିଶ୍ୱବିଦ୍ୟାଳୟ Website ରୁ ଆବେଦନ ପତ୍ର download କରିବା ସମୟାବଧି : From dt.13.11.2019 to 30.11.2019
୨. ବିନା ବିଳମ୍ବ ଶୁଳ୍କରେ ଆବେଦନପତ୍ର ପୂରଣକରିବା ଓ ତତ୍‌ସମ୍ବନ୍ଧୀୟ ବ୍ୟାଙ୍କ୍ ଡ୍ରାଫ୍ଟ ପ୍ରସ୍ତୁତ କରିବା ତାରିଖ : From dt.15.11.2019 to 19.11.2019
୩. ପ୍ରଥମ ବିଳମ୍ବ ଶୁଳ୍କ ଟ.୫୦.୦୦ ସହିତ ଆବେଦନ ପତ୍ର ପୂରଣ କରିବା ଓ ତତ୍‌ସମ୍ବନ୍ଧୀୟ ବ୍ୟାଙ୍କ୍ ଡ୍ରାଫ୍ଟ ପ୍ରସ୍ତୁତ କରିବା ତାରିଖ : From dt.21.11.2019 to 25.11.2019
୪. ଦ୍ୱିତୀୟ ବିଳମ୍ବ ଶୁଳ୍କ ଟ.୧୦୦.୦୦ ସହିତ ଆବେଦନ ପତ୍ର ପୂରଣ କରିବା ଓ ତତ୍‌ସମ୍ବନ୍ଧୀୟ ବ୍ୟାଙ୍କ୍ ଡ୍ରାଫ୍ଟ ପ୍ରସ୍ତୁତ କରିବା ତାରିଖ : From dt.26.11.2019 to 27.11.2019
୫. ଶେଷବିଳମ୍ବ ଶୁଳ୍କ ଟ.୨୦୦.୦୦ ସହିତ ଆବେଦନ ପତ୍ର ପୂରଣ କରିବା ଓ ତତ୍‌ସମ୍ବନ୍ଧୀୟ ବ୍ୟାଙ୍କ୍ ଡ୍ରାଫ୍ଟ ପ୍ରସ୍ତୁତ କରିବା ତାରିଖ : From dt.28.11.2019 to 30.11.2019
୬. ବିଶ୍ୱବିଦ୍ୟାଳୟରେ ଜିଲ୍ଲାଓ୍ୱାରୀ ଦାଖଲ କରିବା ତାରିଖ : From dt.19.12.2019 to 30.12.2019

**ବି.ଦ୍ର.-** ପୂରଣ ହୋଇଥିବା ଆବେଦନପତ୍ର ପରୀକ୍ଷାଶୁଳ୍କ ସହିତ ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟରେ ଜିଲ୍ଲାଓ୍ୱାରୀ ଦାଖଲ କରିବାର ତାରିଖ ତଥା ପରୀକ୍ଷା ସମ୍ବନ୍ଧୀୟ ନିୟମାବଳୀ ବିଶ୍ୱବିଦ୍ୟାଳୟ ବିଜ୍ଞାପନ ଫଳକ / Website.www.sjsv.nic.in ରେ ଉପଲବ୍ଧ।

**ସ୍ୱା./- ପରୀକ୍ଷା ନିୟନ୍ତ୍ରକ**

---

**SHRI JAGANNATH SANSKRIT VISHVAVIDYALAYA, SHRI VIHAR, PURI**

**No. Exam.3214 / 2019, S.J.S.V., Puri** **Date: 08.11.2019**

**NOTIFICATION**

ଏତଦ୍ୱାରା ଓଡ଼ିଶାର ସମସ୍ତ ସଂସ୍କୃତ ଅନୁଷ୍ଠାନର ଅଧ୍ୟକ୍ଷମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏହି ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ହେବାକୁ ଥିବା ୨୦୨୦ ମସିହାର ଉପଶାସ୍ତ୍ରୀ **(Regular/Back/Repeat)** ପରୀକ୍ଷା ପାଇଁ ସମ୍ପୃକ୍ତ ଛାତ୍ରଛାତ୍ରୀମାନଙ୍କର ଆବେଦନ ପତ୍ର ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ପୂରଣ କରାଯିବ। ଏଥି ନିମନ୍ତେ ନିୟମିତ (Regular) ଛାତ୍ରଛାତ୍ରୀମାନେ e-admission ମାଧ୍ୟମରେ ନାମ ଲେଖାଇ ପଞ୍ଜୀକରଣ (Registration) କରିଥିବା ବାଧ୍ୟତା ମୂଳକ ଅଟେ।

ଅନୁଷ୍ଠାନର ଅଧ୍ୟକ୍ଷମାନେ ନିର୍ଦ୍ଧାରିତ ଫର୍ମ ଓ ପରୀକ୍ଷା ସମ୍ପର୍କୀୟ ନିୟମାବଳୀ ବିଶ୍ୱବିଦ୍ୟାଳୟର Website: **www.sjsv.nic.in** ରୁ download କରି ନିର୍ଦ୍ଦେଶ ଅନୁଯାୟୀ ପୂରଣକରିବା ପୂର୍ବକ ଆବଶ୍ୟକୀୟ ଦେୟ ସହିତ (Bank Draft drawn in favour of Comptroller of Finance, S.J.S.V., Puri) ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ଦାଖଲ କରିବେ।

ଫର୍ମ ପୂରଣ କରିବା ପୂର୍ବରୁ କଲେଜ୍ କର୍ତ୍ତୃପକ୍ଷ ନିୟମିତ ଛାତ୍ରଛାତ୍ରୀମାନଙ୍କର Registration No. ବିଶ୍ୱବିଦ୍ୟାଳୟ Website: **www.sjsv.nic.in** ରୁ download କରିପାରିବେ। ପୂରଣ ହୋଇଥିବା ଆବେଦନପତ୍ର ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟରେ ଦାଖଲ କରିବା ସମୟରେ ନିମ୍ନଲିଖିତ କାଗଜପତ୍ର ଦାଖଲ କରିବା ଅନିବାର୍ଯ୍ୟ ଅଟେ।

୧. (କ) ସରକାରଙ୍କଠାରୁ ପ୍ରାପ୍ତ Permanment Recognition / Temporary Recognition (୨୦୨୦ ମସିହା ପରୀକ୍ଷା ନିମନ୍ତେ) ସମ୍ପର୍କିତ ଆଦେଶର ନକଲ।
(ଖ) e-admission ଜରିଆରେ ପ୍ରାପ୍ତ ହୋଇଥିବା ପଞ୍ଜୀକରଣ ତାଲିକାର ନକଲ।
(ଗ) Registration Fee ଦାଖଲ କରିଥିବାର ପ୍ରମାଣ।
(ଘ) N.S.S. ଦେୟ ଦାଖଲ କରାଯାଇଥିବା ସମ୍ବନ୍ଧରେ ବିଶ୍ୱବିଦ୍ୟାଳୟର N.S.S. wing ରୁ ପ୍ରାପ୍ତ Clearance Certificate ର ନକଲ।
(ଙ) ବିଶ୍ୱବିଦ୍ୟାଳୟରୁ ପ୍ରାପ୍ତ ସହବନ୍ଧନ **(Affiliation)** ସମ୍ପର୍କିତ ପ୍ରମାଣପତ୍ରର ନକଲ।

**ବି.ଦ୍ର .- ଡାକଯୋଗେ ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ।**

**ଉପଶାସ୍ତ୍ରୀ**

୧. ବିଶ୍ୱବିଦ୍ୟାଳୟ Website ରୁ ଆବେଦନ ପତ୍ର download କରିବା ସମୟାବଧି : From dt.13.11.2019 to 17.12.2019
୨. ବିନା ବିଳମ୍ବ ଶୁଳ୍କରେ ଆବେଦନପତ୍ର ପୂରଣକରିବା ଓ ତତ୍‌ସମ୍ବନ୍ଧୀୟ ବ୍ୟାଙ୍କ୍ ଡ୍ରାଫ୍ଟ ପ୍ରସ୍ତୁତ କରିବା ତାରିଖ : From dt.02.12.2019 to 06.12.2019
୩. ପ୍ରଥମ ବିଳମ୍ବ ଶୁଳ୍କ ଟ.୫୦.୦୦ ସହିତ ଆବେଦନ ପତ୍ର ପୂରଣ କରିବା ଓ ତତ୍‌ସମ୍ବନ୍ଧୀୟ ବ୍ୟାଙ୍କ୍ ଡ୍ରାଫ୍ଟ ପ୍ରସ୍ତୁତ କରିବା ତାରିଖ : From dt.07.12.2019 to 10.12.2019
୪. ଦ୍ୱିତୀୟ ବିଳମ୍ବ ଶୁଳ୍କ ଟ.୧୦୦.୦୦ ସହିତ ଆବେଦନ ପତ୍ର ପୂରଣ କରିବା ଓ ତତ୍‌ସମ୍ବନ୍ଧୀୟ ବ୍ୟାଙ୍କ୍ ଡ୍ରାଫ୍ଟ ପ୍ରସ୍ତୁତ କରିବା ତାରିଖ : From dt.11.12.2019 to 13.12.2019
୫. ଶେଷ ବିଳମ୍ବ ଶୁଳ୍କ ଟ.୨୦୦.୦୦ ସହିତ ଆବେଦନ ପତ୍ର ପୂରଣ କରିବା ଓ ତତ୍‌ସମ୍ବନ୍ଧୀୟ ବ୍ୟାଙ୍କ୍ ଡ୍ରାଫ୍ଟ ପ୍ରସ୍ତୁତ କରିବା ତାରିଖ : From dt.16.12.2019 to 17.12.2019
୬. ବିଶ୍ୱବିଦ୍ୟାଳୟରେ ଜିଲ୍ଲାଓ୍ୱାରୀ ଦାଖଲ କରିବା ତାରିଖ : From dt.19.12.2019 to 30.12.2019

**ବି.ଦ୍ର.-** ପୂରଣ ହୋଇଥିବା ଆବେଦନପତ୍ର ପରୀକ୍ଷାଶୁଳ୍କ ସହିତ ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟରେ ଜିଲ୍ଲାଓ୍ୱାରୀ ଦାଖଲ କରିବାର ତାରିଖ ତଥା ପରୀକ୍ଷା ସମ୍ବନ୍ଧୀୟ ନିୟମାବଳୀ ବିଶ୍ୱ ବିଦ୍ୟାଳୟ ବିଜ୍ଞାପନ ଫଳକ / Website.www.sjsv.nic.in ରେ ଉପଲବ୍ଧ।

**ସ୍ୱା./- ପରୀକ୍ଷା ନିୟନ୍ତ୍ରକ**



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



■ ନିଆରା ମୁନୁଷ୍

# ବହେନ୍ ୧ ଫୁଟ, ଭାଇ ଦେଢ଼ ଫୁଟ

ଜୁନାଗଡ, ୮।୧୧(ଡି.ଏନ୍.ଏ.)



ଦୁଇ ଭାଇବହେନ୍ ଡମ୍ବରୁଧର ଆର ରଇବାରୀ।

ସେମାନେ ଆମର ଲେଖେଁ ମୁନୁଷ୍ ଆଏ। ହେଲେ ସେମାନେ ଏତେ ବୁଠି ଯେ ତାହାକୁ ଝନେ ଦେଖିଲେ ଭାବ୍‌ବା ଇମାନେ ଉନିଆଁ କେନ୍ ରାଏଜର ମୁନୁଷ୍ ଆନ୍। ଏନ୍‌ତା ଦୁଇ ନିଆରା ଭାଇ ବହେନ୍‌କେ ଦେଖିବାକେ ମିଲିଛେ କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକର ଅତଡ଼ିଆ ଅଂଚଲ ହିସାବେ ପରିଚିତ ଦେଦର ଗାଁରେ। ସୂଚନା ହିସାବେ ଦେଦର ଗାଁର ଡମ୍ବରୁଧର ଭୋଇ(୪୩) ଆର ତାକର ବହେନ୍ ରଇବାରୀ ଭୋଇ(୪୬)। ଡମ୍ବରୁଧର ଦେଢ଼ ଫୁଟ ଡେଂଗ୍ ଥିଲାବେଲେ ବହେନ୍ ରଇବାରୀ ୧ ଫୁଟ ଡେଂଗ୍ ଅଛନ୍। ତାକର ଉନିଆ ଭାଇବହେନ୍‌ମାନେ ଠିକ୍ ଥିଲାବେଲେ ଇ ଦୁଇ ଭାଇବହେନ୍‌କର ଉଚତାରେ ବିଅତିକରମ୍ ଦେଖାଦେଇଛେ। ରଇବାରୀ ଏତେ ବାଂଗିରି ଯେ ଝନେ ଦେଖିଲେ ସେ ବସିଛନ୍ ବାଗି ଲାଗ୍‌ବା। ସେନ୍‌ତା ଭାଇ ଡମ୍ବରୁଧର ତାକରନୁ ଜାନ୍ ନାଇଁ ଜାନ୍ ଟିକେ ଡେଂଗା ଅଛନ୍। ଡମ୍ବରୁଧର ଝନେ ଦେଢ଼ ଫୁଟିଆ ମୁନୁଷ୍ ହେଇଥିଲେ ବି ବିହାଚୁରା ହେଇ ଘର ସଁସାର କରିଛନ୍। ତାକର ମାଏକିନା ମଇଣ୍ଡୀ ବି ୩ ଫୁଟ୍ ଡେଂଗ୍ ଅଛନ୍। ହେଲେ ବହେନ୍ ରଇବାରୀ ଆଏଜ୍‌ତକ ଅବିହାରି ରହିଛନ୍। ଏନ୍‌ତାଥି ରଇବାରୀ ଭାଇ ଆର ବହୁର ଆଶ୍‌ରାରେ ରହିଛନ୍। ଡମ୍ବରୁଧର ଚାଲବୁଲ କରିପାରୁଥିଲାବେଲେ ରଇବାରୀ ଠିକ୍‌ରେ ଚାଲବୁଲ କରି ନାଇଁପାରବାର। ଅନେକ ସମିଆରେ ତାକର ବହୁ ମଇଣ୍ଡୀ ତାହାକୁ ବୁହିକରି ନେବାର ଆନ୍‌ବାର କରୁଛନ୍। ପରଶାସନ ତରଫୁ ଭାଇବହେନ୍‌କେ ମିଲୁଥିବାର ୫ କେ.ଜି. ଲେଖେଁ ଚାଉଲ ଆର ଭତାରେ ପରିବାରଟା ବଡ଼ା ଦୁଖେ ଚଲୁଛନ୍। ଇତାର ବାହାରେ ପରିବାରକେ ଉନିଆ କେହେନ୍‌ସି ପରକାର ସରକାରୀ ସାହାଯ୍ ନାଇଁ ମିଲିପାରି। ଡମ୍ବରୁଧରଙ୍କୁ ୭ଶହ ଟଁକା ଭିନ୍ନକ୍ଷମ ଭତା ମିଲୁଥିଲାବେଲେ ରଇବାରୀ ୫ଶହ ଟଁକା ଭତା ପାଉଛନ୍। ହେଲେ ଇ ମାସ୍‌ଠାନୁ ରଇବାରୀଙ୍କର ଭତା ବି ୭ଶହ ଟଁକା ହେବା ବଲି ଜୁନାଗଡ଼ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ତୁଷାର ରଞ୍ଜନ ସାହୁ କହିଛନ୍। କଳାହାଣ୍ଡି ଜିଲା ପରଶାସନ ଇ ଅସାହା ପରିବାର ଉପରେ ଦୁରୁଷ୍‌ଟି ଦେଇ ସରକାରୀ ସୁବିଧା ସୁଯୋଗ ଯୁଗେଇ ଦେବାକେ ସାଧାରନରେ ଦାବି ହେଉଛେ।

## ହୋଟେଲ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ, ୩ ଗିରଫ

ସଜନାଗଡ଼, ୮।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଥାନା ସଜନାଗଡ଼ ବଜାରରେ ଥିବା ଏକ ହୋଟେଲ ମାଲିକ ରଣଜିତ୍ ବେହେରାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏ ନେଇ ରଣଜିତ୍ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା (ନଂ. ୨୮୩/୧୯) ରୁଜୁ ହୋଇଛି। ପୋଲିସ ୩ଜଣ ଯୁବକ ସଜନାଗଡ଼ ପାଣବନ୍ଧ ଗ୍ରାମର ରାଜୁ ମାଝି, ଭରତ ହେମ୍ବ୍ରମ୍ ଏବଂ ମଙ୍ଗଲ ମାଝିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଫଟୋରେ ଖବର



ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଶୁକ୍ରବାର ଆୟୋଜିତ ଆଞ୍ଚଳିକ ଶିଶୁ ମହୋତ୍ସବ 'ମହକ- ୨୦୧୯'ରେ ଦେବଗଡ କଳାକାରଙ୍କ ଆଦିବାସୀ ନୃତ୍ୟ ।

■ ଶ୍ରୀକ୍ଷେତ୍ରରେ ଆରମ୍ଭ ହେଲା ପଞ୍ଚୁକ

# ଲକ୍ଷ୍ମୀନାରାୟଣ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

ପୁରୀ ଅଫିସ, ୮।୧୧

**ଆଜି ବାଙ୍କଚୂଡ଼ା ବେଶ**

ପବିତ୍ର କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ ଆରମ୍ଭ ହୋଇଛି ପଞ୍ଚୁକ ବ୍ରତ। ଚଳଚଞ୍ଚଳ ହୋଇପଡିଛି ଶ୍ରୀକ୍ଷେତ୍ର। ବାତ୍ୟା ବୁଲ୍‌ବୁଲ୍‌ର ଭୟ ସତ୍ତ୍ୱେ ହଜାର ହଜାର ଭକ୍ତଙ୍କ ଗହଳି ହୋଇଥିଲା। ପଞ୍ଚୁକ ବ୍ରତର ପ୍ରଥମ ଦିନ ଅର୍ଥାତ୍ ଶୁକ୍ରବାର ମହାପ୍ରଭୁ ରତ୍ନସିଂହାସନରେ ଲକ୍ଷ୍ମୀନାରାୟଣ ବେଶ ତଥା ଠିଆକିଆ ବେଶରେ ଦର୍ଶନ ଦେଇଛନ୍ତି। ଦାରୁଦିଅଁଙ୍କ ଲକ୍ଷ୍ମୀନାରାୟଣ ବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। ଶନିବାର କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ତିଥିରେ ରତ୍ନସିଂହାସନରେ ମହାପ୍ରଭୁଙ୍କ ବାଙ୍କଚୂଡ଼ା ବେଶ ଅନୁଷ୍ଠିତ ହେବ। ସେହିପରି ୧୦ ତାରିଖରେ ତ୍ରିବିକ୍ରମ ବେଶ, ୧୧ରେ ଲକ୍ଷ୍ମୀନୃସିଂହ ବେଶ ଏବଂ ୧୨ ତାରିଖ ଅର୍ଥାତ୍ କାର୍ତ୍ତିକ ପୂର୍ଣ୍ଣିମାରେ ରାଜାଧିରାଜ ତଥା ମହାପ୍ରଭୁଙ୍କ ଦୁର୍ଲ୍ଲଭ ସୁନାବେଶ ଅନୁଷ୍ଠିତ ହେବ।

ଭୋରରୁ ଦ୍ୱାର ଫିଟି ଶ୍ରୀମନ୍ଦିରରେ ଭିତର ଶୋଧ ଓ ମଙ୍ଗଳ ଆଳତି କରାଯାଇଥିଲା। ଏହାପରେ ମଇଲମ ଓ ତଡ଼ପଲାଗି କରାଯାଇ ଅବକାଶ ନୀତି ସମ୍ପନ୍ନ ହୋଇଥିଲା। ପରେ ଲକ୍ଷ୍ମୀନାରାୟଣ ବେଶ କରାଯାଇଥିଲା। ପୁଷ୍ପାଳକମାନେ ତିନିଠାକୁରଙ୍କୁ ଏହି ବେଶରେ ଭୂଷିତ କରାଇଥିଲେ। ଏଥିରେ ଠାକୁର ୨୩ ପ୍ରକାର ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥିଲେ। ୪ଟି ସୁବର୍ଣ୍ଣ ଶ୍ରୀଭୁଜ, ୩ଟି କିରୀଟ, ୪ଟି ଶ୍ରୀପୟର, ୬ଟି କାନ, ୪ଟି କଦମ୍ବମାଳି, ୧ଟି ହରିଡା କଦମ୍ବମାଳି, ୨ଟି ବାହାଡା ମାଳି, ଗୋଟିଏ ତାବିଜ ମାଳି, ଗୋଟିଏ ବାଘ ନଖିମାଳି, ୩ଟି ସେବତୀ ମାଳି, ୨ଟି ହଳମୂଷଳ, ଗୋଟିଏ ଚକ୍ର, ୨ଟି ତ୍ରିଶାଖା, ୩ଟି ଅଳକା, ୪ଟି ଶ୍ରୀମୁଖ ପଦ୍ମ, ଗୋଟିଏ ରୁପା ଶଙ୍ଖ, ୩ଟି ଓଡ଼ିଆଣି, ୩ଟି ଚନ୍ଦ୍ରସୂର୍ଯ୍ୟ, ୨ଟି ତିଳକ (ଚିତା), ୩ଟି ଘାଘଡା ମାଳି, ୪ଟି କୁଣ୍ଡଳ, ୨ଟି ତଡ଼ଗୀ ଓ ଗୋଟିଏ ସ୍ୱର୍ଣ୍ଣ ଟୋପର ଲାଗି ହୋଇଥିଲା। ଏହି ମାସରେ ଅନୁଷ୍ଠିତ ହୋଇଥିବା ରାଧା ଦାମୋଦର ବେଶରେ ଠାକୁର ଶ୍ରୀହସ୍ତରେ ନଳୀଭୁଜ ଧାରଣ କରୁଥିବାବେଳେ ଲକ୍ଷ୍ମୀନାରାୟଣ ବେଶରେ ଶ୍ରୀଭୁଜ, ଶଙ୍ଖ, ଚକ୍ର, ହଳ, ମୂଷଳ ସହିତ ଅନ୍ୟାନ୍ୟ ଅଳଙ୍କାର ଧାରଣ କରିଥିଲେ। ସୁନାବେଶ ଭଳି ଏହି ବେଶରେ ଠାକୁରମାନଙ୍କ ମସ୍ତକରେ ସ୍ୱର୍ଣ୍ଣ କିରୀଟ ଶୋଭାପାଇଥିଲା। କିରୀଟ ପଛ ପାର୍ଶ୍ୱରେ ସୁବର୍ଣ୍ଣ କିଆ ଲଗା ଯାଇଥିଲା। ମସ୍ତକରେ ସୁବର୍ଣ୍ଣ କିଆ ଠିଆ ହୋଇରହିଥିବାରୁ ଏହି ବେଶର ନାମ ଠିଆକିଆ ବେଶ। ପରମ୍ପରା ଅନୁଯାୟୀ ବାଳଧୂପ ସରିବା ପରେ ତିନି ବାଡ଼ରେ ପଣ୍ଡା, ପତି ଓ ମୁଦିରସ୍ତ ବନ୍ଦାପନା କରିଥିଲେ। ପରେ ଅନ୍ୟାନ ନୀତି ଅନୁଷ୍ଠିତ ହୋଇଥିଲା।

## ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର, ଦୋଷୀଙ୍କୁ ୯ବର୍ଷ ଜେଲ

କଣ୍ଟାବାଞ୍ଜି,୮।୧୧(ଡି.ଏନ.ଏ.)

ଯୁବତୀଙ୍କୁ ବିବାହ କରିବାକୁ ପ୍ରଲୋଭନ ଦେଖାଇ ବଳାତ୍କାର କରାଯାଇଥିବା ଏକ ମାମଲାର ରାୟ ପ୍ରକାଶ ପାଇଛି। କଣ୍ଟାବାଞ୍ଜି ସହକାରୀ ଦୌରା ଜଜ ବିନୋଦ ବିହାରୀ ସାହୁ ମାମଲାର ବିଚାର କରି ଅଭିଯୁକ୍ତ ଜୁରାବନ୍ଧ ଗାଁର କୁନୁ କୁମ୍ଭାର(୨୫)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ତାଙ୍କୁ ୯ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରାଯିବା ସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ଜରିମାନା ଅନାଦାୟେ ଅତିରିକ୍ତ ୬ ମାସ ଜେଲଦଣ୍ଡ ଭୋଗିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ବିବରଣୀ ଅନୁଯାୟୀ, କଣ୍ଟାବାଞ୍ଜି ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ୨୦୧୧ରେ ବିବାହ ପ୍ରଲୋଭନ ଦେଖାଇ ଅଭିଯୁକ୍ତ କୁନୁ ବିଭିନ୍ନ ସମୟରେ ବଳାତ୍କାର କରିଥିଲେ। ପରେ ଅଭିଯୁକ୍ତ ତାଙ୍କୁ ବିବାହ କରିବାକୁ ମନା କରି ଦେଇଥିଲେ। ଯୁବତୀ ଜଣକ ପ୍ରତାରଣାର ଶିକାର ହୋଇ କଣ୍ଟାବାଞ୍ଜି ଥାନାରେ ଅଭିଯୋଗ କରିଥିଲେ। ଏନେଇ କଣ୍ଟାବାଞ୍ଜି ଥାନା ପୋଲିସ ଏକ ବଳାତ୍କାର ମାମଲା ରୁଜୁ କରି କୁନୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର କରି କଣ୍ଟାବାଞ୍ଜି ସହକାରୀ ଦୌରା ଜଜ ୧୪ ଜଣଙ୍କ ସାକ୍ଷ୍ୟ ଓ ସମସ୍ତ ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୯ବର୍ଷ ଜେଲ ସହ ୧୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି।

## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ପ୍ରତିଶ



ସତ୍ୟଜିତ୍



ଶରତ



ବାହୁବଳ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

Concept to Commissioning FOX Since 1995
**WALK IN INTERVIEW**
*Bhubaneshwar: 9th Nov 2019 (Saturday)*
*Reporting: 09.00 am to 2pm.*
VENUE:FOX Solutions, Office No.527, 5th Floor, Esplanade Mall, Puri - Cuttack Rd, Rasulgarh Bhubaneswar-751010, India. Tel : ++91-674-2549504
If you are looking for **Challenge, Growth, and Rewards**...And have what it needs ***A brilliant career awaits you at "FOX"*** Make a career in Industrial Automation with India's biggest **SIEMENS System Integrator.** Work with the industry experts in PLCs, Drives & DCS.
EDUCATIONAL QUALIFICATION:
B.E / B.Tech/MSc. (E&I/Electronics/Instrumentation/Electrical) and with domain knowledge of Automation systems are invited for career :
JOB LOCATION:BUB, Raigarh, Pune, Delhi,Silvassa & KOL
1. **Executive Sales –4 Positions (Code: EG2-MKT)** Candidates with Sales experience **2 to 5years** in Industrial Automation
2. **Executive Projects -15 Positions (Code: PRJ-EG2)** Candidates with experience **2 to 5years** in Software Development, Commissioning & troubleshooting of PLCs, Drives, SCADA & DCS System in Large size projects with Team members.
*CANDIDATE who had attended interview in previous 6 months in FOX are not eligible to attend the walk in interview.
* Those are not able to attend but interested can send their resume on below email jobs@foxindia.net. Mention subject line as- "Position Code".
Website: www.foxindia.net, Email: jobs@foxindia.net

IBPS
**ବ୍ୟାଙ୍କିଙ୍ଗ କାର୍ମିକ ଚୟନ ସଂସ୍ଥା**
ୱେବସାଇଟ: www.ibps.in
ପ୍ରଶ୍ନ/ଅଭିଯୋଗ ମାମଲାରେ ଦୟାକରି http://cgrs.ibps.in/ ରେ ଲଗଇନ୍ କରନ୍ତୁ
**ଅଂଶଗ୍ରହଣକାରୀ ଅନୁଷ୍ଠାନ ଗୁଡ଼ିକରେ ସ୍ୱତନ୍ତ୍ର ଅଫିସରଙ୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରଣାଳୀ - (ସିଆରପି ଏସପିଏଲ-IX)**
ଅଂଶଗ୍ରହଣକାରୀ ସଂଗଠନ ଗୁଡ଼ିକରେ ନିମ୍ନରେ ତାଲିକାଭୁକ୍ତ ବିଶେଷଜ୍ଞ ଅଧିକାରୀ ମାନଙ୍କ କ୍ୟାଡର ପଦବୀ ଗୁଡ଼ିକରେ ପ୍ରାର୍ଥୀ ଚୟନ ପାଇଁ ଆଗାମୀ ସାଧାରଣ ଭର୍ତ୍ତି ପ୍ରକ୍ରିୟା (ସିଆରପି) ପାଇଁ ଅନଲାଇନ ପରୀକ୍ଷା (ପ୍ରିଲିମିନାରୀ ଏବଂ ମେନ୍) ଡିସେମ୍ବର ୨୦୧୯/ଜାନୁଆରୀ ୨୦୨୦ରେ ଅସ୍ଥାୟୀ ଭାବେ ନିର୍ଦ୍ଧାରିତ କରାଯାଇଛି ।

| କ୍ରମିକ ସଂଖ୍ୟା | ପଦବୀ | କ୍ରମିକ ସଂଖ୍ୟା | ପଦବୀ |
|---|---|---|---|
| ୦୧ | ଆଇ.ଟି ଅଫିସର୍ (ସ୍କେଲ – I) | ୦୪ | ଲ' ଅଫିସର୍ (ସ୍କେଲ – I) |
| ୦୨ | ଏଗ୍ରିକଲ୍ଚରାଲ ଅଫିସର୍ (ସ୍କେଲ – I) | ୦୫ | ମାନବସମ୍ବଳ/ପର୍ସୋନେଲ ଅଫିସର୍ (ସ୍କେଲ – I) |
| ୦୩ | ରାଜଭାଷା ଅଧିକାରୀ (ସ୍କେଲ – I) | ୦୬ | ମାର୍କେଟିଂ ଅଫିସର୍ (ସ୍କେଲ – I) |

କାର୍ଯ୍ୟସୂଚୀର ଅସ୍ଥାୟୀ ଅନୁସୂଚୀ ଏହି ପ୍ରକାର ଅଟେ:

| କାର୍ଯ୍ୟକ୍ରମ | ଅସ୍ଥାୟୀ ତାରିଖ |
|---|---|
| ନିବେଦକଙ୍କ ଦ୍ୱାରା ଆବେଦନ ସମ୍ପାଦନ/ସଂଶୋଧନ ସହିତ ଅନଲାଇନ ପଂଜୀକରଣ | ୦୬.୧୧.୨୦୧୯– ୨୬.୧୧.୨୦୧୯ |
| ଆବେଦନ ଶୁଳ୍କ ପୈଠ/ସୂଚନା ଶୁଳ୍କ (ଅନଲାଇନ) | ୦୬.୧୧.୨୦୧୯– ୨୬.୧୧.୨୦୧୯ |
| ଅନଲାଇନ ପରୀକ୍ଷା ପାଇଁ କଲ୍ ଲେଟର ଡାଉନଲୋଡ କରନ୍ତୁ – ପ୍ରିଲିମିନାରୀ | ଡିସେମ୍ବର ୨୦୧୯ |
| **ଅନଲାଇନ ପରୀକ୍ଷା - ପ୍ରିଲିମିନାରୀ** | **୨୮.୧୨.୨୦୧୯ ଏବଂ ୨୯.୧୨.୨୦୧୯** |
| ଅନଲାଇନ ପରୀକ୍ଷାର ପରିଣାମ – ପ୍ରିଲିମିନାରୀ | ଜାନୁଆରୀ ୨୦୨୦ |
| ଅନଲାଇନ ପରୀକ୍ଷା ପାଇଁ କଲ୍ ଲେଟର ଡାଉନଲୋଡ–ମେନ୍ | ଜାନୁଆରୀ ୨୦୨୦ |
| **ଅନଲାଇନ ପରୀକ୍ଷା - ମେନ୍** | **୨୫.୦୧.୨୦୨୦** |
| ଅନଲାଇନ ମେନ ପରୀକ୍ଷାର ଫଳାଫଳ ଘୋଷଣା | ଫେବୃଆରୀ ୨୦୨୦ |
| ଇଣ୍ଟରଭ୍ୟୁ ପାଇଁ କଲ୍ ଲେଟର ଡାଉନଲୋଡ | ଫେବୃଆରୀ ୨୦୨୦ |
| ଇଣ୍ଟରଭ୍ୟୁ ପରିଚାଳନା | ଫେବୃଆରୀ ୨୦୨୦ |
| ପ୍ରୋଭିଜନାଲ ଆବଣ୍ଟନ | ଏପ୍ରିଲ ୨୦୨୦ |

ଆବେଦନକାରୀଙ୍କୁ ପରାମର୍ଶ ଦିଆଯାଉଛି କି ସେମାନେ ନିୟମିତ ଭାବେ ସମ୍ପର୍କରେ ରହିବା ପାଇଁ ଆଇବିପିଏସର ଅଧିକାରିକ ୱେବସାଇଟ www.ibps.in କୁ ଯାଆନ୍ତୁ ।
ଅନଲାଇନ ପଂଜୀକରଣ ପୂର୍ବରୁ ଆବେଦନକାରୀ ବିସ୍ତୃତ ଭାବେ ଅଧିସୂଚନା ପଢ଼ିବା ଏବଂ ସେଥିରେ ଉଲ୍ଲେଖ ନିର୍ଦ୍ଦେଶ ଗୁଡ଼ିକ ପାଳନ କରିବା ପାଇଁ ପରାମର୍ଶ କରାଯାଉଛି ।
ମୁମ୍ବାଇ
ତାରିଖ: ୦୫/୧୧/୨୦୧୯
ନିର୍ଦ୍ଦେଶକ
ଆଇବିପିଏସ

See Career Appointment on every Wednesday & Saturday

WALK IN INTERVIEW
A well established real estate company based at Bhubaneswar requires-
1. **RECEPTIONIST: 2 Nos.** Graduate with good looking and pleasing personality. Fluency in English / Hindi.
2. **Manager Marketing (M/F): 10 Nos.** Qualification: Graduate having 5 years exp. in realestate / FMCG / Insurance business.
**Contact: SKY LINE ESTCON PVT. LTD.**
9/A, Kharvel Nagar, Backside of Hotel Swosti, BBSR-1
**0674-2530079, Mob: 7978500483,**
**Email: info@skylinebbsr.com**
**N.B:** Salary best in Industry.
Date of Interview: 7th, 9th & 10th November, 2019 (10 am-5 pm).

**WALK-IN-INTERVIEW**
CTTC-Bhubaneswar urgently requires suitable & experienced candidates for filling up the following positions purely on contract basis:
1. **Faculty for Soft Skill (No. of vacancies : 01)**
**Qualification : Essential :** Bachelor Degree in any stream. **Preferable :** Certificate Course in Spoken English/Personality Development/Interview Technique / ITAC certified & ESOP certified. **Desirable :** Excellent Communication Skill (Both Verbal & Written)
**Experience : Essential :** Minimum 1 year experience as soft skill & Communication Trainer **Preferable :** Candidates working as trainers in DDUGKY PIAs (Project Implementing Agencies). **Age :** Maximum 32 years as on date of advertisement.
2. **Faculty of SAP Business One (No. of vacancies : 01)**
**Qualification : Essential :** Bachelor Degree in any stream. **Preferable:** MBA (Fi / Opertion / Lotistic). **Desirable :** Excellent Communication Skill (Both Verbal & Written) **Experience : Essential :** Minimum 1 year. **Age :** Maximum 32 years as on date of advertisement.
3. **Accounts Assistant (No. of vacancies : 02)**
**Qualification : Essential :** Bachelor Degree in Commerce (B.Com) with minimum 50% marks in aggregate. **Preferable :** Proficiency in MS Office and Tally. Excellent Communication Skill (Both Verbal & Written). **Experience : Essential :** Minimum 1 year. **Age:** Maximum 32 years as on date of advertisement.
Salary will be commensurated with qualification and experience for all the above positions.
**Date of Interview : 13th Nov 2019 (Wednesday)**
**Reporting Time :** 9 am to 10.30 am
The interested candidates may appear before the selection committee with updated CV pasted with passport size photograph, original academic & experience certificates, mark sheets, experience certificate with attested photocopy of each of it. No TA/DA would be provided for attending the interview. The candidates not fulfilling eligibility criteria wouldn't be considered for selection process.
Ministry of MSME Govt. of India
**CENTRAL TOOL ROOM & TRAINING CENTRE**
(Ministry of Micro, Small & Medium Enterprises, Govt. of India)
B-36, Chandaka Industrial Area, Bhubaneswar - 751024,Odisha
Mob.7788836660 / 9437965670, Ph. No.- (0674) 3011735, Fax : 3011750
E-mail : placement@cttc.gov.in, Website: www.cttc.gov.in
CTTC BHUBANESWAR ISO-9001 : ISO-14001 OHSAS 18001

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

**ଆବଶ୍ୟକ** "ଡିମାଣ୍ଡ ମସଲା" ଏବଂ "ଡିମାଣ୍ଡ ବଜାର" କମ୍ପାନୀ ପାଇଁ ଜିଲ୍ଲା/ବ୍ଲକ/ପଞ୍ଚାୟତ ସ୍ତରୀୟ ଉଭୟ ପୁରୁଷ/ମହିଳା Stockist, Distributor, Business Development Manager, Sales Officer ଆବଶ୍ୟକ। **ଦରମା:** ଟ. ୧୦,୦୦୦/– ରୁ ଟ.୨୦,୦୦୦/– + ବୋନସ୍। **ଶିକ୍ଷାଗତ ଯୋଗ୍ୟତା:** ମ୍ୟାଟ୍ରିକ୍ ପାସ୍/ଫେଲ୍, +୨, +୩, BCA, BBA, MBA ତଦୂର୍ଦ୍ଧ୍ୱ।
9938826988, 7064545450, 8338055696

**WANTED** The followings for our Office around Cuttack.
• **OFFICE ASSISTANT** (Computer Knowledge)
• **FIELD SUPERVISORS** (For Steel Industries)
CONTACT:-
9437496020, 9437021279

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍, ହେଲ୍ପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
**କମଲ ପ୍ଲେସ୍‌ମେଣ୍ଟ**
415, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ୍, ଗୁଜୁରାଟ
9157012447, 9157312448

**Railway Job**
• Petty Repair (ITI) Rs.14000/-
• Supervisor (+2,+3) : Rs.14000/-
• Bad Roll (10th) : Rs.12000/-
• House keeping (Under Matric) Rs.8000/- to Rs.10000/-
Posting- BBSR, Puri, Rayagada
7327065424, 8895725158

ମାସକୁ ରୋଜଗାର Rs. 30,000/- ରୁ 50,000/-
Training ! ଟ୍ରେନିଙ୍ଗ୍ !! ଟ୍ରେନିଙ୍ଗ୍ !!!
AC, Fridge (ଫ୍ରିଜ୍), Washing Machine (ୱାସିଙ୍ଗ୍ ମେସିନ୍), Repair Training (ମରାମତି ଟ୍ରେନିଙ୍ଗ୍) ଏହାସହିତ (Aqua Filter Repair Training Free) ରେ ଦିଆଯିବ।
WhatsApp: 7504825560
90% ପ୍ରାକ୍ଟିକାଲ Training ଦିଆଯିବ

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ **Office Staff** ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto **Rs.27,000/-.**
**(Part Time / Full Time)**
Contact: 9938676412

ରାଜସ୍ୱ ଗୋଇନ୍ଦା ଅଧିକାରୀମାନେ ଟିକସଦାତାଙ୍କ ପ୍ରତି ଫାସିଲିଟେଟର ଭାବେ କାର୍ଯ୍ୟ କରିବା ଆବଶ୍ୟକ।
– ନିର୍ମଳା ସୀତାରାମନ, ଅର୍ଥ ମନ୍ତ୍ରୀ



ବିପିସିଏଲ୍ ଘରୋଇକରଣ ନେଇ ସରକାରଙ୍କ ପକ୍ଷରୁ କୌଣସି ସ୍ପଷ୍ଟ ପ୍ରସ୍ତାବ ଏଯାଏ ଲାଭ କରିନାହୁଁ।
– ଏନ୍. ବିଜୟଗୋପାଳ, ବିପିସିଏଲ୍ ବିତ୍ତ ନିର୍ଦ୍ଦେଶକ

## ସଂକ୍ଷେପରେ

### ଏନ୍ଇଏଫ୍ଟି ନେଣଦେଣ ଉପରେ ଚାର୍ଜ ଲାଗିବନି

**ମୁମ୍ବାଇ,୮-୧୧:** ନ୍ୟାଶନାଲ ଇଲେକଟ୍ରୋନିକ୍ସ ଫଣ୍ଡ ଟ୍ରାନ୍ସଫର (ଏନ୍ଇଏଫ୍ଟି) ନେଣଦେଣରେ ଆସନ୍ତା ବର୍ଷ ଜାନୁଆରୀ ପହିଲାରୁ ଗ୍ରାହକଙ୍କୁ କୌଣସି ଚାର୍ଜ ଲାଗିବନି। ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏଭଳି ଏକ ପ୍ରସ୍ତାବ ରଖାଯାଇଛି। ବିମୁଦ୍ରୀକରଣର ତୃତୀୟ ବାର୍ଷିକି ଅବସରରେ ଡିଜିଟାଲ ନେଣଦେଣକୁ ପ୍ରୋତ୍ସାହିତ କରିବା ଲାଗି ରିଜର୍ଭ ବ୍ୟାଙ୍କ ଏଭଳି ଏକ ଯୋଜନା ହାତକୁ ନେଉଛି। ଏ ନେଇ କେନ୍ଦ୍ରୀୟ ବ୍ୟାଙ୍କ ବାଣିଜ୍ୟିକ ବ୍ୟାଙ୍କଗୁଡିକୁ କହିଛି। ଏହାବାଦ ଫୁଏଲ ଷ୍ଟେଶନ ଏବଂ ପାର୍କିଂ ଦେୟ ପ୍ରଦାନ ଲାଗି ଫାଷ୍ଟାଗ୍ ବ୍ୟବହାର ଉପରେ କେନ୍ଦ୍ରୀୟ ବ୍ୟାଙ୍କ ଗୁରୁତ୍ୱାରୋପ କରିଛି। ଲୋକଙ୍କୁ ଶସକ୍ତ କରିବା ପଦକ୍ଷେପ ମୁତାବକ ଏକ ଅତୁଳନୀୟ ପେମେଣ୍ଟ ଅଭିଜ୍ଞତା ବିକଳ୍ପ ପ୍ରଦାନ ଲାଗି ବ୍ୟାଙ୍କଗୁଡିକୁ ପ୍ରସ୍ତାବ ଦିଆଯାଇଥିବା ରିଜର୍ଭ ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ନିର୍ଦ୍ଦିଷ୍ଟ ବ୍ୟାଙ୍କଗୁଡିକ ସଞ୍ଚୟ ଖାତା ଆକାଉଣ୍ଟଧାରୀଙ୍କଠାରୁ ଏନ୍ଇଏଫ୍ଟି ନେଣଦେଣ ଉପରେ କୌଣସି ଚାର୍ଜ ନ ନେବାକୁ କୁହାଯାଇଛି। ଜାନୁୟାରୀ ପହିଲାରୁ ଆସେପ୍ଟାନ୍ସ ଡେଭଲପମେଣ୍ଟ ଫଣ୍ଡ କାର୍ଯ୍ୟକ୍ଷମ କରାଇବାକୁ ଯୋଜନା ରହିଛି।

### ୨୦୦୦ ଟଙ୍କିଆ ନୋଟ୍ ବନ୍ଦ ହେଉ: ସୁଭାଷ ଗର୍ଗ

**ନୂଆଦିଲ୍ଲୀ,୮-୧୧:** ବିମୁଦ୍ରୀକରଣକୁ ଏହା ମଧ୍ୟରେ ୩ ବର୍ଷ ପୂରଣ ହୋଇଛି। ବଡ ବଡ ନୋଟଗୁଡିକୁ ଅଚଳ କରିବା ସହ ନୂଆ ନୋଟ ଆଣିଛନ୍ତି। ସରକାର ଆଣିଥିବା ୨୦୦୦ ଟଙ୍କିଆ ନୋଟଗୁଡିକ ଲୋକମାନେ ମହଜୁଦ କରି ରଖୁଥିବା ସରକାରଙ୍କ ପୂର୍ବତନ ଅର୍ଥ ସଚିବ ସୁଭାଷ ଚନ୍ଦ୍ର ଗର୍ଗ କହିଛନ୍ତି। ଏଣୁ ଏହି ନୋଟଗୁଡିକୁ ସରକାର ବନ୍ଦ କରି ଦେବା ଆବଶ୍ୟକ ବୋଲି ସେ କହିଛନ୍ତି। ଦେଶର ଆର୍ଥିକ ବ୍ୟବସ୍ଥାରେ ଏବେ ନଗଦ ପରିମାଣ ପର୍ଯ୍ୟାପ୍ତ ହୋଇଛି। ଲୋକମାନେ ୨ ହଜାର ଟଙ୍କିଆ ନୋଟଗୁଡିକୁ ନିଜ ପାଖରେ ରଖି ହେଉଥିବା ଏହାର ପ୍ରମାଣ। ସାରା ଦୁନିଆ ଏବେ ଡିଜିଟାଲ ନେଣଦେଣ ଆଡକୁ ଯାଉଛି। ଭାରତ ଏହି ଦିଗରେ ବଢୁଥିଲେ ମଧ୍ୟ ଏହାର ହାର ଧିମା ରହିଛି। ଦେଶର ପ୍ରଚଳିତ ମୋଟ ନୋଟର ମୂଲ୍ୟ ମଧ୍ୟରୁ ପ୍ରାୟ ଏକ ତୃତୀୟାଂଶ ୨୦୦୦ ଟଙ୍କିଆ ରହିଛି। ୨୦୦୦ ଟଙ୍କିଆର ଏକ ପ୍ରମୁଖ ଭାଗ ଏବେ ପ୍ରଚଳନରେ ନାହିଁ। ଏହାକୁ ଲୋକମାନେ ମହଜୁଦ କରି ରଖିଦେଉଛନ୍ତି। ଫଳରେ ନେଣଦେଣ ବେଳେ ୨୦୦୦ ଟଙ୍କିଆ ଦେଖାଯାଉ ନାହିଁ। ଏଣୁ ବିନା କୌଣସି ଅସୁବିଧାରେ ଏହି ନୋଟଗୁଡିକୁ ବନ୍ଦ କରାଯାଇ ପାରିବ। ଏହି ନୋଟଗୁଡିକୁ ବ୍ୟାଙ୍କଖାତାରେ ଜମା କରିବାକୁ କୁହାଗଲେ ଏହା ଭଲ ହେବ ବୋଲି ସେ ମତ ରଖିଛନ୍ତି।

## ଭାରତକୁ ଝଟକା

# କ୍ରେଡିଟ୍ ରେଟିଂ ନକାରାତ୍ମକ ଦର୍ଶାଇଲା ମୁଡିସ୍

**ନୂଆଦିଲ୍ଲୀ,୮-୧୧**

- ବିତ୍ତୀୟ ନିଅଣ୍ଟ ୩.୭% ସ୍ତର ଛୁଇଁବ
- ବିଦେଶୀ ମୁଦ୍ରା ରେଟିଂ ବିଏଏ୨
- ପୂର୍ବରୁ ରେଟିଂ ଷ୍ଟେବଲ୍ ରହିଥିଲା




ଭାରତ ଏବେ ମାନ୍ଦାବସ୍ଥା ଦେଇ ଗତି କରୁଥିବା ବେଳେ ଦେଶର ଅର୍ଥ ବ୍ୟବସ୍ଥାରେ ସ୍ଥିତାବସ୍ଥା ଆଣିବା ଲାଗି ସରକାର ଉଦ୍ୟମ ଜାରି ରଖିଛନ୍ତି। ଏଭଳି ସ୍ଥିତିରେ ଦେଶକୁ ଆଉ ଏକ ଝଟକା ଲାଗିଛି। ମୁଡିସ୍ ଇନଭେଷ୍ଟର୍ସ ସର୍ଭିସ ଶୁକ୍ରବାର ଭାରତର କ୍ରେଡିଟ୍ ରେଟିଂ ଆଉଟ୍ଲୁକକୁ ନେଗେଟିଭ୍ (ନକାରାତ୍ମକ) ଦର୍ଶାଇଥିବା ଜଣାପଡିଛି। ସରକାର ଆର୍ଥିକ ଦୁର୍ବଳାବସ୍ଥାକୁ ଠିକ୍ କରିବା ଦିଗରେ ସମ୍ପୂର୍ଣ୍ଣ ସକ୍ଷମ ହୋଇନାହାନ୍ତି। ଅଭିବୃଦ୍ଧି ନିମ୍ନରେ ରହିଥିବାରୁ ଭାରତ ଲାଗି ବିପଦ ବଢୁଥିବା ଏହି ରେଟିଂ କହିଛି। ଏହି ସମୟରେ ଭାରତର ବିଦେଶୀ ମୁଦ୍ରା ରେଟିଂକୁ ବିଏଏ୨ ରଖାଯାଇଛି। ଏହା ଦ୍ୱିତୀୟ ସର୍ବନିମ୍ନ ନିବେଶ ଗ୍ରେଡ୍ ସ୍କୋର। ମାର୍ଚ୍ଚ ୨୦୨୦ ଯାଏ ଭାରତର ବିତ୍ତୀୟ ନିୟଣ୍ଟ ମୋଟ୍ ଜିଡିପିର ୩.୭% ସ୍ତର ଛୁଇଁବ ବୋଲି ଏହା ଆକଳନ କରିଛି। ଦେଶର ବିତ୍ତୀୟ ନିଅଣ୍ଟ ୩.୩% ସ୍ତରରେ ରହିବ ବୋଲି ସରକାର ଲକ୍ଷ୍ୟଧାର୍ଯ୍ୟ କରିଥିଲେ। ଘରୋଇ ବଜାରର ଜିଡିପି ଅଭିବୃଦ୍ଧି ଧିମା ରହିଥିବା ବେଳେ ସରକାର ଗ୍ରହଣ କରିଥିବା କର୍ପୋରେଟ ଟିକସ ହ୍ରାସ ଭଳି ବିଭିନ୍ନ ପ୍ରସଙ୍ଗ ଯୋଗୁ ରାଜସ୍ୱ କମୁଥିବା କୁହାଯାଉଛି।

ମାନ୍ଦାବସ୍ଥା ବିରୋଧରେ ଲଢିବା ଲାଗି ସରକାରୀ ପଦକ୍ଷେପ ଏବଂ ନୀତି ପର୍ଯ୍ୟାପ୍ତ ହେଉ ନ ଥିବା ବେଳେ ଏହା ଭାରତ ଉପରେ ଋଣ ବୋଝ ଆହୁରି ବଢାଇବ। ସରକାରଙ୍କ ଉପରେ ଏବେ ଋଣ ବୋଝ ରହିଥିବା ବେଳେ ସ୍ଥିତି ବିଗିଡିବ ବୋଲି ମୁଡିସ୍ ଏହାର ପୂର୍ବାନୁମାନରେ କହିଛି। ଏପ୍ରିଲ-ଜୁନ ତ୍ରୈମାସରେ ଭାରତର ଜିଡିପି ଅଭିବୃଦ୍ଧି ୫% ସ୍ତରରେ ରହିଛି। ୨୦୧୩ ପରଠାରୁ ଏହା ସବୁଠାରୁ ସର୍ବନିମ୍ନ ସ୍ତର। ବିଶ୍ୱସ୍ତରରେ ମାନ୍ଦାବସ୍ଥା ଯୋଗୁ ସରକାରଙ୍କ ନିବେଶ କମିଛି। ସେହିଭଳି ଚାହିଦା କମିବା ଯୋଗୁ ଦେଶର ଅର୍ଥନୈତିକ କାର୍ଯ୍ୟକଳାପ ହ୍ରାସ ହୋଇଥିବାରୁ ବଜାର ବିଶେଷଜ୍ଞମାନେ ଏହାକୁ ନେଇ ଆଶଙ୍କା ପ୍ରକଟ କରୁଛନ୍ତି। ଅଣବ୍ୟାଙ୍କିଙ୍ଗ ବିତ୍ତ ପ୍ରତିଷ୍ଠାନଗୁଡିକରେ ସଙ୍କଟ ଯୋଗୁ ଚଳିତ ବର୍ଷ ଭାରତର ଅଭିବୃଦ୍ଧି ପୂର୍ବାନୁମାନ ବିଶେଷ ଭାବେ ପ୍ରଭାବିତ ହୋଇଛି। ଏହାବାଦ ମାନ୍ଦାବସ୍ଥା ପ୍ରଭାବ ଏବେ ଖୁଚୁରା ବ୍ୟବସାୟ, କାର୍ ନିର୍ମାଣକାରୀ, ରିୟଲ ଇଷ୍ଟେଟ ଏବଂ ଲଘୁ ଉଦ୍ୟୋଗ ଉପରେ ପଡିଛି। ବର୍ତ୍ତମାନ ଫିଚ୍ ଏବଂ ଏସ୍ ଆଣ୍ଡ ପି ଭଳି ଅନ୍ତର୍ଜାତୀୟ ଏଜେନ୍ସିଗୁଡିକ ଭାରତର ଆଉଟ୍ଲୁକ ରେଟିଂକୁ ଷ୍ଟେବଲ(ସ୍ଥିର) ବୋଲି କହିଛନ୍ତି।

### ମୌଳିକ ଢାଞ୍ଚା ଦୃଢ଼ ଥିବା କହିଲେ ସରକାର

ମୁଡିସ୍ର ଏହି ରେଟିଂକୁ ନେଇ ସରକାର ପ୍ରତିକ୍ରିୟା ରଖିଛନ୍ତି। ଦେଶର ମୌଳିକ ଢାଞ୍ଚା ସୁଦୃଢ ରହିଥିବା ସରକାର କହିଛନ୍ତି। ଦେଶରେ ସଂସ୍କାର ପ୍ରକ୍ରିୟା ଜାରି ରହିଥିବା ବେଳେ ଏହା ଦ୍ୱାରା ନିବେଶ ବଢିବ ବୋଲି ସରକାର ଆଶାବାଦୀ ଅଛନ୍ତି। ଏହି ରେଟିଂ ଦ୍ୱାରା ଭାରତ ଉପରେ କୌଣସି ପ୍ରଭାବ ପଡିବ ନାହିଁ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଆର୍ଥିକ ତଥା ଅନ୍ୟାନ୍ୟ କ୍ଷେତ୍ର ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବାରୁ ଏହା ଅର୍ଥନୀତିକୁ ଦୃଢ କରିବାରେ ସହାୟକ ହେବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଦେଶ ମଧ୍ୟରେ ମୁଦ୍ରାସ୍ଫୀତି ଏବେ ନିୟନ୍ତ୍ରଣ ସ୍ଥିତିରେ ରହିଛି। ଏହା ଦ୍ୱାରା ସ୍ୱଳ୍ପ ତଥା ମଧ୍ୟମ ସମୟ ଲାଗି ଅଭିବୃଦ୍ଧି ସମ୍ଭାବନା ରହିଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ୧୩ରୁ ସିଆଇଆଇ ଏଣ୍ଟରପ୍ରାଇଜ ଓଡ଼ିଶା

**ଭୁବନେଶ୍ୱର,୮-୧୧**

କନ୍ଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ(ସିଆଇଆଇ) ପକ୍ଷରୁ ଏଣ୍ଟରପ୍ରାଇଜ ଓଡ଼ିଶା ଚଳିତ ମାସ ୧୩ରୁ ୧୬ ଯାଏ ସ୍ଥାନୀୟ ପ୍ରଦର୍ଶନୀ ପଡିଆଠାରେ ଅନୁଷ୍ଠିତ ହେବ। ଏହାର ସଫଳତା ଲାଗି ରାଜ୍ୟ ସରକାର ସମସ୍ତ ପ୍ରକାରର ସହଯୋଗ ଯୋଗାଇ ଦେବେ ବୋଲି ସିଆଇଆଇ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଶିଳ୍ପ ଏବଂ ଏମ୍ଏସ୍ଏମ୍ଇ ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ଶିଳ୍ପ ବିଭାଗ ସଚିବ ହେମନ୍ତ କୁମାର ଶର୍ମା, ସିଆଇଆଇ ଓଡ଼ିଶାର ପ୍ରଦୀପ୍ତ ମହାନ୍ତି ପ୍ରମୁଖ ଏଥିରେ ଯୋଗଦେବେ। ଗୋଟିଏ ସ୍ଥାନରେ ଓଡ଼ିଶା ମାଇନିଂ ଏବଂ ଓଡିଶା ଇନୋଭେକ୍ସର ପ୍ରଦର୍ଶନୀ ହେବ ବୋଲି ସିଆଇଆଇ ପକ୍ଷରୁ ସୂଚନା ରହିଛି। ପ୍ରାୟ ୨୦୦ କମ୍ପାନୀ ଏଠାରେ ସେମାନଙ୍କ ପ୍ରଡକ୍ଟ ଏବଂ ସେବା ପ୍ରଦର୍ଶନ କରାଇବେ। ମେଟାଲ, ମିନେରାଲ, ପାୱାର, ଟେକ୍ସଟାଇଲ, ଫୁଡ ପ୍ରୋସେସିଂ, କେମିକାଲ୍ସ ଏବଂ ପେଟ୍ରୋକେମିକାଲ୍ସ, ଡିଫେନ୍ସ ମାନୁଫାକ୍ଚରିଂ ଭଳି ବିଭାଗରେ ଷ୍ଟଲ୍ ମାନ ଏଥିରେ ସ୍ଥାନୀତ ହେବ। ଏହାବାଦ ଔଦ୍ୟୋଗିକ ଏବଂ ନିର୍ମାଣ ଉପକରଣ, ଆଇଟି ସେବା, ଶିକ୍ଷା, ରିୟଲ ଇଷ୍ଟେଟ ଏବଂ ଅଟୋମୋବାଇଲ ଭଳି କ୍ଷେତ୍ର ବିସ୍ତୃତ ଭାବେ ପ୍ରଦର୍ଶନ କରାଯିବାର ଯୋଜନା ରହିଛି।

### ଯୋଗ ଦେବେ ପ୍ରାୟ ୨୦୦ କମ୍ପାନୀ

**TENDER CALL NOTICE**

COSMOPOLIS RESIDENTS WELFARE ASSOCIATION (CRWA) Dumuduma, Bhubaneswar invites sealed tenders in double cover (Technical & Price Bid) for the work "EXTERNAL PAINTING INCLUDING SURFACE REPAIRING OF HIGH-RISE COSMOPOLIS APARTMENT COMPLEX" having a Bid value of Rs. 85 Lakhs & Period of completion - 5 months from reputed contractors/ firms/ companies, having adequate similar work experience. Tender documents and detailed terms and conditions can be obtained from CRWA office on payment of Rs. 6,000/- (non-refundable) in shape of cash/ DD. Bid documents along with EMD of Rs. 1,70,000/- in shape of bank draft in favour of Cosmopolis Residents Welfare Association, to be submitted on or before 3.00 pm on 20.11.2019 in CRWA office. Technical Bid shall be opened on the same day in presence of bidders at 3.30 pm. CRWA reserves it's right to negotiate/ accept/ cancel any or all tenders received without assigning any reasons thereof

**General Secretary, CRWA**

# ରାମ୍କୋ ସିମେଣ୍ଟର ଡିଲର ସମ୍ମିଳନୀ

**ଭୁବନେଶ୍ୱର,୮-୧୧(ବ୍ୟୁରୋ)**




ରାମ୍କୋ ସିମେଣ୍ଟ ଲିମିଟେଡ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ୩ ଦିନିଆ ରାଜ୍ୟ ସ୍ତରୀୟ ଡିଲର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରାୟ ୧୨୦୦ ଡିଲର ଯୋଗ ଦେଇଥିଲେ। ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି କମ୍ପାନୀ ନୂଆ କରି ଆଣିଥିବା ସୁପରଷ୍ଟିଲ ସିମେଣ୍ଟ ଏହି ଅବସରରେ ଉନ୍ମୋଚନ କରାଯାଇଥିଲା। ସିନିୟର ମାର୍କେଟିଂ ଜିଏମ୍ ଦେବ ପ୍ରତୀମ ବୋଷ, ମାର୍କେଟିଂ ବିଭାଗ ଡିଜିଏମ୍ ପ୍ରତୀକ କୁମାର ରାଏ, ଏଜିଏମ୍ ମାର୍କେଟିଂ ରଞ୍ଜନ କୁମାର ସାହୁ ଏହାର ବଜାର ପ୍ରବେଶ କରାଇଥିଲେ। ଆସନ୍ତା ବର୍ଷ ରାମ୍କୋ ଏହାର ଯାଜପୁରସ୍ଥିତ ପ୍ଲାଣ୍ଟରୁ ଉତ୍ପାଦନ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଥିବା ସୂଚନା ରହିଛି। ପ୍ଲାଣ୍ଟର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଥିବା ବେଳେ ଏହାକୁ ଶୀଘ୍ର ଶେଷ କରି ଉତ୍ପାଦନ ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହା ହେଲେ କମ୍ପାନୀ ଓଡ଼ିଶା ବଜାରରେ ସ୍ଥିତିକୁ ଆହୁରି ଦୃଢ ତଥା ଅଭିବୃଦ୍ଧି ଧାରାକୁ ବଜାୟ ରଖିବ ବୋଲି ଡିଜିଏମ୍ ପ୍ରତୀକ କୁମାର ରାଏ କହିଛନ୍ତି। ଭାଇଜାଗ ପ୍ଲାଣ୍ଟ ପରେ କମ୍ପାନୀ ଓଡ଼ିଶା ବଜାରରେ ପ୍ରବେଶ କରିବାକୁ ସକ୍ଷମ ହୋଇଥିଲା। ନିରନ୍ତର ଭିତ୍ତିରେ ଓଡିଶାରେ କମ୍ପାନୀ ଏହାର ବିକ୍ରି ବଢାଇ ଚାଲିଛି। ରାଜ୍ୟରେ ୭୦୦ ଡିଲରଙ୍କ ସହ ଏହା କାର୍ଯ୍ୟ କରୁଥିବା କହିଛି। ୨୦୧୮-୧୯ରେ କମ୍ପାନୀ ୨୦%ରୁ ଉର୍ଦ୍ଧ୍ୱ ଅଭିବୃଦ୍ଧି ହାସଲ କରିବାକୁ ସକ୍ଷମ ହୋଇଛି। କାର୍ଯ୍ୟକ୍ରମରେ ଆକାଉଣ୍ଟସ ମ୍ୟାନେଜର ସୁରେଶ କୁମାର ପଣ୍ଡାଙ୍କ ସମେତ କମ୍ପାନୀର ଅନ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଭେନୁ ଶ୍ରୀନିବାସନଙ୍କୁ ଅନ୍ତର୍ଜାତୀୟ ସମ୍ମାନ




**ନୂଆଦିଲ୍ଲୀ,୮-୧୧:** ଟିଭିଏସ୍ ମୋଟର କମ୍ପାନୀ ଏବଂ ସୁନ୍ଦରମ କ୍ଲେଟନର ଅଧ୍ୟକ୍ଷ ଭେନୁ ଶ୍ରୀନିବାସନଙ୍କୁ ସମ୍ମାନଜନକ ଡେମିଙ୍ଗ 'ଡିଷ୍ଟିଂଗୁଇସ୍ ସର୍ଭିସ ଆୱାର୍ଡ ଫର ଡିସେମିନେଶ ଆଣ୍ଡ ପ୍ରମୋଶନ ଓଭରସିଜ' ଆୱାର୍ଡ ପ୍ରଦାନ କରାଯାଇଛି। ଟୋକିଓଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସେ ଉକ୍ତ ପୁରସ୍କାର ଗ୍ରହଣ କରିଛନ୍ତି। ଟୋଟାଲ କ୍ୱାଲିଟି ମ୍ୟାନେଜମେଣ୍ଟ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ତାଙ୍କୁ ସମ୍ମାନୀତ କରାଯାଇଥିବା ଟିଭିଏସ୍ କମ୍ପାନୀ ପକ୍ଷରୁ କୁହାଯାଇଛି। ପ୍ରଥମ ଭାରତୀୟ ଶିଳ୍ପପତି ଭାବେ ସେ ଉକ୍ତ ପୁରସ୍କାର ପାଇଛନ୍ତି। ସେହିଭଳି ଟୋଟାଲ କ୍ୱାଲିଟି ମ୍ୟାନେଜମେଣ୍ଟ କ୍ଷେତ୍ରରେ ଏହା ବିଶ୍ୱର ସର୍ବୋଚ୍ଚ ପୁରସ୍କାର। ଏହି ସମ୍ମାନ ଲାଭ କରି ଅତ୍ୟନ୍ତ ଗର୍ବିତ ବୋଲି ସେ କହିଛନ୍ତି।

**OFFICE OF THE REGULATED MARKET COMMITTEE, JAGATSINGHPUR**

**AT- GOPAL SAGAR, P.O/DIST.- JAGATSINGHPUR-754103, Ph. No.- 06724-220142, Email : rmcjspur@gmail.com, No.2, Date: 06.11.2019 :-** QUOTATION CALL NOTICE - The Chairman, R.M.C., Jagatsinghpur invites sealed quotation from the Authorized Service Providing firms / institutions for supply of the following Man Power to work in the e-NAM Project. **1. Chemist - 1 No., 2. Data Entry Operators - 2 Nos.** The sealed quotation from the interested person / firms / institutions shall reach to the office of the R.M.C., Jagatsinghpur on or before Dt.20.11.2019 by 5.00 P.M. by postal or courier services only and the same will be opened on Dt.21.11.2019 at 11.30 A.M. in presence of the quotationers or their authorized representatives. Quotations received after due date and time shall not be entertained and the authority shall not be responsible for delay or missing of the tender during postal / courier transit. The E.M.D. of Rs.10, 000.00 in shape of Bank Draft / Banker's Cheque / Deposit receipt in schedule Bank duly pledged in favour of the Secretary, R.M.C., Jagatsinghpur shall be accompanied with the bid documents. Attested copies of upto date E.P.F., E.S.I., Service Tax No., GST Regd., Registration Service Certificate, Affidavit etc. and Rs.500.00 in shape of cash or B.D./ B.C./ Deposit receipt in schedule Bank duly pledged in favour of Secretary, R.M.C., Jagatsinghpur towards paper cost and EMD shall be furnished with the quotation failing which the quotation will be outrightly rejected. The authority reserves the right to accept or reject any or all quotations without assigning any reason thereof.

**Sd./- Sub-Collector-cum-Chairman, R.M.C., Jagatsinghpur**

ଭାରତରୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

**୩ ବର୍ଷୀୟ ରାଜ୍ୟ ସରକାର ପ୍ରତିଭୂତି ନିଲାମୀ**

ଓଡ଼ିଶା ରାଜ୍ୟ ସରକାରଙ୍କ ସର୍ବମୋଟ ₹ **500.00** କୋଟି ଟଙ୍କା (ଅଙ୍କିତ ମୂଲ୍ୟ)ର ପ୍ରତିଭୂତି ନିଲାମ ପ୍ରକ୍ରିୟାରେ ବିକ୍ରି କରିବାର ପ୍ରସ୍ତାବ କରିଅଛନ୍ତି।
ଏକାଧିକ ମୂଲ୍ୟ ଫର୍ମାଟ ଅନ୍ତର୍ଭୁକ୍ତ ପ୍ରତିଫଳ (yield) ଏହି ନିଲାମ ଭାରତୀୟ ରିଜର୍ଭ ବ୍ୟାଙ୍କର କୋର ବ୍ୟାଙ୍କିଙ୍ଗ ସମାଧାନ (ଇ-କୁବେର) ମାଧ୍ୟମରେ **11 ନଭେମ୍ବର 2019** (ସୋମବାର) ଦିନ ଆୟୋଜନ କରାଯିବ। ଏ ସମ୍ପର୍କୀୟ ଅଧିକ ସୂଚନା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କର ୱେବ୍-ସାଇଟ୍ (www.rbi.org.in) ରେ **7 ନଭେମ୍ବର 2019** (ଗୁରୁବାର) ରେ ପ୍ରକାଶିତ ଆରବିଆଇ ପ୍ରେସ ବିଜ୍ଞପ୍ତି ଦେଖନ୍ତୁ।

"ଇ-ମେଲ୍/ଏସ୍.ଏମ୍.ଏସ୍./ଟେଲିଫୋନ୍ ମାଧ୍ୟମରେ ଅର୍ଥ ପ୍ରାପ୍ତିର ପ୍ରସ୍ତାବ ପାଇଁ ଠକାମିରେ ସତର୍କ ନାହିଁ"

**ଜିଲ୍ଲା ଖଣିଜ ପ୍ରତିଷ୍ଠାନ, ସୁନ୍ଦରଗଡ଼**

**DISTRICT MINERAL FOUNDATION, SUNDARGARH**

(1st floor, DMF Office)
District Rural Development Agency
Email- dmfsundergarh@gmail.com
Sundargarh -770001
Tel / Fax No. 06622-273846

Letter No.735 /(DMF) Dated: the 07.11.2019

**RFP NO :- DMF/SNG/04-2019-20**

| | | | |
|---|---|---|---|
| 1 | The Collector-cum-Chairperson, District Mineral Foundation (DMF) Sundargarh, Government of Odisha invites technical and financial proposals from reputed implementing Agency/ Firms of National and International repute for "Operation & Management of 37 nos. Ambulance Service (BLS & ALS), 13 no. Maha-Prayan Vehicles in Sundargarh District out of D.M.F Fund" as detailed in the Scope of Work in this DTCN. | | |
| 2 | Nature of Works | :- | Operation & Management of 37 nos. Ambulance Service (BLS & ALS) 13 Nos. Maha-Prayan Vehicles in Sundargarh District out of D.M.F Fund |
| 3 | Method of Selection | :- | Quality-cum-Cost Based Selection (QCBS) |
| 4 | Tender (Bid) Cost | :- | Rs.10,000/- to be submitted in shape of DD in favour of Chief Executive Officer, DMF, Sundargarh to be drawn at Sundargarh |
| 5 | EMD | :- | Rs.30,00,000/- to be submitted in shape of DD in favour of Chief Executive Officer, DMF, Sundargarh to be drawn at Sundargarh |
| 6 | Availability of bid document in the website | :- | From 11.00 A.M. of 11.11.2019 to 04.12.2019 up to 5:00 P.M. |
| 7 | Last date of receipt of Bid | :- | 04.12.2019 up to 5:00 P.M. |
| 8 | Last date of Pre Bid Query | :- | 29.11.2019 up to 5:00 PM |
| 9 | Mode of Receipt of Bids | :- | Through Speed Post/ Registered Post (India Post) and by no other means. |
| 10 | Date of opening of Technical Bid and Commercial Bid | :- | Date: 06.12.2019 at 11:00 A.M. |
| 11 | Address for Business query and correspondence | :- | **Chief Executive Officer, 1st Floor, DRDA Building District Mineral Foundation, Sundargarh, PIN-770001, Odisha, Tel - 06622-273846** |
| 12 | The bidders have to participate in OFF-LINE bidding only. Further details can be seen from the Sundargarh District website (www.sundergarh.nic.in). Any addendum /corrigendum / cancellation of tender can also be seen in the said websites. If any query then contact E-mail ID - dmfsundergarh@gmail.com.<br>**Note:**<br>i. The date of opening of the Price bids will be intimated to the qualified Bidders before the due date through Email or Telephone, if it will not be possible to open on the same day of opening.<br>ii. Collector & Chairperson-cum-Managing Trustee of DMF reserves the right to change any schedule of bidding process. | | |

**Sd./- Collector & Chairperson**
**DMF, Sundargarh**

**OFFICE OF THE NOTIFIED AREA COUNCIL, BHUBAN**

**BHUBAN (ODISHA), PIN-759017**
**E-mail : bhubann.hud@nic.in**

**No.1742** **Date: 08.11.2019**

**CORRIGENDUM**

The opening of Sanitation Tender of Bhuban NAC vide Tender Call Notice No.1683 dated 30.10.2019 whose Estimated Cost was Rs.81,64,842/- per year will be opened on 19.11.2019 at 3.00 P.M. instead of Dt.15.11.2019 at 3.00 P.M. due to some unavoidable circumstances.

**Sd./-**
**Executive Officer**
**Bhuban NAC**

**OFFICE OF THE REGULATED MARKET COMMITTEE, JEYPORE, KORAPUT**

**No.17 /RMC/2019** **Dt: 05.11.2019**

**NOTICE**

Regulated Market Committee Jeypore invites sealed Quotation from the Approved parties for supply and fixing of Samiayana (Tent) Table, Chair & Temporary structure as detailed below for use in different PPCs i.e. Kotpad, Borigumma, Jeypore, Kundura & Boipariguda within a 15 KMs. distance approximately from Block Head quarter to PPCs under Jeypore RMC on rental basis during the period of procurement season. Interested parties may quote their rate. The quotation should reach to the undersigned on or before by 13.11.2019 positively through Special messenger upto 11.00 AM. Mentioning Short Tender Call Notice No.___ on the top of the Envelop" and the same shall be opened on 13.11.2019 at 1.00 P.M in the Office of the Sub-Collector, Jeypore in presence of the Tenderers or their authorized representative. The lowest bidder should ready to supply the materials within 2 days. The undersigned will not be held responsible for any delay.

The authority reserves all right to reject any or all quotations without assigning any reason thereof.

| | | |
|---|---|---|
| 1. | Shamiyana | 18' X 36' |
| 2. | Plastic Chairs | 20 Nos. |
| 3. | Tables | 2 Nos. |
| 4. | Temporary Cover structure | (30' X 60') |

By Order of the
Sub-Collector-cum-Chairman,
RMC, Jeypore

Sd./- Secretary
R.M.C., Jeypore

**ODISHA STATE CIVIL SUPPLIES CORPORATION LTD., GANJAM**

**RE-TENDER CALL NOTICE**

**L. No.: 7992** **Date: 7.11.19**

Sealed tenders are invited from interested travel agencies/ tour operators or private individuals for supply of 2 (Two) Nos. of Petrol driven vehicles for official use. The details can be obtained from District Manager, OSCSC Ltd., Ganjam or the website of OSCSC Ltd., i.e. **www.oscsc.in**.

**Sd./- District Manager**
**OSCSC Ltd., Ganjam**

ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲି଼.
**ODISHA POWER TRANSMISSION CORPORATION LTD.**
A GOVT. OF ODISHA UNDERTAKING
CORPORATE IDENTITY NUMBER (CIN) U4G1Q2OR2Q04GCOG7553
O/O GENERAL MANAGER, EHT (O&M) CIRCLE, BERHAMPUR, PO: ENGINEERING SCHOOL, DIST: GANJAM-760010, FAX/PH.: 0680-2291905, 0680-2291904

Advt.No.06/2019-20 **NOTICE INVITING TENDER**

For and on behalf of OPTCL sealed tenders are invited from Manufacturers / Authorized Dealers/ Suppliers/ Civil Contractors having valid Civil License / Electrical Contractors having valid MV/HT Electrical License / Labour Contract License Holders to be empanelled in the approved Vendor List of this Office for supply of materials and execution of works up to **Rs.1,00,000/-(Rupees One Lakh)** Only. The EOI must be in a sealed cover duly super scribed "Expression of Interest". The interested parties are to furnish their willingness along with the documents to this office on or before **Dated 09.12.2019** in Person/Registered Post/ Speed Post. The final list after scrutiny will be intimated in due course. For details please visit our website **www.optcl.co.in** Corrigendum if any will be published in the website only.

*General Manager (Elect.)*

**The Odisha Small Industries Corporation Ltd.**
( A Government of Odisha Undertaking) )
*(An ISO:9001:2008 certified Govt.Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com,osicmd@gmail.com, website: osicltd.in

**Tender Call Notice**

Tender Notice No. 5182 Date:08.11.2019

The Managing Director, OSIC Ltd. Cuttack invites sealed tender from experienced & eligible Event Manager for MSME International Trade Fair 2020 to be organized from 8.01.2020 to 12.01.2020. The detailed tender notice can be downloaded from the OSIC website i.e. **www.osicltd.in** from dt-**11.11.2019 to dt.25.11.2019 up to 04.30 PM** and shall be submitted in OSIC tender box only latest by **5:00 PM** on **dt.26.11.2019.** Authority reserves the right to reject any or all tenders without assigning any reason thereof or cancel the tender process in toto.

**MANAGING DIRECTOR**

ଧରିତ୍ରୀ
DHARITRI
ଶନିବାର, ୯ ନଭେମ୍ବର ,୨୦୧୯



ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଜିତନ୍‌ରାମ ମାନ୍‌ଝୀ ଝାଡ଼ଖଣ୍ଡ ନିର୍ବାଚନ ପୂର୍ବରୁ ମହାମେଣ୍ଟରୁ ଓହରିଯାଇଛନ୍ତି। ତାଙ୍କ ଦଳ (ହିନ୍ଦୁସ୍ତାନୀ ଆୱାମ୍ ମୋର୍ଚ୍ଚା) ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ଓ ଆସନ୍ତା ବର୍ଷ ହେବାକୁ ଥିବା ବିହାର ବିଧାନସଭା ନିର୍ବାଚନରେ ଏକାକୀ ଲଢ଼ିବ ବୋଲି ସେ ଶୁକ୍ରବାର ଘୋଷଣା କରିଛନ୍ତି। ବହୁ ଅନୁରୋଧ ସତ୍ତ୍ୱେ ମହାମେଣ୍ଟର ସମନ୍ୱୟ କମିଟି ଗଠନ ନ ହେବା ଓ ମେଣ୍ଟରେ ସହଯୋଗ ନ ମିଳିବା କାରଣରୁ ସେ ଏଭଳି ନିଷ୍ପତ୍ତି ଗ୍ରହଣ କରିଥିବା କହିଛନ୍ତି।



## ସଂକ୍ଷେପରେ

### ଆତଙ୍କବାଦୀଙ୍କ ଗୁଳିରେ ଯବାନ ଶହୀଦ

ଜମ୍ମୁ,୮।୧୧(ପି.ଟି.): ଜମ୍ମୁ-କଶ୍ମୀରର ପୁଞ୍ଛ୍ ଜିଲାରେ ଶୁକ୍ରବାର ଆତଙ୍କବାଦୀଙ୍କ ସହ ଗୁଳିବିନିମୟ ବେଳେ ଜଣେ ଯବାନ ଶହୀଦ ହୋଇଛନ୍ତି। ପୁଞ୍ଛ୍ ଜିଲର କ୍ରିଷ୍ଣାଘାଟି ସେକ୍ଟର ଅଞ୍ଚଳରେ ଆତଙ୍କବାଦୀଙ୍କ ସନ୍ଦିଗ୍ଧ ଗତିବିଧିକୁ ଦେଖି ସେନା ସେମାନଙ୍କୁ ଅଟକାଇବାକୁ ଉଦ୍ୟମ କରିଥିଲା। ଆତଙ୍କବାଦୀଙ୍କ ଗୁଳିରେ ସିପାହି ରାହୁଲ ଭୈରୁ ସୁଲଗେକର ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲ ନିଆଯାଇଥିଲାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଶହୀଦ ସୁଲଗେକର(୨୧)ଙ୍କ ଘର କର୍ନାଟକର ବେଲଗାଭି ଜିଲା ଅନ୍ତର୍ଗତ ଉଚଗାଁରେ। ଆତଙ୍କବାଦୀମାନେ ପାକିସ୍ତାନ ବ୍ୟାଟ୍ ଟିମ୍‌ର ସଦସ୍ୟ ଥିଲେ ବୋଲି ଏକ ରିପୋର୍ଟରୁ ଜଣାପଡିଛି।

### ଉପନିର୍ବାଚନ ସ୍ଥଗିତ ଲାଗି ସୁପ୍ରିମକୋର୍ଟ ଗଲେ ଅଯୋଗ୍ୟ ଘୋଷିତ କର୍ନାଟକ ବିଧାୟକ

ନୂଆଦିଲ୍ଲୀ,୮।୧୧(ପି.ଟି.)
ଆଗାମୀ ଡିସେମ୍ବର ୫ରେ ହେବାକୁ ଥିବା କର୍ନାଟକ ବିଧାନସଭା ଉପନିର୍ବାଚନ ସ୍ଥଗିତ ରଖିବା ଲାଗି ଅଯୋଗ୍ୟ ଘୋଷିତ ବିଧାୟକମାନେ ଶୁକ୍ରବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏଚ୍.ଡି. କୁମାରସ୍ୱାମୀ ସରକାର ଆସ୍ଥା ଭୋଟର ସମ୍ମୁଖୀନ ହେବା ପୂର୍ବରୁ ୧୭ ଜଣ ବିଧାୟକଙ୍କୁ ବାଚସ୍ପତି ଅଯୋଗ୍ୟ ଘୋଷଣା କରିଥିଲେ। ଏହାକୁ ସେମାନେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜଷ୍ଟିସ୍ ଏନ୍.ଭି. ରମାନାଙ୍କ ଅଧକ୍ଷତାରେ ସୁପ୍ରିମକୋର୍ଟ ଅକ୍ଟୋବର ୨୫ରେ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ଡିସେମ୍ବର ୫ରେ ଉପନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇଥିବାରୁ ପ୍ରାର୍ଥୀମାନଙ୍କୁ ନଭେମ୍ବର ୧୧ରୁ ୧୮ ମଧରେ ନାମାଙ୍କନପତ୍ର ଦାଖଲ କରିବାକୁ ପଡିବ। ଅଯୋଗ୍ୟ ଘୋଷିତ ବିଧାୟକଙ୍କ ସମ୍ପର୍କରେ ସୁପ୍ରିମକୋର୍ଟ ରାୟ ଘୋଷଣା କରି ନ ଥିବାରୁ ସେମାନେ ନାମାଙ୍କନପତ୍ର ଦାଖଲ କରିପାରିବେ ନାହିଁ ବୋଲି ବରିଷ୍ଠ ଆଇନଜୀବୀ ମୁକୁଲ ରୋହତ୍‌ଗୀ ଖଣ୍ଡପୀଠଙ୍କୁ ଜଣାଇଥିଲେ। ତେଣୁ ରାୟ ପ୍ରକାଶ ପାଇବା ପର୍ଯ୍ୟନ୍ତ ଉପନିର୍ବାଚନ ସ୍ଥଗିତ ରଖିବା ଲାଗି ସେ ଅଦାଲତଙ୍କୁ ଅନୁରୋଧ କରିଥିଲେ।

### ଇତିହାସର ଆଇନାରେ

#### ନଭେମ୍ବର ୯ର ପ୍ରମୁଖ ଘଟଣା

୨୦୦୫ ନଭେମ୍ବର ୯ରେ ଜୋର୍ଡାନ୍‌ର ଅମ୍ମାନ୍ ସହରରେ ଥିବା ୩ଟି ବଡ଼ ହୋଟେଲରେ ଆତ୍ମଘାତୀ ବିସ୍ଫୋରଣ କରାଯାଇଥିଲା। ଏଥିରେ ପ୍ରାୟ ୬୦ ଜଣଙ୍କ ମୃତ୍ୟୁ ହୋଇଥିଲା। ଶତାଧିକ ଲୋକ ବିସ୍ଫୋରଣରେ ଆହତ ହୋଇଥିଲେ।

୨୦୧୨ ନଭେମ୍ବର ୯ରେ ଶ୍ରୀଲଙ୍କାର ୱେଲିକାଡ଼ା ଜେଲ୍‌ରେ କଏଦୀ ଓ ସୁରକ୍ଷାକର୍ମୀଙ୍କ ମଧରେ ସଂଘର୍ଷ ହେବାରୁ ଅତି କମ୍‌ରେ ୨୭ ଜଣଙ୍କ ମୃତ୍ୟୁ ହୋଇଥିଲା। ପ୍ରାୟ ୪୦ ଜଣ ଏଥିରେ ଆହତ ହୋଇଥିଲେ। ଜେଲ୍‌ରେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ମହଜୁଦ ଥିବା ଖବର ମିଳିବା ପରେ ଏହି ଚଢ଼ାଉ କରାଯାଇଥିଲା। ଜେଲ୍ ଦଙ୍ଗା ମାମଲାର ତଦନ୍ତ ଲାଗି ପରେ ଏକ କମିଟି ଗଠନ କରାଯାଇଥିଲା।




ଗୁଆହାଟୀରେ ଜଳବାୟୁ ପରିବର୍ତ୍ତନ ବିକ୍ଷୋଭ 'ଫ୍ରାଇଡେଜ୍ ଫର୍ ଫ୍ୟୁଚର'ରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ପ୍ଲାକାର୍ଡ ପ୍ରଦର୍ଶନ କରୁଛନ୍ତି।



ବିମୁଦ୍ରୀକରଣକୁ ୩ ବର୍ଷ ପୂରିଥିବାବେଳେ ନୂଆଦିଲ୍ଲୀସ୍ଥିତ ଆର୍‌ବିଆଇ ସମ୍ମୁଖରେ କେନ୍ଦ୍ର ବିରୋଧରେ ବିକ୍ଷୋଭରତ ଯୁବ କଂଗ୍ରେସ ଅଧକ୍ଷ ଶ୍ରୀନିବାସ ବି.ଭି.ଙ୍କୁ ପୋଲିସ ଗିରଫ କରିନେଉଛି।



ସାଧାରଣ ନିର୍ବାଚନ ପାଇଁ ପ୍ରଚାରରେ ନର୍ଦ୍ଦର୍ନ ଆୟର୍ଲାଣ୍ଡ ଯାଇଥିବା ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ତାଣ୍ଡ୍ରାଗିର ଟାୟଟୋ କେସେଲ କ୍ରିସ୍ପ ଫ୍ୟାକ୍ଟ୍ରିରେ।

## ■ ଆଜି ଅଯୋଧ୍ୟା ରାୟ: ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା

# ସ୍ଥିତି ଅନୁଧ୍ୟାନ କଲେ ସିଜେଆଇ

ଅଯୋଧ୍ୟା/ନୂଆଦିଲ୍ଲୀ,୮।୧୧(ପି.ଟି.)

ବହୁଚର୍ଚ୍ଚିତ ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦ ମାମଲା ରାୟ ଶନିବାର ପୂର୍ବାହ୍ନ ୧୦.୩୦ରେ ପ୍ରକାଶ ପାଇପାରେ। ସୁପ୍ରିମକୋର୍ଟଙ୍କ ଏହି ଐତିହାସିକ ରାୟ ପୂର୍ବରୁ ମନ୍ଦିର ସହର ଅଯୋଧ୍ୟାରେ ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସବୁ ରାଜ୍ୟରେ ହାଇଆଲର୍ଟ ଜାରି କରାଯାଇଛି। ପରିସ୍ଥିତି ଉପରେ ନଜର ରଖିବା ଲାଗି ଡ୍ରୋନ୍‌କୁ ବ୍ୟବହାର କରାଯାଉଛି। ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇ ଶୁକ୍ରବାର ଉତ୍ତରପ୍ରଦେଶ ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କୁ ଭେଟି ରାଜ୍ୟର ସୁରକ୍ଷା ସ୍ଥିତି ଅନୁଧ୍ୟାନ କରିଛନ୍ତି। ସିଜେଆଇଙ୍କ ଚାମ୍ବରରେ ଏକଘଣ୍ଟା ଧରି ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ସଚିବ ରାଜେନ୍ଦ୍ର କୁମାର ତିୱାରୀ ଓ ଡିଜିପି ଓମ୍‌ପ୍ରକାଶ ସିଂ ଯୋଗଦେଇଥିଲେ। ରାଜ୍ୟରେ ଆଇନଶୃଙ୍ଖଳା ବଜାୟ ରଖିବା ଲାଗି ନିଆଯାଇଥିବା ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସେମାନେ ସିଜେଆଇଙ୍କୁ ଅବଗତ କରାଇଥିଲେ। ରାମ ଜନ୍ମଭୂମି ଥାନା, ରାମ ଜନ୍ମଭୂମି ନ୍ୟାସର କାର୍ଯ୍ୟଶାଳା ସମେତ ସହରର ବିଭିନ୍ନ ସ୍ଥାନରେ ପୋଲିସ ଦୁଇଚକିଆ ଯାନଗୁଡ଼ିକର ତଲାସି ନେଉଥିବା ଦେଖାଯାଇଛି। ଅଯୋଧ୍ୟା ସମେତ ଉତ୍ତରପ୍ରଦେଶର ବିଭିନ୍ନ ସମ୍ବେଦନଶୀଳ ଜିଲାକୁ ପର୍ଯ୍ୟାପ୍ତ ସୁରକ୍ଷା ବଳ ଯୋଗାଇଦିଆଯାଇଥିବା ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ(ଏଡିଜି) ପି.ଭି. ରାମଶାସ୍ତ୍ରୀ କହିଛନ୍ତି।

କେବଳ ସୁରକ୍ଷା ବଳର ସଂଖ୍ୟା ବଢ଼ିନାହିଁ, ସେମାନଙ୍କୁ ଉନ୍ନତ ମାନର





ଉପକରଣ ସହ ଉପଯୁକ୍ତ ତାଲିମ ମଧ ପ୍ରଦାନ କରାଯାଇଛି। ବରିଷ୍ଠ ଅଧିକାରୀମାନଙ୍କୁ ସୁରକ୍ଷା ବ୍ୟବସ୍ଥା ସହ ସାମିଲ କରାଯାଇଥିବା ରାମଶାସ୍ତ୍ରୀ ଗଣମାଧମକୁ ସୂଚନା ଦେଇଛନ୍ତି। ଡ୍ରୋନ୍ କ୍ୟାମେରା ଜରିଆରେ ସୁରକ୍ଷା ବ୍ୟବସ୍ଥା ଉପରେ ନଜର ରଖାଯାଇଛି। ଏଥିସହିତ ଢେଲାମାଡ଼ ଆଦି ଘଟଣା ରୋକିବା ଲାଗି ଗଣ୍ଡଗୋଳ ପ୍ରବଣ ସ୍ଥାନଗୁଡିକରେ ଡ୍ରୋନ କ୍ୟାମେରା ବ୍ୟବହାର କରାଯିବ। ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣକୁ ପ୍ରତିହତ କରିବା ଲାଗି ଏଟିଏସ୍ ୟୁନିଟ୍, ବୋମା ନିଷ୍କ୍ରିୟକାରୀ ଟିମ୍, ଦ୍ରୁତ କାର୍ଯ୍ୟାନୁଷ୍ଠାନ ଟିମ୍‌କୁ ନିୟୋଜିତ କରାଯାଇଛି। ତେବେ ଏନ୍‌ଏସ୍‌ଜି ମୁତୟନ ହେବାର ଯୋଜନା ନାହିଁ ବୋଲି ଏଡିଜି କହିଛନ୍ତି। ମାସେ ହେଲା ପୋଲିସ ଲୋକଙ୍କ ମଧରେ ଆତ୍ମବିଶ୍ୱାସ ସୃଷ୍ଟି କରିବାକୁ ଉଦ୍ୟମ ଚଳାଇଛି ବୋଲି ସେ ସୂଚନା ଦେଇଛନ୍ତି। ପୋଲିସ ପାଟ୍ରୋଲିଂକୁ ବଢ଼ାଇଦିଆଯିବା ସହ ଧର୍ମଗୁରୁଙ୍କଠାରୁ ଆରମ୍ଭ କରି ବ୍ୟବସାୟୀ, ଶିକ୍ଷକ ସମାଜ ସମେତ ସମାଜର ବିଭିନ୍ନ ବର୍ଗ ସହ ଯୋଗାଯୋଗ ରଖାଯାଇଛି।

ଅଯୋଧ୍ୟାରେ ୬୦ କମ୍ପାନୀ ପିଏସି ଏବଂ ଅର୍ଦ୍ଧସାମରିକ ବାହିନୀ ମୁତୟନ କରାଯିବା ସହ ୩୦ଟି ଛକ ସ୍ଥାନରେ ୧୦ ଡ୍ରୋନ୍ କ୍ୟାମେରା ଓ ସିସିଟିଭି ଲଗାଯାଇଛି। ସମଗ୍ର ସହରକୁ ୩୧ଟି ସେକ୍ଟର ଓ ୩୫ ସବ୍‌ସେକ୍ଟରରେ ବିଭକ୍ତ କରାଯାଇଛି। ଭଗବାନ ରାମଙ୍କ ଦର୍ଶନ ଲାଗି ଆସୁଥିବା ଶ୍ରଦ୍ଧାଳୁଙ୍କୁ ସହର ବାହାରେ ରଖାଯାଇ ଅଳ୍ପ ଅଳ୍ପ କରି ଛଡ଼ାଯାଉଛି। ତେବେ ଶ୍ରଦ୍ଧାଳୁଙ୍କ ଆଗମନ ଉପରେ କଟକଣା ଲଗାଯାଇ ନ ଥିବା ଅନ୍ୟତମ ଏଡିଜି ଆଶୁତୋଷ ପାଣ୍ଡେ କହିଛନ୍ତି।

ସୁରକ୍ଷା ବ୍ୟବସ୍ଥା ସ୍ୱରୂପ ଦୁଇଟି ହେଲିକପ୍ଟର ଲକ୍ଷ୍ନୌ ଓ ଅଯୋଧ୍ୟାରେ ଷ୍ଟାଣ୍ଡବାଏ ରଖାଯିବ ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପୂର୍ବରୁ କହିଥିଲେ। ଜରୁରୀ ଆବଶ୍ୟକ ପଡିଲେ ହେଲିକପ୍ଟରର ସହାୟତା ନିଆଯିବ ବୋଲି ବିଳମ୍ବିତ ରାତିରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ ପ୍ରଶାସନ ଓ ପୋଲିସର ଉଚ୍ଚପଦାଧିକାରୀମାନଙ୍କୁ କହିଥିଲେ। ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ଜିଲାର ଆଇନଶୃଙ୍ଖଳା ସ୍ଥିତି ସମୀକ୍ଷା କରିବା ସହ ଆବଶ୍ୟକ ନିର୍ଦ୍ଦେଶ ଦେଉଥିବା ଜଣାପଡିଛି। ଲକ୍ଷ୍ନୌରେ ଏକ ରାଜ୍ୟସ୍ତରୀୟ କଣ୍ଟ୍ରୋଲ ରୁମ୍ ସାଙ୍ଗକୁ ପ୍ରତି ଜିଲାରେ କଣ୍ଟ୍ରୋଲ ରୁମ୍ ଖୋଲିବାକୁ ନିଷ୍ପତ୍ତି ହୋଇଛି।

### ରାୟ ପୂର୍ବରୁ ପ୍ରସ୍ତୁତି

- ■ଉତ୍ତରପ୍ରଦେଶ ପୋଲିସ ଡିଜି ଓ ମୁଖ୍ୟ ଶାସନ ସଚିବଙ୍କୁ ଡକାଇଲେ
- ■ସୁରକ୍ଷା ବନ୍ଦୋବସ୍ତ ନେଇ ବୁଝିଲେ ଜଷ୍ଟିସ୍ ରଞ୍ଜନ ଗୋଗୋଇ

## ■ ମହାରାଷ୍ଟ୍ରରେ ଘନେଇଲା ସଙ୍କଟ

# ମେଣ୍ଟରେ ଫାଟ ଜଳଜଳ



ଭାଜପା ନେତା ଦେବେନ୍ଦ୍ର ଫଡ୍‌ନବିସଙ୍କ ନେତୃତ୍ୱରେ ମହାରାଷ୍ଟ୍ରରେ ସରକାର ଗଠନ ହେଉ ବୋଲି ମୁମ୍ବାଇରେ ପ୍ରାର୍ଥନା କରି ଯଜ୍ଞ କରୁଛନ୍ତି ଦଳୀୟ କର୍ମୀ।

ମୁମ୍ବାଇ,୮।୧୧ (ପି.ଟି./ଆଇଏଏନ୍‌ଏସ୍)

ମହାରାଷ୍ଟ୍ରରେ ଦୁଇ ସହଯୋଗୀଙ୍କ ମଧରେ କ୍ଷମତା ଭାଗବଣ୍ଟା ଛିଣ୍ଡି ନ ପାରିବାରୁ ସରକାର ଗଠନ ହୋଇପାରି ନାହିଁ। ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ଦେବେନ୍ଦ୍ର ଫଡ୍‌ନବିସ ଶିବସେନାକୁ ଟାର୍ଗେଟ କରି ରାଜନୈତିକ ସଙ୍କଟ ପାଇଁ ଦାୟୀ କରିଛନ୍ତି। ସେପଟେ ଶିବସେନା ଅଧକ୍ଷ ଉଦ୍ଧବ ଠାକ୍‌ରେ ଶୁକ୍ରବାର ଭାଜପାକୁ 'ଠକମାନଙ୍କ ଦଳ' ଭାବେ ଅଭିହିତ କରିଛନ୍ତି। ଏହାକୁ ନେଇ ମେଣ୍ଟରେ ଫାଟ ଜଳଜଳ ହୋଇ ଦେଖାଯାଉଛି। ଭାଜପା ଓ ଶିବସେନା ଅଢ଼େଇ ବର୍ଷ ଲେଖାଏ ପାଳିକରି ମୁଖ୍ୟମନ୍ତ୍ରୀ ପଦ ନିଜ ପାଖରେ ରଖିବେ ବୋଲି ପୂର୍ବରୁ କୌଣସି ଆଲୋଚନା ହୋଇ ନ ଥିବା ଫଡ୍‌ନବିସ କହିଛନ୍ତି। ଏହାର ଜବାବରେ ଉଦ୍ଧବ କହିଛନ୍ତି, ଭାଜପା ଅଧକ୍ଷ ଅମିତ୍ ଶାହ ନିଜେ ମୋତେ ଏହି ପ୍ରତିଶ୍ରୁତି ଦେଇଥିଲେ। ଏବେ ସେମାନେ ନିଜ କଥାରୁ ଓହରିଯାଉଛନ୍ତି। ସେଥିପାଇଁ ଠକମାନଙ୍କ ସହ କଥା ହେବା ମୁଁ ବନ୍ଦ କରିଦେଇଛି। ମହାରାଷ୍ଟ୍ରରେ ଶିବସେନାର ଜଣେ ମୁଖ୍ୟମନ୍ତ୍ରୀ ହେବେ ବୋଲି ସ୍ୱର୍ଗତ ପିତା ବାଲ୍ ଠାକ୍‌ରେଙ୍କୁ ମୁଁ ପ୍ରତିଶ୍ରୁତି ଦେଇଥିଲି। ସେହି ପ୍ରତିଶ୍ରୁତି ପାଳନ କରିବା ପାଇଁ ଆମକୁ ଭାଜପା, ଶାହ କିମ୍ବା ଫଡ୍‌ନବିସଙ୍କ ସମର୍ଥନ ଦରକାର ନାହିଁ। ଏହାସହ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଭାଜପା ତୁରନ୍ତ ସରକାର ଗଠନ ପାଇଁ ଦାବି ଜଣାଉ। ଭାଜପା ଏଥିରେ ବିଫଳ ହେଲେ ଶିବସେନା ପାଇଁ ସବୁ ବିକଳ୍ପ ଖୋଲା ଅଛି, ଯାହାକୁ ମହାରାଷ୍ଟ୍ରବାସୀ ପ୍ରତ୍ୟାଖ୍ୟାନ କରିବେ ନାହିଁ ବୋଲି ଉଦ୍ଧବ କହିଛନ୍ତି। ସେହିପରି ଶିବସେନାର ବରିଷ୍ଠ ନେତା ସଞ୍ଜୟ ରାଉତ୍ କହିଛନ୍ତି, ଗଣତନ୍ତ୍ରରେ ସଂଖ୍ୟାଗରିଷ୍ଠ ଦଳ ସରକାର ଗଠନ କରି ମୁଖ୍ୟମନ୍ତ୍ରୀ ପଦ ପାଇଥାଏ। ଭାଜପା ସରକାର ଗଠନ ପାଇଁ ଯଦି ନିଶ୍ଚିତ ତେବେ ଫଡ୍‌ନବିସଙ୍କୁ ଶୁଭେଚ୍ଛା। ଅନ୍ୟପକ୍ଷରେ ରାଜ୍ୟପାଳ ସବୁଠୁ ବଡ଼ ଦଳକୁ ସରକାର ଗଠନ ପାଇଁ କାହିଁକି ଆମନ୍ତ୍ରଣ କରୁନାହାନ୍ତି ବୋଲି ଜାତୀୟତାବାଦୀ କଂଗ୍ରେସ ପାର୍ଟି ମୁଖ୍ୟ ଶରଦ ପାୱାର ପ୍ରଶ୍ନ କରିଛନ୍ତି। ଏନ୍‌ସିପି ମୁଖପାତ୍ର ନୱାବ୍ ମଲିକ୍ କହିଛନ୍ତି, କାମଚଳା ମୁଖ୍ୟମନ୍ତ୍ରୀ ଫଡ୍‌ନବିସ ରାଜ୍ୟରେ ଭାଜପା ସରକାର ରହିବ ବୋଲି କହୁଥିବାବେଳେ ରାଜ୍ୟପାଳଙ୍କୁ ଭେଟି ଇସ୍ତଫା ଦେବାବେଳେ ଏଥିପାଇଁ ଦାବି କାହିଁକି ଜଣାଇନାହାନ୍ତି। ଏହା ଶିକାର ନୁହେଁ ତ ଆଉ କ'ଣ ବୋଲି ସେ ଟୁଇଟ୍ କରିଛନ୍ତି। ଏନ୍‌ସିପି ରାଜ୍ୟ ସଭାପତି ଜୟନ୍ତ ପାଟିଲ କହିଛନ୍ତି, ଭାଜପା ଓ ଶିବସେନା ଏଯାଏ ମେଣ୍ଟ ଭାଙ୍ଗି ନ ଥିବାରୁ ଦୁଇ ସହଯୋଗୀ ଆଗକୁ ପୁଣି ସରକାର ଗଠନ ଲାଗି ଏକାଠି ହୋଇପାରନ୍ତି।

## ଗାନ୍ଧୀ ପରିବାରର ଏସ୍‌ପିଜି ସୁରକ୍ଷା ପ୍ରତ୍ୟାହୃତ

ନୂଆଦିଲ୍ଲୀ,୮।୧୧(ପି.ଟି.)

କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ, ତାଙ୍କ ପୁଅ ରାହୁଲ ଓ ଝିଅ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ମିଳୁଥିବା ଏସ୍‌ପିଜି ସୁରକ୍ଷା ବ୍ୟବସ୍ଥାକୁ କେନ୍ଦ୍ର ସରକାର ପ୍ରତ୍ୟାହାର କରିନେଇଛନ୍ତି। ଏହା ବଦଳରେ ସେମାନଙ୍କୁ ସିଆର୍‌ପିଏଫ୍ ଦ୍ୱାରା ଜେଡ୍ ପ୍ଲସ୍ ସୁରକ୍ଷା ଯୋଗାଇଦିଆଯିବ। ୧୯୯୧ ମେ ୨୧ରେ ଏଲ୍‌ଟିଟିଇ ଆତଙ୍କବାଦୀଙ୍କ ଆକ୍ରମଣରେ ନିହତ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ପରିବାରକୁ ୨୮ ବର୍ଷ ହେଲା ଏସ୍‌ପିଜି ସୁରକ୍ଷା ଯୋଗାଇ ଦିଆଯାଇଆସୁଥିଲା। ୧୯୯୧ ସେପ୍ଟେମ୍ବରରେ ଏସ୍‌ପିଜି ଆଇନରେ ସଂଶୋଧନ କରାଯାଇ ଗାନ୍ଧୀ ପରିବାରର ସଦସ୍ୟମାନଙ୍କୁ ଭିଭିଆଇପି ସୁରକ୍ଷା ତାଲିକାରେ ସାମିଲ କରାଯାଇଥିଲା। ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆକଳନ ପରେ ଏସ୍‌ପିଜି ପ୍ରତ୍ୟାହାର ପାଇଁ ନିଷ୍ପତ୍ତି ନିଆଯାଇଥିବା ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏହି ନିଷ୍ପତ୍ତି ପରେ ଏବେ ଏସ୍‌ପିଜି ସୁରକ୍ଷାରେ କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରହିବେ।

ଏଣିକି ଗାନ୍ଧୀ ପରିବାରକୁ ସିଆର୍‌ପିଏଫ୍‌ର ଯବାନମାନେ ସୁରକ୍ଷା ଦେବେ। ଏହି ଅର୍ଦ୍ଧସାମରିକ ବାହିନୀର କମାଣ୍ଡୋ ଓ ଯବାନମାନେ ଗାନ୍ଧୀ ପରିବାରର ଘର ଜଗିବେ। ଏଥିସହିତ ସେମାନେ ଦେଶ ଭିତରେ ଯେଉଁଠିକୁ ଯିବେ ଯବାନମାନେ ତାଙ୍କ ସହ ରହିବେ।

## ଭୂକମ୍ପରେ ୫ ମୃତ

ତେହେରାନ୍, ୮।୧୧: ଇରାନର ଆଜରବୈଜାନ ପ୍ରଦେଶର ତାବ୍ରିଜ୍‌ରେ ଶୁକ୍ରବାର ସକାଳେ ଭୂକମ୍ପ ଅନୁଭୂତ ହେବାରୁ ୫ ଜଣଙ୍କ ମୃତ୍ୟୁ ହେବା ସହ ୧୨୦ ଆହତ ହୋଇଥିବା ଜଣାପଡ଼ିଛି। ଏହି ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୫.୯ ଥିଲା। ଗତ ଦଶନ୍ଧି ମଧରେ ଇରାନରେ ଅନେକ ଭୂକମ୍ପ ହୋଇ ବ୍ୟାପକ କ୍ଷୟକ୍ଷତି ହୋଇଥିବା ନଜିର ରହିଛି। ୧୯୯୦ରେ ୪୦ ହଜାର, ୨୦୦୩ରେ ୩୧ ହଜାର, ୨୦୦୫ରେ ୬୦୦ ଓ ୨୦୧୨ରେ ୩୦୦ ଲୋକ ଭୂକମ୍ପ ଯୋଗୁ ପ୍ରାଣ ହରାଇଥିଲେ।

## ୧୫ ସ୍ଥାନରେ ସିବିଆଇ ଚଢ଼ାଉ

ନୂଆଦିଲ୍ଲୀ, ୮।୧୧(ଆଇଏଏନ୍‌ଏସ୍): ସିବିଆଇ ପକ୍ଷରୁ ଉତ୍ତରପ୍ରଦେଶ ଓ କର୍ନାଟକର ୧୫ଟି ସ୍ଥାନରେ ଚଢ଼ାଉ କରାଯାଇଛି। ବହୁ କୋଟି ଟଙ୍କାର ଆଇଏମ୍‌ଏ(ଆଇ ମନେଟାରୀ ଆଡଭାଇଜରି) ଦୁର୍ନୀତି ମାମଲାର ତଦନ୍ତ ଲାଗି ସ୍ୱତନ୍ତ୍ର ଭାବେ ଗଠିତ ତଦନ୍ତକାରୀ ଟିମ୍ ବହୁ ସରକାରୀ ଅଧିକାରୀଙ୍କ ବାସଭବନରେ ଶୁକ୍ରବାର ଚଢ଼ାଉ କରିଛନ୍ତି। କର୍ନାଟକର ବେଙ୍ଗାଲୁରୁ ସମେତ ୧୪ଟି ଓ ଉତ୍ତରପ୍ରଦେଶର ମିରଟ୍‌ରେ ଏଭଳି ଚଢ଼ାଉ କରାଯାଇଥିବା ଜଣାପଡ଼ିଛି। ସିଆଇଡିର ଅର୍ଥନୈତିକ ଅପରାଧ ଶାଖା ଆଇଜି ହେମନ୍ତ ନିମ୍ବଲ୍‌କର, ଡେପୁଟି ଏସ୍‌ପି ଇ.ବି. ଶ୍ରୀଧର ପ୍ରମୁଖଙ୍କ ଘରେ ଚଢ଼ାଉ କରାଯାଇଛି।

## ଆଜି କରିଡର ଚେକ୍‌ପୋଷ୍ଟ ଉଦ୍‌ଘାଟନ କରିବେ ମୋଦି

ନୂଆଦିଲ୍ଲୀ,୮।୧୧

ପାକିସ୍ତାନର ଦରବାର ସାହିବ୍ ଗୁରୁଦ୍ୱାର ସହ ପଞ୍ଜାବର ଗୁର୍‌ଦାସପୁରରେ ଥିବା ଡେରା ବାବା ନାନକ ଗୁରୁଦ୍ୱାରକୁ ସଂଯୋଗ କରୁଥିବା କର୍‌ତାରପୁର କରିଡରର ଚେକ୍‌ପୋଷ୍ଟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଉଦ୍‌ଘାଟନ କରିବେ। ଏହି ଉଦ୍‌ଘାଟନ ପୂର୍ବରୁ ମୋଦି ସୁଲତାନପୁର ଲୋଧି ଯାଇ ସେଠାରେ ବେର୍ ସାହିବ୍ ଗୁରୁଦ୍ୱାରରେ ପୂଜାର୍ଚ୍ଚନା କରିବେ। ଡେରା ବାବା ନାନକଠାରେ ଏକ ଜନସଭାକୁ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ରହିଛି। କର୍‌ତାରପୁର ଗୁରୁଦ୍ୱାର ଯିବାକୁ ଥିବା ଭାରତୀୟ ତୀର୍ଥଯାତ୍ରୀମାନଙ୍କୁ ଡେରା ବାବା ନାନକ ଗୁରୁଦ୍ୱାର ନିକଟ ଚେକ୍‌ପୋଷ୍ଟରେ ସମସ୍ତ ସୁବିଧା ଯୋଗାଇଦିଆଯିବ।



ସେଠାରେ ୧୫ ଏକର ଜାଗାରେ ଅତ୍ୟାଧୁନିକ ଯାତ୍ରୀ ଟର୍ମିନାଲ ବିଲ୍ଡିଂ ନିର୍ମାଣ ହୋଇଛି। ଦିନକୁ ୫୦୦୦ ଯାତ୍ରୀଙ୍କୁ ବିଭିନ୍ନ ସୁବିଧା ଯୋଗାଇଦେବା ଲାଗି ୫୦ ଇମିଗ୍ରେଶନ କାଉଣ୍ଟର ରହିଛି। ଏଥିସହିତ କିଓସ୍କ, ୱାଶ୍‌ରୁମ୍, ଶିଶୁ ଯତ୍ନ ବ୍ୟବସ୍ଥା, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ରହିବା ସହିତ ମୁଖ୍ୟ ବିଲ୍ଡିଂରେ ପ୍ରାର୍ଥନା କକ୍ଷ ଓ ସ୍ନାକ୍ସ କାଉଣ୍ଟର ରହିଛି।

## ■ ପାକିସ୍ତାନର ବିବାଦୀୟ ପ୍ରଦର୍ଶନ

# କର୍‌ତାରପୁରରେ ବୋମା ପକାଇଥିଲା ଭାରତ

ନୂଆଦିଲ୍ଲୀ,୮।୧୧

କର୍‌ତାରପୁର କରିଡର ଉଦ୍‌ଘାଟନର ଦିନକ ପୂର୍ବରୁ ପାକିସ୍ତାନୀ କର୍ତ୍ତୃପକ୍ଷ ସେଠାରେ ବିବାଦୀୟ ପ୍ରଦର୍ଶନ କରିଛନ୍ତି। ସେଠାକୁ ଭ୍ରମଣରେ ଯାଇଥିବା କେତେଜଣ ଭାରତୀୟଙ୍କ ସୂଚନା ଅନୁଯାୟୀ ପାକ୍ କର୍ତ୍ତୃପକ୍ଷ କର୍‌ତାରପୁର ଦରବାର ସାହିବ୍ ଗୁରୁଦ୍ୱାର ନିକଟରେ ଏକ ସ୍ତମ୍ଭ ସ୍ଥାପନ କରି ଏହା ଉପରେ କାଚ ଡାଙ୍କୁଣି ମଧରେ ଏକ ଛୋଟ ବୋମା ରଖିଛନ୍ତି। ୧୯୭୧ ଯୁଦ୍ଧ ବେଳେ ଭାରତୀୟ ବାୟୁସେନା ଗୁରୁଦ୍ୱାରଠାରେ ଉକ୍ତ ବୋମା ଫିଙ୍ଗିଥିଲା ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ଉକ୍ତ ସ୍ତମ୍ଭରେ ଶିଖ୍‌ମାନଙ୍କ ବିଶ୍ୱାସର ପ୍ରତୀକ ଖଣ୍ଡା ଚିହ୍ନ ରହିଛି। ସ୍ତମ୍ଭ ନିକଟରେ ସ୍ଥାପିତ ବୋର୍ଡରେ 'ୱାହେ ଗୁରୁଜୀଙ୍କ ଚମତ୍କାରିତା' ବୋଲି ଲେଖାଯାଇଛି। ଏଥିରେ ଉଲ୍ଲେଖ ଅଛି ୧୯୭୧ରେ କର୍‌ତାରପୁରର ଦରବାର ସାହିବ ଗୁରୁଦ୍ୱାରକୁ ଧ୍ୱଂସ କରିଦେବା ପାଇଁ ଭାରତୀୟ ବାୟୁସେନା ବୋମା ଫିଙ୍ଗିଥିଲା। କିନ୍ତୁ ୱାହେ ଗୁରୁଜୀ (ସର୍ବଶକ୍ତିମାନ ଆଲ୍ଲା)ଙ୍କ କୃପାରୁ ସେମାନଙ୍କର ମନ୍ଦ ଉଦ୍ଦେଶ୍ୟ ପୂରଣ ହେଲାନାହିଁ। ବୋମାଟି ଗୁରୁଦ୍ୱାର ଉପରେ ନ ପଡି ସେଠାରେ ଥିବା ପବିତ୍ର କୂଅ (ଶ୍ରୀ ଖୂ ସାହିବ୍)ରେ ପଡିଥିଲା। ଉକ୍ତ ପବିତ୍ର କୂଅକୁ ଗୁରୁ ନାନକ ଦେବ ବ୍ୟବହାର କରୁଥିଲେ ବୋଲି ଉଲ୍ଲେଖ ଅଛି।

ସୂଚନାଯୋଗ୍ୟ ଚଳିତ ସପ୍ତାହ ଆରମ୍ଭରେ ପାକିସ୍ତାନ କର୍ତ୍ତୃପକ୍ଷ କର୍‌ତାରପୁର କରିଡର ଉନ୍ମୋଚନ ଲାଗି ଏକ ସଙ୍ଗୀତର ଶୁଭାରମ୍ଭ କରିଥିଲେ, ଯେଉଁ ପୋଷ୍ଟରରେ ଖଲିସ୍ଥାନୀ ବିଚ୍ଛିନ୍ନତାବାଦୀ ନେତାମାନଙ୍କ ଫଟୋ ରହିଥିଲା। ଭାରତ ଏହାକୁ ନିନ୍ଦା କରିବା ସହ ଇସ୍‌ଲାମାବାଦ ନିକଟରେ ପ୍ରତିବାଦ ଜଣାଇଥିଲା।



### ଉଦ୍‌ଘାଟନ ଦିନ ୨୦ ଡଲାର ଟିକସ ନେବ

ନୂଆଦିଲ୍ଲୀ,୮।୧୧

୯ ତାରିଖ କର୍‌ତାରପୁର କରିଡର ଉଦ୍‌ଘାଟନ ଦିବସ ଏବଂ ୧୨ ତାରିଖ ଗୁରୁ ନାନକ ଦେବଙ୍କ ୫୫୦ତମ ଜନ୍ମବାର୍ଷିକୀରେ ଦରବାର ସାହିବ୍ ଗୁରୁଦ୍ୱାର ପରିଦର୍ଶନରେ ଆସୁଥିବା ଭାରତୀୟ ତୀର୍ଥଯାତ୍ରୀଙ୍କଠାରୁ ୨୦ ଡଲାର ସେବା ଟିକସ ଆଦାୟ କରାଯିବନି ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ କହିବାର ୩ ଦିନ ପରେ ଶୁକ୍ରବାର ପୁଣି ଥରେ ନିଷ୍ପତ୍ତି ବଦଳାଇଛନ୍ତି। ଶନିବାରଠାରୁ ଭାରତୀୟ ତୀର୍ଥଯାତ୍ରୀଙ୍କୁ ୨୦ ଡଲାର ସେବା ଟିକସ ଦେବାକୁ ପଡିବ ବୋଲି ପାକ୍ କର୍ତ୍ତୃପକ୍ଷ ଜଣାଇଦେଇଛନ୍ତି। ଭାରତୀୟ ତୀର୍ଥଯାତ୍ରୀଙ୍କୁ କର୍‌ତାରପୁର ଆସିବା ଲାଗି ପାସ୍‌ପୋର୍ଟ ଲାଗିବ ନାହିଁ ବୋଲି ପୂର୍ବରୁ ଇମ୍ରାନ କହିଥିଲାବେଳେ ପାକ୍ ସେନାବାହିନୀ ଏହାକୁ ବଦଳାଇଦେଇଥିଲା।

## ସଂକ୍ଷେପରେ

### ଆହାନଙ୍କୁ ଡବଲ୍ ଟାଇଟଲ୍




ଭୁବନେଶ୍ୱର, ୮।୧୧ (ସ୍ପୋର୍ଟ୍ସ ବ୍ୟୁରୋ)- ଓଡ଼ିଶାର ଉଦୀୟମାନ ବାଳିକା ଟେନିସ ଖେଳାଳି ଆହାନ ଡବଲ୍ ସଫଳତା ପାଇଛନ୍ତି। ପଞ୍ଜାବର ଜଳନ୍ଧରସ୍ଥିତ ସିଂହ ସ୍ପୋର୍ଟ୍ସ ଏକାଡେମୀରେ ଅନୁଷ୍ଠିତ ଚାମ୍ପିୟନଶିପ୍ ସିରିଜ ଟେନିସ ଟୁର୍ନାମେଣ୍ଟରେ ସେ ୨ଟି ବର୍ଗରେ ଚାମ୍ପିୟନ ହୋଇଛନ୍ତି। ୧୨ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଫାଇନାଲରେ ଆହାନ ୬-୩, ୬-୩ ସିଧାସଳଖ ସେଟ୍‌ରେ ପଞ୍ଜାବର ସାଂଲିନ କୌରଙ୍କୁ ପରାସ୍ତ କରି ଟାଇଟଲ୍ ହାସଲ କରିଥିଲେ। ଏହାପରେ ୧୪ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଫାଇନାଲରେ ଆହାନ ୩-୬, ୬-୩, ୭-୫ ସେଟ୍‌ରେ ଅନ୍ୟତମ ଘରୋଇ ଖେଳାଳି ମେହେକ ଗୁପ୍ତାଙ୍କୁ ମାତ୍ ଦେଇ ଦ୍ୱିତୀୟ ଟ୍ରଫି ଜିତିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଆହାନ ନହରକଣ୍ଟାସ୍ଥିତ ଏସିଇ ବେସ୍ ଟେନିସ ଏକାଡେମୀର ପ୍ରଶିକ୍ଷାର୍ଥୀ।

### ଓଡ଼ିଶା-ଝାଡ଼ଖଣ୍ଡ ପଏଣ୍ଟ ବାଣ୍ଟିଲେ

ଭୁବନେଶ୍ୱର, ୮।୧୧ (ସ୍ପୋର୍ଟ୍ସ ବ୍ୟୁରୋ)- ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ଶୁକ୍ରବାରଠାରୁ ଘରୋଇ ଟି୨୦ ପ୍ରତିଯୋଗିତା ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି ଆରମ୍ଭ ହୋଇଛି। ଗ୍ରୁପ୍-ଇ'ରେ ସ୍ଥାନ ପାଇଥିବା ଓଡ଼ିଶା ଏହାର ପ୍ରଥମ ମ୍ୟାଚ୍‌ରେ ଶୁକ୍ରବାର ଝାଡ଼ଖଣ୍ଡକୁ ଭେଟିବାର କାର୍ଯ୍ୟସୂଚୀ ରହିଥିଲା। ସୁରଟର ସିବି ପଟେଲ ଇଣ୍ଟରନ୍ୟାଶନାଲ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ବର୍ଷା ଯୋଗୁ ଗୋଟିଏ ବି ବଲ୍ ବୋଲିଂ କରିବା ସମ୍ଭବପର ହୋଇ ନ ଥିଲା। ଫଳରେ ଅମ୍ପାୟର ମ୍ୟାଚ୍‌କୁ ବାତିଲ ଘୋଷଣା କରିଥିଲେ। ଉଭୟ ଓଡ଼ିଶା ଓ ଝାଡ଼ଖଣ୍ଡ ଏକ ପଏଣ୍ଟ ଲେଖାଏ ପାଇଛନ୍ତି। ଗୋବିନ୍ଦ ପୋଦ୍ଦାରଙ୍କ ନେତୃତ୍ୱାଧୀନ ଓଡ଼ିଶା ଏହାର ୨ୟ ମ୍ୟାଚ୍‌ରେ ଶନିବାର ଦିଲ୍ଲୀକୁ ଭେଟିବ।

### ବେଆରଷ୍ଟୋଙ୍କୁ ଡାକରା

ନାପିଅର,୮।୧୧- ଆଗାମୀ ନ୍ୟୁଜିଲାଣ୍ଡ ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ଇଂଲଣ୍ଡ ଦଳକୁ ଜନି ବେଆରଷ୍ଟୋଙ୍କୁ ଡାକରା ଦିଆଯାଇଛି। ଜୋ ଡେନ୍‌ଲିଙ୍କ ବଦଳ ଖେଳାଳି ଭାବେ ବେଆରଷ୍ଟୋଙ୍କୁ ଏହି ସୁଯୋଗ ମିଳିଛି। ଗତ ସପ୍ତାହରେ ଟ୍ରେନିଂ ବେଳେ ଡେନ୍‌ଲିଙ୍କ ଗୋଇଠିରେ ଆଘାତ ଲାଗିଥିଲା। ଏଣୁ ବେଆରଷ୍ଟୋ ଟି୨୦ ସିରିଜ୍ ଶେଷ ହେବା ପରେ ମଧ ନ୍ୟୁଜିଲାଣ୍ଡରେ ରହିବେ। ସେ ନ୍ୟୁଜିଲାଣ୍ଡ କ୍ରିକେଟ ଏକାଦଶ ବିପକ୍ଷରେ ହେବାକୁ ଥିବା ଦୁଇ ଦିନିଆ ଅଭ୍ୟାସ ମ୍ୟାଚ୍ ଓ ପରେ ନ୍ୟୁଜିଲାଣ୍ଡ ଏ' ବିପକ୍ଷ ୩ ଦିନିଆ ୱାର୍ମ ଅପ୍ ମ୍ୟାଚ୍ ଖେଳିବେ। ଉଭୟ ଅଭ୍ୟାସ ମ୍ୟାଚ୍ କୋଭାମ ଓଭାଲଠାରେ ଖେଳାଯିବ। ତେବେ ପୂର୍ବରୁ ଘୋଷିତ ଟେଷ୍ଟ ଦଳରେ ବେଆରଷ୍ଟୋଙ୍କୁ ସ୍ଥାନ ମିଳି ନ ଥିଲା।

# ଭାରତରେ ଆୟୋଜନ ହେବ ୨୦୨୩ ହକି ବିଶ୍ୱକପ୍



ଲାଓସେନ,୮।୧୧(ପି.ଟି.)

କ୍ରମାଗତ ଦ୍ୱିତୀୟଥର ପାଇଁ ଭାରତ ହକି ବିଶ୍ୱକପ୍ ଆୟୋଜନ କରିବା ନିଶ୍ଚିତ ହୋଇଛି। ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ବିଶ୍ୱକପ୍‌ର ଆଗାମୀ ୨୦୨୩ ସଂସ୍କରଣକୁ ଭାରତ ଆୟୋଜନ କରିବ। ଶୁକ୍ରବାର ଏ ନେଇ ଏଫ୍‌ଆଇଏଚ୍ ସ୍ପଷ୍ଟ କରିଛି। ଜାନୁୟାରୀ ୧୩ରୁ ଆରମ୍ଭ ହୋଇ ଏହି ମେଗା ଇଭେଣ୍ଟ ୨୯ ତାରିଖରେ ଶେଷ ହେବ। ୨୦୧୮ରେ ଅନୁଷ୍ଠିତ ବିଶ୍ୱକପ୍‌ର ଗତ ସଂସ୍କରଣ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ସଫଳତାର ସହ ଆୟୋଜନ ହୋଇଥିଲା। ସେହିପରି ୨୦୨୨ ମହିଳା ହକି ବିଶ୍ୱକପ୍‌କୁ ସ୍ପେନ୍ ଓ ନେଦରଲାଣ୍ଡ୍ସ ମିଳିତ ଭାବେ ଆୟୋଜନ କରିବେ ବୋଲି ଏଫ୍‌ଆଇଏଚ୍ କାର୍ଯ୍ୟକାରୀ ବୋର୍ଡର ଗତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ମହିଳା ବିଶ୍ୱକପ୍ ଜୁଲାଇ ୧ରୁ ଆରମ୍ଭ ହୋଇ ୨୨ ତାରିଖରେ ଶେଷ ହେବ ବୋଲି କୁହାଯାଇଛି। ତେବେ ଦୁଇଟି ବିଶ୍ୱକପ୍‌ର ଭେନ୍ୟୁ ସମ୍ପର୍କରେ ଆୟୋଜକ ଦେଶଗୁଡ଼ିକ ପରେ ସୂଚନା ଦେବେ ବୋଲି କୁହାଯାଇଛି।

ଏଥିସହିତ ଭାରତ ପ୍ରଥମ ଦେଶ ଭାବେ ୪ଟି ପୁରୁଷ ହକି ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଛି। ଏହାପୂର୍ବରୁ ଭାରତ ୧୯୮୨ରେ ମୁମ୍ବାଇ, ୨୦୧୦ରେ ନୂଆଦିଲ୍ଲୀ ଓ ୨୦୧୮ରେ ଭୁବନେଶ୍ୱରରେ ପୁରୁଷ ବିଶ୍ୱକପ୍ ଆୟୋଜନ କରିଥିଲା। ସେହିପରି ନେଦରଲାଣ୍ଡ୍ସ ୩ଥର ପୁରୁଷ ବିଶ୍ୱକପ୍ ଆୟୋଜନ କରିଛି। ୨୦୨୩ରେ ଭାରତ ସ୍ୱାଧୀନତା ହାସଲର ୭୫ ବର୍ଷ ପୂର୍ତ୍ତି ପାଳନ କରିବାକୁ ଯାଉଥିବା ବେଳେ ହକି ଇଣ୍ଡିଆ ଏହି ଅବସରରେ ବିଶ୍ୱକପ୍ ଆୟୋଜନ କରି ହକିର ପ୍ରଚାର ଓ ପ୍ରସାର କରିବା ଲକ୍ଷ୍ୟରେ ରହିଛି।

ବିଶ୍ୱକପ୍‌ର ପରବର୍ତ୍ତୀ ସଂସ୍କରଣ ଆୟୋଜନ କରିବାକୁ ଭାରତ ସମେତ ବେଲଜିୟମ ଓ ମାଲେସିଆ ବିଡ୍ ଦାଖଲ କରିଥିଲେ। ସେହିପରି ମହିଳା ବିଶ୍ୱକପ୍ ପାଇଁ ୫ଟି ଦେଶ ଯଥା ଜର୍ମାନୀ, ସ୍ପେନ୍, ନେଦରଲାଣ୍ଡ୍ସ, ମାଲେସିଆ ଓ ନ୍ୟୁଜିଲାଣ୍ଡ ବିଡ୍ ଦାଖଲ କରିଥିଲେ। ଗତ ସଂସ୍କରଣର ଫର୍ମାଟ ଅନୁସାରେ ୨୦୨୩ ବିଶ୍ୱକପ୍ ଖେଳାଯିବ ବୋଲି ଏଫ୍‌ଆଇଏଚ୍ ତରଫରୁ କୁହାଯାଇଛି। ହକି ପ୍ରସାର ଓ ଇଭେଣ୍ଟର ଆୟକୁ ଦୃଷ୍ଟିରେ ରଖି ବିଶ୍ୱକପ୍ ଆୟୋଜନ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି ବୋଲି ଏଫ୍‌ଆଇଏଚ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଥିଏରୀ ୱେଇଲ କହିଛନ୍ତି।

ଏହି ଦୁଇଟି ସମ୍ମାନଜନକ ଟୁର୍ନାମେଣ୍ଟ ପାଇଁ ଏଫ୍‌ଆଇଏଚ୍ ଏକାଧିକ ସୁନ୍ଦର ବିଡ୍ ପାଇଥିଲା। ବିଶ୍ୱରେ ହକିର ପ୍ରଚାର ଓ ପ୍ରସାରକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନେବାକୁ ହେଲା ବୋଲି ଏଫ୍‌ଆଇଏଚ୍ ତରଫରୁ ସ୍ପଷ୍ଟ କରାଯାଇଥିବା ୱେଇଲ୍ କହିଛନ୍ତି। ଏ ନେଇ ଆମେ ଲୋକାଲ ଅର୍ଗାନାଇଜିଂ କମିଟି ସହ ଜଡିତ ରହି ମିଳିତ ଭାବେ କାର୍ଯ୍ୟ କରିବୁ।

ଉଲ୍ଲେଖଥାଉ କି, ହକି ବିଶ୍ୱକପକୁ ବାଦ୍ ଦେଲେ ଭାରତ ଗତ କିଛି ବର୍ଷ ମଧ୍ୟରେ ହକିର ଏକାଧିକ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଆୟୋଜନ କରିଛି। ଏହି କ୍ରମରେ ଭାରତ ୨୦୧୪ରେ ଏଫ୍‌ଆଇଏଚ୍ ଚାମ୍ପିୟନ୍ସ ଟ୍ରଫି, ୨୦୧୬ରେ ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ହକି ବିଶ୍ୱକପ, ୨୦୧୭ରେ ଏଫ୍‌ଆଇଏଚ୍ ହକି ୱାର୍ଲ୍ଡ ଲିଗ୍ ଫାଇନାଲ, ୨୦୧୯ରେ ଏଫ୍‌ଆଇଏଚ୍ ପୁରୁଷ ସିରିଜ ଫାଇନାଲ୍ସ ଓ କିଛି ଦିନ ତଳେ ଏଫ୍‌ଆଇଏଚ୍ ହକି ଅଲିମ୍ପିକ କ୍ୱାଲିଫାୟର୍ସ ସଫଳତାର ସହ ଆୟୋଜନ କରିଥିଲା। ବିଶ୍ୱକପ ଆୟୋଜନ ଅଧିକାର ପାଇଥିବାରୁ ଆମେ ବହୁତ ଖୁସି ବୋଲି ହକି ଇଣ୍ଡିଆ ଅଧ୍ୟକ୍ଷ ମହମ୍ମଦ ମୁସ୍ତାକ ଅହମ୍ମଦ କହିଛନ୍ତି। ଭାରତ ଶେଷଥର ପାଇଁ ୧୯୭୫ରେ ହକି ବିଶ୍ୱକପ୍ ଜିତିଥିଲା ଓ ଏହି ଅବସରରେ ଭାରତ ସ୍ୱାଧୀନତାର ୭୫ତମ ପୂର୍ତ୍ତି ପାଳନ କରିବ। ଏହା ନିଶ୍ଚିତ ଭାବେ ଖୁସିର କଥା ବୋଲି ସେ କହିଛନ୍ତି। ୨୦୧୮ରେ ଭୁବନେଶ୍ୱରରେ ଆମେ ବେଶ୍ ସଫଳତାର ସହ ବିଶ୍ୱକପ୍ ଆୟୋଜ କରିଥିଲୁ। ଏହା ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଇଭେଣ୍ଟରେ ପରିଗଣିତ ହେଉଛି ବୋଲି ସେ କହିଛନ୍ତି। ଏହି ବିଶ୍ୱକପ୍ ଆୟୋଜନ ଅଭିଜ୍ଞତାରୁ ଫାଇଦା ଉଠାଇ ଆହୁରି ଉନ୍ନତ ଭାବେ ୨୦୨୩ ଇଭେଣ୍ଟ ଆୟୋଜନ କରିବୁ ବୋଲି ମହମ୍ମଦ ମୁସ୍ତାକ କହିଛନ୍ତି।

ପ୍ରଥମ ଜନ୍ମ ବାର୍ଷିକୀ



ନମନ ମେହେର
ନି. ଝୁଲୋପାଲି, ପୋ: ବନ୍ଧପାଲି, ଜିଲ୍ଲା: ବରଗଡ଼
ଆଜି ତୋର ପ୍ରଥମ ଜନ୍ମବାର୍ଷିକୀରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ ତଥା ତୋର ଚଲାପଥ କୁସୁମିତ କରାନ୍ତୁ।
ଶୁଭେଚ୍ଛା ସହ
ବାପା: କଳାକାନ୍ତ ମେହେର, ମାଆ: ପିଙ୍କି ମେହେର, ଅଜା, ଆଈ, ଓମ୍ ଓ ମହିମା, ବଡ଼ମାଆ, ବାପା।
ଧ-୧୫୧୪୨

### ନାଗାଲ, ରାମକୁମାର ଉପଲବ୍ଧ ହେବେ

ନୂଆଦିଲ୍ଲୀ, ୮।୧୧ (ପି.ଟି.)

ପାକିସ୍ତାନ ବିପକ୍ଷ ଡେଭିସ୍ କପ୍ ଦଳରେ ଭାରତର ଶ୍ରେଷ୍ଠ ସିଙ୍ଗଲ୍ସ ଖେଳାଳି ସୁମିତ ନାଗାଲ ଏବଂ ରାମକୁମାର ରମାନାଥନ ସ୍ଥାନ ପାଇବେ। ନଭେମ୍ବର ୨୯ ଓ ୩୦ରେ ଏକ ନିରପେକ୍ଷ ଭେନ୍ୟୁରେ ଖେଳାଯିବାକୁଥିବା ମ୍ୟାଚଗୁଡ଼ିକ ଲାଗି ଉଭୟେ ଉପଲବ୍ଧ ହେବେ ବୋଲି ଅବଗତ କରାଇଛନ୍ତି। ଚଳିତ ସିଜନରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ନାଗାଲ ଗୁରୁବାର ରାତିରେ ସର୍ବଭାରତୀୟ ଟେନିସ ଆସୋସିଏଶନ (ଆଇଟା)କୁ ଏକ ପତ୍ର ଜରିଆରେ ତାଙ୍କ ଉପଲବ୍ଧିକୁ ନେଇ ଦୃଢ ନିଶ୍ଚିତ କରିଛନ୍ତି। ଅଧିନାୟକ ରୋହିତ ରାଜପାଲଙ୍କ କହିବା ପରେ ସେ ଏହା କରିଛନ୍ତି। ରାମକୁମାର କିଛି ଦିନ ପୂର୍ବରୁ ଆଇଟାକୁ ନିର୍ଭର ପ୍ରତିଶ୍ରୁତି ଦେଇ ସାରିଛନ୍ତି। ଫଳରେ ଭାରତ ଏହା ଶ୍ରେଷ୍ଠ ସିଙ୍ଗଲ୍ସ ଖେଳାଳିଙ୍କୁ ପାକିସ୍ତାନ ବିପକ୍ଷ ମ୍ୟାଚ ଖେଳିବ। ମୁକାବିଲା ପ୍ରଥମ ଦିବସରେ ଭାରତର ଶ୍ରେଷ୍ଠ ର୍‌ୟାଙ୍କିଂପ୍ରାପ୍ତ ଖେଳାଳି ପ୍ରଜନେଶ ଗୁଣେଶ୍ୱରନ ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଥିବାରୁ ସେ ଉପଲବ୍ଧ ହେବେ ନାହିଁ। ଡବଲ୍ସ ପାଇଁ ଭେଟେରାନ ଖେଳାଳି ଲିଆଣ୍ଡର ପେସ୍ ବିନା ସର୍ତ୍ତରେ ଖେଳିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି। ୪୬ବର୍ଷୀୟ ପେସ୍ ହେଉଛନ୍ତି ଡେଭିସ୍ କପ୍ ଇତିହାସରେ ସବୁଠାରୁ ସଫଳ ଡବଲ୍ସ ଖେଳାଳି।

## ଭାରତୀୟ ଦଳରେ କିସ୍‌ରୁ ୨




ବିନୁ ସାହୁ, ଗୀତା ଭୂୟାଁ, ଶ୍ୱେତାସିନୀ ଶବର

ଭୁବନେଶ୍ୱର, ୮।୧୧ (ସ୍ପୋର୍ଟ୍ସ ବ୍ୟୁରୋ)

ଚଳିତ ମାସ ୯ରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଇନାର ଝୋଙ୍ଗ୍‌ଶାନଠାରେ ଦ୍ୱିତୀୟ ବିଏଫ୍‌ଏ ମହିଳା ବେସ୍‌ବଲ୍ ଏସିଆନ୍ କପ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିଲାଗି ଘୋଷିତ ଭାରତୀୟ ମହିଳା ବେସ୍‌ବଲ ଦଳରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ (କିସ୍)ର ୨ ଜଣ ଛାତ୍ରୀ ମନୋନୀତ ହୋଇଛନ୍ତି। ସେମାନେ ହେଲେ ଗୀତା ଭୂୟାଁ ଓ ଶ୍ୱେତାସିନୀ ଶବର। ଗୀତା ଯୁକ୍ତ ୩ କଳାର ୩ୟ ବର୍ଷର ଛାତ୍ରୀ ହୋଇଥିବାବେଳେ ଶ୍ୱେତାସିନୀ ଯୁକ୍ତ ୩ କଳା ୨ୟ ବର୍ଷର ଛାତ୍ରୀ। ସେହିଭଳି କିସ୍‌ର

**ବେସ୍‌ବଲ ଏସିଆନ୍ କପ୍**

ବେସ୍‌ବଲ୍ କୋଚ୍ ବିନୁ ସାହୁ ମଧ୍ୟ ଭାରତୀୟ ଦଳ ସହ ଗସ୍ତ କରିବାକୁ ମନୋନୀତ ହୋଇଛନ୍ତି। ପ୍ରତିଯୋଗିତାରେ ଭାରତ ଗ୍ରୁପ୍-ଏ'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଜାପାନ ଓ ପାକିସ୍ତାନ ସହ ଆୟୋଜକ ଚାଇନା ରହିଛନ୍ତି। ଅପରପକ୍ଷରେ ଚାଇନିଜ ତାଇପେଇ, ହଂକଂ, କୋରିଆ ଓ ଫିଲିପାଇନ୍ସକୁ ନେଇ ଗ୍ରୁପ୍-ବି ଗଠିତ। ଏହି ଅବସରରେ କିସ୍ ଓ କିଟ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଭାରତୀୟ ଦଳର ସଫଳତା କାମନା କରି ଶୁଭେଚ୍ଛା ଜଣାଇଛନ୍ତି।

## ପରାଜୟ ସତ୍ତ୍ୱେ ପରବର୍ତ୍ତୀ ରାଉଣ୍ଡରେ ଓଡ଼ିଶା

କଟକ ଅଫିସ, ୮।୧୧

ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ୧୬ବର୍ଷରୁ କମ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ଓଡ଼ିଶା ଇନିଂସ ଓ ୬୫ ରନରେ ବେଙ୍ଗଲଠାରୁ ପରାସ୍ତ ହୋଇଛି। ପରାଜୟ ସତ୍ତ୍ୱେ ଓଡ଼ିଶା ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିବାର ସୌଭାଗ୍ୟ ଅର୍ଜନ କରିଛି। ୩ଟି ଲେଖାଏ ବିଜୟ ପଏଣ୍ଟ ସହିତ ପୂର୍ବାଞ୍ଚଳ ଗ୍ରୁପରୁ ଓଡ଼ିଶା ଓ ଝାଡ଼ଖଣ୍ଡ ପରବର୍ତ୍ତୀ ରାଉଣ୍ଡରେ ଖେଳିବାର ଯୋଗ୍ୟତା ହାସଲ କରିଛନ୍ତି। ଓଡ଼ିଶାର ପ୍ରଥମ ଇନିଂସ ୧୩୩ ରନ ଜବାବରେ ବେଙ୍ଗଲ ପ୍ରଥମ ଇନିଂସରେ ୩୬୯ ରନ କରିଥିଲା। ଗୁରୁବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ଓଡ଼ିଶା ଦ୍ୱିତୀୟ ଇନିଂସରେ ୨ ଉଇକେଟ ହରାଇ ୫୫ ରନ କରିଥିଲା। ଏହି ଅସମାପ୍ତ ଇନିଂସରୁ ବ୍ୟାଟିଂ ଆରମ୍ଭ କରି ଶୁକ୍ରବାର ଓଡ଼ିଶା ସମସ୍ତ ଉଇକେଟ ହରାଇ ୧୭୧ ରନ କରିଥିଲା। ଶୁଭମ ନାୟକ ଦଳ ପକ୍ଷରୁ ସର୍ବାଧିକ ୫୩ ରନ କରିଥିଲେ। ବେଙ୍ଗଲ ପକ୍ଷରୁ ସିଦ୍ଧାର୍ଥ ସିଂ ୬ଟି ଉଇକେଟ ଅକ୍ତିଆର କରିଛନ୍ତି।

## ଶୁଟର ଚିଙ୍କିଙ୍କୁ ଟୋକିଓ ଟିକେଟ



ଦୋହା,୮।୧୧(ପି.ଟି.)

ଚିଙ୍କି ଯାଦବ ଭାରତର ୧୧ତମ ଶୁଟର ଭାବେ ଟୋକିଓ ଅଲିମ୍ପିକ୍ ଯୋଗ୍ୟତା ହାସଲ କରିଛନ୍ତି। ଏଠାରେ ଚାଲିଥିବା ୧୪ତମ ଏସିଆନ ଚାମ୍ପିୟନଶିପର ୨୫ ମିଟର ପିସ୍ତଲ ଫାଇନାଲରେ ସ୍ଥାନ ପକ୍କା କରି ସେ ଏହି ସଫଳତା ପାଇଛନ୍ତି। ଚିଙ୍କି ଯୋଗ୍ୟତା ପର୍ଯ୍ୟାୟରେ ଥାଇଲାଣ୍ଡର ନାଫସ୍ୱାନ ୟାଙ୍ଗପାଇବୁନ(୫୯୦)ଙ୍କ ପଛକୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଚିଙ୍କି ଗୋଟିଏ ରାଉଣ୍ଡରେ ପରଫେକ୍ଟ ୧୦୦ ସ୍କୋର କରିଥିଲେ। ମୋଟ ଉପରେ ସେ ୫୮୮ ସ୍କୋର କରିଥିଲେ। ୨୧ ବର୍ଷୀୟା ଶୁଟର ଏବେ ୮ ଜଣିଆ ଫାଇନାଲରେ ପ୍ରତିଦ୍ୱନ୍ଦ୍ୱିତା କରି ପଦକରୁ ବଞ୍ଚିତ ରହିଛନ୍ତି। ଜୁନିୟର ବିଶ୍ୱ ଚାମ୍ପିୟନ୍‌ଶିପ ବ୍ରୋଞ୍ଜ ପଦକ ବିଜେତା ଫାଇନାଲରେ ମାତ୍ର ୧୧୬ ସେକାର ସହ ୬ଷ୍ଠ ପାଇଥିଲେ। ୨୫ ମି. ପିସ୍ତଲ ଇଭେଣ୍ଟ ଦ୍ୱିତୀୟ ଭାରତୀୟ ଭାବେ ଅଲିମ୍ପିକ କୋଟା ହାତେଇଛନ୍ତି।

## ବିସିସିଆଇ ସିଏଫ୍‌ଓଙ୍କ ଇସ୍ତଫା

ନୂଆଦିଲ୍ଲୀ, ୮।୧୧ (ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଚିଫ୍ ଫାଇନାନ୍‌ସିଆଲ ଅଫିସର (ସିଏଫ୍‌ଓ) ସନ୍ତୋଷ ରାଙ୍ଗନେକର ଶୁକ୍ରବାର ତାଙ୍କ ପଦବୀରୁ ଇସ୍ତଫା ପ୍ରଦାନ କରିଛନ୍ତି। ଏଭଳି ନିଷ୍ପତ୍ତି ନେବାରେ ପ୍ରଶାସକ କମିଟି (ସିଓଏ) ଯୁଗର ସେ ହେଉଛନ୍ତି ପ୍ରଥମ ହାଇପ୍ରୋଫାଇଲ କାର୍ଯ୍ୟନିର୍ବାହୀ। ରାଙ୍ଗନେକର ହେଉଛନ୍ତି ବିସିସିଆଇର ପ୍ରଥମ ସିଏଫ୍‌ଓ। ତାଙ୍କ ୩ ବର୍ଷ କାର୍ଯ୍ୟକାଳ ସମୟରେ ସେ ଅନ୍ୟମାନଙ୍କ ନଜରରେ ରହିଥିଲେ। ବିସିସିଆଇ ଆପେକ୍ସ କାଉନ୍‌ସିଲର ଜଣେ ସିନିୟର ସଦସ୍ୟ ରାଙ୍ଗନେକର ଚାପର ବଶବର୍ତ୍ତୀ ନ ହୋଇ ଏହି ପଦକ୍ଷେପ ନେଇ ନାହାନ୍ତି, ବରଂ ସ୍ୱେଚ୍ଛାକୃତ ଭାବେ ଏହି ନିଷ୍ପତ୍ତି ନେଇଛନ୍ତି। ସେ ବିସିସିଆଇ ସିଇଓ ରାହୁଲ ଜୋହରିଙ୍କ ନିକଟକୁ ତାଙ୍କ ଇସ୍ତଫା ପତ୍ର ପଠାଇଦେଇଛନ୍ତି। କୁହାଯାଉଛି ରାଙ୍ଗନେକର ପ୍ରଶାସନିକ ବହିର୍ଭୂତ କାର୍ଯ୍ୟରେ ମୁଣ୍ଡ ଖେଳାଇବାରୁ ତାଙ୍କୁ ଅନେକ ନାପସନ୍ଦ କରିଥିଲେ। ଖବର ଅନୁସାରେ କ୍ରିକେଟ ଅଷ୍ଟ୍ରେଲିଆ ସହିତ ଆକାଉଣ୍ଟ୍ସ ବିବାଦ ସମାଧାନ ପାଇଁ ଅଷ୍ଟ୍ରେଲିଆ ଗସ୍ତରେ ଯିବା ଲାଗି ପ୍ରଶାସକ କମିଟି ରାଙ୍ଗନେକରଙ୍କୁ ଅନୁମତି ଦେଇଥିଲା। ହେଲେ ବିନା ଗସ୍ତରେ ଏହି କାର୍ଯ୍ୟ ସମ୍ପାଦନ ହୋଇପାରିଥାନ୍ତା। ପୁନଶ୍ଚ ପୂର୍ବତନ କୋଷାଧ୍ୟକ୍ଷ ଅନିରୁଦ୍ଧ ଚୌଧାରୀ ତାଙ୍କୁ ମାଡ଼ ମାରିବା ଲାଗି ଧମକ ଦେଇଥିବା ଅଭିଯୋଗ କରିଥିଲେ। ଯାହାକୁ ବିସିସିଆଇର ଅନେକ କର୍ମକର୍ତ୍ତା ଭିତ୍ତିହୀନ ବୋଲି ମନେ କରନ୍ତି। ସେ କାହା ପ୍ରରୋଚନାରେ ଏପରି କେଲେ ତାହା ଅସ୍ପଷ୍ଟ। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ପ୍ରଶାସକ କମିଟି ଯେତେବେଳେ ଆର୍ଥିକ ବ୍ୟପାର ଦାୟିତ୍ୱ କୋଷାଧ୍ୟକ୍ଷଙ୍କଠାରୁ ଆଣି ସିଏଫ୍‌ଓଙ୍କୁ ପ୍ରଦାନ କରିଥିଲେ ବିସିସିଆଇ ଏହି କାର୍ଯ୍ୟକୁ ନାପସନ୍ଦ କରିଥିଲା। ଇତିମଧ୍ୟରେ ବିସିସିଆଇର ନୂଆ କର୍ମକର୍ତ୍ତାମାନେ ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଙ୍ଗନେକରଙ୍କୁ ହୁଏତ ସେମାନଙ୍କର ଅନେକ ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିଥାନ୍ତା। ଏହାକୁ ଏଡ଼ାଇବା ଲାଗି ରାଙ୍ଗନେକର ହୁଏତ ଇସ୍ତଫା ଦେଇଥାଇ ପାରନ୍ତି ବୋଲି ବିସିସିଆଇର ଜଣେ ଅଫିସିଆଲ ପ୍ରକାଶ କରିଛନ୍ତି।

# ଫାଇନାଲ୍‌ରେ ସାଇ ସୁନାବେଡ଼ା

ନୟାଗଡ଼ ଅଫିସ, ୮।୧୧

ନୟାଗଡ଼ ଜିଲା ଶରଣକୁଳ ଲଡୁକେଶ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଚାଲିଥିବା ୬୦ତମ ସର୍ବଭାରତୀୟ ଫୁଟବଲ୍ ଟୁର୍ନାମେଣ୍ଟର ପ୍ରଥମ ସେମି ଫାଇନାଲ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ସ୍ପୋର୍ଟ୍ସ ହଷ୍ଟେଲ କଟକ ଓ ସାଇ ହାଲ ସୁନାବେଡ଼ା ମଧ୍ୟରେ ଏହି ମ୍ୟାଚ ଖେଳାଯାଇଥିଲା। ଏଥିରେ ସୁନାବେଡ଼ା ଦଳ ୧-୦ ଗୋଲ୍‌ରେ ବିଜୟ ଲାଭ କରି ଫାଇନାଲ୍‌ରେ ପ୍ରବେଶ କରିଛି। ପ୍ରଥମାର୍ଦ୍ଧ ଖେଳ ସଂଘର୍ଷପୂର୍ଣ୍ଣ ଥିଲା ଏବଂ ଏହା ଗୋଲ ଶୂନ୍ୟ ଭାବେ ଶେଷ ହୋଇଥିଲା। ଖେଳର ଦ୍ୱିତୀୟାର୍ଦ୍ଧରେ ଦୁଇ ଦଳ ଗୋଲ୍ ସ୍କୋର କରିବା ପାଇଁ ଚେଷ୍ଟା କରୁଥିଲେ। ସୁନାବେଡ଼ା ଦଳର ୭ ନମ୍ବର ଖେଳାଳୀ ସଂଜୟ ବାଟେ ବିପକ୍ଷ ଦଳର ଖେଳାଳିଙ୍କ ଠାରୁ ବଲ୍ ଛଡ଼ାଇ ନେଇ ଏକ ଚମତ୍କାର ଗୋଲ୍ ଦେଇଥିଲେ। ଏହା ପରେ ଆଉ କୌଣସି ଗୋଲ୍ ସ୍କୋର ହୋଇ ପାରି ନ ଥିଲା। ଫଳରେ ସୁନାବେଡ଼ା ଦଳ ୧-୦ ଗୋଲ୍‌ରେ ବିଜୟୀ ହୋଇଥିଲା। ରାଜୁ ମହାନ୍ତି ଖେଳପରିଚାଳନା କରିଥିବା ବେଳେ ପ୍ରିୟବ୍ରତ ବାହିନୀପତି , ଦିଗବିଜୟ ଦାସ, ଲକ୍ଷ୍ମୀପ୍ରସାଦ ଲାଇନ୍‌ରେ ସହାୟତା କରିଥିଲେ। ମନସୁର ବକ୍ସ ଅତିଥିଭାବେ ଯୋଗ ଦେଇଥିଲେ। ଶନିବାର ଦ୍ୱିତୀୟ ସେମିଫାଇନାଲ୍ ଖେଳ ସଂଘର୍ଷ କ୍ଲବ ଭୁବନେଶ୍ୱର ଓ ରତଲାମ ସିଟି ଫୁଟବଲ କ୍ଲବ ମଧ୍ୟପ୍ରଦେଶ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆସୋସିଏଶନର ସଭାପତି ସତ୍ୟ ନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି।



ଅତିଥିମାନଙ୍କ ସହିତ ଉଭୟ ଦଳର ଖେଳାଳି।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ପ୍ରଫେସର ଡ. ଗଦାଧର ପଣ୍ଡା
ଅବସରପ୍ରାପ୍ତ ପ୍ରଫେସର,ଓୟୁଏଟି
ଆବିର୍ଭାବ: ୩୦।୦୬।୧୯୩୫
ତିରୋଧାନ: ୩୦।୧୦।୨୦୧୯
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା। ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୧୫୧୦୭

ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ଦିବ୍ୟନାରାୟଣ ବାବୁ (ବରିଷ୍ଠ କଂଗ୍ରେସ ନେତା)
ବିନାଖଣ୍ଡି, ସମ୍ବଲପୁର
ଆବିର୍ଭାବ: ୦୫।୧୨।୧୯୩୭
ତିରୋଧାନ: ୦୯।୧୧।୨୦୧୫
ତୁମର ଆଦର୍ଶ. କର୍ତ୍ତବ୍ୟ ନିଷ୍ଠା, ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଦୟାଭାବ ଆମର ଚିରପାଥେୟ ହେଉ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ମାଁ ସମଲେଇଙ୍କଠାରେ ପ୍ରାର୍ଥନା କରୁଛି।
ଶୋକସନ୍ତପ୍ତ:
ସ୍ତ୍ରୀ ସଂଯୁକ୍ତା ବାବୁ, ପୁଅ: ସୌମିକ, ପୁତ୍ରବଧୂ: ପ୍ରତୀକ୍ଷା, ଝିଅ: ସ୍ୱରଲିପି, ଜ୍ୱାଇଁ: ଆନନ୍ଦ ଚନ୍ଦ୍ର ପତି, ନାତୁଣୀ: ଅନୁଷ୍କା, ଆଦ୍ରିକା ବାବୁ।
ଧ-୧୫୧୪୧

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଶଶୀକଳା ଶତପଥୀ
ଲଡୁଗାଁ, କଳାହାଣ୍ଡି
ତିରୋଧାନ: ୨୯।୧୦।୨୦୧୯
(କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା)
ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆମର ଚିରସ୍ମରଣୀୟ। ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ପୁଅ: ସୁବାସ,ସୁରେଶ, ବୋହୂମାନେ, ଝିଅ: ସବିତା ଜ୍ୱାଇଁ: ହରିହର, ଭାଇ ଓ ଭାଉଜ, ପୁତୁରା ଓ ଝିଆରୀ, ନାତି ଓ ନାତୁଣୀମାନେ ଅଣନାତି ଓ ନାତୁଣୀ ଏବଂ ଆତ୍ମୀୟସ୍ୱଜନ।
ଧ-୬୮୫୦୬

୬ଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଆଶା ପଟ୍ଟନାୟକ
ଦାଣ୍ଡିମାଳ ସାହି, ବଡ଼ଦାଣ୍ଡ, ପୁରୀ
ତିରୋଧାନ: କାର୍ତ୍ତିକ ଶୁକ୍ଳପକ୍ଷ ଦ୍ୱାଦଶୀ
ଚାହୁଁ ଚାହୁଁ ୬ବର୍ଷ ବିତିଗଲା, ମା' ଡ଼ାକ ଆମର ଲୁଚିଗଲା। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ପ୍ରେରଣା ଆମର ପାଥେୟ ହୋଇ ରହିଛି। ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପରିବାରବର୍ଗ।
ଧ-୬୩୮୦୦

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ମନୋରମା ଦାଶ
ସାରଙ୍ଗଯୋଡ଼ି, ସାକ୍ଷୀଗୋପାଳ, ପୁରୀ
ଆବିର୍ଭାବ: ୨୧।୦୯।୧୯୪୧
ତିରୋଧାନ: ୦୧।୧୧।୨୦୧୭
ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ମା' କ୍ଷେତ୍ରପାଳୀ ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମ୍ଭର ପ୍ରାର୍ଥନା। ଆପଣଙ୍କ ଆଶୀର୍ବାଦ ଦାଶଘର ପରିବାର, ବନ୍ଧୁବର୍ଗ, ଆତ୍ମୀୟସ୍ୱଜନ ଓ ଅନ୍ୟ ସମସ୍ତଙ୍କ ପାଇଁ ସଦା ଶୁଭମୟ ହୋଇଥାଉ।
ଧ-୬୪୦୯୯

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଅନନ୍ତ ଚରଣ ରଥ
ଆବିର୍ଭାବ: ୧୭।୦୨।୧୯୩୪
ତିରୋଧାନ: ୨୯।୧୦।୨୦୧୯
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ରଥ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୧୫୧୪୪

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପ୍ରହ୍ଲାଦ ସେଠୀ
ଉତ୍ତର ଶାସନ (ପଥରତୁଠ), ବିରିଡ଼ି
ଆବିର୍ଭାବ: ୦୪।୦୩।୧୯୨୭
ତିରୋଧାନ: ୩୦।୧୦।୨୦୧୯
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କର ପାଥେୟ ହେଉ। ଆପଣଙ୍କର ଅମରଆତ୍ମା ବିଭୁଙ୍କ ପାଦପଦ୍ମରେ ଲୀନ ହେଉ। ଏହାହିଁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ:
ପୁତ୍ର: ରାହୁଲ, ପୁତ୍ରବଧୂ: ପୁଷ୍ପାଞ୍ଜଳି, ଝିଅ: ଭାଲେଣ୍ଟିନା, ଜ୍ୱାଇଁ: ଭାସ୍କର ନାରାୟଣ, ଝିଅ: ରେଜିୟା, ଜ୍ୱାଇଁ: ନବକିଶୋର, ଝିଅ: ଲୋପା, ଜ୍ୱାଇଁ: ଅଯୋଧ୍ୟାନାଥ, ନାତୁଣୀ, ନାତି,: ଶୁଭଶ୍ରୀ, ନିର୍ଲିପ୍ତା, ବିଦ୍ୟୋତ୍ତମା, ଜାବାଳିକୁମାର, ଜ୍ୟୋତିପ୍ରକାଶ, ସୋୟମ୍ ସାଧନା ବନ୍ଧୁ ଓ ପରିବାରବର୍ଗ।
ଧ-୧୫୧୪୩

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ବାଉରୀ ସାହୁ
ନୂଆଗାଁ ଭୁବନେଶ୍ୱର-୨
ଆବିର୍ଭାବ: ୧୯୩୪
ତିରୋଧାନ: ୩୦।୧୦।୨୦୧୯
ବୋଉ, ତୋର ସ୍ନେହ, ତ୍ୟାଗ, ଉପଦେଶ ଆମ ପାଇଁ ସର୍ବଦା ଚିରସ୍ମରଣୀୟ ହୋଇ ରହିବ। ତୋର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ, ଆମ ପାଇଁ ସଦାସର୍ବଦା ଆଶୀର୍ବାଦ ଥାଉ।
ଶୋକସନ୍ତପ୍ତ:
ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୬୬୯୯୯

ଧରିତ୍ରୀ
DHARITRI
www.orissakhabar.com/www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ନଭେମ୍ବର ୯/୨୦୧୯ Sambalpur, Saturday, November 9 / 2019

## ସଂକ୍ଷେପରେ

### ରୋହିତ-ଧାୱନଙ୍କ ରେକର୍ଡ

ରାଜକୋଟ,୮।୧୧- ଭାରତୀୟ ଦଳର ଦୁଇ ଓପନର ରୋହିତ ଶର୍ମା ଓ ଶିଖର ଧାୱନଙ୍କ ଯୋଡ଼ି ଆଉ ଏକ ରେକର୍ଡର ଅଧିକାରୀ ହୋଇଛନ୍ତି। ବାଲାଂଦେଶ ବିପକ୍ଷ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଭାରତୀୟ ଓପନିଂ ଯୋଡ଼ି ୧୦.୫ ଓଭରରେ ୧୧୮ ରନ୍ ଯୋଡ଼ିଥିଲା। ଟି୨୦ ଫର୍ମାଟରେ ରୋହିତ ଓ ଧାୱନଙ୍କ ଓପନିଂ ଯୋଡ଼ି ପାଇଁ ଏହା ଚତୁର୍ଥ ଶତକୀୟ ଭାଗୀଦାରି। କ୍ରିକେଟର ଛୋଟିଆ ଫର୍ମାଟରେ ଏହା ଯେ କୌଣସି ଓପନିଂ ଯୋଡ଼ି ପାଇଁ ସର୍ବାଧିକ। ଏହି ତାଲିକାରେ ଅଷ୍ଟ୍ରେଲିଆର ସେନ ୱାଟସନ-ଡେଭିଡ ୱାର୍ନର, ନ୍ୟୁଜିଲାଣ୍ଡର ମାର୍ଟିନ ଗୁପଟିଲ-କେନ ୱିଲିୟମସନ, ଭାରତର ରୋହିତ-ବିରାଟ କୋହଲି, ନ୍ୟୁଜିଲାଣ୍ଡ ଗୁପଟିଲ-କଲିନ ମୁନ୍‌ରୋଙ୍କ ଓପନିଂ ଯୋଡ଼ି ରହିଛି। ଏହି ସମସ୍ତ ଯୋଡ଼ି ଅନ୍ତର୍ଜାତୀୟ ଟି୨୦ରେ ୩ ଥର ଶତକୀୟ ଭାଗୀଦାରି କରିଛନ୍ତି। ଉଲ୍ଲେଖଥାଉ କି, ରୋହିତ ୪୩ ବଲରୁ ବିସ୍ଫୋରକ ୮୫ ଓ ଧାୱନ ୩୧ ରନ୍ କରି ଭାରତୀୟ ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

### ସେମିରେ ସାତ୍ୱିକ-ଚିରାଗ

ଫୁଝୋଉ,୮।୧୧(ପି.ଟି.)- ଭାରତୀୟ ପୁରୁଷ ଡବଲ୍ସ ଖେଳାଳି ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟିଙ୍କ ଯୋଡ଼ି ଏଠାରେ ଚାଲିଥିବା ଚାଇନା ଓପନ ସୁପର ୭୫୦ ଟୁର୍ନାମେଣ୍ଟ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଅଣ ସିଡ୍ ଭାରତୀୟ ଯୋଡ଼ି କ୍ୱାର୍ଟର ଫାଇନାଲରେ ଲୋକାଲ ଫେଭରାଇଟ୍ ଲି ଜୁନ ହୁଇ ଓ ଲିଉ ୟୁ ଚେନଙ୍କୁ ୨୧-୧୯, ୨୧-୧୫ ଗେମ୍‌ରେ ହରାଇ ଦେଇଛନ୍ତି। ବିଜୟ ପାଇଁ ସାତ୍ୱିକ-ଚିରାଗଙ୍କୁ ୪୩ ମିନିଟ୍ ଲାଗିଥିଲା। ଚଳିତ ଟୁର୍ନାମେଣ୍ଟରେ ଏମାନେ ଅନ୍ତିମ ଭାରତୀୟ ଭାବେ ତିଷ୍ଠି ରହିଛନ୍ତି। ଏମାନଙ୍କୁ ଫାଇନାଲରେ ପ୍ରବେଶ କରିବାକୁ ହେଲେ ବିଶ୍ୱର ନମ୍ବର ୱାନ ଇଣ୍ଡୋନେସିଆର ମାର୍କୁସ ଫରନାଲ୍ଡି ଗିଡେନ ଓ କେଭିନ ସଞ୍ଜୟା ସୁକାମୁଲଜୋଙ୍କୁ ପରାସ୍ତ କରିବାକୁ ପଡ଼ିବ। ଏହି ଯୋଡ଼ିଠାରୁ ଗତ ମାସରେ ବିଶ୍ୱର ୯ମ ର୍‌ୟାଙ୍କ ସାତ୍ୱିକ ଓ ଚିରାଗଙ୍କ ଯୋଡ଼ି ଫ୍ରେଞ୍ଚ ଓପନ ଫାଇନାଲରେ ହାରିଥିଲା।

### ପ୍ରଥମେ ଭୁଲ, ତା'ପରେ ଠିକ୍ ନିଷ୍ପତ୍ତି ନେଲେ ୩ୟ ଅମ୍ପାୟର

ରାଜକୋଟ,୮।୧୧- ଏଠାରେ ଭାରତ ଓ ବାଂଲାଦେଶ ମଧ୍ୟରେ ଖେଳାଯାଇଥିବା ଦ୍ୱିତୀୟ ଟି୨୦ ମ୍ୟାଚ୍ ଘଟଣା ବହୁଳ ରହିଥିଲା। ରିଷଭ ପନ୍ତ ତ୍ରୁଟିପୂର୍ଣ୍ଣ ଷ୍ଟମ୍ପିଂ ପରେ ତୃତୀୟ ଅମ୍ପାୟର ମଧ୍ୟ ଭୁଲ କରିବା ଭଳି ଘଟଣା ଦେଖିବାକୁ ମିଳିଥିଲା। ବାଂଲାଦେଶ ଇନିଂସର ୧୩ତମ ଓଭରର ଅନ୍ତିମ ବଲରେ ଯୁଜବେନ୍ଦ୍ର ଚହଲଙ୍କ ବଲକୁ ଛକା ମାରିବା ପାଇଁ ଯାଇ ସୌମ୍ୟ ସରକାର (୩୦) ଫସି ଯାଇଥିଲେ। ଉଇକେଟକିପର ପନ୍ତ ଷ୍ଟମ୍ପିଂ କରିଥିଲେ। ଫିଲ୍ଡ ଅମ୍ପାୟର ତୃତୀୟ ଅମ୍ପାୟର ଅନୀଲ ଚୌଧାରୀଙ୍କ ସହାୟତା ନେଇଥିଲେ। ଷ୍ଟମ୍ପିଂ ଉଚିତ ଥିଲେ ମଧ୍ୟ ୩ୟ ଅମ୍ପାୟର ଭୁଲ ବଶତଃ ନଟ୍‌ଆଉଟ ବୋଲି ଦର୍ଶାଇ ଥିଲେ।

# ଟି୨୦ ସିରିଜ ଜିତିଲା ଅଷ୍ଟ୍ରେଲିଆ

## ପାକିସ୍ତାନ ୧୦ ଉଇକେଟରେ ପରାସ୍ତ

ପର୍ଥ,୮।୧୧(ଏଏଫ୍‌ପି)

ପ୍ରଥମେ ପେସର ଓ ପରେ ଓପନରଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ଅଷ୍ଟ୍ରେଲିଆ ସ୍ଥାନୀୟ ପର୍ଥ ଷ୍ଟାଡିୟମରେ ତୃତୀୟ ଟି୨୦ ମ୍ୟାଚ୍‌ରେ ଭ୍ରମଣକାରୀ ପାକିସ୍ତାନକୁ ଅତି ସହଜରେ ହରାଇଛି। ୪୯ଟି ବଲ୍ ବାକି ରଖି ଅଷ୍ଟ୍ରେଲିଆ ୧୦ ଉଇକେଟରେ ବିଜୟ ହାସଲ କରିବା ସହ ଏହି ଟି୨୦ ସିରିଜରେ ୨-୦ରେ ବିଜୟୀ ହୋଇଛି। ଏହି ସିରିଜରେ ପାକିସ୍ତାନ ସବୁ ଦୃଷ୍ଟିକୋଣରୁ ବିଫଳ ହୋଇଥିଲା। ପ୍ରଥମ ମ୍ୟାଚ ବର୍ଷା କାରଣରୁ ବାତିଲ ହୋଇଥିଲା ଓ ଅଷ୍ଟ୍ରେଲିଆ ସୁବିଧାଜନକ ସ୍ଥିତିରେ ଥାଇ ମଧ୍ୟ ଅଳ୍ପକେ ବିଜୟରୁ ବଞ୍ଚିତ ହୋଇଥିଲା। ତେବେ ବାକି ଦୁଇଟି ମ୍ୟାଚ୍‌ରେ ଘରୋଇ ଦଳ ବାଜି ମାରି ସିରିଜ ହାତେଇ ନେଇଛି। ୧୪ ରନ୍ ଦେଇ କରି ୨ ଉଇକେଟ ଅକ୍ତିଆର କରିଥିବା ଅଷ୍ଟ୍ରେଲିଆ ଦ୍ରୁତ ବୋଲର ସିନ ଆବୋଟ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ସାରା ସିରିଜରେ ସ୍ଥିର ପ୍ରଦର୍ଶନ କରିଥିବା ଅଭିଜ୍ଞ ବ୍ୟାଟ୍ସମ୍ୟାନ ଷ୍ଟିଭ ସ୍ମିଥ୍ ପ୍ଲେୟାର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି। ଏହି ବିଜୟ ସହ ଅଷ୍ଟ୍ରେଲିଆ କ୍ରମାଗତ ଅଷ୍ଟମ ଟି୨୦ ମ୍ୟାଚ୍ ଜିତିଛି। ଅଷ୍ଟ୍ରେଲିଆ ଏଥିସହ ୨୦୧୯ରେ ଟି୨୦ ଫର୍ମାଟରେ ଅପରାଜେୟ ରହି ଏକ



ସିରିଜ ବିଜୟ ପରେ ଟ୍ରଫି ସହ ଅଷ୍ଟ୍ରେଲିଆ ଖେଳାଳି ଖୁସି ମନାଉଛନ୍ତି।

ବିରଳ ସଫଳତା ହାସଲ କରିଛି। ଏହି ବର୍ଷ ୮ଟି ଟି୨୦ ମ୍ୟାଚ୍ ଖେଳି ଅଷ୍ଟ୍ରେଲିଆ ୭ଟି ବିଜୟ ହାସଲ କରିଛି ଓ ଗୋଟିଏ ମ୍ୟାଚ୍ ବର୍ଷା କାରଣରୁ ବିନା ଫଳାଫଳରେ ଶେଷ ହୋଇଥିଲା।

ଟସ୍ ଜିତି ଅଷ୍ଟ୍ରେଲିଆ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ଘରୋଇ ଦ୍ରୁତ ବୋଲରଙ୍କ ସମ୍ମୁଖୀନ ହୋଇ ନ ପାରି ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ପାକିସ୍ତାନ ୨୦ ଓଭରରେ ୮ ଉଇକେଟ ହରାଇ ୧୦୬ ରନ ସଂଗ୍ରହ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୧୧.୫ ଓଭରରେ କୌଣସି ଉଇକେଟ ନ ହରାଇ ୧୦୯ ରନ କରି ବିଜୟୀ ହୋଇଥିଲା। ଦୁଇ ଓପନର ଡେଭିଡ ୱାର୍ନର ୪୮ (୩୫ ବଲ, ୪ ଚୌକା, ୨ ଛକା) ଓ ଅଧିନାୟକ ଆରୋନ ଫିଞ୍ଚ୍ ୫୨ (୩୬ ବଲ, ୪ ଚୌକା, ୩ ଛକା) ରନ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ତରଫରୁ କେବଳ ଦୁଇଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁବାକୁ ସକ୍ଷମ ହୋଇଥିଲେ। ଇଫ୍‌ତିକାର ଅହମ୍ମଦ ୩୭ ବଲରୁ ୬ ଚୌକା ସହ ୪୫ ଓ ଓପନର ଇମାମ-ଉଲ- ହକ ୧୪ ରନ କରି ଆଉଟ ହୋଇଥିଲେ। ମହମ୍ମଦ ଆମିର ୯ ଓ ମହମ୍ମଦ ହାସନୈନ ୪ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ କେନ୍ ରିଚାର୍ଡ଼ସନ ୩, ମିଚେଲ ଷ୍ଟାର୍କ ଓ ଆବୋଟ ୨ଟି ଲେଖାଏ, ଆଷ୍ଟନ ଅଗର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୨୦ ଓଭରରେ ୧୦୬/୮ (ଇଫତିକାର- ୪୫, ଇମାମ- ୧୪, ରିଚାର୍ଡ଼ସନ- ୩/୧୮, ଷ୍ଟାର୍କ- ୨/୨୯, ଆବୋଟ- ୨/୫୪)।

ଅଷ୍ଟ୍ରେଲିଆ ୧୧.୫ ଓଭରରେ ୧୦୯/୦ (ୱାର୍ନର- ୪୮*, ଫିଞ୍ଚ୍- ୫୨*)।

# ଚେଜ୍ କରି ଜିତିବାରେ ଭାରତ ସର୍ବାଗ୍ରେ

ରାଜକୋଟ, ୮।୧୧

ଅନ୍ତର୍ଜାତୀୟ ଟି୨୦ କ୍ରିକେଟ୍‌ରେ ଚେଜିଂ କରି ବିଜୟ ହାସଲ କରିବାରେ ଭାରତୀୟ ଦଳ ରେକର୍ଡ କରିଛି। ଗୁରୁବାର ସ୍ଥାନୀୟ ସୌରାଷ୍ଟ୍ର କ୍ରିକେଟ୍ ଆସୋସିଏଶନ ଷ୍ଟାଡିୟମରେ ଭ୍ରମଣକାରୀ ବାଂଲାଦେଶ ବିପକ୍ଷରେ ଖେଳାଯାଇଥିବା ୨ୟ ଟି୨୦ ମ୍ୟାଚ୍‌କୁ ଭାରତ ୮ ଉଇକେଟ୍‌ରେ ସହଜ ବିଜୟ ଲାଭ କରିଥିଲା। ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ୍ ହରାଇ ୧୫୩ ରନ କରିଥିଲା। ଜବାବରେ କାମଚଳା ଅଧିନାୟକ ରୋହିତ୍ ଶର୍ମା (୮୫ ରନ, ୪୩ ବଲ୍, ୬ ଚୌକା, ୬ ଛକା)ଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଭାରତ ୧୫.୪ ଓଭରରେ ୨ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଏଥିସହ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ୍‌ରେ ଚେଜ୍ କରି ସର୍ବାଧିକ ମ୍ୟାଚ୍ ଜିତିଥିବା ଦେଶ ତାଲିକାରେ ଭାରତ ସର୍ବାଗ୍ରେ ରହିଛି। ୬୧ ମ୍ୟାଚ୍‌ରେ ଚେଜ୍ କରି ଭାରତ ୪୧ଟି ବିଜୟ ହାସଲ କରିଛି। ଏହିକ୍ରମରେ ଅଷ୍ଟ୍ରେଲିଆକୁ ପଛରେ ପକାଇ ଦେଇଛି ଭାରତ। ଅଷ୍ଟ୍ରେଲିଆ ୬୯ ମ୍ୟାଚ୍‌ରେ ଚେଜ୍ କରି ୪୦ ବିଜୟ ଲାଭ କରି ପୂର୍ବରୁ ଏହି ରେକର୍ଡର ଅଧିକାରୀ ରହିଥିଲା। ବିଶ୍ୱର



ପୂର୍ବତନ ଏକ ନମ୍ବର ଦଳ ପାକିସ୍ତାନ ତାଲିକାର ୩ୟ ସ୍ଥାନରେ ରହିଛି। ପାକିସ୍ତାନ ୬୭ ମ୍ୟାଚ୍‌ରେ ଅନୁଧାବନ କରି ୩୬ରେ ଜିତିଛି। ସେହିଭଳି ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡ ଉଭୟ ୨୮ ଲେଖାଏ ମ୍ୟାଚ୍ ଜିତି ତାଲିକାରେ ଯୁଗ୍ମ ଭାବେ ୪ର୍ଥ ସ୍ଥାନରେ ରହିଛି।

# ଦିଲ୍ଲୀ ଫ୍ରାଞ୍ଚାଇଜରେ ଯୋଗଦେଲେ ଅଶ୍ୱିନ

ନୂଆଦିଲ୍ଲୀ,୮।୧୧(ପି.ଟି.)

ଭାରତୀୟ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଶୁକ୍ରବାର ଆଇପିଏଲ ଫ୍ରାଞ୍ଚାଇଜ ଦିଲ୍ଲୀ କ୍ୟାପିଟାଲ୍ସରେ ଯୋଗ ଦେଇଛନ୍ତି। ତାଙ୍କ ବଦଳରେ ବାମହାତୀ ଜଗଦୀଶ ସୁଚିଥଙ୍କୁ କିଙ୍ଗ୍ସ ଏକାଦଶ ପଞ୍ଜାବ ଦଳରେ ସାମିଲ କରିଛି। ପୂର୍ବରୁ ଦିଲ୍ଲୀ ଅଶ୍ୱିନଙ୍କ ବଦଳରେ ସୁଚିଥଙ୍କ ସହ ଦେଢ଼ କୋଟି ଟଙ୍କାର ପ୍ରସ୍ତାବ ଦେଇଥିଲା। ୩୩ ବର୍ଷୀୟ ସିନିୟର ସ୍ପିନରଙ୍କୁ ସିଜନ ପିଛା ଗତବର୍ଷ ଭଳି ୭.୬ କୋଟି ଟଙ୍କା ମିଳିବ। ସମାନ ମୂଲ୍ୟରେ ୨୦୧୮ ଖେଳାଳିଙ୍କ ନିଲାମ ପ୍ରକ୍ରିୟାରେ ଅଶ୍ୱିନଙ୍କୁ କିଙ୍ଗ୍ସ ଏକାଦଶ କିଣିଥିଲା। ସେ ଦେଶର ଶ୍ରେଷ୍ଠ ଓ ଅଭିଜ୍ଞ ସ୍ପିନର। ଭାରତ ଓ ଆଇପିଏଲରେ ତାଙ୍କ ରେକର୍ଡ ଖୁବ ଭଲ ରହିଛି। ତାଙ୍କ ଉପସ୍ଥିତି ଆମ ଦଳ ପାଇଁ ଲାଭଜନକ ହେବ ବୋଲି ଦିଲ୍ଲୀ ଫ୍ରାଞ୍ଚାଇଜ ସହ ମାଲିକ ପାର୍ଥ ଜିନ୍ଦଲ କହିଛନ୍ତି। ଅଶ୍ୱିନଙ୍କ ଉପସ୍ଥିତିରେ ଯେ କୌଣସି ଦଳର ଶକ୍ତି ବୃଦ୍ଧି ହେବ, ଏଥିରେ ଦ୍ୱିମତ ନାହିଁ। ଦିଲ୍ଲୀ କ୍ୟାପିଟାଲ୍ସରେ ମଧ୍ୟ କିଛି ପରିବର୍ତ୍ତନ ହେବ ନାହିଁ ବୋଲି କୋଚ୍ ରିକି ପଣ୍ଟିଂ ଉଲ୍ଲେଖ କରିଛନ୍ତି। ଅଶ୍ୱିନ ଅନ୍ତର୍ଜାତୀୟ ସ୍ତରରେ ୬୮ ଟେଷ୍ଟ



ରବିଚନ୍ଦ୍ରନ ଅଶ୍ୱିନ

ଓ ୧୧୧ ଦିନିକିଆ ଖେଳି ଯଥାକ୍ରମେ ୩୫୭ ଓ ୧୫୦ ଉଇକେଟ ଅକ୍ତିଆର କରିଛନ୍ତି। ଆଇପିଏଲରେ ୧୩୯ ମ୍ୟାଚ୍‌ରେ ୧୨୫ ଉଇକେଟ ନେଇଛନ୍ତି। ୨୦୧୦ ଓ ୨୦୧୧ ଆଇପିଏଲ ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ ଦଳର ସେ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ। ତେବେ ଜଣେ ଅଧିନାୟକ ଭାବେ ସେ ବିଫଳ ହୋଇଥିଲେ। ଗତ ଦୁଇ ସିଜନରେ ତାଙ୍କ ନେତୃତ୍ୱରେ ପଞ୍ଜାବ ଦଳ ପ୍ଲେଅଫ୍‌ରେ ପ୍ରବେଶ କରିପାରି ନ ଥିଲା।

# ଇଂଲଣ୍ଡକୁ ବିଜୟ ଦେଲେ ମଲାନ, ମୋର୍ଗାନ

ନାପିଅର,୮।୧୧(ଏଏଫ୍‌ପି)- ଡେଭିଡ ମଲାନଙ୍କ ବିସ୍ଫୋରକ ଶତକ ଓ ଅଧିନାୟକ ମୋର୍ଗାନଙ୍କ ସହ ରେକର୍ଡ ଭାଗୀଦାରି ଇଂଲଣ୍ଡକୁ ନ୍ୟୁଜିଲାଣ୍ଡ ବିପକ୍ଷ ଚତୁର୍ଥ ଟି୨୦ ମ୍ୟାଚ୍‌ରେ ଚମକପ୍ରଦ ବିଜୟ ଦେଇଛି। ୭୬ ରନ୍‌ର ବିଜୟ ଯୋଗୁ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଇଂଲଣ୍ଡ ୨-୨ର ସମାନ ସ୍ଥିତିକୁ ଆଣିବାରେ ସଫଳ ହୋଇଛି। ଦଳ ପାଇଁ ଅପରାଜିତ ଶତକୀୟ ଇନିଂସ ଖେଳିଥିବା ମଲାନଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଅନ୍ତିମ ତଥା ନିର୍ଣ୍ଣାୟକ ମ୍ୟାଚ୍ ୧୦ ତାରିଖରେ ଅକ୍‌ଲାଣ୍ଡରେ ଖେଳାଯିବ।

୨୪୨ ରନ୍‌ର ବିଶାଳ ବିଜୟ ଲକ୍ଷ୍ୟ ନେଇ ଓହ୍ଲାଇଥିବା ନ୍ୟୁଜିଲାଣ୍ଡ ଦଳକୁ ମାର୍ଟିନ ଗୁପଟିଲ ଓ କଲିନ ମୁନ୍‌ରୋଙ୍କ ଓପନିଂ ଯୋଡ଼ି ଭଲ ଷ୍ଟାର୍ଟ ଦେଇଥିଲେ। ଦୁହେଁ ୪.୩ ଓଭରରେ ୫୪ ରନ୍ କରିଥିଲେ। କିନ୍ତୁ ଏହିଠାରୁ ଉଇକେଟ ପତନ ଆରମ୍ଭ ହୋଇଥିଲା। ଏହାକୁ କୌଣସି ବ୍ୟାଟ୍ସମ୍ୟାନ ରୋକି ପାରି ନ ଥିଲେ। ଫଳରେ ଘରୋଇ ଦଳ ୧୬.୫ ଓଭରରେ ୧୬୫ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଗୁପଟିଲ ୨୭, ମୁନ୍‌ରୋ ୩୦ ଓ ଅଧିନାୟକ ଟିମ ସୌଦି ୩୯ ରନ୍ କରିଥିଲେ। ଦଳର ୬ ଜଣ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ସ୍କୋର



ଶତକ ହାସଲକାରୀ ଡେଭିଡ୍ ମଲାନ।

ଛୁଇଁ ପାରି ନ ଥିଲେ। ବିଜୟ ଦଳ ଲାଗି ମାଥ୍ୟୁ ପାର୍କିନସନ ୪ ଓ କ୍ରିସ ଜୋର୍ଡାନ ୨ ଉଇକେଟ ନେଇଥିଲେ। ପୂର୍ବରୁ ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୧୬ ରନ୍‌ରେ ଜନି ବେଆରଷ୍ଟୋ(୮)ଙ୍କ ଉଇକେଟ ହରାଇଥିଲା। ଏହାପରେ ଟମ ବାଣ୍ଟନ (୩୧) ମିଚେଲ ସାଣ୍ଟନରଙ୍କ ବଲରେ ଏଲବିଡ୍‌ବଲ୍ୟୁ ହୋଇଥିଲେ। ତୃତୀୟ ଉଇକେଟ ପାଇଁ ମଲାନ ଓ ଅଧିନାୟକ ମୋର୍ଗାନ ୭୬ ବଲରେ ୧୮୨ ରନ୍ ଯୋଡ଼ିଥିଲେ। ମଲାନ ୪୮ ବଲରେ ଶତକ ଅର୍ଜନ କରି ଇଂଲଣ୍ଡର ଦ୍ରୁତତମ ଟି୨୦ ଶତକ ହାସଲକାରୀ ହୋଇଛନ୍ତି। ମୋଟ ଉପରେ ୫୧ ବଲର ସମ୍ମୁଖୀନ ହୋଇ ୧୦୩ ରନ୍ କରିଥିଲେ। ତାଙ୍କ ଇନିଂସରେ ୯ ଚୌକା ଓ ୬ ଛକା ସାମିଲ ଥିଲା। ଅଧିନାୟକ ମୋର୍ଗାନ ୯୧ (୭ ଲେଖାଏ ଚୌକା ଓ ଛକା) ରନ୍ କରି ଅନ୍ତିମ ଓଭରରେ ଆଉଟ୍ ହୋଇଥିଲେ। ଦୁଇ ବାମହାତୀ ବ୍ୟାଟ୍ସମ୍ୟାନ ମିଳିତ ଭାବେ ୧୩ ଛକା ଓ ୧୬ ଚୌକା ମାରିଥିଲେ। କେବଳ ମିଚେଲ ସାଣ୍ଟନର ଓ ଟ୍ରେଣ୍ଟ ବୋଲ୍ଟ ଛକାରୁ ବର୍ତ୍ତିଥିଲେ। ଫଳରେ ଇଂଲଣ୍ଡ ଧାର୍ଯ୍ୟ ୨୦ ଓଭରରେ ୩ ଉଇକେଟ ହରାଇ ୨୪୧ ରନ୍ କରିଥିଲା।

ସଂକ୍ଷିପ୍ତ ସ୍କୋର:

ଇଂଲଣ୍ଡ- ୨୦ ଓଭରରେ ୨୪୧/୩ (ଡେଭିଡ ମଲାନ ୧୦୩*, ଇଆନ ମୋର୍ଗାନ ୯୧, ଟମ ବାଣ୍ଟନ ୩୧, ମିଚେଲ ସାଣ୍ଟନର ୨/୩୨, ଟିମ ସୌଦି ୧/୪୭)।

ନ୍ୟୁଜିଲାଣ୍ଡ- ୧୬.୫ ଓଭରରେ ୧୬୫/ଅଲଆଉଟ୍ (ଟିମ୍ ସୌଦି ୩୯, କଲିନ ମୁନ୍‌ରୋ ୩୦, ମାର୍ଟିନ ଗୁପଟିଲ ୨୭, ମାଥ୍ୟୁ ପାର୍କିନସନ ୪/୪୭, କ୍ରିସ ଜୋର୍ଡାନ ୨/୨୪)।

# ଆଜିଠାରୁ ଇଣ୍ଡିଆନ ଓପନ ଗେଟ୍ ବଲ

## ଇଣ୍ଡୋନେସିଆ, ତାଇୱାନ, ଜାପାନ ସହ ଓଡ଼ିଶାର ୭ ଦଳ ଭାଗନେବେ

ଭୁବନେଶ୍ୱର,୮।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ରେଲୱେ ଷ୍ଟାଡିୟମରେ ଇଣ୍ଡିଆନ ଗେଟବଲ୍ ୟୁନିୟନ ଆନୁକୂଲ୍ୟରେ ଶନିବାରଠାରୁ ଇଣ୍ଡିଆନ ଓପନ ଗେଟ୍ ବଲ ଟୁର୍ନାମେଣ୍ଟ ଆରମ୍ଭ ହେବ। ଦୁଇଦିନ ଧରି ଆୟୋଜନ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ଦେଶର କେତୋଟି ଦଳ ସହ କେତୋଟି ବିଦେଶୀ ଦଳ ମଧ୍ୟ ଅଂଶଗ୍ରହଣ କରିବେ। ଏଥି ସହ ଭୁବନେଶ୍ୱରରେ ଅଷ୍ଟମଥର ପାଇଁ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଆୟୋଜନ ହେବାକୁ ଯାଉଛି। ବିଭିନ୍ନ ଦେଶର ୩୦ଜଣ ଖେଳାଳି ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ। ଏଥିରେ ହରିୟାଣା, ଚଣ୍ଡିଗଡ଼, ଦିଲ୍ଲୀ, ପଶ୍ଚିମବଙ୍ଗ, ଆସାମ ଓ ତ୍ରିପୁରା ଅଂଶଗ୍ରହଣ କରିବେ। ତେବେ ମହାରାଷ୍ଟ୍ର ଦଳ ବାତ୍ୟା 'ମହା' କାରଣରୁ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାକୁ ଆସିପାରିନାହିଁ। ସେହିପରି ଓଡ଼ିଶାର ୭ଟି ଦଳ ମଧ୍ୟ ଏଥିରେ ଭାଗନେବ। ଏଥିରେ ଗତ ୩ ତାରିଖରେ ଅନୁଷ୍ଠିତ ଆନ୍ତଃ ସ୍କୁଲ ଟୁର୍ନାମେଣ୍ଟର ୪ଟି ବିଜେତା ଦଳ ମଧ୍ୟ ସାମିଲ ରହିଛି। ଟୁର୍ନାମେଣ୍ଟରେ ଭାଗନେବାକୁ ଇଣ୍ଡୋନେସିଆ, ତାଇୱାନ ଓ ଜାପାନ ଦଳ ମଧ୍ୟ ଏଠାରେ ପହଞ୍ଚି ସାରିଛନ୍ତି। ତେବେ ଥାଇଲାଣ୍ଡ ବାତ୍ୟା 'ବୁଲ୍‌ବୁଲ୍' କାରଣରୁ ଆସିପାରିନାହିଁ ବୋଲି ଆୟୋଜକଙ୍କ ତରଫରୁ କୁହାଯାଇଛି।



ଖବରଦାତା ସମ୍ମିଳନୀରେ ଇଣ୍ଡିଆନ ଗେଟବଲ୍ ୟୁନିୟନର କର୍ମକର୍ତ୍ତା।

ଉଲ୍ଲେଖଥାଉ କି, ୨୦୦୯ରେ ଇଣ୍ଡିଆ ଗେଟବଲ ୟୁନିୟନ ଭୁବନେଶ୍ୱରରେ ସ୍ଥାପନ ହୋଇଥିଲା। ଏହି ୟୁନିୟନ ୩୦ଟି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଛି। ଇଣ୍ଡୋନେସିଆର ବାଲି ଓ ଥାଇଲାଣ୍ଡର ବ୍ୟାଙ୍କକ୍‌ରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ଦଳ ଚାମ୍ପିୟନ ହୋଇଥିବା ବେଳେ ଅଷ୍ଟ୍ରେଲିଆରେ ଖେଳାଯାଇଥିବା ଟୁର୍ନାମେଣ୍ଟରେ ଦଳ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ସମ୍ଭାବ୍ୟ 'ବୁଲବଲ୍' ବାତ୍ୟା କାରଣରୁ ଏହି ଟୁର୍ନାମେଣ୍ଟ ପ୍ରଭାବିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଯଦି ପାଗ ଠିକ୍‌ଠାକ ରହେ ତା'ହେଲେ ଟୁର୍ନାମେଣ୍ଟ ସଫଳତାର ସହ ଆୟୋଜକ ହେବ। ଟିମ୍ ଓ ଡବଲ୍ସ ଇଭେଣ୍ଟରେ ଟୁର୍ନାମେଣ୍ଟ ଆୟୋଜନ ହେବ। ଶନିବାର ଲିଗ୍ ମ୍ୟାଚ୍‌ଗୁଡ଼ିକ ଖେଳାଯିବା ପରେ ୧୦ ତାରିଖରେ ଟିମ ଓ ଡବଲ୍ସ ଇଭେଣ୍ଟର କ୍ୱାର୍ଟର ଫାଇନାଲ, ସେମିଫାଇନାଲ ଓ ଫାଇନାଲ ମ୍ୟାଚ ଖେଳାଯିବ। ପୁରୁଷ ଓ ମହିଳାଙ୍କ ସମେତ ଯେକୌଣସି ବୟସ ବର୍ଗର ଖେଳାଳି ଗେଟ ବଲ୍ ଖେଳିପାରିବେ। ଯାହାଫଳରେ ଏହି ଖେଳରେ ବେଶ୍ ରୋମାଞ୍ଚ ଦେଖିବାକୁ ମିଳିଥାଏ। ଏ ନେଇ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଇଣ୍ଡିଆନ ଗେଟ୍‌ବଲ ୟୁନିୟନ ଟ୍ରଷ୍ଟି ସଞ୍ଜୟ ପଟ୍ଟନାୟକ, ସାଧାରଣ ସମ୍ପାଦକ ଦିଲୀପ ଦାସ, ସଭାପତି ଦ୍ୱାଇପାୟନ ପଟ୍ଟନାୟକ ଓ କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଟୁର୍ନାମେଣ୍ଟ ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ।

# ୩ ଭାରତୀୟ ବାସ୍କେଟବଲ ଖେଳାଳି ଅଟକ

ନୂଆଦିଲ୍ଲୀ,୮।୧୧

ଦେଶର ଟପ୍ ବାସ୍କେଟବଲ ଖେଳାଳି ଅମଜ୍ୟୋତ ସିଂ, ଅର୍ଶପ୍ରୀତ ଭୁଲ୍ଲାର ଓ ଅମରିତପଲ ସିଂଙ୍କୁ ବୁଧବାର ରାତିରେ ବିଦ୍ୟାନଗର ଥାନା ଲକ ଅପ୍‌ରେ ୪ ଘଣ୍ଟା ବିତାଇବାକୁ ପଡ଼ିଛି। ଏହି ଖେଳାଳିମାନେ ରାତିରେ ନିଶାଗ୍ରସ୍ତ ଅବସ୍ଥାରେ ଜାତୀୟ କ୍ୟାମ୍ପକୁ ଫେରୁଥିବାବେଳେ ରାସ୍ତା କଡ଼ରେ ଝଗଡ଼ା କରୁଥିଲେ। ସେମାନଙ୍କୁ ସେଠାରେ ପୋଲିସ ଗିରଫ କରିଥିଲା ବୋଲି ଭାରତୀୟ ବାସ୍କେଟବଲ ଫେଡେରେଶନ (ବିଏଫ୍‌ଆଇ)ର ସାଧାରଣ ସମ୍ପାଦକ ଚନ୍ଦର ମୁଖୀ ଶର୍ମା କହିଛନ୍ତି। ଏହି ୩ ଖେଳାଳି ୨୦୧୮ ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ସମସ୍ତ ଲିଗ ପର୍ଯ୍ୟାୟ ମ୍ୟାଚ୍ ଖେଳିଥିଲେ। ତିନିଜଣଙ୍କ ସହ ଜଣେ ୧୭ ବର୍ଷରୁ କମ୍ ଜୁନିୟର ଖେଳାଳି ଥିଲେ। ନାବାଳକ ହୋଇଥିବାରୁ ତାଙ୍କ ନାମ ଗୁପ୍ତ ରଖାଯାଇଛି। ସେମାନେ ବିଏଫ୍‌ଆଇ ଅଫିସିଆଲ କିମ୍ବା କାର୍ଯ୍ୟରତ କୋଚଙ୍କୁ ନ ଜଣାଇ ଦୁଇ ମୋଟର ସାଇକେଲରେ ବାହାରିଥିଲେ। ଗୋଟିଏ ବାଇକ୍ ସ୍କିଡ କରିଯିବାରୁ ଦୁର୍ଘଟଣାର ଶିକାର ହୋଇଥିଲେ। ଜାତୀୟ ଶିବିର ନିୟମ ଭାଙ୍ଗିବା ପାଇଁ ନୋଟିସ ଦିଆଯାଇଛି। ବିଏଫ୍‌ଆଇ ଅଫିସିଆଲଙ୍କ ୩ ଜଣିଆ କମିଟି ଗଠନ କରାଯାଇଛି, ଯାହା ଏହି ଘଟଣାର ତଦନ୍ତ କରିବ। ଏ ସମ୍ପର୍କରେ କୋଚ୍‌ଙ୍କୁ ଯଥା ଶୀଘ୍ର ରିପୋର୍ଟ ଦେବାକୁ କୁହାଯାଇଛି।

## ଆନ୍ତଃ ବିଶ୍ୱବିଦ୍ୟାଳୟ ଫୁଟବଲ

# ସମ୍ବଲପୁର ଚାମ୍ପିୟନ

କଟକ ଅଫିସ୍, ୮।୧୧

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଫୁଟ୍‌ବଲ ପ୍ରତିଯୋଗିତାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳ ଚାମ୍ପିୟନ ହୋଇଛି। ସମ୍ବଲପୁର ସର୍ବାଧିକ ୩ଟି ମ୍ୟାଚ୍ ଜିତିଥିଲା। ଶୁକ୍ରବାର ଅନୁଷ୍ଠିତ ଅନ୍ତିମ ଲିଗ୍ ମ୍ୟାଚ୍‌ରେ କଲିକତାକୁ ମଧ୍ୟ ସମ୍ବଲପୁର ପରାସ୍ତ କରିଥିଲା। କଲିକତା ରନର୍ସଅପ ହୋଇଥିବା ବେଳେ ରାଞ୍ଚି ବିଶ୍ୱବିଦ୍ୟାଳୟ ୩ୟ ଓ ଆଡାମସ ବିଶ୍ୱବିଦ୍ୟାଳୟ ଦଳ ୪ର୍ଥ ସ୍ଥାନରେ ରହିଛି। ଉଦ୍‌ଯାପନୀ ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସଠାରେ ଏକ ଅନ୍ତର୍ଜାତୀୟସ୍ତରର ହକି ଭେନ୍ୟୁ ନିର୍ମାଣ ହେବ ବୋଲି ମନ୍ତ୍ରୀ ବେହେରା ଏହି ଅବସରରେ ଘୋଷଣା କରିଛନ୍ତି। କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ କୁଳସଚିବ ଅଶୋକ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡ. କେଏସ୍‌କେ ଭରଦ୍ୱାଜ ଅତିଥି ପରିଚୟ ଦେଇଥିଲେ। ଶେଷରେ ରେଭେନ୍‌ଶା କ୍ରୀଡ଼ା ଅଧିକାରୀ ଅଞ୍ଜନ କୁମାର ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ସମ୍ବଲପୁର ଦଳର ଖେଳାଳିମାନେ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୯ ନଭେମ୍ବର, ୨୦୧୯



ଆଜିର କାମ ଆସନ୍ତା କାଲିକୁ ବାକି ରଖି ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।
- ଟମାସ କାର୍ଲାଇଲ୍



## ସଂକ୍ଷେପରେ



### ପୁଣି ଫେରିଲେ ହାତୀପଲ, ଦଳିଦେଲେ ଫସଲ

ଉଲୁଣ୍ଡା,୮।୧୧(ଡି.ଏନ.ଏ.): କିଛି ଦିନର ନିରବତା ପରେ ଉଲୁଣ୍ଡା ଅଞ୍ଚଳରେ ପୁଣି ହାତୀ ଉପଦ୍ରବ ଦେଖାଦେଇଛି। ଫଳରେ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଗୁରୁବାର ରାତି ପ୍ରାୟ ୮ଟାରେ ପ୍ରାୟ ୨୦ଟି ହାତୀ ମାଉଲିମାଲ, ଗଣ୍ଡାବାହାଲ, ପଣ୍ଡକିଟାଲ, ପିପଲକଟା ଆଦି ଗ୍ରାମରେ ପଶି ଚାଷୀଙ୍କ ଧାନ ଖାଇବା ସହ ଦଳିଚକଟି ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି। ଚାଷୀମାନେ କଠିନ ପରିଶ୍ରମ କରି ଚାଷ କାର୍ଯ୍ୟ କରିଥିଲେ। ହେଲେ ଧାନ ଅମଳ ହେବା ସମୟରେ ହାତୀପଲ ଫସଲ ନଷ୍ଟ କରିଥିବାରୁ ଚାଷୀଙ୍କ ମୁଣ୍ଡ ବ୍ୟଥାର କାରଣ ହୋଇଛି। ବନ ବିଭାଗ ପକ୍ଷରୁ ହାତୀ ଘଉଡାଇଉଥିଲେ ମଧ୍ୟ ହାତୀପଲ ଯିବାର ନାଁ ଧରୁନାହାଁ। ତେବେ ଗୁରୁବାର ରାତିରେ ଝାରବାହାଲି, ମାଙ୍କଡବାହାଲ, କୁତମେଣ୍ଡା ଗ୍ରାମବାସୀ ଫସଲକୁ ବଞ୍ଚାଇବା ପାଇଁ ସୋନପୁର-ସମ୍ବଲପୁର ମୁଖ୍ୟ ରାସ୍ତାରେ ନିଆଁ ଜାଳି ରାତି ତମାମ ଉଜାଗର ରହିଥିବା ଦେଖିବାକୁ ମିଳିଥିଲା। ତୁରନ୍ତ କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଏନେଇ ରେଞ୍ଜର ଶିବ ପ୍ରସାଦ ନାଏକଙ୍କୁ ପଚାରିବାରୁ ହାତୀ ଘଉଡାଇବାକୁ ଉଦ୍ୟମ ଜାରି ରହିଛି ବୋଲି ପ୍ରକାଶ କରିଥିଲେ।

### ଲୋଇସିଂହାରେ ସୁନେତ୍ର କାର୍ଯ୍ୟକ୍ରମ

ଲୋଇସିଂହା,୮।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସୁନେତ୍ର କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ସ୍କୁଲର ୧୦୯ଜଣ ଛାତ୍ରୀଛାତ୍ର ଯୋଗଦେଇ ଚକ୍ଷୁ ପରୀକ୍ଷା କରିଥିଲେ। ବଲାଙ୍ଗୀର ଚକ୍ଷୁ ବିଭାଗ ଓ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମିଳିତ ଆନୁକୁଲ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ୪୮ ସ୍କୁଲରୁ ୧୦୯ଜଣ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥିରୁ ୭୦ଜଣ ଛାତ୍ରୀଛାତ୍ରଙ୍କ ଦୃଷ୍ଟିବାଧିତ ଶକ୍ତିଥିବା ଜଣା ପଡିବା ପରେ ଚଷମା ପ୍ରଦାନ କରାଯାଇଥିଲା। ଅନ୍ୟ ୫ଜଣ ଛାତ୍ରୀଛାତ୍ର ଗୁରୁତର ସମସ୍ୟା ଥିବାରୁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ଉଚ୍ଚସ୍ତର ଚିକିତ୍ସା ପାଇଁ ପଠାଯାଇଥିଲା। ପୂର୍ବରୁ ଜିଲାର କୌଣସି ବ୍ଲକରେ ସୁନେତ୍ର ଯୋଜନାରେ ଏତେ ସଂଖ୍ୟକ ପିଲାଙ୍କ ଚକ୍ଷୁ ଦୋଷ ଚିହ୍ନଟ ହୋଇ ନ ଥିବା ଚକ୍ଷୁ ପରୀକ୍ଷା କରୁଥିବା ଡାକ୍ତରୀ ଦଳ ସୂତ୍ରରୁ ପ୍ରକାଶ। ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ସ୍ମିତା ଶତପଥୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଡାକ୍ତର ସଞ୍ଜୀବ ବିଶ୍ୱାଳ, ଶୁଭେନ୍ଦୁ ସାହୁ, ରଶ୍ମି ପଧାନ, ମହେଶ୍ୱତା ପଣ୍ଡା, ଆନନ୍ଦ ବାରିକ, ରମେଶ ସାହୁ, କୈଳାସଚନ୍ଦ୍ର ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ସୁବର୍ଣ୍ଣପୁରରେ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷଙ୍କ ସମୀକ୍ଷା

# ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ, ୟୁସି ଦାଖଲ ପାଇଁ ନିର୍ଦ୍ଦେଶ

ସୋନପୁର,୮।୧୧(ନି.ପ୍ର.)



ବୈଠକରେ ଅଧ୍ୟକ୍ଷ ସୁବାସ ଚୌହାନ ସମୀକ୍ଷା କରୁଛନ୍ତି ।

- ସରକାରୀ ନିୟମକୁ ଉଲ୍ଲଂଘନ କରିଛି ପୂର୍ତ୍ତ ବିଭାଗ
- କଲେଜ କୋଠା ନିର୍ମାଣ ନ କରି ୫୬ ଲକ୍ଷର ୟୁସି

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ(ଡବ୍ଲ୍ୟୁଓଡିସି)ର ନବନିଯୁକ୍ତ ଅଧ୍ୟକ୍ଷ ସୁବାସ ଚୌହାନ ଶୁକ୍ରବାର ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସିଥିଲେ । ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଚୌହାନ ପରିଷଦ ଅର୍ଥରେ ନିର୍ମିତ ହେଉଥିବା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଥିଲେ। ୧୯୯୯ରୁ ୨୦୧୮-୧୯ ଆର୍ଥିକ ବର୍ଷ ମଧ୍ୟରେ ସଡ଼କ, ବିଜୁଳି, ପୋଲ, ଜଳସେଚନ, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଉନ୍ନତି ମୂଳକ କାର୍ଯ୍ୟ ପାଇଁ ଏହି ଜିଲାକୁ ପରିଷଦ ପକ୍ଷରୁ ୯୮ କୋଟି ଟଙ୍କାର ପ୍ରଶାସନିକ ମଞ୍ଜୁରୀ ମିଳିଛି । ବର୍ତ୍ତମାନ ସୁଦ୍ଧା ୮୨ କୋଟି ୧୭ ଲକ୍ଷ ୫୦ ହଜାର ଟଙ୍କାର ଅନୁଦାନ ମଳିଥିବା ବେଳେ ମୋଟ ୧୮୨୮ଟି ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଛି। ସେଥିମଧ୍ୟରୁ ୧୬୦୮ଟି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ସମୀକ୍ଷାରୁ ଜଣା ପଡିଥିଲା । ତେବେ ବର୍ଷ ବର୍ଷ ଧରି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ଓ ବିନିଯୋଗ ପ୍ରମାଣ ପତ୍ର ପ୍ରଦାନ କରାଯାଉ ନ ଥିବାରୁ ଅଧ୍ୟକ୍ଷ ଅସନ୍ତୋଷ ପ୍ରକାଶ କରିଥିଲେ। ଏପରି କି ୧୧ ବର୍ଷ ପୂର୍ବରୁ ସୋନପୁର ବ୍ଲକର ନାଇକେନପାଲି ଜଳ ଅମଳ ପ୍ରକଳ୍ପ ପାଇଁ ପରିଷଦ ପକ୍ଷରୁ ଅନୁଦାନ ଯୋଗାଇ ଦିଆଯାଇଥିଲେ ମଧ୍ୟ ଏହି କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ଅଧ୍ୟକ୍ଷ ଉଦ୍‌ବେଗ ପ୍ରକାଶ କରିଥିଲେ । ଅନ୍ୟପକ୍ଷେ ସମୀକ୍ଷା ସମୟରେ ପୂର୍ତ୍ତ ବିଭାଗର ଏକ ଗୁରୁତର ତ୍ରୁଟି ସାମ୍ନାକୁ ଆସିଥିଲା । ବିଜୁ ପଟ୍ଟନାୟକ ମହିଳା କଲେଜର କୋଠା ନିର୍ମାଣ ପାଇଁ ୨୦୧୬-୧୭ରେ ଡବ୍ଲ୍ୟୁଓଡିସି ୯୩ ଲକ୍ଷ ଟଙ୍କାର ଅନୁଦାନ ଦେଇଥିଲା। ପୂର୍ତ୍ତ ବିଭାଗ ବାଇଗଣଜୁରିସ୍ଥିତ ନୂଆ କ୍ୟାମ୍ପସରେ କୋଠା ନିର୍ମାଣ ନକରି ୫୬ ଲକ୍ଷ ଟଙ୍କାର ୟୁସି ପ୍ରଦାନ କରିଛି । ଅଧ୍ୟକ୍ଷ ଏହି ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିବାରୁ ପୂର୍ତ୍ତ ବିଭାଗ ଏହି ଅନୁଦାନରେ କଲେଜର ପ୍ରାଚୀର ନିର୍ମାଣ କରିଥିବା ଦର୍ଶାଇଥିଲା । ତେବେ ଅଧ୍ୟକ୍ଷ ଏଥିରେ ବିରକ୍ତି ପ୍ରକାଶ କରି ବେଆଇନ କାର୍ଯ୍ୟ ସକାଶେ ପୂର୍ତ୍ତ ବିଭାଗରୁ ଆବଶ୍ୟକ ଟଙ୍କା ରିକୋଭରି କରାଯିବ। ଏପରି କି ସାଧାରଣ ପ୍ରଶାସକ(ଜିଏ)ଙ୍କୁ ଚିଠି ଲେଖିବେ ବୋଲି କହିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଡବ୍ଲ୍ୟୁଓଡିସିର ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ଡବ୍ଲ୍ୟୁଓଡିସିର ସିନିୟର ଇକୋନୋମିକ ଇନଭେଷ୍ଟିଗେଟର ପ୍ରଦୀପ କୁମାର ତିର୍କୀ, ଉପନିର୍ଦ୍ଦେଶକ ଯୋଜନା ଓ ପର୍ଯ୍ୟାଲୋଚନ ସୁଧାଂଶୁ ଶେଖର ବାରିକ୍, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଦିଲୀପ କୁମାର ପଣ୍ଡା, ସୋନପୁର ବିଡିଓ ରବୀନ୍ଦ୍ର କୁମାର ପଟେଲ, ତରଭା ବିଡିଓ ନିହାର ରଞ୍ଜନ କହଁର, ଡୁଙ୍ଗୁରିପାଲି ବିଡିଓ ସହଦେବ ସମାଧିଆ, ବିନିକା ବିଡିଓ ବିଶ୍ୱରଞ୍ଜନ ମଲ୍ଲିକ, ଉଲୁଣ୍ଡା ବିଡିଓ ନୀଳାମ୍ବର ମହାନନ୍ଦ, ବୀରମହାରାଜପୁର ବିଡିଓ ନିରଞ୍ଜନ ନାୟକ, ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ଇଓ ଜଗଦୀଶ ମହାନନ୍ଦ, ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ସତ୍ୟବ୍ରତ ବେହେରା, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ବିପିନ ବିହାରୀ ଦାଶ, କ୍ଷୁଦ୍ର ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ କିଶୋର ଚନ୍ଦ୍ର ଆଚାର୍ଯ୍ୟ ଓ ପୂର୍ତ୍ତ ବିଭାଗର ଏଷ୍ଟିମେଟର କେଶବ ଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ୬ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଲୋଇସିଂହା, ୮।୧୧(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଅବକାରୀ ବିଭାଗ ଆଗଲପୁର ବ୍ଲକ ଉଛବାହାଲାରେ ଚଢାଉ କରି ୬ କେଜି ଗଞ୍ଜେଇ ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଉଛବାହାଲ ଗାଁର ଡିଲେଶ୍ୱର ଦୋରା(୨୭) । ଏନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା(ନଂ.୩୭/୧୯-୨୦)ରୁଜୁ ହୋଇଛି। ଅବକାରୀ ବିଭାଗ ସୂଚନା ମୁତାବକ, ଆଗଲପୁର ବ୍ଲକ ଉଛବାହାଲ ଗାଁର ଡିଲେଶ୍ୱର ଦୋରା ବେଆଇନ ଭାବେ ଗଞ୍ଜେଇ ଚାଲାଣ କରୁଥିବା ବିଭାଗୀୟ ଅଧିକାରୀଙ୍କୁ ସୂଚନା ମିଳିଥିଲା । ଏନେଇ ସ୍ଥାନୀୟ ଅବକାରୀ ନିରୀକ୍ଷକ ଆରତୀ କିଷାନ, କଷ୍ଟେବଲ ସତ୍ୟ ବେହେରା, ଯତୀନ୍ଦ୍ର ସାହୁ ପ୍ରମୁଖ ଉଛବାହାଲ ଚଢାଉ କରିଥିଲେ। ଚଢାଉ ବେଳେ ଅଧିକାରୀମାନେ ଡିଲେଶ୍ୱରଙ୍କ ନିକଟରୁ ୬ କେଜି ଗଞ୍ଜେଇ ଜବତ କରି ତାଙ୍କୁ ଗିରଫ କରାଯାଇଥିବା ଅବକାରୀ ନିରୀକ୍ଷକ କିଷାନ ସୂଚନା ଦେଇଛନ୍ତି।

## ଡବ୍ଲ୍ୟୁଓଡିସି ଅଧ୍ୟକ୍ଷଙ୍କୁ କଲେଜର ସମସ୍ୟା ଜଣାଇଲେ ଛାତ୍ର ନେତା



ଅଧ୍ୟକ୍ଷଙ୍କୁ ସୋନପୁରର ଛାତ୍ର ନେତାମାନେ ସ୍ୱାଗତ କରୁଛନ୍ତି ।

ସୋନପୁର,୮।୧୧(ନି.ପ୍ର.)

ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ସୁବାସ ଚୌହାନଙ୍କୁ ଶୁକ୍ରବାର ସର୍କିଟ୍ ହାଉସଠାରେ ଭେଟିଥିଲେ କିଛି ଛାତ୍ର ନେତା। ବିଜୁ ଛାତ୍ର ଜନତା ଦଳର ଜିଲା ସଭାପତି ଶାଶ୍ୱତ କୁମାର ମିଶ୍ରଙ୍କ ନେତୃତ୍ୱରେ ଅଭିଷେକ ଶର୍ମା, ବିକାଶ ଜଗଦଲା, ଚନ୍ଦନ ବେହେରା, ସୌରଭ ଶର୍ମା, ଉଦିତ ଭୋଇ, ରଘୁପତି ମାଝି ଓ ଭାସ୍କର ଦାସ ପ୍ରମୁଖ ଅଧ୍ୟକ୍ଷଙ୍କୁ ସ୍ୱାଗତ କରିବା ସହ ସୋନପୁର କଲେଜର ସମସ୍ୟା ସମ୍ପର୍କରେ ଜଣାଇଥିଲେ। କଲେଜର ପଛପଟ ପ୍ରାଚୀର, ସମ୍ମିଳନୀ କକ୍ଷ ଓ ବଏଜ୍ କମନରୁମ ନିର୍ମାଣ ପାଇଁ ଅନୁଦାନ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ । ଚଳିତ ଆର୍ଥିକ ବର୍ଷରେ ଅନୁଦାନ ଯୋଗାଇ ଦେବାକୁ ଅଧ୍ୟକ୍ଷ ପ୍ରତିଶ୍ରୁତି ଦେଇଥିଲେ।

## ଗଡ଼ିଲା ଚାଷୀ ସଚେତନତା ରଥ

ସୋନପୁର,୮।୧୧(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ଆସନ୍ତା ୧୫ ତାରିଖରୁ ଖରିଫ ଧାନ କ୍ରୟ କରାଯିବ। ନୂଆ ନିୟମ ଅନୁଯାୟୀ ଧାନ ବିକ୍ରି ପାଇଁ ପଞ୍ଜୀକୃତ ହୋଇଥିବା ଚାଷୀଙ୍କ ଟୋକନ ସେଣ୍ଟ୍ରାଲି ଭୁବନେଶ୍ୱରରୁ ଜେନେରେଟ ହେବ। ଟୋକନ ଜେନେରେଟ ହେବା ପରେ ହିଁ ଚାଷୀ ମଣ୍ଡିକୁ ଧାନ ବିକ୍ରି ପାଇଁ ନେଇପାରିବେ । ଏ ସମ୍ପର୍କରେ ଚାଷୀଙ୍କୁ ସଚେତନ କରିବା ଲକ୍ଷ୍ୟରେ ଗୁରୁବାର ଚାଷୀ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ । ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକୋରା, ଏଆରସିଏସ୍ ଭୀମସେନ ସାହୁ, ଡୁଙ୍ଗୁରିପାଲି ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଉଦିତ ବାବୁ, ବୀରମହାରାଜପୁର ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ କିଶୋର ନାୟକ, ସହକାରୀ ଯୋଗାଣ ଅଧିକାରୀ ସୁବୋଧ ହୋତା, ତ୍ରିନାଥ ଭୋଇ, ସମାଜସେବୀ ଶ୍ରୀବତ୍ସ ମଲ୍ଲିକ, ସମସ୍ତ ଯୋଗାଣ ନିରୀକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।



ଅତିରିକ୍ତ ଜିଲାପାଳ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

## ପ୍ରାକ୍ତନ ବିଧାୟକ କୁନ୍ଦୁରୁ କୁଶଳଙ୍କ ଶ୍ରାଦ୍ଧ ଦିବସ

ସୋନପୁର,୮।୧୧(ନି.ପ୍ର.)



ସ୍ୱର୍ଗତ କୁଶଳଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ସହରର ବୁଦ୍ଧିଜୀବୀ ଓ ଛାତ୍ରୀଛାତ୍ର।

ସୋନପୁରର ପ୍ରାକ୍ତନ ବିଧାୟକ କୁନ୍ଦୁରୁ କୁଶଳଙ୍କ ୧୨ତମ ଶ୍ରାଦ୍ଧ ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କୁଞ୍ଜ ଛକଠାରେ ଥିବା ସ୍ୱର୍ଗତ କୁନ୍ଦୁରୁଙ୍କ ପ୍ରତିମୂର୍ତ୍ତିରେ ବହୁ ବୁଦ୍ଧିଜୀବୀ, ବିଶିଷ୍ଟ ବ୍ୟକ୍ତି ମାଲ୍ୟାର୍ପଣ କରିଥିଲେ । ସ୍ୱର୍ଗତ କୁଶଳଙ୍କ ସାନ ଭାଇ ଅଭିମନ୍ୟୁ କୁଶଳ, ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ, ପ୍ରକାଶ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ଅଧ୍ୟାପକ ନୀଳାମ୍ବର ଶତପଥୀ, ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ, ଲକ୍ଷ୍ମୀନାରାୟଣ ମେହେର, ଗଦାଧର ବାରିକ, ଜନ୍ମେଜୟ ପାତ୍ର, ମାନଭଞ୍ଜନ ବେଦବାକ, ମୁନା ତ୍ରିପାଠୀ, ସଞ୍ଜୟ କୁମାର ସାହୁ, ଶାନ୍ତନୁ ବାଗ ଓ କେଦାର ପୂଜାହାରୀ ପ୍ରମୁଖ ସ୍ମୃତିଚାରଣ କରି ସ୍ୱର୍ଗତ କୁଶଳ ସୋନପୁରକୁ ସୁବର୍ଣ୍ଣପୁର କରିବା ପାଇଁ ସ୍ୱପ୍ନ ଦେଖିବା ସହ ତାହାକୁ ସାକାର ପାଇଁ ଚେଷ୍ଟିତ ଥିଲେ ବୋଲି କହିଥିଲେ ।

ଓଡ଼ିଶା ସରକାର

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ

PRERANA

(Post Matric Scholarship Registration Release and Network Automation)

No.: V-53: ଚଳିତ ବର୍ଷରୁ ମାଟ୍ରିକ ପର ଛାତ୍ରବୃତ୍ତି ନିମନ୍ତେ ''ଆଧାର'' ନମ୍ବର ପ୍ରମାଣୀକରଣ ନିତାନ୍ତ ଜରୁରୀ ଅଟେ। ପ୍ରେରଣାରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ଆଧାର ନମ୍ବର UIDAI ଦ୍ୱାରା ଯାଞ୍ଚ କରାଯାଇଛି। ଆଧାର ଯାଞ୍ଚର ସ୍ଥିତି ଆବେଦନକାରୀମାନଙ୍କୁ ପ୍ରେରଣାରେ ପଞ୍ଜୀକରଣ ସମୟରେ ଦିଆଯାଇଥିବା ମୋବାଇଲ ନମ୍ବରରେ SMS ଦ୍ୱାରା ଜଣେଇ ଦିଆଯାଉଛି। ତଦନୁସାରେ, ଆବେଦନକାରୀମାନଙ୍କୁ ଅନୁରୋଧ ସେମାନେ ନିମ୍ନଲିଖିତ ପ୍ରକ୍ରିୟା ଅନୁସରଣ କରିବେ: ଆବେଦନକାରୀମାନଙ୍କୁ ଅନୁରୋଧ ସେମାନେ ନିଜ ID PASSWORDରେ LOGIN କରି "KNOW YOUR AADHAAR VERIFICATION STATUS" TABରେ ଆଧାର ଯାଞ୍ଚର ସ୍ଥିତି ଚେକ୍ କରିବେ।

୧. ଯେଉଁ ଆବେଦନକାରୀମାନଙ୍କ LOGIN ପେଜ୍‌ରେ ଯାଞ୍ଚ ସ୍ଥିତି SUCCESSFULLY VERIFIED ଅଛି, ସେମାନଙ୍କୁ କୌଣସି ପଦକ୍ଷେପ ନେବା ଆବଶ୍ୟକ ନାହିଁ।

୨. ଯେଉଁ ଆବେଦନକାରୀମାନଙ୍କ LOGIN ପେଜ୍‌ରେ ଯାଞ୍ଚ ସ୍ଥିତି NOT VERIFIED ଅଛି, ସେମାନେ ନିମ୍ନଲିଖିତ ପ୍ରକ୍ରିୟା ଅନୁସରଣ କରିବା ଆବଶ୍ୟକ ଅଟେ।

a) ଯଦି ପ୍ରଦତ୍ତ ଆଧାର ନମ୍ବରଟି ଆପଣଙ୍କର ନୁହେଁ, ତେବେ ଦିଆଯାଇଥିବା BOXରେ ନିଜର ସଠିକ୍ ଆଧାର ନମ୍ବର ପ୍ରଦାନ କରି ପୁନଃ ଆବେଦନକୁ LOCK କରିବେ। LOCK କରିବା ପୂର୍ବରୁ ସୁନିଶ୍ଚିତ କରିବେ କି ଆଧାରରେ ଥିବା Name/Gender and D.O.B. ଏବଂ PRERANAରେ ଦିଆଯାଇଥିବା ସୂଚନା ପରସ୍ପର ସଙ୍ଗେ ମେଳ ଖାଉଛି।

b) ଯଦି ପ୍ରଦତ୍ତ ଆଧାର ନମ୍ବରଟି ଆପଣଙ୍କ ଅଟେ ଏବଂ ସେଥିରେ କିଛି PERSONAL DETAILS MISMATCH ଅଛି, ତେବେ:

i) ଯଦି ଆପଣଙ୍କର Name/Gender/DOB ସୂଚନା PRERANA ପୋର୍ଟାଲରେ ଭୁଲ ଅଛି, ତେବେ ସେହି ସୂଚନାକୁ ପୋର୍ଟାଲରେ login କରି "Edit Personal Details hyperling"ରେ click କରି ଆବଶ୍ୟକୀୟ ସଂଶୋଧନ କରିବା ପରେ ପୁନଃ ଆବେଦନକୁ lock କରିବେ।

ii) ଯଦି ଆପଣଙ୍କର Name/Gender/DOB ସୂଚନା ଆଧାରରେ ଭୁଲ୍ ଅଛି, ତେବେ ନିକଟସ୍ଥ ଆଧାର ପଞ୍ଜୀକରଣ କେନ୍ଦ୍ରରେ ଆବଶ୍ୟକୀୟ ସଂଶୋଧନ କରିବା ପରେ ପୁନଃ PRERANA ପୋର୍ଟାଲରେ login କରି ଆବେଦନକୁ lock କରିବେ।

c) ଯଦି ପ୍ରଦତ୍ତ ଆଧାର ନମ୍ବରଟି UIDAI ଦ୍ୱାରା INVALID/CANCELLED/SUSPENDED ଘୋଷିତ କରାଯାଇଛି, ତେବେ ନିକଟସ୍ଥ ଆଧାର ପଞ୍ଜୀକରଣ କେନ୍ଦ୍ରରେ ଆବଶ୍ୟକୀୟ ସଂଶୋଧନ କରିବା ପରେ PRERANA ପୋର୍ଟାଲରେ login କରି ନିର୍ଦ୍ଧାରିତ boxରେ ସଠିକ୍ ଆଧାର ପ୍ରଦାନ କରି ଆବେଦନକୁ ପୁନଃ lock କରିବେ।

PERSONAL DETAILS/AADHAAR ସୂଚନା PRERANA ପୋର୍ଟାଲରେ ସଂଶୋଧନ କରିବାର ଶେଷ ତାରିଖ ତା୨୦।୧୨।୨୦୧୯ ଅଟେ।

ସ୍ୱା./- ସ୍ୱତନ୍ତ୍ର ଶାସନ ସଚିବ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ

26001/11/0019/1920

ସରକାରୀ ଜମି ଜବରଦଖଲ ମୁକ୍ତ କରିବାକୁ ଦାବି

# ଜିଲାପାଳଙ୍କ ଦ୍ୱାରସ୍ଥ କୀର୍ତ୍ତିପୁରବାସୀ

ସୋନପୁର,୮।୧୧(ନି.ପ୍ର.)

ସୋନପୁର ତହସିଲ ଅନ୍ତର୍ଗତ କୀର୍ତ୍ତିପୁର ଗ୍ରାମରେ ଶତାଧିକ ଏକର ସରକାରୀ ଜମି ଜବରଦଖଲ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରି କି ସରକାରୀ ଜମିକୁ ନେଇ ଗ୍ରାମରେ ଗଣ୍ଡଗୋଳ ସୃଷ୍ଟି ହେବାର ଆଶଙ୍କା ରହିଛି । ଏନେଇ ଗ୍ରାମରେ ଥିବା ସରକାରୀ ଜମି ଚିହ୍ନଟ କରିବାକୁ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଅବସରରେ ଗ୍ରାମବାସୀ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡାଙ୍କୁ ପ୍ରଦାନ କରିଥିଲେ। ବଳଦେବ ବେଦ୍‌ବାକ୍‌ଙ୍କ ନେତୃତ୍ୱରେ କୁନୁ ଅମାତ, ଲବବାବୁ ମହାକୁର, ପ୍ରଶାନ୍ତ ବିଶ୍ୱାଳ, ଶଙ୍କର୍ଷଣ ଝାଙ୍କର, ମାକରୁ ପ୍ରଧାନ ପ୍ରମୁଖ ଅତିରିକ୍ତ ଜିଲାପାଳଙ୍କ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।



ଜବରଦଖଲ ଉଚ୍ଛେଦ ପାଇଁ ଗ୍ରାମବାସୀ ଜିଲାପାଳଙ୍କୁ ଭେଟିବାକୁ ଆସିଛନ୍ତି ।



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା।
- ଲେନିନ୍



## ସଂକ୍ଷେପରେ

### ମୃତ ଅଜଗର ଉଦ୍ଧାର

**ଲାଠୋର, ୮।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲାଠୋର ବନାଞ୍ଚଳ ଅଧୀନ ସଦର ଗ୍ରାମ ଲାନ୍ଥ ନଦୀ ନିକଟରୁ ଶୁକ୍ରବାର ସକାଳେ ବନ ବିଭାଗ ଏକ ମୃତ ଅଜଗର ସାପ ଉଦ୍ଧାର କରିଛି। ମିଳିଥିବା ସୂଚନା ମୁତାବକ, ଶୁକ୍ରବାର ସକାଳେ ଲାନ୍ଥ ନଦୀ ନିକଟରେ ଏକ ଅଜଗର ସାପ ମରି ପଡିଥିବା ବନ ବିଭାଗକୁ ଖବର ମିଳିଥିଲା। ଖବର ପାଇ ବନାଞ୍ଚଳ ଅଧିକାରୀ ପ୍ରଭାତୀ ସେଠଙ୍କ ସହ ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମୃତ ଅଜଗର ସାପ ଜବତ କରିଥିଲେ। ସାପଟି ୧୦ରୁ ୧୨ମାସର ହୋଇଥିବା ବେଳେ ୭ଫୁଟ ଲମ୍ବ ଓ ୫କେଜିରୁ ଊର୍ଦ୍ଧ୍ୱ ଓଜନ ଥିଲା ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଲାଠୋର ପ୍ରାଣିଧନ ଚିକିତ୍ସାଳୟରେ ସାପର ବ୍ୟବଚ୍ଛେଦ କରାଇ ବନ ବିଭାଗ ପକ୍ଷରୁ ପୋତି ଦିଆଯାଇଥିବା ଜଣାପଡିଛି। ଏନେଇ ବନ ବିଭାଗ ଏକ ମାମଲା(ନଂ ୧୫/୨୦୧୯-୨୦) ରୁଜୁ କରି ଅଧିକମ ତଦନ୍ତ ଚଳାଇଛି।

# ବୃନ୍ଦାବନ, ଶ୍ରୀରାମଙ୍କୁ ନିରାଶ କଲା ସ୍ୱାସ୍ଥ୍ୟ ବିଭାଗ

**ଲୋଇସିଂହା, ୮।୧୧(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଧୀନ ଦୁମଦୁମି ଗାଁର ପକ୍ଷାଘାତ ରୁଗୀ ବୃନ୍ଦାବନ କର୍ମୀ ଆର ମାନସିକ ରୁଗୀ ଶ୍ରୀରାମ ତାଙ୍କ ଖଟେ ପଡ଼ି ବଡ଼ା ଗୁଲ୍‌ଗୁଲା ହେଇ ଜୀବନ୍ ବିତଉଛନ୍। ଇ ବାବ୍‌ଦେ ୩ ଆର ୪ ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଟିକିନିଖିକୁ ଖବର ବାହାରିଥିଲା। ଉଭଏ ରୁଗୀକୁଁ ଉଧାର କରି ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜରେ ଚିକିଚ୍ଛା କରାଯିବା ବଲି ପରଶାସନ ତରଫୁ କୁହାଯାଇଥିଲା। ହେଲେ ଆଏଜ୍‌କେ ୩ ଦନ୍ ଦିନ ବିତିଯାଇଥିଲେ ବି ଥାନୀଅ ପରଶାସନ କି ସୁଆସ୍ତିଅ ବିଭାଗ ଇମାନକର ପାସେ ପୁହୁଁଚି ନାଇଁପାରି। ଏନ୍ତାଥି ଗାଁବାସୀ ୫ଟି ଗରିବ୍‌ଦୁଖିକର ଲାଗି ପର୍‌ହସନ ପାଲଟିଛେ ବଲି ଅଭିଯୋଗ କରିଛନ୍।

ପୂରବର ସୂଚନା ହିସାବେ, କୁଟେନପାଲି ପଁଚେତ ଅଧୀନ ଦୁମଦୁମି ଗାଁର ବୃନ୍ଦାବନ କର୍ମୀ(୬୧)। ସେ ଆଏଜ୍‌କେ ୪ ବଛର ହେଲା ପକ୍ଷାଘାତରେ ପୀଡ଼ିତ ହେଇ ଖଟେ ପଡ଼ି ରହିଛନ୍। ଚିକିଚ୍ଛା ଲାଗି ଲାଖେ ଟଁକା ଖରଚ୍ କରି ସରବ୍‌ସୁଆଁତ୍ ହେଇଛନ୍। ଏହେଦେ ସେ ଭଗବାନ ଭରସାରେ ଘରେ ପଡ଼ି ରହିଛନ୍। ଇଆଡ଼େ ପଁଚେତ୍ କତ୍ରୁପକ୍ଷକଁର ଖାମଖିଆଲି ମନଭାବ ଲାଗି ଭତାରୁ ବି ବଁଚିତ୍ ହେଇ ରହିଛନ୍। ଇ ବାବ୍‌ଦେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଖବର ବାହାରିଥିଲା। ଖବରକେ ନେଇ ସାମଜିକ କରମୀ ଦୀପା ବାରିକ ବଲାଙ୍ଗୀର ଜିଲାପଳ ଆର ମନ୍ତ୍ରୀ ଟୁକୁନି ସାହୁଙ୍କୁ ଟୁଇଟ କରି ବୃନ୍ଦାବନକଁର ଚିକିଚ୍ଛା ସାହାଯ୍ ଲାଗି ଗୁହାରି କରିଥିଲେ। ପକ୍ଷାଘାତ ରୁଗୀ ବୃନ୍ଦାବନକୁଁ ଉଧାର କରି ଚିକିଚ୍ଛା ଲାଗି ବଲାଙ୍ଗୀର ମେଡିକାଲରେ ଭରତି କରାଯିବ ବୋଲି ମେଡିକାଲ ଅଫିସର କଥା ଦେଇଥିବାର ଜିଲା ସମାଜିକ ସୁରକ୍ଷା ଅଧିକାରୀ ଟୁଇଟରରେ ଉତର ଫିରେଇଛନ୍। ସେନ୍ତା ଗାଁର ସ୍ୱର୍ଗତ କାଳିଆ ତାଙ୍ଗକଁର ବିଧବା ମାଏକିନା ଉଷା ଆର ମନାସିକ ରୋଗ୍‌ରେ ପୀଡ଼ିତ ପୁଓ ଶ୍ରୀରାମର ଅବସ୍ତା ଯେକେହି ଦେଖିଲେ ଆଁଖିଥୁ ଲହ ଝରିଯିବା। ଆଏଜ୍‌କେ ୩୦ ବଛର ହେଲା ୫୦ ବଛର ପୁଓ ମାନସିକ ରୋଗ୍‌ରେ ପୀଡ଼ିତ ଅଛେ। ଟଁକା ପଏସା ଅଭାବୁ ବୁଢ଼ି ମା' ପୁଓର ଚିକିଚ୍ଛା କରେଇ ନାଇଁପାରବାର। ମା'ପୁଓର ଅବସ୍ତା ଆର ଗୁଲ୍‌ଗୁଲା ବାବ୍‌ଦେ ଗଲା ୪ ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଖବର ବାହାରିଥିଲା। ଖବରକେ ସମାଜିକ କରମୀ ଦିବସ ସାହୁ ଟୁଇଟ କରି ଜିଲାପାଳ ଓ ମନ୍ତ୍ରୀ ଟୁକୁନି ସାହୁକଁର ଦୃରୁଷ୍‌ଟି ଆକରଷନ୍ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଟୁଇଟରର ଉତରରେ କହିଥିଲେ ଯେ, ଥାନୀଅ ମେଡିକାଲ ଅଫିସର ଶ୍ରୀରାମକୁଁ ଉଧାର କରି ଚିକିଚ୍ଛା ଲାଗି ବଲାଙ୍ଗୀର ମେଡିକାଲରେ ଭରତି କରବେ। ୪ନେ ଫାର୍ମାସିଷ୍ଟ ଆର ଆଶା କରମୀ ସେମାନକର ଘରମାନକେ ଯାଇ ଗାଡି ଆଏବା ତମକୁ ଡାକ୍ତରଖାନା ନେବା ବଲି କହିକରି ଆସିଥିଲେ। ଗୁରୁବାର ଉଭଏ ପରିବାର ସ୍ୱାସ୍ଥ୍ୟ ବିଭାଗକେ ଚାହିଁ ବସିଥିଲେ। ହେଲେ ବେଲବୁଡ଼ା ତକ୍ ଗଡି ନାଇଁ ଆଏଲା କି ସୁଆସ୍ତିଅ ବିଭାଗର କାହାରି ଦେଖାଦରଶନ ନାଇଁ ମିଲ୍‌ଲା। ଏନ୍ତାଥି ଗାଁବାସୀକର ଭିତରେ ଅସନ୍ତୋଷ ଭାବ୍ ଦେଖାଦେଇଛେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଲେଇ ନାନୀ**
**ବିଲେଇ କାମୁଡ଼େ ପଣତକାନି ।**

କିଛି ବ୍ୟକ୍ତି ନିହାତି ଓଲୁ ପ୍ରକୃତିର ହୋଇଥାନ୍ତି। ବୁଦ୍ଧିହୀନ, ନିର୍ବୋଧ, ଅଚତୁର ଲୋକଙ୍କୁ ଓଲୁ କୁହାଯାଏ। ତାଙ୍କ ଆଗରେ ଘଟୁଥିବା ଘଟଣା ବିଷୟରେ କିଛି ବି ସୁରାକ ବା ଟେର୍ ପାଇପାରି ନ ଥାନ୍ତି। ଅତି ଓଲୁ। ଏପରି ଓଲୁ ଯେ ନିଜ ପିନ୍ଧାଲୁଗାର ପଣତକାନି କିଏ କାଟିନେଲା ତାହା ସେ ଜାଣି ନ ପାରିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଓଲେଇ ମାଇକିନାର ଓଷା**
**ଉକୁଣି ମୁଣ୍ଡରେ ଖୋଷା ।**

ଓଷା, ବାର ବ୍ରତରେ ଉପବାସ ରଖିବାକୁ ପଡ଼ିଥାଏ। ଏହାକୁ ତ୍ୟାଗ ଓ ନିଷ୍ଠାର ସମୟ ବୋଲି ନ ଭାବି ଖାଦ୍ୟଗ୍ରହଣ କରିବା ଭଣ୍ଡାମି ହୋଇଥାଏ। ଧର୍ମକୁ ଆଖିଠାର ମାରିବା ସଦୃଶ ହୋଇଥାଏ। ଯିଏ ରୋଷେଇଶାଳରେ ରହି ପାଟିରେ ସର୍ବଦା କିଛି କିଛି ଖାଇ ଚାଲିଥାଏ ତା'ପାଇଁ ଉପବାସ ରଖିବାର ମୂଲ୍ୟ କିଛି ରହି ନ ଥାଏ। ସେହିପରି ମୁଣ୍ଡରେ ଉକୁଣି ଥିଲେ ସ୍ଥିର ଖୋଷା ପାରି ହୋଇ ନ ଥାଏ। ପ୍ରକାରାନ୍ତରେ ଏସବୁ ବୃଥା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଆର୍‌ଟିଓଙ୍କୁ ସ୍ମାରକପତ୍ର ଦେଲା ବିଜୁ ଛାତ୍ର ଜନତା

**ବରଗଡ଼ ଅଫିସ୍,୮।୧୧**

ଗାଡ଼ି ଚାଳନା ପାଇଁ ଆବଶ୍ୟକ ଲାଇସେନ୍ସ ପ୍ରସ୍ତୁତ ସକାଶେ ବରଗଡ଼ ଜିଲାର ବିଭିନ୍ନ କଲେଜରେ ସ୍ୱତନ୍ତ୍ର କ୍ୟାମ୍ପ କରିବାକୁ ବିଜୁ ଛାତ୍ର ଜନତା, ବରଗଡ଼ ଜିଲା ଶାଖା ଦାବି କରିଛି । ଏହି କ୍ରମରେ ବିଜୁ ଛାତ୍ର ଜନତାର ଏକ ପ୍ରତିନିଧି ଦଳ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ) କେଶବ ଚନ୍ଦ୍ର ନାୟକଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । କଲେଜରେ ସେଭଳି କ୍ୟାମ୍ପ କରାଗଲେ ଛାତ୍ରୀଛାତ୍ର ସହଜରେ ନିଜ ଲାଇସେନ୍ସ ପ୍ରସ୍ତୁତ କରିପାରିବେ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଆରଟିଓ ନାୟକ ସ୍ମାରକପତ୍ର ଗ୍ରହଣ କରି ସେଥିରେ ସହମତି ପ୍ରକାଶ କରିଥିବା ବିଜୁ ଛାତ୍ର ଜନତା ପକ୍ଷରୁ ସୂଚନା ଦିଆଯାଇଛି। ବିଜୁ ଛାତ୍ର ଜନତାର ଜିଲା ସଭାପତି କରନ ସିକନ୍ଦରଙ୍କ ନେତୃତ୍ୱରେ ଉପସଭାପତି ବିଦ୍ୟାଧର ଉର୍ମା, ସାଧାରଣ ସମ୍ପାଦକ ଭୂପତି ପ୍ରଧାନ, ସୌମ୍ୟରଞ୍ଜନ ବାରିକ, ଆଜାଦ ଦାଶ, ଆଶୀର୍ବାଦ ଦାଶ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।




ଆର୍‌ଟିଏଙ୍କୁ ବିଜୁ ଛାତ୍ର ଜନତାର ପ୍ରତିନିଧିମାନେ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।



ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

# ମା' ବନଦୁର୍ଗା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଅମରପାଲି,୮।୧୧(ଡି.ଏନ୍.ଏ,)**

ବୀରମହାରାଜପୁର ବ୍ଲକ ଅଧୀନ ପିତାମହୁଲଠାରେ ପ୍ରଥମ ୱାର୍ଡସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ କ୍ରୀଡାବିତ ପ୍ରଦୀପ ବଡ଼ିଆ ମୁଖ୍ୟଅତିଥି ଏବଂ ଶ୍ରୀନିବାସ ବଡ଼ିଆ, ବିଷ୍ଣୁ ଦନ୍ତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ ପିତାମହୁଲ ୱାର୍ଡ-୯ ଏବଂ ଟେଭାପଦର ୱାର୍ଡ- ୧୦ ମଧ୍ୟରେ ହୋଇଥିଲା । ଏଥିରେ ଟେଭାପଦର ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ପିତାମହୁଲ ୱାର୍ଡ- ୭ ଓ ଟେଭାପଦର- ୧୦ ମଧ୍ୟରେ ହୋଇଥିଲା । ଏଥିରେ ପିତାମହୁଲ ୱାର୍ଡ-୭ ପରାସ୍ତ ହୋଇଥିଲା । ଖେଳଗୁଡିକୁ ଶଙ୍କର ବଘାର, ସୁମନ୍ତ ମାଝି ଓ ସରଜୁ ସାହୁ ପରିଚାଳନା କରିଥିଲେ । ମକୁନ୍ଦ ଗେଜ ସ୍କୋରିଂ ଏବଂ ଦିବ୍ୟଲୋଚନ ଗଡୁଆ ଧାରାବିବରଣୀ ପ୍ରଦାନ କରିଥିଲେ।

# ବାଲିଯାତ୍ରା ପାଇଁ ଅସ୍ଥାୟୀ ପୋଲ

**ବରଗଡ଼ ଅଫିସ୍,୮।୧୧**

ବରଗଡ଼ ଜିଲା ଖୁଣ୍ଟପାଲି ବାଲିଯାତ୍ରା ମହୋତ୍ସବ ଆସନ୍ତା ୧୦ତାରିଖରୁ ଆରମ୍ଭ ହେବ। ଏଥିପାଇଁ ଜୋରସୋର୍‌ରେ ପ୍ରସ୍ତୁତି ଚାଲିଛି। ଜିରା ନଦୀ ବାଲୁକା ଶଯ୍ୟାରେ ଏହି ମହୋତ୍ସବ ହେବ। ଫଳରେ ମହୋତ୍ସବସ୍ଥଳୀକୁ ଯିବା ପାଇଁ ଆୟୋଜକଙ୍କ ପକ୍ଷରୁ ଅସ୍ଥାୟୀ ପୋଲ ନିର୍ମାଣ କରାଯାଉଛି। ପୋଲ ନିର୍ମାଣ ଦାୟିତ୍ୱରେ ଦୁର୍ବାଦଳ ମେହେର, ପ୍ରଫୁଲ୍ଲ ବେହେରା ପ୍ରମୁଖ ଅଛନ୍ତି। ସେହିପରି ଜଳନ୍ଧର ଦରବାର ଦାୟିତ୍ୱରେ ମନୋଜ ମହାପାତ୍ର, ଦେବରାଜ ଦେବତା ଓ ଗ୍ରାମବାସୀ ରହିଛନ୍ତି। ବାଲିଯାତ୍ରା ଅବସରରେ ୧୦ତାରିଖରେ ନୃତ୍ୟ ପ୍ରତିଯୋଗିତା, ୧୧ରେ ଅର୍କେଷ୍ଟ୍ରା, ୧୨ରେ ଅର୍କେଷ୍ଟ୍ରା ଓ ଓଡ଼ିଶୀ ନୃତ୍ୟ ଏବଂ ୧୩ରେ ଜଳନ୍ଧର ବଧ କାର୍ଯ୍ୟକ୍ରମ ଥିବା ସୂଚନା ଦିଆଯାଇଛି ।



ବାଲିଯାତ୍ରା ପାଇଁ ଅସ୍ଥାୟୀ ପୋଲ ନିର୍ମାଣ କରାଯାଉଛି ।

# ୧୧ରୁ ଟିକାକରଣ

**ବରଗଡ଼ଅଫିସ୍,୮।୧୧:** ଆସନ୍ତା ନଭେମ୍ବର ୧୧ତାରିଖରୁ ଡିସେମ୍ବର ୧୦ତାରିଖ ମଧ୍ୟରେ ଜାପାନୀ ଏନସେଫାଲାଇଟିସ ପ୍ରତିଷେଧକ ଟିକାକରଣ କାର୍ଯ୍ୟକ୍ରମ ରହିଛି। ବରଗଡ଼ ଜିଲାର ୩ଲକ୍ଷ ୧୮ହଜାର ୩୨୬ଜଣ ୧ବର୍ଷରୁ ୧୫ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ଏହି ଟିକା ଦିଆଯିବ । ଶୁକ୍ରବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପୁଷ୍ପାଂଶୁ ସାହୁ ଏହି ସୂଚନା ଦେଇଛନ୍ତି। ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ପରିବାର କଲ୍ୟାଣ) ଡା. ତହସିଲ ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ଉପସ୍ଥିତ ରହିଥିଲେ । ଟିକାକରଣ କାର୍ଯ୍ୟକ୍ରମରେ ୨୮୧ଜଣ ଭେକ୍ସିନେଟର, ୧୪୬୪ଜଣ ଆଶାକର୍ମୀ, ୨୮୫୦ଜଣ ଅଙ୍ଗନୱାଡ଼ିକର୍ମୀ ସାମିଲ ହେବେ ବୋଲି ସୂଚନା ଦିଆଯାଇଥିଲା ।

# ଶିଶୁ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**କଣ୍ଟାବାଞ୍ଜି,୮।୧୧(ଡି.ଏନ୍.ଏ.)**

କଣ୍ଟାବାଞ୍ଜି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ମୋଟ ୯୦୦ ଛାତ୍ରୀଛାତ୍ର ବିଭିନ୍ନ ଦଳ ମାଧ୍ୟମରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବାର୍ଷିକ କ୍ରୀଡ଼ାର ଉଦ୍‌ଯାପନୀ ଦିବସରେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ରାମଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଯୁବ ସାମାଜିକ କର୍ମୀ ଅଜୟ ଅଗ୍ରୱାଲ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା ସମିତି ସମ୍ପାଦକ ବ୍ରଜଶ୍ୟାମ ଗୁରୁ, ଉପସଭାପତି ସୁଷମା ମହାନନ୍ଦ, ଯୁଗ୍ମ ସମ୍ପାଦକ ଶୁଭେନ୍ଦୁ ମହାନ୍ତି, କୋଷାଧ୍ୟକ୍ଷ କୁବିହାରୀ ବେହେରା, ସୁଧିର ବେହେରା, ରମଣି ରଞ୍ଜନ ନାଗ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ର ସଭା ପରିଚାଳନା କରିଥିଲେ। ସମ୍ପାଦକ ବ୍ରଜଶ୍ୟାମ ଗୁରୁ ଧନ୍ୟବାଦ ଜ୍ଞାପନ କରିଥିଲେ।



ବିଗ୍ରହଙ୍କୁ ଅସ୍ଥାୟୀ ଗୃହକୁ ନେବା ପୂର୍ବରୁ ପୂଜାର୍ଚ୍ଚନା କରାଯାଉଛି।

## ଅସ୍ଥାୟୀ ଗୃହକୁ ସ୍ଥାନାନ୍ତର ହେଲେ ଶ୍ରୀଜୀଉ

# କଳାପଥରରେ ହେବ ନୂତନ ଜଗନ୍ନାଥ ମନ୍ଦିର

**ଅମରପାଲି,୮।୧୧(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅଧୀନ କଳାପଥରରେ ନିର୍ମିତ ହେବ ନୂତନ ଜଗନ୍ନାଥ ମନ୍ଦିର। ଏ ନେଇ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ଏପରି କି ନୂତନ ମନ୍ଦିର ନିର୍ମାଣ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏକ ନୂତନ କମିଟି ଗଠନ କରାଯାଇଛି। ସର୍ବସମ୍ମତି କ୍ରମେ ଅମ୍ବରିଶ ମହାକୁରଙ୍କୁ ସଭାପତି ଭାବେ ଚୟନ କରାଯାଇଛି । ଏହା ସହିତ ୨୧ଜଣିଆ କମିଟିର ମନୋନୟନରେ ୫ଜଣ ବରିଷ୍ଠ ସଭ୍ୟଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଛି। ପୁରାତନ ଜଗନ୍ନାଥ ମନ୍ଦିରକୁ ଭାଙ୍ଗି ସେଠାରେ ପୂଜା ପାଉଥିବା ବିଗ୍ରହଙ୍କୁ ଏକ ଅସ୍ଥାୟୀ ଗୃହକୁ ସ୍ଥାନାନ୍ତର କରାଯାଇଛି । ଅନ୍ୟପକ୍ଷେ ମନ୍ଦିରରେ ପୂଜାପାଠ ହୋମଯଜ୍ଞ କରାଯାଇଥିଲା। କର୍ତ୍ତା ଭାବେ ତ୍ରିଲୋଚନ ମହାକୁର କାର୍ଯ୍ୟ ସମ୍ପାଦନ କରିଥିଲେ। ଗ୍ରାମର ହୃଷୀକେଶ ରଥ, ଉମେଶ ପ୍ରସାଦ ରଥ, ଦ୍ୱିତିକୃଷ୍ଣ ପାଣିଗ୍ରାହୀ, ଗୌରହରି ମିଶ୍ର, ମାନଭଞ୍ଜନ ମିଶ୍ର, ପ୍ରଶାନ୍ତ ଶତପଥୀ, ସୁରୁବୁଡା ନନ୍ଦ ପ୍ରମୁଖ ବିଗ୍ରହଙ୍କୁ ସ୍ଥାନାନ୍ତରଣ କାର୍ଯ୍ୟ ସମ୍ପାଦନ କରିଥିଲେ । ବିଗ୍ରହ ସ୍ଥାନାନ୍ତରଣ ବେଳେ ସଂକୀର୍ତ୍ତନ୍ୟ, ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳିରେ ପରିବେଶ ପ୍ରକମ୍ପିତ ହୋଇଥିଲା । ନୂତନ ମନ୍ଦିର ହେବା ପର୍ଯ୍ୟନ୍ତ ଅସ୍ଥାୟୀ ଭାବରେ ଏକ ଘରେ ଶ୍ରୀଜିଉଙ୍କୁ ପ୍ରତ୍ୟହ ପୂଜା କରାଯିବ । ଗ୍ରାମର ରାକେଶ ମହାକୁର, ଦାଶରଥ ପଧାନ, ଅଙ୍ଗିରା ପଧାନ, ସମିତ ମହାକୁର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍ ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ
ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦ ଲକ୍ଷ, ଭଡ଼ା 60 ହଜାର + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ ।
7838639856
8826558929

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
MICRO FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8278449759
8901395759
B-34/7 A Block Vijay Enclave, Bururi, New Delhi

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

FINANCE

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ ସମସ୍ତ ପ୍ରକାର LOAN
BARSA FINANCE ଯୋଗାଇ ଦେଉଛି । ସୁଧ=1%
M = 7656825259 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1988ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

ଶୁଭଜନଲକ୍ଷ୍ମୀ ଫାଇନାନ୍ସ
ଗୃହ ଋଣ, ମାର୍କଶିଟ୍ ଋଣ, କୃଷି ଋଣ, ପର୍ସନାଲ ଋଣ, ଗ୍ରୁପ୍ ଋଣ, ମାତ୍ର 5 ବାର୍ଷିକ ସୁଧ ହାରରେ ।
ଯୋଗାଯୋଗ କରନ୍ତୁ
9899289162
9858323204
Dehradun, UK






DHARITRI Career appointment Every Wednesday and Saturday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସମସ୍ତଙ୍କ ଭିତରେ ତୁମେ ନିଜକୁ ଚିହ୍ନ। ଭଗବାନଙ୍କୁ ଭଲ ପାଅ। ଭଗବାନଙ୍କ ଗୁଣ କୀର୍ତ୍ତନ କର। ଯାହାର ବୋଝ ବୋହିପାରିବାର ସାମର୍ଥ୍ୟ ଅଛି, ସେହି ହିଁ କେବଳ ବୋଝ ବୋହିପାରିବ।

- ଗୁରୁ ନାନକ

## ସଂକ୍ଷେପରେ

### ଗଞ୍ଜେଇ ଚାଷ ନଷ୍ଟ କଲା ପୋଲିସ

ମନମୁଣ୍ଡା, ୮।୧୧ (ଡି.ଏନ.ଏ)

ମନମୁଣ୍ଡା ପୋଲିସ ଗୁରୁବାର ଶଗଡା ଫାଣ୍ଡି ଅନ୍ତର୍ଗତ ଗୁନ୍ଦୁଲିଆ ପଞ୍ଚାୟତ ତିଲପଙ୍ଗା ଜଙ୍ଗଲରେ ଚଢ଼ାଉ କରି ପ୍ରାୟ ୯୩.୨୫ ଏକର ପରିମିତ ଜାଗାରେ କରାଯାଇଥିବା ଗଞ୍ଜାଇ ଚାଷ (ଗଛ)କୁ ନଷ୍ଟ କରିଛି। ନଷ୍ଟ ହୋଇଥିବା ଗଞ୍ଜେଇ ଗଛ ଅମଳକ୍ଷମ ହୋଇଥିଲେ ଆନୁମାନିକ ମୂଲ୍ୟ ପ୍ରାୟ ୧୩ କୋଟି ୯୮ ଲକ୍ଷ ୭୫ ହଜାର ଟଙ୍କା ହୋଇଥାନ୍ତା ବୋଲି ଆଇଆଇସି ଗୋପୀନାଥ ପ୍ରଧାନ କହିଛନ୍ତି । ଏ ନେଇ ମନମୁଣ୍ଡା ଥାନାରେ ଏକ ମାମଲା (ନଂ.୧୭୫/୧୯) ରୁଜୁ ହୋଇଛି । ବୌଦ୍ଧ ଏସପି ଜି. ରଘୁନାଥ ରାଓଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ସାଲେଷ୍ଟାଇନ ଟିଗ୍ଗାଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା ।

### ଝାଡ଼ାବାନ୍ତିରେ ଜଣେ ମୃତ

ଗାଇସିଲେଟ୍,୮।୧୧(ଡି.ଏନ.ଏ)

ବରଗଡ଼ ଜିଲା ଗାଇସିଲେଟ୍‌ରେ ଗତ କିଛିଦିନ ହେଲା ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି । ଡାକ୍ତରୀ ଟିମ୍ ଗ୍ରାମକୁ ପହଞ୍ଚି ଚିକିତ୍ସା ତଥା ପ୍ରତିଷେଧକ ବ୍ୟବସ୍ଥା କରିଛନ୍ତି। ତଥାପି ତାହା ନିୟନ୍ତ୍ରଣ ହୋଇ ନ ଥିବା ଅଭିଯୋଗ ହୋଇଛି। ଟ୍ୟାଙ୍କର ଯୋଗେ ଯୋଗାଇ ଦିଆଯାଉଥିବା ପାଣି ଦୂଷିତ ହୋଇଥିବାରୁ ସେଭଳି ପରିସ୍ଥିତି ଉପୁଜିଥିବା ଗ୍ରାମବାସୀ କହିଛନ୍ତି । ଇତିମଧ୍ୟରେ ଗ୍ରାମର ଅଞ୍ଜଳୀ ବରିହା(୧୬), ଝୁମା ବରିହା(୧୭), ବେଲମତୀ ବରିହା(୪୫), ତପସ୍ୱିନୀ ସାହୁ(୫୦), ରଇବାରୀ ବରିହା(୪୫), ଦଶମୀ ବରିହା(୧୮), ସାହେବ ବରିହା(୩୫), ଦଲଗଞ୍ଜନ ସିଂ(୫୫), ଭାନୁମତୀ ସାହୁ(୬୦), ବଲରାମ ବରିହା(୬୦), ପ୍ରେମଲତା ପୁରୋହିତ(୬୦) ଏଥିରେ ଆକ୍ରାନ୍ତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ସାହେବ, ଦଲଗଞ୍ଜନ ଏବଂ ଭାନୁମତୀଙ୍କୁ ଗାଇସିଲେଟରୁ ପଦ୍ମପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ଅବସ୍ଥା ଗୁରୁତର ହେବାରୁ ଦଲଗଞ୍ଜନଙ୍କୁ ପଦ୍ମପୁରରୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା ଏବଂ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସେହିପରି ପ୍ରେମଲତାଙ୍କୁ ପଦ୍ମପୁରରୁ ବଲାଙ୍ଗୀର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଉକ୍ତ ବ୍ଲକର ଶରଧାପାଲି ପଞ୍ଚାୟତ ଅନ୍ତର୍ଗତ ଉମରାଡ଼ ଗ୍ରାମର ୨୦ଜଣ ମଧ୍ୟ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି । ସେଠାରେ ଏକ ଡାକ୍ତରୀ ଟିମ କ୍ୟାମ୍ପ କରି ଆକ୍ରାନ୍ତଙ୍କ ଚିକିତ୍ସା କରୁଛନ୍ତି। ଗାଇସିଲେଟରେ ଡା. କୁମ୍ଭପାଣି ଦାଶ, ଲକ୍ଷ୍ମୀଧର ବେହେରା ପ୍ରମୁଖ ଚିକିତ୍ସା କରୁଥିବାବେଳେ ଉମରାଡ଼ରେ ସ୍ୱାସ୍ଥ୍ୟକର୍ମୀ ସଦାନନ୍ଦ ପ୍ରଧାନ, ପ୍ରଦୀପ ତ୍ରିପାଠୀ, କବିରାଜ ବେହେରା ଚିକିତ୍ସା କରୁଛନ୍ତି ।

# ଧାନକିଣା ଆରମ୍ଭ ନ ହେଉଣୁ ଆନ୍ଦୋଳନ

- ଜିଲାପାଳ ଅଫିସ ଆଗରେ ଚାଷୀଙ୍କ ଧାରଣା, ବିକ୍ଷୋଭ
- ଟୋକନ ବ୍ୟବସ୍ଥା ଉଚ୍ଛେଦ ଦାବି ଜୋର୍ ଧରିଲା
- ସ୍ମାରକପତ୍ରରେ ପୁଣି ଆନ୍ଦୋଳନ ଚେତାବନୀ

ବରଗଡ଼ ଅଫିସ୍,୮।୧୧

ବରଗଡ଼ ଜିଲାରେ ଗତ ୨ ସପ୍ତାହ ତଳୁ ଧାନ ଅମଳ କାର୍ଯ୍ୟ ଜୋର୍ ଧରିଛି। ହେଲେ ଧାନ ସଂଗ୍ରହ ପାଇଁ ମଣ୍ଡି ଖୋଲିନାହିଁ । ଆସନ୍ତା ୧୦ତାରିଖରେ ମଣ୍ଡି ଖୋଲି ଧାନ କିଣାବିକା ଚାଲିବ ବୋଲି ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ମାତ୍ର ପୂର୍ବ ନିଷ୍ପତ୍ତିକୁ ବଦଳାଇ ଆସନ୍ତା ୧୫ତାରିଖରୁ ଧାନ କିଣାବିକା ହେବ ବୋଲି ପ୍ରଶାସନ ପୁନଃ ନିଷ୍ପତ୍ତି ନେଇଛି । ଅନ୍ୟପଟେ ଧାନ ସଂଗ୍ରହ ଆରମ୍ଭ ନ ହେଉଣୁ ଚାଷୀ ଆନ୍ଦୋଳନ ତେଜି ଉଠିଛି। ଶୁକ୍ରବାର ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ଅତାବିରା ବ୍ଲକ ଶାଖା ପକ୍ଷରୁ ୫ ଦଫା ଦାବି ନେଇ ଜିଲାପାଳ ଅଫିସ ଆଗରେ ବିକ୍ଷୋଭ ସହିତ ଧାରଣା ଦିଆଯାଇଥିଲା। ଜିଲା ଯୋଗାଣ ଅଧିକାରୀ ଶ୍ରୀକର ମାଝି ସେଠାକୁ ପହଞ୍ଚିଥିଲେ ଏବଂ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଚାଷୀଙ୍କଠାରୁ ସ୍ମାରକପତ୍ର ଗ୍ରହଣ କରିଥିଲେ ।

ବରଗଡ଼ ଜିଲାର ହୀରାକୁଦ ଜଳସେଚିତ ଅଞ୍ଚଳରେ ଅକ୍ଟୋବର ୧୫ତାରିଖରୁ ଧାନ ଅମଳ ଆରମ୍ଭ ହୋଇ ଡିସେମ୍ବର ୩୧ତାରିଖ ପର୍ଯ୍ୟନ୍ତ ଚାଲିଥାଏ। ଏହି କ୍ରମରେ ଜିଲାରେ ଧାନ ଅମଳ କାର୍ଯ୍ୟ ଜୋରସୋର୍‌ରେ



ବରଗଡ଼ ଜିଲାପାଳ ଅଫିସ ଆଗରେ ଚାଷୀଙ୍କ ଧାରଣା ।

ଚାଲିଛି। ମାତ୍ର ଏପର୍ଯ୍ୟନ୍ତ ଧାନ କିଣାବିକା ପାଇଁ ମଣ୍ଡି ଖୋଲାଯାଇନାହିଁ। ଫଳରେ ଆସନ୍ତା ୧୦ତାରିଖରେ ମଣ୍ଡି ଖୋଲିବା ପାଇଁ ସୁନିଶ୍ଚିତ କରିବାକୁ ଦାବି ହୋଇଛି । ସେହିପରି ପଞ୍ଜିକୃତ ଚାଷୀଙ୍କ ସମସ୍ତ ଧାନକୁ ଡିସେମ୍ବର ୩୧ତାରିଖ ସୁଦ୍ଧା କିଣିବାକୁ ଦାବି ହୋଇଛି । ଅପରପକ୍ଷେ ଏଥର ଧାନ ସଂଗ୍ରହ ପ୍ରକ୍ରିୟାରେ କରାଯାଇଥିବା ଟୋକନ ବ୍ୟବସ୍ଥା ନିଷ୍ପତ୍ତିକୁ ଚାଷୀ ସଙ୍ଗଠନ ବିରୋଧ କରିଛି। ଏହି ବ୍ୟବସ୍ଥାକୁ ତୁରନ୍ତ ପ୍ରତ୍ୟାହାର କରାଯାଇ ପୂର୍ବବର୍ଷ ମାନଙ୍କରେ ଚାଲିଥିବା ବ୍ୟବସ୍ଥା ଜାରି ରଖାଯାଉ ବୋଲି ଦାବି ହୋଇଛି। ସେହିପରି ଧାନ କିଣାବିକା ପାଇଁ ଯୋଗାଣ ବିଭାଗ ବସ୍ତା ଯୋଗାଇ ଦେବା ପାଇଁ ଦାବି ହୋଇଥିବାବେଳେ ଚାଷୀ ପଞ୍ଜୀକରଣ, ତ୍ରୁଟି ସଂଶୋଧନ ପାଇଁ ଆହୁରି ୧୫ଦିନ ସମୟ ଦେବାକୁ ଚାଷୀ ସଂଗଠନ ଦାବି କରିଛି ।

ଉପରୋକ୍ତ ଦାବି ନେଇ ଚାଷୀମାନେ ଜିଲାପାଳ ଅଫିସ ଆଗରେ ଧାରଣାରେ ବସିଥିଲେ ସୁଦ୍ଧା ଦୀର୍ଘ ସମୟ ଧରି ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ନ ଥିଲେ। ଏହାକୁ ନେଇ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଥିଲା । ଏପରିକି ଚାଷୀମାନେ ଘେରାଉ ପାଇଁ ଜିଲା ଯୋଗାଣ ଅଧିକାରୀଙ୍କ ଅଫିସ ମୁହାଁ ହୋଇଥିଲେ । ପରେ ଜିଲା ଯୋଗାଣ ଅଧିକାରୀ ମାଝି ସେଠାକୁ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଆଲୋଚନାକାଳରେ ଟୋକନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଉଚ୍ଛେଦ ସହିତ ଆସନ୍ତା ୧୧ତାରିଖରୁ ମଣ୍ଡି ଗୁଡ଼ିକୁ ଖୋଲାଯାଇ ଚାଷୀଙ୍କ ଧାନ ଗ୍ରହଣ କରାଯିବା ପାଇଁ ଚାଷୀମାନେ ଜିଲା ଯୋଗାଣ ଅଧିକାରୀଙ୍କୁ ରୋକ୍‌ଠୋକ୍ ଶୁଣାଇ ଦେଇଥିଲେ। ଏହା କରା ନ ଗଲେ ଆଗକୁ ଆନ୍ଦୋଳନ ଆହୁରି ବ୍ୟାପକ ହେବ ବୋଲି ଚାଷୀମାନେ ଚେତାବନୀ ଦେଇଥିଲେ । ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ଅତାବିରା ବ୍ଲକ ଶାଖାର ସଭାପତି କୌସ୍ତୁଭ ପ୍ରଧାନ, ସମ୍ପାଦକ ରବୀନ୍ଦ୍ର ନାଥ ବିଶି, ବିରେନ୍ଦ୍ର କର, ଜିଲା କୃଷକ ସଙ୍ଗଠନ ସମନ୍ୱୟ ସମିତିର ସମ୍ପାଦକ କିଶୋର ଦେବତା, ଲକ୍ଷ୍ମଣ ପ୍ରଧାନ ପ୍ରମୁଖ ଏହାର ନେତୃତ୍ୱ ନେଇଥିବାବେଳେ ଅତାବିରା ବ୍ଲକର ଶତାଧିକ ଚାଷୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

## ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ସରଣ୍ଡା/ଜାମଟିକ୍ରା, ୮।୧୧ (ଡି.ଏନ.ଏ)

ଅତାବିରା ନୋଡାଲ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତାବିରା ବ୍ଲକ ଅଧୀନ ୧୪ଟି କ୍ଲଷ୍ଟରରୁ ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସମେତ ସିଆରସିସିମାନେ ପ୍ରତିଯୋଗିତା ପରିଚାଳନା କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ରାଜାରାମ ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବରଗଡ ଡିପିସି ସୁଶାନ୍ତ ଚୌପଦାର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଲୁକ୍କାୟିତ ପ୍ରତିଭାର ବିକାଶ ସୁରଭି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ହେଉ ବୋଲି ମୁଖ୍ୟଅତିଥି ମତ ଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜକିଶୋର ପୂଜାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟଅତିଥି ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ହିମାଂଶୁ ଶେଖର ସ୍ୱାଗତ ଭାଷଣ ଦେଇଥିଲେ। ଉଦଯାପନୀ ଉତ୍ସବରେ ଅତାବିରା ବିଡିଓ ପ୍ରଣବ କୁମାର ଚାନ୍ଦ ଯୋଗ ଦେଇଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ବିଇଓ ମେହେରଙ୍କଠାରୁ ସୂଚନା ମିଳିଛି ।

# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ



ଶିଶୁମାନେ କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇଛନ୍ତି ।

ମନମୁଣ୍ଡା, ୮।୧୧ (ଡି.ଏନ.ଏ)

ମନମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ବିଂଶତମ ବାର୍ଷିକ କ୍ରୀଡା ଉତ୍ସବ ଉଦଘାଟିତ ହୋଇଯାଇଛି । ଏଥିରେ ସ୍ଥାନୀୟ ସରପଞ୍ଚ ମିନାକ୍ଷୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଉତ୍କଳ ଗ୍ରାମୀଣ ବ୍ୟାଙ୍କର ଶାଖା ପରିଚାଳକ ପାଣ୍ଡବ ବଗର୍ତ୍ତି ସମ୍ମାନିତ ଅତିଥି ଥିଲେ। ସଭାପତି ସତ୍ୟନାରାୟଣ ପାଣିଗ୍ରାହୀ, ଉପସଭାପତି ସୁରେଶ ଚନ୍ଦ୍ର ଦେହୁରୀ, କୋଷାଧ୍ୟକ୍ଷ ପ୍ରଜୀଣା ପାଢ଼ୀ, ସଦସ୍ୟ ବିଭୀଷଣ ଭୁକ୍ତା, ସଦସ୍ୟା ଜୟନ୍ତୀ ବେଜ, ନିମନ୍ତ୍ରିତ ସଦସ୍ୟ ଲକ୍ଷ୍ମୀନାରାୟଣ ମହାନ୍ତି ଉପସ୍ଥିତ ଥିଲେ। ପ୍ରଧାନଆଚାର୍ଯ୍ୟ ଅଶୋକ କୁମାର ବଡମାଳୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସିନ୍ଧୁସୂତା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା, ଶାରିରୀକ ପ୍ରମୁଖ ନେପାଳ ଭୋଇ କ୍ରୀଡା ପରିଚାଳନା କରିଥିଲେ । ପ୍ରମୋଦ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶିଶୁମାନଙ୍କ ମଧ୍ୟରେ ବିଭିନ୍ନ ଖେଳ ପ୍ରତିଯୋଗିତା ହୋଇଥିଲା।

## ଜାଣ୍ଡୋଲ, ଚିଚିଣ୍ଡା ବିଜୟୀ

ବରଗଡ଼ ଅଫିସ୍,୮।୧୧

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ଶୁକ୍ରବାର ଅନୁଷ୍ଠିତ ମ୍ୟାଚ ଗୁଡ଼ିକରେ ଜାଣ୍ଡୋଲ ଏବଂ ଚିଚିଣ୍ଡା ପ୍ରତିପକ୍ଷ ଦଳଗୁଡ଼ିକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ଜାଣ୍ଡୋଲ ଓ ରୋହିଣିଆ ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ଏଥିରେ ଜାଣ୍ଡୋଲ ୩-୦ ଗୋଲରେ ବିଜୟୀ ହୋଇଥିଲା । ଜାଣ୍ଡୋଲର ସନୟ ସେଠ ଗୋଟିଏ ଏବଂ ଲିଙ୍ଗରାଜ ଭୁଏ ଦୁଇଟି ଗୋଲ ସ୍କୋର କରିଥିବାବେଳେ ପ୍ରତିପକ୍ଷ ଦଳର ଖେଳାଳିମାନେ ଗୋଲ ସ୍କୋର କରି ପାରି ନ ଥିଲେ । ସେହିପରି ଚିଚିଣ୍ଡା ଓ କନବାର ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ହୋଇଥିଲା। ଏଥିରେ ଚିଚିଣ୍ଡା ୩-୦ ଗୋଲରେ ବିଜୟୀ ହୋଇଥିଲା । ପ୍ରଦୀପ ଭୋଇ, ନାରାୟଣ ପଣ୍ଡା, ଉମେଶ ଭୋଇ, ଅଶ୍ୱିନୀ ମେହେର, ସନ୍ତୋଷ ପ୍ରଧାନ, ରଞ୍ଜୁ ଛତ୍ରିଆ, ସୁରେଶ ଦାଶ, ମନୋଜ ଭୂୟାଁ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ ।

# କୈଳାସୀ ଲୋକ ମହୋତ୍ସବ



ଲୋକ ମହୋତ୍ସବ ମଞ୍ଚରେ ଉପସ୍ଥିତ ଅତିଥି ।

ଜାମଟିକ୍ରା, ୮।୧୧ (ଡି.ଏନ.ଏ)

ଲୋକ ସଂସ୍କୃତି ଓ ଲୋକ ପରମ୍ପରାକୁ ବଞ୍ଚାଇ ରଖିବା ଉଦ୍ଦେଶ୍ୟରେ ଶୁକ୍ରବାର ଅତାବିରା ବ୍ଲକ ଅନ୍ତର୍ଗତ କୁଲୁଣ୍ଡା ଗ୍ରାମର ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ମାଁ କୈଳାସୀ ସାଂସ୍କୃତିକ ଓ କ୍ରୀଡା ପରିଷଦ ଏବଂ ଗ୍ରାମବାସୀଙ୍କ ଉଦ୍ୟମରେ କଳାସୀ ଲୋକମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ମହୋତ୍ସବକୁ ଉଦଘାଟନ କରିଥିଲେ ମୁଖ୍ୟଅତିଥି ଏମ୍‌ପି ସୁରେଶ ପୂଜାରୀ। ଏହି ଲୋକ ମହୋତ୍ସବ ମଞ୍ଚରେ ବରଗଡ ଜିଲା ଧନୁଯାତ୍ରା କମିଟିର ଆବାହକ ସୁରେଶ୍ୱର ଶତପଥି, ସ୍ଥାନୀୟ ସରପଞ୍ଚ ସବିତା ଦୀପ, କୁଶ କୁମ୍ଭାର ଓ ସୁଶାନ୍ତ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁଦାମ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଲୋକ ମହୋତ୍ସବ କମିଟି ସଭାପତି ପ୍ରମୋଦ ରଥ, ସମ୍ପାଦକ ରାଧେଶ୍ୟାମ ପ୍ରଧାନ ଉପସ୍ଥିତ ଥିଲେ। ଏହି ମହୋତ୍ସବରେ କୁରେଫୁଲ ସାଂସ୍କୃତିକ ଅନୁଷ୍ଠାନ ଅତାବିରା, ଟୋପ ସାଂସ୍କୃତିକ ଅନୁଷ୍ଠାନ, ସ୍ୱର ଝଙ୍କାର ଲାଉମୁଣ୍ଡା ଓ ସୌମ୍ୟାଶ୍ରୀ ସୁରେଖା ନୃତ୍ୟ ପରିବେଷଣ କରିଥିଲେ। ସଞ୍ଜୟ ରଥ, ବିବେକା ପଧାନ ଏବଂ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଜର୍ଜ ହାଇସ୍କୁଲରେ ଛାତ୍ରାବାସ ଉଦ୍‌ଘାଟିତ



ମୁଖ୍ୟଅତିଥି ଛାତ୍ରାବାସ ଉଦଘାଟନ କରୁଛନ୍ତି ।

ବରଗଡ଼ ଅଫିସ୍,୮।୧୧

ବରଗଡ଼ ପୌର ପରିଷଦ ଅନ୍ତର୍ଗତ ଜର୍ଜ ହାଇସ୍କୁଲ ପରିସରରେ ୨୦୦ ଶଯ୍ୟା ବିଶିଷ୍ଟ ଅନୁସୂଚୀତ ଜନଜାତି ଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ଛାତ୍ରାବାସ ଶୁକ୍ରବାର ଉଦଘାଟିତ ହୋଇଛି। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଅମୃତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ବିରେନ୍ଦ୍ର ଦାଶ, ଅମୃତଲାଲ ବେହେରା, ମଧୁସ୍ମିତା ଦାଶ, ସୁରେଶ ଦାଶ, ସାଧନା ସାହୁ, ପଦ୍ମୟା ପତି ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଶିକ୍ଷକ ଡୋଲାମଣି ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ପଞ୍ଚାୟତ କଲାନି, ଗୋଟିଏ ପରିବାର ସଫା କଲେ ନର୍ଦ୍ଦମା

ମନମୁଣ୍ଡା, ୮।୧୧ (ଡି.ଏନ.ଏ)

ବୌଦ୍ଧ ବ୍ଲକ ଶଗଡା ପଞ୍ଚାୟତ ସଦର ମହକୁମାର ନର୍ଦ୍ଦମା ସଫା ଓ ନାଳି ଖୋଳା କାମ ପଞ୍ଚାୟତ ନ କରିବାରୁ ଗୋଟିଏ ଦଳିତ ପରିବାର ୩ ଜଣ ସେହି କାମକୁ କରିଛନ୍ତି । ଗାଁ ହାଟପଦା ଜନଗହଳି ଜାଗାରେ ଏକ ନଳକୂଅ ରହିଛି । ଆଜକୁ ପ୍ରାୟ ୧୫ ବର୍ଷ ହେବ ଉକ୍ତ ନଳକୂଅର ପାଣି ରାସ୍ତା ମଝିରେ ବୋହିଆସି ରାସ୍ତାକୁ କର୍ଦ୍ଦମାକ୍ତ ଓ ପରିବେଶକୁ ଦୁର୍ଗନ୍ଧ କରୁଥିଲା । ସ୍କୁଲ ପିଲାମାନେ ଯାଆସ କରିବା ବେଳେ ଅସୁବିଧାର ସମ୍ମୁଖୀନ ହେଉଥିଲେ । ପାଣି ଜମା ହୋଇ ଦୁର୍ଗନ୍ଧ ହେଉଥିଲା ବେଳେ ମଶା, ମାଛିଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳିଥିଲା । ଶଗଡାର ଏକ ଦଳିତ ପରିବାରର ରମେଶ ମିର୍ଦ୍ଧା, ଦୁଃଶାସନ ବେହେରା ଏବଂ ଭୋଲା ବେହେରା ନାଳୀକୁ ସଫା କରିବା ସହ ଜଳ ନିଷ୍କାସନ ପାଇଁ ମାଟି ଖୋଳି ନାଳ ନିର୍ମାଣ କରିଛନ୍ତି।



ଲୋକମାନେ ନାଳୀ ସଫା କରୁଛନ୍ତି ।

# ଶିଶୁ ଉନ୍ମୋଚନ କଲେ ଶିଶୁ ପତ୍ରିକା

ବରଗଡ଼ ଅଫିସ୍,୮।୧୧

ବରଗଡ଼ ରାଣାପ୍ରତାପ ହାଇସ୍କୁଲ ପରିସରରେ ଭାରତୀ ଶିଶୁ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଯୁଗୋପଯୋଗୀ ଶିଶୁ ପତ୍ରିକା ସୁବର୍ଣ୍ଣ ଦୀପର ଦୀପାବଳି ସଂସ୍କରଣ ଉନ୍ମୋଚିତ ହୋଇଛି । ଛାତ୍ରୀମାନେ ଏହାକୁ ଉନ୍ମୋଚନ କରିଥିଲେ । ଏକ ସ୍ୱତନ୍ତ୍ର ଉତ୍ସବରେ ଛାତ୍ରୀ ଆଦ୍ୟାଶା ମିଶ୍ର, ସୌମ୍ୟା ରଥ, ସିମରନ ମାହାଲିକ ପ୍ରମୁଖଙ୍କ ଦ୍ୱାରା ତାହା ଉନ୍ମୋଚନ ହୋଇଥିଲା। ପତ୍ରିକାରେ ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ, ଲେଖା ଆଦି ପ୍ରକାଶନ ହୋଇଥିବା ଯୋଗୁ ଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା ।

# ଗୋରୁଙ୍କ ବାସସ୍ଥଳୀ ପାଲଟିଛି ତେଲନଦୀ ପୋଲ

କନ୍ଧମାଳ,୮।୧୧(ଡି.ଏନ.ଏ)

ବୌଦ୍ଧ ଜିଲା ମନମୁଣ୍ଡା-ସୋନପୁର ତେଲନଦୀ ପୋଲ ଗୋରୁଙ୍କ ବାସସ୍ଥଳ ପାଲଟିଛି । ପ୍ରତ୍ୟହ ଶହ ଶହ ଗାଈ, ବାଛୁରୀ ଓ ବଳଦ ଏହି ପୋଲ ରାସ୍ତା ଅବରୋଧ କରୁଥିଲେ ମଧ୍ୟ ପୋଲିସ ଓ ପୂର୍ତ୍ତ ବିଭାଗ ନୀରବ ଦ୍ରଷ୍ଟା ସାଜିଛି। କେବଳ ଦିନ ନୁହଁ ରାତି ସମୟରେ ମଧ୍ୟ ପୋଲ ଉପରେ ଗାଈ, ବାଛୁରୀ ଓ ବଳଦ ଶୋଇ ରହୁଛନ୍ତି । ମନମୁଣ୍ଡା-ସୋନପୁର ତେଲନଦୀର ପୋଲ ଖୋର୍ଦ୍ଧା-ବଲାଙ୍ଗୀର ଭଳି ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ରାଜପଥ ମଧ୍ୟରେ ରହିଛି। ଏହି ବାଟ ଦେଇ କେବଳ ବଲାଙ୍ଗୀର ନୁହେଁ, କଳାହାଣ୍ଡି ଓ କୋରାପୁଟ ଜିଲାରୁ ରାଜଧାନୀକୁ ପ୍ରତ୍ୟହ ଶତାଧିକ ଘରୋଇ ଓ ସରକାରୀ ବସ୍, ଟ୍ରକ ଓ ଅନ୍ୟାନ୍ୟ ଚାରିଚକିଆ ଯାନ ଚଳାଚଳ କରୁଛି। ବୌଦ୍ଧ ଜିଲା କନ୍ଧମାଳ ଅଞ୍ଚଳର ଲୋକ ସ୍ୱାସ୍ଥ୍ୟସେବା ଓ ବ୍ୟବସାୟିକ ଦୃଷ୍ଟିରୁ ସୋନପୁର ଉପରେ ନିର୍ଭର କରୁଥିବାରୁ ମନମୁଣ୍ଡା ପଟରୁ ମଧ୍ୟ ପ୍ରତ୍ୟହ ଶହ ଶହ ଯାନବାହନ ଯାତାୟତ କରୁଛି । ତେବେ ଏହି ଗୋରୁ ପୋଲ ଉପରେ ଶୋଇ ରହୁଥିବାରୁ ଦୁର୍ଘଟଣାର କାରଣ ହେଉଛନ୍ତି । ତେଲନଦୀ ପୋଲର ମନମୁଣ୍ଡା ପଟର ଶେଷ ଯାଏ ସୁବର୍ଣ୍ଣପୁର ଜିଲାର ପୂର୍ତ୍ତ ବିଭାଗ ଓ ପୋଲିସ ଅଧୀନରେ ରହିଛି। କାରଣ ଏହାପରେ ବୌଦ୍ଧ ଜିଲାର ସୀମା ଆରମ୍ଭ ହୋଇଛି। ସେଥିପାଇଁ କୌଣସି ଦୁର୍ଘଟଣା କିମ୍ବା ଅନ୍ୟ କାରଣରେ ସୋନପୁର ପୋଲିସ ତତ୍ପରତା ଦେଖାଉଥିବା ସ୍ଥଳେ ଏହି ଗୋରୁଙ୍କ ଅବରୋଧ ନେଇ ନୀରବ ରହୁଛି । ବୌଦ୍ଧ ଜିଲାର ପୋଲିସ ଓ ପୂର୍ତ୍ତ ବିଭାଗ ମଧ୍ୟ ନିଜ ଅଞ୍ଚଳ ନୁହେଁ ଭାବି କୌଣସି ପଦକ୍ଷେପ ନେଉନାହିଁ । ଫଳରେ ଏହି ଗୋରୁଙ୍କ ମାଲିକମାନେ ରାସ୍ତାରେ ତାଙ୍କ ଗାଈ, ବାଛୁରୀ ଓ ବଳଦଙ୍କୁ ଛାଡି ଦେଇଛନ୍ତି । ମଶା ଡାଆଁଶ ଦାଉରୁ ରକ୍ଷା ପାଇଁ ଏହି ଗାଈ, ବାଛୁରୀ ଓ ବଳଦ ତେଲନଦୀର ପୋଲ ଉପରେ ଆଡ୍ଡା ଜମାଇ ରହୁଛନ୍ତି ।



ମନମୁଣ୍ଡା-ସୋନପୁର ତେଲନଦୀ ପୋଲ ଉପରେ ଗୋରୁ ରହିଛନ୍ତି ।



ସମସ୍ତଙ୍କ ଭିତରେ ତୁମେ ନିଜକୁ ଚିହ୍ନ। ଭଗବାନଙ୍କୁ ଭଲ ପାଅ।
ଭଗବାନଙ୍କ ଗୁଣ କୀର୍ତ୍ତନ କର। ଯାହାର ବୋଝ ବୋହିପାରିବାର
ସାମର୍ଥ୍ୟ ଅଛି, ସେହି ହିଁ କେବଳ ବୋଝ ବୋହିପାରିବ।
- ଗୁରୁ ନାନକ



## ସଂକ୍ଷେପରେ

### ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ୨୯କୁ ବୃଦ୍ଧି

ବୌଦ୍ଧ, ୮।୧୧(ସ୍ୱ.ପ୍ର)
ପଶ୍ଚିମ ଓଡିଶାରେ ହାଇକୋଟ ସ୍ଥାୟୀ ବେଞ୍ଚ ଓ ବୌଦ୍ଧ ଜିଲାକୁ ସମ୍ବଲପୁର ରାଜସ୍ୱ ଆୟୁକ୍ତ ଅଧୀନରେ ସାମିଲ ନେଇ ବୌଦ୍ଧ ଜିଲା ଓକିଲ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ ଆସନ୍ତା ୨୯ ତାରିଖକୁ ବୃଦ୍ଧି କରିଛି । ଏ ନେଇ ଗୁରୁବାର ଜିଲା ଓକିଲ ସଂଘ ସଭାପତି ତାରେଣୀ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଓକିଲ ସଂଘ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଓ ବୌଦ୍ଧ ଜିଲାକୁ ସମ୍ବଲପୁର ରାଜସ୍ୱ ଆୟୁକ୍ତ ଅଧୀନରେ ସାମିଲ ନେଇ ପୂର୍ବରୁ ବହୁବାର ରାଜ୍ୟ ସରକାରଙ୍କ ପାଖରେ ଦାବି ହୋଇ ଆସୁଥିବା ବେଳେ ସରକାର ଏଥିପ୍ରତି କୌଣସି ପଦକ୍ଷେପ ନେଉନାହାନ୍ତି। ଫଳରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁ ରଖିବାକୁ ସଂଘର ସମସ୍ତ ସଦସ୍ୟ ମତ ଉପସ୍ଥାପନ କରିଥିଲେ। ଏହି ବୈଠକରେ ଓକିଲ ସଂଘର ସମ୍ପାଦକ ଅଶୋକ କୁମାର ମିଶ୍ର, ବରିଷ୍ଠ ଆଇନଜୀବୀ ଧୂରୀଣ ଦେହୁରୀ, ନଳିନୀ କର୍ଣ୍ଣ, ସୁଧୀର କର୍ଣ୍ଣ, ଦେବରଞ୍ଜନ ମହାକୁଡ, ଅଶୋକ ସାହୁ, ଯୋଗେସ ପ୍ରସାଦ ନାୟକ, ଜୁଲିୟସ ମହାକୁଲ ଓ ସଭିଲ ଆଣ୍ଡ କ୍ରିମିନାଲ ବାରଥର ଆଶୁତୋଷ ଦାସ, ଶ୍ରୀନିବାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଓକିଲ ସଂଘ ଉପସଭାପତି ଅଶୋକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଜାପାନିଜ ଏନସେଫାଲାଇଟିସ ଟିକାକରଣ ତାଲିମ ଶିବିର

ପାଇକମାଲ, ୮।୧୧ (ଡି.ଏନ.ଏ)
ପାଇକମାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଜାପାନିଜ ଏନସେଫାଲାଇଟିସ ଟିକାକରଣ ଉପରେ ଏକ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୁକ୍ରାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ନାରାୟଣ ପଶାୟତ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ତୃଷା କୁମାର ଚନ୍ଦ୍ରକାର, ବିପିଏମ ବିଜୟ କୁମାର ସରାଫ, ସ୍ୱାସ୍ଥ୍ୟ ପରିଦର୍ଶକ ରବିନ୍ଦ୍ର ଦାଶ, ପ୍ରଧାନ ଶିକ୍ଷକ ଚାରୁଚରଣ ମହାନ୍ତି, ବିଇଓ ଚୂଡାମଣି ବାରିକ, ଏବିଡିଓ ପ୍ରଦୀପ କୁମାର ଭୋଇ, ଡା. ସୌମ୍ୟରଞ୍ଜନ ନାୟକ ଯୋଗ ଦେଇଥିଲେ । ୧୮୯ ସ୍କୁଲର ପ୍ରଧାନଶିକ୍ଷକ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ଏଏନଏମ, ସୁପରଭାଇଜରମାନଙ୍କୁ ଟିକାକରଣ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ବ୍ଲକର ୩୯, ୧୮୪ ଜଣ ଶିଶୁ ଏକ ବର୍ଷରୁ ୧୫ ବର୍ଷ ପର୍ଯ୍ୟନ୍ତ ସମସ୍ତଙ୍କୁ ଆସନ୍ତା ନଭେମ୍ବର ୧୧ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଟିକାକରଣ କରାଯିବ । ୨୦ଟି ଗ୍ରୁପ କରାଯାଇ ବ୍ଲକର ସମସ୍ତ ସ୍କୁଲ ଓ ଗାଁମାନଙ୍କୁ ଯାଇ ଟିକାକରଣ ହେବ ବୋଲି ଡା. ପଶାୟତ କହିଥିଲେ ।

### କେନାଲ ପାଣିରେ ବୁଡ଼ି ଯୁବକ ମୃତ

ବରଗଡ଼ ଅଫିସ୍,୮।୧୧
ବରଗଡ଼ ପୌର ପରିଷଦ ଅନ୍ତର୍ଗତ ଅମ୍ବାପାଲିର ଯୁବକ ମାନସ ସରକାର(୨୨) କେନାଲ ପାଣିରେ ବୁଡ଼ି ମୃତ୍ୟୁମୁଖରେ ପଡ଼ିଛନ୍ତି । ଶୁକ୍ରବାର ସେ ନିଜ ସାଙ୍ଗମାନଙ୍କ ସହିତ ବଡ଼ କେନାଲକୁ ଗାଧୋଇବାକୁ ଯାଇଥିଲେ । ମାତ୍ର ଗାଧୋଉ ଥିବାବେଳେ ସେ ପାଣିରେ ବୁଡ଼ି ଯାଇଥିଲେ । ସେଠାରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିଲା । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ବୌଦ୍ଧରେ ୨୨ରୁ ଖୋଲିବ ମଣ୍ଡି

ବୌଦ୍ଧ, ୮।୧୧(ସ୍ୱ.ପ୍ର)



ଖରିଫ ଧାନ ସଂଗ୍ରହ ବୈଠକରେ ମଞ୍ଚାସୀନ ଅତିଥି ।

ବୌଦ୍ଧଜିଲାରେ ଖରିଫ ଧାନ କ୍ରୟ ପାଇଁ ଜିଲାପାଳଙ୍କ କକ୍ଷରେ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଖରିଫ ଧାନ କିଣାବିକା ଯେପରି ଠିକ୍ ଭାବେ ହୋଇପାରିବ ସେ ନେଇ ଗୁରୁତ୍ୱ ଦେବାକୁ ସମ୍ପୃକ୍ତ ବିଭାଗଗୁଡିକୁ ପରାମର୍ଶ ଦିଆଯାଇଥିଲା। ବୈଠକ ଆରମ୍ଭରେ ଭାରପ୍ରାପ୍ତ ଯୋଗାଣ ଅଧିକାରୀ ବିଷ୍ଣୁପ୍ରସାଦ ପ୍ରଧାନ ସୂଚନା ଦେଇଥିଲେ, ଜିଲାର ୪୨ଟି ସେବା ସମବାୟ ସମିତି ଦ୍ୱାରା ୫୫ଟି ଧାନ କ୍ରୟ କେନ୍ଦ୍ର ଖୋଲାଯାଇ ମୋଟ ୧୮୪୫୯୧ ମେଟ୍ରିକ ଟନ ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଚଳିତ ବର୍ଷ ଆସନ୍ତା ୨୨ ତାରିଖରୁ କନ୍ଧମାଳ ବ୍ଲକରୁ ଧାନକିଣା ଆରମ୍ଭ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଚଳିତ ଖରିଫ ଋତୁରେ ଧାନ ବିକ୍ରୟ ପାଇଁ ଜିଲାରେ ମୋଟ ୨୭୩୨୮ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ପୂର୍ବବର୍ଷ ଅପେକ୍ଷା ଏଥର ଅଧିକ ୯୧୪ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି । ଧାନ ଦେବା ପୂର୍ବରୁ ପଞ୍ଜୀକୃତ ଚାଷୀଙ୍କ ମୋବାଇଲକୁ ଏକ ମେସେଜ ଆସିବା ସହ ତାଙ୍କୁ ଧାନ ବିକିବା ପାଇଁ ଏକ ଟୋକନ ଦିଆଯିବ। ଟୋକନ ଅନୁସାରେ ଚାଷୀ ସେମାନଙ୍କ ଧାନ ମଣ୍ଡିରେ ବିକ୍ରି କରିପାରିବେ। ଟୋକନ ପାଇ ନ ଥିବା ଚାଷୀ ଧାନ ଆଣିଲେ ଏହା ଗ୍ରହଣ କରାଯିବ ନାହିଁ ବୋଲି ସୂଚନା ଦିଆଯାଇଥିଲା। ଜିଲାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅଗ୍ରାଧିକାର ଭିତ୍ତିରେ ଧାନ କ୍ରୟ କରିବା ସୁଯୋଗ ଦେବାକୁ ମୁଖ୍ୟ ଅତିଥି କନ୍ଧମାଳ ବିଧାୟକ ମହୀଧର ରଣା ବୈଠକରେ ପରାମର୍ଶ ଦେଇଥିଲେ। ଏହାସହ ୨୪ ଘଣ୍ଟା ମଧ୍ୟରେ ଚାଷୀଙ୍କୁ ସେମାନଙ୍କ ଧାନର ଅର୍ଥ ପ୍ରଦାନ କରାଯିବାକୁ ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦିଆଯାଇଥିଲା। ସାଧାରଣ ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୧୮୧୫ ଟଙ୍କା ଓ ଗ୍ରେଡ ଏ ଧାନର ମୂଲ୍ୟ ୧୮୩୫ ଟଙ୍କା ଧାର୍ଯ୍ୟ କରାଯାଇଛି । ସମସ୍ତ କ୍ରୟ କେନ୍ଦ୍ରରେ ଆବଶ୍ୟକୀୟ ଯନ୍ତ୍ରପାତି ଓ ଚାଷୀମାନଙ୍କ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ଯୋଗାଇଦେବା ପାଇଁ ନିୟନ୍ତ୍ରିତ ବଜାର କମିଟି ଏବଂ ଏଆରସିଏସଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ବୈଠକରେ ଏଫଏକ୍ୟୁ ଧାନର ମାନ, କ୍ରୟଦିବସ ସମ୍ବନ୍ଧରେ ଚାଷୀଙ୍କ ଅବଗତି ସକାଶେ ବହୁଳ ଭାବେ ପ୍ରଚାର ପ୍ରସାର ପାଇଁ ମଧ୍ୟ ପରାମର୍ଶ ଦିଆଯାଇଥିଲା। ବୈଠକରେ କନ୍ଧମାଳ ଏମ୍‌ପିଙ୍କ ପ୍ରତିନିଧି ଶାନ୍ତନୁ ମିଶ୍ର, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାସ, ବୌଦ୍ଧ ସମବାୟ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ଅଧିକାରୀ ସୁରେନ୍ଦ୍ର ପ୍ରଧାନ, ସହକାରୀ ନିବନ୍ଧକ ପାଣ୍ଡୁଚରଣ ସାହୁ, ନିୟନ୍ତ୍ରିତ ବଜାର କମିଟି କର୍ମକର୍ତ୍ତା, ମିଲର୍ସ ସଂଘର ସମ୍ପାଦକ ଅଶୋକ କୁମାର ଅଗ୍ରୱାଲା, ଚାଷୀ ପ୍ରତିନିଧି ଓ ଜିଲାର ମିଲର୍ସମାନେ ଉପସ୍ଥିତ ଥିଲେ ।

## ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ବରଗଡ଼ ଅଫିସ୍,୮।୧୧
ବରଗଡ଼ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଶୁକ୍ରବାର ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଉଦ୍‌ଘାଟିତ ହୋଇଯାଇଛି । ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ତଥା ଡିପିସି (ଜିଲା ପ୍ରକଳ୍ପ ସଂଯୋଜକ) ସୁଶାନ୍ତ କୁମାର ଚୋପଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମହୋତ୍ସବକୁ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବିଧାୟକ ଦେବେଶ ଆଚାର୍ଯ୍ୟ ଉଦଘାଟନ କରିଥିଲେ । ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସେହିପରି ଶାଶ୍ୱତ ସୌରଭ ପଣ୍ଡା ମଧ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ । ଜିଲାର ବ୍ଲକସ୍ତରରେ ଅନୁଷ୍ଠିତ ହୋଇଥିବା ଚିତ୍ରାଙ୍କନ, ବକ୍ତୃତା, କଳା, ସଙ୍ଗୀତ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ଜିଲାସ୍ତରୀୟ ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବାର ସୁଯୋଗ ପାଇବେ ବୋଲି ସୂଚନା ଦିଆଯାଇଛି ।


ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

## ଝାଡାବାନ୍ତିରେ ୭ ଆକ୍ରାନ୍ତ

ପାଇକମାଲ, ୮।୧୧ (ଡି.ଏନ.ଏ)
ପାଇକମାଲ ବ୍ଲକ ଟେମରି ପଞ୍ଚାୟତ ସୋଡ଼ା ଗ୍ରାମରେ ଝାଡାବାନ୍ତିରେ ୭ଜଣ ଆକ୍ରାନ୍ତ ହୋଇଛନ୍ତି । ଖବର ପାଇ ବୁକ୍ରାମୁଣ୍ଡା ଡା. ସୁଦୀପ୍ତ ସାହୁ, ଅଶୋକ ବନଛୋର, ରଞ୍ଜିତା ଦାସ ପ୍ରମୁଖ ଶୁକ୍ରବାର ସୋଡ଼ା ଗ୍ରାମକୁ ଯାଇ ଆବଶ୍ୟକ ଚିକିତ୍ସା କରୁଛନ୍ତି । ଟିକସଲାଲ ବରିହା (୫୦), ଯୁଧିଷ୍ଠିର ସେଠ (୫୦), ମାଣିକ ସାହୁ (୩୯) ଗୁରୁତର ଥିବାରୁ ସେମାନଙ୍କୁ ପଦ୍ମପୁର ସ୍ଥାନାନ୍ତର କରାଯାଇଛି । ଡା. ନାରାୟଣ ପଶାୟତ, ପିଏଚଇଓ ତୃଷ କୁମାର ଚନ୍ଦ୍ରକାର, ବିପିଏମ ବିଜୟ ସରାଫ ସୋଡ଼ା ଗ୍ରାମକୁ ଯାଇ ଲୋକମାନଙ୍କୁ ସଚେତନ କରିଥିଲେ ।

## ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ

ବରଗଡ଼ ଅଫିସ୍,୮।୧୧
ବରଗଡ଼ ଜିଲା ବରଡ଼ୋଲ ପଞ୍ଚାୟତ ଅନ୍ତର୍ଗତ ପିପିଲିପାଲି ଗ୍ରାମରେ ଶୁକ୍ରବାର ବହୁ ପ୍ରତୀକ୍ଷିତ ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି । ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଉଦଘାଟନୀ ସମାରୋହରେ ସ୍ଥାନୀୟ ସରପଞ୍ଚ ଶରତ ଅଦାବର, ରାଜ୍ୟ ସମବାୟ ସଂଘ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ନାଏକ, ଯୁବନେତା ଉମେଶ ପଣ୍ଡା, ଗୋବିନ୍ଦ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଭାଗୀୟ ଅଧିକାରୀ ଓ ଗ୍ରାମବାସୀ ସହଯୋଗ କରିଥିଲେ ।


ମୁଖ୍ୟଅତିଥି ପାନୀୟଜଳ ପ୍ରକଳ୍ପକୁ ଉଦଘାଟନ କରୁଛନ୍ତି ।

## ଥୁଆପାଲି ଧନୁଯାତ୍ରା କମିଟି ଗଠିତ

ଭେଡ଼େନ,୮।୧୧(ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ରେମଣ୍ଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଥୁଆପାଲିରେ ଆସନ୍ତା ଡ଼ିସେମ୍ବର ୧୩ରୁ ୨୩ ତାରିଖ ପର୍ଯ୍ୟନ୍ତ ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ଶୁକ୍ରବାର ଅପରାହ୍ନରେ ଏକ ପ୍ରସ୍ତୁତି ବୈଠକରେ ନୂତନ କମିଟି ଗଠିତ ହୋଇଛି । ସର୍ବସମ୍ମତି କ୍ରମେ ଜୀତେନ୍ଦ୍ରୀୟ ପୋଡ଼ଙ୍କୁ ସଭାପତି ଭାବେ ମନୋନିତ କରାଯାଇଥିବା ବେଳେ ଉପସଭାପତି ନିମାଇଁ ଜୁଆଡ଼ି, ସମ୍ପାଦକ ଭୋଲା ଯୁଆଡ଼ି, ସହ ସମ୍ପାଦକ ବାବୁଲୁ ମେହେର, କୋଷାଧ୍ୟକ୍ଷ ଶିବ ଜୁଆଡ଼ି ଏବଂ ସହ କୋଷାଧକ୍ଷ ଭାବେ ସନୁ ବେଗ ମନୋନିତ ହୋଇଛନ୍ତି। ଏହାସହ ପରିଚାଳନା କମିଟିରେ ସନ୍ତୋଷିନୀ ଭୁଏ, ଯମୁନା ଜୁଆଡ଼ି, ପଦ୍ମାବତୀ ଜୁଆଡ଼ି, ମିନା କୁମାର, ଚିଟୁ ବାବୁ, ଆଶିଷ ବୁଡ଼େକ, ପିଣ୍ଟୁ ମେହେରଙ୍କ ସମେତ ୧୯ ଜଣ ସଦସ୍ୟ ରହିଛନ୍ତି ।

## ପୁଣି ବାଇକ୍ ଚୋରି

ବୌଦ୍ଧ, ୮।୧୧(ସ୍ୱ.ପ୍ର)
ବୌଦ୍ଧ ସହରରେ କିଛି ଦିନର ନିରବତା ପରେ ପୁଣି ଏକ ବାଇକ ଚୋରି ହୋଇଛି। ସହରର କୁନ୍ଦନ ଅଗ୍ରୱାଲା ଶୁକ୍ରବାର ଅପରାହ୍ନ ୪ଟା ସମୟରେ ମହାନଦୀ ଭିତରେ ଥିବା ହନୁମାନ ମନ୍ଦିରକୁ ବୁଲିବାକୁ ଯାଇଥିଲେ। । ସେ ବାଇକ୍‌କୁ ହନୁମାନ ଘାଟ ରାସ୍ତା ଉପରେ ରଖିଥିଲେ। ଫେରିବା ବେଳେ ତାଙ୍କ ବାଇକକୁ କେହି ଚୋରି କରି ନେଇଯାଇଥିଲା ।

୧୧ରୁ ବୌଦ୍ଧରେ ଆରମ୍ଭ

## ଦେଢ ଲକ୍ଷ ଶିଶୁଙ୍କୁ ଜାପାନିଜ ଏନସେଫାଲାଇଟିସ ଟିକାକରଣ

ବୌଦ୍ଧ, ୮।୧୧(ସ୍ୱ.ପ୍ର)
ବୌଦ୍ଧ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲାରେ ଜାପାନିଜ ଏନ୍‌ସେଫାଲାଇଟିସ ଟିକାକରଣ ଅଭିଯାନ ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ତାଲିମ କେନ୍ଦ୍ରରେ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଲକ୍ଷ୍ମୀଧର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶିଶିର କୁମାର ସାହୁ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା କାର୍ଯ୍ୟକ୍ରମ ପରିଚାଳକ ରୂପକ କୁମାର ମହାପାତ୍ର ଯୋଗ ଦେଇଥିଲେ। ମୁଖ୍ୟ ଚିକିତ୍ସା ଅଧିକାରୀ ସାହୁ ଜାପାନିଜ ଏନ୍‌ସେଫାଲାଇଟିସ ଓ ମସ୍ତିଷ୍କ ପ୍ରଦାହ ଜ୍ୱରକୁ ପ୍ରତିହତ କରିବା ପାଇଁ ଏହି ଟିକାକରଣ ପ୍ରତ୍ୟେକ ୧ ବର୍ଷରୁ ୧୫ ବର୍ଷ ବୟସର ଶିଶୁଙ୍କୁ ଦିଆଯିବ । ଟିକା ନେବା ଦ୍ୱାରା ଏହି ରୋଗ ଶିଶୁଙ୍କୁ ହୋଇ ନ ଥାଏ । ଜିଲାରେ ଆସନ୍ତା ୧୧ ତାରିଖରୁ ଆରମ୍ଭ ହୋଇ ପ୍ରାୟ ଏକ ମାସ ଧରି ଟିକାକରଣ କରାଯିବ। ବୌଦ୍ଧ ଜିଲାରେ ପ୍ରାୟ ୧ଲକ୍ଷ ୫୦ ହଜାର ଶିଶୁଙ୍କୁ ଏହି ଟିକାକରଣ କରାଯିବା ପାଇଁ ଲକ୍ଷଧାର୍ଯ୍ୟ କରାଯାଇଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର ଓ ଗାଁ ଗୁଡ଼ିକରେ ସ୍ୱାସ୍ଥ୍ୟ ବିଭାଗର ତାଲିମପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀମାନଙ୍କ ଦ୍ୱାରା ଏହି ଟୀକାକରଣ କରାଯିବ। ଏଥିପାଇଁ ଜିଲାରେ ୯୪ ଜଣ ସ୍ୱାସ୍ଥ୍ୟକର୍ମୀ, ୭୦୮ ଅଙ୍ଗନୱାଡ଼ି କର୍ମୀ ତଥା ୬୩୪ ଜଣ ଆଶାକର୍ମୀଙ୍କୁ ନିୟୋଜିତ କରାଯାଇଛି । ଜିଲା ଏବଂ ବ୍ଲକସ୍ତରରେ ୪୦ ଜଣ ସୁପରଭାଇଜର ଏହି କାର୍ଯ୍ୟକ୍ରମକୁ ତଦାରଖ କରିବେ । ଜିଲା ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ପରିଚାଳକ ଗିରିଜା ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ସରକାରୀ ଅଧିକାରୀ ।

## ମଣ୍ଡଳସ୍ତରୀୟ କ୍ରିକେଟ ଖେଳାଳି ଚୟନ

ପାଇକମାଳ, ୮।୧୧ (ଡି.ଏନ.ଏ)
ପାଇକମାଳ ବ୍ଲକ ଛିନ୍ଦେଇକେଲା ଚନ୍ଦ୍ରଶେଖର ମିନି ଷ୍ଟାଡିୟମରେ ପାଇକମାଳ ମଣ୍ଡଳସ୍ତରୀୟ କ୍ରିକେଟ ଖେଳାଳି ଚୟନ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକର ୪ଟି ଜୋନରୁ ୧୪ଜଣ ଖେଳାଳିଙ୍କୁ ଚୟନ କରାଯାଇଥିଲା। ସେମାନେ ଜିଲାସ୍ତରରେ ଅଂଶଗ୍ରହଣ କରିବେ । ଶୁକ୍ରବାର ଖେଳକୁ ସ୍ଥାନୀୟ ସରପଞ୍ଚ ରାମଚନ୍ଦ୍ର ସାହୁ ଉଦଘାଟନ କରିଥିଲେ । ଏଥିରେ ପ୍ରଧାନଶିକ୍ଷକ ଡୋଲାମଣି ଦାସ ସଭାପତିତ୍ୱ କରିଥିଲେ । ହେମସାଗର ସାହୁ ଖେଳ ପରିଚାଳନା କରିଥିବା ବେଳେ ସୁଦର୍ଶନ ମହାକୁଡ ଧନ୍ୟବାଦ ଅର୍ପଣ କରିଥିଲେ ।

ବହିରା ଗ୍ରାମପଞ୍ଚାୟତରେ ମିଥ୍ୟା ବିଲ୍ କରି ଆତ୍ମସାତ

## ତଦନ୍ତ ପାଇଁ ଜିଲାପାଳଙ୍କୁ ଫେରାଦ

ବୌଦ୍ଧ, ୮।୧୧(ସ୍ୱ.ପ୍ର)
ବୌଦ୍ଧ ବ୍ଲକ ବହିରା ଗ୍ରାମପଞ୍ଚାୟତରେ କାମ ନ କରି ମିଥ୍ୟା ବିଲ୍ କରାଯାଇଥିବା ନେଇ ଶୁକ୍ରବାର ପୁରୁଣା ବହିରା ଗ୍ରାମବାସୀ ଜିଲାପାଳଙ୍କ ପାଖରେ ଫେରାଦ ହୋଇଛନ୍ତି । ଅଭିଯୋଗ ଅନୁଯାୟୀ ପୁରୁଣା ବହିରା ରାସ୍ତାର ଉନ୍ନତୀକରଣ ପାଇଁ ୧ ଲକ୍ଷ ଟଙ୍କା ଓ ପୁରୁଣାବହିରା ହରିଜନ ସାହିର ନଳକୂପ ଚାନ୍ଦିନୀ ଓ ଡ୍ରେନ ନିର୍ମାଣ ପାଇଁ ୫୦ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି । କିନ୍ତୁ ୨୦୧୯ରେ କୌଣସି ରାସ୍ତା କରାଯାଇ ନ ଥିବାବେଳେ ୨୦୧୮ ମସିହାରେ ହରିଜନ ସାହିରେ ନଳକୂପ ଚାନ୍ଦିନୀ ଓ ଡ୍ରେନ ନିର୍ମାଣ କରାଯାଇନାହିଁ । ଗ୍ରାମବାସୀ ଏହି ତଥ୍ୟ ସୂଚନା ଅଧିକାର ବଳରେ ଜାଣିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ତଦନ୍ତ କରି ପଦକ୍ଷେପ ନେବାକୁ ଦାବି କରିଛନ୍ତି ।


ଜିଲାପାଳଙ୍କୁ ଫେରାଦ ହୋଇଥିବା ଗ୍ରାମବାସୀ

## ଆଜି କ'ଣ କେଉଁଠି

ସମ୍ବଲପୁର
- ବରଗଡ଼ ଜିଲା ଡୁମାଲ ସମାଜର ଜିଲାସ୍ତରୀୟ ବୈଠକ, ପୋଡବାଡି ଉମା ମାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ପୂର୍ବାହ୍ନ ୧୧ଟା।

## ସିଲେଟପଡାରେ ଯୋଗ ଚିକିତ୍ସା ଶିବିର

ମନମୁଣ୍ଡା, ୮।୧୧ (ଡି.ଏନ.ଏ)
କନ୍ଧମାଳ ବ୍ଲକ ସିଲେଟପଡାରେ ପତଞ୍ଜଳି ଯୋଗ ପ୍ରଚାରକ ପ୍ରକଳ୍ପ ହରିଦ୍ୱାର ତରଫରୁ ୫ ଦିନିଆ ମାଗଣା ଯୋଗ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଯୋଗ ପ୍ରଚାରକ ବୀରେନ୍ଦ୍ର ବାଘ ଯୋଗଶିକ୍ଷା ଦେଇଥିଲେ। ଶିବିରରେ ଆଖପାଖ ଅଞ୍ଚଳର ଜନସାଧାରଣ ନିୟମିତ ଯୋଗଶିକ୍ଷା କରିଥିଲେ। ଯୋଗଗୁରୁ ବାଘ ଯୋଗଶିକ୍ଷା ବ୍ୟତୀତ ଗ୍ରାମରେ ନିଶାମୁକ୍ତ ଅଭିଯାନ, ସ୍ୱଚ୍ଛତା ଅଭିଯାନ, ବୃକ୍ଷରୋପଣ ଆଦି କାର୍ଯ୍ୟକ୍ରମ କରି ଲୋକମାନଙ୍କୁ ସଚେତନ କରାଇଥିଲେ। ତୀର୍ଥ ରଣା, ବସନ୍ତ କୁମାର ସାହୁ ସହଯୋଗ କରିଥିଲେ ।

ପ୍ରଥମ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି

# ଜାନୁୟାରୀ ୨ରୁ ବୌଦ୍ଧ ମହୋତ୍ସବ

ବୌଦ୍ଧ, ୮।୧୧(ସ୍ୱ.ପ୍ର)


ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅତିଥି ।

ବୌଦ୍ଧ ଜିଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ନେଇ ଶୁକ୍ରବାର ଟାଉନ ହଲରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧକ୍ଷ ଲଲାଟେନ୍ଦୁ ମିଶ୍ରଙ୍କ ଅଧକ୍ଷତାରେ ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ଶିଶିର କୁମାର ସାହୁ ଗତ ବୌଦ୍ଧ ମହୋତ୍ସବର ଆୟ ବ୍ୟୟ ବିବରଣୀ ପ୍ରଦାନ କରିଥିଲେ । ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାକୁ ମହାଆଡମ୍ବରରେ ପାଳନ କରାଯିବ ଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୌଦ୍ଧ ମହୋତ୍ସବ କପ୍ ନାମରେ ଏକ ଫୁଟବଲ ଟୁର୍ନାମେଣ୍ଟ ଗାଁରୁ ଜିଲା ପର୍ଯ୍ୟନ୍ତ ଆୟୋଜନ କରାଯିବା ପାଇଁ ଜିଲାପାଳଙ୍କ ଦ୍ୱାରା ଦିଆଯାଇଥିବା ପ୍ରସ୍ତାବକୁ ସମସ୍ତେ ସମର୍ଥନ କରିଥିଲେ। ଏହା ଦ୍ୱାରା ଜିଲାର ସମସ୍ତ ଜନସାଧାରଣ ସାମିଲ ହୋଇପାରିବେ ବୋଲି ମତପ୍ରକାଶ ପାଇଥିଲା । ମହୋତ୍ସବରେ ସ୍ଥାନୀୟ କଳାକାରମାନଙ୍କୁ ଅଧିକ ଗୁରୁତ୍ୱ ଦେବା ସହିତ ପାଞ୍ଚ ଦିନ ଧରି ହେବାକୁ ଥିବା କାର୍ଯ୍ୟକ୍ରମରେ କଳା, ସଂସ୍କୃତି, କୃଷି, ପଲ୍ଲିଶ୍ରୀ ଓ ପୁସ୍ତକ ମେଳା ଏକ ସଙ୍ଗରେ ଆୟୋଜନ କରାଯିବାକୁ ମତପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ମହୋତ୍ସବ ଆୟୋଜନ ପାଇଁ ସମସ୍ତ କମିଟିର ପୃଥକ ବୈଠକ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ଅବସରରେ ଜିଲାର ବିଭିନ୍ନ ସମସ୍ୟା, ବିକାଶ, ସଂସ୍କୃତି ଓ ପରମ୍ପରା ଉପରେ ଆଲୋଚନାଚକ୍ର କରାଯିବ। ଜନଗହଳିକୁ ଦୃଷ୍ଟିରେ ରଖି ଟ୍ରାଫିକ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ପାନୀୟଜଳ, ସ୍ୱଚ୍ଛତା ବ୍ୟବସ୍ଥା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାସ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ, ଲକ୍ଷ୍ମୀଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜିଲା କଳାକାର ସଂଘ ଉପସଭାପତି ଦିବ୍ୟଶଙ୍କର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।



ଯେଉଁଠାରେ ଦୁଃଖର ରାଜୁତି, ଆଶ୍ଚର୍ଯ୍ୟର କଥା
ସେଇଠାରେ ହିଁ ମହତ ଲୋକର ଜନ୍ମ ହୋଇଛି।
- ଲର୍ଡ କର୍ଜନ



## ସଂକ୍ଷେପରେ



### ବୋଡେନରେ କଲରାପତରିଆ ବାଘ ଆତଙ୍କ

ନୂଆପଡା ଅଫିସ/ବୋଡେନ, ୮।୧୧(ଡି.ଏନ.ଏ.): ଗତ କିଛି ଦିନ ହେବ ଜିଲାର ଭିନ୍ନ ଭିନ୍ନ ଅଞ୍ଚଳରେ କଲରାପତରିଆ ବାଘ ବୁଲି ଛେଳି, ବାଛୁରୀଙ୍କୁ ଆକ୍ରମଣ କରୁଥିବାରୁ ଲୋକେ ଆତଙ୍କିତ ହୋଇପଡିଛନ୍ତି। ଗୁରୁବାର ରାତିରେ ନୂଆପଡ଼ା ଜିଲା ବୋଡେନ ଫରେଷ୍ଟ ବିଟର ବୋଇରଗାଁ ଲିମପଡାରେ ହୀରାଧର ନାଗଙ୍କ ଗୁହାଳରେ ପଶି ଏକ ଛେଳିକୁ ଖାଇଥିବା ଅଭିଯୋଗ ଆସିଛି । ଖବର ପାଇ ଫରେଷ୍ଟ ବିଭାଗ କର୍ମଚାରୀ ଗାଁକୁ ପରିଦର୍ଶନ କରିଛନ୍ତି । ସନ୍ଧ୍ୟା ହେଲେ ଗାଁ ଅଞ୍ଚଳରେ ସବୁ ଲୋକ ତାଟି କବାଟ ବନ୍ଦ କରି ଦେଉଛନ୍ତି । କ୍ଷତିଗ୍ରସ୍ତ ଛେଳି ମାଲିକଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରିଛନ୍ତି ।

### ଆଧୁନିକୀକରଣ ବ୍ୟାୟାମଶାଳା ଉଦ୍‌ଘାଟିତ

ଭବାନୀପାଟଣା,୮।୧୧(ଡି.ଏନ.ଏ.)- ସ୍ଥାନୀୟ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ କଳାହାଣ୍ଡି ବଡିବିଲ୍ଡିଂ ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର ଏକ ଆଧୁନିକୀକରଣ ବ୍ୟାୟାମ ଶାଳା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ଅର୍କକେଶରୀ ଦେଓ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ଅତିଥି ଭାବେ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଅନୁଷ୍ଠାନ ସଭାପତି ଅଶୋକ କୁମାର ନାଏକ ଓ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଭବାନୀପାଟଣା ଓ ଏହାର ଆଖପାଖ ଅଞ୍ଚଳର ଯୁବକମାନେ ଏହି ଅନୁଷ୍ଠାନରେ ସାମିଲ ହୋଇ ସୁନ୍ଦର ସ୍ୱାସ୍ଥ୍ୟ ଗଠନ ପାଇଁ ମୁଖ୍ୟଅତିଥି ଆହ୍ୱାନ ଦେଇଥିଲେ। ଭାବଗ୍ରାହୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

■ ଯୁବକଙ୍କୁ ଏସିଡ୍ ମାଡ଼ ଘଟଣା

# ୩ ଜଣଙ୍କୁ ଗିରଫ କଲା ପୋଲିସ

## ପୋଲିସକୁ ଦୁର୍ବ୍ୟବହାର ଅଭିଯୋଗ

ନୂଆପଡା ଅଫିସ,୮।୧୧

ଗୁରୁବାର ରାତିରେ ସ୍ଥାନୀୟ ଲଖନା ଥାନା ଅନ୍ତର୍ଗତ ବଙ୍ଗାମୁଣ୍ଡା ଗାଁର ଆଲୋକ ସାହୁ (୨୨) ନାମକ ଜଣେ ଯୁବକଙ୍କୁ ଏସିଡ୍ ମାଡ୍ ମାରିବା ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଲଖନାର ସମିତି ସଭ୍ୟ ମହମ୍ମଦ ଫାରୁକ (୫୨), ସେହବାଜ ହୁସେନ (୩୦)ଏବଂ ଉତ୍ତମ ଦାସ (୩୫) । ଏମାନଙ୍କ ବିରୋଧରେ ଦଫା ୩୦୭, ୩୨୬ (କ)ରେ ଏକ ମାମଲା (ନଂ. ୬୬/୧୯) ରୁଜୁ କରି ଶୁକ୍ରବାର ସନ୍ଧ୍ୟାରେ ନୂଆପଡା କୋର୍ଟକୁ ଚାଲାଣ କରାଯାଇଛି। ଏମାନଙ୍କ ବିରୋଧରେ ପୀଡିତ ଦେଇଥିବା ବୟାନକୁ ଭିତ୍ତି କରି ଏହି ମାମଲା କରାଯାଇଛି। ଅନ୍ୟପକ୍ଷେ ଗୁରୁବାର ରାତିରେ ଉତ୍ତ୍ୟକ୍ତ ଲୋକ ଥାନାକୁ ଘେରାଉ କରି ପୋଲିସକୁ ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ପୋଲିସ ପୁଣି ମାମଲା ରୁଜୁ କରିଛି । ଖବରରୁ ପ୍ରକାଶ ଯେ, ଗୁରୁବାର ରାତିରେ ବଙ୍ଗାମୁଣ୍ଡା ଗାଁର ଆଲୋକଙ୍କୁ ଲଖନା ବସ୍ତି ମୁଣ୍ଡରେ ଦୁର୍ବୃତ୍ତମାନେ ମାରପିଟ କରିବା ସହ ଏସିଡ୍ ମାଡ଼ କରି ଚମ୍ପଟ ମାରିଥିଲେ । ଆଲୋକଙ୍କୁ ତୁରନ୍ତ ଉଦ୍ଧାର କରି ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପୋଲିସ ହସ୍ପିଟାଲକୁ ଆସି ବୟାନ ସଂଗ୍ରହ କରିଥିଲା। ଏଥିରେ ଆଲୋକ ଉପରୋକ୍ତ ବ୍ୟକ୍ତିଙ୍କ ନାଁରେ ବୟାନ ଦେଇଥିଲେ । ପୋଲିସ ଏହାକୁ ଭିତ୍ତିକରି ରାତି ଅଧରେ ୩ ଅଭିଯୁକ୍ତଙ୍କୁ କାବୁ କରିଥିଲା। ଅନ୍ୟପକ୍ଷେ ଏହାକୁ ନେଇ ଲଖନା ଥାନାରେ ଉତ୍ତ୍ୟକ୍ତ ଗ୍ରାମବାସୀ ଆସି ପୋଲିସ ଉପରରେ ଗର୍ଜିଥିଲେ। ଏଥିରେ କୋକିଲ ସୁନାନୀ ନାମକ ଜଣେ ପୋଲିସଙ୍କୁ ଠେଲାପେଲା କରିବା ସହ ଗାଳିଗୁଲଜ କରିଥିବାରୁ ପୋଲିସ ଅନ୍ୟ ଏକ ମାମଲା ରୁଜୁ କରିଛି । ଭାରତୀୟ ଦଣ୍ଡବିଧି ଆଇନ୧୪୭, ୩୪୧, ୨୯୪, ୩୨୩, ୩୫୩, ୩୦୭, ୧୪୯ରେ ଏକ ମାମଲା (ନଂ. ୬୭/୧୯) ରୁଜୁ କରିଛି । ଏହାକୁ ନେଇ ପୋଲିସ ଅଧିକ ତଦନ୍ତ କରୁଛି। ଗୁରୁତର ଆଲୋକଙ୍କୁ ପ୍ରଥମେ ବୁର୍ଲାକୁ ସ୍ଥାନାନ୍ତର କରାଯାଇଥିବାବେଳେ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେଠାରୁ କଟକ ବଡମେଡିକାଲକୁ ନିଆଯାଇଛି । ଆଲୋକ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ଆଲୋକ ବୟାନ ଦେଇଥିଲେ ମଧ୍ୟ କିଏ ସେ ମୁଖ୍ୟ ଆସାମୀ ଏବଂ ଏହାର ପଛର କାହାଣୀ କ'ଣ ତାହା ଖୋଜିବାରେ ପୋଲିସ ନାକେଦମ ହୋଇପଡିଛି।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର।

# ଆର୍ଥିକ ସାକ୍ଷରତା କର୍ମଶାଳା

ନୂଆପଡା ଅଫିସ, ୮।୧୧

ସ୍ଥାନୀୟ ସରକାରୀ ଜୁନିୟର ବିଜ୍ଞାନ କଲେଜରେ ଯୁବ ସମ୍ବଳ କେନ୍ଦ୍ର ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଆର୍ଥିକ ସାକ୍ଷରତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ କଲେଜର ଅଧ୍ୟକ୍ଷା ରଶ୍ମୀରେଖା ଭୋଇ ସଭାପତିତ୍ୱ କରିଥିବାବେଳେ ଜିଲା ସ୍ୱଳ୍ପ ସଞ୍ଚୟ ଏବଂ ଆର୍ଥିକ ଅନ୍ତର୍ନିବେଶୀ ଅଧିକାରୀ ବିବେକାନନ୍ଦ ମହାନନ୍ଦ ମୁଖ୍ୟଅତିଥି, ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଅଭୟ ଯୋଷୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ନେହେରୁ ଯୁବ କେନ୍ଦ୍ରର ଯୁବ ସମ୍ବଳ ସଂଯୋଜକ ବିଶ୍ୱଜିତ ପାଣିଗ୍ରାହୀ ପରିଚାଳନା କରିଥିଲେ। ଏହିଅବସରରେ ଆର୍ଥିକ ସ୍ୱାକ୍ଷରତା ଉପରେ ସଚେତନତା ସୃଷ୍ଟି କରିଥିଲେ। ମୁଖ୍ୟଅତିଥି ମହାନନ୍ଦ ସଞ୍ଚୟର ଉପକାରିତା, ଆର୍ଥିକ ଶିକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କଲେଜ ସମସ୍ତ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା

କୋମନା, ୮।୧୧ (ଡି.ଏନ.ଏ.)

ନୂଆପଡା ଜିଲା କୋମନା ବ୍ଲକ ମେଣ୍ଢାଟାଲ ଉନ୍ନୀତ ଉଚ୍ଚବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଖେମ ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଏବିଓ ପ୍ରଶାନ୍ତ କୁମାର ରାଉତରାୟ, ବିଦ୍ୟାଳୟ ସଭାପତି ବସୁଦେବ ମାଝି ଓ ୱାର୍ଡମେମ୍ବର ଧର୍ମୁ କଣ୍ଟା, କଳାକାହ୍ନୁ ମାଝି ଓ ନାରାୟଣ ହଂସ ପ୍ରମୁଖ ଯୋଗଦେଇ ମେଳା ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀରେ ବିଆରସିସି ପ୍ରଫୁଲ୍ଲ କୁମାର ନାୟକ, ଏବିଓ ଜ୍ୟୋତିରଞ୍ଜନ ପଣ୍ଡା, ବ୍ଲକ ବିଜ୍ଞାନ ସୁପରଭାଇଜର ଅଶୋକ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏଥିରେ ପଞ୍ଚମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଜିତାମିତ୍ର ହାଇସ୍କୁଲ ବିଜ୍ଞାନ ଶିକ୍ଷକ ଅଶୋକ ମିଶ୍ର ଓ ଜୟ କିଷାନ ହାଇସ୍କୁଲ ବିଜ୍ଞାନ ଶିକ୍ଷକ ଖୁଲେଶ୍ୱର ସାହୁ ପ୍ରମୁଖ ବିଚାରକ ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରକଳ୍ପଗୁଡିକ ମୂଲ୍ୟାୟନ କରିଥିଲେ। ଶିକ୍ଷକ ମିଶ୍ର ସୁନା, ଜଗବନ୍ଧୁ ବଡଗୁଛିଆ, ଚନ୍ଦ୍ରଭାନୁ ବିଶ୍ୱାଳ, ଧ୍ରୁବଚରଣ ରଣା ପ୍ରମୁଖ ପରିଚାଳନା କରିଥିଲେ। ମେଳାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।



ପ୍ରଦର୍ଶିତ ବିଜ୍ଞାନ ପ୍ରକଳ୍ପ।

# ପାନୀୟ ଜଳର ରକ୍ଷଣାବେକ୍ଷଣ ଉପରେ ତାଲିମ

କୋମନା,୮।୧୧ (ଡି.ଏନ.ଏ.)

ନୂଆପଡା ଜିଲା କୋମନା ବ୍ଲକ ରାଜୀବ ସେବା କେନ୍ଦ୍ରରେ ପାନୀୟ ଜଳ ଉତ୍ସର ରକ୍ଷଣା ବେକ୍ଷଣ ଉପରେ ଆରସିଡିସି ପକ୍ଷରୁ ଏସିଏମମାନଙ୍କ ଦିନିକିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ସରକାରଙ୍କ ପ୍ରତ୍ୟେକ ଚେଷ୍ଟା ସତ୍ତ୍ୱେ ସମସ୍ତ ପରିବାରକୁ ପାନୀୟ ଜଳ ଯୋଗାଇବା ସମ୍ଭବ ହୋଇ ପାରୁନାହିଁ । ଫଳରେ ପିଇବା ପାଣି ପାଇଁ ବିଭିନ୍ନ ସମୟରେ ଜନସାଧାରଣଙ୍କ ଘୋର ଅସୁବିଧା ହୋଇଥାଏ। ବର୍ତ୍ତମାନ ପାଣି ଓ କ୍ଷୀର ମୂଲ୍ୟ ସମାନ ହୋଇଯାଇଛି । ଏହି ପରୀପ୍ରେକ୍ଷୀରେ ଲୋକମାନଙ୍କ ଭୂମିକା, ବ୍ୟବହାରିକ ରନ୍ଧା, ଜଳ ସଂରକ୍ଷଣ, ଭୂତଳ ଜଳ ଭରଣ, ପାନୀୟ ଜଳ ଉତ୍ସର ରକ୍ଷଣା ବେକ୍ଷଣ ପାଇଁ ଯୋଜନା ଇତ୍ୟାଦି ଉପରେ ତାଲିମ ପ୍ରଦାନ କରାଯାଇଥିଲା। ତାଲିମରେ ଜିଲା ଜଳବନ୍ଧୁ ସଭାପତି ଅମରେଶ ପଟ୍ଟନାୟକ, ସମ୍ପାଦକ ଈଶ୍ୱର ଚନ୍ଦ୍ର ନାୟକ, ଆରସିଡିସିର ହେମନ୍ତ କୁମାର ନାୟକ ପ୍ରମୁଖ ତାଲିମ ପରିଚାଳନା କରିଥିଲେ। ଏଥିରେ କୋମନା ବ୍ଲକର ୧୯ଟି ଗ୍ରାମପଞ୍ଚାୟତର ଏସଇଏମ, ଆଶା କର୍ମୀ ଓ ସିଆରପିମାନେ ଉପସ୍ଥିତ ଥିଲେ। ଆରସିଡିସିର ଆଶିସ କୁମାର ଖମାରୀ ସ୍ୱାଗତ ସମ୍ଭାଷଣ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ।




ତାଲିମ ଶିବିରରେ ଯୋଗଦେଇଥିବା କର୍ମୀମାନେ।

ସ୍ୱାସ୍ଥ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଜିଲା ଗସ୍ତ

# ଜିଲା ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ କାର୍ଯ୍ୟର ସମୀକ୍ଷା

ଭବାନୀପାଟଣା,୮।୧୧ (ଡି.ଏନ.ଏ.)

ଶୁକ୍ରବାର ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ କଳାହାଣ୍ଡି ଜିଲା ଗସ୍ତ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ସର୍କିଟ୍ ହାଉସଠାରେ ସନ୍ଧ୍ୟା ୬ଟାରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଦାସଙ୍କ ଅଧ୍ୟକ୍ଷତାରେ ସ୍ୱାସ୍ଥ୍ୟ ବିଭାଗୀର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲାର ସ୍ୱାସ୍ଥ୍ୟ ବିଭାଗରେ ରହିଥିବା ବିଭିନ୍ନ ସମସ୍ୟା ଓ ଉପଲବ୍ଧି ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ତନ୍ମଧ୍ୟରୁ ନିରାମୟ ଏବଂ ନିଦାନର କାର୍ଯ୍ୟକାରୀତା, ସୁନେତ୍ର ଯୋଜନାର ସଫଳ ରୂପାୟନ, ଆନୁଷ୍ଠାନିକ ପ୍ରସବ ହାରର ଉନ୍ନତୀ ଏବଂ ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା । ମୋ ସରକାର ସ୍କିମ୍ ଅନ୍ତର୍ଗତ ରୋଗୀ ଯୋଗାଯୋଗ ବ୍ୟବସ୍ଥା ସହିତ ତାଙ୍କ ମତାମତ ଗ୍ରହଣ, ଭିତ୍ତିଭୂମିର ବିକାଶ ଓ ରୋଗୀ କୈନ୍ଦ୍ରିକ ସୁବିଧା ଆଦି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ବର୍ତ୍ତମାନ ଜିଲାରେ ୩୪୦ ଜଣ ଡାକ୍ତରଙ୍କ ମଧ୍ୟରୁ ମାତ୍ର ୧୨୦ ଜଣ କାର୍ଯ୍ୟରତ ଥିବା ବେଳେ ୬ ଜଣ ଡାକ୍ତରଙ୍କ ସହିତ ୩ ଜଣ ବିଶେଷଜ୍ଞ ଡାକ୍ତର କଳାହାଣ୍ଡି ଜିଲାରେ ଯୋଗଦାନ କରିଛନ୍ତି । ଆଗାମୀ ଦିନରେ କଳାହାଣ୍ଡି ଜିଲାରେ ସ୍ୱାସ୍ଥ୍ୟ କିଭଳି ବିକାଶ କରାଯାଇ ପାରିବ ତାହା ପାଇଁ କାର୍ଯ୍ୟ ଖସଡା ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ଜିଲାର ବିଭିନ୍ନ କାର୍ଯ୍ୟକ୍ରମ ଚାଲୁଥିବା ବିଏସ୍‌କେୱାଇ, ଆର୍‌ବିଏସ୍‌କେ, ସମ୍ପୂର୍ଣ୍ଣା, ଏନ୍‌କ୍ୟୁଏସ୍ ସଫଳ ରୂପାୟନକୁ ମନ୍ତ୍ରୀ ପ୍ରଂଶସା କରିଥିଲ। ଏହି ସମୀକ୍ଷା ବୈଠକରେ ଶକ୍ତିମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ବିଧାୟକ ଦେବୀ ପ୍ରସାଦ ମିଶ୍ର, କଳାହାଣ୍ଡି ଜିଲାପାଳ ଗାଭାଲି ପରାଗ ହର୍ଷଦ, ସିଡିଏମ୍‌ଓ ଡ. ବନଲତା ଦେବୀ, ଏନ୍‌ଏଚ୍‌ଏମ୍‌ଡିପିଏମ୍ ଅବନୀ ରଞ୍ଜନ ମହାପାତ୍ର, ଏଡିଏମ୍‌ଓ ଜଗୁଲାଲ ଅଗ୍ରୱାଲଙ୍କ ସହିତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।



ସମୀକ୍ଷା ବୈଠକରେ ଉପସ୍ଥିତ ମନ୍ତ୍ରୀ, ବିଧାୟକ, ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ।

# ଜିଲାପାଳଙ୍କ ଅଫିସ ଘେରିଲେ ଆଶା ସାଥୀ

ନୂଆପଡା ଅଫିସ, ୮।୧୧

**କ୍ୟାବିନେଟ ନିଷ୍ପତ୍ତିକୁ କାର୍ଯ୍ୟକାରୀ ଦାବି**

ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ମଜଭୁତ କରିବାକୁ ସରକାର ଆଶାସାଥୀ ନିଯୁକ୍ତ କରିଥିବାବେଳେ ସେମାନଙ୍କୁ ସମୁଚିତ ପ୍ରୋତ୍ସାହନ ରାଶି ଦିଆଯାଉନାହିଁ । ଏପରିକି କ୍ୟାବିନେଟ ନିଷ୍ପତ୍ତିକୁ ମଧ୍ୟ କାର୍ଯ୍ୟକାରୀ କରାଯାଉ ନ ଥିବାରୁ ଆଶାସାଥୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଆଶାସାଥୀମାନେ ନୂଆପଡା ଆସି ଏକଜୁଟ ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି ।

ସୂଚନାଯୋଗ୍ୟ ଯେ, ୨୦୦୬ରେ ସରକାର ଆଶାକର୍ମୀ ନିଯୁକ୍ତ କରିଥିଲେ। ପରେ ୨୦୧୩ରେ ଆଗଧାଡିର ଆଶାକର୍ମୀମାନଙ୍କୁ ଆଶାସାଥୀ ଭାବେ ନିୟୋଜିତ କରିଥିଲେ। ଏମାନଙ୍କୁ ମାସିକ ୧୦ଟି ଜାଗାରେ ୨୦ଟି ପର୍ଯ୍ୟବେକ୍ଷଣ କଲେ ୬ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବାକୁ ଗତ ୨୦୧୮ରେ କ୍ୟାବିନେଟ ନିଷ୍ପତ୍ତି ହୋଇଥିଲା। ହେଲେ ଏହା ଆଜିଯାଏଁ କାର୍ଯ୍ୟକାରୀ ହୋଇପାରୁ ନ ଥିବାରୁ ଆଶାସାଥୀମାନେ ଆର୍ଥିକ ଅନଟନରେ ଗତି କରୁଛନ୍ତି । ଏହା ଉପରେ ବିଭିନ୍ନ ସମୟରେ ପ୍ରଶାସନକୁ ଜଣାଇ ଆସୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଶୁକ୍ରବାର ଆଶାସାଥୀ ଚନ୍ଦ୍ରମୟୀ ବିଶି, ପଙ୍କଜିନୀ ବାଗ, ବାସନ୍ତି ନିଆଲ, ଅଞ୍ଜନୀ ସାହୁ, ସରେନ୍ଦ୍ରି ଦୀପ, ଜ୍ୟୋତିପ୍ରଭା ସାହୁ, ଚନ୍ଦ୍ର ମାଝିଙ୍କ ନେତୃତ୍ୱରେ ବହୁ ଆଶାସାଥୀ ଏଠାକୁ ଆସି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ସୀତାରାମ ପଟେଲଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହା ଉପରେ ତୁରନ୍ତ ବିଚାର କରି କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି କରିଛନ୍ତି ।



ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ଆସିଥିବା ଆଶାସାଥୀମାନେ ।

ଓଡ଼ିଶା ସରକାର

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ**

**PRERANA**

**(Post Matric Scholarship Registration Release and Network Automation)**

No.: V-53: ଚଳିତ ବର୍ଷରୁ ମାଟ୍ରିକ ପର ଛାତ୍ରବୃତ୍ତି ନିମନ୍ତେ ''ଆଧାର'' ନମ୍ବର ପ୍ରମାଣୀକରଣ ନିତାନ୍ତ ଜରୁରୀ ଅଟେ। ପ୍ରେରଣାରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ଆଧାର ନମ୍ବର UIDAI ଦ୍ୱାରା ଯାଞ୍ଚ କରାଯାଇଛି। ଆଧାର ଯାଞ୍ଚର ସ୍ଥିତି ଆବେଦନକାରୀମାନଙ୍କୁ ପ୍ରେରଣାରେ ପଞ୍ଜୀକରଣ ସମୟରେ ଦିଆଯାଇଥିବା ମୋବାଇଲ ନମ୍ବରରେ SMS ଦ୍ୱାରା ଜଣେଇ ଦିଆଯାଉଛି। ତଦନୁସାରେ, ଆବେଦନକାରୀମାନଙ୍କୁ ଅନୁରୋଧ ସେମାନେ ନିମ୍ନଲିଖିତ ପ୍ରକ୍ରିୟା ଅନୁସରଣ କରିବେ: ଆବେଦନକାରୀମାନଙ୍କୁ ଅନୁରୋଧ ସେମାନେ ନିଜ ID PASSWORDରେ LOGIN କରି "KNOW YOUR AADHAAR VERIFICATION STATUS" TABରେ ଆଧାର ଯାଞ୍ଚର ସ୍ଥିତି ଚେକ୍ କରିବେ।

୧. ଯେଉଁ ଆବେଦନକାରୀମାନଙ୍କ LOGIN ପେଜ୍‌ରେ ଯାଞ୍ଚ ସ୍ଥିତି SUCCESSFULLY VERIFIED ଅଛି, ସେମାନଙ୍କୁ କୌଣସି ପଦକ୍ଷେପ ନେବା ଆବଶ୍ୟକ ନାହିଁ।

୨. ଯେଉଁ ଆବେଦନକାରୀମାନଙ୍କ LOGIN ପେଜ୍‌ରେ ଯାଞ୍ଚ ସ୍ଥିତି NOT VERIFIED ଅଛି, ସେମାନେ ନିମ୍ନଲିଖିତ ପ୍ରକ୍ରିୟା ଅନୁସରଣ କରିବା ଆବଶ୍ୟକ ଅଟେ।

a) ଯଦି ପ୍ରଦତ୍ତ ଆଧାର ନମ୍ବରଟି ଆପଣଙ୍କର ନୁହେଁ, ତେବେ ଦିଆଯାଇଥିବା BOXରେ ନିଜର ସଠିକ୍ ଆଧାର ନମ୍ବର ପ୍ରଦାନ କରି ପୁନଃ ଆବେଦନକୁ LOCK କରିବେ। LOCK କରିବା ପୂର୍ବରୁ ସୁନିଶ୍ଚିତ କରିବେ କି ଆଧାରରେ ଥିବା Name/Gender and D.O.B. ଏବଂ PRERANAରେ ଦିଆଯାଇଥିବା ସୂଚନା ପରସ୍ପର ସଙ୍ଗେ ମେଳ ଖାଉଛି।

b) ଯଦି ପ୍ରଦତ୍ତ ଆଧାର ନମ୍ବରଟି ଆପଣଙ୍କ ଅଟେ ଏବଂ ସେଥିରେ କିଛି PERSONAL DETAILS MISMATCH ଅଛି, ତେବେ:

i) ଯଦି ଆପଣଙ୍କର Name/Gender/DOB ସୂଚନା PRERANA ପୋର୍ଟାଲରେ ଭୁଲ ଅଛି, ତେବେ ସେହି ସୂଚନାକୁ ପୋର୍ଟାଲରେ login କରି "Edit Personal Details hyperling"ରେ click କରି ଆବଶ୍ୟକୀୟ ସଂଶୋଧନ କରିବା ପରେ ପୁନଃ ଆବେଦନକୁ lock କରିବେ।

ii) ଯଦି ଆପଣଙ୍କର Name/Gender/DOB ସୂଚନା ଆଧାରରେ ଭୁଲ୍ ଅଛି, ତେବେ ନିକଟସ୍ଥ ଆଧାର ପଞ୍ଜୀକରଣ କେନ୍ଦ୍ରରେ ଆବଶ୍ୟକୀୟ ସଂଶୋଧନ କରିବା ପରେ ପୁନଃ PRERANA ପୋର୍ଟାଲରେ login କରି ଆବେଦନକୁ lock କରିବେ।

c) ଯଦି ପ୍ରଦତ୍ତ ଆଧାର ନମ୍ବରଟି UIDAI ଦ୍ୱାରା INVALID/CANCELLED/SUSPENDED ଘୋଷିତ କରାଯାଇଛି, ତେବେ ନିକଟସ୍ଥ ଆଧାର ପଞ୍ଜୀକରଣ କେନ୍ଦ୍ରରେ ଆବଶ୍ୟକୀୟ ସଂଶୋଧନ କରିବା ପରେ PRERANA ପୋର୍ଟାଲରେ login କରି ନିର୍ଦ୍ଧାରିତ boxରେ ସଠିକ୍ ଆଧାର ପ୍ରଦାନ କରି ଆବେଦନକୁ ପୁନଃ lock କରିବେ।

PERSONAL DETAILS/AADHAAR ସୂଚନା PRERANA ପୋର୍ଟାଲରେ ସଂଶୋଧନ କରିବାର ଶେଷ ତାରିଖ ତା୨୦।୧୨।୨୦୧୯ ଅଟେ।

ସ୍ୱା./– ସ୍ୱତନ୍ତ୍ର ଶାସନ ସଚିବ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ

26001/11/0019/1920



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା।
- ଲେନିନ୍

## ସଂକ୍ଷେପରେ

### ମୃତ ଅଜଗର ଉଦ୍ଧାର

**ଲାଠୋର, ୮।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲାଠୋର ବନାଞ୍ଚଳ ଅଧୀନ ସଦର ଗ୍ରାମ ଲାନ୍ଥ ନଦୀ ନିକଟରୁ ଶୁକ୍ରବାର ସକାଳେ ବନ ବିଭାଗ ଏକ ମୃତ ଅଜଗର ସାପ ଉଦ୍ଧାର କରିଛି। ମିଳିଥିବା ସୂଚନା ମୁତାବକ, ଶୁକ୍ରବାର ସକାଳେ ଲାନ୍ଥ ନଦୀ ନିକଟରେ ଏକ ଅଜଗର ସାପ ମରି ପଡିଥିବା ବନ ବିଭାଗକୁ ଖବର ମିଳିଥିଲା। ଖବର ପାଇ ବନାଞ୍ଚଳ ଅଧିକାରୀ ପ୍ରଭାତୀ ସେଠଙ୍କ ସହ ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମୃତ ଅଜଗର ସାପ ଜବତ କରିଥିଲେ। ସାପଟି ୧୦ରୁ ୧୨ମାସର ହୋଇଥିବା ବେଳେ ୭ଫୁଟ ଲମ୍ବ ଓ ୫କେଜିରୁ ଊର୍ଦ୍ଧ୍ୱ ଓଜନ ଥିଲା ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଲାଠୋର ପ୍ରାଣିଧନ ଚିକିତ୍ସାଳୟରେ ସାପର ବ୍ୟବଚ୍ଛେଦ କରାଇ ବନ ବିଭାଗ ପକ୍ଷରୁ ପୋତି ଦିଆଯାଇଥିବା ଜଣାପଡିଛି। ଏନେଇ ବନ ବିଭାଗ ଏକ ମାମଲା(ନଂ ୧୫/୨୦୧୯-୨୦) ରୁଜୁ କରି ଅଧିକମ ତଦନ୍ତ ଚଳାଇଛି।

# ବୃନ୍ଦାବନ, ଶ୍ରୀରାମଙ୍କୁ ନିରାଶ କଲା ସ୍ୱାସ୍ଥ୍ୟ ବିଭାଗ

**ଲୋଇସିଂହା, ୮।୧୧(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଧୀନ ଦୁମଦୁମି ଗାଁର ପକ୍ଷାଘାତ ରୁଗୀ ବୃନ୍ଦାବନ କର୍ମୀ ଆର ମାନସିକ ରୁଗୀ ଶ୍ରୀରାମ ଡାଙ୍ଗ ଖଟେ ପଡ଼ି ବଡ଼ା ଗୁଲ୍‌ଗୁଲା ହେଇ ଜୀବନ୍ ବିତଉଛନ୍। ଇ ବାବ୍‌ଦେ ୩ ଆର ୪ ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଚିକିନିଖିନୁ ଖବର ବାହାରିଥିଲା। ଉଭଏ ରୁଗୀକୁଁ ଉଧାର କରି ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜରେ ଚିକିତ୍ସା କରାଯିବା ବଲି ପରଶାସନ ତରଫୁ କୁହାଯାଇଥିଲା। ହେଲେ ଆଏଜ୍‌କେ ୩ ଦନ୍ ଦିନ ବିତିଯାଇଥିଲେ ବି ଥାନୀଅ ପରଶାସନ କି ସୁଆସ୍ତିଅ ବିଭାଗ ଇମାନକର ପାସେ ପୁହୁଁଚି ନାଇଁପାରି। ଏନ୍ତାଥି ଗାଁବାସୀ ୫ଟି ଗରିବ୍‌ଦୁଖିକର ଲାଗି ପର୍‌ହସନ ପାଲଟିଛେ ବଲି ଅଭିଯୋଗ କରିଛନ୍।

ପୂରବର ସୂଚନା ହିସାବେ, କୁଟେନପାଲି ପଁଚେତ ଅଧୀନ ଦୁମଦୁମି ଗାଁର ବୃନ୍ଦାବନ କର୍ମୀ(୬୧)। ସେ ଆଏଜ୍‌କେ ୪ ବଛର ହେଲା ପକ୍ଷାଘାତରେ ପୀଡ଼ିତ ହେଇ ଖଟେ ପଡ଼ି ରହିଛନ୍। ଚିକିତ୍ସା ଲାଗି ଲାଖେ ଟଁକା ଖରଚ୍ କରି ସରବ୍‌ସୁଆଁତ୍ ହେଇଛନ୍। ଏହେଦେ ସେ ଭଗବାନ ଭରସାରେ ଘରେ ପଡ଼ି ରହିଛନ୍। ଇଆଡ଼େ ପଁଚେତ୍ କତ୍ତୁରପକ୍ଷକଁର ଖାମଖିଆଲି ମନଭାବ ଲାଗି ଭତାରୁ ବି ବଁଚିତ୍ ହେଇ ରହିଛନ୍। ଇ ବାବ୍‌ଦେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଖବର ବାହାରିଥିଲା। ଖବରକେ ନେଇ ସାମଜିକ କରମୀ ଦୀପା ବାରିକ ବଲାଙ୍ଗୀର ଜିଲାପଳ ଆର ମନ୍ତ୍ରୀ ଟୁକୁନି ସାହୁକୁଁ ଟୁଇଟ କରି ବୃନ୍ଦାବନକଁର ଚିକିତ୍ସା ସାହାଯ୍ ଲାଗି ଗୁହାରି କରିଥିଲେ। ପକ୍ଷାଘାତ ରୁଗୀ ବୃନ୍ଦାବନକୁଁ ଉଧାର କରି ଚିକିତ୍ସା ଲାଗି ବଲାଙ୍ଗୀର ମେଡିକାଲରେ ଭରତି କରାଯିବ ବୋଲି ମେଡିକାଲ ଅଫିସର କଥା ଦେଇଥିବାର ଜିଲା ସମାଜିକ ସୁରକ୍ଷା ଅଧିକାରୀ ଟୁଇଟରରେ ଉତର ଫିରେଇଛନ୍। ସେନ୍ତା ଗାଁର ସ୍ୱର୍ଗତ କାଳିଆ ଡାଙ୍ଗକଁର ବିଧବା ମାଏକିନା ଉଷା ଆର ମନାସିକ ରୋଗ୍‌ରେ ପୀଡ଼ିତ ପୁଓ ଶ୍ରୀରାମର ଅବସ୍ତା ଯେକେହି ଦେଖିଲେ ଆଁଖିଥୁ ଲହ ଝରିଯିବା। ଆଏଜ୍‌କେ ୩୦ ବଛର ହେଲା ୫୦ ବଛର ପୁଓ ମାନସିକ ରୋଗ୍‌ରେ ପୀଡ଼ିତ ଅଛେ। ଟଁକା ପଏସା ଅଭାବୁ ବୁଢ଼ି ମା' ପୁଓର ଚିକିତ୍ସା କରେଇ ନାଇଁପାରବାର। ମା'ପୁଓର ଅବସ୍ତା ଆର ଗୁଲ୍‌ଗୁଲା ବାବ୍‌ଦେ ଗଲା ୪ ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଖବର ବାହାରିଥିଲା। ଖବରକେ ସମାଜିକ କରମୀ ଦିବସ ସାହୁ ଟୁଇଟ କରି ଜିଲାପାଳ ଓ ମନ୍ତ୍ରୀ ଟୁକୁନି ସାହୁକଁର ଦୁରୁଷ୍‌ଟି ଆକରଷନ୍ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଟୁଇଟର ଉତରରେ କହିଥିଲେ ଯେ, ଥାନୀଅ ମେଡିକାଲ ଅଫିସର ଶ୍ରୀରାମକୁଁ ଉଧାର କରି ଚିକିତ୍ସା ଲାଗି ବଲାଙ୍ଗୀର ମେଡିକାଲରେ ଭରତି କରବେ। ଝନେ ଫାର୍ମାସିଷ୍ଟ ଆର ଆଶା କରମୀ ସେମାନକର ଘରମାନକେ ଯାଇ ଗାଡି ଆଏବା ତମକୁ ଡାକ୍ତରଖାନା ନେବା ବଲି କହିକରି ଆସିଥିଲେ। ଗୁରୁବାର ଉଭଏ ପରିବାର ସ୍ୱାସ୍ଥ୍ୟ ବିଭାଗକେ ଚାହିଁ ବସିଥିଲେ। ହେଲେ ବେଲବୁଡ଼ା ତକ୍ ଗଡି ନାଇଁ ଆଏଲା କି ସୁଆସ୍ତିଅ ବିଭାଗର କାହାରି ଦେଖାଦରଶନ ନାଇଁ ମିଲ୍‌ଲା। ଏନ୍ତାଥି ଗାଁବାସୀକର ଭିତରେ ଅସନ୍ତୋଷ ଭାବ୍ ଦେଖାଦେଇଛେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଲେଇ ନାନୀ**
**ବିଲେଇ କାମୁଡ଼େ ପଣତକାନି ।**

କିଛି ବ୍ୟକ୍ତି ନିହାତି ଓଲୁ ପ୍ରକୃତିର ହୋଇଥାନ୍ତି। ବୁଦ୍ଧିହୀନ, ନିର୍ବୋଧ, ଅଚତୁର ଲୋକଙ୍କୁ ଓଲୁ କୁହାଯାଏ। ତାଙ୍କ ଆଗରେ ଘଟୁଥିବା ଘଟଣା ବିଷୟରେ କିଛି ବି ସୁରାକ ବା ଟେର୍ ପାଇପାରି ନ ଥାନ୍ତି। ଅତି ଓଲୁ। ଏପରି ଓଲୁ ଯେ ନିଜ ପିନ୍ଧାଲୁଗାର ପଣତକାନି କିଏ କାଟିନେଲା ତାହା ସେ ଜାଣି ନ ପାରିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଓଲେଇ ମାଇକିନାର ଓଷା**
**ଉକୁଣି ମୁଣ୍ଡରେ ଖୋଷା ।**

ଓଷା, ବାର ବ୍ରତରେ ଉପବାସ ରଖିବାକୁ ପଡ଼ିଥାଏ। ଏହାକୁ ତ୍ୟାଗ ଓ ନିଷ୍ଠାର ସମୟ ବୋଲି ନ ଭାବି ଖାଦ୍ୟଗ୍ରହଣ କରିବା ଭଣ୍ଡାମି ହୋଇଥାଏ। ଧର୍ମକୁ ଆଖିଠାର ମାରିବା ସଦୃଶ ହୋଇଥାଏ। ଯିଏ ରୋଷେଇଶାଳରେ ରହି ପାଟିରେ ସର୍ବଦା କିଛି କିଛି ଖାଇ ଚାଲିଥାଏ ତା'ପାଇଁ ଉପବାସ ରଖିବାର ମୂଲ୍ୟ କିଛି ରହି ନ ଥାଏ। ସେହିପରି ମୁଣ୍ଡରେ ଉକୁଣି ଥିଲେ ସ୍ଥିର ଖୋଷା ପାରି ହୋଇ ନ ଥାଏ। ପ୍ରକାରାନ୍ତରେ ଏସବୁ ବୃଥା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ

# ଅଭିଯୋଗକାରୀଙ୍କ ସହ ଜିଲାପାଳ କଲେ ଆଲୋଚନା

**ବଲାଙ୍ଗୀର ଅଫିସ, ୮।୧୧**

ଓଡ଼ିଶାର ମୁଖ୍ୟଶାସନ ସଚିବ ଅସିତ୍ କୁମାର ତ୍ରିପାଠୀ, ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଭି କାର୍ତ୍ତିକେୟନ୍ ପାଣ୍ଡିଆନ୍, ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଗୁରୁବାର ବଲାଙ୍ଗୀର ଗସ୍ତରେ ଆସି ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଗୋବିନ୍ଦ ଶତପଥୀ ନାମକ ଜଣେ ସ୍ୱେଚ୍ଛାସେବୀ ୫-ଟି ସଚିବ ପାଣ୍ଡିଆନ୍‌ଙ୍କୁ ହସ୍ପିଟାଲର କିଛି ସମସ୍ୟା ସମ୍ପର୍କରେ ଅଭିଯୋଗ କରିଥିଲେ। ଶୁକ୍ରବାର ସମ୍ପୃକ୍ତ ଅଭିଯୋଗକାରୀ ଗୋବିନ୍ଦଙ୍କ ସହ ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆ, ମେଡିକାଲ କଲେଜ ହସ୍ପିଟାଲ ସୁପରିନ୍‌ଟେଣ୍ଡେଣ୍ଟ ଡା. ମହେନ୍ଦ୍ର ନାୟକ ଆଲୋଚନା କରିଥିଲେ। ଶିଶୁୱାର୍ଡରେ ରୋଗୀ ପରିଜନଙ୍କୁ କିଛି ନର୍ସ ଟଙ୍କା ମାଗୁଥିବା ଅଭିଯୋଗ ସମ୍ପର୍କରେ ଆଲୋଚନା ହୋଇଥିଲା । ମୋ ସରକାର ଓ ୫-ଟି କାର୍ଯ୍ୟକ୍ରମ ଲାଗୁ ହେବା ପୂର୍ବରୁ ରୋଗୀ ପରିଜନଙ୍କୁ ନର୍ସମାନେ ଟଙ୍କା ମାଗୁଥିଲେ ଓ ଏହି କାର୍ଯ୍ୟକ୍ରମ ଲାଗୁ ହେବା ପରେ ଏହା ସୁଧୁରିଥିବା ଅଭିଯୋଗକାରୀ କହିଛନ୍ତି। ଏହା ସହିତ ପାନୀୟ ଜଳ ସମସ୍ୟା, ବିଭିନ୍ନ ରୋଗ ପରୀକ୍ଷା ନିରୀକ୍ଷା ହସ୍ପିଟାଲ ଭିତରେ କରାଯିବା ନେଇ ଆଲୋଚନା ହୋଇଥିଲା । ହସ୍ପିଟାଲ ମୁଖ୍ୟ ଗେଟ୍‌କୁ ବନ୍ଦ କରାଯାଉଥିବାରୁ ଏନେଇ ମଧ୍ୟ ଆଲୋଚନା ହୋଇଥିଲା । ଆଲୋଚନା ପରେ ଅଭିଯୋଗକାରୀ ଶତପଥୀ ଆଶ୍ୱସ୍ତ ହେବା ସହ ଜିଲାପାଳ ଅରିନ୍ଦମ ଡାକୁଆ କିଛି ଅଭିଯୋଗର ତୁରନ୍ତ ସମାଧାନ କରିଥିବା ଓ ଅନ୍ୟ କିଛି ସମସ୍ୟାର ଶୀଘ୍ର ସମାଧାନ୍ ପାଇଁ ପ୍ରତିଶ୍ରୁତି ଦେଇଥିବା ସୂଚନା ଦେଇଥିଲେ।

ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ

# ଲାଠୋର ନୋଡାଲ ଉଚ୍ଚ ବିଦ୍ୟାଳୟ ରାଜ୍ୟସ୍ତରକୁ ମନୋନୀତ

**ଲାଠୋର, ୮।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଦୁର୍ଗେଶ୍ୱରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗଦେଇ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଫଳରେ ସେମାନେ ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମକୁ ମନୋନିତ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଦୁର୍ଗେଶ୍ୱରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଭୂମିକା ରଣା, କଲ୍ୟାଣି ତାଣ୍ଡି, ସଂଗୀତା ମେହେର, ଦିବ୍ୟା ମେହେର, କିରନ ସଗଡିଆ ଓ ଯଶୋବନ୍ତୀ ସୁନା ଗୁରୁବାର ବଲାଙ୍ଗୀରରେ ଅନୁଷ୍ଠିତ ହୋଇଥିବା ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗଦେଇ 'ବାଲ୍ୟ ବିବାହ ନିରାକରଣ' ବିଷୟ ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହା ବେଶ ହୃଦୟସ୍ପର୍ଶୀ ହୋଇ ପ୍ରଥମ ସ୍ଥାନ ଅଧିକାର କରିଥିଲା। ଛାତ୍ରୀମାନଙ୍କ କୃତିତ୍ୱ ପାଇଁ ବିଦ୍ୟାଳୟର ଗାଇଡ ଶିକ୍ଷୟିତ୍ରୀ ଅଞ୍ଜନା ଜେନା, ପ୍ରଧାନ ଶିକ୍ଷକ ସମ୍ପିତ ଭୋଇ, ସିଆର୍‌ସିସି କୁଞ୍ଜବିହାରୀ ସରାପ ପ୍ରମୁଖ ଖୁସି ବ୍ୟକ୍ତ କରିଛନ୍ତି। ଏପରି କି ବିଭିନ୍ନ ମହଲରେ ଛାତ୍ରୀମାନଙ୍କ କୃତିତ୍ୱକୁ ପ୍ରଶଂସା କରାଯାଇଛି।



ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମକୁ ମନୋନୀତ ହୋଇଥିବା ସାଂସ୍କୃତିକ ଦଳ।

ଶେଷ ହେଉନି ଲାନ୍ଥ ନଦୀ ସେତୁ ନିର୍ମାଣ କାର୍ଯ୍ୟ

# ବିଭାଗୀୟ ଯନ୍ତ୍ରୀଙ୍କ ନିର୍ମାଣ କାର୍ଯ୍ୟ ତଦାରଖ

**ସଇଁତଲା,୮।୧୧ (ଡି.ଏନ୍.ଏ.)**

ସଇଁତଲାସ୍ଥିତ ଲାନ୍ଥ ନଦୀ ଉପରେ ବିଜୁ ସେତୁ ଯୋଜନାରେ ନିର୍ମାଣାଧିନ ସେତୁ ଅବଧି ସରିବାର ଦେଢ଼ ବର୍ଷରୁ ଉର୍ଦ୍ଧ୍ୱ ହୋଇଯାଇଥିଲେ ମଧ୍ୟ ଅଧ୍ୟବଧି କାମ ଶେଷ ହୋଇପାରୁ ନାହିଁ। ଫଳରେ ଜନଅସନ୍ତୋଷ ବୃଦ୍ଧି ପାଇଛି। ଏନେଇ ଆସନ୍ତା ୧୫ତାରିଖରେ ରାସ୍ତାରୋକ ଆନ୍ଦୋଳନ କରାଯିବ ବୋଲି ଡୁଙ୍ଗୁରୀପାଲି ପଞ୍ଚାୟତର ପୂର୍ବତନ ସରପଞ୍ଚ ମୁକୁନ୍ଦ ନାଗ ଶୁକ୍ରବାର ବିଭାଗୀୟ ଯନ୍ତ୍ରୀ ସଞ୍ଜୟ ପାତ୍ରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ସଇଁତଲା ମୁଖ୍ୟାଳୟରୁ ଡୁଙ୍ଗୁରୀପାଲି, ଆମ୍ବପାଲି, କଅଁସର, ବେଲଗାଁ ତଥା କଳାହାଣ୍ଡି ଜିଲାର ବେଲଖଣ୍ଡି ଅଞ୍ଚଳକୁ ସଂଯୋଗ କରିବା ପାଇଁ ବିଜୁ ସେତୁ ଯୋଜନାରେ ଗତ ୨୦୧୬ ଜାନୁୟାରୀ ୧୫ତାରିଖରେ ୧୩କୋଟି ୮୪ଲକ୍ଷ ୭୪ ହଜାର ଟଙ୍କା ବ୍ୟୟରେ ଲାନ୍ଥ ନଦୀ ଉପରେ ଏକ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଉକ୍ତ ସେତୁ ନିର୍ମାଣ କାର୍ଯ୍ୟ ୨୦୧୮ ଜୁନ ୧୪ତାରିଖରେ ସମାପ୍ତ ହେବା କଥା। ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ବର୍ତ୍ତମାନ ସୁଦ୍ଧା ସେତୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଅନ୍ୟପକ୍ଷେ ଶୁକ୍ରବାର ପୂର୍ବାହ୍ନରେ ଗ୍ରାମ୍ୟ ଉନ୍ନୟନ ବିଭାଗରେ ନୂତନ ଭାବେ କାର୍ଯ୍ୟରେ ଯୋଗଦେଇଥିବା ଯନ୍ତ୍ରୀ ପାତ୍ର, କନିଷ୍ଠ ଯନ୍ତ୍ରୀ ତପନ ବେହେରା ସେତୁ ନିର୍ମାଣ ସ୍ଥଳ ପରିଦର୍ଶନ କରି ଠିକାଦାରଙ୍କୁ ତୁରନ୍ତ କାର୍ଯ୍ୟଶେଷ କରିବା ପାଇଁ ତାଗିଦ କରିଥିଲେ। ଏହି ଅବସରରେ ଉପସ୍ଥିତ ଥିବା ଜନସାଧାରଣ ଠିକା ସଂସ୍ଥା ଦ୍ୱାରା ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ କରିଥିଲେ। ଏନେଇ ଯନ୍ତ୍ରୀ ପାତ୍ରଙ୍କୁ ପଚାରିବାରୁ ସେତୁ ନିର୍ମାଣ କାର୍ଯ୍ୟ ଖୁବ ଶୀଘ୍ର ସମାପ୍ତ କରିବା ପାଇଁ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଥିବା କହିଥିଲେ।

# ଶିଶୁ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**କଣ୍ଟାବାଞ୍ଜି,୮।୧୧(ଡି.ଏନ୍.ଏ.)**

କଣ୍ଟାବାଞ୍ଜି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ମୋଟ ୯୦୦ ଛାତ୍ରୀଛାତ୍ର ବିଭିନ୍ନ ଦଳ ମାଧ୍ୟମରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବାର୍ଷିକ କ୍ରୀଡ଼ାର ଉଦ୍‌ଯାପନୀ ଦିବସରେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ରାମଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଯୁବ ସାମାଜିକ କର୍ମୀ ଅଜୟ ଅଗ୍ରୱାଲ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା ସମିତି ସମ୍ପାଦକ ବ୍ରଜଶ୍ୟାମ ଗୁରୁ, ଉପସଭାପତି ସୁଷମା ମହାନନ୍ଦ, ଯୁଗ୍ମ ସମ୍ପାଦକ ଶୁଭେନ୍ଦୁ ମହାନ୍ତି, କୋଷାଧ୍ୟକ୍ଷ କୁବିହାରୀ ବେହେରା, ସୁଧିର ବେହେରା, ରମଣି ରଞ୍ଜନ ନାଗ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ର ସଭା ପରିଚାଳନା କରିଥିଲେ। ସମ୍ପାଦକ ବ୍ରଜଶ୍ୟାମ ଗୁରୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଭାଜପା କର୍ମକର୍ତ୍ତା ବୈଠକ

**ଲୋଇସିଂହା ୮।୧୧(ଡି.ଏନ.ଏ.):** ଲୋଇସିଂହା ବ୍ଲକ ବୁଢ଼ୀପଦର ପଞ୍ଚାୟତର ଭାଜପା କର୍ମକର୍ତ୍ତାଙ୍କ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ହେମରାଜ ମହାକୁରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ପଞ୍ଚାୟତର ବିଭିନ୍ନ ସମସ୍ୟା ଏବଂ ସମାଧାନ ନେଇ ଆଲୋଚନା ହୋଇଥିଲା। ଏପରି କି ଭାଜପାର ସଭ୍ୟ ସଂଗ୍ରହ ଉପରେ ମତବ୍ୟକ୍ତ କରାଯାଇଥିଲା। ଆନନ୍ଦ ହୋତ, ଶୀତାରମ ପଧାନ, କୁଳମଣୀ ବନଛୋରଙ୍କ ସମେତ ବହୁ କର୍ମକର୍ତ୍ତା ବୈଠକରେ ଉପସ୍ଥିତ ଥିଲେ।



ଭବ୍ୟ କଳସ ଶୋଭାଯାତ୍ରାରେସହର ପରିକ୍ରମା କରାଯାଉଛି।

# ମେଟାକାନୀ ମନ୍ଦିର କମିଟି ମହିଳାଙ୍କ କଳସ ଶୋଭାଯାତ୍ରା

**ବଲାଙ୍ଗୀର ଅଫିସ, ୮।୧୧**

ସ୍ଥାନୀୟ ହଟପଦାପଡା ମା' ମେଟାକାନୀ ମନ୍ଦିର କମିଟି ପକ୍ଷରୁ ପଞ୍ଚମ ଚବିଶ ପ୍ରହରୀ ନାମଯଜ୍ଞ ଆୟୋଜନ ପାଇଁ ଶୁକ୍ରବାର ସନ୍ଧ୍ୟାରେ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଶୋଭାଯାତ୍ରାରେ ଶତାଧିକ ମହିଳା ଶ୍ରଦ୍ଧାଳୁ ସାମିଲ ହୋଇଥିଲେ । କମିଟି ସଭାପତି ଲୋଟସ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ହାଟପଦାପଡାରୁ ଶୋଭାଯାତ୍ରା ବାହାରି ନରସିଂହ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ନରସିଂହ ବନ୍ଧରୁ କଳସରେ ଶ୍ରଦ୍ଧାଳୁ ମହିଳାମାନେ ଜଳ ସଂଗ୍ରହ କରି ମେନ୍‌ମାର୍କେଟ ଓ ଗାନ୍ଧୀନଗରପଡା ଦେଇ ମେଟାକାନୀ ମନ୍ଦିରରେ ପହଞ୍ଚିଥିଲେ। କର୍ତ୍ତା ଭାବେ ସୁବୋଧ ପରିଛା ଏବଂ ତାଙ୍କ ସ୍ତ୍ରୀ ନବନିତା ପରିଛା ପୂଜାର୍ଚ୍ଚନା ତୁଲାଇ ଥିଲେ । ପୂଜକ ମୁରାରୀ ମିଶ୍ର ପୂଜାର୍ଚ୍ଚନା କରିଥିଲେ। କାର୍ଯ୍ୟକ୍ରମ ୩ ଦିନ ଧରି ଅନୁଷ୍ଠିତ ହେବ। ହରିବଂଶ ମିଶ୍ର, ନାରାୟଣ ପାଢୀ, ରଘୁନାଥ ହୋତା, ପ୍ରଦୀପ ଷଡଙ୍ଗୀ, ଶ୍ରୀବତ୍ସ ମିଶ୍ର, ବିଶ୍ୱାମିତ୍ର ସାହୁ, ପ୍ରଭାକର ମିଶ୍ର, ଶାନ୍ତନୁ ମିଶ୍ର, ବିଭୁଦତ୍ତ ଗୁରୁ, ସଞ୍ଚି ମିଶ୍ର, ଶରତ ତ୍ରିପାଠୀ, ଅର୍ଜୁନ ସାହୁ, ବୈକୁଣ୍ଠ ଖୁଣ୍ଟିଆ, ନିରୋଜ ଚୋପଦାର, ଜତିନ ମିଶ୍ର ଓ ଅନ୍ୟମାନେ ଶୋଭାଯାତ୍ରାରେ ସମିଲ ହୋଇ ସହଯୋଗ କରିଥିଲେ।

ବଲାଙ୍ଗୀର ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି

# ଖପ୍ରାଖୋଲ ବ୍ଲକର କୃତିତ୍ୱ

**ଖପ୍ରାଖୋଲ,୮।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖପ୍ରାଖୋଲ ବ୍ଲକର ପ୍ରତିଯୋଗୀମାନେ କୃତୀତ୍ୱ ହାସଲ କରିଛନ୍ତି। ଜିଲାସ୍ତରରୁ ଉନ୍ନିତ ପ୍ରତିଯୋଗିମାନେ ଆଗାମୀ ୧୪ ତାରିଖରେ ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି କୁହାଯାଇଛି। ୩ଟି ଇଭେଣ୍ଟରେ ଖପ୍ରାଖୋଲ ବ୍ଲକର ପ୍ରତିଯୋଗୀ ମନୋନିତ ହୋଇଛନ୍ତି। ଖପ୍ରାଖୋଲ ନୋଡାଲ ଉଚ୍ଚ ବିଦ୍ୟାଳୟର ତମନ୍ନା ପଧାନ କନିଷ୍ଠ ବର୍ଗରେ ସୃଜନ ଲିଖନରେ ଜିଲାସ୍ତରରେ ପ୍ରଥମ ସ୍ଥାନ ଲାଭ କରି ରାଜ୍ୟସ୍ତରକୁ ମନୋନିତ ହୋଇଛନ୍ତି। ସେହିପରି ଓଏଭି ବିଦ୍ୟାଳୟର ଛାତ୍ର ଚିନ୍ମୟ ବେହେରା କନିଷ୍ଠ ବର୍ଗ ତର୍କ ପ୍ରତିଯୋଗିତାରେ ଜିଲାସ୍ତରରେ ପ୍ରଥମ ସ୍ଥାନ ଲାଭ କରି ରାଜ୍ୟସ୍ତରକୁ ମନୋନିତ ହୋଇଛନ୍ତି। ସେହିପରି ଲାଠୋର ଦୁର୍ଗେଶ୍ୱରୀ ହାଇସ୍କୁଲର ପ୍ରତିଯୋଗୀମାନେ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତାରେ ଜିଲାରେ ପ୍ରଥମ ସ୍ଥାନ ଲାଭ କରି ରାଜ୍ୟସ୍ତରକୁ ମନୋନିତ ହୋଇଛନ୍ତି। ସେହିପରି ଜିଲାସ୍ତରରେ ଖପ୍ରାଖୋଲ ଓଏଭି ଛାତ୍ର ପ୍ଲାବନ ପ୍ରିୟଦର୍ଶନ କନିଷ୍ଠ ବର୍ଗ କୁଇଜ୍ ପ୍ରତିଯୋଗିତାରେ ଜିଲାରେ ଦ୍ୱିତୀୟ ସ୍ଥାନ ଲାଭ କରିଥିବା ବେଳେ ସାନଗୁଣ୍ଡିଭେଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ନୀଳାମ୍ବର କୁମ୍ଭାର କନିଷ୍ଠ ବର୍ଗ ସଂଗୀତ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଲାଭ କରିଛନ୍ତି।


CLASSIFIED DISPLAY
ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍ ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ
ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦ ଲକ୍ଷ, ଭଡ଼ା 60 ହଜାର + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ ।
7838639856
8826558929

FINANCE

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
MICRO FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8278449759
8901395759
B-34/7 A Block Vijay Enclave, Bururi, New Delhi

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ ସମସ୍ତ ପ୍ରକାର LOAN
BARSA FINANCE ଯୋଗାଇ ଦେଉଛି । ସୁଧ=1%
M = 7656825259, 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1988ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

ଶୁଭଜନଲକ୍ଷ୍ମୀ ଫାଇନାନ୍ସ
ଗୃହ ଋଣ, ମାର୍କଶିଟ୍ ଋଣ, କୃଷି ଋଣ, ପର୍ସନାଲ ଋଣ, ଗ୍ରୁପ୍ ଋଣ, ମାତ୍ର 5 ବାର୍ଷିକ ସୁଧ ହାରରେ ।
ଯୋଗାଯୋଗ କରନ୍ତୁ
9899289162
9858323204
Dehradun, UK

DHARITRI Career appointment Every Wednesday and Saturday


**ପାଠକଙ୍କ ପାଇଁ ସୂଚନା:**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସନ୍ତୋଷ ପ୍ରୟାସରେ ଥାଏ, ପ୍ରାପ୍ତିରେ ନୁହେଁ, ପୂର୍ଣ୍ଣ ପ୍ରୟାସରେ ହିଁ ସଂପୂର୍ଣ୍ଣ ବିଜୟ ମିଳେ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଲୋଇସିଂହାରେ ସୁନେତ୍ର କାର୍ଯ୍ୟକ୍ରମ

ଲୋଇସିଂହା,୮।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସୁନେତ୍ର କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ସ୍କୁଲର ୧୦୯ଜଣ ଛାତ୍ରୀଛାତ୍ର ଯୋଗଦେଇ ଚକ୍ଷୁ ପରୀକ୍ଷା କରିଥିଲେ। ବଲାଙ୍ଗୀର ଚକ୍ଷୁ ବିଭାଗ ଓ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ୪୮ ସ୍କୁଲରୁ ୧୦୯ଜଣ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥିରୁ ୭୦ଜଣ ଛାତ୍ରୀଛାତ୍ରଙ୍କ ଦୃଷ୍ଟିବାଧିତ ଶକ୍ତିଥିବା ଜଣା ପଡିବା ପରେ ଚଷମା ପ୍ରଦାନ କରାଯାଇଥିଲା। ଅନ୍ୟ ୫ଜଣ ଛାତ୍ରୀଛାତ୍ର ଗୁରୁତର ସମସ୍ୟା ଥିବାରୁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ଉଚ୍ଚସ୍ତର ଚିକିତ୍ସା ପାଇଁ ପଠାଯାଇଥିଲା। ପୂର୍ବରୁ ଜିଲାର କୌଣସି ବ୍ଲକରେ ସୁନେତ୍ର ଯୋଜାନରେ ଏତେ ସଂଖ୍ୟକ ପିଲାଙ୍କ ଚକ୍ଷୁ ଦୋଷ ଚିହ୍ନଟ ହୋଇ ନ ଥିବା ଚକ୍ଷୁ ପରୀକ୍ଷା କରୁଥିବା ଡାକ୍ତରୀ ଦଳ ସୂତ୍ରରୁ ପ୍ରକାଶ। ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ସ୍ମିତା ଶତପଥୀଙ୍କ ତତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଡାକ୍ତର ସଞ୍ଜୀବ ବିଶ୍ୱାଳ, ଶୁଭେନ୍ଦୁ ସାହୁ, ରଶ୍ମି ପଧାନ, ମହେଶ୍ୱତା ପଣ୍ଡା, ଆନନ୍ଦ ବାରିକ, ରାଧେଶ୍ୟାମ ସାହୁ, ବିଦ୍ୟୁତପ୍ରଭା ଦାସ, ରମେଶ ସାହୁ, କୈଳାସଚନ୍ଦ୍ର ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କ୍ରୀଡ଼ାବିତ୍‌ଙ୍କ ବିୟୋଗରେ ସ୍ମୃତିସଭା

ଦେଓଗାଁ,୮।୧୧(ଡି.ଏନ.ଏ.): ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ମିନିଷ୍ଟାଡିୟମରେ ଶୁକ୍ରବାର ସ୍ଥାନୀୟ ବିଏନ୍‌ଏଏ ସଂଘ ତଥା ଜରାସିଂହା ଫୁଟବଲ ଦଳ ପକ୍ଷରୁ କ୍ରୀଡ଼ାବିତ ରାଜୁ କିଶୋର ସିଂଙ୍କ ବିୟୋଗରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଫୁଟବଲ ଖେଳାଳି ସୁନ୍ଦରମଣୀ ଦଣ୍ଡସେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାର ପ୍ରାରମ୍ଭରେ ସ୍ୱର୍ଗତ ସିଂଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଗୋଟିଏ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏ ଅବସରରେ ବରିଷ୍ଠ ଖେଳାଳୀ ଅଶୋକ କୁମାର ଥନାପତି, ବିଏନଏଏ ର ସମ୍ପାଦକ ସଂଜୟ କୁମାର ମେହେର,ଜ୍ୟୋତି ସିଂ,ବୃନ୍ଦାବନ ଭୋଇ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସିଂ ଜରାସିଂହା ଫୁଟବଲ ଟିମ ପାଇଁ ତାଙ୍କ ଅବଦାନ ଚିରସ୍ମରଣୀୟ ବୋଲି ମତବ୍ୟକ୍ତ କରିଥିଲେ।

ବଲାଙ୍ଗୀର ବାଇପାସ୍ ରାସ୍ତା ନିର୍ମାଣ ଦାବି ଜୋର୍ ଧରିଲା

# ନାଗରିକ କମିଟିର ଧାରଣା

ବଲାଙ୍ଗୀର ଅଫିସ, ୮।୧୧

ବଲାଙ୍ଗୀର ସହରରେ ବାଇପାସ୍ ରାସ୍ତା ନିର୍ମାଣ ଦାବି ନେଇ ବଲାଙ୍ଗୀର ନାଗରିକ କମିଟି ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା । ଧାରଣାରେ ସହରର ବିଭିନ୍ନ ସଙ୍ଗଠନର ପ୍ରତିନିଧି ସାମିଲ ହୋଇଥିଲେ। ନାଗରିକ କମିଟି ସଭାପତି ବିକ୍ରମାନନ୍ଦ ବହିଦାରଙ୍କ ସଭାପତିତ୍ୱରେ ତଥା ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆଙ୍କ ସଂଯୋଜନାକ୍ରମେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀରରେ ବାଇପାସ୍ ରାସ୍ତା ନିର୍ମାଣ ନେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ବଲାଙ୍ଗୀରର ବିଭିନ୍ନ ସଙ୍ଗଠନ ଓ ଜନସାଧାରଣ ବିଭିନ୍ନ ଅମୟରେ ଅବଗତ କରିଥିଲେ ମଧ ଏପର୍ଯ୍ୟନ୍ତ ବାଇପାସ୍ ରାସ୍ତା ନିର୍ମାଣ ହୋଇନାହିଁ। ଫଳରେ ଯାତାୟାତ ସମୟରେ ପ୍ରତ୍ୟହ ଛୋଟବଡ ଦୁର୍ଘଟଣା ଘଟିବା ସହ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୨୦୦୧ରେ ବଲାଙ୍ଗୀର ବାଇପାସ୍ ରାସ୍ତା ପାଇଁ ଶିଳାନ୍ୟାସ ହୋଇଥିଲା। ୨୦୦୯ରେ ବାଇପାସ୍ ରାସ୍ତା ନିର୍ମାଣ



ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବଲାଙ୍ଗୀର ନାଗରିକ କମିଟିର ଧାରଣା କାର୍ଯ୍ୟକ୍ରମ।

ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୨୦୧୩-୧୪ରେ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ପ୍ରଥମେ ୪୧ କୋଟି ଟଙ୍କାର ଅନୁଦାନ ଆସିଥିଲା। ୨୦୧୫ରେ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ୨୪୧ କୋଟି ଟଙ୍କାର ଅନୁଦାନ ଆବଶ୍ୟକ ବୋଲି ପ୍ରଶାସନ ପକ୍ଷରୁ ଏଷ୍ଟିମେଟ୍ ପଠାଯାଇଥିଲା। ତେବେ ସେହିଦିନ ଠାରୁ ଏହି ବାଇପାସ୍ ରାସ୍ତା ନିର୍ମାଣକୁ ନେଇ ରାଜ୍ୟ ଓ କେନ୍ଦ୍ର ସରକାର ମୁହାଁମୁହିଁ ହୋଇଛନ୍ତି। କେନ୍ଦ୍ର ସରକାରଙ୍କ ରାଜପଥ ବିଭାଗ ବଲାଙ୍ଗୀର ବାଇପାସ୍ ରାସ୍ତା ନିର୍ମାଣ ସମ୍ପର୍କିତ ଏଷ୍ଟିମେଟ୍‌କୁ ବିଭିନ୍ନ ସମୟରେ ଫେରାଇ ଦେଇଛନ୍ତି। ପରେ ଅନେକ ଥର ବଲାଙ୍ଗୀର ଜିଲା ପ୍ରଶାସନ ଉକ୍ତ ଏଷ୍ଟିମେଟକୁ ସଂଶୋଧିତ କରି ପଠାଇଥିଲେ ମଧ ଏହା ଏପର୍ଯ୍ୟନ୍ତ ଅନୁମୋଦନ ଲାଭ କରିନାହିଁ। ଫଳରେ ଗତ ୪ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବାଇପାସ୍ ପ୍ରକଳ୍ପ ରାଜ୍ୟ ଓ କେନ୍ଦ୍ରର ବିଭାଗୀୟ ଫାଇଲ ଭିତରେ ଝୁଲି ରହିଛି। ବଲାଙ୍ଗୀରରେ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ବିଭିନ୍ନ ସମୟରେ ଆନ୍ଦୋଳନ ତୀବ୍ରତର ହେଲେ ମଧ ଏନେଇ କିଛି ବି ସୁଫଳ ମିଳିନାହିଁ। ଫଳରେ ନାଗରିକ କମିଟି ପୁଣି ଥରେ ଆନ୍ଦୋଳନକୁ ତୀବ୍ରତର କରିବାକୁ ଅଣ୍ଟା ଭିଡିଥିଲା । ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ପ୍ରତିବାଦ୍ ସଭାରେ କମିଟି ଉପସଭାପତି ନିତ୍ୟାନନ୍ଦ ମିଶ୍ର, କୋଷାଧ୍ୟକ୍ଷ ବୃନ୍ଦାବନ ବରାଳ, କାର୍ଯ୍ୟକାରୀ କମିଟି ସଭ୍ୟ ଗୋପଭୂଷଣ ନାଥ, ନରେଶ ଦାଶ, ପର୍ଶୁରାମ ନାୟନ, ମାନଭଞ୍ଜନ ବେରିହା, ମନୋରଞ୍ଜନ ସାହୁ, ଛବିଲାଲ ବେହେରା, ଗୋପବନ୍ଧୁ ପୁରୋହିତଙ୍କ ସହ ଜିଲା ଓକିଲ ସଂଘ ସଭାପତି ପ୍ରମୋଦ ତ୍ରିପାଠୀ, ଆକ୍ସନ କମିଟି ଆବାହକ ଗୋପାଳଜୀ ପାଣିଗ୍ରାହୀ, ମାରୱାଡି ସମ୍ମିଳନୀ ରାଜ୍ୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଇଂ. ମନୋଜ କୁମାର ଜୈନ, ଅବସରପ୍ରାପ୍ତ ସୈନିକ ସଂଘ ସଭାପତି ପ୍ରତାପ ରଥ, କଂଗ୍ରେସ ଦଳ ପ୍ରବକ୍ତା ସାନନ୍ଦ ମିଶ୍ର, ଉମାକାନ୍ତ ସାହୁ, ଏପିଆଇ ସଭାପତି ଦୀନେଶ ନାଗ, ଆଡଭୋକେଟ୍ ରତନ ମହାରଣା, ମାଧବ ପୁରୋହିତ, ନାଗରିକ କମିଟି ପୂର୍ବତନ ସଭାପତି ଡା. ଲକ୍ଷ୍ମୀକାନ୍ତ ମହାପାତ୍ର, ଇଂ କିଶୋର ମିଶ୍ର, ବ୍ରଜରାଜ ପୁରୋହିତ, ନବୀନ ନାଏକ, ଯୁଧିଷ୍ଠିର ମିଶ୍ର, ଦୁର୍ଗା ପ୍ରସାଦ ହୋତା, ସଲିମ ଖାନ, ହରିବନ୍ଧୁ ନାୟକ, ଗୁରୁ ଡ. ଘାସିରାମ ମିଶ୍ର, ଯୁବ ଆକ୍ସନ କମିଟି ସଭାପତି ବିନୋଦ କାଲସାଏ, ରିଲୁ ରଥ, ଗୋବିନ୍ଦ ଶତପଥୀ, ସରୋଜ ଦଲାଇ, କୋସଲବାଦୀ ନେତା ବିଭୁ ମିଶ୍ର ଓ ଅନ୍ୟମାନେ ସାମିଲ ହୋଇ ବକ୍ତବ୍ୟ ରଖିଥିଲେ। ସଭା ପରେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରିତ ଦାବିପତ୍ରକୁ ଜିଲା ଜରୁରୀକାଳୀନ ଅଧିକାରୀ ଶଙ୍କର୍ଷଣ ପ୍ରଧାନ ଗ୍ରହଣ କରିଥିଲେ। ଶେଷରେ ସାଧାରଣ ସମ୍ପାଦକ କେଡିଆଙ୍କ ଧନ୍ୟବାଦ ଅର୍ପଣ କରିଥିଲେ।



### ୬ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଲୋଇସିଂହା, ୮।୧୧(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଅବକାରୀ ବିଭାଗ ଆଗଲପୁର ବ୍ଲକ ଉଚ୍ଚବାହାଲାରେ ଚଢାଉ କରି ୬ କେଜି ଗଞ୍ଜେଇ ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଉଚ୍ଚବାହାଲ ଗାଁର ଡିଲେଶ୍ୱର ଦୋରା(୨୭) । ଏନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା(ନଂ.୩୭/୧୯-୨୦)ରୁଜୁ ହୋଇଛି। ଅବକାରୀ ବିଭାଗ ସୂଚନା ମୁତାବକ, ଆଗଲପୁର ବ୍ଲକ ଉଚ୍ଚବାହାଲ ଗାଁର ଡିଲେଶ୍ୱର ଦୋରା ବେଆଇନ ଭାବେ ଗଞ୍ଜେଇ ଚାଲାଣ କରୁଥିବା ବିଭାଗୀୟ ଅଧିକାରୀଙ୍କୁ ସୂଚନା ମିଳିଥିଲା । ଏନେଇ ସ୍ଥାନୀୟ ଅବକାରୀ ନିରୀକ୍ଷକ ଆରତୀ କିଷାନ, କନ୍‌ଷ୍ଟେବଲ ସତ୍ୟ ବେହେରା, ଯତୀନ୍ଦ୍ର ସାହୁ ପ୍ରମୁଖ ଉଚ୍ଚବାହାଲ ଚଢାଉ କରିଥିଲେ। ଚଢାଉ ବେଳେ ଅଧିକାରୀମାନେ ଡିଲେଶ୍ୱରଙ୍କ ନିକଟରୁ ୬ କେଜି ଗଞ୍ଜେଇ ଜବତ କରି ତାଙ୍କୁ ଗିରଫ କରାଯାଇଥିବା ଅବକାରୀ ନିରୀକ୍ଷକ କିଷାନ ସୂଚନା ଦେଇଛନ୍ତି।

ବେଆଇନ କରତକଳ ଉପରେ ଚଢ଼ାଉ

## କାଠ ପଟା ସହ ଟ୍ରାକ୍ଟର ଜବତ: ମାଲିକ ଫେରାର

ଲୋଇସିଂହା,୮।୧୧(ଡି.ଏନ.ଏ.)





ବଲାଙ୍ଗୀର ବନ ବିଭାଗ ଓ ମୋଇବାଲ ସ୍କ୍ୱାର୍ଡ ଆଗଲପୁର ବ୍ଲକ ଡୁଡକାମୁଣ୍ଡା ଗ୍ରାମରେ ଚାଲିଥିବା ବେଆଇନ କରତକଳ ଉପରେ ଚଢାଉ କରି ଏକ ଟ୍ରାକ୍ଟର ସହିତ ୧୩ ଖଣ୍ଡ ପଟା ଓ ୮ଖଣ୍ଡ କଟାଯାଇଥିବା କାଠ ଗଣ୍ଡି ସହ ଏକ ମେଶିନ ଜବତ କରାଯାଇଛି। ଏନେଇ ବନ ବିଭାଗ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ବେଳେ କାହାରିକୁ ଗିରଫ କରାଯାଇ ନ ଥିବା ବନ ବିଭାଗ ସୂତ୍ରରୁ ପ୍ରକାଶ। ବନ ବିଭାଗ ପକ୍ଷରୁ ସୂଚନା ମୁତାବକ, ଆଗଲପୁର ଡୁଡକାମୁଣ୍ଡା ଗାଁର ସାଧୁ ସାହୁ ବେଆଇନ ଭାବେ କରତ କଳ ଚଳାଉଥିବା ନେଇ ବନ ବିଭାଗ ନିକଟରେ ଅଭିଯୋଗ ହୋଇଥିଲା। ଏନେଇ ବଲାଙ୍ଗୀର ଏସ୍‌ସିଏଫ୍ ବାବଜୀଚରଣ ରାଉଳଙ୍କ ନେତୃତ୍ୱରେ ଦେଓଗାଁ, ସଇଁତଳା ଓ ପାଟଣାଗଡ଼ ବନ କର୍ମଚାରୀ ଓ ମୋଇବାଲ ସ୍କ୍ୱାର୍ଡ ସୁନୀଲ ମିଶ୍ର ଡୁଡକାମୁଣ୍ଡା ଗାଁରେ ପହଞ୍ଚି ସାଧୁଙ୍କ ଘର ନିକଟରେ ଚାଲଥିବା ବେଆଇନ କରତ କଳ ଉପରେ ଚଢାଉ କରିଥିଲେ। ଚଢାଉବେଳେ ଅଧିକାରୀମାନେ ଗୋଟିଏ ଟ୍ରାକ୍ଟର ସହ କାଠକଟା ମେଶିନ ଏବଂ ୧୩ ଖଣ୍ଡ ପଟା ଓ ୮ ଖଣ୍ଡ କଟାଯାଇଥିବା କାଠ ଗଣ୍ଡି ଜବତ କରିଥିଲେ। ହେଲେ ମାଲିକ ସାଧୁ ଫେରାର ହୋଇଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଚଢାଉରେ ସାଲେଭଟା ଫରେଷ୍ଟର ଆଦିତ୍ୟ ନନ୍ଦ, ଗାର୍ଡ ଲକ୍ଷ୍ମୀନାରାୟଣ ସାହୁ ସାମିଲ ଥିଲେ। ଏନେଇ ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜ ହୋଇ ଘଟଣାର ଅଧିକ ତଦନ୍ତ ଚାଲିଥିବା ଏସସିଏଫ ବାବଜୀଚରଣ ରାଉଳ ପ୍ରକାଶ କରିଛନ୍ତି।

## ବୁର୍ଡ଼ାରେ କଳାସୀ ଯାତ୍ରା ସମ୍ପନ୍ନ

ଲୋଇସିଂହା,୮।୧୧(ଡି.ଏନ୍.ଏ.)

ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ଗ୍ରାମର ପ୍ରସିଦ୍ଧ କଳାସୀ ଯାତ୍ରା ଶୁକ୍ରବାର ସମ୍ପନ୍ନ ହୋଇଯାଇଛି। ୨୬ ନମ୍ବର ଜାତୀୟ ରାଜପଥରେ ଥିବା କଳାସୀ ପୋଲ ତଳେ କେଉଁ ଆବାହମାନ କାଳରୁ କାର୍ତ୍ତିକ ଏକାଦଶୀ ତିଥିରେ ଏହିଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଅପରାହ୍ନରେ କଳାସୀ କୋଠୀରୁ ମୁଖ୍ୟ ଦେହୁରୀ, ବରୁଆ, ଛତର, ବଇରଗ ଧରି ପୂଜା ସ୍ଥଳରେ ପହଞ୍ଚିଥିଲେ। ଛତର, ବଇରଗକୁ ସ୍ଥାପନା କରି କଳାସୀନାଳକୁ ଯାଇ ବାଲିପୂଜା କରିଥିଲେ। ପରେ ପୂଜା ପୀଠକୁ ଆସି ମଙ୍ଗଳାଙ୍କ ସମେତ ବୁଢାରଜା, ସାତବହନୀ, ଠାକୁରାଣୀ, ହନୁମାନ, ଦୁର୍ଗା ଆଦି ଦେବାଦେବୀଙ୍କୁ ଆହ୍ୱାନ କରିଥିଲେ ମୁଖ୍ୟଦେହୁରୀ ଶୋଭାବନ ନାଏକ। ପୂଜା ସମୟରେ ପଞ୍ଚ ବାଦ୍ୟର ତାଳେ ତାଳେ ବରୁଆମାନଙ୍କ ଶରୀରରେ କାଳିଶି ପ୍ରବେଶ କରିଥିଲା। ପରେ ବରୁଆମାନେ ବିଭିନ୍ନ ଭଙ୍ଗିରେ ନୃତ୍ୟ କରିଥିଲେ। ଏହି ସମୟରେ କାଳିସୀ ଶ୍ରଦ୍ଧାଳୁଙ୍କଠାରୁ ଛୋଟଛୋଟ ଶିଶୁମାନଙ୍କୁ ନୃତ୍ୟ ପ୍ରଦର୍ଶନ କରାଇ ଆର୍ଶୀବାଦ ଦେଇଥିଲେ। ଉପସ୍ଥିତ ଶତାଧିକ ଶ୍ରଦ୍ଧାଳୁ ପୀଠକୁ ଯାଇ ଶ୍ରୀଫଳ, ଧୂପଦୀପ, ଅର୍ଘ୍ୟ ଅର୍ପଣ କରି ମାନସିକ କରିଥିଲେ।

ପଥର ଖାଦାନରେ ବନ ବିଭାଗର ଚଢ଼ାଉ

## ୩ ପଥର ବୋଝେଇ ଟ୍ରାକ୍ଟର ଜବତ: ଚାଳକ ଗିରଫ



ବେଆଇନଭାବେ ଚାଲାଣ ପଥରବୋଝେଇ ଟ୍ରାକ୍ଟରକୁ ଜଙ୍ଗଲ ବିଭାଗ ଜବତ କରିଛି।

ଦେଓଗାଁ,୮।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବନ ବିଭାଗ ପକ୍ଷରୁ ଗୁଡଭେଲା ଫରେଷ୍ଟରେଞ୍ଜ ଅନ୍ତର୍ଗତ ସିକେରପାଟ ଜଙ୍ଗଲରେ ଶୁକ୍ରବାର ଦେଓଗାଁ ବନ ବିଭାଗ ଓ ଗୁଡଭେଲା ବିଟ ପକ୍ଷରୁ ବେଆଇନ ଭାବେ ଚାଲିଥିବା ପଥର ଖାଦାନ ଉପରେ ଚଢାଉ କରାଯାଇଥିଲା। ଚଢାଉବେଳେ ଅଧିକାରୀମାନେ ୩ଟି ପଥର ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହ ୩ଜଣ ଗାଡି ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୂଚନାନୁସାରେ ଦେଓଗାଁ ବନ ବିଭାଗର ରେଞ୍ଜର ଆଲୋକ କୁମାର ମାଝି, ଫରେଷ୍ଟର ହରିହର ସ୍ୱାଇଁ, କୁଡାସିଂହା ଫରେଷ୍ଟର ସୁଦାମଚନ୍ଦ୍ର ମିଶ୍ର, ସିକାଛିଡା ଗାର୍ଡ ହିମାଂଶୁ ଶେଖର ଦାସ, ଗୁଡବେଲା ଫରେଷ୍ଟର ସନ୍ଧ୍ୟାରାଣୀ ସେଠ ଓ ଗାର୍ଡ ଇତିଶ୍ରୀ ବଢ଼େଇ ପ୍ରମୁଖ ପଥର ଖାଦାନରେ ଚଢ଼ାଉ କରି ଗୁଡଭେଲାର ଟ୍ରାକ୍ଟର ନଂ ଓଡ଼ି୦୩ଜେ୫୦୧୯, ରାଣିମାଲର ଟ୍ରାକ୍ଟର ନଂ ଓଡ଼ି୦୩ପି୮୫୬୦ ଓ ରାଜକେଲର ଓଡ଼ି୦୩ଇ୬୪୯୦କୁ ଜବତ କରି ଦେଓଗାଁ ରେଞ୍ଜ ଅଫିସକୁ ଆଣିଥିଲେ। ଏନେଇ ବନ ବିଭାଗ ଏକ ମାମଲା ରୁଜୁ କରି ୩ଟି ଟ୍ରାକ୍ଟର ସମେତ ୩ ଜଣ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ରେଞ୍ଜର ଆଲୋକ ମାଝି ସୂଚନା ଦେଇଛନ୍ତି।

ବଲାଙ୍ଗୀରରେ ଜୋନାଲସ୍ତରୀୟ କଳା ଉତ୍ସବ ସମ୍ପନ୍ନ

# କଳା, ପ୍ରତିଭାରେ ରୋମାଞ୍ଚିତ କଲେ କୁନି ଛାତ୍ରୀଛାତ୍ର

ବଲାଙ୍ଗୀର ଅଫିସ, ୮।୧୧

- ଯୋଗ ଦେଇଥିଲେ ୫ ଜିଲାର ପ୍ରତିଯୋଗୀ
- ୧୫,୧୬ରେ ଭୁବନେଶ୍ୱରରେ ହେବ ରାଜ୍ୟସ୍ତରୀୟ କଳାଉତ୍ସବ

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ସମ୍ମିଳନୀ କକ୍ଷରେ ଶୁକ୍ରବାର ଜୋନାଲସ୍ତରୀୟ କଳା ଉତ୍ସବ-୨୦୧୯ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଲାଙ୍ଗୀର, ସୋନପୁର, ବୌଦ୍ଧ, କଳାହାଣ୍ଡି ଏବଂ ନୂଆପଡ଼ା ଜିଲାର ଜିଲାସ୍ତରରେ ପ୍ରଥମ ହୋଇଥିବା ପ୍ରତିଯୋଗୀମାନେ ଯୋଗ ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ବିନୟ କୁମାର ଜେନା ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପୁଇଁତଲା ବ୍ଲକ ଶିକ୍ଷା ଅଧିକାରୀ ନେପାଲ ଚନ୍ଦ୍ର ବାଗ, ଜିଲା ବିଜ୍ଞାନ ତତ୍ତ୍ୱାବଧାରକ ନୀଳମଣି ପଟେଲ, ପୃଥ୍ୱୀରାଜ ହାଇସ୍କୁଲ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲା ବିଜ୍ଞାନ ତତ୍ତ୍ୱାବଧାରକ ପଟେଲ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଚାରକ ଭାବେ ପଦ୍ମଚରଣ ଆଚାର୍ଯ୍ୟ, ଦିଲୀପ କୁମାର ସିଂଦେଓ, ଦୀପକ ବରାଳ, ସୁରେନ୍ଦ୍ର କୁମାର ତ୍ରିପାଠୀ, ମୁରଲୀଧାରୀ





ବଲାଙ୍ଗୀରରେ ଆୟୋଜିତ ଜେନାଲସ୍ତରୀୟ କଳା ଉତ୍ସବରେ କୃତୀ ପ୍ରତିଯୋଗୀଙ୍କ ସହ ଅତିଥିମାନେ।

ପତି, ଗୌରଚରଣ ମହାପାତ୍ର, ଭକ୍ତ ଚରଣ ନାଏକ, ଶମ୍ଭୁ ପ୍ରସାଦ ନାଏକ ଓ ବାସୁଦେବ ମେହେର ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ସରୋଜ କୁମାର ନାୟକ ଓ ଶର୍ମିଷ୍ଠା ହୋତା ସଂଯୋଜନା କରିଥିଲେ। ଏକକ ନୃତ୍ୟ ପ୍ରତିଯୋଗିତାର ବାଳକ ବିଭାଗରେ କଳାହାଣ୍ଡି ଜିଲା ବ୍ରଜମୋହନ ବିଦ୍ୟାଳୟ ଛାତ୍ର ଗୌତମ ନାଏକ, ବାଳିକା ବିଭାଗରେ ବଲାଙ୍ଗୀର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ଛାତ୍ରୀ କାମିନୀ ସାହୁ, ଏକକ କଣ୍ଠ ସଙ୍ଗୀତ ପ୍ରତିଯୋଗିତାର ବାଳକ ବିଭାଗରେ ବଲାଙ୍ଗୀର ପବ୍ଲିକ ସ୍କୁଲ ଛାତ୍ର ରୋନକ ମହାନ୍ତି, ବାଳିକା ବିଭାଗରେ ନୂଆପଡା ଜିଲା ବୋଡେନ୍ ବିପି କଲେଜ ର ଛାତ୍ରୀ ସଲୋନୀ ମୁଣ୍ଡ, ପେଣ୍ଟିଂ ପ୍ରତିଯୋଗିତାର ବାଳକ ବିଭାଗରେ ରାଜେନ୍ଦ୍ର ଜୁନିୟର କଲେଜର ଛାତ୍ର ଶ୍ରୀତମ ସାହୁ, ବାଳିକା ବିଭାଗରେ କଳାହାଣ୍ଡି ଜିଲା ଜୟପାଟଣା ଓଏଭି ଛାତ୍ରୀ ସନ୍ଧ୍ୟାରାଣୀ ଦୁର୍ଗା, ଯନ୍ତ୍ର ସଙ୍ଗୀତ ପ୍ରତିଯୋଗିତାର ବାଳକ ବିଭାଗରେ ବଲାଙ୍ଗୀର କଦମପଡ଼ା ଶିଶୁମନ୍ଦିର ଛାତ୍ର ବିଶେଶ୍ୱର ପଟେଲ ଓ ବାଳିକା ବିଭାଗରେ ସୋନପୁର ଜିଲା ବୀରମହାରାଜପୁରର ପିଏସ୍‌ଜିଏସ୍ ଛାତ୍ରୀ ପ୍ରଜ୍ଞାସ୍ମିତା ପଣ୍ଡା ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଅପରାହ୍ନରେ ପୃଥ୍ୱୀରାଜ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଶିବପ୍ରସାଦ ନନ୍ଦ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ସନାତନ ଠାକୁର, ପଦ୍ମଚରଣ ଆଚାର୍ଯ୍ୟ, ପୁଇଁତଲା ବିଇଓ ନେପାଳ ଚନ୍ଦ୍ର ବାଗ, ନୂଆଁପଡ଼ା ଡିଏସ୍‌ଏସ୍ ଅଶ୍ୱିନୀ କୁମାର ଭୋଇ ଯୋଗଦେଇ କୁନି କଳାକାରଙ୍କ କଳା ପ୍ରତିଭାକୁ ଉଚ୍ଚ ପ୍ରଶଂସା କରିଥିଲେ। ଜୋନାଲସ୍ତରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଓ ଦଳକୁ ଅତିଥିମାନେ ପୁରସ୍କୃତ କରିଥିଲେ। ଜିଲାସ୍ତରରେ ବ୍ୟାଣ୍ଡ ପାର୍ଟିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବଲାଙ୍ଗୀର କଦମପଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଦଳ ବରଗଡଠାରେ ଅନୁଷ୍ଠିତ ହୋଇଥିବା ଜୋନାଲସ୍ତରୀୟ ବ୍ୟାଣ୍ଡପାର୍ଟି ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଚଳିତମାସ ୧୫ ଓ ୧୬ ତାରିଖ ଦୁଇଦିନ ଧରି ଭୁବନେଶ୍ୱର ୟୁନିଟ୍ -୯ ସ୍ଥିତ ବାଳକ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ କଳା ଉତ୍ସବରେ ଜୋନାଲସ୍ତରର କୃତୀ ପ୍ରତିଯୋଗୀମାନେ ଯୋଗଦେବେ। ଉତ୍ସବ ଶେଷରେ ବିଜ୍ଞାନ ଶିକ୍ଷକ ଦିଗାମ୍ବର ନାଏକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବିଜ୍ଞାନ ସୋସାଇଟିର ସମସ୍ତ କର୍ମକର୍ତ୍ତା, ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ତଥା ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ।

## ଫଟୋରେ ଖବର





ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ ପକ୍ଷରୁ ୧୦ ଦଫା ଦାବି ନେଇ ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ ନେଇ ବାହାରିଥିବା ଶୋଭାଯାତ୍ରା।





ବଲାଙ୍ଗୀର ସାମ୍ବାଦିକ ଭବନଠାରେ ସାମୂହିକ ବିକାଶ ସମିତି ପକ୍ଷରୁ 'ଚାଷୀଙ୍କୁ ସହାୟତା ନୁହେଁ, କ୍ଷତି ପୂରଣ' ଶୀର୍ଷକ ବିଷୟ ବସ୍ତୁ ଉପରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି। (ଫଟୋ- ସୁନୀଲ)

## ବିଜୁ ଯୁବବାହିନୀର ସଡ଼କ ସୁରକ୍ଷା

ଟିଟିଲାଗଡ଼,୮।୧୧(ଡି.ଏନ.ଏ.)

ଟିଟିଲାଗଡ଼ ବିଜୁ ଯୁବବାହିନୀ ପକ୍ଷରୁ ଶୁକ୍ରବାର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ପୂର୍ବାହ୍ନରେ ଡିଏଭି ସ୍ୱୟଂ ଶାସିତ କଲେଜ ନିକଟସ୍ଥ ଚାରି ଛକଠାରେ ଯାନବାହାନ ଚାଳକଙ୍କୁ ଲିଫଲେଟ ବଣ୍ଟନ କରି ସଚେତନ କରାଯାଇଥିଲା। ହେଲମେଟ ପିନ୍ଧିଥିବା ବାଇକ୍ ଆରୋହୀଙ୍କୁ ମିଷ୍ଟାନ୍ନ, ଚକ୍‌ଲେଟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୁବ ବାହିନୀ କ୍ଲବ ୧ର ସଭାପତି ମୋହିତ ବେହେରା, ସମ୍ପାଦକ ଗୋପାଳ ସାହୁ, କୋଷାଧ୍ୟକ୍ଷ ଗୋପାଳ କ୍ରିଷ୍ଣନ ସାହୁ, କ୍ଲବ୨ ସଭାପତି ଦୀପକ ଜାଲ, ସମ୍ପାଦକ ଯୁଗଳ କିଶୋର ନାୟକ, କୋଷାଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ସାହୁ, କ୍ଲବ୩ ସଭାପତି ଜଗଦୀଶ ବଗର୍ତ୍ତି, ସମ୍ପାଦକ କ୍ଷେତ୍ର ନାଗ, କୋଷାଧ୍ୟକ୍ଷ ବାପୁନି ପଣ୍ଡା, ବବୁ ବାଗ, ସନ୍ତୋଷ କେତକି, ଆଶୁତୋଷ ମିଶ୍ର, ନିଗମ ପ୍ରଧାନ, ଢୁଲେଶ୍ୱର ସାଗରିଆ, ଅମିତୋଷ ବଗର୍ତ୍ତି, ଅଜୟ ସାହୁ, ସଞ୍ଜୟ ଦେବ ନାଗ, ଗୁରୁବାରୁ ବିଶି, ଶିବୁ ସାହୁ, ଅଶ୍ୱିନୀ ଭାଟି, ବାନାମ୍ବର ଠେଲା, କିଶୋର ହାତୀ, ମନୋଜ କେତକି ପ୍ରମୁଖ ସାମିଲ ଥିଲେ। ପୋଲିସ ପାଟ୍ରୋଲିଂ ଟିମ୍‌ର ଏଏସ୍‌ଆଇ କାଶିନାଥ ମାଝି, ହାବିଲଦାର ଚୈତନ୍ୟ ବାଗ ପ୍ରମୁଖ ଉପସ୍ଥିତ ରହିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୯ ନଭେମ୍ବର, ୨୦୧୯



ସର୍ବଦା ପ୍ରାର୍ଥନା କର, ଯେପରି ତୁମ ଶରୀରର ମୃତ୍ୟୁ ପୂର୍ବରୁ ତୁମ ଭିତରେ ଥିବା ଦୁର୍ଗୁଣଗୁଡିକର ମୃତ୍ୟୁ ହୋଇଯାଉ।
- ଫ୍ରାଙ୍କଲିନ୍



## ସଂକ୍ଷେପରେ

### ରିଷିଡ଼ାରେ ପଞ୍ଚୁକ ବ୍ରତ ଆରମ୍ଭ

ରିଷିଡା,୮।୧୧(ଡି.ଏନ.ଏ.)- କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାରେ ପଞ୍ଚୁକ ବ୍ରତ ଶୁକ୍ରବାରଠାରୁ ଆରମ୍ଭ ହୋଇଛି । ଧର୍ମମାସ କାର୍ତ୍ତିକରେ ପ୍ରତ୍ୟହ ପ୍ରାତଃରେ ସ୍ନାନ କରି ହବିଶିଆଳୀମାନେ ପଞ୍ଚୁକ ବ୍ରତ ଆରମ୍ଭ କରି ପୂଜାର୍ଚ୍ଚନା କରୁଛନ୍ତି । ଏହି ଅବସରରେ ରିଷିଡା, ବଡଡୁଙ୍ଗୁରୀଗୁଡା, ରିଞ୍ଝା, ରାଜପୁର, ଐତିହାସିକ ଶୈବପୀଠ ବେଲଖଣ୍ଡିରେ ଶୈବପୀଠଗୁଡ଼ିକରେ ପ୍ରବଳ ଭିଡ ହେଉଛି। ପଞ୍ଚୁକରେ ଏଠାରେ ତୁଳସୀ ଚଉଁରାରେ ଦେବୀଦେବଙ୍କ ମରୁଜ କାଟି ପୂଜାର୍ଚ୍ଚନା କରାଯାଉଛି ।

### ରିଷିଡ଼ା- ତେରେସିଂହା ରାସ୍ତା ଶୋଚନୀୟ

ରିଷିଡା, ୮।୧୧ (ଡି.ଏନ.ଏ.)- କଳାହାଣ୍ଡି ଜିଲା ରିଷିଡା- ତେରେସିଂହା ଆରଡି ରାସ୍ତା ମରାମତି ଅଭାବରୁ ମରଣଯନ୍ତା ପାଲଟିଛି । ଏହି ରାସ୍ତା ରିଷିଡା- କେସିଙ୍ଗା ରାସ୍ତାର ଅନ୍ୟ ଏକ ବାଇପାସ ରାସ୍ତା । ପ୍ରାୟ ୨ କି.ମି. ରାସ୍ତା ମରାମତି ଅଭାବରୁ ମରଣଯନ୍ତା ପାଲଟିଛି। ତୁରନ୍ତ ଏହି ରାସ୍ତାକୁ ମରାମତି କରିବା ପାଇଁ ଦାବି ହେଉଛି ।



### ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷଙ୍କ ମାତୃ ବିୟୋଗ

ରିଷିଡା,୮।୧୧(ଡି.ଏନ.ଏ.)- କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଶ୍ରୀନିବାସ ମିଶ୍ରଙ୍କ ମାତୃ ବିୟୋଗ ଘଟିଛି । ବଡଡୁଙ୍ଗୁରୀଗୁଡାର ସ୍ୱର୍ଗତ ସହଦେବ ମିଶ୍ରଙ୍କ ପତ୍ନୀ ଷଷ୍ଠୀବାଳା ମିଶ୍ରଙ୍କ ମୃତ୍ୟୁରେ ଏହି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ଦ୍ୱିତୀୟ ପୁତ୍ର ରଶ୍ମିରଞ୍ଜନ ମିଶ୍ର ମୁଖାଗ୍ନି ଦେଇଥିଲେ ।

### ବେହେରା ଧନୁଯାତ୍ରା ପାଇଁ ବୈଠକ

ପର୍ଲା,୮।୧୧(ଡି.ଏନ.ଏ.)- କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରାସ୍ଥିତ ଧନୁଯାତ୍ରା ପାଇଁ ବୈଠକ ଗତ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏକ କମିଟି ଗଠନ କରାଯାଇଛି। ବଳରାମ ପୂଝାରୀ ସଭାପତି, ଭବେଶ ଗଇନ୍ତା ଉପସଭାପତି, ବାଳକୃଷ୍ଣ ବିଶି ସମ୍ପାଦକ ଓ ଭବାନୀ ବାରିକଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି । ସୂଚନା ଯେ, ଧନୁଯାତ୍ରା ଆସନ୍ତା ଡିସେମ୍ବର ୨୪ ତାରିଖରୁ ଆରମ୍ଭ ହୋଇ ୭ ଦିନ ଧରି ହେବ ବୋଲି ନିଷ୍ପତ୍ତି ନିଆଯାଇଛି । ଏହି କାର୍ଯ୍ୟକ୍ରମରେ ସୋନପୁର ଜିଲାରୁ କଂଶ ମହାରାଜ ଅଣାଯିବା ବ୍ୟବସ୍ଥା ରହିଛି। ଏଥିରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଲୋକଙ୍କ ମନୋରଞ୍ଜନ ସକାଶେ ମିନା ବଜାରର ବ୍ୟବସ୍ଥ କରାଯାଇଛି।

# କପା ଅମଳ ପୂର୍ବରୁ ଦଲାଲ ସକ୍ରିୟ

## ■ ଜିଲାର ୫୧ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ କପା ଚାଷ

ଭବାନୀପାଟଣା,୮।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ଧାନ ପରେ କପା ହିଁ ଏକମାତ୍ର ଅର୍ଥକରୀ ଫସଲ । ଯାହା ଉପରେ ଏ ଅଞ୍ଚଳର ଚାଷୀ ନିର୍ଭର କରିଥାନ୍ତି । ପ୍ରଥମେ ବର୍ଷାଭାବରୁ ମରୁଡିସ୍ଥିତି ଏବଂ ପରେ ଅତିବର୍ଷାରୁ ବଳକା ଫସଲ ନଷ୍ଟ ଯୋଗୁ ଚାଷୀ ଚିନ୍ତାରେ ରହିଛନ୍ତି । କିନ୍ତୁ ଅନ୍ୟବର୍ଷ ଅପେକ୍ଷା ଏଥର ପାଣିପାଗ କପା ଚାଷକୁ ଭଲ ସୁହାଇଛି । ବାୟୁମଣ୍ଡଳରେ ଆର୍ଦ୍ରତା କମ୍ ରହିଥିବାରୁ ଏଥର ପ୍ରଥମ ପର୍ଯ୍ୟାୟ ଅମଳ ଭଲ ହେବ ବୋଲି ଅନୁମାନ କରାଯାଉଛି। ତେବେ ଅମଳ ପୂର୍ବରୁ ଗାଁରେ ଦଲାଲମାନେ ସକ୍ରିୟ ହେଲେଣି । ଅପରପକ୍ଷେ ମିଲ କିମ୍ୱା ଦଲାଲଠାରେ ବିକ୍ରି କରିବାକୁ ଉଚିତ ମଣୁଛନ୍ତି। କାରଣ ସରକାରୀ ବ୍ୟବସ୍ଥାରେ ରହିଥିବା ନିୟମ ଯୋଗୁ କପା ବିକ୍ରି ପାଇଁ ଯାଉଥିବା ଚାଷୀ ଅଧିକ ଲାଭନ୍ୱିତ ହେବା ପରିବର୍ତ୍ତେ ହଇରାଣ ହେଉଛନ୍ତି । ଏଣୁ ମିଲ କିମ୍ୱା ଦଲାଲଠାରେ ବିକ୍ରି କରି ସ୍ୱଳ୍ପ ଅର୍ଥ ହେଲେ ବି ଏକକାଳୀନ କପା ବିକ୍ରି ଅର୍ଥ ପାଇବା ଏବଂ ହଇରାଣରୁ ବଞ୍ଚିତ ହେବାକୁ ପଡୁଛି ବୋଲି କପା ଚାଷୀମାନେ ପ୍ରକାଶ କରିଛନ୍ତି । ସରକାର କପାର ସହାୟକ ମୂଲ୍ୟ ଘୋଷଣା କରୁଥିଲେ ମଣ୍ଡିରେ



ଜଣେ ମହିଳା କପା ତୋଳୁଛନ୍ତି।

ନିର୍ଦ୍ଧାରିତ ମୂଲ୍ୟ ପାଇବା ନାଁରେ ଚାଷୀ ବାରମ୍ବାର ବ୍ୟାଙ୍କ, ଅଫିସ, ମଣ୍ଡିକୁ ଦୌଡି ହଇରାଣ ହେବାକୁ ପଡୁଛି । ଚାଷୀ ଏସବୁ ସମସ୍ୟାର ସମ୍ମୁଖୀନ ହେଉଥିଲେ ସୁଦ୍ଧା ଜିଲା ପ୍ରଶାସନ, କୃଷି ବିଭାଗ, କପା କ୍ରୟକାରୀ ସଂସ୍ଥା ଚୁପ ବସିଛନ୍ତି ।

ଯାହା ଧଳା ହୀରାର କଳା ବେପାରକୁ ସୁଯୋଗ ଦିଆଯାଉଛି ବୋଲି କପା ଚାଷୀ (କର୍ଲାପଡା) ମନୋଜ କୁମାର ପ୍ରଧାନ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ, ଚଳିତବର୍ଷ କଳାହାଣ୍ଡି ଜିଲାର ୫୧ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ କପା ଚାଷ ହୋଇଛି । ଭବାନୀପାଟଣା, ଜୁନାଗଡ, କେସିଙ୍ଗା, ନର୍ଲା, ଥୁ.ରାମପୁର, ମ.ରାମପୁର, ଗୋଲାମୁଣ୍ଡା, କଲମପୁର, କର୍ଲାମୁଣ୍ଡା ବ୍ଲକ କେତେକ ଅଞ୍ଚଳକୁ ଛାଡିଲେ ପ୍ରାୟ ସବୁ ବ୍ଲକରେ ଅଗଷ୍ଟ ମାସରେ ହୋଇଥିବା ବର୍ଷାଜନିତ କ୍ଷୟକ୍ଷତି ନାହିଁ । ଏଥିସହ ପାଣିପାଗ ମଧ୍ୟ ପ୍ରାୟ ଶୁଖିଲା ରହୁଛି। ଯାହା କପା ଚଷ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଛି । ତେଣୁ ଅନ୍ୟବର୍ଷ ତୁଳନାରେ ଏଥର କପା ଅମଳ ଭଲ ହେବ ଏକ ବୈଠକରେ ଆହ୍ୱାନ କରାଯାଇ ବିଭିନ୍ନ ନିଷ୍ପତ୍ତି ନିଆଯାଇଥିଲା । ଏଥିସହ କପାର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୫ହଜାର ୫ଶହ ଟଙ୍କା ନିର୍ଦ୍ଧାରଣ କରାଯାଇଥିବା ବେଳେ ପ୍ରଶାସନ ପକ୍ଷରୁ କେସିଙ୍ଗା, କର୍ଲାପଡାରେ ଆରଏମସିରେ କପା କିଣିବାର ବ୍ୟବସ୍ଥା କରାଯାଇଛି । ଏଥିସହ ଗୋଲାମୁଣ୍ଡା ଅଞ୍ଚଳରେ ଏକ ଅସ୍ଥାୟୀ କପା ମଣ୍ଡି ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି । ଅଧିକାଂଶ ସ୍ଥାନରେ କପାର ପ୍ରଥମ ପର୍ଯ୍ୟାୟ ଅମଳ ଶେଷ ହେଲାଣି । ପ୍ରାୟ ୩ଟି ପର୍ଯ୍ୟାୟରେ କପା ଅମଳ ହେଉଥିବା ବେଳେ କପା ଚାଷର ଏହା ହେଉଛି ପ୍ରଥମ ପାର୍ଯ୍ୟାୟ। ଆନ୍ତର୍ଜାତୀୟ ବଜାରରେ ମଧ୍ୟ କପା ଦର କମ ଥିବାରୁ ବଜାର ମୂଲ୍ୟ କମଥିବା ନେଇ ଚର୍ଚ୍ଚା ହେଉଛି । ବିଭିନ୍ନ ସ୍ପିନିଂ ମିଲର ଦଲାଲମାନେ ଗାଁ ଗାଁକୁ ଯାଇ ଚାଷୀମାନଙ୍କୁ କପା ଦେବାକୁ କହି ସାରିଲେଣି। ଏଣୁ ବିନା ହଇରାଣ ଏବଂ ଏକକାଳୀନ ଟଙ୍କା ପାଇବା ଆଶାରେ ମଣ୍ଡିକୁ ଅପେକ୍ଷା କରିବା ପରିବର୍ତ୍ତେ ଦଲାଲ ପାଖକୁ କିମ୍ବା ମିଲକୁ ଯିବାକୁ ପସନ୍ଦ କରୁଥିବା ଅଞ୍ଚଳର କପା ଚାଷୀ ପ୍ରମୁଖ କହିଛନ୍ତି । ଏ ସମ୍ପର୍କରେ କଳାହାଣ୍ଡି ଚିପ୍ ଡିଷ୍ଟ୍ରିକ୍ ଏଗ୍ରୀକଲଚର୍ ଅଫିସର ନରେନ୍ଦ୍ର ବେହେରାଙ୍କୁ ପଚାରିବାରୁ କପାର ସର୍ବନିମ୍ନ ସହାୟକ ମୂଲ୍ୟଠାରୁ ଚାଷୀ ଅଧିକ ପାଇଲେ ଯାହାକୁ ଦେଇପାରିବେ । ମାତ୍ର ଏମଏସପିରୁ କମ ଦରରେ କାହାକୁ ସେମାନେ ଯେଭଳି ନ ଦେବେ ସେ ନେଇ ବିଭାଗ ତଥା ସିସିଆଇ (କଟନ କର୍ପୋରେସନ ଅଫ ଇଣ୍ଡିଆ) ସବୁବେଳେ ଚେଷ୍ଟା କରିଥାଏ । ଏଥିପାଇଁ ଆମେ ଚାଷୀଙ୍କୁ ସଚେତନ ମଧ୍ୟ କରୁଛୁ ବୋଲି ସେ କହିଛନ୍ତି ।

# ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ଜୁନାଗଡ, ୮।୧୧ (ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ ସହର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୪ ତମ ଦ୍ୱି-ଦିବସୀୟ ବାର୍ଷିକ କ୍ରୀଡ଼ା ସ୍ଥାନୀୟ ହାଇସ୍କୁଲ ଖେଳ ପଡିଆଠାରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। କ୍ରୀଡା ଉତ୍ସବକୁ ଜୁନାଗଡ ଅଞ୍ଚଳ ବିଶିଷ୍ଟ ସାମାଜିକ କର୍ମୀ ଅବିନାଶ ମୁଣ୍ଡ ଉଦ୍‌ଘାଟନ କରିଥିଲେ। ସ୍କୁଲ ପରିଚାଳନା କମିଟି ସମ୍ପାଦକ ବିନାୟକ ଯୋଷୀଙ୍କ ଅଧ୍ୟକ୍ଷତାରେ ସମ୍ମାନିତ ଅତିଥି ଭାବେ ପ୍ରଧାନାଚାର୍ଯ୍ୟ ଅଜୟ ପାଢୀ, ପରିଚାଳନା ପ୍ରମୁଖ ଉଦିତ ବେହେରା ମଞ୍ଚାସୀନ ଥିଲେ। ଉଦ୍‌ଘାଟନୀ ସଭାରେ ହେମନ୍ତ ପ୍ରଧାନୀ ମଞ୍ଚ ପରିଚାଳନା କରିଥିବା ବେଳେ ସନ୍ତୋଷ କୁମାର ସାହୁ ଧନ୍ୟବାଦ ଦେଇଥିଲେ। କ୍ରୀଡା ପ୍ରମୁଖ ନିର୍ମଳ ଦଣ୍ଡସେନାଙ୍କ ଦ୍ୱାରା ସମସ୍ତ କ୍ରୀଡା ଦୁଇ ଦିନ ଧରି ଚାଲିବ। ଛାତ୍ରୀଛାତ୍ରମାନେ ବିଭିନ୍ନ ବର୍ଗରେ ଦୌଡ, ଲମ୍ଫ ଡିଆଁ, ଉଚ୍ଚଡିଆଁ, ଥାଳି ଫିଙ୍ଗା, ବର୍ଚ୍ଛା ଫିଙ୍ଗା, ଗୋଳା ଫିଙ୍ଗା ଭଳି କ୍ରୀଡାରେ ନିଜର ପାରଦର୍ଶିତା ପ୍ରତିପାଦିତ କରିବେ। କୁନିକୁନି ଛାତ୍ରୀଛାତ୍ରମାନେ ବେଙ୍ଗ ଡିଆଁ ପ୍ରତିଯୋଗୀତାରେ ଭାଗ ନେଇଥିଲେ। ଏଥିରେ ପ୍ରାରମ୍ଭରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୪ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିବା ସ୍କୁଲ ସୂଚନା ମିଳିଛି।



ପ୍ରତିଯୋଗିତାରେ ଜଣେ ଛାତ୍ର ଗୋଲା ଫିଙ୍ଗୁଛନ୍ତି।

# ସୁସ୍ଥ ହୋଇ ଫେରୁଥିବା ରୋଗୀଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ

## ପୁଣି ଫେରିଲେ ଡାକ୍ତରଖାନା

ଭବାନୀପାଟଣା/କେସିଙ୍ଗା, ୮।୧୧ (ଡି.ଏନ.ଏ.)

ସୁସ୍ଥ ହୋଇ ଡାକ୍ତରଖାନାରୁ ଘରକୁ ଫେରୁଥିଲେ ରୋଗୀ। ହେଲେ ଅଧାବାଟରେ ଦୁର୍ଘଟଣାର ଶିକାର ହେଲା ଗାଡି। ଏବେ ରୋଗୀଙ୍କ ସହ ଆଉ ୩ ଜଣ ରୋଗୀ ଆହତ ହୋଇ ଡାକ୍ତରଖାନାକୁ ଫେରିଛନ୍ତି । କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଉକ୍ଳେଲା ଅଞ୍ଚଳରେ ଏଭଳି ଏକ ଘଟଣା ଘଟିଛି। ସୂଚନା ଅନୁସାରେ, କେସିଙ୍ଗା ବ୍ଲକ ଚିରଚାପଲାର ବାବୁଲି ଭୋଇ ଭବାନୀପାଟଣା ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ । ଗତ ୬ ତାରିଖରେ ତାଙ୍କୁ ଡିସଚାର୍ଜ କରାଯିବାରୁ ପରିବାର ସଦସ୍ୟ ଗିରିଶ ଚନ୍ଦ୍ର ଭୋଇ, କିଷାନ ଭୋଇ ଓ କେଶରୀ ଭୋଇଙ୍କ ସହ ଏକ ଚାରିଚକିଆ ଗାଡି (ନଂ. ଓଆର ୦୮ ବି ୦୯୩୭) ରେ ଘରକୁ ଫେରୁଥିଲେ। ଦୁର୍ଭାଗ୍ୟବଶତଃ ଗାଡି ଭବାନୀପାଟଣାରୁ ଚିରଚାପଲା ଯାଉଥିବା ବେଳେ ଉକ୍ଳେଲା ନିକଟସ୍ଥ ଖଜୁରପଡାରେ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ତାଳ ଗଛରେ ପ୍ରଥମେ ପିଟି ହୋଇ ମୋଡି ହୋଇଥିଲା। ଦୁର୍ଘଟଣାରେ ଗାଡିର ଆଗ ଭାଗ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଆଗ ପଟେ କେଶରୀ ବସିଥିବାରୁ ସେ ଗୁରୁତର ହୋଇଛନ୍ତି। ଖବର ପାଇ ୧୦୮ ଆମ୍ବୁଲାନ୍ସ ଓ ଉକ୍ଳେଲା ଫାଣ୍ଡି ଅଧିକାରୀ ଦୁର୍ଘଟଣା ସ୍ଥଳରେ ପହଞ୍ଚି ସମସ୍ତଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। କେଶରୀ ଫସି ରହିଥିବାରୁ ଅଗ୍ନିଶମ କର୍ମଚାରୀଙ୍କୁ ଡକାଯାଇଥିଲା। ଅଗ୍ନିଶମ ଟିମ୍ ପହଞ୍ଚି କେଶରୀଙ୍କୁ ଉଦ୍ଧାର କରିଥିଲା। ପ୍ରଥମେ ସମସ୍ତଙ୍କୁ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ପରେ ସମସ୍ତଙ୍କୁ ଭବାନୀପାଟଣା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଉକ୍ଳେଲା ଫାଣ୍ଡି ଅଧିକାରୀ ପ୍ରେମରାଜ କଅଁର ଗାଡି ଜବତ କରି ତଦନ୍ତ ଆରମ୍ଭ କରିଥିଲେ। ଗାଡି କାହାର ଜଣା ପଡି ନ ଥିବା ବେଳେ ଡ୍ରାଇଭର ଚିହ୍ନଟ ହୋଇଥିବା କଅଁର ପ୍ରକାଶ କରିଛନ୍ତି। ଦୁର୍ଘଟଣା ପରେ ଗାଡି ଡ୍ରାଇଭର ଫେରାର ଥିବାବେଳେ ମାଲିକ ସମ୍ପର୍କରେ ବି କିଛି ଜଣାପଡିନାହିଁ। ଏ ଦିଗରେ ତଦନ୍ତ ଚାଲିଛି ବୋଲି ଫାଣ୍ଡି ଅଧିକାରୀ କହିଛନ୍ତି।

## ସଂସ୍କାର ଭାରତୀ ପକ୍ଷରୁ ମିଳନ ଉତ୍ସବ

ଭବାନୀପାଟଣା,୮।୧୧(ଡି.ଏନ.ଏ.)

ଭବାନୀପାଟଣା ସହରସ୍ଥିତ ସଂସ୍କାର ଭାରତୀ ପକ୍ଷରୁ ଲେଖକ କଳା ପରିଷଦଠାରେ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାନ୍ତୀୟ ସଭାପତି ପ୍ରଭାସ ଚନ୍ଦ୍ର ମିଶ୍ର ଓ ହରେକୃଷ୍ଣ ଭୋଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ନଗର ସଭାପତି ଜ୍ୟୋତିରାଣୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଚନ୍ଦ୍ର ପଣ୍ଡା, ଅଶୋକ ପାତ୍ର, ସୁରଜିତ ସିଂ, ହରେକୃଷ୍ଣ ଭୋଇ, ଡା. ଦୀନବନ୍ଧୁ ସାହୁ, ଡା. ମିନତୀ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ରଘୁନାଥ ଠାକୁର ସଂସ୍କାର ଭାରତୀର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ନମିତା ମିଶ୍ର, ସସ୍ମିତା ମିଶ୍ର, ସସ୍ମିତା ମହାନ୍ତି, ନରେନ୍ଦ୍ର ପଣ୍ଡା, ସୁଧୀର ପଣ୍ଡା, ରାମେଶ୍ୱର ଠାକୁର, ଚିତ୍ତ ପଣ୍ଡା ପ୍ରମୁଖ ଧେୟ ଗିତ ପରିବେଷଣ କରିଥିଲେ। ସେହିଭଳି ପ୍ରତ୍ୟୋଷ ମିଶ୍ର, ପ୍ରଭାସ ଚନ୍ଦ୍ର ମିଶ୍ର, ଅମିତାଂଶୁ ଠାକୁର ଓ ସଚ୍ଚି ରଥ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ଏସ୍.ଦାସ, ଶିବାସିଂ ଦାସ, ଆରାଧନା ପଟ୍ଟନାୟକ, ଭୀମସେନ ସାହୁ, ଭାନୁ ପ୍ରକାଶ ରଥ, ଶାନ୍ତନୁ ମୁଣ୍ଡ, ଶୁଭେନ୍ଦୁ ମହାପାତ୍ର, ପ୍ରମୋଦ ପଟ୍ଟନାୟକ ପ୍ରମୁଖ ବିଭିନ୍ନ ନାଟକ ପରିବେଷଣ କରିଥିଲେ। ବିରଞ୍ଚି ନାରାୟଣ ମୁଣ୍ଡ ଓ ସ୍ୱର୍ଣ୍ଣକାନ୍ତି ବୈକାର ମଞ୍ଚ ପରିଚାଳନା କରିଥିଲେ । ନରେନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବ ନେତୃତ୍ୱ, ଯୁବ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଭବାନୀପାଟଣା, ୮।୧୧ (ଡି.ଏନ.ଏ.)

ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବେପାର ମନ୍ତ୍ରଣାଳୟ ନେହେରୁ ଯୁବକେନ୍ଦ୍ର କଳାହାଣ୍ଡି ପକ୍ଷରୁ ଚାଲିଥିବା ତିନି ଦିନିଆ ଯୁବ ନେତୃତ୍ୱ ଓ ଯୁବ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ ଭବନୀପାଟଣାସ୍ଥିତ ସମ୍ପ୍ରସାରଣ ତାଲିମ୍ କେନ୍ଦ୍ରଠାରେ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ନେହେରୁ ଯୁବ କେନ୍ଦ୍ରର ଜିଲା ଯୁବ ସଂଯୋଜକ ପ୍ରଶନ୍ନ କୁମାର ମେହେର ଏହି କାର୍ଯ୍ୟକ୍ରମ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ଦଳେଇ, ମୁଖ୍ୟବକ୍ତା ଭାବେ ଡ. ସଞ୍ଜୀବ କୁମାର ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଇଂଲିଶ ବିଭାଗ ସହକାରୀ ପ୍ରଫେସର କ୍ୟା. ଜୟଦେବ ସାହୁ, ଅଧ୍ୟାପକ ହିରେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ତାଲିମ୍ ପ୍ରଦାନ କରିଥିଲେ। ଏହି ଅବସରରେ ଶିବିରାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଲେଖାପାଳ ଦ୍ୱିତୀୟା ବନଛୋର ଧନ୍ୟବାଦ ଅର୍ପଣ କରିଥିଲେ। ଗତ ୬ ତାରିଖରେ ଏହି ଶିବିର ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡ. ସଜିତ୍ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ପୂର୍ବତନ ଜିଲା ଯୁବ ସଂଯୋଜକ ଶୁଭଲକ୍ଷ୍ମୀ ନାଏକ, ସମ୍ମାନିତ ଅତିଥି ଭାବେ କର୍ତ୍ତବ୍ୟ ଅନୁଷ୍ଠାନର ପ୍ରତିଷ୍ଠାତା ଅଶୋକ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲାର ୧୩ଟି ବ୍ଲକରୁ ୨୦ଟି ଯୁବ ଅନୁଷ୍ଠାନରୁ ୪୦ ଜଣ ଯୁବତୀଯୁବକ ଭାଗ ନେଇଥିଲେ। ଦ୍ୱିତୀୟ ଦିବସରେ ଅତିଥି ଭାବେ ଡ. ଉମେଶଚନ୍ଦ୍ର ଶତ୍‌ପଥି ଯୋଗଦେଇ ଶିବିରାର୍ଥୀମାନଙ୍କୁ ସ୍କିଲ ଡେଭଲପ୍‌ମେଣ୍ଟ ଉପରେ ତାଲିମ୍ ଦେଇଥିଲେ। ୩ ଦିନ ବ୍ୟାପି ଏହି ଶିବିର ପରିଚାଳନାରେ ନେହେରୁ ଯୁବକେନ୍ଦ୍ର କଳାହାଣ୍ଡିର ଯୁବସ୍ୱେଚ୍ଛାସେବୀ ମିଳନ କୁମାର ଭୋଇ, କୋପନେସ୍ୱର ବେମାଲ, ଚିନ୍ମୟ ପଣ୍ଡା, ଜଗତାନନ୍ଦ ପ୍ରଧାନ, ଲକ୍ଷ୍ମୀ ସାହୁ, ଉତ୍କଳିକା ସାହୁ, ପଦ୍ମାବତୀ ପଟେଲ, ସୁଚିସ୍ମିତା ଭୋଇ, ହିମାନୀ ନାଏକ ପ୍ରମୁଖ ସହଯୋଗ କରିଥିଲେ।




ଯୁବ ନେତୃତ୍ୱ ଓ ଯୁବ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମରେ ଜଣେ ଯୁବତୀଙ୍କୁ ପୁରସ୍କୃତ କରାଯାଉଛି।

## ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ କଳାହାଣ୍ଡି ଶାଖା

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଭବାନୀପାଟଣା, ୮।୧୧ (ଡି.ଏନ.ଏ.)

ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ କଳାହାଣ୍ଡି ଶାଖା ପକ୍ଷରୁ ୧୧ ଦଫା ଦାବି ନେଇ ଭବାନୀପାଟଣା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା ସମ୍ପାଦିକା ରାଜେସ୍ୱରୀ ସେଠୀଙ୍କ ନେତୃତ୍ୱରେ ଭବାନୀପାଟଣାସ୍ଥିତ ବାଲାଜୀ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ୧୧ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ମାଧ୍ୟମରେ ପ୍ରଦାନ କରାଯାଇଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ମହିଳା ଓ ଶିଶୁମାନଙ୍କୁ ପହଞ୍ଚିବାରେ ଆଶା ଓ ଆଶା ସାଥିମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ହେଲେ ପରିଶ୍ରମ ମୁତାବକ ପ୍ରାପ୍ୟ ମିଳୁ ନ ଥିବାରୁ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ବୋଲି ସଂଘ ଅଭିଯୋଗ କରିଛି। ସଂଘର ବିଭିନ୍ନ ଦାବିଗୁଡ଼ିକ ମଧ୍ୟରେ ଆଶା ଓ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ କଳାହାଣ୍ଡି ଶାଖାର ବିକ୍ଷୋଭ ।

ଆଶାସାଥୀମାନଙ୍କ ମାସିକ ଦରମା ୧୮ ହଜାର ଓ ଆଶା ସାଥିମାନଙ୍କ ୨୪ ହଜାର ଟଙ୍କା, ଇପି.ଏଫ, ଇଏସ.ଆଇ ପେନସନ, ଗ୍ରାଚ୍ୟୁଇଟି ଯୋଜନା ଲାଗୁ କରିଯିବା, ଆଶା ଓ ଆଶାସାଥିମାନଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ଘଟିଲେ ୫ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ, ଆଶା ଓ ଆଶାସାଥିମାନଙ୍କୁ ବୀମାଭୁକ୍ତ କରାଇବା, ଆଶା ଓ ଆଶାସାଥିମାନଙ୍କୁ ଚାକିରୀରୁ ଅବସର ବେଳେ ୫ ଲକ୍ଷ ଟଙ୍କା ପ୍ରଦାନ କରାଯିବା, ଅନୁଭବୀ ଆଶାକର୍ମୀମାନଙ୍କୁ ଟୀକାକରଣ ସମ୍ବନ୍ଧୀୟ ପ୍ରଶିକ୍ଷଣ ତାଲିମ ପ୍ରଦାନ କରାଯିବା, ନିର୍ଦ୍ଧିଷ୍ଟ ବ୍ୟୟ ସୀମାକୁ ହଟାଇ ଯୋଗ୍ୟତାଧାରୀ ଆଶାକର୍ମୀମାନଙ୍କୁ ଏ.ଏନ୍.ଏମ୍. ପଦବୀ ଓ ଆଶା ସାଥିପଦବୀରେ ପଦୋନ୍ନତି ପ୍ରଦାନ କରାଯିବା, ଆଶାକର୍ମୀମାନଙ୍କୁ ବର୍ଷକୁ ୨ ହଳ ଶାଢୀ ପ୍ରଦାନ କରାଯିବା ସହିତ ଶାଢୀର ପାଉଣାକୁ ବର୍ଦ୍ଧିତ କରାଯିବା, ଆଶାକର୍ମୀମାନଙ୍କ ପାଇଁ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶ୍ରାମସ୍ଥଳର ବ୍ୟବସ୍ଥା କରାଯିବା, ଆଶାକର୍ମୀମାନେ ନିଜର କର୍ତ୍ତବ୍ୟ କରୁଥିବା ସମୟରେ ଯାତାୟାତ ଖର୍ଚ୍ଚ ପ୍ରଦାନ କରାଯିବା ଆଦି ରହିଛି ।

## କେସିଙ୍ଗା ସହରରେ ଜବରଦଖଲ ଉଚ୍ଛେଦ

# ଥଇଥାନ ଦାବି ନେଇ ଏନ୍‌ଏସି ଘେରାଉ

କେସିଙ୍ଗା,୮।୧୧ (ଡି.ଏନ.ଏ.)

କଳାହାଣ୍ଡି ଜିଲାର ମୁଖ୍ୟ ଦ୍ୱାରଦେଶ କେସିଙ୍ଗା ସହର। ଏହି ସହର ଦେଇ ଯାଇଥିବା ୨୬ ନଂ. ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ପ୍ରଶାସନ ପକ୍ଷରୁ ଗୁରୁବାର ଓ ଶୁକ୍ରବାର ୨ ଦିନ ଧରି ଜବରଦଖଲ ଦୋକାନକୁ ଉଚ୍ଛେଦ କରାଯାଇଛି। ଏହାକୁ ଦୋକାନୀମାନେ ବିରୋଧ କରି ପ୍ରଥମେ ଥଇଥାନ କରିବା ଦାବି କରି ଏନଏସି କାର୍ଯ୍ୟାଳୟ ଘେରାଉ କରିଥିଲେ। ଏହି ସହରରେ ୧୨ଟି ୱାର୍ଡରେ ୨୧ ହଜାର ୫୬୧ ଜଣ ବାସ କରନ୍ତି । କେସିଙ୍ଗା ସହରର ହସ୍ପିଟାଲ ଛକ, ମାର୍କେଟ କମ୍ପ୍ଲେକ୍ସ, ଡେଲିମାର୍କେଟ, ଥାନା ଛକ, ଏନଏସି ଓ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଲୋକଙ୍କ ଭିଡ ଜମି ରହିଥାଏ । ଏହି ସହର ମଝିରେ ୨୬ ନଂ. ଜାତୀୟ ରାଜପଥ କେସିଙ୍ଗା-ଭବାନୀପାଟଣା, ବେଦାନ୍ତ କମ୍ପାନୀକୁ ଆଦି ସହରକୁ ସଂଯୋଗ ହୋଇଥିବାରୁ ସଦାସର୍ବଦା ଗମନାଗମନ ବେଳେ ଭିଡ ଜମି ରହିଥାଏ । ଜାତୀୟ ରାଜପଥ ଉଭୟ ପାର୍ଶ୍ୱରେ ଦୋକାନୀମାନେ ପନିପରିବା, ଫଳମୂଳ ଇତ୍ୟାଦି ଦୋକାନୀଙ୍କ ବିକ୍ରି କରୁଥିବାରୁ ଲୋକଙ୍କ ଯାନବାହନ ରଖିବାକୁ ମଧ୍ୟ ଜାଗା ମିଳି ନ ଥାଏ । ସଦାସର୍ବଦା ବସ, ଟ୍ରକ, ବୋଲେରୋ, ୪୦୭, ଅଟୋ, ରିକ୍ସା ବିଭିନ୍ନ ପ୍ରକାର ଯାନବାହନ ଗମନାଗମନରେ ଘୋର ସମସ୍ୟା ଦେଖାଦେଇଥାଏ । କେସିଙ୍ଗା ରେଳୱେ ଷ୍ଟେଶନର ମାଲଗୋଦାମରୁ ରେକ ଲାଗିଲେ ସିମେଣ୍ଟ, ଚାଉଳ, ଗହମ, ମକା ଇତ୍ୟାଦି ବୋଝେଇ ହୋଇ ଏଫସିଆଇ, ୱେର ହାଉସକୁ ଟ୍ରକ ଯୋଗେ ଏହି ସହର ଦେଇ ଯାଇଥାଏ । ଫଳରେ ସହରର ଉପରୋକ୍ତ ଜାଗାରେ ସଦା ସର୍ବଦା ଭିଡ ଜମି ଜମି ରହିଥିବାରୁ ଗମନାଗମନ କ୍ଷେତ୍ରରେ ଘୋର ସମସ୍ୟା ଦେଖା ଦେଉଥିବାରୁ ଜିଲାପାଳଙ୍କ ନିକଟରେ ସହରବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା । ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କେସିଙ୍ଗା ଏନଏସି ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର, ଏସଡିପିଓ ଗୁପ୍ତେଶ୍ୱର ଭୋଇ, ତହସିଲଦାର ଗଣ୍ଡାରାମ ଖମାରୀ, ଆଇଆଇସି ଏ.କେ. ମହାପାତ୍ର ଓ ଏନଏସି କର୍ମଚାରୀ ଓ ପୋଲିସଙ୍କ ମିଳିତ ଉଦ୍ୟମରେ ଗୁରୁବାର ଓ ଶୁକ୍ରବାର ଦୁଇ ଦିନ ଧରି ଶତାଧିକ ଦୋକାନ ଗୃହକୁ ଉଚ୍ଛେଦ କରାଯାଇଛି। ଏ ସଂକ୍ରାନ୍ତରେ ଏନଏସି ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ରଙ୍କୁ ପଚାରିବାରୁ ଜିଲାପାଳଙ୍କ ସହିତ ଆଲୋଚନା କରାଯାଇ ଦୋକାନୀମାନଙ୍କୁ ଥଇଥାନ କରାଯିବ ବୋଲି ପ୍ରକାଶ କରିଥିଲେ ।




ଦୋକାନ ଘରଗୁଡ଼ିକୁ ଜେସିବି ମେଶିନ ଦ୍ୱାରା ଉଚ୍ଛେଦ କରାଯାଉଛି ।



ଯେଉଁଠାରେ ଦୁଃଖର ରାଜୁତି, ଆଶ୍ଚର୍ଯ୍ୟର କଥା ସେଇଠାରେ ହିଁ ମହତ ଲୋକର ଜନ୍ମ ହୋଇଛି।
- ଲର୍ଡ କର୍ଜନ



## ସଂକ୍ଷେପରେ

### ଟ୍ରେନ୍ ଲାଇନରେ କଟି ଯୁବକ ମୃତ

**ବ୍ରଜରାଜନଗର, ୮।୧୧(ଡି.ଏନ୍.ଏ.)-** ବ୍ରଜରାଜନଗର ଥାନା ଗାନ୍ଧୀଛକ ଫାଣ୍ଡି ଅଧୀନ ଗୌଡ଼ମାଲ ପଞ୍ଚାୟତ ଜୁନାଡ଼ିହିଠାରେ ଶୁକ୍ରବାର ଭୋର ସମୟରେ ଟ୍ରେନ ଧକ୍କାରେ ୩୦ ବର୍ଷୀୟ ଯୁବକ ଅଜିତ ବକ୍ସିଙ୍କର ମୃତ୍ୟୁ ଘଟିଛି। ତାଙ୍କ ଗୋଡ଼ କଟି ଗୋଟେ ସ୍ଥାନରେ ପଡିଥିବା ବେଳେ ଶରୀର ଅନ୍ୟ ସ୍ଥାନରେ ପଡ଼ିଥିଲା। ଘଟଣାଟି ଗ୍ରାମବାସୀଙ୍କ ଦୃଷ୍ଟିଗୋଚର ହେଲାପରେ ସମସ୍ତେ ଏକତ୍ରିତ ହୋଇ ରେଳରୋକୋ କରିଥିଲେ। ପରେ ପୋଲିସ, ରେଲୱେ ପୋଲିସ ଗୌଡ଼ମାଳ ସରପଞ୍ଚ ଝରଣା ସାଗର, ରାଜପୁର ସମିତି ସଭ୍ୟ ଗଣେଶରାମ ବାଗଙ୍କ ଉପସ୍ଥିତିରେ ମୃତବ୍ୟକ୍ତିଙ୍କ ପରିବାରକୁ ସହାୟତା ଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ପ୍ରଥମେ ରେଡକ୍ରସ ପାଣ୍ଠିରୁ ଓ ପରେ ଇନ୍ସ୍ୟୁରାନ୍ସ ସହାୟତା ରାଶି ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ମୃତକ ଅଜିତ ଅନ୍ୟ ରାଜ୍ୟର ହୋଇଥିବାବେଳେ ସେ ପେଟପାଟଣା ପାଇଁ ସପରିବାର ଜୁନାଡ଼ିହିରେ ରହି ପଥର ଖାଦାନରେ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ଗୋଟିଏ ପୁଅ ମଧ ରହିଥିବା ଜଣାପଡ଼ିଛି।

### ଗାଡ଼ି ଧକ୍କାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

**ଲଇକେରା, ୮।୧୧(ଡି.ଏନ୍.ଏ.)-** ଝାରସୁଗୁଡ଼ା ଜିଲା ଲଇକେରା ଅଘରିଆ ବାଗଡ଼ିହି ଗ୍ରାମର ରବି କିଷାନ(୫୮)ଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପୋଲିସ ଘଟଣା ସମ୍ପର୍କରେ ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁଯାୟୀ, ରବି କିଷାନ ଓ ତାଙ୍କ ସ୍ତ୍ରୀ ପୂର୍ଣ୍ଣମୀ ଏକ ବାଇକ୍‌ରେ ବଡ଼ବାହାଲକୁ ଯାଉଥିବାବେଳେ ରାସ୍ତାରେ ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଥିଲା। ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଭୟଙ୍କୁ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରବିଙ୍କୁ ମୃତ ଘୋଷଣା କରିଥିଲେ। ପୂର୍ଣ୍ଣମୀଙ୍କ ଆଖି ଓ ଗୋଡ଼ରେ ଗଭୀର ଆଘାତ ଲାଗିଛି। ଏ ସମ୍ପର୍କରେ ଥାନା ଅଧିକାରୀ ପ୍ରବୀର କେଶରୀ ତ୍ରିପାଠୀଙ୍କୁ ପଚାରିବାରୁ ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି ବୋଲି ସେ କହିଛନ୍ତି।

### ଜଙ୍ଘା ମହାପ୍ରଭୁଙ୍କ ବିଗ୍ରହ ସ୍ଥାପନ ଓ ପୂଜନୋତ୍ସବ

**ଲଇକେରା, ୮।୧୧(ଡି.ଏନ୍.ଏ.)-** ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ମୟୂରଗଡ଼ ଗ୍ରାମସ୍ଥିତ ଗୌଣ୍ଡ ସମାଜର ଆରାଧ ଦେବତା ଜଙ୍ଘା ବଡ଼ଦେଓ ମନ୍ଦିରରେ ଜଙ୍ଘା ମହାପ୍ରଭୁଙ୍କ ବିଗ୍ରହ ସ୍ଥାପନ କରାଯାଇଛି। ଏହି ଅବସରରେ ଗୁରୁବାର ଓ ଶୁକ୍ରବାର ପୂଜନୋତ୍ସବ ଧୂମ୍‌ଧାମରେ ପାଳିତ ହୋଇଯାଇଛି। ପୂଜାରେ ଲଇକେରା, କିର୍ମିରା, କୋଲାବିରା ବ୍ଲକ ଅଞ୍ଚଳରେ ବସବାସ କରୁଥିବା ସମାଜ ତଥା ଅନ୍ୟ ସମାଜର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଜୟପୁର ଇଷ୍ଟେଟ କମିଟିର ସଭାପତି ଯୋଗୀନ୍ଦ୍ର କୁମାର ନାଏକ ସମେତ ପୂଜା କମିଟି ସଭାପତି ନୀଳାମ୍ବର ନାଏକ, ସମ୍ପାଦକ ମେଘନାଦ ନେଟି, କୋଷାଧ୍ୟକ୍ଷ ପଦ୍ମଲୋଚନ ନାଏକ, ଜୟପୁର ଇଷ୍ଟେଟ କମିଟିର ଉପସଭାପତି ନବୀନ ଚନ୍ଦ୍ର ନାଏକ, କୋଲାବିରା ଆଞ୍ଚଳିକ କମିଟି ସଭାପତି ଦୟାନିଧି ନାଏକ, ଜିଲା ସଭାପତି ଜଗନ୍ନାଥ ଭୋଇ, ଉତ୍ତର ବାମଣ୍ଡା ସଭାପତି ଲବଣୀଧର ନାଏକ ସମେତ ସମସ୍ତ କମିଟିର ସଭାପତି ସମ୍ପାଦକ ଯୋଗଦେଇ ପୂଜା ଓ ବିଗ୍ରହ ସ୍ଥାପନ ଉତ୍ସବରେ ସାମିଲ ହୋଇଥିଲେ।

ଲଖନପୁର ପଞ୍ଚାୟତ ସମିତି ବୈଠକ

# ଅନେକ ବିଭାଗୀୟ ଅଧିକାରୀ ଅନୁପସ୍ଥିତ

**ଲଖନପୁର,୮।୧୧ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ସଭାଗୃହରେ ଶୁକ୍ରବାର ବ୍ଲକ ଅଧକ୍ଷା ଶାନ୍ତି ପ୍ରଧାନଙ୍କ ଅଧକ୍ଷତାରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ କିଶୋର ମହାନ୍ତି, ଜିଲା ପରିଷଦ ଉପାଧ୍ୟକ୍ଷା ପଙ୍କଜିନୀ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ମୋହନ ସାହୁ, ବିଡିଓ ଗୋବିନ୍ଦ ଦଣ୍ଡସେନା, ଜିପିଓ ଗିରେନ୍ଦ୍ର ପଟେଲ, ଏମ୍‌ପି ପ୍ରତିନିଧି ଚକାନନ୍ଦ ସା, ସରପଞ୍ଚ ଠଣସୁନ୍ଦର ସାହୁ, ରାଜେନ୍ଦ୍ର ନାୟକ, ପ୍ରଦୀପ ବିଶ୍ୱାଳ, ଅଶ୍ୱିନୀ ପ୍ରଧାନ, ଈଶ୍ୱର କଉଡି ପ୍ରମୁଖ ପିଆର୍‌ଆଇ ସଦସ୍ୟ ଉପସ୍ଥିତଥିଲେ। ବୈଠକରେ ବିଏସ୍‌ଏସ୍‌ଓ ସୌମ୍ୟରଞ୍ଜନ ଭୋଇ ଗତ ପଞ୍ଚାୟତ ସମିତି ବୈଠକର ବିବରଣୀ ପାଠ କରିଥିଲେ। ପରେ ସରକାରଙ୍କ ବିଭିନ୍ନ ଯୋଜନା ଓ ଉନ୍ନୟନ ମୂଳକକାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ହେଲେ ଅନେକ ବିଭାଗୀୟ ଅଧିକାରୀ ଓ ପିଆର୍‌ଆଇ ସଦସ୍ୟ ଅନୁପସ୍ଥିତଥିବାରୁ ଆଲୋଚନା ଫଳପ୍ରଦ ହୋଇ ନ ଥିଲା। ବିଧାୟକ ମହାନ୍ତି ଏଥିପାଇଁ ଦୁଃଖପ୍ରକାଶ କରି କହିଥିଲେ ଯେ, ବିଭାଗୀୟ ଅଧିକାରୀ ଓ ପିଆର୍‌ଆଇ ସଦସ୍ୟମାନେ ସମିତି ବୈଠକକୁ ନ ଆସିବା ଫଳରେ ଆଞ୍ଚଳିକ ବିକାଶରେ ବାଧାସୃଷ୍ଟି ହେଉଛି।

ଅନେକ ସମୟରେ ବ୍ଲକ ପ୍ରଶାସନର ନିର୍ଦ୍ଦେଶକୁ ବିଭାଗୀୟ ଅଧିକାରୀମାନେ ବେଖାତିର କରୁଛନ୍ତି। ଏନେଇ ସରକାରଙ୍କ ୫ଟି ଯୋଜନା ରହିଛି। ବିଭାଗୀୟ ଅଧିକାରୀମାନେ ନିଜ କାର୍ଯ୍ୟ ନ କଲେ ସରକାର ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ହେଲେ ଏଠାରେ କେତେଜଣ ବିଭାଗୀୟ ଅଧିକାରୀ ପ୍ରଶାସନକୁ ଚ୍ୟାଲେଞ୍ଜ କଲାଭଳି



ସମିତି ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ଅଧିକାରୀମାନେ।

- ବ୍ଲକ ପ୍ରଶାସନର ନିର୍ଦ୍ଦେଶକୁ ବିଭାଗୀୟ ଅଧିକାରୀମାନେ ବେଖାତିର କରୁଛନ୍ତି।
- ଯୋଗାଣ ବିଭାଗ ଅଧିକାରୀମାନଙ୍କ କଥାରେ ତାଳମେଳ ନାହିଁ।
- ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ନୀତି, ବିଦ୍ୟୁତ୍ ସଂଯୋଗରୁ ବଞ୍ଚିତ ସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ର

ବୈଠକକୁ ଆସୁନାହାନ୍ତି ବୋଲି ସେ କହିଥିଲେ। ପରେ ଯୋଗାଣ ବିଭାଗ ସମ୍ପର୍କରେ ଆଲୋଚନା ହୋଇଥିଲା। ସମଗ୍ର ବ୍ଲକରେ ସମୁଦାୟ କେତେ ଖାଉଟି କାର୍ଡ ରହିଛି। ନୂଆ କାର୍ଡ ପାଇଁ କେତେ ଲୋକେ ଆବେଦନ କରିଛନ୍ତି। କେତେ ଯୋଗ୍ୟ ହିତାଧିକାରୀ ଚିହ୍ନଟ ହୋଇଛନ୍ତି, କେତେ ବାଦ୍ ପଡିଛନ୍ତି। ଏସମ୍ପର୍କରେ ବିଧାୟକ ମହାନ୍ତି ଯୋଗାଣ ଅଧିକାରୀଙ୍କୁ ପଚାରିଥିଲେ। ହେଲେ ଉପସ୍ଥିତ ଉଭୟ ବିଭାଗୀୟ ଅଧିକାରୀଙ୍କ କଥାରେ ତାଳମେଳ ରହି ନ ଥିଲା। ସେହିପରି ଆମଗାଁ ଆମ ବିକାଶ ଯୋଜନାରେ ଯେଉଁସବୁ ପ୍ରକଳ୍ପର କାମ ଚାଲିଛି ସେ ସବୁ ଆସନ୍ତା ମାର୍ଚ୍ଚ ମାସ ମଧରେ ସମ୍ପୂର୍ଣ୍ଣ କରିବା ପାଇଁ ବିଡିଓ ଦଣ୍ଡସେନା ପିଆର୍‌ଆଇ ସଦସ୍ୟଙ୍କୁ ଅନୁରୋଧ କରିଛନ୍ତି। ଆସନ୍ତା ୨୭ ତାରିଖରେ ଏନ୍‌ଆର୍‌ଇଜିଏସ୍ ଯୋଜନାକୁ ନେଇ ପ୍ରତି ପଞ୍ଚାୟତରେ ଗ୍ରାମସଭା ହେବ। ପ୍ରତି ରାଜସ୍ୱ ଗ୍ରାମରେ ଏହି ଯୋଜନାରୁ ଗୋଟିଏ ଲେଖା ପ୍ରକଳ୍ପ ସ୍ଥାନପାଇବ। ଏଥିପାଇଁ ପ୍ରକଳ୍ପ ତାଲିକା ପ୍ରଦାନ କରିବା ପାଇଁ ବିଡିଓ ଦଣ୍ଡସେନା ପିଆର୍‌ଆଇ ସଦସ୍ୟଙ୍କୁ କହିଥିଲେ। ସରକାର କହୁଛନ୍ତି ସମସ୍ତଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ଦିଆଯିବ। ହେଲେ ବିଦ୍ୟୁତ୍ ବିଭାଗର ଖାମଖିଆଲ ନୀତି ପାଇଁ ବହୁଲୋକଙ୍କ ଘର, ସ୍କୁଲ, ଅଙ୍ଗନୱାଡି କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ ହୋଇପାରୁନାହିଁ ବୋଲି ପିଆର୍‌ଆଇ ସଦସ୍ୟମାନେ ଅଭିଯୋଗ କରିଛନ୍ତି।



ବେଲପାହାଡ଼ ପୌରାଧକ୍ଷ ବାର୍ଷିକ କ୍ରୀଡ଼ା ଉତ୍ସବରେ କ୍ରୀଡ଼ାଜ୍ୟୋତି ପ୍ରଜ୍ୱଳନ କରୁଛନ୍ତି।

## ଶିଶୁ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**ବେଲପାହାଡ଼, ୮।୧୧ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶୁକ୍ରବାର ତ୍ରୟୋଦଶ ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଆରମ୍ଭ ହୋଇଛି। ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ବେଲପାହାଡ଼ ପୌର ପରିଷଦ ଅଧକ୍ଷ ପର୍ଶୁରାମ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଖବରଦାତା ଜୟକୃଷ୍ଣ ମହାପାତ୍ର ଓ ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି ସୁରେନ୍ଦ୍ରନାଥ ଲେଙ୍କା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ସମ୍ପାଦକ ମୋତିରାମ ମେହେରଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନଚାର୍ଯ୍ୟ ଆର୍ତ୍ତବନ୍ଧୁ ପ୍ରଧାନ ବକ୍ତବ୍ୟରେ ପିଲା ବେଳୁ ଯୋଗ, ବ୍ୟାୟାମ ଅଭ୍ୟାସ କରିବା ଏବଂ କ୍ରୀଡ଼ାରେ ଯୋଗଦେବା ଦ୍ୱାରା ଶରୀର ଓ ମନ ସୁସ୍ଥ ରହିବା ସହିତ ନୀରୋଗ ଜୀବନଯାପନ ପାଇଁ ମାର୍ଗ ସୁଦୃଢ଼ ହୋଇଥାଏ। ଭାରତର ପ୍ରାଚୀନ ଯୋଗ ଓ ପ୍ରାଣାୟାମ ଶିକ୍ଷା ପ୍ରତି ସାରା ବିଶ୍ୱ ଅନୁପ୍ରାଣିତ ହୋଇପାରିଛି ବୋଲି ସେ କହିଥିଲେ। ସେହିପରି ମୁଖ୍ୟଅତିଥି ପୌରାଧକ୍ଷ ପର୍ଶୁରାମ ସାହୁ ଶିଶୁ ବିଦ୍ୟାମନ୍ଦିରରେ ପିଲାଙ୍କୁ ଭଲ ମଣିଷ କରିବା ପାଇଁ ଯେଉଁଭଳି ଶିକ୍ଷା ଓ ସଂସ୍କାର ଦିଆଯାଉଛି ତାହା ପ୍ରଶଂସନୀୟ ବୋଲି ପ୍ରକାଶ କରିଥିଲେ। ଶିକ୍ଷୟିତ୍ରୀ ତପସ୍ୱିନୀ ନାୟକ ସଭା ସଂଚାଳନ କରିଥିବାବେଳେ ଉଦ୍‌ଘାଟନୀ ଉତ୍ସବରେ ଉକ୍ତ ବିଦ୍ୟାଳୟର ୮ ଜଣ ଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପୂର୍ବାହ୍ନରେ ମୁଖ୍ୟଅତିଥି କ୍ରୀଡ଼ା ଜ୍ୟୋତି ପ୍ରଜ୍ୱଳନ କଲାପରେ ବାର୍ଷିକ କ୍ରୀଡ଼ା ଆରମ୍ଭ ହୋଇଥିଲା। ଏହି କ୍ରୀଡ଼ା ଉତ୍ସବ ଆସନ୍ତା ଶନିବାର ଅପରାହ୍ନରେ ଉଦ୍‌ଯାପିତ ହେବ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଗୁମାଡେରାରେ କାର୍ତ୍ତିକ ପୂଜା ଆରମ୍ଭ

**ବେଲପାହାଡ଼, ୮।୧୧ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳସ୍ଥିତ ଗୁମାଡେରାରେ କାର୍ତ୍ତିକ ପୂର୍ଣ୍ଣିମା ପୂଜା ଆରମ୍ଭ ହୋଇଛି। ଏହି ଅବସରରେ ମାଳିପଡ଼ା ଛକଠାରେ ନିର୍ମିତ ଏକ ଆକର୍ଷଣୀୟ ମଣ୍ଡପରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ସ୍ଥାପିତ ହୋଇଛି। ଗତ ଗୁରୁବାର ସନ୍ଧ୍ୟାରେ ପୂଜା ପାଇଁ ଅଧିବାସ କରାଯାଇ ମଣ୍ଡପରେ କଳସ ସ୍ଥାପନା କରାଯାଇଥିଲା। ଶୁକ୍ରବାର ସକାଳୁ ପୂଜା ଆରମ୍ଭ ହୋଇଛି। ଏହି ପୂଜା ଆସନ୍ତା ୧୨ ତାରିଖ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷ ପୂଜା କମିଟିର ବରିଷ୍ଠ ସଦସ୍ୟ ସୁନୀଲ ସା ଓ ତାଙ୍କ ସହଧର୍ମିଣୀ ପ୍ରକାଶିନୀ କର୍ତ୍ତା ଦାୟିତ୍ୱ ତୁଲାଉଥିବାବେଳେ ପଣ୍ଡିତ ମହେନ୍ଦ୍ର ପଣ୍ଡା ପୂଜକ ଦାୟିତ୍ୱ ନିର୍ବାହ କରୁଛନ୍ତି। ପୂଜା କମିଟିରେ କେଶବ ଖମାରୀ ସଭାପତି, ତ୍ରିନାଥ ସେଠ ସମ୍ପାଦକ ଓ ଶରତ ପଣ୍ଡା କୋଷାଧ୍ୟକ୍ଷ ରହିଛନ୍ତି। ବିଗତ ୨୫ରୁ ଊର୍ଦ୍ଧ୍ୱ ବର୍ଷ ହେଲା ଗୁମାଡ଼େରାରେ କାର୍ତ୍ତିକ ପୂଜା ଆୟୋଜନ ହୋଇଆସୁଛି। ପୂର୍ବ ବର୍ଷ ଭଳି ପ୍ରଥମ ପଞ୍ଚୁକ ସ୍ନାନ କରିଥିବା ବହୁ ଶ୍ରଦ୍ଧାଳୁ ଶୁକ୍ରବାର ପ୍ରାତଃକାଳରେ ପୂଜା ମଣ୍ଡପରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଦର୍ଶନ କରିଛନ୍ତି। ପୂଜା ଅବସରରେ ରବିବାର ସନ୍ଧ୍ୟାରେ ମାଳିପଡ଼ା ଯଜ୍ଞ ମଣ୍ଡପ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ପୂଜା କମିଟିର ସଭାପତି କେଶନ ଖମାରୀ ସୂଚନା ଦେଇଛନ୍ତି।



ଗୁମାଡେରା ମାଳିପଡ଼ା ଛକରେ ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା ଚାଲିଛି।

ଓଡ଼ିଶା ସରକାର

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ

PRERANA

(Post Matric Scholarship Registration Release and Network Automation)

No.: V-53: ଚଳିତ ବର୍ଷରୁ ମାଟ୍ରିକ ପର ଛାତ୍ରବୃତ୍ତି ନିମନ୍ତେ ''ଆଧାର'' ନମ୍ବର ପ୍ରମାଣୀକରଣ ନିତାନ୍ତ ଜରୁରୀ ଅଟେ। ପ୍ରେରଣାରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ଆଧାର ନମ୍ବର UIDAI ଦ୍ୱାରା ଯାଞ୍ଚ କରାଯାଇଛି। ଆଧାର ଯାଞ୍ଚର ସ୍ଥିତି ଆବେଦନକାରୀମାନଙ୍କୁ ପ୍ରେରଣାରେ ପଞ୍ଜୀକରଣ ସମୟରେ ଦିଆଯାଇଥିବା ମୋବାଇଲ ନମ୍ବରରେ SMS ଦ୍ୱାରା ଜଣେଇ ଦିଆଯାଉଛି। ତଦନୁସାରେ, ଆବେଦନକାରୀମାନଙ୍କୁ ଅନୁରୋଧ ସେମାନେ ନିମ୍ନଲିଖିତ ପ୍ରକ୍ରିୟା ଅନୁସରଣ କରିବେ: ଆବେଦନକାରୀମାନଙ୍କୁ ଅନୁରୋଧ ସେମାନେ ନିଜ ID PASSWORDରେ LOGIN କରି "KNOW YOUR AADHAAR VERIFICATION STATUS" TABରେ ଆଧାର ଯାଞ୍ଚର ସ୍ଥିତି ଚେକ୍ କରିବେ।

୧. ଯେଉଁ ଆବେଦନକାରୀମାନଙ୍କ LOGIN ପେଜ୍‌ରେ ଯାଞ୍ଚ ସ୍ଥିତି SUCCESSFULLY VERIFIED ଅଛି, ସେମାନଙ୍କୁ କୌଣସି ପଦକ୍ଷେପ ନେବା ଆବଶ୍ୟକ ନାହିଁ।

୨. ଯେଉଁ ଆବେଦନକାରୀମାନଙ୍କ LOGIN ପେଜ୍‌ରେ ଯାଞ୍ଚ ସ୍ଥିତି NOT VERIFIED ଅଛି, ସେମାନେ ନିମ୍ନଲିଖିତ ପ୍ରକ୍ରିୟା ଅନୁସରଣ କରିବା ଆବଶ୍ୟକ ଅଟେ।

a) ଯଦି ପ୍ରଦତ୍ତ ଆଧାର ନମ୍ବରଟି ଆପଣଙ୍କର ନୁହେଁ, ତେବେ ଦିଆଯାଇଥିବା BOXରେ ନିଜର ସଠିକ୍ ଆଧାର ନମ୍ବର ପ୍ରଦାନ କରି ପୁନଃ ଆବେଦନକୁ LOCK କରିବେ। LOCK କରିବା ପୂର୍ବରୁ ସୁନିଶ୍ଚିତ କରିବେ କି ଆଧାରରେ ଥିବା Name/Gender and D.O.B. ଏବଂ PRERANAରେ ଦିଆଯାଇଥିବା ସୂଚନା ପରସ୍ପର ସଙ୍ଗେ ମେଳ ଖାଉଛି।

b) ଯଦି ପ୍ରଦତ୍ତ ଆଧାର ନମ୍ବରଟି ଆପଣଙ୍କ ଅଟେ ଏବଂ ସେଥିରେ କିଛି PERSONAL DETAILS MISMATCH ଅଛି, ତେବେ:

i) ଯଦି ଆପଣଙ୍କର Name/Gender/DOB ସୂଚନା PRERANA ପୋର୍ଟାଲରେ ଭୁଲ ଅଛି, ତେବେ ସେହି ସୂଚନାକୁ ପୋର୍ଟାଲରେ login କରି "Edit Personal Details hyperling"ରେ click କରି ଆବଶ୍ୟକୀୟ ସଂଶୋଧନ କରିବା ପରେ ପୁନଃ ଆବେଦନକୁ lock କରିବେ।

ii) ଯଦି ଆପଣଙ୍କର Name/Gender/DOB ସୂଚନା ଆଧାରରେ ଭୁଲ୍ ଅଛି, ତେବେ ନିକଟସ୍ଥ ଆଧାର ପଞ୍ଜୀକରଣ କେନ୍ଦ୍ରରେ ଆବଶ୍ୟକୀୟ ସଂଶୋଧନ କରିବା ପରେ ପୁନଃ PRERANA ପୋର୍ଟାଲରେ login କରି ଆବେଦନକୁ lock କରିବେ।

c) ଯଦି ପ୍ରଦତ୍ତ ଆଧାର ନମ୍ବରଟି UIDAI ଦ୍ୱାରା INVALID/CANCELLED/SUSPENDED ଘୋଷିତ କରାଯାଇଛି, ତେବେ ନିକଟସ୍ଥ ଆଧାର ପଞ୍ଜୀକରଣ କେନ୍ଦ୍ରରେ ଆବଶ୍ୟକୀୟ ସଂଶୋଧନ କରିବା ପରେ PRERANA ପୋର୍ଟାଲରେ login କରି ନିର୍ଦ୍ଧାରିତ boxରେ ସଠିକ୍ ଆଧାର ପ୍ରଦାନ କରି ଆବେଦନକୁ ପୁନଃ lock କରିବେ।

PERSONAL DETAILS/AADHAAR ସୂଚନା PRERANA ପୋର୍ଟାଲରେ ସଂଶୋଧନ କରିବାର ଶେଷ ତାରିଖ ତା୨୦।୧୨।୨୦୧୯ ଅଟେ।

ସ୍ୱା./- ସ୍ୱତନ୍ତ୍ର ଶାସନ ସଚିବ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ

26001/11/0019/1920

ବିଭିନ୍ନ ଜିଲାରେ ସରକାରଙ୍କ ପିଆଜ ଦର ଦର୍ଶାଇଲା ବିଭାଗ

# ରାୟଗଡ଼ାରେ ୪୩, ଝାରସୁଗୁଡ଼ାରେ ୫୮

**ଭୁବନେଶ୍ୱର,୮।୧୧ (ବ୍ୟୁରୋ)**

ରାଜ୍ୟରେ ପିଆଜ ମୂଲ୍ୟ ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି। କିଛିଦିନ ତଳେ ସମାନ ସ୍ଥିତି ଉପୁଜିବା କାରଣରୁ ଲୋକଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା। ଏଥିଲାଗି ସରକାରଙ୍କୁ ଚାରିଆଡୁ ସମାଲୋଚନାର ଶିକାର ହେବାକୁ ମଧ ପଡିଥିଲା। ଏହାର ଦିନ କେଇଟା ପରେ ପୁନର୍ବାର ପିଆଜ ଦର ବୃଦ୍ଧି ପାଇବା ଯୋଗୁ ଲୋକଙ୍କ ସମସ୍ୟା ବଢାଇଦେଇଛି। ଫଳରେ ପିଆଜ ଦର ନିୟନ୍ତ୍ରିତ ରଖିବା ପାଇଁ ସରକରଙ୍କ ଖାଦ୍ୟ ଯୋଗାଣ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି। ଚାଷୀଙ୍କଠାରୁ ପିଆଜ କିଣି ବିନା ଲାଭ, ବିନା କ୍ଷତିରେ ଲୋକଙ୍କୁ ପହଞ୍ଚାଇବା ଲାଗି ୨ଦିନ ତଳେ ସରକାର ଜିଲାପାଳ ଏବଂ ଜିଲା ଖାଦ୍ୟ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ଯୋଗାଣ ବିଭାଗ ପିଆଜ ଦର କେଉଁଠାରେ କେତେ ଟଙ୍କାରେ ଯୋଗାଯାଉଛି ତା'ର ରିପୋର୍ଟ ପ୍ରଦାନ କରିଛି। ବର୍ତ୍ତମାନ ସୁଦ୍ଧା ସରକାରୀ ରିପୋର୍ଟ ଅନୁଯାୟୀ, କଟକରେ କିଲୋ ପିଛା ୪୯ ଟଙ୍କା, ଅନୁଗୋଳରେ ୫୫ଟଙ୍କା, ସମ୍ବଲପୁରରେ ୫୨ଟଙ୍କା, ବଲାଙ୍ଗୀରରେ ୫୫ଟଙ୍କା, ଝାରସୁଗୁଡ଼ାରେ ୫୮ ଟଙ୍କା, ଖୋର୍ଦ୍ଧାରେ ୫୦ଟଙ୍କା, ବାରିପଦାରେ ୫୦ ଟଙ୍କା, ଢେଙ୍କାନାଳରେ ୪୮ ଟଙ୍କା, ଭଦ୍ରକରେ ୪୮ ଟଙ୍କା, ନୂଆପଡ଼ାରେ ୫୦ ଟଙ୍କା, ଜୟପୁରରେ ୫୨ ଟଙ୍କା, ବ୍ରହ୍ମପୁରରେ ୪୨ ଟଙ୍କା, ଭବାନୀପାଟଣାରେ ୫୫ଟଙ୍କା, ବାଲେଶ୍ୱରରେ ୫୨ଟଙ୍କା, କେନ୍ଦ୍ରାପଡ଼ାରେ ୫୫ଟଙ୍କା, କେନ୍ଦୁଝରରେ ୫୨ଟଙ୍କା ଏବଂ ରାୟଗଡ଼ାରେ କେଜି ପ୍ରତି ୪୩ ଟଙ୍କାରେ ପିଆଜ ବିକ୍ରି କରାଯାଉଛି ବୋଲି ବିଭାଗ ସୂଚନା ଦେଇଛି। ସୂଚନାଯୋଗ୍ୟ ଯେ, ସରକାର ବିନା କ୍ଷତି ଓ ଲାଭରେ ସୁଲଭ ମୂଲ୍ୟ ଦୋକାନ ଏବଂ ମୈତ୍ରୀ ଷ୍ଟୋରରେ ପିଆଜ ବିକ୍ରି କରିବା ପାଇଁ କହିଛନ୍ତି। ଗୁରୁବାରଠାରୁ ଜିଲାଗୁଡ଼ିକରେ ସୁଲଭ ମୂଲ୍ୟ ଦୋକାନରେ ପିଆଜ ବିକ୍ରି ଆରମ୍ଭ ହୋଇଛି।



ଅଯୋଧ୍ୟା ମାମଲାର ରାୟ ପୂର୍ବରୁ ରାଜ୍ୟ ପୋଲିସକୁ ହାଇଆଲର୍ଟରେ ରଖାଯାଇଛି। ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେଲେ ଏନ୍ଏସ୍ଏ ଲାଗୁ କରାଯିବ।
- ଓମ୍ ପ୍ରକାଶ ସିଂ, ଉତ୍ତରପ୍ରଦେଶ ଡିଜିପି



## ସଂକ୍ଷେପରେ

### ସୁସ୍ଥ ହୋଇ ଫେରୁଥିବା ରୋଗୀଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ ପୁଣି ଫେରିଲେ ଡାକ୍ତରଖାନା

ଭବାନୀପାଟଣା/କେସିଙ୍ଗା ,୮।୧୧ (ଡି.ଏନ.ଏ.)

ସୁସ୍ଥ ହୋଇ ଡାକ୍ତରଖାନାରୁ ଘରକୁ ଫେରୁଥିଲେ ରୋଗୀ। ହେଲେ ଅଧାବାଟରେ ଦୁର୍ଘଟଣାର ଶିକାର ହେଲା ଗାଡି। ଏବେ ରୋଗୀଙ୍କ ସହ ଆଉ ୩ ଜଣ ରୋଗୀ ଆହତ ହୋଇ ଡାକ୍ତରଖାନାକୁ ଫେରିଛନ୍ତି । କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଉତ୍କେଲା ଅଞ୍ଚଳରେ ଏଭଳି ଏକ ଘଟଣା ଘଟିଛି। ସୂଚନା ଅନୁସାରେ, କେସିଙ୍ଗା ବ୍ଲକ ଟିରଚାପଲାର ବାବୁଲି ଭୋଇ ଭବାନୀପାଟଣା ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଗତ ୬ ତାରିଖରେ ତାଙ୍କୁ ଡିସଚାର୍ଜ କରାଯିବାରୁ ପରିବାର ସଦସ୍ୟ ଗିରିଶ ଚନ୍ଦ୍ର ଭୋଇ, କିଷାନ ଭୋଇ ଓ କେଶରୀ ଭୋଇଙ୍କ ସହ ଏକ ଚାରିଚକିଆ ଗାଡି (ନଂ. ଓଆର ୦୮ ବି ୦୩୩୭) ରେ ଘରକୁ ଫେରୁଥିଲେ। ଦୁର୍ଭାଗ୍ୟବଶତଃ ଗାଡି ଭବାନୀପାଟଣାରୁ ଟିରଚାପଲା ଯାଉଥିବା ବେଳେ ଉତ୍କେଲା ନିକଟସ୍ଥ ଖଜୁରପଡାରେ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ତାଳ ଗଛରେ ପ୍ରଥମେ ପିଟି ହୋଇ ମୋଡି ହୋଇଥିଲା। ଦୁର୍ଘଟଣାରେ ଗାଡିର ଆଗ ଭାଗ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଆଗ ପଟେ କେଶରୀ ବସିଥିବାରୁ ସେ ଗୁରୁତର ହୋଇଛନ୍ତି।

# ରକ୍ଷଣାବେକ୍ଷଣ ଅଭାବରୁ ମରିଯାଉଛି ଗଛ

ଦେଶରଞ୍ଜନ ପଟେଲ
ଲେଫ୍ରିପଡ଼ା,୮।୧୧(ଡି.ଏନ.ଏ)

ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏ) ରେ ଚାଲିଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମ ସୁନ୍ଦରଗଡ ଜିଲା ଉଜ୍ଜ୍ୱଳପୁର ରେଞ୍ଜରେ ପ୍ରହସନର ରୂପ ନେଇଛି। ଲକ୍ଷ ଲକ୍ଷ ଟଙ୍କା ବିନିଯୋଗରେ ରାସ୍ତାଗୁଡ଼ିକର ଉଭୟ ପାର୍ଶ୍ୱରେ ଏହି ଯୋଜନାରେ ବନବିଭାଗ ପକ୍ଷରୁ ବୃକ୍ଷରୋପଣ କରାଯାଉଥିଲେ ସୁଦ୍ଧା ସେସବୁର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉ ନାହିଁ। ଫଳରେ ଅନେକ ଗଛ ମରିଯାଉଥିବା ଦେଖିବାକୁ ମିଳୁଛି। ସରକାରୀ ଅର୍ଥ ପାଣିରେ ପଡୁଥିବା ଭଳି ପରିସ୍ଥିତି ସୃଷ୍ଟି ହେଉଛି।

ସୂଚନା ଅନୁଯାୟୀ ୨୦୧୮-୧୯ ଆର୍ଥିକ ବର୍ଷରେ ଉଜ୍ଜ୍ୱଳପୁର ବନ ବିଭାଗ ପକ୍ଷରୁ ଉଜ୍ଜ୍ୱଳପୁର ଠାରୁ ସର୍ଗିପାଲି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ପାର୍ଶ୍ୱରେ ବୃକ୍ଷରୋପଣ ନାମରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୬ଲକ୍ଷ ୧୩ ହଜାର ଟଙ୍କା ମଞ୍ଜୁରୀ ହୋଇଥିବା ବେଳେ ୪ ଲକ୍ଷ ୬୮ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି। ତେବେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ସାଧାରଣ ଲୋକଙ୍କ ସୂଚନା ପାଇଁ ସୂଚନାଫଳକ ନିହାତି ଜରୁରୀ ହୋଇଥିଲେ ସୁଦ୍ଧା ଏଠାରେ କୌଣସି ସୂଚନା ଫଳକ ଦିଆଯାଇ ନାହିଁ। ସୂଚନାକୁ ଲୁଚାଇବାକୁ ଉଦ୍ୟମ କରାଯାଇଥିବାରୁ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ସାଧାରଣରେ ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଛି। ରାସ୍ତାର ୬ କି.ମି. ଦୂରତା ପର୍ଯ୍ୟନ୍ତ ବୃକ୍ଷରୋପଣର ଅଟକଳ କରାଯାଇଥିଲେ ସୁଦ୍ଧା ଦେଢ କିମିରେ ସୀମିତ ରହିବା ଏବଂ ଆବଶ୍ୟକୀୟ ଯତ୍ନ ଅଭାବରୁ ଗଛଗୁଡ଼ିକ ମରିଯିବା ତଥା ଠିକ୍ ଭାବେ ବଢିପାରୁ ନ ଥିବାର ଅଭିଯୋଗ ହୋଇଛି। ଏଭଳିକି ଅନେକ ଗଛ ଚତୁଃପାର୍ଶ୍ୱରେ ଜଙ୍ଗଲ ବୁଦାହୋଇ ଗଛଗୁଡ଼ିକ ନଷ୍ଟ କରି ଦେଉଥିବାବେଳେ ସେ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଆଦୌ ଗୁରୁତ୍ୱ ଦେଉ ନ ଥିବା ପ୍ରକାଶ ପାଇଛି।

ଏହି ପ୍ରକଳ୍ପ ପାଇଁ ମୋଟ ଖର୍ଚ୍ଚ ୪,୬୮,୭୯୮.୭୬ ଟଙ୍କା ଦର୍ଶାଯାଇଥିବା ବେଳେ ତନ୍ମଧ୍ୟରୁ ୭୦ ଜଣ ଶ୍ରମିକ ନିୟୋଜିତ କରାଯାଇ ୭୦,୯୮୦ ଟଙ୍କା ଶ୍ରମିକଙ୍କ ପାଉଣା ଏବଂ ୩,୯୭,୮୧୮.୭୬ ଟଙ୍କା ସାମଗ୍ରୀ ବାବଦ ଖର୍ଚ୍ଚ ଦର୍ଶାଯାଇଛି। ତନ୍ମଧ୍ୟରୁ ଗାଇଗୋବର ପାଇଁ ୧୧,୨୫୦ଟଙ୍କା, ସୂଚନାଫଳକ ସମେତ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ୧୯,୭୦୦ଟଙ୍କା ଖର୍ଚ୍ଚ କରାଯାଇଥିବା ଜଣାପଡିଛି। ଏଥିରେ ବୃକ୍ଷରୋପଣରେ କୌଣସି ଗୋବର ଖତ ବ୍ୟବହାର କରାଯାଇ ନାହିଁ। ସୂଚନାଫଳକ ଲଗାହୋଇ ନ ଥିବା ବେଳେ କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାଛଡା ଏହି ରେଞ୍ଜର ଟାଙ୍ଗରମୁଣ୍ଡାଠାରୁ ଟେଢ଼ଗାମହଣ ରାସ୍ତା, କୁତ୍ରା ଠାରୁ ତିନକୁଡ଼ା ପଞ୍ଚାୟତ ରାସ୍ତା, ମଙ୍ଗସପୁରଠାରୁ କୁର୍ଲା ରାସ୍ତା, ସାଗରପାଲି ଠାରୁ ଧଉଁରାଅଢା ରାସ୍ତା, ମହୁଲପାଲି ଇଣ୍ଡଷ୍ଟ୍ରି ଠାରୁ କୁର୍ଗା ରାସ୍ତା, ମହୁଲପାଲିଠାରୁ କନକଜୁରା ପ୍ରଧାନମନ୍ତ୍ରୀ ରାସ୍ତା, କେପ୍‌ସେଠାରୁ ଖମାରବାହାଲ, କିରକେଲା ଠାରୁ କରୁଆବାହାଲ, କିରକେଲାଠାରୁ ଦୁବେଦାଣ୍ଡ, କିରକେଲାଠାରୁ କୁରୁଡୁଙ୍ଗୁରି ଆଦି କେତେକ ରାସ୍ତାପାର୍ଶ୍ୱ ପ୍ରକଳ୍ପ କରାଯାଇ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବୃକ୍ଷରୋପଣ କରାଯାଇଛି। ଗଛଗୁଡ଼ିକର ଆବଶ୍ୟକ ସୁରକ୍ଷା ଓ ଯତ୍ନ ପ୍ରତି ବିଭାଗ ପକ୍ଷରୁ ଅବହେଳା କରାଯାଉଥିବା ଅଭିଯୋଗ ହେଉଛି। ଉଜ୍ଜ୍ୱଳପୁରଠାରୁ ସର୍ଗିପାଲି ରାସ୍ତାର ବୃକ୍ଷରୋପଣ କାର୍ଯ୍ୟକ୍ରମ ସମ୍ପର୍କରେ ଉଜ୍ଜ୍ୱଳପୁର ରେଞ୍ଜର ସଂଗ୍ରାମ କେଶରୀ ମଣିହାରାଙ୍କୁ ପଚାରିବାରୁ ସୂଚନା ଫଳକ ଲଗାଯାଇଥିଲା। କୌଣସି ବ୍ୟକ୍ତିବିଶେଷ ଭାଙ୍ଗିଚୋରି କରି ନେଇଥିବା ପ୍ରକାଶ କରିଥିଲେ। ବୃକ୍ଷରୋପଣର ରକ୍ଷଣାବେକ୍ଷଣ ଦିଗରେ ପଚାରିବାରୁ ଗାବିଆନ୍ ସବୁ ଜନସାଧାରଣ ଚୋରି କରି ନେଇଯାଉଥିବାରୁ ପରେ ଗଛସବୁ ନଷ୍ଟ ହୋଇଯାଉଛି ବୋଲି କହିଛନ୍ତି। ସେହିପରି ଏମ୍‌ଜିଏନ୍‌ଆରଇଜିଏ ଯୋଜନାରେ ବୃକ୍ଷରୋପଣ କରାଯାଇଥିବା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ପଚାରିବାରୁ ଆମ ପାଖରେ ବୃକ୍ଷ ରୋପଣ ପରେ ରକ୍ଷଣାବେକ୍ଷଣ କରିବାକୁ ୱାଚର ନାହାନ୍ତି। ଏମ୍‌ଜିଏନ୍‌ଆରଇଜିଏର ପେମେଣ୍ଟ ଅନ୍ୟ ମଜୁରୀ ତୁଳନାରେ କମ୍ ଏବଂ ବିଳମ୍ବରେ ପେମେଣ୍ଟ ମିଳୁଥିବାରୁ ୱାଚର କାମ କରୁନାହାନ୍ତି ବୋଲି କହିଥିଲେ। ତେଣୁ ଗଛ ସବୁ ନଷ୍ଟ ହୋଇଯାଉଛି ଏବଂ ରକ୍ଷଣାବେକ୍ଷଣ ହୋଇପାରୁନାହିଁ ବୋଲି କହିଛନ୍ତି। ଏମ୍‌ଜିଏନ୍‌ଆରଇଜିଏ ଯୋଜନାର କାର୍ଯ୍ୟକାରିତାରେ ରେଞ୍ଜରର କୌଣସି ସମ୍ପୃକ୍ତି ନାହିଁ। ଏହା ବ୍ଲକ୍ ଏବଂ ଫରେଷ୍ଟରମାନେ କାର୍ଯ୍ୟ କରିଥାନ୍ତି ବୋଲି ମଧ୍ୟ କହିଥିଲେ।




ଉଜ୍ଜ୍ୱଳପୁର ଠାରୁ ସର୍ଗିପାଲି ରାସ୍ତା ପାର୍ଶ୍ୱରେ ଲଗାଯାଇଥିବା ଗଛର ରକ୍ଷଣାବେକ୍ଷଣ କରାଯାଉନାହିଁ।

## ରାସ୍ତାପାର୍ଶ୍ୱ ବୃକ୍ଷରୋପଣରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ

# ବଡ଼ଗାଁ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ବଡ଼ଗାଁ, ୮।୧୧ (ଡି.ଏନ.ଏ)

ବଡ଼ଗାଁ ନିକଟ ଭୋଇପାଲି ସ୍ଥିତ ସରବତୀ ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଗୁରୁବାର ବଡଗାଁ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ତଳସରା ବିଧାୟକ ଭବାନୀଶଙ୍କର ଭୋଇ ମୁଖ୍ୟଅତିଥି ଓ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ମିଞ୍ଜ, ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି, ଡିପିସି ଅମୂଲ୍ୟ କୁମାର ପ୍ରଧାନ, ସ୍ଥାନୀୟ ସରପଞ୍ଚ ମନ୍ଦାକିନୀ ବରିହା ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ଭୋଇ ଶିଶୁ ମହୋତ୍ସବ ସୁରଭି ଛାତ୍ରୀଛାତ୍ରମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ସମ୍ମୁଖକୁ ଆଣିବା ପାଇଁ ଏକ ବଳିଷ୍ଠ ପ୍ରୟାଶ ବୋଲି କହିଥିଲେ। ଛାତ୍ରୀଛାତ୍ରଙ୍କ ଖେଳକୁଦ, ଶିକ୍ଷାକୁ ଆଗକୁ ନେବାରେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଗୁରୁ ଦାୟୀତ୍ୱ ରହିଛି। ଏଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଡିପିସି ପ୍ରଧାନ, ସରସ୍ୱତୀ ଓ ଗଣେଷଙ୍କ ବାହନ, ପଦ୍ମଫୁଲର ଦୃଷ୍ଟାନ୍ତ ଦେଇ ବିପରିତ ପରିସ୍ଥିତିରୁ ଉଡି ଛିଡା ହେବା ଓ ଶିକ୍ଷକଙ୍କୁ ପଦ୍ମଫୁରର ନାଡ ସହ ତୁଳନା କରି ଶିକ୍ଷଣୀୟ ରୋଚକ କାହାଣୀ ଉପସ୍ଥାପନ କରିଥିଲେ । ଡିଇଓ ଗିରି କହିଥିଲେ, ସେ ବଡଗାଁ ବ୍ଲକର ବିଭିନ୍ନ ସ୍କୁଲ ପରିଦର୍ଶନ କଲାବେଳେ ଛାତ୍ରୀଛାତ୍ର ଡରୁଥିବା ଓ ଲାଜ କରୁଥିବା ଦେଖିଛନ୍ତି। ପିଲାମାନେ ନ ଡରି କିପରି ମୁହଁ ଖୋଲିବେ ସେ ଦିଗରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ବ୍ଲକ ଅଧକ୍ଷା ମିଞ୍ଜ ପିଲାମାନେ ଭଲ ମଣିଷ ହେବା ପାଇଁ ଚରିତ୍ର ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ । ସଭାରେ ଅତିଥିମାନେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ଇତମା ଏଲସିବି ହାଇସ୍କୁଲର ଚିନ୍ମୟ ଗରଡିଆ ଡିବେଡ ସିନିୟରରେ ପ୍ରଥମ, ରଚନା ସିନିୟରରେ ତୁଡାଲଗା ଜିଜିଏଚଏସର ଅରୁଣା ଟପ୍ପୋ ପ୍ରଥମ, ଡ୍ରଇଂ ଓ ପେଟିଂରେ ରାଏଡିହି ସେବାଶ୍ରମର ରାହୁଲ ହେମ୍ବ୍ରମ, ଡ୍ରଇଂ, ପେଟିଂ ଜୁନିୟରରେ ଦେଓକରଣପୁର ହାଇସ୍କୁଲର ସାଗର ମିଞ୍ଜ, ଡ୍ରଇଂ ଓ ପେଟିଂ (ସିଡବ୍ଲୁଏସଏନ)ରେ ସାହାଜବାହାଲ ହାଇସ୍କୁଲର ଶଙ୍କର ନାଗ, କୁଇଜ ସିନିୟରରେ ବଡଗାଁ ହାଇସ୍କୁଲର ଉମାଶଙ୍କର ସାହୁ, କୁଇଜ ଜୁନିୟରରେ କୁରେଇବଗା ୟୁପିଏସର ନିମନ୍ତ ରକ୍ସା, କ୍ରିଏଟିଭ ରାଏଟିଂରେ ତୁଡାଲଗା ଜିଜିଏଚଏସର ଲିପା ମାଝୀ, କ୍ରିଏଟିଭ ରାଏଟିଂ ଜୁନିୟରରେ ସାଲେପାଲି ୟୁପିଏସର ଧନଶ୍ୱର ବରିହା, ଏଲୋକେସନରେ ତୁଡାଲକା ଜିଜିଏଚଏସର କବିତା ନାଏକ, ଜୁନିୟର ବର୍ଗରେ ଭଙ୍ଗାମୁଣ୍ଡା ୟୁପି ସ୍କୁଲର ଜାମିନୀ ଗରଡିଆ, ଗୀତରେ ବଡପଡା ୟୁପିସ୍କୁଲର ସାଲମା ସାମାଦ, ଜୁନିୟର ବର୍ଗରେ ଦାଣ୍ଡଜମରା ପ୍ରାଥମିକ ସ୍କୁଲର ଗୌରି କିସାନ, ଗୀତ (ସିଡବ୍ଲୁଏସଏନ)ରେ ତୁଡାଲଗା କନ୍ୟାଶ୍ରମର ମୀତା ଗରଡିଆ, ଡିକଟେସନ ଓ ହିନ୍ଦି ରାଏଟିଂରେ ଶଙ୍କରାପୋଷ ୟୁପିଏସର ଇପସିତା ପଟେଲ, ସାଂସ୍କୃତିକ କାର୍ଯ୍ୟକ୍ରମର (ଗ୍ରୁପ) ବଡପଡା ପିୟୁପିଏସ, କ୍ରଫ୍ଟରେ ଇତମା ୟୁପିଏସ, ଅର୍ଟରେ ଜରଙ୍ଗଲୋଇ ୟୁପିଏସ ପ୍ରଥମ ସ୍ଥାନ ପାଇଥିଲା । ବିଇଓ ସାରଙ୍ଗଧର ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ଜନସନ ଖାଖା ମଞ୍ଚ ପରିଚାଳନା କରିଥିଲେ । ସିଆରସିସି ବାବୁଲାଲ ସାହୁ, ଦିଲୀପ ପୃଷେଟ, ପ୍ରଦୀପ ନାଏକ, ମାନସରଞ୍ଜନ ପାଣ୍ଡେ, ସତ୍ୟବ୍ରତ ନାଏକ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ।



ବଡଗାଁ ମଣ୍ଡଳସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅତିଥିଙ୍କ ସହିତ କୃତୀ ଛାତ୍ରୀଛାତ୍ର ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଲେଇ ନାନୀ**
**ବିଲେଇ କାମୁଡ଼େ ପଣତକାନି ।**

କିଛି ବ୍ୟକ୍ତି ନିହାତି ଓଲୁ ପ୍ରକୃତିର ହୋଇଥାନ୍ତି। ବୁଦ୍ଧିହୀନ, ନିର୍ବୋଧ, ଅଚତୁର ଲୋକଙ୍କୁ ଓଲୁ କୁହାଯାଏ। ତାଙ୍କ ଆଗରେ ଘଟୁଥିବା ଘଟଣା ବିଷୟରେ କିଛି ବି ସୁରାକ ବା ଟେର୍ ପାଇପାରି ନ ଥାନ୍ତି। ଅତି ଓଲୁ। ଏପରି ଓଲୁ ଯେ ନିଜ ପିନ୍ଧାଲୁଗାର ପଣତକାନି କିଏ କାଟିନେଲା ତାହା ସେ ଜାଣି ନ ପାରିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଓଲେଇ ମାଇକିନାର ଓଷା**
**ଉକୁଣି ମୁଣ୍ଡରେ ଖୋଷା ।**

ଓଷା, ବାର ବ୍ରତରେ ଉପବାସ ରଖିବାକୁ ପଡ଼ିଥାଏ। ଏହାକୁ ତ୍ୟାଗ ଓ ନିଷ୍ଠାର ସମୟ ବୋଲି ନ ଭାବି ଖାଦ୍ୟଗ୍ରହଣ କରିବା ଭଣ୍ଡାମି ହୋଇଥାଏ। ଧର୍ମକୁ ଆଖିଠାର ମାରିବା ସଦୃଶ ହୋଇଥାଏ। ଯିଏ ରୋଷେଇଶାଳରେ ରହି ପାଟିରେ ସର୍ବଦା କିଛି କିଛି ଖାଇ ଚାଲିଥାଏ ତା'ପାଇଁ ଉପବାସ ରଖିବାର ମୂଲ୍ୟ କିଛି ରହି ନ ଥାଏ। ସେହିପରି ମୁଣ୍ଡରେ ଉକୁଣି ଥିଲେ ସ୍ଥିର ଖୋଷା ପାରି ହୋଇ ନ ଥାଏ। ପ୍ରକାରାନ୍ତରେ ଏସବୁ ବୃଥା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

ଆଶା କର୍ମୀ ସଂଘ ପକ୍ଷରୁ ବିଭିନ୍ନ ଦାବି

# ଜିଲାପାଳଙ୍କ ଜରିଆରେ ସ୍ମାରକପତ୍ର

ସୁନ୍ଦରଗଡ଼, ୮।୧୧ (ଡି.ଏନ୍.ଏ)

ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ସୁନ୍ଦରଗଡ ଜିଲା ଶାଖା ପକ୍ଷରୁ ବିଭିନ୍ନ ଦାବିନେଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆଶାକର୍ମୀମାନେ ଜିଲା ଶାଖା ସଭାନେତ୍ରୀ କଳ୍ପନା କାଲୋ, ସମ୍ପାଦିକା ସୁଜାତା ନାଏକଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ବିକ୍ଷୋଭ ସଭାରେ ଆଶା କର୍ମଚାରୀ ଓ ଆଶା ସାଥୀମାନଙ୍କୁ ରାଜ୍ୟ ସରକାରୀ କର୍ମଚାରୀ ମାନ୍ୟତା, ସର୍ବନିମ୍ନ ୧୮ହଜାର ଓ ୨୪ ହଜାର ଟଙ୍କା ଦରମା, ପ୍ରତିମାସରେ ୨୦ଦିନ ପରିବର୍ତ୍ତେ ୩୦ଦିନ କାର୍ଯ୍ୟ ପ୍ରଦାନ, ସାମାଜିକ ସୁରକ୍ଷା ପ୍ରଦାନ ପୂର୍ବକ ଇପିଏଫ୍, ଇଏସ ଆଇ, ପେନସନ୍ ଓ ଗ୍ରାଚ୍ୟୁଇଟୀ ପ୍ରଦାନ, ଦୁର୍ଘଟଣା ଜନିତ ତଥା ସାଧାରଣ ମୃତ୍ୟୁରେ ୫ଲକ୍ଷ ଟଙ୍କା ମୃତ୍ୟୁକାଳୀନ ସହାୟତା, ବୀମାଭୁକ୍ତ କରାଯିବା, ଯୋଗ୍ୟତା ଭିତ୍ତିରେ ଏଏନଏମ୍ ପଦବୀରେ ନିଯୁକ୍ତି, ଯାତାୟତ ଖର୍ଚ୍ଚ ପ୍ରଦାନ ଆଦି ଦାବି ନେଇ ସଙ୍ଗଠନର ନେତୃବୃନ୍ଦ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଏହି ମର୍ମରେ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା।



ଆଶାକର୍ମୀମାନେ ସୁନ୍ଦରଗଡ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଯାଉଛନ୍ତି।

# ରିଷିଡ଼ାରେ ପଞ୍ଚୁକ ବ୍ରତ ଆରମ୍ଭ

ରିଷିଡା,୮।୧୧(ଡି.ଏନ.ଏ.)- କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାରେ ପଞ୍ଚୁକ ବ୍ରତ ଶୁକ୍ରବାରଠାରୁ ଆରମ୍ଭ ହୋଇଛି । ଧର୍ମମାସ କାର୍ତ୍ତିକରେ ପ୍ରତ୍ୟହ ପ୍ରାତଃରେ ସ୍ନାନ କରି ହବିଶିଆଳୀମାନେ ପଞ୍ଚୁକ ବ୍ରତ ଆରମ୍ଭ କରି ପୂଜାର୍ଚ୍ଚନା କରୁଛନ୍ତି । ଏହି ଅବସରରେ ରିଷିଡା, ବଡଡୁଙ୍ଗୁରୀଗୁଡା, ରିଞ୍ଜା, ରାଜପୁର, ଐତିହାସିକ ଶୈବପୀଠ ବେଲଖଣ୍ଡିରେ ଶୈବପୀଠଗୁଡ଼ିକରେ ପ୍ରବଳ ଭିଡ ହେଉଛି। ପଞ୍ଚୁକରେ ଏଠାରେ ତୁଳସୀ ଚଉଁରାରେ ଦେବୀଦେବଙ୍କ ମରୁଜ କାଟି ପୂଜାର୍ଚ୍ଚନା କରାଯାଉଛି ।


## CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍ ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ
ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦ ଲକ୍ଷ, ଭଡ଼ା 60 ହଜାର + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ ।
7838639856
8826558929

FINANCE

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
MICRO FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8278449759
8901395759
B-34/7 A Block Vijay Enclave, Bururi, New Delhi

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE ଯୋଗାଇ ଦେଉଛି । ସୁଧ=1%
M = 7656825259, 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

ଶୁଭଜନଲକ୍ଷ୍ମୀ ଫାଇନାନ୍ସ
ଗୃହ ଋଣ, ମାର୍କଶିଟ୍ ଋଣ, କୃଷି ଋଣ, ପର୍ସନାଲ ଋଣ, ଗ୍ରୁପ୍ ଋଣ, ମାତ୍ର 5 ବାର୍ଷିକ ସୁଧ ହାରରେ ।
ଯୋଗାଯୋଗ କରନ୍ତୁ
9899289162
9858323204
Dehradun, UK



DHARITRI
Career appointment
Every Wednesday and Saturday


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସମସ୍ତଙ୍କ ଭିତରେ ତୁମେ ନିଜକୁ ଚିହ୍ନ। ଭଗବାନଙ୍କୁ ଭଲ ପାଅ। ଭଗବାନଙ୍କ ଗୁଣ କୀର୍ତ୍ତନ କର। ଯାହାର ବୋଝ ବୋହିପାରିବାର ସାମର୍ଥ୍ୟ ଅଛି, ସେହି ହିଁ କେବଳ ବୋଝ ବୋହିପାରିବ।
- ଗୁରୁ ନାନକ



## ସଂକ୍ଷେପରେ

### ବିଦେଶୀ ମଦ ଜବତ୍, ଜଣେ ଗିରଫ

ଲେଫ୍ରିପଡା,୮।୧୧(ଡି.ଏନ.ଏ) -ଲେଫ୍ରିପଡା ଥାନା ସର୍ଗିପାଲି ଫାଣ୍ଡି ଅଧୀନସ୍ଥ ଅଉଁଲାବାହାଲ ଗ୍ରାମରେ ବେଆଇନ ଭାବେ ବିଦେଶୀମଦ ବିକ୍ରି କରୁଥିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଅଉଁଲାବାହାଲ ଗ୍ରାମର ଆକାଶ ପଟେଲ(୩୭)। ପୋଲିସ କୌଣସି ସୂତ୍ରରୁ ଜାଣି ତାଙ୍କ ଘରେ ଚଢାଉ କରିଥିଲା। ଚଢାଉ ସମୟରେ ବିଦେଶୀ ମଦ ଜବତ୍ ସହିତ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ଲେଫ୍ରିପଡା ଥାନାରେ ଏକ ମାମଲା ( ନଂ. ୧୨୫/୨୦୧୯) ରୁଜୁ ହୋଇଛି।

### ସୁନ୍ଦରଗଡ଼ରେ କୋହଲା ପାଗ

ସୁନ୍ଦରଗଡ଼, ୮।୧୧(ଡି.ଏନ.ଏ.) ବାତ୍ୟା ବୁଲ୍‌ବୁଲ୍ ପ୍ରଭାବରେ ସୁନ୍ଦରଗଡ଼ ଜିଲାରେ ମେଘୁଆ ପାଗ ରହିଛି। ଜିଲାରେ ବିଭିନ୍ନ ସ୍ଥାନରେ କୋହଲା ପାଗ ଅନୁଭୂତ ହେଉଛି। ଫଳରେ ଲୋକେ ବାହାକୁ ବାହାରିବାକୁ ଇଚ୍ଛା କରୁନାହାନ୍ତି। ରାସ୍ତାରେ ଗହଳି ମଧ୍ୟ କମ ରହିଛି। ବାତ୍ୟାର ପ୍ରଭାବ ନ ଥିଲେ ମଧ୍ୟ ସ୍ଥାନେସ୍ଥାନେ ଝିପିଝିପି ବର୍ଷା ହୋଇଥିବାରୁ କୋହଲା ପାଗ ଜାରି ରହିଛି।

■ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି

# ପୁସ୍ତକ ହିଁ ଜୀବନର ଶ୍ରେଷ୍ଠ ମିତ୍ର







ସୁନ୍ଦରଗଡ଼ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ଉଦ୍‌ବୋଧନ ଦେଉଛନ୍ତି (ବାମ)। ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

**ସୁନ୍ଦରଗଡ଼, ୮।୧୧ (ଡି.ଏନ୍.ଏ)**

ସୁନ୍ଦରଗଡ଼ ଜିଲା ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଶୁକ୍ରବାର ସ୍ଥାନୀୟ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମହୋତ୍ସବକୁ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ବିଦ୍ୟାର୍ଥୀମାନଙ୍କୁ ଗାନ୍ଧୀଙ୍କ ପଥ ଅନୁସରଣ କରିବା ପାଇଁ ଉପଦେଶ ପ୍ରଦାନ କରିବା ସହିତ ପୁସ୍ତକ ହିଁ ଜୀବନର ଶ୍ରେଷ୍ଠ ମିତ୍ର ବୋଲି କହିଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ, ଜିଲା ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନର ଅଧ୍ୟକ୍ଷ ଶିବଶଙ୍କର ଷଡଙ୍ଗୀ, ସମଗ୍ର ଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ ସଂଯୋଜକ ଅମୂଲ୍ୟ କୁମାର ପ୍ରଧାନ ଓ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଅଧ୍ୟକ୍ଷ ବିଶ୍ୱମ୍ଭର ବେହେରା ଯୋଗ ଦେଇଥିଲେ। ସୁରଭିରେ ଜିଲାସ୍ତରରେ ବକ୍ତୃତା, ରଚନା, ସୃଜନଶୀଳ ଲେଖା, ସଙ୍ଗୀତ, ଚିତ୍ରକଳା, ସାଧାରଣ ଜ୍ଞାନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ କନିଷ୍ଠ ଓ ବରିଷ୍ଠ ସ୍ତରରେ ୨ଟି ବର୍ଗରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ରାଜଗାଙ୍ଗପୁର ବ୍ଲକ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ବିଶ୍ରା ବ୍ଲକ ଦ୍ୱିତୀୟ ସ୍ଥାନ ଓ ବଡ଼ଗାଁ ବ୍ଲକ ତୃତୀୟ ସ୍ଥାନ ଅଧିକାର କରିଥିଲା। ସେହିପରି ମଧ୍ୟାହ୍ନଭୋଜନ ଉତ୍ତମ ପରିଚାଳନା ପାଇଁ ଅନନ୍ୟା ଅମାତ ପ୍ରଥମ, କଲ୍ୟାଣୀ ମାଝି ଦ୍ୱିତୀୟ ଓ ତୃତୀୟ ଭାବେ ନେହା ବେହେରା ପୁରସ୍କୃତ ହୋଇଥିଲେ। ଗୀତର ବରିଷ୍ଠ ବିଭାଗରେ ସୁନ୍ଦରଗଡ଼ ଭବାନୀଶଙ୍କର ହାଇସ୍କୁଲର ଅନିଶା ସେଠ୍ ପ୍ରଥମ, ବାଲିଶଙ୍କରା ବ୍ଲକ ବନ୍ଧବାହାଲ ସ୍କୁଲର ଶର୍ମିଷ୍ଠା ଓଝା ଦ୍ୱିତୀୟ, ନୂଆଗାଁ ବ୍ଲକ ଜାହାରିଟୋଲି ବିଦ୍ୟାଳୟର ସତ୍ୟଜିତ୍ ପତି ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସେହିପରି ଗୀତର କନିଷ୍ଠ ବର୍ଗରେ ସୁନ୍ଦରଗଡ ସଦର ବ୍ଲକ କୁଣ୍ଡୁକେଲା ଲମ୍ବୋଦର ହାଇସ୍କୁଲର ଖୁସି ବୁଡା ପ୍ରଥମ, ହେମଗିର ବ୍ଲକ କାଦୋବାହାଲ ଉନ୍ନୀତ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଜ୍ୟୋତି ମହାନନ୍ଦିଆ ଦ୍ୱିତୀୟ ଓ ତୃତୀୟ ଭାବେ ବଣାଇ ବ୍ଲକ ବାବୁନୂଆଁଗାଁ ଓଡିଶା ଆଦର୍ଶ ବିଦ୍ୟାଳୟ ର ରିତୁସ୍ମିତା ପ୍ରଧାନ ପୁରସ୍କୃତ ହୋଇଥିଲେ। ଶ୍ରୁତଲିଖନ ଓ ହସ୍ତାକ୍ଷରରେ କନିଷ୍ଠବର୍ଗରେ ସବ୍‌ଡେଗା ବ୍ଲକର ରାଶିପତ୍ରା ସରକାରୀ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟର ସୃଜଲ ପଟେଲ ପ୍ରଥମ, ଟାଙ୍ଗରପାଲି ବ୍ଲକର ମେଘଡେଗା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରତିଭା ସୌମ୍ୟା ଦ୍ୱିତୀୟ ଓ ବାଲିଶଙ୍କରା ବ୍ଲକ ବନ୍ଧବାହାଲ ସରକାରୀ ହାଇସ୍କୁଲରେ ମମତା ପ୍ରଧାନ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ର ସମେତ ଅନ୍ୟାନ୍ୟ ବିଭିନ୍ନ ବିଭାଗର କୃତୀ ପ୍ରତିଯୋଗୀମାନଙ୍କୁ ଉଦ୍‌ଯାପନୀ ସମାରୋହରେ ପୁରସ୍କୃତ କରାଯାଇଥିଲା। କବିତା ଦାସ ଓ ସ୍ୱାଗତିକା ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ଅଧ୍ୟକ୍ଷ ବିଶ୍ୱମ୍ଭର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଡ. ଦୀପକ କୁମାର ଦାଶ, ଅମାତ୍ୟ ପ୍ରଧାନ, ଭିଭିଗିରି ସୁନା, ରାଜେନ୍ଦ୍ର ପାତ୍ର, ଅରୁଣ କୁମାର ସାହୁଙ୍କ ସମେତ ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

## ବଡ଼ବଙ୍ଗା ସରପଞ୍ଚ ନିଲମ୍ବିତ



DISTRICT OFFICE, SUNDARGARH
(G.P. Section)
No. 1101 Dt. 08.11.19

To
The Block Development Officer,
Lephripara

Sub: Transmission of suspension order of Smt. Sunita Naik, Sarpanch, Badbanga GP.

Ref: Memo No. 20359 dt. 08.11.2019 of Govt. in PanchayatiRaj & Drinking Water Department, Odisha, Bhubaneswar.

Madam,

In inviting a reference to the letter on the subject cited above, I am to send herewith the suspension order (in triplicate) of Smt. Sunita Naik, Sarpanch, Badbanga Gram Panchayat of Lephripara Block issued vide letter No. 20358 dt. 08.11.2019 of Govt. in PanchayatiRaj & Drinking Water Department, Odisha, Bhubaneswar and it is requested to serve the order upon Smt. Sunita Naik, Sarpanch, Badbanga GP and returned the served copy with dated signature for onwards transmission to Govt. in PanchayatiRaj & Drinking Water Department, Odisha, Bhubaneswar.

**ଲେଫ୍ରିପଡା,୮।୧୧(ଡି.ଏନ.ଏ)**

ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଚିଠି ନଂ. ୨୦୩୫୯, ତାରିଖ ୮।୧୧।୨୦୧୯ ଅନୁଯାୟୀ ସୁନ୍ଦରଗଡ ଜିଲା ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ବଡ଼ବଙ୍ଗା ଗ୍ରାମପଞ୍ଚାୟତର ସରପଞ୍ଚ ସୁନୀତା ନାଏକ ନିଲମ୍ବିତ ହୋଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ସୁନ୍ଦରଗଡ ଜିଲା ପଞ୍ଚାୟତ ଅଧିକାରୀଙ୍କ ପତ୍ର ସଂଖ୍ୟା-୧୧୦୧, ତାରିଖ ୮।୧୧।୨୦୧୯ରେ ବିଡ଼ିଓ ଲେଫ୍ରିପଡ଼ାଙ୍କୁ ବିହୀତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜଣାଇଥିବା ପ୍ରକାଶ। ଉଲ୍ଲେଖ ଥାଉକି, ବଡ଼ବଙ୍ଗା ଗ୍ରାମ ପଞ୍ଚାୟତରେ ବ୍ୟାପକ ଅନିୟମିତତା ନେଇ ଗଣମାଧ୍ୟମରେ ଅନୁସନ୍ଧାନମୂଳକ ଖବର ପ୍ରକାଶ ପାଇଥିଲା। ଏହାକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିଲା। ରାଜ୍ୟ ସରକାର ସରପଞ୍ଚ ନାଏକଙ୍କୁ ନିଲମ୍ବିତ କରିଛନ୍ତି। ଏହା ପୂର୍ବରୁ ଏହି ଅନିୟମିତତାରେ ସମ୍ପୃକ୍ତ ପଞ୍ଚାୟତର ପୂର୍ବତନ ନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ଚୌଧୁରୀଙ୍କୁ ଜିଲାପାଳ ନିଲମ୍ବିତ କରିସାରିଛନ୍ତି। ନିଲମ୍ବିତ ସରପଞ୍ଚଙ୍କ ସ୍ୱାମୀ ସଦର ବିଧାୟକଙ୍କ ବ୍ଲକ ପ୍ରତିନିଧି ରହିଥିବାବେଳେ ଘଟଣାକୁ ନେଇ ରାଜନୈତିକ ମହଲରେ ବେଶ୍ ଚର୍ଚ୍ଚା ଜୋର ଧରିଛି।

# କାର୍ଯ୍ୟରତ କେନ୍ଦୁପତ୍ର ଶ୍ରମିକଙ୍କ ମଜୁରି ବୃଦ୍ଧି କରାଯାଉ

ବାଲିଶଙ୍କରା, ୮।୧୧ (ଡି.ଏନ.ଏ)- ବାଲିଶଙ୍କରା କେନ୍ଦୁପତ୍ର ରେଞ୍ଜ କାର୍ଯ୍ୟାଳୟ ପରିସରରେ ବାଲିଶଙ୍କରା ଓ କିଁଅରକେଲା କେନ୍ଦୁପତ୍ର କାର୍ଯ୍ୟରତ ତୁଳାଳି, ବନ୍ଧାଳୀ, ଚେକର, ମୁନସୀ ଓ ଶ୍ରମିକ କର୍ମଚାରୀମାନଙ୍କ ଏକ ବୈଠକ ହୋଇଥିଲା। ଏଥିରେ ମଜୁରି ବୃଦ୍ଧି ଦାବି କରାଯାଇଥିଲା। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସଭାପତି ବିଜୟ ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଡିଭିଜନ ସମ୍ପାଦକ କ୍ଷେତ୍ରଚନ୍ଦ୍ର ବାରିକ ସଂଘର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ସଭାପରିଚାଳନା କରିଥିଲେ ବାଲିଶଙ୍କରା ରେଞ୍ଜର ହେଡ ଚେକର ଦୁତିଆ ବାରିକ। ରାଜ୍ୟ ସମ୍ପାଦକ ତଥା ପର୍ଯ୍ୟବେକ୍ଷକ ମହମ୍ମଦ ମୂର୍ତ୍ତୁଜା ଯୋଗଦେଇ ନଭେମ୍ବର ୨୯ରେ ଭୁବନେଶ୍ୱର ପିସିସିଏଫଙ୍କ ଅଫିସ ଆଗରେ ହେବାକୁ ଥିବା ଗଣଧାରଣା ସମ୍ପର୍କରେ ଆଲୋଚନା କରିଥିଲେ। ସଭାରେ ରାଉରକେଲା ଡିଭିଜନର ଫଡିମରାଳି, ବନ୍ଧାଇ, ତୁଳାଳି ଏଭଳି ଅନେକ କାର୍ଯ୍ୟର ମଜୁରି ବୃଦ୍ଧି କରୁ ନ ଥିବାରୁ ଶ୍ରମିକମାନେ ଅନେକ କ୍ଷତିରେ ପଡୁଥିବା ପ୍ରକାଶ କରାଯାଇଥିଲା। ଏହା ବ୍ୟତୀତ ବନ୍ଦେଇ ମଜୁରୀ ବୋନସ ମିଳୁ ନ ଥିବା ସହିତ ଛାତ୍ରବୃତ୍ତି, ବିବାହ ପ୍ରୋତ୍ସାହନ ମିଳୁ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହି ଅବସରରେ ବାଲିଶଙ୍କରା ରେଞ୍ଜର ଅସ୍ଥାୟୀ ସଭାପତି ଦୈତାରୀ ସିଂ ଏବଂ ସହସମ୍ପାଦକ ରାଜେଶ୍ୱର ମହାକୁଲଙ୍କୁ ମନୋନୀତ କରାଯାଇଛି। ଉକ୍ତ ବୈଠକ କିଁଅରକେଲା ହେଡଚେକର ପର୍ଶୁରାମ ଭୌଷାଲ, କିଶୋର ମିଞ୍ଜ, ଗିରି ଅମାତ, ସୋଭାଚନ୍ଦ୍ର ପ୍ରଧାନ, ଦିନବନ୍ଧୁ ମାହାର, ମଧୁସୂଦନ ଧର, ସାବିତ୍ରୀ ସୁରିନ ଏପରି ଶତାଧିକ କର୍ମଚାରୀ ଶ୍ରମିକ ଉପସ୍ଥିତ ଥିଲେ । ଶେଷରେ ଦୁତିଆ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।



କଣ୍ଟାଝାର ଗ୍ରାମ ନିକଟରେ ଭାରସାମ୍ୟ ହରାଇ ଟ୍ରକ୍ ଓଲଟି ପଡ଼ିଛି।

### ରାସ୍ତା ଦବିଯିବାରୁ ଓଲଟିଲା ବାଲି ବୋଝେଇ ଟ୍ରକ

## ଖଲାସି ଗୁରୁତର, ଚାଳକ ଫେରାର୍

**ନୂଆଗାଁ, ୮।୧୧ (ଡି.ଏନ.ଏ)**

ନୂଆଗାଁ ବ୍ଲକ ହାତୀବାରି ଥାନା ଅନ୍ତର୍ଗତ କୋକେରମା ପଞ୍ଚାୟତର କଣ୍ଟାଝାର ଗ୍ରାମ ନିକଟରେ ଶୁକ୍ରବାର ପ୍ରାୟ ୧୦ଟାରେ ଏକ ବାଲି ବୋଝେଇ ଟ୍ରକ ଓଆର୧୪ ଭି-୬୨୦୦ ରାସ୍ତାର ମାଟି ଦବି ଯିବାରୁ ଭାରସାମ୍ୟ ହରାଇ ଏକ ଚାଷ ଜମିରେ ଓଲଟି ପଡିଥିଲା। ଏଥିରେ ଟ୍ରକର ଖଲାସି ଗୁରୁତର ହୋଇଥିବାବେଳେ ଟ୍ରକ ଚାଳକ ଫେରାର ହୋଇଯାଇଥିବା ଜଣାପଡିଛି। ଏହି ଘଟଣା ପରେ ହାତୀବାରି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ ହେଁ କୌଣସି ମାମଲା ରୁଜୁ ହୋଇନାହିଁ । ଏପରିକି ଟ୍ରକର ଖଲାସି ବର୍ତ୍ତମାନ କେଉଁ ଅବସ୍ଥାରେ ଅଛନ୍ତି। କେଉଁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି, ତାଙ୍କ ନାମ କ'ଣ କୌଣସି ଖବର ହାତୀବାରି ଥାନା ଅଧିକାରୀଙ୍କ ପାଖରେ ନାହିଁ। ଏନେଇ ଥାନା ଅଧିକାରୀ ଶ୍ୟାମଲାଲ ଓରାମ କୁହନ୍ତି ଟ୍ରକର ମାଲିକଙ୍କ ନା କଣତ କୁହନ୍ତି ବୋଲି ଓଲଟା କହିଛନ୍ତି। ଘଟଣାପୂର୍ବାହ୍ନ ୧୦ଟାରେ ଘଟିଥିଲେ ହେଁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ନାଁ ଥାନାରେ କୌଣସି ମାମଲା ରୁଜୁ ହୋଇଛି ନା ଥାନା ଅଧିକାରୀ ଟ୍ରକ ମାଲିକଙ୍କ ନା ଜାଣିଛନ୍ତି ଯାହା ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏହା ପୋଲିସର କାର୍ଯ୍ୟାନୁଷ୍ଠାନ ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି ।



ବିଧାୟକ ଭବାନୀଶଙ୍କର ଭୋଇ ଶିଳାନ୍ୟାସ କରୁଛନ୍ତି ।

## ଭୋଇପାଲି କଲ୍ୟାଣମଣ୍ଡପ ପାଇଁ ଶିଳାନ୍ୟାସ

**ବଡ଼ଗାଁ, ୮।୧୧ (ଡି.ଏନ.ଏ)**

ବଡ଼ଗାଁ ବ୍ଲକ ଅନ୍ତର୍ଗତ ଭୋଇପାଲି ଗ୍ରାମରେ କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ଗୁରୁବାର ଶିଳାନ୍ୟାସ କରାଯାଇଛି। ଜୟ ଯବାନ ଜୟ କିଷାନ କୃଷକ ସଙ୍ଗଠନ ସଭାପତି ରବୀନ୍ଦ୍ର ପଟେଲ, କୃଷକ ସାଥି ପ୍ରେମାନନ୍ଦ ନାଏକ, ୱାର୍ଡ ମେମ୍ବର ଶଶିଧର ଗୌଡ, ପଞ୍ଚାୟତ ଜିଆର୍‌ଏସ୍ ବିପିନ ସାହୁ, ଲାଲମୋହନ ନାଏକ, ସୁଧିର ପଟେଲ, ସରପଞ୍ଚ ମନ୍ଦାକିନୀ ବରିହାଙ୍କ ଉପସ୍ଥିତିରେ ତଳସରା ବିଧାୟକ ଭବାନୀଶଙ୍କର ଭୋଇ ଶିଳାନ୍ୟାସ କରିଥିଲେ। କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ପ୍ରଥମ ପର୍ଯ୍ୟାୟରେ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ଏଥିରେ ମୋଟ ୩୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ।

## ଆଦର୍ଶ ବିଦ୍ୟାଳୟ ପାଇଁ ଜମି ଚିହ୍ନଟ

**ବଡ଼ଗାଁ, ୮।୧୧ (ଡି.ଏନ.ଏ)**

ବଡ଼ଗାଁରେ ଶୁକ୍ରବାର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ଜମି ଚିହ୍ନଟ କରାଯାଇଛି। ବଡ଼ଗାଁ ରାଜସ୍ୱ ସୁପରଭାଇଜର ଝାନସୀରାଣୀ ପଟେଲ, ଅମିନ ରାଜୀବ ବେସନ, ହରି ବେକ, ପ୍ରଦୀପ କୁମାର ବେକ, କୁତ୍ରା ଆରଡି ସହକାରୀ ଯନ୍ତ୍ରୀ ରାଜୁ ଧାଉଁଳିଆ, ଜେଇ ପ୍ରମୋଦ ମାଝି, ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ମିଞ୍ଜ, ବିଇଓ ସାରଙ୍ଗଧର ବରିହା, ସିଆରସିସି ବାବୁଲାଲ ସାହୁ, ଦିଲୀପ ପୃଷେଟ, ଏବିଇଓ ବେଣୁମାଧବ ବିଶି, କୃଷକ ସଙ୍ଗଠନ କର୍ମକର୍ତ୍ତା ରବୀନ୍ଦ୍ର ପଟେଲଙ୍କ ଉପସ୍ଥିତିରେ ଡେପୁପଡା ନିକଟ ପେଟ୍ରୋଲ ପମ୍ପ ପଛପଟ ୨୦ ଏକର ସରକାରୀ ଜମି ଚିହ୍ନଟ କାମ ହୋଇଛି। ଏହି ବିଦ୍ୟାଳୟ ନିର୍ମାଣ ପାଇଁ ପ୍ରଥମ ପର୍ଯ୍ୟାୟରେ ୫ କୋଟି ଓ ପରବର୍ତ୍ତି ପର୍ଯ୍ୟାୟକ୍ରମେ ମୋଟ ୩୫ କୋଟି ଟଙ୍କା ଖର୍ଚ୍ଚ ହେବ । ସୂଚନାଯୋଗ୍ୟ ଯେ, ୨ ବର୍ଷ ହେଲା ବଡଗାଁରେ ଆଦର୍ଶ ବିଦ୍ୟାଳୟ ପାଇଁ ମଞ୍ଜୁରୀ ମିଳିଥିଲେ ମଧ ହୋଇପାରିନାହିଁ ।



ଜମି ଚିହ୍ନଟ ପାଇଁ ଆସିଥିବା ବିଭିନ୍ନ ବିଭାଗର କର୍ମଚାରୀ।

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ସମ୍ପର୍କ ଦିବସ

ସୁନ୍ଦରଗଡ, ୮।୧୧ (ଡି.ଏନ୍.ଏ)- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସୁନ୍ଦରଗଡ ନଗର ଶାଖା ଆନୁକୂଲ୍ୟରେ ସ୍ଥାନୀୟ ଭବାନୀ ଭବନ ପଡିଆଠାରେ ସମ୍ପର୍କ ଦିବସ ପାଳିତ ହୋଇଯାଇଛି। ସୁନ୍ଦରଗଡ଼ ନଗରଶାଖାର ସଂଘ ଚାଳକ ବିଜୟ କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କିଶୋର କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବଡମଣିଷ ହେବା ଅପେକ୍ଷା ଭଲ ମଣିଷ ହେବା ଅଧିକ ଜରୁରୀ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପଶ୍ଚିମ ପ୍ରାନ୍ତ ବୌଦ୍ଧିକ ପ୍ରମୁଖ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଯୋଗଦେଇ ସଂଘ ପ୍ରତିଷ୍ଠାର ପୃଷ୍ଠଭୂମି, ସଂଘର ପ୍ରତିଷ୍ଠାତା ଡ. କେଶବ ବଲିରାମ ହେଗେଡୱାରଙ୍କ ଜୀବନୀ ସହ ସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ତଥା କାର୍ଯ୍ୟପଦ୍ଧତି ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦଣ୍ଡଯୋଗ ଓ ବିଭିନ୍ନ ଆସନ ଆଦି ସ୍ୱୟଂସେବକମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା।



ସମ୍ପର୍କ ଦିବସ ପାଳନ ଅବସରରେ ସ୍ୱୟଂସେବକମାନଙ୍କ ଦ୍ୱାରା ଯୋଗ ପ୍ରଦର୍ଶନ।

■ ଲହୁଣୀପଡା ସ୍ପୋର୍ଟ୍ସ ଆସୋସିଏଶନ୍ ପକ୍ଷରୁ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

# ଛତିଶଗଡ଼ର ଏସିବି ଇଣ୍ଡିଆ ଲିମିଟେଡ ବିଜୟୀ

**ଲହୁଣୀପଡା, ୮।୧୧ (ଡି.ଏନ.ଏ)**

ଲହୁଣୀପଡା ବାଳିକା ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଲହୁଣୀପଡା ସ୍ପୋର୍ଟ୍ସ ଆସୋସିଏଶନ୍ ପକ୍ଷରୁ ତିନି ଦିନିଆ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଫୁଟବଲ ପ୍ରତିଯୋଗିତାରେ ରାଜ୍ୟ ବାହାର ଦଳ ସହିତ ମୋଟ ୧୬ଟି ଦଳ ଯୋଗଦେଇଛନ୍ତି । ଏହାର ଉଦ୍‌ଘାଟନୀ ମ୍ୟାଚ ଛତିଶଗଡର ଏସିବି ଇଣ୍ଡିଆ ଲିମିଟେଡ ସହିତ ଏସଟି ଜମ୍ବୁ ରାଞ୍ଚି ଦଳର ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏସଟି ଜମ୍ବୁ ଦଳକୁ ପରାସ୍ତ କରି ଏସିବି ଇଣ୍ଡିଆ ଦଳ ଉଦ୍‌ଘାଟନୀ ମ୍ୟାଚରେ ବିଜୟୀ ହୋଇଥିଲା। ଏଥିରେ ଲହୁଣୀପଡା ବିଡିଓ ଧାନାଇଚରଣ ଟୁଡ୍ଡୁ, ଲହୁଣୀପଡା ତହସିଲଦାର ଆଲୋକ କୁମାର ଦେହୁରୀ, ଲହୁଣୀପଡା ସରପଞ୍ଚ ଜୁଲିଆନି କାଣ୍ଡିର ଯୋଗଦେଇଥିଲେ।





ଉଦ୍‌ଘାଟନୀ ମ୍ୟାଚରେ ଅତିଥି, ଆୟୋଜକଙ୍କ ସହ ଖେଳାଳି।

ଏହି ତିନି ଦିନିଆ ଫୁଟବଲ ପ୍ରତିଯୋଗିତାକୁ ଅତିଥିମାନେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉକ୍ତ ଫୁଟବଲ ପ୍ରତିଯୋଗିତାରେ ଭାସ୍କର ନନ୍ଦଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଭାନୁ ବାଉରୀ, ଅଶୋକ ପାଣ୍ଡବ, ଥବୀର ଗରୁଡ ଓ ଠାକୁରା ମୁର୍ମୁ ଖେଳ ପରିଚାଳନା କରିଥିଲେ । ଏହା ଲହୁଣୀପଡା ସ୍ପୋର୍ଟ୍ସ ଆସୋସିଏସନ୍ ପକ୍ଷରୁ ଆୟୋଜିତ ହୋଇଥିବା ବେଳେ ସ୍ପୋର୍ଟ୍ସ ଆସୋସିଏସନ୍ ସଭାପତି ବେଣୁଧର ମାହାନ୍ତ, ସମ୍ପାଦକ ମନୋଜ କୁମାର ରାୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି । ଏଥିରେ ମନ୍ମଥ ମାହାନ୍ତ, ନେଲସନ ହେମ୍ରମ, ନିକୁଞ୍ଜ ସିଂ, ଟିଙ୍କିନା ପ୍ରଧାନ, ମଣ୍ଟୁ ମାହାନ୍ତ, ଲିକୁ ମାହାନ୍ତ, ସଞ୍ଜୟ ପଶାୟତ, ହିମାଂଶୁ ମାହାନ୍ତ, ସୁଧାଂଶୁ ମାହାନ୍ତେ, ଉମର ହୁସେନ, ଲିଟୁନ ମାହାନ୍ତ, ବିକାଶ ମାହାନ୍ତ, ପ୍ରଭାତ ମାହାନ୍ତ, ସନାତନ ବେରା, ଲକି ରାଉତ, ରଞ୍ଜନ ମାହାନ୍ତଙ୍କ ସମେତ ସ୍ପୋର୍ଟ୍ସ ଆସୋସିଏସନ୍‌ର ସମସ୍ତ ସଦସ୍ୟଙ୍କ ସହଯୋଗରେ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ଧରିତ୍ରୀ DHARITRI
ସମ୍ବଲପୁର, ଶନିବାର, ୯ ନଭେମ୍ବର, ୨୦୧୯



କ୍ଷମତାର ମୁକୁଟ ଭିତରେ କଣ୍ଟା ମଧ ଥାଏ, ଠିକ୍ ଭାବରେ ତାକୁ ପିନ୍ଧି ନ ଜାଣିଲେ ମୁଣ୍ଡ ଖଣ୍ଡିଆ ହୋଇଯାଏ।
- ଜେମ୍ସ କୁକ୍



**ସଂକ୍ଷେପରେ**

## ଅଧା ସିଏଲ୍ ପ୍ରସଙ୍ଗରେ ବିବୃତି ଦେବା ଅଜ୍ଞତାର ପରିଚୟ : ବିଏମ୍ଏସ୍

**ରାଉରକେଲା ଅଫିସ, ୮।୧୧**
ଗତ କିଛିଦିନ ତଳେ ଆର୍ଏସ୍‌ପି କର୍ତ୍ତୃପକ୍ଷଙ୍କ ତରଫରୁ ପ୍ରକାଶ ପାଇଥିବା ସର୍କୁଲାର ଅନୁଯାୟୀ କାର୍ଯ୍ୟରତ କର୍ମଚାରୀମାନଙ୍କ ପାଇଁ ଅଧା ସିଏଲ୍ ବ୍ୟବସ୍ଥା କରାଯାଇଛି। ଏହି ପ୍ରସଙ୍ଗରେ ପୁରୁଣା ସଙ୍ଗଠନର ବରିଷ୍ଠ ନେତୃବୃନ୍ଦଙ୍କ ଦ୍ୱାରା ବିଭିନ୍ନ ଗଣମାଧ୍ୟମ ଜରିଆରେ ଦିଆଯାଇଥିବା ବିବୃତି ଅତ୍ୟନ୍ତ ହାସ୍ୟାସ୍ପଦ ଓ ନିନ୍ଦନୀୟ ବୋଲି ବିଏମ୍ଏସ୍ କହିଛି। ଅତିକମରେ ଶ୍ରମିକଙ୍କ ସ୍ୱାର୍ଥ ପ୍ରସଙ୍ଗରେ ଏହି ପ୍ରକାର ବିରୋଧାଭାସ ଗ୍ରହଣୀୟ ନୁହେଁ। ରାଉରକେଲା ଇସ୍ପାତ୍ କାରଖାନାର ଷ୍ଟାଣ୍ଡିଂ ଅର୍ଡର ଅନୁସାରେ କର୍ମଚାରୀମାନଙ୍କ ପାଇଁ ସିଏଲ ବ୍ୟବସ୍ଥା କରାଯାଇଛି। ନୂତନ ନିୟମ ଅନୁଯାୟୀ ଏହି ସିଏଲକୁ ଜଣେ କର୍ମଚାରୀ ଚାହିଁଲେ ଅଧା କରି ମଧ ନେଇପାରିବ। ପୂର୍ବରୁ ଜଣେ କର୍ମଚାରୀ କାର୍ଯ୍ୟରତ ସମୟରେ ଅସୁବିଧା ପଡ଼ିଲେ କାର୍ଯ୍ୟରୁ ଅବ୍ୟାହତି ନେବା ପାଇଁ ଉପରିସ୍ଥ ଅଧିକାରୀଙ୍କ ଦୟାର ପାତ୍ର ହେବାକୁ ପଡୁଥିଲା। ତେଣେ ଅଧିକାରୀମାନେ ଏହି ନିୟମର ଫାଇଦା ଉଠାଇବାକୁ ମଧ ଭୁଲି ଯାଉ ନ ଥିଲେ। କିନ୍ତୁ ଏହି ବ୍ୟବସ୍ଥାରେ ସେହି କର୍ମଚାରୀ ନିଜର ଅଧିକାର ହିସାବରେ ଅଧା ଦିନ ଛୁଟି ନେଇପାରିବ। ଯଦି କର୍ମଚାରୀଙ୍କୁ ଅଧିକା କିଛି ସୁବିଧା ଏବଂ ଅଧିକାର ମିଳିପାରୁଛି, ତେବେ ତାହାର ଏତେ ବିରୋଧ କାହିଁକି ବୋଲି ବିଏମ୍ଏସ ପ୍ରଶ୍ନ କରିଛି।

# ପଞ୍ଚୁକ ପାଇଁ ଉତ୍ସବ ମୁଖର ମନ୍ଦିର ବେଢ଼ା

**ରାଉରକେଲା ଅଫିସ,୮। ୧୧**
ପଞ୍ଚୁକ ପାଇଁ ଷ୍ଟିଲସିଟିର ପ୍ରାୟ ସମସ୍ତ ଦେବଦେବୀଙ୍କ ମନ୍ଦିର ଚଳଚଞ୍ଚଳ ହୋଇଉଠିଛି। ସକାଳୁ ଭକ୍ତଙ୍କ ଗହଳ ଚହଳ ସାଙ୍ଗକୁ ପୂଜାର୍ଚ୍ଚନା ଚାଲିଛି। ସନ୍ଧ୍ୟାରେ ଭଜନକୀର୍ତ୍ତନ ଆଦି ଆଧାତ୍ମିକ କାର୍ଯ୍ୟକ୍ରମ ଭକ୍ତଙ୍କ ମନରେ ଆବେଗ ସୃଷ୍ଟି କରିଛି। ବିଭୁଙ୍କ ଆରାଧନାରେ ମଗ୍ନ ରହିଛନ୍ତି ବ୍ରତଧାରୀ। ପ୍ରସିଦ୍ଧ ଶୈବ ପୀଠ ବେଦବ୍ୟାସ, ତର୍କରା ଶିବମନ୍ଦିର, ଅହିରାବନ୍ଧ ଶ୍ରୀଜଗନ୍ନାଥ ମନ୍ଦିର, ଉଦିତନଗର, ଛେଣ୍ଡ , ସେକ୍ଟର ୫, କୋଏଲ ନଗର, ଶକ୍ତି ନଗର, ବାସନ୍ତୀ ନଗର, ଦକ୍ଷିଣ ରାଉରକେଲା ଅନ୍ତର୍ଗତ ସାରନଗରୀ, ଆଇଡିଏଲ ଓ ବାଲିଯୋଡି ଜଲଦା ଆଦି ଅଞ୍ଚଳର ମନ୍ଦିରରେ ପଞ୍ଚୁକ ପାଇଁ ଭିଡ଼ ଜମିଛି। କେତେକ ମନ୍ଦିରରେ ପ୍ରତିଷ୍ଠିତ ପ୍ରବାଚକଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଚାଲିଛି । ବିଭିନ୍ନ ସ୍ଥାନରେ ପାଲା ପରିବେଷଣ ହେଉଛି । ଏସବୁ ସ୍ଥାନରେ ହବିଷିଆଳିମାନେ ହରିବୋଲ ହୁଳହୁଳି ଦେଇ ପୂଜାର୍ଚ୍ଚନା କରୁଛନ୍ତି । ପ୍ରଭାତରୁ ଭଜନକୀର୍ତ୍ତନ ଚାଲିଛି । ଘର ସମ୍ମୁଖରେ ଝୋଟି ମୁରୁଜ ଶୋଭାପାଉଛି। ସବୁଠି ହରିବୋଲ, ହରିବୋଲ କେଶବ ମାଧବ ହରି ହରି ବୋଲି ଶୁଣିବାକୁ ମିଳୁଛି।



ପବିତ୍ର ପଞ୍ଚୁକ ଅବସରରେ ସରନଗରୀ ସ୍ଥିତ ଆଖଣ୍ଡଳମଣି ମନ୍ଦିରରେ ଭଜନକୀର୍ତ୍ତନ କରାଯାଉଛି।

## ଶାଗ ବିଡା ୨୫, କଖାରୁ ଡଙ୍କ କେଜି ୬୦



ସେକ୍ଟର-୨୨ ଅନ୍ତର୍ଗତ ପୂର୍ଣ୍ଣାନନ୍ଦ ପରିବା ମାର୍କେଟରେ ଗ୍ରାହକଙ୍କ ଭିଡ଼।

**ରାଉରକେଲା ଅଫିସ,୮। ୧୧:** ଧର୍ମମାସ କାର୍ତ୍ତିକ ପାଇଁ ପନିପରିବା ଦରକୁ ଆକାଶ ଛୁଆଁ ହୋଇଛି। ଶୁକ୍ରବାରଠୁ ପଞ୍ଚକ ଆରମ୍ଭ ହୋଇଥିବା ବେଳେ ପନିପରିବା ଦର ବଢ଼ି ଚାଲିଛି। ବିଭିନ୍ନ କିସମର ଶାଗ ଦରକୁ ନେଇ ଗ୍ରାହକଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି । ବିଡାଏ ଶାଗକୁ ୨୦ରୁ ୨୫ ଟଙ୍କାରେ ବିକ୍ରି କରାଯାଉଛି । କଖାରୁ ଡଙ୍କ କିଲୋ ପ୍ରତି ୬୦ ଟଙ୍କରେ ପହଞ୍ଚିଛି। ପିଆଜ ଦର କିଲୋପ୍ରତି ୭୦ରୁ ୮୦ ଟଙ୍କାରେ ବିକ୍ରି କରାଯାଉଛି । ଡାଲମା ପରିବା ଦର ନିୟନ୍ତ୍ରଣ ବାହାରେ ରହିଛି। କୋବି, ବାଇଗଣ, କଖାରୁ, ମାଟିଆଳୁ, ସାରୁ, କଞ୍ଚା କଦଳୀ, ମୂଳା, ବରଗୁଡି ଓ ବିନ ଆଦି କିଲୋପ୍ରତି ଦର ୬୦ଟଙ୍କା ଉପରେ ରହିଛି । ବିଭିନ୍ନ ମନ୍ଦିରରେ ଅନ୍ନ ପ୍ରସାଦ ପ୍ରସ୍ତୁତ କରାଯାଉଥିବାରୁ ବିଭିନ୍ନ ପରିବା ଦରକାର ପଡୁଛି। କେତେକ ସ୍ଥାନରେ କୃତ୍ରିମ ଅଭାବ ଦେଖାଦେଇଛି । ପଞ୍ଚୁକ ଶେଷ ପର୍ଯ୍ୟନ୍ତ ଯାଏ ଏପରି ଦର ରହିବ ବୋଲି ବ୍ୟବସାୟୀମାନେ କହିଛନ୍ତି।

## ଆର୍ଏମ୍‌ସି ପକ୍ଷରୁ ଅସ୍ଥାୟୀ ବ୍ୟବସାୟୀଙ୍କ ପାଇଁ ପ୍ରଶିକ୍ଷଣ ଶିବିର

**ରାଉରକେଲା ଅଫିସ, ୮।୧୧**
ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥାର ନିର୍ଦ୍ଦେଶକ୍ରମେ ରାଉରକେଲା ମହାନଗର ନିଗମ ଓ ଜାତୀୟ ସହରାଞ୍ଚଳ ଜୀବିକା ମିଶନ ଆନୁକୂଲ୍ୟରେ ଆର୍ଏମ୍‌ସି ପାଠାଗାରରେ ରାସ୍ତାପାର୍ଶ୍ୱ ଅସ୍ଥାୟୀ ବ୍ୟବସାୟୀଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କମିଶନର ୟେଦୁଲା ବିଜୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ସବୁବର୍ଗର ଲୋକମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ବିଭିନ୍ନ ଜନହିତକର ଯୋଜନା ପ୍ରଣୟନ କରିବା ସହ ଆର୍ଥିକ ସହାୟତା ଯୋଗାଇ ଦେବା ପ୍ରକ୍ରିୟା ଜାରି ରଖିଛନ୍ତି ବୋଲି ସେ କହିଥିଲେ। ଏଥିଲାଗି ରାସ୍ତାପାର୍ଶ୍ୱ, ଫୁଟପାଥ ଆଦି ସ୍ଥାନରେ ଅସୁରକ୍ଷିତ ଭାବେ ବ୍ୟବସାୟ କରୁଥିବା ବ୍ୟକ୍ତିମାନଙ୍କୁ ପଞ୍ଜୀକୃତ କରିବା ସହ ସେମାନଙ୍କୁ ପରିଚୟପତ୍ର ପ୍ରଦାନ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । ସ୍ଥାୟୀ ଭାବେ ସେମାନେ କିପରି ବ୍ୟବସାୟ କରିବେ ସେଥିଲାଗି ଭେଣ୍ଡିଂ ଜୋନରେ ଥଇଥାନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହାସହ ବ୍ୟବସାୟୀମାନଙ୍କୁ ବ୍ୟାଙ୍କ ଜରିଆରେ ସହାୟତା ଦେବାକୁ ଯୋଜନା କରାଯାଇଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଉପକମିଶନର ସୀତାଦେବୀ ମାଝୀ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଆଇନଜୀବୀ ଗିରିଶ ମହାପାତ୍ର ବକ୍ତା ଭାବେ ଯୋଗଦେଇ ଏହା ଅସ୍ଥାୟୀ ବ୍ୟବସାୟୀଙ୍କ ପାଇଁ ନିଆରା କାର୍ଯ୍ୟକ୍ରମ ବୋଲି ବର୍ଣ୍ଣନା କରିଥିଲେ। ଆର୍ଏମଓର ଗୋଷ୍ଠୀ ସଙ୍ଗଠିକା ସୌଭାଗ୍ୟବତୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସିଟି ମିଶନ ମ୍ୟାନେଜର ସନ୍ତୋଷ ଭୂୟାଁ, ପ୍ରିୟବ୍ରତ ମହାପାତ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବ୍ୟବସାୟୀଙ୍କୁ ଅବଗତ କରାଇଥିଲେ। ପରିବେଶକୁ ସ୍ୱଚ୍ଛ, ନିର୍ମଳ ରଖିବା, ଟ୍ରାଫିକ ନିୟମ ପାଳନ କରିବା, ଗ୍ରାହକଙ୍କୁ ଉତ୍ତମ ବ୍ୟବହାର କରିବା ସମ୍ପର୍କରେ ଅବଗତ କରାଯାଇଥିଲା।

## ପରିବାର ଅଦାଲତ ବିଚାରପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ରାଉରକେଲା ଅଫିସ,୮।୧୧–** ରାଉରକେଲା ପରିବାର ଅଦାଲତ ବିଚାରପତି ରୂପେ ଧନୁର୍ଦ୍ଧର ସେନାପତି ଯୋଗ ଦେଇଛନ୍ତି। ଶୁକ୍ରବାର ଓକିଲ ସଂଘ ପକ୍ଷରୁ ତାଙ୍କୁ ସ୍ୱାଗତସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଦୀର୍ଘଦିନ ଧରି ପରିବାର ଅଦାଲତରେ ପଡି ରହିଥିବା ମାମଲାର ଶୁଣାଣି ବନ୍ଦ ରହିଥିଲା। ତାଙ୍କ ଯୋଗଦାନ ଉପରୋକ୍ତ ମାମଲା ଫଇସଲକୁ ତ୍ୱରାନ୍ୱିତ କରିବ ବୋଲି ସଂଘ କର୍ମକର୍ତ୍ତା ଆଶା ବ୍ୟକ୍ତ କରିଥିଲେ। ଏହି ଅବସରରେ ବିଚାରପତି ସେନାପତି ସମସ୍ତଙ୍କ ସହଯୋଗ କାମନା କରିବା ସହ ପଡି ରହିଥିବା ମାମଲାର ଶୁଣାଣିକୁ ଖୁବଶୀଘ୍ର ଶେଷ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଜଣେ ବିଦାୟୀ ବିଚାରପତି ପି.ମଣ୍ଡଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିରେ ଅନ୍ୟ ବିଚାରପତିଙ୍କ ସମେତ ଓକିଲ ସଂଘ କର୍ମକର୍ତ୍ତା, ଆଇନଜୀବୀ ଉପସ୍ଥିତ ଥିଲେ।

■ କୋଇଲା ଖଣିରେ ବିସ୍ଫୋରଣ

# କେରୁଆଲବାହାଲ ଗ୍ରାମବାସୀ ପ୍ରଭାବିତ

**ଲଖନପୁର, ୮।୧୧(ଡି.ଏନ୍.ଏ.)**
ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁର କ୍ଷେତ୍ରଧୀନ ବେଲପାହାଡ଼ ଖୋଲାମୁହଁ କୋଇଲା ଖଣିରେ ଶୁକ୍ରବାର ଉଚ୍ଚକ୍ଷମତା ସମ୍ପନ୍ନ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ପାର୍ଶ୍ୱବର୍ତ୍ତୀ ଗ୍ରାମ କେରୁଆଲବାହାଲ ଉପରେ ପଥର, କୋଇଲା ଓ ମାଟି ଉଡ଼ିଆସି ପଡିଥିଲା। ଏଥିରେ ଗ୍ରାମବାସୀ ଭୟଭୀତ ହୋଇଯାଇଥିଲେ। ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଗ୍ରାମବାସୀ ବିସ୍ଫୋରଣ ଘଟାଇଥିବା ୨ଜଣ ବ୍ଲାଷ୍ଟିଂ ଅଫିସର ମନୁଲାଲ ସିଦ୍ଦାର ଓ ସୁନୀଲ କୁମାର ସିଂଙ୍କୁ ଗ୍ରାମରେ ଅଟକ ରଖିଥିଲେ। ଖବରପାଇ କୁଶ୍ରାଲୋଇ ପଞ୍ଚାୟତ ସରପଞ୍ଚ ରୂପସୀ ସେଠ୍ ଓ ତେଲେନପାଲି ପଞ୍ଚାୟତ ସରପଞ୍ଚ ବିଶାଖା ମାଝି ପ୍ରମୁଖ ଗ୍ରାମରେ ପହଞ୍ଚିଥିଲେ। ପରେ ବିଓସିଏମ୍ ପ୍ରୋଜେକ୍ଟ ଅଫିସର ଯୁରେନ୍ ପଟ୍ଟନାୟକ ଓ ମ୍ୟାନେଜର ସତ୍ୟଭୂଷଣ ବାରିକ ପ୍ରମୁଖ ଅଧିକାରୀ ପହଞ୍ଚିଥିଲେ। ଏ ନେଇ ଗ୍ରାମରେ ଏକ ଆଲୋଚନା ହୋଇଥିଲା। ଗ୍ରାମବାସୀଙ୍କ ଅଭିଯୋଗ କରିଥିଲେ ଯେ, ଗ୍ରାମରୁ ମାତ୍ର ୫୦ମିଟର ଦୂରରେ ଖଣି ସମ୍ପ୍ରସାରଣ ଚାଲିଛି। ପ୍ରତ୍ୟହ ଉଚ୍ଚକ୍ଷମତା ସମ୍ପନ୍ନ ବିସ୍ଫୋରଣ କରାଯାଉଛି। ଫଳରେ ଗ୍ରାମର ଅନେକ ଲୋକଙ୍କ ଘର ଭାଙ୍ଗିରୁଜି ବିପଦ ସଂକୁଳ ଅବସ୍ଥାରେ ରହିଛି। ଗ୍ରାମବାସୀଙ୍କୁ ବିସ୍ଥାପିତ କରି ଅନ୍ୟତ୍ର ଥଇଥାନ କରାଯାଉ। ପରେ କମ୍ପାନୀ ଖଣି ସମ୍ପ୍ରସାରଣ କରିବ ବୋଲି ଗ୍ରାମବାସୀ ଦାବି କରିଥିଲେ। ଏନେଇ ଖଣି ପ୍ରୋଜେକ୍ଟ ଅଫିସର ପଟ୍ଟନାୟକ କହିଛନ୍ତି, ଉଚ୍ଚକ୍ଷମତା ସମ୍ପନ୍ନ ବିସ୍ଫୋରଣକୁ ନେଇ ତଦନ୍ତ କରାଯିବ। ଆଗକୁ ଏଭଳି ବିସ୍ଫୋରଣ ଆଉ କରାଯିବନାହିଁ ବୋଲି ସେ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଅଟକ ଅଧିକାରୀଙ୍କୁ ଛାଡ଼ିଥିଲେ।



ଗ୍ରାମବାସୀଙ୍କ ଦ୍ୱାରା ଅଟକ ଥିବା ଦୁଇ ବ୍ଲାଷ୍ଟିଂ ଅଫିସର।

# ଡିୱାଇଏଫ୍ଆଇ ପକ୍ଷରୁ ସମାବେଶ

**ରାଉରକେଲା ଅଫିସ,୮।୧୧**
ସମସ୍ତଙ୍କୁ ନିଯୁକ୍ତିଭିତ୍ତିକ ଶିକ୍ଷା, ଆମ୍ ନିଯୁକ୍ତି ସହ ଉଭୟ କେନ୍ଦ୍ର ରାଜ୍ୟ ସରକାରଙ୍କ ଅବହେଳା ନେଇ ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେଶନ(ଡିୱାଇଏଫଆଇ) ପକ୍ଷରୁ ଆୟୋଜିତ ରାଉରକେଲା ଆଞ୍ଚଳିକ କମିଟିର ୬ଷ୍ଠ ସମ୍ମିଳନୀରେ ଶୁକ୍ରବାର ଆହ୍ୱାନ ଦିଆଯାଇଛି। ଦେଓଗାଁରେ ଆୟୋଜିତ ଏହି ସମ୍ମିଳନୀକୁ ସଙ୍ଗଠନ ରାଜ୍ୟ ଉପସଭାପତି ରାଜକିଶୋର ପ୍ରଧାନ ଉଦ୍‌ଘାଟନ କରିଥିଲେ। ସେ ନିଜ ବକ୍ତବ୍ୟରେ କହିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନ ପୂର୍ବରୁ ଯୁବ ସମାଜକୁ ଦେଇଥିବ ପ୍ରତିଶ୍ରୁତି ପାଳନ କରିବା ପରିବର୍ତ୍ତେ ପ୍ରତାରିତ କରିଛନ୍ତି। କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟକୁ ସେ ତୀବ୍ର ସମାଲୋଚନା କରିଥିଲେ। ଆକାଶ ଛୁଆଁ ଦରଦାମ ବୃଦ୍ଧି ସାଙ୍ଗକୁ ବେକାର ସମସ୍ୟା ଆଜି ଦେଶବାସୀଙ୍କ ଉପରେ ବୋଝ ପାଲଟିଛି। ଏନେଇ ସରକାରଙ୍କ ନିଘା ନାହିଁ। ନିର୍ଦ୍ଦିଷ୍ଟ ଯୁବ ନୀତି ବୋଲି କିଛି ନାହିଁ। ୨ କୋଟି ବେକାରଙ୍କୁ ନିଯୁକ୍ତି ପ୍ରତିଶ୍ରୁତି ଧୂଆଁ ବାଣ ପାଲଟିଛି ବୋଲି ପ୍ରଧାନ କହିଥିଲେ। ଧର୍ମ, ଅଞ୍ଚଳ ଓ ଭଷା ଭିତ୍ତିରେ ଆଜି ଯୁବ ବର୍ଗଙ୍କୁ ଭାଗ ଭାଗ କରାଯାଉଛି। ସାଂପ୍ରଦାୟିକତାକୁ ଅସ୍ତ୍ର କରାଯାଉଛି। ଏହା ଅତ୍ୟନ୍ତ ନିନ୍ଦନୀୟ ବୋଲି ପ୍ରଧାନ କହିଛନ୍ତି। କାର୍ଯ୍ୟକ୍ରମରେ ଯୁବ ନେତା ଶେଖର ଶର୍ମା ଅଧ୍ୟକ୍ଷତା କରିଥିଲେ। ସମ୍ମିଳନୀରେ ଅଜୟ ଶର୍ମା, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି କେନ୍ଦ୍ର ସରକାରଙ୍କ ନୀତିର ସମାଲୋଚନା କରିଥିଲେ। ଏହି ଅବସରରେ ଆଗାମୀ ୩ ବର୍ଷ ନିମନ୍ତେ ଏକ ୮ ଜଣିଆ କାର୍ଯ୍ୟକାରୀ କମିଟି ଘୋଷଣା କରାଯାଇ ଥିଲା। ଏଥିରେ ସଭାପତି ରୂପେ ଶେଖର ଶର୍ମା, ସମ୍ପାଦକ ମହମଦ ଆରିଫ, ୩ ଜଣ ଉପସଭାପତି କବି ପ୍ରଧାନ, ପରେଶ ମହାନ୍ତି, ସଞ୍ଜୁ ଗୌଡ, ଯୁଗ୍ମ ସମ୍ପାଦକ ସାଗର ଶର୍ମା, ସନ୍ଦୀପ ଲାକ୍ରା ପ୍ରମୁଖଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି। ଆସନ୍ତା ୧୭ ନଭେମ୍ବରେ ସଂଠନର ଜିଲ୍ଲା ସମ୍ମିଳନୀ ଆୟୋଜନ କରାଯିବା ନେଇ ସୂଚନା ପ୍ରଦାନ କରାଯାଇଛି।



ଡିୱାଇଏଫ୍‌ୱାଇ ପକ୍ଷରୁ ଦେଓଗାଁ ଠାରେ ଆୟୋଜିତ ସମାବେଶରେ ଉପସ୍ଥିତ କର୍ମକର୍ତ୍ତା।

## ଲୋଟସ୍ ବ୍ରିଜ୍, କାଉଦରହ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ

**ଲଖନପୁର,୮।୧୧(ଡି.ଏନ୍.ଏ.)**
ଝାରସୁଗୁଡ଼ା ଜିଲା ବେଲପାହାଡ଼ରୁ ସୁନ୍ଦରଗଡ଼ ଜିଲା ହିମଗିରିକୁ ସଂଯୋଗ କରୁଥିବା ରାସ୍ତାର ଗ୍ରୀଣ୍ଡୋଲା ନିକଟସ୍ଥ ଲୋଟସ୍ ବ୍ରିଜ୍ ଓ କାଉଦରହ ରାସ୍ତାର ଉନ୍ନତୀକରଣ ପାଇଁ ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଓ ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି ଉଭୟେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ଲଖନପୁର ବ୍ଲକ ଅଧକ୍ଷା ଶାନ୍ତି ପ୍ରଧାନ, ଜିଲା ପରିଷଦ ଉପାଧକ୍ଷା ପଙ୍କଜିନୀ ପ୍ରଧାନ, ଏମ୍‌ସିଏଲ୍ ବସୁନ୍ଧରା କୋଇଲା ଖଣି ଅଧିକାରୀ ସଞ୍ଜୟ ସିଂ, ପିଡବ୍ଲୁଡି ସୁପରିଣ୍ଟେଣ୍ଡେଣ୍ଟ ଏସ୍.ଏନ୍. ଆଚାର୍ଯ୍ୟ, ଏକ୍‌ଜିକ୍ୟୁଟିଭ୍ ଅଫିସର ପ୍ରଦୀପ ନାଥ, ଏସ୍‌ଡିଓ ଗାୟତ୍ରୀ ପଟେଲ ପ୍ରମୁଖ ଜନପ୍ରତିନିଧି ଓ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଡିଏମ୍ଏଫ୍ ପାଣ୍ଠିରୁ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଲୋଟସ୍ ବ୍ରିଜ୍ ନିର୍ମାଣହେବ। ସେହିପରି ଏମ୍‌ସିଏଲ୍ ସିଏସ୍ଆର୍ ପାଣ୍ଠିରୁ ୧କୋଟି ୩୮ଲକ୍ଷ ବ୍ୟୟ ଅଟକଳରେ କାଉଦରହ ରାସ୍ତା ଉନ୍ନତୀକରଣ ହେବ ବୋଲି ଜଣାପଡ଼ିଛି।



ଏମ୍‌ପି ଓ ବିଧାୟକ ଉଭୟ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

## ଇସ୍ପାତ୍ ଏକ୍ସପ୍ରେସକୁ ଭବାନୀପାଟଣା ପର୍ଯ୍ୟନ୍ତ ସଂପ୍ରସାରଣ ଦାବି

**ରାଉରକେଲା, ଅଫିସ ୮।୧୧**
କଳାହାଣ୍ଡି ଜିଲା ଭବାନୀପାଟଣାରୁ ସିଧଳସଳଖ କୋଲକତା ପାଇଁ କୌଣସି ଟ୍ରେନ ନାହିଁ। ହାୱାଡ଼ାରୁ ସକାଳୁ ବାହାରୁ ଥିବା ଇସ୍ପାତ୍ ଏକ୍ସପ୍ରେସ ରାତି ୭ଟାରେ ଟିଟିଲାଗଡ଼ ପହଞ୍ଚିଥାଏ। ଏହାକୁ ଯଦି ଭବାନୀପାଟଣା ପର୍ଯ୍ୟନ୍ତ ସଂପ୍ରସାରିତ କରାଯାଆନ୍ତା, ତେବେ ଆଉ ମାତ୍ର ଦୁଇଘଣ୍ଟା ଅର୍ଥାତ୍ ରାତି ୯ଟା ସୁଦ୍ଧା ଏହା ଭବାନୀପାଟଣାରେ ପହଞ୍ଚି ପାରନ୍ତା ବୋଲି କୋସଲ ଜନତା ଦଳର ରାଜ୍ୟ ସଭାପତି ବୈଦ୍ୟନାଥ ମିଶ୍ର ରେଳମନ୍ତ୍ରୀ ପିୟୁଷ ଗୋଏଲଙ୍କୁ ଏକ ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି। ସେ ପୁଣି କହିଛନ୍ତି, ଜୁନାଗଡ଼ରେ ଏହି ଟ୍ରେନ ସାଢ଼େ ୯ କିମ୍ବା ୧୦ଟା ସୁଦ୍ଧା ପହଞ୍ଚି ତା'ପର ଦିନ ସକାଳେ ପୁଣି ଜୁନାଗଡ଼ ଛାଡ଼ି ଭବାନୀପାଟଣା ହୋଇ ହାୱଡ଼ା ଯାଇପାରନ୍ତା। କଣ୍ଟାବାଞ୍ଜି ବିଶାଖାପାଟଣା–ରାୟପୁର ମୁଖ୍ୟ ରେଳ ଲାଇନ୍ ସହ ସଂଯୁକ୍ତ। ଏହି ରୁଟ୍‌ରେ ବହୁ ସଂଖ୍ୟକ ଟ୍ରେନ୍ ଯାତାୟାତ କରିଥାଏ। ତୁଳନାତ୍ମକ ଭାବେ ଭବାନୀପାଟଣା ରେଳ ଚଳାଚଳ ଦୃଷ୍ଟିରୁ ଏକ ପଛୁଆ ଅଞ୍ଚଳ। ସୁତରାଂ ଏହାକୁ ଅଗ୍ରାଧିକାର ଦେଇ ଇସ୍ପାତ ଏକ୍ସପ୍ରେସ୍‌ର ସମ୍ପ୍ରସାରଣ ହେଉ ବୋଲି ସେ ରେଳମନ୍ତ୍ରୀଙ୍କୁ ପ୍ରଦାନ କରିଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ପତ୍ରର ଏକ ନକଲ ସେ ତୈଳ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଇଛନ୍ତି। ପତ୍ରରେ ସେ ଆହୁରି କହିଛନ୍ତି ଯେ, କେବଳ ସେତିକି ନୁହେଁ ଏହି ଏକ୍ସପ୍ରେସ୍‌କୁ 'ସାଉଥ୍ କୋସଲ' ଏକ୍ସପ୍ରେସ୍ ନାମରେ ନାମିତ କରାଯାଉ ଦାବି କରିଛନ୍ତି।

**ଫଟୋରେ ଖବର**



ଗୁରୁ ନାନକଙ୍କ ଜୟନ୍ତୀ ଅବସରରେ ରାଉରକେଲା ଠାରେ ଶିଖ୍ ସଂପ୍ରଦାୟ ପକ୍ଷରୁ ଶୋଭାଯାତ୍ରା।

# ଅଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ ଆବାସ

■ ଏରଗେଡା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ

**ରାଉରକେଲା ଅଫିସ,୮।୧୧**
ଯୋଗ୍ୟ ହିତାଧିକାରୀଙ୍କ ପରିବର୍ତ୍ତେ ଅଯୋଗ୍ୟ ହିତାଧିକାରୀଙ୍କୁ ମିଳୁଛି ସରକାରୀ ଆବାସ। ଅନୁକମ୍ପା ଦେଖାଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯାଚିକରି ଦିଆଯାଉଛି। ଏନେଇ ଲାଠିକଟା ବ୍ଲକ ନିକଟ ବାଙ୍କି ପଞ୍ଚାୟତ ଏରଗେଡା ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନେ ସରପଞ୍ଚଙ୍କୁ ଏଭଳି ଅନିୟମିତତା ନେଇ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି ଯେ, ଗ୍ରାମର ଜଣେ ଅବିବାହିତ ଯୁବକଙ୍କ ନାମରେ ସରକାରୀ ବାସଗୃହ ମଞ୍ଜୁର ହୋଇଛି । କିଏ କେଉଁ ପରିସ୍ଥିତିରେ ତାହା ମଞ୍ଜୁର କଲା ସେନେଇ ଗ୍ରାମବାସୀ ସନ୍ଦେହ ବ୍ୟକ୍ତ କରିଛନ୍ତି। ଅନେକ ଯୋଗ୍ୟ ହିତାଧିକାରୀ ଘର ଖଣ୍ଡେ ପାଇବାକୁ ଦୀର୍ଘ ବର୍ଷ ଅପେକ୍ଷା କରିଛନ୍ତି। ଜଣେ ଅବିବାହିତ ଯୁବକଙ୍କୁ କେଉଁ ନ୍ୟାୟରେ ଗୃହ ନିର୍ମାଣ ନିମନ୍ତେ ଅର୍ଥ ମଞ୍ଜୁର କରାଗଲା ତାହା ଆମକୁ ଚକିତ କରିଛି ବୋଲି କହିଛନ୍ତି ସାମାଜିକ କର୍ମୀ ଚାନ୍ଦମଣି ସାଣ୍ଡିଲ। ସେ କହିଛନ୍ତି, ଯୋଗ୍ୟ ହିତାଧିକାରୀ ଚୟନ ଦାୟିତ୍ୱରେ ରହିଥିବା ଅଧିକାରୀ ଜାଣିଶୁଣି ଏଭଳି କରିଛନ୍ତି। ଗ୍ରାମର ୬୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଘର ପାଇବାକୁ ଆଶା ବାନ୍ଧିବସିଛନ୍ତି। ସେମାନଙ୍କ ଆବେଦନକୁ ବିଚାରକୁ ନିଆଯାଉନି। ଏହାକୁ ଗ୍ରାମବାସୀ ବରଦାସ୍ତ କରିବେନି ବୋଲି ସାଣ୍ଡିଲ କହିଛନ୍ତି। ଏହାର ତଦନ୍ତ କରାଯାଉ ବୋଲି ସାଣ୍ଡିଲ ଦାବି କରିଛନ୍ତି। ତୁରନ୍ତ ଦୋଷୀ କର୍ମକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶୁକଦେବ ଭୂମିଜ, ଗୁଲନୀ ସାଣ୍ଡିଲ, ସରୋମି ହରୋ, ଚମ୍ପା ରାମ, ଫୁଲମନୀ ମୁଣ୍ଡା, ମାର୍ଥା ସୁରିନ, ଲକ୍ଷ୍ମୀ ଭୂମିଜ, ନନାକୀ ଲୋହାର, ଜ୍ୟୋସ୍ନା ଚାଣ୍ଡିଲ ପ୍ରମୁଖ ଦାବି କରିଛନ୍ତି। ଘଟଣାର ତଦନ୍ତ କରାଯିବ ବୋଲି ସମ୍ପୃକ୍ତ ପଞ୍ଚାୟତ ସରପଞ୍ଚ ପ୍ରତିଶ୍ରୁତି ଦେଇଛନ୍ତି।